


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-150 ◆WEDNESDAY ◆26 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୫୦ ◆ବୁଧବାର ◆୨୬ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### ଆସନ୍ତାକାଲିଠାରୁ ବିଧାନସଭା ଅଧିବେଶନ

# ମୌସୁମୀରେ ଧୋଇଗଲା; ଶୀତରେ ଚାଲିବ ତ !



### ଆଜି ଅନୁଷ୍ଠିତ ହେବ ସର୍ବଦଳୀୟ ବୈଠକ
### ବିରୋଧୀଙ୍କ ହାତରେ ପୁଳାପୁଳା ପ୍ରସଙ୍ଗ
### ନୂଆପଡ଼ା ବିଜୟ ପରେ ଶାସକ ଉତ୍ସାହିତ

■ ଭୁବନେଶ୍ୱର, ୨୫।୧୧ (ସମିସ): ଗତ ମୌସୁମୀ ଅଧିବେଶନରେ ମାତ୍ର ୭ଟି କାର୍ଯ୍ୟଦିବସ ଥିଲା; ତାହାବି ସୁରୁଖୁରୁରେ ଚାଲି ପାରିଲା ନାହିଁ। ଗୋଟିଏ ଦିନ ଆଗରୁ ବିଧାନସଭାକୁ ମୁଲତବୀ ଘୋଷଣା କରାଗଲା। ଆସନ୍ତା ୨୭ ତାରିଖରୁ ବିଧାନସଭା ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିଧାନସଭା ଯେ ସୁରୁଖୁରୁରେ ଚାଲିବ, ତାହାକୁ ନେଇ ଏବେଠାରୁ ସନ୍ଦେହ ପ୍ରକାଶ ପାଇଲାଣି। ଆସନ୍ତା ଡିସେମ୍ବର ୩୧ ତାରିଖ ଯାଏଁ ବିଧାନସଭା ଚାଲିବାକୁ ଥିବାବେଳେ ଅଧିବେଶନରେ ମୋଟ ୨୯ଟି କାର୍ଯ୍ୟଦିବସ ରହିଛି। ତେବେ ବିରୋଧୀଙ୍କ ହାତରେ ସରକାରଙ୍କୁ ଘେରିବା ପାଇଁ ମାଳମାଳ ପ୍ରସଙ୍ଗ ଥିବାରୁ ଶୀତ ଅଧିବେଶନ ବେଶ୍ ଉଷ୍ମ ହେବ ବୋଲି ଆକଳନ କରିଛନ୍ତି ରାଜନୈତିକ ସମୀକ୍ଷକ।

ଏହି ଲମ୍ବା ଅଧିବେଶନ ଯେପରି ସୁରୁଖୁରୁରେ ଚାଲିବ, ସେଥିପାଇଁ ବୁଧବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ। ଅଧିବେଶନ ସୁରୁଖୁରୁରେ ଚାଲିବା ନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିବେ। ତେବେ ମୌସୁମୀ ଅଧିବେଶନ ପରି ଶୀତ ଅଧିବେଶନ ଯେ ମୂଳରୁ କମ୍ପମାନ ହେବ, ସେନେଇ ଆକଳନ କଲେଣି ରାଜନୈତିକ ସମୀକ୍ଷକ। ଚଳିତ ଖରିଫ୍ ଋତୁ ପାଇଁ ଧାନ କିଣାର ବିଭ୍ରାଟ ଘଟିବା ନେଇ ଆଶଙ୍କା ଦେଖାଦେଇଛି। ବିଶେଷକରି ମଣ୍ଡି ଖୋଲିବାରେ ବିଳମ୍ବତାକୁ ନେଇ ବିରୋଧୀ ସରକାରଙ୍କୁ ଷଣ୍ଢଆଖୀ ଆକ୍ରମଣ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତି ଯେପରି ନିୟମିତ ଭାବେ ତଳକୁ ତଳକୁ ଯାଉଛି, ସେନେଇ ସରକାରଙ୍କୁ ଜବାବ୍ ମାଗିବାକୁ ପ୍ରସ୍ତୁତ ହୋଇ ସାରିଛନ୍ତି ବିରୋଧୀ। ନୂଆପଡ଼ା ଉପ ନିର୍ବାଚନରେ ସରକାରୀ ଦଳ ଯେପରି ପ୍ରଶାସନକୁ ସମ୍ପୂର୍ଣ୍ଣ ଅକ୍ତିଆରକୁ ନେଇ ନିର୍ବାଚନ ଲଢ଼ିଲା, ଆଚରଣ ବିଧିର ଧଜ୍ଜିଆ ଉଡ଼ାଇଲା ତାହା ମଧ୍ୟ ବଡ଼ ପ୍ରସଙ୍ଗ ହେବ ବୋଲି ବିରୋଧୀ ବିଧାୟକମାନେ ସୂଚନା ଦେଇଛନ୍ତି। ଏତଦ୍ ବ୍ୟତୀତ ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ବିଶେଷକରି ବାଲିର ବେଧଡ଼କ ଚୋରି, ପ୍ରଶ୍ନପତ୍ର ଲିକ୍ ମାମଲା, ଦାଦନ, ଦରଦାମ ବୃଦ୍ଧି, ମହାନଦୀ, ପୋଲାଭରମ୍ ଓ କୋଟିଆ ସମସ୍ୟାକୁ ନେଇ ଗୃହକୁ ସରଗରମ କରିବାକୁ ବିରୋଧୀ ପ୍ରସ୍ତୁତ ହେଉଛନ୍ତି। ଏହିକ୍ରମରେ ଆସନ୍ତାକାଲି ବିଜେଡି ଓ କଂଗ୍ରେସ ବିଧାୟକ ଦଳ ଅନୁଷ୍ଠିତ ହେବାକୁ ଥିବାବେଳେ ଉଭୟେ ନିଜ ▶ପୃଷ୍ଠା-୧୦

# ୨୧ ଲକ୍ଷ ମୋବାଇଲ ନମ୍ବର ବ୍ଲକ୍

■ ନୂଆଦିଲ୍ଲୀ, ୨୫।୧୧ (ଏଜେନ୍ସି): ଦେଶରେ ସମ୍ପ୍ରତି ସ୍ପାମ୍ କଲ୍, ନକଲି ମେସେଜ୍ ଏବଂ ଡିଜିଟାଲ୍ ଠକେଇ ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏହି ଧାରା ଉପରେ ରୋକ ଲଗାଇବା ପାଇଁ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏଥିରେ ଟ୍ରାଇ ବର୍ଷକ ମଧ୍ୟରେ ୨.୧ ନିୟୁତରୁ ଅଧିକ ମୋବାଇଲ୍ ନମ୍ବର ବ୍ଲକ୍ କରିଛି ଏବଂ ପ୍ରାୟ ୧ ଲକ୍ଷ ସଂସ୍ଥାକୁ କଳା ତାଲିକାଭୁକ୍ତ କରିଛି। ଏଗୁଡ଼ିକ ସେହି ସମାନ ନମ୍ବର ଯାହା ଡୁ ନଟ୍ ଡିଷ୍ଟର୍ବ (ଡିଏନ୍‌ଡି) ଆପ୍ ମାଧ୍ୟମରେ ରିପୋର୍ଟ କରାଯାଇଥିଲା। ଆହୁରିମଧ୍ୟ ଏହି କାର୍ଯ୍ୟାନୁଷ୍ଠାନ ସେହି କଲରମାନଙ୍କ ବିରୋଧରେ ନିଆଯାଇଛି ଯେଉଁମାନେ କେୱାଇସି, ବ୍ୟାଙ୍କ ଆକାଉଣ୍ଟ, ଜାଲ୍ ଅଫର ଏବଂ ସରକାରୀ ପରିଚୟ ଦେଇ ଗ୍ରାହକଙ୍କୁ ଠକିବାକୁ ଚେଷ୍ଟା କରିଥାନ୍ତି। ତେବେ ଗତ ବର୍ଷକ ମଧ୍ୟରେ ସ୍ପାମ୍ କଲ୍ ଏବଂ ଠକେଇ କରୁଥିବା ଜାଲ୍ ଫୋନ୍ ନମ୍ବର ବିରୋଧରେ ଏହାକୁ ସବୁଠାରୁ ବଡ଼ କାର୍ଯ୍ୟାନୁଷ୍ଠାନ କୁହାଯାଉଛି।

### ୧ ଲକ୍ଷ ସଂସ୍ଥା କଳା ତାଲିକାଭୁକ୍ତ

ଏହାଛଡା ଟ୍ରାଇ ଲୋକମାନଙ୍କୁ କେବଳ ସେମାନଙ୍କ ଫୋନ୍‌ରେ ଏପରି ନମ୍ବରଗୁଡ଼ିକୁ ଅବରୋଧ କରିବା ପାଇଁ ନୁହେଁ ବରଂ ଡିଏନ୍‌ଡି ଆପ୍‌ରେ ରିପୋର୍ଟ କରିବାକୁ ମଧ୍ୟ କହିଛି। ଏଥିରେ ଟ୍ରାଇ ନାଗରିକଙ୍କଠାରୁ ସର୍ବାଧିକ ଅଭିଯୋଗ ପାଉଥିବା ନମ୍ବରଗୁଡ଼ିକୁ ଅବରୋଧ କରିଛି। ଡିଏନ୍‌ଡି ଆପ୍‌ରେ କରାଯାଇଥିବା ଅଭିଯୋଗକୁଆଧାର କରି ଟ୍ରାଇ ଏବଂ ଟେଲିକମ୍ କମ୍ପାନୀଗୁଡ଼ିକ ନକଲି ନମ୍ବରଗୁଡ଼ିକୁ ▶ପୃଷ୍ଠା-୧୦

### ୧୨ ହଜାର ବର୍ଷ ପରେ ସକ୍ରିୟ ହେଲା ଜ୍ୱାଳାମୁଖୀ

# ଇଥିଓପିଆରେ ଉଦ୍‌ଗୀରଣ; ଦିଲ୍ଲୀରେ ପାଉଁଶ

■ ଆଡିସ ଆବାବା, ୨୫।୧୧ (ଏଜେନ୍ସି): ପୂର୍ବ ଆଫ୍ରିକୀୟ ଦେଶ ଇଥିଓପିଆରେ ହେଲି ଗୁବି ଆଗ୍ନେୟଗିରିର ଜ୍ୱାଳାମୁଖିରେ ଦୀର୍ଘ ୧୨,୦୦୦ ବର୍ଷ ପରେ ରବିବାର ହଠାତ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ହେବା ପରେ ପାଉଁଶ ଓ ସଲଫର ଡାଇଅକ୍ସାଇଡ୍ ପାଖାପାଖି ଆକାଶର ୧୫ କିମି ଉଚ୍ଚକୁ ଉଠିଥିଲା। ଏହା ରେଡ୍ ସି ଅର୍ଥାତ ଲାଲ ସାଗର ପାରକରି ମଧ୍ୟପ୍ରାଚ୍ୟ ଦେଶ ୟେମେନ ଓ ଓମାନ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ଆଶ୍ଚର୍ଯ୍ୟନକ ଭାବେ ଏହି ପାଉଁଶ ସୋମବାର ରାତି ୧୧ଟାରେ ଇଥିଓପିଆଠାରୁ ୪,୩୦୦ କିମି ଦୂରରେ ଥିବା ଭାରତର ରାଜସ୍ଥାନ, ଗୁଜରାଟ, ମହାରାଷ୍ଟ୍ର, ଦିଲ୍ଲୀ-ଏନ୍‌ସିଆର ଓ ପଞ୍ଜାବ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା। ରାତିରେ ପଶ୍ଚିମ ଉତ୍ତରପ୍ରଦେଶ ଓ ହିମାଚଳ ପ୍ରଦେଶର ପାହାଡ଼ି ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ▶ପୃଷ୍ଠା-୧୦




# ବିଦ୍ୟୁତ୍ ଉପଭୋକ୍ତାଙ୍କ ସହ ଠକ୍କକତା


### ୟୁନିଟ୍ ପିଛା ୩୬ ପଇସା ଅଧିକ ଆଦାୟ କରିଛି ଟାଟା ପାୱାର



■ ଭୁବନେଶ୍ୱର, ୨୫।୧୧ (ସମିସ): ବିଦ୍ୟୁତ୍ ଶୁଳ୍କ ଆଦାୟ କ୍ଷେତ୍ରରେ ଉପଭୋକ୍ତାଙ୍କ ସହ ଚଞ୍ଚକତା କରିଛି ଟାଟା ପାୱାର । ଏହାର ୪ଟି ବିତରଣକାରୀ ସଂସ୍ଥା ଓଇଆର୍‌ସିଙ୍କ ଧାର୍ଯ୍ୟ ୟୁନିଟ୍ ପିଛା ୫ଟଙ୍କା ୬୭ ପଇସା ପରିବର୍ତ୍ତେ ଉପଭୋକ୍ତାଙ୍କଠାରୁ ଆଦାୟ କରିଛି ୬.୦୩ ପଇସା । ଅର୍ଥାତ୍ ପ୍ରତି ୟୁନିଟ୍ ପିଛା ଟାଟାପାୱାର ଉପଭୋକ୍ତାଙ୍କଠାରୁ ୩୬ ପଇସା ଅଧିକ ନେଇଛି। ସଦ୍ୟ ପ୍ରକାଶିତ ଟାଟା ପାୱାରର ୪ଟି କମ୍ପାନୀ ଓ ଗ୍ରୀଡ୍‌କୋର ୨୦୨୪-୨୫ ବର୍ଷର କାର୍ଯ୍ୟଦକ୍ଷତା ସମୀକ୍ଷା ରିପୋର୍ଟ ପ୍ରଦର୍ଶିତ ହୋଇଛି ଏହି ସାଂଘାତିକ ତଥ୍ୟ। ରିପୋର୍ଟ ଅନୁସାରେ ୨୦୨୪-୨୫ ପାଇଁ ଟାଟା ପାୱାରର ୪ ବିତରକ କମ୍ପାନୀକୁ ୟୁନିଟ ପିଛା ହାରାହାରି ଟାରିଫ ୫ ଟଙ୍କା ୬୭ ପଇସା ହିସାବରେ ୩୦୭୯୫ ନିୟୁତ ୟୁନିଟ ବିଦ୍ୟୁତ ବିକ୍ରି ପାଇଁ ଓଇଆର୍‌ସି ଅନୁମୋଦନ ▶ପୃଷ୍ଠା-୧୦

### ଲଜ୍ଜା
# ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ

■ ଏମ୍‌ଭି ୭୯/କାଲିମେଳା, ୨୫।୧୧ (ସମିସ): ଆଇସକ୍ରିମ୍‌ର ଲୋଭ ଦେଖାଇ ୩ ନାବାଳିକାଙ୍କୁ ଦୁଷ୍କର୍ମ। ମାଲକାନଗିରି ଜିଲ୍ଲା ଏମ୍‌ଭି ୭୯ ଥାନା ଅଞ୍ଚଳରେ ଏହି ଲଜ୍ଜାଜନକ ଘଟଣା ଘଟିଛି। ଏନେଇ ପୀଡ଼ିତାଙ୍କ ପରିବାରଲୋକ ଅଭିଯୋଗ କରିବା କରିବା ପରେ ପୁଲିସ ଅଭିଯୁକ୍ତକୁ ଥାନାରେ ଅଟକ ରଖିଛି। ପୀଡ଼ିତାମାନଙ୍କ ବୟସ ୧୦ ବର୍ଷରୁ କମ୍ ବୋଲି ଜଣାପଡ଼ିଛି। ଏହି ଖବର ପ୍ରଘଟ ହେବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସୂଚନାନୁଯାୟୀ, ଅଭିଯୁକ୍ତଜଣଙ୍କ ନାବାଳିକାଙ୍କ ପଡ଼ୋଶୀ। ଆଜି ସେମାନେ ଘର ଆଗରେ ଖେଳୁଥିବା ବେଳେ ଅଭିଯୁକ୍ତଜଣଙ୍କ ସେମାନଙ୍କୁ ଆଇସକ୍ରିମ୍ ଦେବ ବୋଲି କହି ଘର ଭିତରକୁ ଡାକିଥିଲା। ପରେ ଘର ଭିତରେ ସେମାନଙ୍କୁ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ ନାବାଳିକାଙ୍କ ପରିବାରଲୋକ ଜାଣିବା ▶ପୃଷ୍ଠା-୧୦



# ଧାନକିଣା ବୈଠକରେ ମିଲ୍ ମାଲିକଙ୍କ ଔଦ୍ଧତ୍ୟ

- ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ ଆଙ୍ଗୁଠି ଦେଖାଇଲେ
- ଜିଲ୍ଲାପାଳଙ୍କ ସାମ୍ନାରେ ଅଶୋଭନୀୟ ବ୍ୟବହାର
- ସମସ୍ତଙ୍କ ଜିଦ୍ ସତ୍ତ୍ୱେ ଭୁଲ୍ ମାଗିଲେନି
- ସାଂସଦଙ୍କ ଘନିଷ୍ଠ ବୋଲି କାହାକୁ ଖାତିର ନାହିଁ
- ଗତ ଖରିଫରେ ବିବାଦୀୟ ହୋଇଥିଲେ
- ଧାନକିଣା ସମୟରେ ଅଧିକ ବିଶୃଙ୍ଖଳା ଆଶଙ୍କା

ବଲାଙ୍ଗିର, ୨୫ ।୧୧(ସମିସ)

ବଲାଙ୍ଗିର ଧାନକିଣା ବୈଠକରେ ଜଣେ ମିଲର ଓ ବିଜେଡି ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ମଧ୍ୟରେ ତୁ ତୁ ମେଁ ମେଁକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । ତେବେ କିଏ ସେହି ମିଲର ଯିଏ ଜିଲସ୍ତରୀୟ ଧାନକିଣା ବୈଠକରେ ମହିଳା ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ କାହା ସାହସରେ ଦୁର୍ବ୍ୟବହାର କରିବାକୁ ବି ପଛାଇ ନ ଥିଲେ ତାକୁ ନେଇ ପ୍ରଶ୍ନ ଉଠିଛି । କାହା ବଳରେ ସେ ବଳିୟାନ ବୋଲି ମଧ୍ୟ ଆଉ ଏକ ପ୍ରଶ୍ନ ସୃଷ୍ଟି କରିଛି । ଏଭଳିକି ମିଲର ଜଣକ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କୁ ଭୁଲ୍ ମାଗିବାକୁ ବି ମନା କରିଦେଇଥିଲେ । ଯାକୁ ନେଇ ଏବେ ଅନେକ କଥା ସାମ୍ନାକୁ ଆସିଛି । ସମ୍ପୃକ୍ତ ମିଲର ଜଣକ ବିଜେପି ସାଂସଦଙ୍କ ଅତି ଘନିଷ୍ଠ ବୋଲି ଜଣାପଡ଼ିଛି । ଗତ ଖରିଫ ଧାନକିଣା ସମୟରେ ସମ୍ପୃକ୍ତ ମିଲର ସାଂସଦ ଓ ମିଲରଙ୍କ ମଧ୍ୟରେ ଭିତିରି ବୁଝାମୁଣା କରାଇଥିବା ନେଇ ମଧ୍ୟ ଚର୍ଚ୍ଚା ହୋଇଥିଲା ।

ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଧାନକିଣା ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଦୁଇ ସାଂସଦଙ୍କ ସହ ଜଣେ ବିଧାୟକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଉପସ୍ଥିତ ଥିଲେ । ବୈଠକରେ ଆଲୋଚନା ସମୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସା ଚାଷୀମାନେ ଚଳିତ ଖରିଫରେ ପୁଣି କଳାବଜାରର ଶିକାର ହେବା ନେଇ ଅଭିଯୋଗ କରିଥିଲେ । ପ୍ରଶାସନ ୨ ମାସ ଧରି ରବିରତୁରେ ୪ ଲକ୍ଷ ଧାନ କିଣିଥିବା ବେଳେ ସେହି ସମୟରେ ୧୫ ଦିନରେ କିଭଳି କୋରାପୁଟରୁ ମିଲରମାନେ ପ୍ରାୟ ୯ ଲକ୍ଷ କ୍ୱିଣ୍ଟଲରୁ ଅଧିକ ଚାଉଳ ଉଠାଇଲେ ବୋଲି ସେ ପ୍ରଶ୍ନ କରିଥିଲେ । ତେବେ ଏହା କେବଳ କାଗଜପତ୍ରରେ ହୋଇଥଲା । ମିଲରମାନେ ପୁଣି ଚଳିତ ଖରିଫରେ ଅନିୟମିତତା କରିବାର ସମ୍ଭାବନା ରହିଛି । ଏଣୁ ମିଲରମାନେ ତାଙ୍କ ମିଲ ଗେଟ୍‌ରେ ସିସିଟିଭି କ୍ୟାମେରା ଠିକ ଭାବେ ଲଗାଇ ପରିଚାଳନା କରିବାକୁ କହିଥିଲେ । ଏହି ସମୟରେ ବଲାଙ୍ଗିର ଓ ସୋନପୁର ଜିଲ୍ଲାରେ ଥିବା ଦୁଇଟି ମିଲ୍‌ର ମାଲିକ ଅଶୋକ ସାହୁ ଆଙ୍ଗୁଠି ଦେଖାଇ ଜିଲ୍ଲା ପରିଷଦ ଅଧ୍ୟକ୍ଷାଙ୍କ ସହ କଥା ହୋଇଥିଲେ । ଏହାକୁ ନେଇ ଅଧ୍ୟକ୍ଷା ଅସନ୍ତୋଷ ପ୍ରକାଶ କରିଥିଲେ । ଅନ୍ୟ ଜିଲ୍ଲା ପରିଷଦ ସଭ୍ୟମାନେ ମଧ୍ୟ ଅଧ୍ୟକ୍ଷାଙ୍କୁ ଭୁଲ୍ ମାଗିବାକୁ ସମ୍ପୃକ୍ତ ମିଲରଙ୍କୁ କହିଥିଲେ; କିନ୍ତୁ ସମ୍ପୃକ୍ତ ମିଲ ମାଲିକ ଜଣକ ଭୁଲ୍ ମାଗି ନ ଥିଲେ । ଏହାକୁ ନେଇ ବୈଠକରେ ତୁ ତୁ ମେଁ ମେଁ ପରିସ୍ଥିତି ଉପୁଜିଥିଲା । ଉପସ୍ଥିତ ବଲାଙ୍ଗିର ସାଂସଦ ସଙ୍ଗୀତା ସିଂହଦେଓ ଚାଷୀଙ୍କୁ ସମର୍ଥନ କରିବା ବଦଳରେ ମିଲରମାନଙ୍କ ପକ୍ଷ ରଖିଥିବା ଅଧ୍ୟକ୍ଷା ଅଭିଯୋଗ କରିଛନ୍ତି । ତେବେ ସମ୍ପୃକ୍ତ ମିଲର ଜଣକ କୁଆଡେ ସାଂସଦଙ୍କ ଅତି ଘନିଷ୍ଠ ବୋଲି ଆଲୋଚନା ହେଉଛି । ଗତ ଖରିଫରେ ସାଂସଦ ଓ ମିଲରମାନଙ୍କ ମଧ୍ୟରେ ହୋଇଥିବା ବିବାଦର ସମାଧାନ ପାଇଁ ହୋଇଥିବା ଗୁପ୍ତ ବୁଝାମୁଣାର କୁଆଡେ ମିଲର ଜଣକ ମଧ୍ୟସ୍ଥି ସାଜିଥିଲେ । ଏହାକୁ ନେଇ ଉଭୟ ବଲାଙ୍ଗିର ଓ ସୋନପୁର ଜିଲ୍ଲାର ମିଲ୍ ମାଲିକମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ଧାନକିଣା ପୂର୍ବରୁ ହୋଇଥିବା ଟଙ୍କା କାରବାରକୁ ନେଇ ବରିଷ୍ଠ କଂଗ୍ରେସ ନେତା ମଧ୍ୟ ସେତେବେଳେ ପ୍ରଶ୍ନ କରିଥିଲେ । ସେହି ମିଲ୍ ମାଲିକଙ୍କୁ ବୈଠକରେ ଉପସ୍ଥିତ ରହିବା ପାଇଁ କିଏ ଅନୁମତି ଦେଇଥିଲା ବୋଲି ବିଜେଡି ନେତାମାନେ ପ୍ରଶ୍ନ ଉଠାଇଛନ୍ତି । ମିଲ୍ ମାଲିକ ସଂଘ ପକ୍ଷରୁ ୨ ଜଣ ପ୍ରତିନିଧି ଏହି ବୈଠକରେ ଉପସ୍ଥିତ ରହିବା କଥା; କିନ୍ତୁ ୭/୮ ଜଣ ମିଲ୍ ମାଲିକ ଉପସ୍ଥିତ ରହିବା, ସାଂସଦ ଚାଷୀ ବଦଳରେ ମିଲରଙ୍କ ସମସ୍ୟାକୁ ଗୁରୁତ୍ୱ ଦେବା, ଜଣେ ମହିଳା ଜନପ୍ରତିନିଧିଙ୍କୁ ଆଙ୍ଗୁଠି ଦେଖାଇ ଦୁର୍ବ୍ୟବହାର ପ୍ରଦର୍ଶନ କରିବାରେ ଉଭୟ ସାଂସଦ ଓ ଜିଲ୍ଲାପାଳ ଚୁପ୍ ରହିବା ନେଇ ବିଜେଡି ନେତାମାନେ ନାପସନ୍ଦ କରିଛନ୍ତି ।

## ହ୍ୟୁମାନ ସାଗର ମୃତ୍ୟୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି

- ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟିଲେ ଖ୍ରୀଷ୍ଟିଆନ ୟୁଥ୍ ଫୋରମ କର୍ମକର୍ତ୍ତା



ବଲାଙ୍ଗିର, ୨୫।୧୧(ସମିସ): ଯୁବ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ମୃତ୍ୟୁକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଥମିବାର ନାଁ ନେଉନାହିଁ । ତାଙ୍କ ମୃତ୍ୟୁ ପଛରେ ତାଙ୍କର ୨ ଜଣ ମ୍ୟାନେଜର ଷଡ଼ଯନ୍ତ୍ର କରିଛନ୍ତି । ଏଭଳି ଅଭିଯୋଗ ନେଇ ଉଭୟଙ୍କ ନାଁରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିଭିନ୍ନ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ତେବେ ମଙ୍ଗଳବାର ବଲାଙ୍ଗିର ଖ୍ରୀଷ୍ଟିଆନ ୟୁଥ୍ ଫୋରମର କର୍ମକର୍ତ୍ତା ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପଣ୍ଡାଙ୍କୁ ଭେଟିଥିଲେ । ଏହାର ତଦନ୍ତ ଜରୁରୀ ବୋଲି ଫୋରମ ଦାବି କରିଛି । ଏସ୍‌ପି ଅଫିସକୁ ଯାଇ ସଙ୍ଗଠନର ପ୍ରତିନିଧିମାନେ ହ୍ୟୁମାନ ସାଗରଙ୍କ ଦୁଇ ମ୍ୟାନେଜର ଦିନେଶ ବେହେରା ଏବଂ ପ୍ରଶାନ୍ତ ବିରୋଧରେ ଅଭିଯୋଗ କରିଥିଲେ । ହ୍ୟୁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ନ ଥିବା ସମୟରେ ମଧ୍ୟ ଷ୍ଟେଜ୍ ଶୋ' କରିବାକୁ ତାଙ୍କୁ ବାଧ୍ୟ କରାଯାଉଥିଲା । ଅସୁସ୍ଥ ହ୍ୟୁମାନଙ୍କୁ ଜୋରଜବରଦସ୍ତ ଷ୍ଟେଜ୍‌କୁ ନେଇ କାର୍ଯ୍ୟକ୍ରମ କରି ତାଙ୍କ ଜୀବନକୁ ବିପଦକୁ ଠେଲି ଦିଆଯାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏପରିକି ହ୍ୟୁମାନଙ୍କ ମା'ଙ୍କୁ ମ୍ୟାନେଜର ଦିନେଶ ଯେଉଁଭଳି ଦୁର୍ବ୍ୟବହାର ପ୍ରଦର୍ଶନ କରିଛନ୍ତି ତାକୁ ମଧ୍ୟ କଡ଼ା ଭାଷାରେ ସମାଲୋଚନା କରି ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି । ଅସୁସ୍ଥ ହ୍ୟୁମାନଙ୍କୁ ନିଜର ଆର୍ଥିକ ଲାଭ ପାଇଁ ବ୍ୟବହାର କରାଯାଉଥିବା ଏବଂ ତାଙ୍କର ଅର୍ଥ ସଂକ୍ରାନ୍ତୀୟ ନେଣଦେଣକୁ ମଧ୍ୟ ସେହି ଦୁଇ ମ୍ୟାନେଜର ପରିଚାଳନା କରୁଥିବା ଅଭିଯୋଗ ଆଣି ଏହାର ସିବିଆଇ ତଦନ୍ତ ଦାବି କରାଯାଇଛି ।

## କରୁଆଁଝରରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ







ଖପ୍ରାଖୋଲ, ୨୫ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ କରୁଆଁଝର ସରକାରୀ ଅପ୍ ଗ୍ରେଡ୍ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବରେ ଖପ୍ରାଖୋଲ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିଳାଷ ମିଶ୍ର, ସମ୍ମାନୀତ ଅତିଥି ଭାବେ ସାଂସଦ ପ୍ରତିନିଧି ସନ୍ତୋଷ ଭଇଁସାଳ, ବିଆର୍‌ସିସି ରୁଦ୍ରଦେବ ଷଡଙ୍ଗୀ, ଏବିଇଓ ମୀନକେତନ ବରିହା, ଖପ୍ରାଖୋଲ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଇସପାଲ୍ ସୁନା, ବ୍ଲକ ବିଜ୍ଞାନ ସଂଯୋଜକ ଓମ୍‌ପ୍ରକାଶ ମେହେର ଯୋଗ ଦେଇଥିଲେ । ସେହିଭଳି ବିଚାରକ ଭାବେ ତମିଆଁ ଉଚ୍ଚ ବିଦ୍ୟାଳୟର ଘନଶ୍ୟାମ ହେରନା, ଓଁକାର ରଞ୍ଜନ ମିଶ୍ର, ସୋଲବନ୍ଧ ଉଚ୍ଚ ବିଦ୍ୟାଳୟର ବିଜୟ ସାହୁ, ରାମପୁର ଉଚ୍ଚ ବିଦ୍ୟାଳୟର ଶ୍ରୀକାନ୍ତ ମେହେର ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ତେବେ ଏହି ବାଳ ବୈଜ୍ଞାନିକ ପ୍ରଦର୍ଶନୀରେ ବ୍ଲକରୁ ୧୪୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ।

## ବିଜ୍ଞାନ ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ଭିତରେ ବୈଜ୍ଞାନିକ ଜିଜ୍ଞାସା ଜନ୍ମ ଦେଇଥାଏ



**୨୭୨ ପ୍ରକଳ୍ପ ପ୍ରଦର୍ଶିତ**

ବଲାଙ୍ଗିର, ୨୫ ।୧୧(ସମିସ): ବଲାଙ୍ଗିର ସଦେଇପାଲି ବିସ୍ଥାପିତ କଲୋନୀ ହାଇସ୍କୁଲରେ ବଲାଙ୍ଗିର ବ୍ଲକ ଓ ପୌରାଞ୍ଚଳସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରଦର୍ଶନୀ ମେଳାକୁ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବଲାଙ୍ଗୀର ବ୍ଲକ ଉନ୍ନୟନ ଅଧିକାରୀ ହୃଷିକେଶ ଗଣ୍ଡ, ପୃଥ୍ୱୀରାଜ ହାଇସ୍କୁଲର ପ୍ରଧାନ ଶିକ୍ଷକ ସନ୍ତୋଷିନୀ ସେଠୀ, ଏବିଇଓ ସନ୍ଧ୍ୟାରାଣୀ ଧରୁଆ, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିଶୋର ହନୁମାନ, ବିଜ୍ଞାନ ଆବାହକ ସରୋଜ ନାୟକ ଓ ବିଜ୍ଞାନ ସଂଯୋଜକ ରାଜପ୍ରସାଦ ପ୍ରଧାନ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ମୁଖ୍ୟ ଅତିଥି ଶ୍ରୀ ନାଗ ନିଜ ବକ୍ତବ୍ୟରେ ସମାଜ ପାଇଁ ବିଜ୍ଞାନ, ନୂତନ ଉଦ୍ଭାବନ ଓ ଆବିଷ୍କାରର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ବିଜ୍ଞାନ ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ଭିତରେ ବୈଜ୍ଞାନିକ ଜିଜ୍ଞାସା ଜନ୍ମ ଦେଇଥାଏ ବୋଲି କହିଥିଲେ । ବଲାଙ୍ଗୀର ବ୍ଲକ ଶିକ୍ଷା ଅଧିକାରୀ ନୀଳମଣି ପଟେଲ ନିଜ ବକ୍ତବ୍ୟରେ ବିଜ୍ଞାନ ମେଳା ଛାତ୍ରଛାତ୍ରୀଙ୍କୁ ଶିଖିବା ସହ ପ୍ରୟୋଗ କରିବାର ଶ୍ରେଷ୍ଠ ଅନୁଭବ ଦେଇଥାଏ ବୋଲି କହିଥିଲେ । ବିଭିନ୍ନ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରୁ ମନୋନୀତ ୨୭୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ବିଚାରକ ଭାବେ ରାଜକୁମାର ଭୋଇ, ଦୀପାଞ୍ଜଳି ଯୋଶୀ, ବିଷ୍ଣୁ ପ୍ରସାଦ ମିଶ୍ର, ତାରାକାନ୍ତ ମିଶ୍ର, ଗୀତାଞ୍ଜଳି ପଧାନ, ସୁଜିତ ଶତପଥୀ ପ୍ରମୁଖ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାଙ୍କନ କରିଥିଲେ । ମେଳାରେ ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ଟାଉନ ବାଳିକା ହାଇସ୍କୁଲର ଚାନ୍ଦିନୀ ଧରେଇ, ପିପି ଏକାଡେମୀର ବିଜୟ ଗୁଡ଼ିଆ, ଆରଆର କଲୋନୀ ହାଇସ୍କୁଲର ଶ୍ରୀମନ ନାରାୟଣ ତ୍ରିପାଠୀ, ମିର୍ଦ୍ଧାପାଲି ହାଇସ୍କୁଲର ବୁଦ୍ଧଦେବ ମହାକୁର, ପିଆର ହାଇସ୍କୁଲର ଅନ୍ୱେଷ ଭୂଷଣ ରଣା, ସଦେଇପାଲି ହାଇସ୍କୁଲର ତୃପ୍ତି ନାଗ, ପଥରଚେପା ଓଏଭିର ବିମଳେନ୍ଦୁ ଧରୁଆଙ୍କ ପ୍ରକଳ୍ପଗୁଡ଼ିକୁ ଜିଲ୍ଲାସ୍ତରୀୟ ମେଳା ପାଇଁ ମନୋନୀତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜ ବକ୍ତବ୍ୟରେ ବିଜ୍ଞାନ ପ୍ରଦର୍ଶନୀ ହେଉଛି ଏପରି ଏକ ମଞ୍ଚ ଯେଉଁଠାରେ ଛାତ୍ରଛାତ୍ରୀ ନିଜ ଚିନ୍ତାଧାରାକୁ ପ୍ରକାଶ କରନ୍ତି । ସୃଜନଶୀଳତାର ନୂଆ ମାର୍ଗ ଖୋଲନ୍ତି । ଆତ୍ମବିଶ୍ୱାସର ସହ ବିଜ୍ଞାନ ତଥ୍ୟକୁ ବିଶ୍ୱ ସାମ୍ନାକୁ ନେଇଯାନ୍ତି ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଯୋଗଦେଇ ନିଜ ବକ୍ତବ୍ୟରେ ଏଭଳି ବିଜ୍ଞାନ ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କୁ ଭବିଷ୍ୟତରେ ବୈଜ୍ଞାନିକ, ଇଞ୍ଜିନିୟର, ଅନୁସନ୍ଧାନକାରୀ ହେବାକୁ ପ୍ରେରଣା ଦେଇଥାଏ ବୋଲି କହିଥିଲେ । ଶେଷରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଉଭୟ ଅଧିବେଶନର କାର୍ଯ୍ୟକ୍ରମକୁ ଜସ୍ମିନ ଜଲି ଓ ରବୀନ୍ଦ୍ର ଠେଟୁଆଲ ସଂଯୋଜନା କରିଥିଲେ । ଶେଷରେ ବିକାଶ ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ ।

## ଦେଓଗାଁ ଅଞ୍ଚଳରେ କୁରାଳ ପୂଜା

ଦେଓଗାଁ, ୨୫ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ବଡବାହାଲ, ଗୌଡଗୋଠ, ରତାଖଣ୍ଡି ଓ ମୁଣ୍ଡପଲାରେ କୁରାଳ ପୂଜା ରୀତିନୀତି ଅନୁସାରେ ଅନୁଷ୍ଠିତ ହୋଇଛି । ବଡବାହାଲ ରାମଜୀ ପଡ଼ାରେ ମହାପ୍ରଭୁ ବ୍ରହ୍ମା, ବିଷ୍ଣୁ, ଶିବ, ପାର୍ବତୀ, ଗଣେଶ, ରୁଦ୍ରପାଳ, ରତ୍ନେଶ୍ୱର, ଲକ୍ଷ୍ମୀ ଆଦି ମୂର୍ତ୍ତି ସ୍ଥାପନ କରି ପୂଜା କରାଯାଇଛି । ସତ୍ୟନାରାୟଣ ରଣା ଓ ତାଙ୍କ ପତ୍ନୀ ଦୟଣା ରଣା କର୍ତ୍ତା ଥିଲେ । ପ୍ରିୟବ୍ରତ ମିଶ୍ର ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ ।

ନାରାୟଣ ରଣା, ଉପେନ୍ଦ୍ର ରଣା, ଗାୟକ ରୂପେ ଯୋଗ ଦେଇଥିଲେ । ରାଜକୁମାର ରଣା, ନୀଳାଞ୍ଚଳ ରଣା, ବିଜୟ ରଣା, ପୁରୁଷୋତ୍ତମ ରଣା, ଶ୍ୟାମସୁନ୍ଦର ରଣା, ରଞ୍ଜିତ ରଣା ଓ ମିତ୍ର ରଣା ପ୍ରମୁଖ ସହଯୋଗ କରିଥିଲେ ।

## ହଳଦୀପାଲିରେ ବିଭିନ୍ନ ଖେଳକୁ ନେଇ ସଭା

ଦେଓଗାଁ, ୨୫ ।୧୧(ସମିସ): ବ୍ଲକ ମହଲେଇ ପଞ୍ଚାୟତର ହଳଦୀପାଲିରେ ଲୋକ ଉନ୍ନତି ସଂଗଠନ ତରଫରୁ ବିଭିନ୍ନ ଖେଳକୁ ନେଇ 'ଆସ ଆମେ ଖେଳିବା' କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । ଏହି ସଭାରେ ଦେଓଗାଁ ବ୍ଲକ ଲୋକ ଉନ୍ନତି ସଂଗଠନର ସଂଯୋଜକ ରୂପାଧର ପୁଟା ସଭାପତିତ୍ୱ କରିଥିଲେ । ସଭାରେ ଗ୍ରାମର ବରିଷ୍ଠ ବ୍ୟକ୍ତି ମହିଳା, ସ୍ୱୟଂ ସହାୟକ ଦଳର ସଭ୍ୟା, ଯୁବକଯୁବତୀ ଉପସ୍ଥିତ ଥିଲେ । ଆଗକାଳରେ କେଉଁ କେଉଁ ଖେଳ ଖେଳା ଯାଉଥିଲା, କେଉଁ ସବୁ ଖେଳ ଖେଳିବା ଦ୍ୱାରା କେଉଁ ପ୍ରକାର ଲାଭ ମିଳୁଥିଲା ତାହା ଉପରେ ଆଲୋଚନା ହୋଇଥିଲା । ଲୋକ ଉନ୍ନତି ସଂଗଠନ ତରଫରୁ ସେ ଉପରେ ତଥ୍ୟ ସଂଗ୍ରହ କରାଯାଇଥିଲା । ସେ ସବୁ ଲିପିବଦ୍ଧ କରାଯାଇଥିଲା । ହଜି ଯାଇଥିବା ଖେଳ କିପରି ପୁଣି ଖେଳିହେବ ସେ ଉପରେ ଆଲୋଚନା କରାଯାଇଥିଲା । ତେବେ ଖେଳ ଦ୍ୱାରା ଶାରୀରିକ ବିକାଶ ଓ ରକ୍ତ ସଞ୍ଚାଳନ ହୋଇଥାଏ ବୋଲି ଗ୍ରାମର ଇନ୍ଦୁ ଭୋଇ କହିଥିଲେ । ଆଗକାଳରେ ଲୁକ ଲୁକାନୀ, ବୋହୁ ଗୁଡୁ, ଗୁଟୁକି, କବାଡି, ଛୋର, ପିଥୁ, ବାଙ୍ଗିରି, ଖୁମ ଖୁମଲୋ ବାଇଗଣ ମାଲୋ, ପୁଚି, ବାଗିଡି, ଚଉଳି, ବାଡ଼ି ଘିଚାନୀ, ମାଠିଆଫଟା, ବସ୍ତାଦୌଡ଼, ସମ୍ବର ମରା, ରୁମାଲ ଚୋରି, ସୂତା ଖେଳ, ଫୁଟବଲ, ରସିଦୌଡ଼ି, କ୍ରିକେଟ, ଚୌକି ବସା, ବାଡ଼ି ଘିଚାନୀ, ଟ୍ରିପ୍ ଖେଳ ଇତ୍ୟାଦି ଖେଳା ଯାଉଥିଲା । ସେ ସବୁ ଖେଳ ଖେଳି ପିଲାମାନେ ଆନନ୍ଦ ଅନୁଭବ କରୁଥିଲେ । ଏବେ ଏଥିରୁ ଅନେକ ଖେଳ ଲୋପ ପାଇଯାଉଛି ବୋଲି ଇନ୍ଦୁ ଭୋଇ କହିଥିଲେ । ବର୍ତ୍ତମାନ କେବଳ କ୍ରିକେଟ ଖେଳ ଚାଲିଛି ବୋଲି ସଭାରେ ମତ ପ୍ରକାଶ ପାଇଥିଲା । ସଭାରେ ଗ୍ରାମର ଅଙ୍ଗନବାଡ଼ି କର୍ମୀ ସବିତା ନନ୍ଦ, ଯଶୋଦା ଭୋଇ, ଗୌରୀ ଭୋଇ, ସରୋଜିନୀ ଭୋଇ, ଗେଲ ଭୋଇ, ସୌଦାମିନୀ ଧରୁଆ, ଇନ୍ଦୁ ଭୋଇ, ପୁଷ୍ପାଞ୍ଜଳି ଧରୁଆ, ଧୁବୁନି ଧରୁଆ, ସଂଯୁକ୍ତା ଭୋଇ, ଋଷି ବାଗ ଓ ନମିତା ଧରୁଆ ପ୍ରମୁଖ ଉପସ୍ଥିତ । ସୁଶୀଳ ନନ୍ଦ, ବିଦ୍ୟାଧର ଜାଲ, ଶରତ ସୁନା ପ୍ରମୁଖ ସହଯୋଗ କରିଥିଲେ ।

## ମୁରିବାହାଲ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

## ୭ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ




**୨୦୭ ପ୍ରକଳ୍ପ ପ୍ରଦର୍ଶିତ**

ମୁରିବାହାଲ, ୨୫ ।୧୧(ସମିସ): ହଳଦୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୁରିବାହାଲ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ-୨୦୨୫ ମଙ୍ଗବାର ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପଞ୍ଚା ରଣାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ବିଇଓ ଶାନ୍ତନୁ କୁମାର ପଢ଼ିହାରୀ ଯୋଗଦେଇ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବିଆରସିସି କୈଳାଶ ଚନ୍ଦ୍ର ଭୋଇ, ଏବିଇଓ କାନ୍ତାରାମ ଧରୁଆ ଯୋଗ ଦେଇଥିଲେ । ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଡ଼ିଓ ବାସନ୍ତୀ ସେଠି, ମୁଖ୍ୟବକ୍ତା ଭାବେ ଟିଟିଲାଗଡ଼ ଡିଏଭି କଲେଜ ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଳୟସେନ ଜ୍ୟୋତିଷ, ସମ୍ମାନିତ ଅତିଥି ଭାବେ ସିଡିପିଓ ପୂର୍ଣ୍ଣିମା ବୈଠାରୁ, ଡବ୍ଲୁଇଓ ଭୀମରାମ ମାଝୀ, କର୍ଲା ପ୍ରଧାନ ଶିକ୍ଷକ ଶ୍ରୀମନ୍ତ ନାଏକ, ହଳଦୀ କ୍ଲଷ୍ଟର ସିଆରସିସି ଯାଜ୍ଞସେନୀ ଜେନା, ସର୍ଦ୍ଦାପୁର ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସୁଦର୍ଶନ ବେହେରା, ଦିଗନ୍ତ ମେହେର ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ହଳଦୀ ହାଇସ୍କୁଲର ତତ୍‌କାଳୀନ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧୦୮ ବିଦ୍ୟାଳୟର ୨୦୭ ଜଣ କୁନି କୁନି ବୈଜ୍ଞାନିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ମାଳିଶିରା ହାଇସ୍କୁଲର ରଶ୍ମିତା ପାତ୍ର, ସିରୋଲ ସ୍କୁଲର ଦୀପ୍ତି ଲୁହା, କର୍ଲା ସ୍କୁଲର ପୂଜା ବୁଡ଼େକ, ମୁରିବାହାଲ ଓଏଭିର ଆୟୁଷ କୁମାର ମହାନନ୍ଦ, ମାଳିଶିରା ହାଇସ୍କୁଲର ନିରୁପମା ରଣା, ମୁରିବାହାଲ ପଞ୍ଚାୟତ ହାଇସ୍କୁଲର ଗାୟତ୍ରୀ ମାହାର, ହଳଦୀ ସ୍କୁଲର ଲିସା ହାତୀ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲେ । ଅତିଥିବୃନ୍ଦ ସମସ୍ତ କୃତୀ ବାଲ୍ ବୈଜ୍ଞାନିକଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ସିଆରସିସି ଲିଲୁମୋହନ ପଧାନ ମଞ୍ଚ ପରିଚାଳନା କରିଥିଲେ । ପ୍ରଦୀପ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚୁଡ଼ାପାଲିରେ ମାଣବସା ମହାଲକ୍ଷ୍ମୀ ପୂଜା ମହୋତ୍ସବ



ବଲାଙ୍ଗିର, ୨୫ ।୧୧(ସମିସ): ବଲାଙ୍ଗିର ସଦର ବ୍ଲକ ଚୁଡାପାଲି ଗ୍ରାମରେ ୨୪ତମ ମାଣବସା ମହାଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଯାଇଛି । ଏହି ପୂଜା ଉତ୍ସବର ଏକ ବିଶେଷ ପରମ୍ପରା ରହିଛି । ମାଁ ଲକ୍ଷ୍ମୀ ଓ ନୃସିଂହ ଙ୍କ ବିବାହ ମହୋତ୍ସବ ଅନୁଷ୍ଠିତ ହୋଇଥିଲା । ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିବା ସହ ବିବାହ ଉତ୍ସବରେ ସାମିଲ ହୋଇଥିଲେ । ଅନୁଷ୍ଠାନର ସଭାପତି ଗୌନ୍ତିଆ ଲୋକନାଥ କୁମୁରାଙ୍କ ତତ୍ତ୍ୱାବଧାନରେ ମନୋଜ ପଟେଲ, ନୀଳମଣି ଦଣ୍ଡସେନା, କପିଳ ବେହେରା, ମନୋଜ ଦଣ୍ଡସେନା, ପ୍ରମୋଦ ନାଏକ, ଶ୍ୟାମସୁନ୍ଦର ପୋଡଙ୍କ ସମ୍ପାଦନାରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା । ନୀଳମଣି ଜାଲ, ଶଶିରେଖା ଜାଲ କନ୍ୟା ପିତାମାତା ଦାୟିତ୍ୱ ତୁଲାଇଥିଲେ । ସେହିଭଳି ବସନ୍ତ ସାହୁ, ମନୋରମା ସାହୁ ବର ପିତାମାତା ଦାୟିତ୍ୱ ତୁଲାଇଥିଲେ । ନୀଳମଣି ଷଡଙ୍ଗୀ, କ୍ଷୀରୋଦ୍ର ଷଡଙ୍ଗୀ, ଅନନ୍ତ ଷଡଙ୍ଗୀ ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଓମ୍ ଭ୍ୟାଲି ଶିକ୍ଷାନୁଷ୍ଠାନରେ ବିଜ୍ଞାନମେଳା

ଟିଟିଲାଗଡ଼, ୨୫ ।୧୧(ସମିସ): ଓମଭ୍ୟାଲି ସ୍କୁଲରେ ପ୍ରଯୁକ୍ତି, ଇଞ୍ଜିନିୟରିଂ, ଗଣିତ ସନ୍ଦର୍ଭ ଶୀର୍ଷକ ଏକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । କୁନିକୁନି ବୈଜ୍ଞାନିକମାନେ ସେମାନଙ୍କ ପ୍ରସ୍ତୁତ ପ୍ରକଳ୍ପଗୁଡିକ ଏହି ବିଜ୍ଞାନ ମେଳାର ପ୍ରଦର୍ଶନ କରିଥିଲେ । ଅବସପ୍ରାପ୍ତ ଡିଏଭି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୀତାରାମ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ଦୀପକ ସାହୁ, ପରିଚାଳନା କମିଟି ସଦସ୍ୟ ବରିଷ୍ଠ ଆଇନଜୀବୀ ପ୍ରଦୀପ ମହାନ୍ତି, ସିଏ ରାକେଶ ଜୈନ, ଡ. ମୋହନ୍ ଲାଲ୍ ଜୈନ, ବରିଷ୍ଠ ଶିକ୍ଷାବିତ ଉମେଶଚନ୍ଦ୍ର ଦାସ, ବ୍ରହ୍ମାନନ୍ଦ ପୁହାଣ, କୁନାଲ ବହିଦାର, କୁନାଲ କର, ଜିକୁନ ଷଡ଼ଙ୍ଗୀ, ପ୍ରଦୀପ ମିଶ୍ର, ଶୁଭମ ପାଣିଗ୍ରାହୀ, ବିଦ୍ୟାଳୟର ଅଧ୍ୟକ୍ଷ ଏମ୍ ନାଗା ମାଲେଶ୍ୱର ରାଓ, ଉପଦେଷ୍ଟା ଡ. ରବିନ ଚନ୍ଦ୍ର ପରମାଣିକ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବିଜ୍ଞାନ ମେଳାରେ ଶିକ୍ଷାନୁଷ୍ଠାନର ପ୍ରଥମଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୨୬୯ ଜଣ ଛାତ୍ରଛାତ୍ରୀ ମୋଟ ୧୫୫ଟି ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଡିଏଭି କଲେଜ ଅଧ୍ୟକ୍ଷ ଡ. ଛାୟାକାନ୍ତ ଷଡ଼ଙ୍ଗୀ, ଡ. ବୃନ୍ଦାବନ ଷଡ଼ଙ୍ଗୀ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ ।



## ଏକତା ପଦଯାତ୍ରାରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

# 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ପାଇଁ ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ାଇବା:ଧର୍ମେନ୍ଦ୍ର

ସମ୍ବଲପୁର, ୨୫।୧୧ (ସମିସ)



ଆମ ରାଜ୍ୟ ଓଡ଼ିଶା ୨୦୩୬ରେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ କରିବ। ୨୦୪୭ ସୁଦ୍ଧା ଆମ ଦେଶକୁ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ। ଆମର ପୂର୍ବଜମାନେ ପୂର୍ବରୁ ଲଢେଇ କରିଥିଲେ ସ୍ୱରାଜ ପାଇଁ, କିନ୍ତୁ ଆମକୁ ଏବେ ସମୃଦ୍ଧି ପାଇଁ ଲଢେଇ କରିବାକୁ ହେବ। ତେଣୁ ଏହି ୧୦ ବର୍ଷ ୨୨ ବର୍ଷର ଗୁରୁତ୍ୱପୂର୍ଣ୍ଣ ସମୟସୀମା ମଧ୍ୟରେ 'ବିକଶିତ ସମ୍ବଲପୁର', 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ' ପାଇଁ ଗୋଟିଏ ଗୋଟିଏ ପାଦ ଆଗକୁ ବଢ଼ାଇବା ପାଇଁ ପଡ଼ିବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ମଙ୍ଗଳବାର ସମ୍ବଲପୁରରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆୟୋଜିତ 'ଏକତା ପଦଯାତ୍ରା'ରେ ସାମିଲ ହୋଇଥିଲେ ଶ୍ରୀ ପ୍ରଧାନ। ଏହି ପଦଯାତ୍ରା ରିଜର୍ଭ ପୁଲିସ ପଡ଼ିଆ ଠାରୁ ଆରମ୍ଭ ହୋଇ ମହିଳା କଲେଜ ପଡ଼ିଆ ପର୍ଯ୍ୟନ୍ତ ହୋଇଥିଲା।

ସର୍ଦ୍ଦାର ପଟେଲଙ୍କ ଅସୀମ ସାହସ, ଅଦମ୍ୟ ରାଜନୈତିକ ଇଚ୍ଛାଶକ୍ତି ଏବଂ ନିର୍ଣ୍ଣାୟକ ନେତୃତ୍ୱ କାରଣରୁ ଆମ ଦେଶ ଆଜି ବିକାଶର ମାର୍ଗରେ ଅଗ୍ରସର ହେଉଛି। ଗୁଜୁରାଟରେ ସର୍ଦ୍ଦାର ପଟେଲଙ୍କ ପୃଥିବୀର ସର୍ବୋଚ୍ଚ ପ୍ରତିମୂର୍ତ୍ତି 'ଷ୍ଟାଚ୍ୟୁ ଅଫ୍ ୟୁନିଟି' ପ୍ରତିଷ୍ଠା କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ମହାପୁରୁଷଙ୍କୁ ରାଷ୍ଟ୍ର ତରଫରୁ ସର୍ବୋତ୍ତମ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହି ଷ୍ଟାଚ୍ୟୁ ଅଫ୍ ୟୁନିଟି ହେଉଛି ଗୌରବ, ଏକତା, ଶାନ୍ତି ଓ କୃତଜ୍ଞତାର ପ୍ରତୀକ। 'ସମ୍ବିଧାନ ଦିବସ'ର ଅବ୍ୟବହିତ ପୂର୍ବରୁ ଏହିସବୁ କଥାକୁ ଆମେ ସ୍ମରଣ କରିବା ଜରୁରି ବୋଲି ସେ କହିଥିଲେ। ଅଭିଭାଷଣରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଗଠନରେ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବ, ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଭଳି ଅନେକ ବରପୁତ୍ରଙ୍କ ବଡ଼ ଯୋଗଦାନକୁ କେନ୍ଦ୍ରମନ୍ତ୍ରୀ ମନେ ପକାଇଥିଲେ।

ଏକତା ପଦଯାତ୍ରା ସମୟରେ ଶ୍ରୀ ପ୍ରଧାନ ଜେଲ୍ ଛକ ଠାରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଓ ନେଲସନ୍ ମାଣ୍ଡେଲା ଛକରେ ଥିବା ସହିଦ ସ୍ତମ୍ଭରେ ବୀର ସହିଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ, ଯୁବସାଥୀ, ସ୍ୱେଚ୍ଛାସେବୀ, ବୁଦ୍ଧିଜୀବୀ ଏବଂ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ପଦଯାତ୍ରାରେ ସାମିଲ ହୋଇଥିଲେ।

## ସମ୍ବଲପୁର-ଇ-ରୋଡ୍ ଓ ନାଗାବଳୀରେ ଅତିରିକ୍ତ କୋଚ୍ ସଂଯୋଗ

ସମ୍ବଲପୁର, ୨୫।୧୧ (ସମିସ) : ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ପରିଚାଳନା କରିବା ଏବଂ ଅଧିକ ଯାତ୍ରା ଆରାମ ସୁନିଶ୍ଚିତ କରିବା ପାଇଁ, ଭାରତୀୟ ରେଳବାଇ ସମ୍ବଲପୁର-ଇରୋଡ୍-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍ ଏବଂ ସମ୍ବଲପୁର-ନାନ୍ଦେଡ୍-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସ୍‌ରେ ଅସ୍ଥାୟୀ ଭାବରେ କୋଚ୍ ସଂଖ୍ୟାରେ ବୃଦ୍ଧି କରିଛି। ଟ୍ରେନ୍ ନମ୍ବର ୦୮୩୧୧ ସମ୍ବଲପୁର-ଇରୋଡ୍ ସ୍ୱତନ୍ତ୍ର ଟ୍ରେନରେ ନଭେମ୍ବର ୨୬ ତାରିଖ ଗୋଟିଏ ଅତିରିକ୍ତ ସ୍ଲିପର୍ କୋଚ୍ ସଂଯୋଗ କରାଯିବ ଏବଂ ଟ୍ରେନ୍ ନମ୍ବର ୦୮୩୧୨ ଇରୋଡ୍-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନରେ ନଭେମ୍ବର ୨୮ ତାରିଖ ଗୋଟିଏ ଅତିରିକ୍ତ ସ୍ଲିପର୍ କୋଚ୍ ସଂଯୋଗ କରାଯିବ। ସେହିଭଳି, ଟ୍ରେନ୍ ନମ୍ବର ୨୦୮୦୯ ସମ୍ବଲପୁର-ନାନ୍ଦେଡ୍ ନାଗାବଳୀ ଏକ୍ସପ୍ରେସ୍‌ରେ, ନଭେମ୍ବର ୩୦ ତାରିଖ ଗୋଟିଏ ଅତିରିକ୍ତ ସ୍ଲିପର୍ କୋଚ ସଂଯୋଗ କରାଯିବ ଏବଂ ଟ୍ରେନ୍ ନମ୍ବର ୦୮୩୧୨ ନାନ୍ଦେଡ୍- ସମ୍ବଲପୁର ନାଗାବଳୀ ଏକ୍ସପ୍ରେସ୍‌ରେ ଡିସେମ୍ବର ୧ ତାରିଖ ଗୋଟିଏ ଅତିରିକ୍ତ ସ୍ଲିପର୍ କୋଚ ସଂଯୋଗ କରାଯିବ। ପୂର୍ବତଟ ରେଳପଥ ଆବଶ୍ୟକ ସ୍ଥାନରେ ଅତିରିକ୍ତ କୋଚ୍ ସଂଯୋଗ କରି ଏବଂ ବ୍ୟସ୍ତବହୁଳ ଋତୁରେ ସୁଗମ ଯାତ୍ରା ସୁନିଶ୍ଚିତ କରି ଯାତ୍ରୀ ସୁବିଧା ବୃଦ୍ଧି କରିବାକୁ ପ୍ରତିବଦ୍ଧ। ଯାତ୍ରୀମାନେ ସେହି ଅନୁସାରେ ସେମାନଙ୍କର ଯାତ୍ରା ଯୋଜନା କରିପାରିବେ ଏବଂ ବର୍ଦ୍ଧିତ କୋଚ୍ ସଂଯୋଗ ସୁବିଧାର ଲାଭ ଉଠାଇପାରିବେ।

## ବ୍ରାଉନସୁଗର ଜବତ, ଜଣେ ଗିରଫ



ସମ୍ବଲପୁର, ୨୫।୧୧(ସମିସ): ସମ୍ବଲପୁର ଅବକାରୀ ୧ ବ୍ରାଉନସୁଗର କାରବାରରେ ଜଣକୁ ଗିରଫ କରିଛି। ସେ ହେଉଛି ଧନୁପାଲି ଥାନା ସୁନାପାଲିର ଏସକେ ଅବଦୁଲ ସାଜିଦ(୨୫)। ତା ନିକଟରୁ ୧୪ ଗ୍ରାମ ବ୍ରାଉନସୁଗର ଓ ଏକ ମୋବାଇଲ ଜବତ କରିଛି। ଧନୁପାଲି କୁରେଇଟୋଲା ଅଞ୍ଚଳରେ ବେଆଇନ ଭାବେ ବ୍ରାଉନସୁଗର କାରବାର ଚାଲୁଥିବା ନେଇ ଅବକାରୀ ପୁଲିସ ଖବର ପାଇ ଚଢଉ କରିଥିଲା। ପରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ମହିଳା ମହାବିଦ୍ୟାଳୟରେ ବିଶ୍ୱ ଐତିହ୍ୟ ସପ୍ତାହ



ସମ୍ବଲପୁର, ୨୫।୧୧ (ସମିସ): ସରକାରୀ ମହିଳା ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ତରଫରୁ ବିଶ୍ୱ ଐତିହ୍ୟ ସପ୍ତାହ ପାଳନ ପରିପ୍ରେକ୍ଷୀରେ 'ପରିବର୍ତ୍ତିତ ବିଶ୍ୱରେ ସ୍ଥାୟୀ ଐତିହ୍ୟର ଅନୁସ୍ଥାପନ' ଶୀର୍ଷକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମାନରେ ମୁଖ୍ୟ ଆଲୋଚକ ଭାବରେ ଡଃ ସତ୍ୟନାରାୟଣ ଠାକୁର ଯୋଗ ଦେଇଥିଲେ। ଅଧ୍ୟକ୍ଷା ପ୍ରଫେସର ମେହେର ନିଜ ଅଭିବ୍ୟକ୍ତିରେ ଆମରି ପାଖରେ ରହିଥିବା ଐତିହ୍ୟାବଳୀକୁ ଜାଣିବା ସହିତ ସଂରକ୍ଷଣ କରିବାପାଇଁ ସଦାସର୍ବଦା ପ୍ରୟାସ କରିବା ଉଚିତ ବୋଲି କହିଥିଲେ। ମୁଖ୍ୟ ଆଲୋଚକ ଡଃ ଠାକୁର ସମ୍ବଲପୁରର ସ୍ଥାନୀୟ ଐତିହ୍ୟ ଉପରେ ବିଶେଷ ଭାବରେ ଆଲୋକପାତ କରି କହିଥିଲେ ଯେ, ଇତିହାସ ପୃଷ୍ଠାରେ ସମ୍ବଲପୁର ତାର ଐତିହ୍ୟ ଓ ପରମ୍ପରା ପାଇଁ ପ୍ରସିଦ୍ଧି ଅର୍ଜନ କରିଛି। ଛାତ୍ରଛାତ୍ରୀମାନେ ଏହାକୁ ଚିହ୍ନିବା ଓ ସଂରକ୍ଷଣ କରିବା ଏକାନ୍ତ ଆବଶ୍ୟକ। ଏହାସହିତ ଡଃ ଠାକୁର ଆମର ପରିପାର୍ଶ୍ୱରେ ଥିବା ଐତିହାସିକ ପୀଠ ମାନଙ୍କର ଏକ ବିବରଣୀ ପ୍ରଦାନ କରିଥିଲେ। ଏହାପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଫେସର ଯୋଗେଶ ଚନ୍ଦ୍ର ଭୋଇ ସମ୍ମାନର ସଂଯୋଜନା କରିଥିଲେ। ପ୍ରଫେସର ମୌମିନା ଖାତୁନ ଅତିଥି ପରିଚୟ ପ୍ରଦାନ ଏବଂ ଶେଷରେ ଅଧ୍ୟାପିକା ମୀରା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଇତିହାସ, ରାଜନୀତି ବିଜ୍ଞାନ ଆଦି ବିଭିନ୍ନ ବିଭାଗର ଶତାଧିକ ଛାତ୍ରୀ ସମ୍ମାନରେ ଯୋଗ ଦେଇଥିଲେ।

## ହୋମିଓପାଥି କଲେଜରେ ୨ ଦିନ ହେଲାଣି ଝୁଲୁଛି ତାଲା

### ● ୮ ଦଫା ଦାବି ପୂରଣ ନେଇ ଆୟୁଷ ସଂଗଠନର ଆନ୍ଦୋଳନ

ସମ୍ବଲପୁର, ୨୫।୧୧(ସମିସ): ସମ୍ବଲପୁର ସ୍ଥିତ ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଆଣ୍ଡ ରିସର୍ଚ୍ଚରେ ୨ ଦିନ ହେଲାଣି ତାଲା ଝୁଲୁଛି। ଛାତ୍ରଛାତ୍ରୀମାନେ ଆନ୍ଦୋଳନ ଡାକରା ଦେଇ ମୁଖ୍ୟ ଗେଟରେ ତାଲା ପକାଇଛନ୍ତି। ଗତ ୬ ତାରିଖରୁ ଆଠ ଦଫା ଦାବି ପୂରଣ ନେଇ ଆୟୁଷ ଛାତ୍ରଛାତ୍ରୀ ସଂଘ ପ୍ରତିବାଦ କରିଥିଲେ। ସମସ୍ତ ସରକାରୀ ମମହାବିଦ୍ୟାଳୟରେ ଛାତ୍ରଛାତ୍ରୀ କଳାବ୍ୟାଚ ପିନ୍ଧିଥିଲେ। ଆନ୍ଦୋଳନକୁ ୨୧ ଦିନ ବିତିଗଲାଣି କିନ୍ତୁ ସରକାର କୌଣସି ଦାବି କର୍ଣ୍ଣପାତ କରିନଥିଲେ। ରାଜ୍ୟରେ ଥିବା ସାତୋଟି ସରକାରୀ ଆୟୁର୍ବେଦ ଓ ହୋମିଓପ୍ୟାଥିକ(ଆୟୁଷ) ଛାତ୍ର ଛାତ୍ରୀ ଓ ହାଉସ ସର୍ଜନ ଙ୍କ ରାଜ୍ୟ ସରକାରଙ୍କ ଉପରେ କ୍ଷୋଭ ଓ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନୂତନ ବିଜେପି ସରକାର ଆସିବା ଦୁଇ ବର୍ଷ ହେବାକୁ ଥିବା ବେଳେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଏ ସମ୍ପର୍କରେ ଆୟୁଷ ଛାତ୍ର ଛାତ୍ରୀ ବାରମ୍ବାର ଭେଟି ଦାବୀପତ୍ର ଓ ପଦକ୍ଷେପ ନେବାକୁ ଆଲୋଚନା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସରକାର କୌଣସି ପ୍ରକାର ପଦକ୍ଷେପ ନ ନେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି।



## ଆରଜିଭିଏମରେ ବାର୍ଷିକ କ୍ରୀଡ଼ା ଉତ୍ସବ

ସମ୍ବଲପୁର, ୨୫।୧୧(ସମିସ): ରାଷ୍ଟ୍ରୀୟ ଗୋପାଳ ବିଦ୍ୟା ମନ୍ଦିର(ଆରଜିଭିଏମ)ର 'ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍କୁଲ ଅଧ୍ୟକ୍ଷ ଅଶୋକ କେଡିଆ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ୧୨ଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମାପନୀ ଉତ୍ସବରେ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଶାଲୁ ଚାଣ୍ଡେଲ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ସହିତ କ୍ରୀଡାରେ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବରିଷ୍ଠ ବର୍ଗରେ ଶ୍ୱେତା ରାଣୀ ସେନାପତି ଏବଂ ମୋହିତ କୁମାର ଏବଂ କନିଷ୍ଠ ବର୍ଗରେ ଶ୍ରୀନୁ ଦାସ ଏବଂ ଅମିଷା ଶର୍ମା ଚାମ୍ପିଅନ ହୋଇଥିଲେ। ସେହିପରି ହାଉସ୍ ପ୍ରତିଯୋଗିତାରେ, ଅଗ୍ନି ହାଉସ୍ ରିଲେ ଏବଂ ବାଳକ କବାଡି ଜିତିଥିଲା ଓ ପୃଥ୍ୱୀ ହାଉସ୍ ବାଳିକା କବାଡି ଜିତିଥିଲେ।



## ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ପ୍ରଥମଥର ପାଇଁ ନିଯୁକ୍ତିମେଳା




ସମ୍ବଲପୁର, ୨୫।୧୧(ସମିସ): ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ଲେସମେଣ୍ଟ ସେଲ୍ଫ ପକ୍ଷରୁ ଶେଷବର୍ଷର ଛାତ୍ରଛାତ୍ରୀ ଏବଂ ସ୍ନାତକୋତ୍ତର ବିଭାଗର ପୂର୍ବତନ ଛାତ୍ରଛାତ୍ରୀ, ଏହାର କନ୍‌ଷ୍ଟିଚ୍ୟୁଏଣ୍ଟ କଲେଜ ଏବଂ ଆଫିଲିଏଟେଡ୍ କଲେଜ ମାନଙ୍କ ପାଇଁ ଏକ ନିଯୁକ୍ତି ମେଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀ-ଉଷା ଯୋଜନା (ମେରୁ ଅନୁଦାନ) ଅଧୀନରେ ନନ୍ଦୀ ଫାଉଣ୍ଡେସନ୍ (ମହିନ୍ଦ୍ର ପ୍ରାଇଡ୍ କ୍ଲାସରୁମ୍) ସହଭାଗିତା ଏବଂ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ହୋଇଥିଲା। ଏହି ନିଯୁକ୍ତି ମେଳାର ପ୍ରାଥମିକ ଉଦ୍ଦେଶ୍ୟ ଥିଲା ୫-୭ଟି କର୍ପୋରେଟ୍ ସଂଗଠନକୁ ଗୋଟିଏ ପ୍ଲାଟଫର୍ମରେ ଆଣିବା ଏବଂ ଛାତ୍ରଛାତ୍ରୀମାନଙ୍କୁ ନିଯୁକ୍ତି ସୁରକ୍ଷିତ କରିବାର ଏକ ସୁଯୋଗ ପ୍ରଦାନ କରିବା। ଏହା ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ପ୍ରଥମ ନିଯୁକ୍ତି ମେଳା। ଏଥିରେ ବିଭିନ୍ନ ସ୍ନାତକୋତ୍ତର ବିଭାଗ ଏବଂ ଆଫିଲିଏଟେଡ୍ ଶିକ୍ଷାନୁଷ୍ଠାନ ଗୁଡ଼ିକର ୬୦ ପ୍ରତିଶତ ଛାତ୍ରୀଙ୍କ ସହ ମୋଟ ୬ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଞ୍ଜୀକରଣ କରିଥିଲେ।

ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଟି.କେ. ଦାସ, ସିଡିସି ନିର୍ଦ୍ଦେଶକ ପ୍ରଫେସର ସଞ୍ଜୁକ୍ତା ଦାସ, କୁଳସଚିବ ଅଶୋକ ବେହେରା, ନନ୍ଦୀ ଫାଉଣ୍ଡେସନ୍ ପ୍ଲେସମେଣ୍ଟ ସର୍ବଭାରତୀୟ ମୁଖ୍ୟ ଦେବନାଥ ବରାଳ, ପିଏମ୍-ଉଷା ନୋଡାଲ ଅଧିକାରୀ ପ୍ରଫେସର ଏମ୍.କେ ସାହୁ ମଞ୍ଚାସୀନ ଥିଲେ। ଏହାସହ କନଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ (ସିଆଇଆଇ)ର ଜୟେନ୍ଦ୍ର ସିଂହ, ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ସୁଦର୍ଶନ ଜେନା, ଉପ-କୁଳସଚିବ ଡଃ ଅଶୋକ କୁମାର ରଥ, ଲାଇବ୍ରେରିଆନ ଡଃ ନୀଳରଞ୍ଜନ ବାରିକ, ବ୍ଲିଙ୍କିଟ୍‌ର ଶୁଭଶ୍ରୀ ପାଢ଼ୀ, ସାଟିନ୍ ଗ୍ରୁପ୍‌ର ତୱେନ ଓ ଅଭିଷେକ, ନନ୍ଦୀ ଫାଉଣ୍ଡେସନ୍‌ର ରାଜ୍ୟ ସଂଯୋଜକ ମୁନ୍‌ମୁନ୍, ଅନୁପମ ଓ ଡୋୟେଲଙ୍କ ସହ ଟେକ୍ ମହିନ୍ଦ୍ର, ସିଆଇଆଇ, ଭିଜିଏମ୍ କନସଲଣ୍ଟାଣ୍ଟର ମାନବସମ୍ବଳ ପ୍ରତିନିଧି ଏବଂ ଅନ୍ୟ କମ୍ପାନୀମାନେ ଅନ୍‌ଲାଇନ୍‌ରେ ଯୋଗ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ଲେସମେଣ୍ଟ ଅଧିକାରୀ ଚିନ୍ମୟ କୁମାର ପୁରୋହିତ ସ୍ୱାଗତ ଭାଷଣ ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏହି ନିଯୁକ୍ତି ମେଳାରେ ମୋଟ ୭ଟି କମ୍ପାନୀ ଯୋଗଦେଇ ସେମାନଙ୍କ ପ୍ରାରମ୍ଭିକ ସ୍କ୍ରିନିଂ ପ୍ରକ୍ରିୟା ପରିଚାଳନା କରିଥିଲେ। ନନ୍ଦି ଫାଉଣ୍ଡେସନର ସୂଚନା ଅନୁଯାୟୀ, ପ୍ରାୟ ୨୫୦ ନିଯୁକ୍ତି ପ୍ରସ୍ତାବକୁ ଏହି ମେଳାରେ ତତ୍‌କାଳ ନିଶ୍ଚିତ କରାଯାଇଥିଲା। ଏହା ସହିତ କମ୍ପାନୀର ଆବଶ୍ୟକତା ଉପରେ ଆଧାର କରି ଭବିଷ୍ୟତରେ ସାକ୍ଷାତକାର ପାଇଁ ଛାତ୍ରଛାତ୍ରୀଙ୍କ ତଥ୍ୟର ଆହୁରି ମୂଲ୍ୟାଙ୍କନ କରାଯିବ।

## ଉପଖଣ୍ଡସ୍ତରୀୟ ଭୀମଭୋଇ ସାମର୍ଥ୍ୟ ଶିବିର

ରେଢ଼ାଖୋଲ, ୨୫ ।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ କଲେଜ ଛକସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ସୋମବାର ଦିନ ଉପଖଣ୍ଡସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ପ୍ରଦୀପ ପ୍ରଜ୍ୱଳନ କରି ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଭିମସାର ବିଶେଷଜ୍ଞଙ୍କ ଦ୍ୱାରା ଦିବ୍ୟାଙ୍ଗମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନଙ୍କୁ ଅନଲାଇନରେ ପ୍ରମାଣପତ୍ର ଦେବାର ବ୍ୟବସ୍ଥା କରାଯାଇଛି। ଶିବିରରେ ମୋଟ ୩୪୪ ଜଣ ଦିବ୍ୟାଙ୍ଗ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ଶାରୀରିକ ଅକ୍ଷମ ୧୬୯ ଜଣ, ରକ୍ତଶିକୁଳି ୨୩ ଜଣ, ମାନସିକ ଅନଗ୍ରସର ୬୮ ଜଣ, ଦୃଷ୍ଟି ବାଧିତ ୩୯ ଜଣ, ଶ୍ରବଣ ବାଧିତ ୪୫ ଜଣ ଚିହ୍ନଟ କରାଯାଇଛି। ସେହିପରି ୩ ଜଣଙ୍କୁ ଟ୍ରାଇସାଇକେଲ, ୨ଜଣଙ୍କୁ ଶ୍ରାବଣ ଯନ୍ତ୍ର ଉପକରଣ ଦିଆଯାଇଥିଲା। ୪୨ ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ପାଇଁ ଚିହ୍ନଟ କରାଯାଇଛି।

# ଡେବ୍ରିଗଡ଼ ଢୋଡ୍ରୋକୁସୁମରେ ହୋମ୍‌ଷ୍ଟେ ଉଦ୍‌ଘାଟିତ

ସମ୍ବଲପୁର, ୨୫।୧୧ (ସମିସ)






ଡେବ୍ରିଗଡ଼ ଅଭୟାରଣ୍ୟ ଢୋଡ୍ରୋକୁସୁମ ଗ୍ରାମରେ ମଙ୍ଗଳବାର ଗ୍ରାମୀଣ 'ହୋମଷ୍ଟେ' (ରହଣୀସ୍ଥଳ) ଉଦ୍‌ଘା।ଟିତ ହୋଇଯାଇଛି। ଏହି ଗ୍ରାମଟି ହୀରାକୁଦ ଆର୍ଦ୍ରଭୂମି ସଂଲଗ୍ନ ଅଭୟାରଣ୍ୟର ପାଦଦେଶରେ ଅବସ୍ଥିତ। ଏହା ଓଡ଼ିଶାର ପ୍ରଥମ 'ହୋମଷ୍ଟେ' ସୁବିଧା। ବନବିଭାଗ ଦ୍ୱାରା ସ୍ଥାନୀୟ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଙ୍କ ମାଧ୍ୟମରେ କରାଯାଇଛି। ଏହା ସେମାନଙ୍କୁ ଆର୍ଥିକ ଲାଭ ପ୍ରଦାନ କରିବା, ସେମାନଙ୍କୁ ଜଙ୍ଗଲ ଏବଂ ବନ୍ୟପ୍ରାଣୀ ସଂରକ୍ଷଣର ପରିଚାଳକ କରିବା ଏବଂ ଏହି ଲ୍ୟାଣ୍ଡସ୍କେପ୍‌ର ଇକୋ-ଟୁରିଜିମ୍ (ପରିବେଶ ପର୍ଯ୍ୟଟନ) ସମ୍ଭାବନା ଅନୁସନ୍ଧାନ କରିବା ପାଇଁ ପରିଚାଳିତ।

ଢୋଡ୍ରୋକୁସୁମ ହୋମଷ୍ଟେର ସମସ୍ତ ୫ଟି ହୋମଷ୍ଟେ କୋଠରୀ ପ୍ରାକୃତିକ ମାଟି, କାଦୁଅ, ଗୋବର ଏବଂ କୁଟାରୁ ଅନନ୍ୟ ଭାବରେ ତିଆରି, ଆଧୁନିକ ଶୌଚାଳୟ ଏବଂ ଆଧୁନିକ ଉଚ୍ଚମାନର ସାଜସଜ୍ଜା ରହିଛି। ପ୍ରତ୍ୟେକ ଜିନିଷ ସ୍ଥାନୀୟ ଗ୍ରାମୀଣ କାରିଗରଙ୍କ ଦ୍ୱାରା ସମ୍ବଲପୁରୀ ସ୍ପର୍ଶ ସହିତ ତିଆରି କରାଯାଇଛି। ଲକ୍ଷ୍ମୀ ଗୁରୁଙ୍କ ଦ୍ୱାରା ପରିଚାଳିତ ଲକ୍ଷ୍ମୀ ହୋମଷ୍ଟେ (୨ କୋଠରୀ), ରେବତୀ ଭୁଏଙ୍କ ଦ୍ୱାରା ପରିଚାଳିତ ରେବତୀ ହୋମଷ୍ଟେ (୧ କୋଠରୀ) ଏବଂ ସୁଜାତା ଭୋଇଙ୍କ ଦ୍ୱାରା ପରିଚାଳିତ ସୁଜାତା ହୋମଷ୍ଟେ (୨ କୋଠରୀ)। ଏହି ସମସ୍ତ ପରିବାର ଡେବ୍ରିଗଡ଼ରେ ଆତିଥ୍ୟରେ ତାଲିମପ୍ରାପ୍ତ ହୋଇଛନ୍ତି ଏବଂ ସେମାନେ ସ୍ଥାନୀୟ ଖାଦ୍ୟ ଏବଂ ବିଭିନ୍ନ ପ୍ରକାରର ହୋମଷ୍ଟେ ଖାଦ୍ୟରେ ଅଭିଜ୍ଞ। ସେମାନଙ୍କର ଦକ୍ଷତା ସେମାନଙ୍କୁ ହୋମଷ୍ଟେ ମାଧ୍ୟମରେ ସ୍ଥିର ଆୟ କରିବାରେ ସାହାଯ୍ୟ କରିବ। ଢୋଡ୍ରୋକୁସୁମ ହୋମଷ୍ଟେ ଇକୋଟୁର୍‌ଓଡ଼ିଶା ୱେବ୍‌ସାଇଟ୍ ମାଧ୍ୟମରେ ଅନଲାଇନରେ ବୁକିଂ କରାଯାଇପାରିବ। ଏଥିରୁ ହେଉଥିବା ରାଜସ୍ୱ ଡେବ୍ରିଗଡ଼ ଇକୋଟୁରିଜିମ ପରି ସମାନ ଭାବରେ ବ୍ୟବହାର କରାଯିବ। ଡେବ୍ରିଗଡ଼ କର୍ତ୍ତୃପକ୍ଷଙ୍କ ମାର୍ଗଦର୍ଶନରେ ଇଡିସି ଅଂଶ (ଇକୋ ଟୁରିଜିମ୍ ରାଜସ୍ୱ) ରୁ ୧୬ ଲକ୍ଷ ଟଙ୍କା କୋଠରୀ ପୁନଃନିର୍ମାଣ, ରଙ୍ଗ କରିବା, ବ୍ୟବହାରଯୋଗ୍ୟ ସାମଗ୍ରୀ କ୍ରୟ, ଶୌଚାଳୟ ନିର୍ମାଣ, ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନା ସକାଶେ ବ୍ୟବହାର କରାଯାଇଛି।

ଢୋଡ୍ରୋକୁସୁମ ଗ୍ରାମ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟର ପ୍ରବେଶ ଦ୍ୱାରଠାରୁ ପ୍ରାୟ ୫୦୦ ମିଟର ଦୂରତାରେ ଅବସ୍ଥିତ। ହୋମଷ୍ଟେ ପରିଦର୍ଶକମାନେ ଡେବ୍ରିଗଡ଼ର ପରିଦର୍ଶକଙ୍କ ପାଇଁ ଉପଲବ୍ଧ ସଫାରି, ହୀରାକୁଦ କ୍ରୁଜ୍, ପକ୍ଷୀ ଦର୍ଶନ ପଥ, ଆଇଲ୍ୟାଣ୍ଡ କାଫେ, ଟ୍ରେକିଂ ଏବଂ ହାଇକିଂ, ସାଇକେଲିଂ, ସାଇକ୍ଲିଂ, ସାଇକ୍ଲିଂ (ହୀରାକୁଦ ଡ୍ୟାମ୍, ସମଲେଶ୍ୱରୀ ମନ୍ଦିର, ହସ୍ତତନ୍ତ ବଜାର, ବୁଣାକାର ଗ୍ରାମ, ଭୀମାମଣ୍ଡଳୀ ଗୁମ୍ଫା, ହମା ଏବଂ ଘଣ୍ଟେଶ୍ୱରୀ ମନ୍ଦିର ଇତ୍ୟାଦି ପରିଦର୍ଶନ) ର ସମସ୍ତ ପ୍ୟାକେଜ୍ ସମାନ ଦେୟ ସହିତ ପାଇପାରିବେ ବୋଲି ସୂଚନା ଦିଆଯାଇଛି।

ହୀରାକୁଦ ବନ୍ୟପ୍ରାଣୀ ବିଭାଗ (ଡେବ୍ରିଗଡ଼ ଅଭୟାରଣ୍ୟ) ଡିଏଫ୍‌ଓ ଅଂଶୁପ୍ରଜ୍ଞା ଦାସଙ୍କ ଅନୁଯାୟୀ, ଢୋଡ୍ରୋକୁସୁମରେ ସ୍ଥାୟୀ ହୋମଷ୍ଟେ ସୁବିଧା ଏକ ମଡେଲ ଯାହା ସ୍ଥାନୀୟ ସଂସ୍କୃତି ଏବଂ ପରମ୍ପରା ସହିତ ବନ୍ୟପ୍ରାଣୀ ସଂରକ୍ଷଣକୁ ମିଶ୍ରଣ କରେ। ଏହା ଡେବ୍ରିଗଡ଼ର ସହ-ଅସ୍ତିତ୍ୱ କ୍ଷେତ୍ର ଏବଂ ପରିବେଶ-ସମ୍ବେଦନଶୀଳ ଅଞ୍ଚଳରେ ସମ୍ପ୍ରଦାୟ ସହଭାଗୀତା ମାଧ୍ୟମରେ ଏକ ନିରନ୍ତର ତୃଣମୂଳସ୍ତରର କାର୍ଯ୍ୟ ଯେଉଁଠାରେ ଦୀର୍ଘକାଳୀନ ସଂରକ୍ଷଣ ଲକ୍ଷ୍ୟ ହାସଲ କରିବାରେ ସ୍ଥାନୀୟ ପରିଚାଳନା ଗୁରୁତ୍ୱପୂର୍ଣ୍ଣ। ଭାରତ ଏବଂ ବିଶ୍ୱରେ ରାଜ୍ୟର ସମୃଦ୍ଧ ପ୍ରାକୃତିକ ଐତିହ୍ୟକୁ ମଧ୍ୟ ଉଜାଗର କରିବ ବୋଲି ସେ ମତ ରଖିଛନ୍ତି।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସାହିତ୍ୟ କୃତି ପ୍ରକାଶନ ପାଇଁ ଦାବି

ସମ୍ବଲପୁର, ୨୫।୧୧ (ସମିସ) : ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ପଦ୍ମଶ୍ରୀ ସ୍ୱର୍ଗତ ବିନୋଦ ପସାୟତଙ୍କ ସାହିତ୍ୟ କୃତି ପ୍ରକାଶନ ପାଇଁ ସୋମବାର ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କଠାରେ ଦାବି କରାଯାଇଛି। ବିକାଶ ପରିଷଦର ଅଧ୍ୟକ୍ଷଙ୍କୁ ଦିଆଯାଇଥିବା ଦାବିପତ୍ରରେ ଦର୍ଶାଯାଇଛି ଯେ, ସ୍ୱର୍ଗତ କିଶୋର ମହାନ୍ତି ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଥିବା ସମୟରେ ସମ୍ବଲପୁରୀ ତଥା ଓଡ଼ିଆ ଭାଷାର ବିଶିଷ୍ଟ ଲେଖକ ଡକ୍ଟର ମଙ୍ଗଳୁ ଚରଣ ବିଶ୍ୱାଳଙ୍କ ସମ୍ପୂର୍ଣ୍ଣ ସାହିତ୍ୟ କୃତି ପ୍ରକାଶ କରାଯାଇଥିଲା। ସେହିପରି, ପଦ୍ମଶ୍ରୀ ବିନୋଦ ପଶାୟତ କେବଳ ପଶ୍ଚିମ ଓଡ଼ିଶା ନୁହେଁ ବରଂ ସମଗ୍ର ରାଜ୍ୟର ଜଣେ ପ୍ରବୀଣ କବି ଏବଂ ନାଟ୍ୟକାର। ସମ୍ବଲପୁରୀ ଭାଷାରେ ତାଙ୍କ ଦ୍ୱାରା ରଚିତ ଉଖୀ ନାଟକ ସାରା ରାଜ୍ୟରେ ଚହଳ ପକାଇଥିବାବେଳେ ସେ ସମ୍ବଲପୁରୀ ଆକଶବାଣୀର ପ୍ରଥମ ଚାରିଜଣ ଗୀତିକାରଙ୍କ ମଧ୍ୟରେ ମାନ୍ୟତା ପାଇଥିଲେ। ଜୀବନର ସଂଘର୍ଷ ଭିତରେ ସାହିତ୍ୟ ସାଧନା କରି ସମ୍ବଲପୁରୀ ଭାଷାକୁ ଉଚ୍ଚ ସ୍ତରକୁ ନେଇ ପାରିଥିଲେ। ତେବେ ତାଙ୍କଦ୍ୱାରା ରଚିତ ଅନେକ ଲେଖା ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରକାଶିତ ହୋଇ ପାରିନାହିଁ। ତେଣୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ସମଗ୍ର ସାହିତ୍ୟ କୃତି (ପାଣ୍ଡୁଲିପି) ପ୍ରକାଶନ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ପଦ୍ମଶ୍ରୀ ପଶାୟତଙ୍କ ଦ୍ୱାରା ଲିଖିତ ନାଟକରେ ଅଂଶଗ୍ରହଣ କରିଥିବା ଗବେଷକ ତଥା ନାଟ୍ୟକାର ଡକ୍ଟର ଦ୍ୱାରିକାନାଥ ନାୟକ ଏହି ଖଣ୍ଡ ସଂକଳନ କରିବାକୁ ରାଜି ହୋଇଛନ୍ତି। ତେଣୁ ତାଙ୍କ ସାହିତ୍ୟର ପ୍ରକାଶନ ପାଇଁ ପଦକ୍ଷେପ ନେବାକୁ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ସୁଭାଷ ପାଣିଗ୍ରାହୀ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ଉତ୍ତରାଞ୍ଚଳ ଆର୍‌ଡିସି ସଚିନ ରାମଚନ୍ଦ୍ର ଯାଦବଙ୍କ ସହ ଆଲୋଚନା କରିଛନ୍ତି।




BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## କସଡ଼ା ପଞ୍ଚାୟତରେ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ଫେଲ୍

ଜମନକିରା, ୨୫।୧୧ (ସମିସ) : ଜମନକିରା ବ୍ଲକ ଅନ୍ତର୍ଗତ କସଡା ପଞ୍ଚାୟତରେ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ଫେଲ ମାରିଛି। ଇଣ୍ଟରନେଟ ଯୁଗରେ କସଡା ପଞ୍ଚାୟତବାସୀ ଠିକ ଭାବରେ ଫୋନରେ ବି କଥା ହୋଇ ପାରୁନାହାଁନ୍ତି।

ଆଗରୁ ଇଣ୍ଟରନେଟ ସେବା ଆସୁଥିବାବେଳେ ବର୍ତ୍ତମାନ କୌଣସି ସେବା ଆସୁନାହିଁ। ଯାହାଫଳରେ ଜନସାଧାରଣଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବର୍ତ୍ତମାନ ସବୁ କାମ ଇଣ୍ଟରନେଟ ବ୍ୟବହାର କରି ଅନଲାଇନରେ ହେଉଥିବା ବେଳେ ବିନା ନେଟ୍‌ରେ ଅସହ୍ୟ ହୋଇପଡୁଛି। ବାରମ୍ବାର ଅଭିଯୋଗ କଲାପରେ ବି କୌଣସି କମ୍ପାନୀ ତତ୍ପରତା ପ୍ରକାଶ କରିନାହାଁନ୍ତି। ପଞ୍ଚାୟତ ହେଡକ୍ୱାଟରରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ହାଇସ୍କୁଲଟିଏ ରହିଥିବାବେଳେ କୁଆଗୋଲା, ଲଙ୍ଗାବାହାଲରେ ପ୍ରାଥମିକ ବିଦ୍ୟାଳୟ ରହିଛି।

ସେହିପରି କସଡାରେ ଏକ ସ୍ୱାସ୍ଥ୍ୟ କେନ୍ଦ୍ର, ପଞ୍ଚାୟତ ଭଳି ଅଫିସ ରହିଛି। ଜିଓ, ଏୟାରଟେଲ, ବିଏସଏନଏଲ ଭଳି ଅନେକ କମ୍ପାନୀ ଶୀଘ୍ର ସେବା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।





## ବେଧଡ଼କ ଚାଲିଥିଲା ଲିଙ୍ଗ ନିରୂପଣ ଓ ଭ୍ରୂଣହତ୍ୟା

# ସିଲ୍‌ହେଲା ଡାଇଗ୍ନୋଷ୍ଟିକ୍ ସେଣ୍ଟର ଓ କ୍ଲିନିକ୍





**କଟକ, ୨୫।୧୧(ସମିସ)**

ସ୍ୱାସ୍ଥ୍ୟ ବିଭାଗର ଅବହେଳା ଯୋଗୁଁ କଟକରେ ବେଧଡକ ଭାବେ ବେଆଇନ ଲିଙ୍ଗ ନିରୂପଣ ଏବଂ ଭ୍ରୂଣହତ୍ୟା ଚାଲିଛି। ନାଁକୁ ମାତ୍ର ଚଢ଼ଉ କରି ସ୍ୱାସ୍ଥ୍ୟ ବିଭାଗ ପରବର୍ତ୍ତୀ ସମୟରେ ଚୁପ୍ ବସୁଥିବା ବେଳେ ଅନେକ ଡାଏଗ୍ନୋଷ୍ଟିକ ସେଣ୍ଟର ଏବଂ କ୍ଲିନିକରେ ଏହି ବେଆଇନ କାର୍ଯ୍ୟ ଜାରି ରହୁଛି। ଅଭିଯୋଗ ହେବା ପରେ ଆଜି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କାଠଗୋଲା ଅଞ୍ଚଳରେ ଥିବା ଏକ ଡାଇଗ୍ନୋଷ୍ଟିକ ସେଣ୍ଟର ଓ ବଜ୍ରକବାଟୀ ଅଞ୍ଚଳରେ ଥିବା ଏକ କ୍ଲିନିକକୁ ସିଲ୍ କରାଯାଇଛି। ମାତୃସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ସ୍ୱାସ୍ଥ୍ୟ ଓ ପ୍ରଶାସନର ମିଳିତ ଭାବେ ୮ ଜଣିଆ ଟିମ୍ ଚଢ଼ଉରେ ସାମିଲ ଥିଲେ।

ସହରରେ ବେଆଇନ୍ ଭାବେ ଶତାଧିକ କ୍ଲିନିକ୍ ଓ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଚାଲିଛି। ଏହା ଉପରେ ସ୍ୱାସ୍ଥ୍ୟ ବିଭାଗର ନଜର ନାହିଁ। କଟକରେ ମାଳମାଳ ଡାଏଗ୍ନୋଷ୍ଟିକ ସେଣ୍ଟର ଥିଲେ ମଧ ତନ୍ମଧ୍ୟରୁ ଅଧିକାଂଶ ସେଣ୍ଟରର ପଞ୍ଜୀକରଣ ନବୀକରଣ କରାଯାଇ ନାହିଁ। କେବଳ ମଝିରେ ମଝିରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଚଢଉ କରାଯାଇ ଗୋଟିଏ ଦୁଇଟି ମେସିନ୍ ଜବତ କରାଯାଇଥାଏ। ଫଳରେ ବେଆଇନ୍ ଲିଙ୍ଗ ନିରୂପଣ ଓ ଭ୍ରୂଣହତ୍ୟା ରୋକାଯାଇପାରୁ ନାହିଁ। ପ୍ରଶାସନ ଏ କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ଦାବି ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ଷ୍ଟେଟ୍ ଇନ୍ସପେକ୍ସନ ଟିମ୍ ମଙ୍ଗଳାବାଗ ଥାନା ଅନ୍ତର୍ଗତ କାଠଗୋଲା ଅଞ୍ଚଳରେ ଥିବା ଏକ ଡାଇଗ୍ନୋଷ୍ଟିକ ସେଣ୍ଟର ଓ ବଜ୍ରକବାଟୀ ଅଞ୍ଚଳରେ ଥିବା ଏକ କ୍ଲିନିକକୁ ଚଢ଼ାଉ କରି ସିଲ କରିଥିଲା। ଚଢ଼ାଉ ସଂକ୍ରାନ୍ତରେ ଅତିରିକ୍ତ ତହସିଲଦାର ସୋମେନ ବିଶ୍ୱାଳ କହିଛନ୍ତି ଯେ, ୨୦୧୭ରୁ ଅଲଟ୍ରାସାଉଣ୍ଡ ପଞ୍ଜୀକରଣ ସରିଥିବାବେଳେ ଏହାର ନବୀକରଣ କରାଯାଇ ନଥିଲା। ଏପରିକି ଅଲଟ୍ରାସାଉଣ୍ଡ ଜାରି ରହିଥିଲା। ବେଆଇନ ଭାବେ କାର୍ଯ୍ୟ କରୁଥିବା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସେହିପରି କାଠଗୋଲା ସାହିସ୍ଥିତ ଡାଇଗ୍ନୋଷ୍ଟିକ ସେଣ୍ଟରରେ ଭ୍ରୂଣହତ୍ୟା କରାଯାଉଥିବା ଜଣାପଡ଼ିବାରୁ ପାଇବାରୁ ଯନ୍ତ୍ରାଂଶ ସହ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ସିଲ୍ କରାଯାଇଥିବା ମାତୃସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଡ. ଅଭିଜିତ କୁମାର କହିଛନ୍ତି।

## ବାଲକୋନି ଭୁଶୁଡ଼ି ୩ ମୃତ୍ୟୁ ଘଟଣା

# ଆପାର୍ଟମେଣ୍ଟ ପରିଚାଳକ ଗିରଫ

**କଟକ, ୨୫।୧୧(ସମିସ):** ମଣିସାହୁ ଛକ ନିକଟ ହାଡ଼ିବନ୍ଧୁ ହାଇସ୍କୁଲ ସମ୍ମୁଖ ଆପାର୍ଟମେଣ୍ଟର ବାଲକୋନି ଭାଙ୍ଗି ୩ ଜଣଙ୍କ ମୃତ୍ୟୁ ହେବା ଘଟଣାରେ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲା, ସେଖ୍ ଲାଲା। ସେ ଆପାର୍ଟମେଣ୍ଟର ମାଲିକ ତଥା ପରିଚାଳକ ବୋଲି ତଦନ୍ତରୁ ଜଣାପଡ଼ିଛି। ଲାଲାକୁ କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ବାଦାମବାଡ଼ି ବିକାଶଭବନ ପାଖରୁ ଧରିଛି। ତେବେ ବାଲକୋନି ମରାମତି ସମୟରେ ଲାଲା ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରି ନଥିବାରୁ ଏଭଳି ଅଘଟଣ ଘଟିଥିଲା ବୋଲି କ୍ୟାଣ୍ଟନମେଣ୍ଟ ଥାନାରେ ଅଭିଯୋଗ ହୋଇଥିଲା। ଘଟଣାରୁ ପ୍ରକାଶଯେ ମଣିସାହୁ ଛକ ନିକଟ ଶୁଭମ ଆପାର୍ଟମେଣ୍ଟରେ ୫ ମହଲା କୋଠାର ବାଲକୋନି ମରାମତି ସମୟରେ ଗତ ୮ ତାରିଖ ଅପରାହ୍ନରେ ହଠାତ ଭାଙ୍ଗିଯାଇଥିଲା। ଏହି ବାଲକୋନି ଆପାର୍ଟମେଣ୍ଟର ତଳେ ଥିବା ଦୁଇ ଜଣ ବ୍ୟକ୍ତିଙ୍କ ଆଜବେଷ୍ଟସ ଘର ଉପରେ ପଡ଼ିଥିଲା। ଫଳରେ ଗୋଟିଏ ପରିବାରର ବାପା, ପୁଅ ଓ ନାତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଦୁଇ ପରିବାରର ଆହୁରି ୩ ଜଣ ସଦସ୍ୟ ଗୁରୁତର ଆହତ ହୋଇଥିଲେ। ମୃତକମାନେ ଥିଲେ ଅବଦୁଲ ଜଲିଲ, ତାଙ୍କ ପୁଅ ଅବଦୁଲ ଜାହିଦ ଓ ନାତି ତଥା ଜାହିଦଙ୍କ ବଡ ପୁଅ ଅବଦୁଲ ମୁଜାହିଦ। ଏହି ଘଟଣାରେ ଜଲିଲଙ୍କ ବଡ଼ ପୁଅ ଅବଦୁଲ ଜମିର କ୍ୟାଣ୍ଟନମେଣ୍ଟ ଥାନାରେ ଘଟଣାକୁ ନେଇ ଲିଖିତ ଅଭିଯୋଗ କରିଥିଲେ।

## ବସ୍ତି ବାସିନ୍ଦାଙ୍କୁ ପଟ୍ଟା ଦାବିରେ ସ୍ମାରକପତ୍ର



**କଟକ, ୨୫ ।୧୧(ସମିସ):** ମହାନଗର ନିଗମ ଅଧୀନରେ ଥିବା ବିଭିନ୍ନ ବସ୍ତିବାସିନ୍ଦାଙ୍କ ଏକ ପ୍ରତିନିଧିମଣ୍ଡଳୀ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ନେତୃତ୍ୱରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଚାରି ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସମସ୍ତ ବସ୍ତି ବାସିନ୍ଦାଙ୍କୁ କର୍ମସ୍ଥଳ ନିକଟରେ ଥଇଥାନ କରି ପଟା ଦେବା, ପୂର୍ବରୁ ସ୍ଥିରୀକୃତ ସ୍ଥାୟୀ ବସ୍ତି ବାସିନ୍ଦାଙ୍କୁ ମହାନଗର ନିଗମ ଆଇନ ଅନୁଯାୟୀ ପଟ୍ଟା ଦେବା, ବିନା ଥଇଥାନରେ ବସ୍ତି ଉଚ୍ଛେଦ ବନ୍ଦ କରିବା, ଅନ୍ୟାନ୍ୟ ସମସ୍ତ ବସ୍ତି ଯୋଜନା ଚାଲୁ କରିବା ପ୍ରମୁଖ ଦାବି କରାଯାଇଛି। ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ପ୍ରତିନିଧି ଦଳରେ ବସ୍ତି ନେତା, ଦୀପକ ଦାସ, ସ୍ୱାଧିନୀ ବେହେରା, ସୁକାନ୍ତ ନାୟକ, ବସ୍ତି ଗଙ୍ଗାଧର ପଲାଇ, ମାସୁରୀ ମୁଣ୍ଡେୟା, ବିଚିତ୍ର ପାତ୍ର, ନାରାୟଣ ମହାରଣା, ନୟନା ନାୟକ, ରବି ସିଂ, ରାଧାରାଣୀ ସାହୁ, ରିତା ଦଳାଇ ପ୍ରମୁଖ ପ୍ରତିନିଧି ଦଳରେ ଯୋଗଦେଇଥିଲେ।

## ଶୈଳବାଳା ମହିଳା କଲେଜରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**କଟକ, ୨୫।୧୧(ସମିସ):** ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ତରଫରୁ ନୂତନ ଭାବେ ଯୋଗଦେଇଥିବା ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରଫେସର ଡ ଜୀବନ ବଲ୍ଲଭ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡ଼ଃ. ପ୍ରଭାବତୀ ପଣ୍ଡା ଏବଂ କଟକ ଜିଲ୍ଲାର ରେଡକ୍ରସର କନଭେନେର୍ ସେକ୍ରେଟାରୀ ଡ. ସସ୍ମିତା ପଟ୍ଟନାୟକ ଯୋଗଦେଇଥିଲେ। ଅଧକ୍ଷ ଡଃ. ଜେନା ପିଲାମାନଙ୍କୁ ଯୁବରେଡକ୍ରସରେ ସମାଜକୁ ନୂତନ ଦିଗଦର୍ଶନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଡ. ଗାୟତ୍ରୀ କର କାର୍ଯ୍ୟକ୍ରମକୁ ପରିଚାଳନା କରିବା ସଙ୍ଗେ ସଙ୍ଗେ ଯୁବ ରେଡକ୍ରସ୍ ମାଧମରେ ସେବାକୁ ବ୍ରତ ଭାବରେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଡ. ମେନକାରାଣୀ ସାହୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପିକା, ଅଧାପକ ତଥା ଯୁବ ରେଡକ୍ରସର ନୂତନ ଏବଂ ପୁରାତନ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର



**କଟକ, ୨୫।୧୧(ସମିସ):** ମାଣିଆ ବନ୍ଧ ଜୁନିଅର କଲେଜରେ ତ୍ରି-ଦିବସୀୟ ପ୍ରଶିକ୍ଷଣ ଶିବିରରେ କଟକ କଲେଜ ରେଡ୍‌କ୍ରସ୍ ୟୁନିଟ୍ ପକ୍ଷରୁ ରଶ୍ମିରଞ୍ଜନ ମହାପାତ୍ର, ସୁନୀତା ସୋରେନ୍, ପୁଲକିତ ପ୍ରଣବ ଓ ରାଜେଶ୍ୱରୀ ପଣ୍ଡା ଯୋଗ ଦେଇଥିଲେ। ରେଡ୍‌କ୍ରସ୍ ରାଜ୍ୟ ଶାଖା ତତ୍ତ୍ୱାବଧାନରେ ଏହି ଶିବିରରେ ଜିଲ୍ଲାର ବିଭିନ୍ନ କଲେଜରୁ ବିଦ୍ୟାର୍ଥୀ ସାମିଲ ହୋଇଥିଲେ। କଲେଜ ଅଧକ୍ଷା ଡ. ଶୁଭଦର୍ଶିନୀ ମହାନ୍ତି ପ୍ରଶାସନିକ ଅଧିକାରୀ ସୁର ପ୍ରାସାଦ ତ୍ରିପାଠୀ, ରେଡ୍ କ୍ରସ୍ ଅଧିକାରୀ କୁମାର ପ୍ରଦୀପ୍ତ ମିଶ୍ର ଓ ହେଡ୍ କ୍ଲର୍କ୍ ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡା ଉପସ୍ଥିତ ଥିଲେ।

# ନିଶାମୁକ୍ତ ସମାଜ ପାଇଁ ଚାଲିଲେ ଯୁବପିଢ଼ି

**କଟକ, ୨୫।୧୧(ସମିସ):** ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଆଦର୍ଶରେ ଗଢ଼ି ଉଠିଥିବା ବିପ୍ଲବୀ ସାମାଜିକ ସଂଗଠନ ସମାଜ କଲ୍ୟାଣ ମହାସଂଘ ତରଫରୁ ନିଶାମୁକ୍ତ ଓ ସୁସ୍ଥ ସମାଜ ଗଠନ ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର 'ମର୍ଣ୍ଣିଂ ୱାକ୍' ଆୟୋଜିତ ହୋଇଯାଇଛି। ସଂଗଠନ ପକ୍ଷରୁ ଏହି ମହତ୍ କାର୍ଯ୍ୟରେ ସାମିଲ ହେବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଇଛି। କଟକର ଜବାହରଲାଲ୍ ନେହେରୁ ଇନଡୋର ଷ୍ଟାଡିୟମ୍ ଠାରୁ ପ୍ରାୟ ୨ କିଲୋମିଟର ପର୍ଯ୍ୟନ୍ତ ଏହି ମର୍ଣ୍ଣିଂ ୱାକ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ଗୋପୀନାଥ ପଣ୍ଡା ସ୍ୱେଚ୍ଛାସେବୀଙ୍କ ମାର୍ଗଦର୍ଶନ କରିଥିଲେ। ଆବାହକ ସୁବ୍ରତ କୁମାର ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି ମର୍ଣ୍ଣିଂ ୱାକ୍ କାର୍ଯ୍ୟକ୍ରମରେ ୨୫ରୁ ଅଧିକ ସ୍ୱେଚ୍ଛାସେବୀ ସାମିଲ୍ ହୋଇଥିଲେ। ଆବାଳବୃଦ୍ଧବନିତା ସମସ୍ତେ ଏହି ମହତ୍ କାର୍ଯ୍ୟରେ ସାମିଲ୍ ହୋଇ ନିଶା ବିରୁଦ୍ଧରେ ସମାଜରେ ଏକ ବିରାଟ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଥିଲେ।



**'ସମାଜ କଲ୍ୟାଣ ମହାସଂଘ'ର ନିଆରା କାର୍ଯ୍ୟକ୍ରମ**

ଉଲ୍ଲେଖଯୋଗ୍ୟ ଯେ ସମାଜ କଲ୍ୟାଣ ମହାସଂଘ ପକ୍ଷରୁ 'ଶିକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା' କ୍ଷେତ୍ରରେ ନିୟମିତ ଭାବେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

# ତମାଖୁ ଓ ଯକ୍ଷ୍ମା ସଚେତନତା

**କଟକ, ୨୫ ।୧୧(ସମିସ):** ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ୟୁପିଏଚସି) ବ୍ରଜରମ୍ଭା ଦ୍ୱାରା ଯୋବ୍ରାଠାରେ ଏକ ତମାଖୁ ଏବଂ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆଡିସନାଲ ଡିଷ୍ଟ୍ରିକ୍ଟ ଅର୍ବାନ ପବ୍ଲିକ ହେଲଥ ଅଫିସର ଡାକ୍ତର ସତ୍ୟବ୍ରତ ମହାପାତ୍ର ଏବଂ ୟୁପିଏଚସି ଅଧୀନରେ ଥିବା ୫ଟି ୱାର୍ଡର କର୍ପୋରେଟର କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକ, ବଟକୃଷ୍ଣ ସାହୁ, ସ୍ୱର୍ଣ୍ଣପ୍ରଭା ପଶାୟତ, ଝିଲି ବିହାରୀ, ଡା. ଉମେଶ ରାୟ, ଡା. ଅନୁସୟା ବେହେରା, ନେହା ରାଜପୁତ,



ଗୌତମ ସାମଲ, ଇପ୍ସିତା ମିଶ୍ର, ହେମେନ୍ଦ୍ର ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଡାକ୍ତର ସୁଭାଷଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏସସିବି କଲେଜ ଅଫ ନର୍ସିଂର ଛାତ୍ରଛାତ୍ରୀ ନାଟକ ଏବଂ ଗୀତ ମଧ୍ୟମରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଜନସ୍ୱାସ୍ଥ୍ୟ ପରିଚାଳକ ନିଗମ ସାହୁ ସଭା ପରିଚାଳନା କରିଥିବା ବେଳେ ପ୍ରତ୍ୟୁଷ ରଞ୍ଜନ ଜେନାମଣି ସହଯୋଗ କରିଥିଲେ।

## କଟକ ସିଭିଲ୍ କୋର୍ଟରେ ଚିତ୍ରାଙ୍କନ ପ୍ରତିଯୋଗିତା



**କଟକ, ୨୫।୧୧(ସମିସ):** ଓଡ଼ିଶା ହାଇକୋର୍ଟ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ଅନୁସାରେ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କଟକଙ୍କ ପର୍ଯ୍ୟବେକ୍ଷଣରେ ସିଭିଲ୍ କୋର୍ଟ ପ୍ରାଙ୍ଗଣରେ ଏକ ଦିନିକିଆ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାରେ କଟକ ଜିଲ୍ଲାର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟରୁ ମୋଟ ୨୬୪ ଜଣ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ମାନସ ରଞ୍ଜନ ବାରିକ, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଜଜ ପ୍ରିୟରଞ୍ଜନ ମିଶ୍ର, ଦ୍ୱିତୀୟ ଅତିରିକ୍ତ ସିଭିଲ୍ ଜଜ୍ (ସିନିଅର ଡିଭିଜନ୍) ସୁମିତ୍ରା ଆଚାର୍ଯ୍ୟ, ଚତୁର୍ଥ ଅତିରିକ୍ତ ସିଭିଲ୍ ଜଜ୍ (ସିନିଅର ଡିଭିଜନ୍) ଲୋପାମୁଦ୍ରା ପ୍ରକାଶ ଏବଂ ପଞ୍ଚମ ଅତିରିକ୍ତ ସିଭିଲ୍ ଜଜ୍ (ସିନିଅର ଡିଭିଜନ) ଶାନ୍ତା ସାମଲ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ ପୁରସ୍କାର ପ୍ରଦାନ କରି ଉତ୍ସାହିତ କରିଥିଲେ। କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଜଗଦୀଶ ଚନ୍ଦ୍ର ଜେନା ଓ କୋର୍ଟ ମ୍ୟାନେଜର ବସନ୍ତ ମହାନ୍ତି ସହଯୋଗ କରିଥିଲେ।

## ରାଜ୍ୟ ଟିଟି ଚାମ୍ପିଅନସିପ୍ ଉଦ୍‌ଯାପିତ

**କଟକ, ୨୫।୧୧(ସମିସ):** ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ଚାଲିଥିବା ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ସିଙ୍ଗିଲ୍ସ ଇଭେଣ୍ଟରେ କଟକର ସାର୍ଥକ ଆର୍ଯ୍ୟା ଏବଂ ମହିଳା ସିଙ୍ଗିଲ୍ସ ଇଭେଣ୍ଟରେ ନେହା କୁମାରୀ ଚାମ୍ପିଅନ ହୋଇଥିଲେ। ଭେଟେରାନ ଏବଂ ବିଭିନ୍ନ ବୟସ ବର୍ଗରେ ମଧ ସିଙ୍ଗିଲ୍ସ ଇଭେଣ୍ଟ ଆୟୋଜନ ହୋଇଥିଲା। ଓଡ଼ିଶା ଅଲିମ୍ପିକ ସଂଘ ସମ୍ପାଦକ ଅଭିଜିତ ପାଲ ମୁଖ୍ୟ ଅତିଥି ଭାବେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପୂର୍ବତନ ରାଜ୍ୟସ୍ତରୀୟ ଖେଳାଳି ପିଟିଆର ଜଗନ୍ନାଥ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଆର କ୍ରିଷ୍ଣାକୁମାର, ସୁଜିତ ରାୟ, ତପନ ଖା, ବିଜେନ ଦାସ ମହାପାତ୍ର, ଜୀବନ ବଲ୍ଲଭ ସାମଲ, କେଭିପି ରାମାରାଓ, ସୁଦୀପ ଚକ୍ରବର୍ତ୍ତୀ ମ୍ୟାଚ୍ ପରିଚାଳନା କରୁଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କଟକ, ୨୫।୧୧(ସମିସ):** ଅଭିରାମ ମଠ ନିକଟରୁ ମଧୁପାଟଣା ଥାନା ପୁଲିସ ଜଣେ ବ୍ୟକ୍ତିଙ୍କ ଶବ ଉଦ୍ଧାର କରିଛି। ପରିଚୟ ଜାଣିବା ପାଇଁ ମୃତକଙ୍କ ଫଟୋ ବିଭିନ୍ନ ଥାନାକୁ ପଠାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ଘାଟକୂଳ ନିକଟ ଅଭିରାମ ମଠ ପାଖରେ ଗଲା ରବିବାର ସନ୍ଧ୍ୟାରେ ଜଣେ ବ୍ୟକ୍ତି ଅଚେତ ଅବସ୍ଥାରେ ପଡ଼ିଥିବା ଖବର ପାଇ ମଧୁପାଟଣା ଥାନା ପୁଲିସ ତାଙ୍କୁ ଉଦ୍ଧାର କରି ଏସସିବି ମେଡିକାଲ ପଠାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କଲାପରେ ପୁଲିସ ଶବକୁ ବ୍ୟବଚ୍ଛେଦ କରାଇଛି। ମୃତ ବ୍ୟକ୍ତିଙ୍କ ବୟସ ପ୍ରାୟ ୪୦ ବର୍ଷ ହେବ। ପରିଚୟ ଜଣାପଡ଼ିନଥିବାରୁ ଏସସିବିର ଶବ ସଂରକ୍ଷଣ ଗୃହରେ ଶବକୁ ରଖାଯାଇଛି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

## ଷ୍ଟୁଆର୍ଟ ସ୍କୁଲ୍‌ର ୧୪୩ତମ ସମାବର୍ତ୍ତନ ଉତ୍ସବ

# 'ଛାତ୍ରଛାତ୍ରୀଙ୍କ ଚାପ ହ୍ରାସ ପାଇଁ ଶିକ୍ଷାନୁଷ୍ଠାନ ଉଦ୍ୟମ କରୁ'



**କଟକ, ୨୫।୧୧(ସମିସ)**

କଟକସ୍ଥିତ ଷ୍ଟୁଆର୍ଟ ସ୍କୁଲ୍‌ର ୧୪୩ତମ ସମାବର୍ତ୍ତନ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଦୁର୍ଗାପ୍ରସନ୍ନ ଚୌଧୁରୀ ମୁଖ୍ୟଅତିଥି ଭାବେ କହିଛନ୍ତି ଯେ ପ୍ରତ୍ୟେକ ଶିଶୁ ଭଗବାନଙ୍କ ବରଦାନ। ତେଣୁ ଶିଶୁ ପାଖରେ ଥିବା ଅନ୍ତର୍ନିହିତ ଗୁଣକୁ ଚିହ୍ନଟ କରି ତାହାର ବିକାଶ କରିବା ସ୍କୁଲ୍, ଶିକ୍ଷକ ଓ ଅଭିଭାବକଙ୍କ ଦାୟିତ୍ୱ। ଶିକ୍ଷାର୍ଥୀଙ୍କୁ ମାନସିକ ଚାପରୁ ଦୂରେଇ ରଖି ତା'ର ଈଶ୍ୱର ପ୍ରଦତ୍ତ ପ୍ରତିଭାକୁ ବୃଦ୍ଧି କରିବା ଦିଗରେ ବିଦ୍ୟାଳୟ କାର୍ଯ୍ୟ କରିବା ଆବଶ୍ୟକ। ସ୍କୁଲ୍‌ର ପ୍ରିନ୍ସିପାଲ୍ ଡି. ମାର୍ଟିନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବର୍ତ୍ତନ ଉତ୍ସବରେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ତଥା ସ୍କୁଲ୍‌ର ପୁରାତନ ଛାତ୍ର ସୁବୀର ପାଲିତ୍ ଯୋଗ ଦେଇଥିଲେ। ସେ ପୂର୍ବ ସ୍ମୃତିଚାରଣ କରି କହିଥିଲେ ଯେ ସେଦିନର ସ୍କୁଲ୍ ଠାରୁ ଆଜିର ସ୍କୁଲ୍ ବହୁ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ଯାହା ତାଙ୍କୁ ଗୌରବାନ୍ୱିତ କରିଛି। ସ୍କୁଲ୍‌ର ଅଧକ୍ଷ ରେଭେରେଣ୍ଡ ଏସ୍.କେ. ନନ୍ଦ ପ୍ରାରମ୍ଭିକ ସୂଚନା ଦେଇଥିବାବେଳେ ସମ୍ପାଦକ ଡ. ରଶ୍ମିରେଖା ସେନାପତି ସ୍ୱାଗତ ଭାଷଣ ଦେଇ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ କଟକ ଡାୟୋସିସ୍‌ର ସମ୍ପାଦକ ସମରେନ୍ଦ୍ର ପରମାଣିକ୍, ଡାୟୋସିସିଆନ୍ ବୋର୍ଡ ଅଫ୍ ଏଜୁକେସନ୍‌ର ମୁଖ୍ୟ ପ୍ରଶାସନିକ ଅଧିକାରୀ ଏଫ୍. ସି. ନର୍ଥ ମଞ୍ଚାସୀନ ଥିଲେ। ସ୍କୁଲ୍‌ର ଟ୍ରଷ୍ଟି ବିଭୁଦତ୍ତ ଦାସ ଓ ସ୍କୁଲ୍‌ର ଆଇନ ପରାମର୍ଶଦାତା ଆଇନଜୀବୀ ପ୍ରସନ୍ନ କୁମାର ନନ୍ଦ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସ୍କୁଲ୍‌ର ସଂଯୋଜିକା ରେଶ୍ମା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୨୪-୨୫ ଶିକ୍ଷାବର୍ଷରେ ଆଇଏସ୍‌ସି (ଦ୍ୱାଦଶ ଶ୍ରେଣୀ)ର ଟପର୍ ଭାବରେ ହ୍ୟୁମାନିଟିସ୍ ବିଭାଗରେ ଜଷ୍ଟିନ୍ ଯୋଜି ଆଲେଜାଣ୍ଡାର, ବାଣିଜ୍ୟ ବିଭାଗରେ ଶୋହେବ ଅଖତର, ବିଜ୍ଞାନ ବିଭାଗରେ କୁମାରୀ ଅକ୍ଷସିତା ଜେନେଫା ବେହେରା ଏବଂ ଆଇସିଏସ୍‌ଇ (ଦଶମ ଶ୍ରେଣୀ) ଟପର୍ ଭାବରେ କୁମାରୀ ତନିଶା ନାୟକ ମୁଖ୍ୟଅତିଥି ଜଷ୍ଟିସ୍ ଚୌଧୁରୀଙ୍କଠାରୁ ପୁରସ୍କୃତ ହୋଇଥିଲେ। ସ୍କୁଲ୍‌ର ସମ୍ପାଦିକା ମୁଖ୍ୟଅତିଥିଙ୍କୁ ନେତାଜୀ ସୁଭାଷ ବୋଷଙ୍କ ୧୯୦୨ ମସିହାର ସ୍କୁଲ୍ ଆଡ୍‌ମିଶନ୍ ରେକର୍ଡକୁ ସ୍ମୃତି ଉପହାର ଭାବରେ ପ୍ରଦାନ କରିଥିଲେ।



● ଦୁଇ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣା

# ଗୋପବନ୍ଧୁନଗରର ୩ ଆକ୍ରମଣକାରୀ ଗିରଫ

ଜୟପୁର,୨୫ ।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଦୁଇ ସାହି ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ଆଜି ଗୋପବନ୍ଧୁ ନଗର ଅଞ୍ଚଳର ୩ ଜଣ ଅଭିଯୁକ୍ତ ଆକ୍ରମଣକାରୀଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି । ଗିରଫ ୩ ଜଣ ହେଲେ ଅଭିଯୁକ୍ତ ରମେଶ ମାଛ(୨୩), ରାଜୀବ ଖୋସ୍ଲା(୨୧), ହରି ନାଗ (୨୮) । ପ୍ରକାଶ ଯେ, ଗତ ଶୁକ୍ରବାର ଅପରାହ୍ନରେ ଏକ ପାରିବାରିକ ବିବାଦକୁ ନେଇ ସ୍ଥାନୀୟ ଗୋପବନ୍ଧୁନଗର ଓ ବାପୁଜୀନଗର ଦୁଇଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ପରସ୍ଥିତି ସୃଷ୍ଟି ହେବା ସହିତ ଗଣ୍ଡଗୋଳ ହୋଇଥିଲା । ଏଥିରେ ଉଭୟ ସାହିର ପୁରୁଷ ଓ ମହିଳାମାନେ ପଥର, ଠେଙ୍ଗା ଏବଂ ବିଭିନ୍ନ ମାରଣାସ୍ତ୍ର ଧରି ଆକ୍ରମଣ ଓ ପ୍ରତିଆକ୍ରମଣ କରିଥିଲେ । ଏଥିରେ ପ୍ରାୟ ୫ ଜଣ ଗୁରୁତର ଆହାତ ହୋଇଥିବା ବେଳେ ଅନ୍ୟାନ୍ୟ ଦୁଇ ସାହି ବାସିନ୍ଦା ସାମାନ୍ୟ ଆହତ ହୋଇଥିଲେ । ଗତକାଲି ଟାଉନଥାନା ପୁଲିସ ବାପୁଜୀନଗରର ୨ ଜଣ ନାବାଳକଙ୍କ ସମେତ ସମୁଦାୟ ୧୩ ଜଣଙ୍କୁ ଗିରଫ କରିଥିଲେ । ଉଭୟ ସାହିର ସମୁଦାୟ ୬୦ରୁ ଉର୍ଦ୍ଧ୍ୱ ଆକ୍ରମଣକାରୀ ସାମିଲ ରହିଥିବା ନେଇ ପରସ୍ପର ବିରୋଧରେ ଦୁଇଟି ପୃଥକ ପୃଥକ ମାମଲା ରୁଜୁ ହୋଇଥିଲା ।

# ମାର୍ଗଶୀର ଶେଷ ଗୁରୁବାର ; ରାତିରେ ବିକ୍ରି ହେଉଛି ପୂଜାସାମଗ୍ରୀ



ଜୟପୁର,୨୫।୧୧(ସମିସ): ଆସନ୍ତା ମାର୍ଗଶୀର ମାସର ଶେଷ ଗୁରୁବାର ପାଇଁ ମଙ୍ଗଳବାର ଠାରୁ ଜୟପୁର ସହରରେବଜାରଚଳଚଞ୍ଚଳହୋଇଯାଇଛି ।ମଙ୍ଗଳବାର ପୂର୍ବାହ୍ନରେ ବିଭିନ୍ନ ଫଳ, ପନିପରିବା, ଫୁଲ ରାସ୍ତା ପାଶ୍ୱର୍ରେ ଦୋକାନୀମାନେ ଦୈନିକ ବଜାର, ମୁଖ୍ୟରାସ୍ତା, ରାଜନହର ଛକ, ଏମ୍‌ଜି ରୋଡ ପ୍ରଭୃତି ସ୍ଥାନରେ ଉଠାଦୋକାନ ଖୋଲିଥିବାବେଳେ ଗ୍ରାହକମାନେ କ୍ରୟ କରିବାକୁ ଭିଡ ଜମାଇଥିଲେ । ଜୟପୁର ସହରରେ ମଙ୍ଗଳବାର ଓ ବୁଧବାର ରାତିସାରା ସ୍ଥାନୀୟ ସୌରା ସାହି ଛକ ଠାରୁ କଣ୍ଡରା ସାହି ଛକ ପର୍ଯ୍ୟନ୍ତ ସ୍ଥାନୀୟ ମୁଖ୍ୟରାସ୍ତାରେ ଆଖପାଖ ଗ୍ରାମାଞ୍ଚଳର ମହିଳା ଓ ପୁରୁଷ ଆଦିବାସୀ ସମ୍ପ୍ରଦାୟର ବିକାଳିମାନେ ଶୀତ କାକରକୁ ଖାତିର ନ କରି ବିଭିନ୍ନ ଶାଲ ଓ ଚାଦର ଘୋଡାଇ ସାଧାରଣ ଲୋକଙ୍କ ପୂଜାପାଇଁ ଦୋକାନ ବଜାର ଖୋଲିଥିବା ଦେଖିବାକୁ ମିଳିଛି । ଏଥିରେ ଗୁରବାର ପୂଜା ପାଇଁ ବ୍ୟବହୃତ ଆମ୍ବଡାଳ ଏବଂ ପୂଜା ପାଇଁ ଅନ୍ୟାନ୍ୟ ଗଛର ଡାଳ ସମେତ କୋଦଳୀ ପତ୍ର, ଗେଣ୍ଡୁ, ସେବତୀ. ଡାଲିଆ, ପଦ୍ମ, ସେବତୀ ଭଳି ବିଭିନ୍ନ ଫୁଲ, ଫଳରେ କୋଦଳୀ, ଆଖୁ, କମଳା, ସାକରକନ୍ଦା ଏବଂ ଅନ୍ୟାନ୍ୟ ପନିପରିବା ବିକ୍ରି କରିଥାଆନ୍ତି । ରାତିରେ ମଧ୍ୟ ଗ୍ରାହକମାନେ ସେମାନଙ୍କଠାରୁ ପୂଜା ସାମଗ୍ରୀ କ୍ରୟ କରୁଥିବା ଦେଖିବାକୁ ମିଳିଛି ।

# ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ 'ମଣ୍ଡେଇ' ଉଦ୍‌ଘାଟିତ





ନବରଙ୍ଗପୁର/ଉମରକୋଟ,୨୫।୧୧(ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅଧୀନ ଐତିହାସିକ ପୋଡାଗଡ଼ ଭୈରବ ପୀଠଠାରେ ଜିଲ୍ଲାସ୍ତରୀୟ ଲୋକ ମହୋତ୍ସବ 'ମଣ୍ଡେଇ' ଉଦ୍‌ଘାଟିତ ହୋଇଯାଇଛି । ଏହି ଉଦଘାଟନ ଉତ୍ସବରେ ରାଜ୍ୟ ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ ବାବା ଭୈରବ ପୀଠରେ ଆଦିବାସୀ ରୀତି ନୀତି ଅନୁସାରେ ପୂଜାର୍ଚ୍ଚନା କରିଯିବା ସହ ଲାଠି,କୁର୍ଣ୍ଣୀ, ବିମାନ ସହ ଏକ ବିଶାଳ ଶୋଭାଯାତ୍ରାରେ ମଶାଲଯାତ୍ରା ବାହାରି ସଭା ସ୍ଥଳରେ ପହଞ୍ଚିଥିଲା । ଏହି ଅବସରରେ ଅତିଥିଙ୍କ ଦ୍ୱାରା ଲୋକ ମହୋତ୍ସବ 'ମଣ୍ଡେଇ'ର ପୋଷ୍ଟର ଉନ୍ମୋଚନ କରାଯାଇଥିଲା । ଅଞ୍ଚଳର ଲୁକ୍କାୟିତ ହୋଇ ରହିଥିବା ଆଦିବାସୀ ଲୋକ କଳା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବାକୁ ଏହି ମଣ୍ଡେଇ ପର୍ବ ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ପାଳନ କରାଯାଇଥାଏ । ତେଣୁ ରାଜ୍ୟ ସରକାର ଏହାକୁ ଆଗକୁ ନେବାକୁ ଅନେକ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ । ସେହିପରି ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଐତିହାସିକ ପୋଡାଗଡ଼ ପୀଠର ବିକାଶ ପାଇଁ ଏକ କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ । ଏହି ଉଦଘାଟନ ଉତ୍ସବରେ ନବରଙ୍ଗପୁର ଜିଲ୍ଲାର ସମସ୍ତ ବିଧାୟକ, ବିଜେପି ରାଜ୍ୟ ଉପସଭାପତି ରମେଶ ଚନ୍ଦ୍ର ସାହୁ, ପ୍ରତିନିଧି ଯୋଗ ଦେବା ସହ ଶୁଶିଳା ମାଝୀ, ଭଣ୍ଡାରିଗୁଡା ସମିତି ସଭ୍ୟ ହରି ମୋହନ ଭତ୍ରା, ଏମ୍‌ପି ପ୍ରତିନିଧି ରାମ ନାୟକ, ମନ୍ତ୍ରୀ ପ୍ରତିନିଧି ଅଶୋକ କୁମାର ପାତ୍ରୀ, କାଜମ ମାଦାନୀ, ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ବିଶ୍ୱଜିତ ବର୍ମନ, ଅତିରିକ୍ତ ଜିଲ୍ଲାପାଳ ତପନ

**➤ ପୋଡ଼ଗଡ଼ର ବିକାଶ ପାଇଁ ଏକ କୋଟି ଅନୁଦାନ ଘୋଷଣା**
**➤ ସାଇଲୋଡି ଗୀତର ତାଳେ ତାଳେ ନାଚିଲେ ଜନ ପ୍ରତିନିଧି ଓ ଅଧିକାରୀ**

କୁମାର ଖୁଣ୍ଟିଆ, ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ବିଡ଼ିଓ ମନୋଜ କୁମାର ମେହେର, ପୌର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ପ୍ରମୁଖ ଉପସ୍ଥିତ ଥିଲେ । ପଞ୍ଚାୟତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, ପୌର ପରିଷଦର ସମସ୍ତ ଅଧିକାରୀଙ୍କ ସହ ସମସ୍ତ ବିଭାଗର ସରକାରୀ ଅଧିକାରୀମାନେ ଉପସ୍ଥିତି ଥିଲେ । ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଚନ୍ଦନା ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ ।

ଅଦିବାସୀ ନୃତ୍ୟ ସାଇଲୋଡି ଗୀତର ତାଳେ ତାଳେ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ ନାଚିବା ସହ ଲୋକଙ୍କ ମନୋରଞ୍ଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ,ମନୋରଞ୍ଜନ ତ୍ରିପାଠୀ, ଜିଲା ପରିଷଦ ସଭ୍ୟା ଡାଳିମ୍ବ ମାତ୍ରା, ଜିଲା ପରିଷଦ ସଭ୍ୟା ଚନ୍ଦନ ରାୟ, ପୌର ପରିଷଦ ଅଧକ୍ଷା ରାଧାଭତ୍ରା, ବ୍ଲକ୍ ଅଧକ୍ଷା

## ଟ୍ରକ୍-କାର ଧକ୍କା; ଡ୍ରାଇଭର ଗୁରୁତର

କୋରାପୁଟ,୨୫।୧୧(ସମିସ): କୋରାପୁଟ ସହର ନିକଟସ୍ଥ ଡିଏଭି ମହାବିଦ୍ୟାଳୟ ନିକଟରେ ଏକ ଟ୍ରକ ସହ କାରର ଧକ୍କା ହେବା ଫଳରେ କାର ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ଘଟାଇଥିବା ଟ୍ରକଟି ଫେରାର ହୋଇଯାଇଛି । ସୂଚନାନୁଯାୟୀ, ସନ୍ଧ୍ୟା ପ୍ରାୟ ୫ ଟା ସମୟରେ ସ୍ଥାନୀୟ ସରକାରୀ ଡ଼ିଏଭି ମହାବିଦ୍ୟାଳୟ ନିକଟ ୨୬ ନମ୍ବର ଜାତୀୟ ରାଜପଥ ଉପରେ କୋରାପୁଟ ପଟୁ ଏକ ଟ୍ରକ ସୁନାବେଡା ଯାଉଥିବା ବେଳେ ବିପରୀତ ଦିଗରୁ ମଧ୍ୟ ଏକ ଟ୍ରକ କୋରାପୁଟ ଆଡେ ଆସୁଥିଲା । ଏହି ସମୟରେ ଏକ କାର ଓଭର ଟେକ କରି ଯିବା ପାଇଁ ଉଦ୍ୟମ କରିଥିବା ବେଳେ କାର-ଟ୍ରକ୍ ମଧ୍ୟରେ ଦୁର୍ଘଟଣା ହୋଇଥିଲା । ଏଥିରେ ବସିଥିବା ଡ୍ରାଇଭର ଗୁରୁତର ଆହତ ହୋଇଥିବା କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି ।

## ପୂର୍ବତନ ବ୍ଲକ୍ ଅଧକ୍ଷଙ୍କ ପରଲୋକ



କୋଟପାଡ,୨୫।୧୧(ସମିସ): କୋଟପାଡ଼ ଓକିଲ ସଙ୍ଘର ବରିଷ୍ଟ ଓକିଲ ତଥା ଓକିଲ ସଙ୍ଘର ପୂର୍ବତନ ସଭାପତି, କୋଟପାଡ଼ ବ୍ଲକ୍‌ର ପୂର୍ବତନ ଅଧକ୍ଷ ପ୍ରକାଶ ଚନ୍ଦ୍ର ରଥଙ୍କ ପରଲୋକ ହୋଇଯାଇଛି । ସେ କିଛି ଦିନ ତଳେ ଗୁରୁତର ହେବାରୁ ଜୟପୁର ଉଷା ମେଡିକାଲରେ ଚିକିତ୍ସିତ ହେଉଥିଲେ । ଚିକିତ୍ସାଧୀନ ଅବସ୍ଥାରେ ମେଡିକାଲରେ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା । କୋଟପାଡ଼ କଂଗ୍ରେସ ଦଳର ସଦସ୍ୟ ଥାଇ କୋଟପାଡ଼ ବ୍ଲକରେ ପ୍ରଥମେ ବ୍ଲକ୍ ଅଧକ୍ଷ, ପରବର୍ତ୍ତୀ ସମୟରେ କୋଟପାଡ଼ ଓକିଲ ସଂଘର ସଭାପତି, କୋଟପାଡ଼ ଶ୍ରୀ ଅରବିନ୍ଦ ଯୋଗାଳୟର ସଭାପତି ରହିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପୁତ୍ର, କନ୍ୟା ଓ ପରିବାର ସଦସ୍ୟ ଉପସ୍ଥିତ ଥିଲେ । କୋଟପାଡ଼ ଏନ୍‌ଏସି ଅଧକ୍ଷ ଶଙ୍କର ରାଓ, କଂଗ୍ରେସ ବ୍ଲକ୍ ସଭାପତି ମନୋହର ବିଶୋଇ, ପୂର୍ବତନ ବିଧାୟକ ଚନ୍ଦ୍ର ଶେଖର ମାଝୀ, ଓକିଲ ସଂଘର ସଦସ୍ୟଙ୍କ ଉପସ୍ଥିତିରେ ସଭାପତି ମଣି ପଟ୍ଟନାୟକ ପୂର୍ବତନ ସଭାପତି ପଙ୍କଜ କୁମାର ପାତ୍ର, ଜିତେନ୍ଦ୍ର ନାଥ ମହାପାତ୍ର, ପ୍ରଦୀପ ବକ୍ସି, ସମ୍ପାଦକ ମୁକ୍ତେଶ୍ୱର ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ଡ୍ୟାମ୍ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

■ ରାଜ୍ୟରେ କୋଲବ ଡ୍ୟାମରୁ କାର୍ଯ୍ୟକ୍ରମର ଶୁଭାରମ୍ଭ



ଜୟପୁର,୨୫ ।୧୧(ସମିସ): କୋରାପୁଟ ଜିଲ୍ଲା କୋଲାବ ବହୁମୁଖୀ ନଦୀରେ ନିର୍ମାଣ ହୋଇଥିବା ଡ୍ୟାମ୍ ସୁରକ୍ଷାକୁ ବିଭିନ୍ନ କମ୍ୟୁନିଟି ସଚେତାନତା କାର୍ଯ୍ୟକ୍ରମ ସ୍ଥାନୀୟ କୋଲାବ ବହୁମୁଖୀ ପ୍ରକଳ୍ପ ଡେମ୍ ନିକଟରେ ଆୟୋଜିତ ହୋଇଥିଲା । ରାଜ୍ୟରେ କୋରାପୁଟ କୋଲବ ଇରିଗେସନ ବିଭାଗର ଡେମରୁ ରାଜ୍ୟର ଡ୍ୟାମ ସୁରକ୍ଷା ନେଇ ପ୍ରଥମ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି । କୋଲବ ଏବଂ ଇନ୍ଦ୍ରାବତୀ ଇରିଗେସନ ବିଭାଗ ମୁଖ୍ୟ ଯନ୍ତ୍ରୀ ଯୁଗୋଳ କିଶୋର ଖଟୁଆଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ଜଳ ପରିଚାଳନା ବିଭାଗର ଜାତୀୟ ଡେମ ସୁରକ୍ଷା ପ୍ରାଧିକରଣର (ଏନଡିଏସଏ) କେନ୍ଦ୍ର ନିର୍ଦ୍ଦେଶକ ମହେନ୍ଦ୍ର ସିଂ ବର୍ମା ଯୋଗଦେଇ କହିଥିଲେ, କୌଣସି କାରଣରୁ ଡେମ ଗୁଡିକରୁ ଜଳ ନିଷ୍କାସନ ସମୟରେ ତଳମୁଣ୍ଡରେ ଜଳ ନିଷ୍କାସିତ ନଦୀରେ ଜଳର ଉଚ୍ଚତା ଏବଂ ସ୍ରୋତ ବୃଦ୍ଧି ପାଇଥାଏ । ତେଣୁ ନଦୀ କୂଳରେ ବସବାସ କରୁଥିବା ଗ୍ରାମବାସୀ ଓ ବସ୍ତି ଅଞ୍ଚଳର ଲୋକମାନେ କିଭଳି ସୁରକ୍ଷିତ ଅଞ୍ଚଳକୁ ବିସ୍ଥାପିତ ହେବେ ସେନେଇ ସଚେତନତା କରିଥିଲେ । ଏଥିସହ ଦେଶର ସମସ୍ତ ଡେମ୍ ସୁରକ୍ଷିତ ରହିଛି ବୋଲି ସେ କହିଥିଲେ । ସେହିପରି ରାଜ୍ୟର ମୁଣ୍ଡଳୀଠାରେ ରହିଥିବା ଜାତୀୟ ବିପର୍ଯ୍ୟସ୍ତ ପରିଚାଳନା ଫୋର୍ସ (ଏନଡିଆରଏଫ) ୩ୟ ବାଟାଲିୟନର କମାଣ୍ଡେଣ୍ଟ ନଗେନ୍ଦ୍ର ଶର୍ମା ଯୋଗଦେଇ ଏନଡିଆରଏଫ ଏବଂ ରାଜ୍ୟର ଉଦ୍ଧାରକାରୀ ସଂସ୍ଥା ସବୁବେଳେ ପ୍ରସ୍ତୁତ ରହୁଥାଆନ୍ତି । ତେଣୁ କୌଣସି ଆପତକାଳରେ ପୀଡିତ ଲୋକମାନଙ୍କୁ ସ୍ଥଳ କିମ୍ବା ଆକାଶ ମାର୍ଗରୁ ମଧ୍ୟ ଉଦ୍ଧାର କାର୍ଯ୍ୟ କରାଯିବାର କ୍ଷମତା ରହିଛି ବୋଲି କହିଥିଲେ । ସିପିଏମ୍‌ୟୁର ଉପନିର୍ଦ୍ଦେଶକ ବିକ୍ରମ ପାତ୍ର, ଭାରତୀୟ ଜଳବାୟୁ ସୂଚନା ବିଭାଗର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ । କୋଲାବ ଇରିଗେସନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାରମ୍ଭରୁ ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଶିବ ପ୍ରସାଦ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଏହି ଅବସରରେ ତଳମୁଣ୍ଡରେ ବସବାସ କରୁଥିବା ବିଭିନ୍ନ ପାଣିପଞ୍ଚାୟତର ସଦସ୍ୟ, ସ୍ୱେଚ୍ଛାସାବୀ ଅନୁଷ୍ଠାନ, ନଦୀକୂଳରେ ବସବାସ କରୁଥିବା ଗ୍ରାମବାସୀ ଉପସ୍ଥିତ ଥିଲେ । କୋଲାବ ଇରିଗେସନ ବିଭାଗର ସମସ୍ତ ଯନ୍ତ୍ରୀ ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

# ବସ୍‌ଷ୍ଟାଣ୍ଡରୁ ଅସହାୟ ବୃଦ୍ଧା ଉଦ୍ଧାର



କୋରାପୁଟ,୨୫।୧୧(ସମିସ): କୋରାପୁଟ ବସଷ୍ଟାଣ୍ଡରୁ ସଖୀ କେନ୍ଦ୍ର କର୍ମଚାରୀମାନଙ୍କ ଦ୍ୱାରା ମଣି ମାଝୀ ନାମକ ଜଣେ ବୃଦ୍ଧାଙ୍କୁ ଉଦ୍ଧାର କରି କେନ୍ଦ୍ରକୁ ନିଆଯାଇଛି । ବୃଦ୍ଧାଙ୍କ କହିବା ଅନୁଯାୟୀ, ସେ ଜୟପୁର ଇରିଗେଶନ କଲୋନୀରେ ରହୁଥିଲେ । ସ୍ୱାମୀ ମଧୁ ମାଝୀ କିଛି ବର୍ଷ ତଳେ ମୃତ୍ୟୁ ବରଣ କରିଛନ୍ତି । ପୁଅ ଝିଅ କେହି ନଥିବାରୁ ସେ ଏକ ଜରି ଘରେ ରହିଆସୁଥିଲେ । ତାଙ୍କୁ ପ୍ରତିମାସରେ ଭତ୍ତା ମିଳୁଥିବା ବେଳେ ସରକାରଙ୍କ ତରଫରୁ ମାସକୁ ୫ କେଜି ଚାଉଳ ମିଳୁଛି । ତାହା ଆବଶ୍ୟକ ମେଣ୍ଟାଉ ପାରୁ ନଥିବାରୁ ସେ ପର ଘରେ କାମକରି ପେଟ ପୋଷୁଥିଲେ । କିଛିଦିନ ହେବ ଅସୁସ୍ଥତା କାରଣରୁ ସେ ଆଉ କାମ କରିପାରୁନଥିବାରୁ ଚଳିବା କଷ୍ଟକର ହୋଇପଡିଛି । ଏନେଇ ଜୟପୁର ପୌର ପରିଷଦରେ ଚାଉଳ କିଛି ଅଧିକ ଦେବାକୁ ନିବେଦନ କରି ବିଫଳ ହେବାରୁ କେଉଁଠି ଏକ ଆଶ୍ରୟ ସ୍ଥଳରେ ରହି ବାକି ଜୀବନ ବିତାଇବା ପାଇଁ ମନସ୍ତ କରିଥିଲେ । ଏହା ମଧ୍ୟରେ କେହିଜଣେ ତାଙ୍କୁ କୋରାପୁଟ ଗଲେ ସୁବିଧା ମିଳିଯିବ କହିବାରୁ ସମ୍ପୃକ୍ତ ବୃଦ୍ଧା କୋରାପୁଟ ଆସି ବସଷ୍ଟାଣ୍ଡରେ ବସିଥିବା ବେଳେ କିଛି ଗଣମାଧ୍ୟମ ପ୍ରତିନିଧି ତାଙ୍କୁ ଦେଖି ପଚାରା ଉଚରା କରିବା ପରେ ଘଟଣା ଜଣାପଡିଥିଲା । ପରେ ସଖୀ କେନ୍ଦ୍ରର କର୍ମଚାରୀ ଜୁଲି ମଲିକ, ନମିତା ଖେମୁଣ୍ଡ, ରାମେଶ୍ୱର ହନ୍ତାଳ, ଡାନିଏଲ ମହାନନ୍ଦିଆ ତାଙ୍କୁ ସାଙ୍ଗରେ ସଖୀ କେନ୍ଦ୍ରକୁ ନେଇଛନ୍ତି । ସେଠାରେ ତାଙ୍କର ରହିବାର ଉତ୍ତମ ବ୍ୟବସ୍ଥା କରାଯିବ ବୋଲି ସଖୀ କେନ୍ଦ୍ର ପରିଚାଳକ ସସ୍ମିତା ଦାସ ସୂଚନା ଦେଇଛନ୍ତି ।

ଚୋରା ବାଲି ସୌରତକୁ ବିଧାୟକଙ୍କ ଗସ୍ତ

# ଦୁଇ ବେଆଇନ ଗାଡିକୁ କଲେ ଜବତ



କୋଷାଗୁମୁଡା,୨୫।୧୧(ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକର ଛତିଶଗଡ଼ ସୀମାନ୍ତ ବରଗାଁ, ପଥରଖଣ୍ଡି, ଉକିଆଗୁଡ଼ା, ଆଲୁପଦର ଓ ଆଡ଼ଁଳି ଦେଇ ପ୍ରବାହିତ ଭାସ୍କେଲ ନଦୀରୁ ଦୈନିକ ଶହ ଶହ ଟ୍ରାକ୍ଟର, ଟିପର୍, ହାଇଓ୍ୱାରେ ପଡ଼ୋଶୀ ଛତିଶଗଡ଼କୁ ବାଲି ଚାଲାଣ କରାଯାଉଛି । ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି । ଯାହା ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି । ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ କୋଷାଗୁମୁଡ଼ା ବ୍ଲକ ଗସ୍ତରେ ଯାଇଥିବା ବେଳେ ଗ୍ରାମବାସୀମାନେ ବେଆଇନ ବାଲି ଚାଲାଣ ସଂପର୍କରେ ଅବଗତ କରିଥିଲେ । ଏହାପରେ ବିଧାୟକଙ୍କ ଉପସ୍ଥିତିରେ ଖଣି ବିଭାଗ ଚଢ଼ଉ କରି ନଦୀଘାଟରୁ ପ୍ରୋକଲିନ୍ ଓ ଟିପର୍ ଜବତ କରିଥିଲା । କୋଷାଗୁମୁଡ଼ା ବ୍ଲକର ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀରେ ଯଥେଷ୍ଟ ପରିମାଣର ବାଲି ରହିଥିଲେ ମଧ୍ୟ ଖଣିଜ ବିଭାଗ ଏଠାରେ ବାଲିଘାଟ ନିଲାମ କରୁନାହିଁ । ଏହାର ଫାଇଦା ବାଲି ମାଫିଆମାନେ ଉଠାଇ ବାଲିଘାଟରୁ ଦୈନିକ ଶହ ଶହ ଗାଡ଼ିରେ ବାଲି ବୋଝେଇ କରି ପଡ଼ୋଶୀ ଛତିଶଗଡ ସମେତ ଓଡ଼ିଶାର ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି । ବାଲି ଚୋରାଚାଲାଣ ରୋକିବା ସକାଶେ ଥାନା ଅଧିକାରୀ ଏବଂ ତହସିଲଦାର କମିଟିରେ ରହିଥିବାବେଳେ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ତେଣୁ ବିଧାୟକ ଶ୍ରୀ ମାଝୀ କୋଷାଗୁମୁଡ଼ା ବ୍ଲକରେ ବିଭିନ୍ନ ଜନହିତକର ଯୋଜନାର ସମୀକ୍ଷା ଏବଂ କ୍ଷେତ୍ର ପରିଦର୍ଶନ କରୁଥିବା ବେଳେ ଗ୍ରାମବାସୀମାନେ ଅଭିଯୋଗ କରିଥିଲେ । ଏହାପରେ ବିଧାୟକ ଶ୍ରୀ ମାଝୀ ନଦୀରେ ଅଣ୍ଟେ ପାଣିରେ ପଶି ବାଲିଘାଟକୁ ଯାଇଥିଲେ । ବିଧାୟକଙ୍କ ସହ କୋଷାଗୁମୁଡା ବିଡିଓ ଆଶିଷ ତ୍ରିପାଠୀ ମଧ୍ୟ ଉକ୍ତ ସ୍ଥଳରେ ଉପସ୍ଥିତ ଥିଲେ । ପରେ ତହସିଲଦାର ତୁଳା ମୁଦୁଲି, କୋଷାଗୁମୁଡ଼ା ପୁଲିସ ଓ ବଡ଼ଆମ୍ବଡ଼ା ପାଣ୍ଡି ଅଧିକାରୀ ଲଳିତ କୁମାର ପଣ୍ଡା, କୋଡ଼ିଙ୍ଗାରେ ଥିବା କନିଷ୍ଠ ଖଣିଅଧିକାରୀ ନରେନ୍ଦ୍ର କୁମାର ବିଶ୍ୱାଳ ଓ ସୁଧିର କୁମାର ପ୍ରଧାନଙ୍କୁ ଡାକିଥିଲେ । ବାଲି ଚାଲାଣର ରୟାଲଟି କିମ୍ବା କାଗଜପତ୍ର ବାଲି ବୋଝେଇ କରିଥିବା ଗାଡ଼ି ଡ୍ରାଇଭରମାନେ ଦେଖାଇ ପାରିନଥିଲେ । ଏପରିକି ପ୍ରୋକଲିନ୍ ଓ ଟିପରର କାଗଜପତ୍ର ବି ନଥିବା ଯାଞ୍ଚ ବେଳେ ଜଣାପଡିଥିଲା । ବିଧାୟକ ତ୍ୱରିତ ପଦକ୍ଷେପ ନେଇଥିବାରୁ ଖଣି ଅଧିକାରୀ ଓ ଅନ୍ୟ ଅଧିକାରୀଙ୍କ ପାଦ ପଡ଼ିଲା ବୋଲି ଗ୍ରାମବାସୀମାନେ କହିଛନ୍ତି । ଅନ୍ୟ ବାଲିଘାଟରେ ମଧ୍ୟ ଚଢ଼ଉ କରି ବେଆଇନ୍ ବାଲି ଚାଲାଣକୁ ରୋକିବାକୁ ବିଧାୟକ ଶ୍ରୀ ମାଝୀ ନିର୍ଦ୍ଦେଶ ଦେଇଛନ୍ତି ।

# ଭଦ୍ରଗଡରୁ ନାଗେଶ୍ୱରି ପାହାଡ଼ ଉପରକୁ ରାସ୍ତା ନିର୍ମାଣକୁ ନା !

● ବିଡ଼ିଓ, ତହସିଲଦାର, ସରପଞ୍ଚଙ୍କ ହସ୍ତକ୍ଷେପ ପରେ ବି ଅମଙ୍ଗ ଗ୍ରାମବାସୀ



ନନ୍ଦପୁର,୨୫।୧୧(ସମିସ): ବହୁ ଚର୍ଚ୍ଚିତ ନାଗେଶ୍ୱରୀ ପାହାଡ଼ ଉପରକୁ ଯାତାୟାତ ପାଇଁ ନିର୍ମାଣ ହୋଇଥିବା ରାସ୍ତାର ମରାମତି ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟବରାଦ କରିଥିବା ବେଳେ ବର୍ତ୍ତମାନ ନାଗେଶ୍ୱରି ପାହାଡ଼ ଉପର ରାସ୍ତା ମରାମତି ନେଇ ବିବାଦ ଦେଖା ଦେଇଛି । ରାସ୍ତା ନିର୍ମାଣକୁ ସ୍ଥାନୀୟ ଭଦ୍ରଗଡ଼ ଗ୍ରାମବାସୀ ବିରୋଧ କରିଛନ୍ତି । ସୂଚିତ ଯେ, ବାଡେଲ ଠାରୁ ନଗେଶ୍ୱରି ପାହାଡ଼ ଉପରକୁ ସଂଯୋଗ ହୋଇଥିବା ରାସ୍ତାର ଦୟନୀୟ ଅବସ୍ଥା ନେଇ ଅଞ୍ଚଳବାସୀଙ୍କ ବହୁବାର ଦାବି ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବ୍ୟୟ ଅଟକଳ ହୋଇଥିଲା । ପ୍ରାୟ ୧୦ କୋଟି ଟଙ୍କାର ବ୍ୟୟ ବରାଦରେ ମୋଟ ୧୧ କିମି ରାସ୍ତାର ଉନ୍ନତି ନିମନ୍ତେ ଅର୍ଥ ମଞ୍ଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ହେଲେ ଭଦ୍ରଗଡ ଠାରୁ ନଗେଶ୍ୱରି ପାହାଡ଼ ମୁଣ୍ଡି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ଯୋଗୁଁ ଭଦ୍ରଗଡ ଗ୍ରାମବାସୀ ହଟହଟା ହେବା ପରେ ସେମାନେ ରାସ୍ତା ନିର୍ମାଣକୁ ବିରୋଧ କରିଥିଲେ । ଏହା ଜାଣିବା ପରେ ମଙ୍ଗଳବାର ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ତହସିଲଦାର ଦେବବ୍ରତ ମହାରଣା ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଜୟନ୍ତ କୁମାର ମହନ୍ତ ପ୍ରମୁଖ ଭଦ୍ରଗଡ ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ହେଲେ ଦୀର୍ଘ ଘଣ୍ଟା ଧରି ଗ୍ରାମବାସୀଙ୍କ ଆଲୋଚନା ପରେ ମଧ୍ୟ ଭଦ୍ରଗଡଠାରୁ ପାହାଡ଼ ଉପରକୁ ରାସ୍ତା ଉନ୍ନତୀକରଣ କୁ ନା କହିଛନ୍ତି ଗ୍ରାମବାସୀ । ତେବେ ବାଡେଲ ଠାରୁ ଅତଣ୍ଡା ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଭଦ୍ରଗଡ ଠାରୁ ନେଗେଶ୍ୱରୀ ପାହାଡ ଉପରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତୀକରଣକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ଠିକାଦାର କବ୍‌ଜାରୁ ମୁକ୍ତ ହେଲା ଓଏମ୍‌ସି ଆଦର୍ଶ ବିଦ୍ୟାଳୟର ୩ କକ୍ଷ

▶ ମାଜିଷ୍ଟ୍ରେଟ ଓ ପୁଲିସ ଉପସ୍ଥିତିରେ ତାଲା ଭଙ୍ଗାଗଲା



ଜୟପୁର,୨୫।୧୧(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହର ନିକସ୍ଥ ଉମୁରୀ ଗ୍ରାମପଞ୍ଚାୟତର ଫୁଲବାଡଠାରେ ରହିଥିବା ଓଡିଶା ମାଇନିଂ କର୍ପୋରେସନ ଆଦର୍ଶ ବିଦ୍ୟାଳୟରୁ ୩ଟି କକ୍ଷ ଦୀର୍ଘ ଦୁଇବର୍ଷ ଏହାର ନିର୍ମାଣ କରିଥିବା ସ୍ଥାନୀୟ ଜୈନିକ ଠିକାଦାରଙ୍କ କବ୍‌ଜାରେ ରହିଥିଲା । ଜୟପୁର ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ତହସିଲଦରା ତଥା କାର୍ଯ୍ୟକାରୀ ମାଜିଷ୍ଟ୍ରେଟ ସବ୍ୟସାଚୀ ଜେନା ଏବଂ ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପୁଲିସଦଳର ଉପସ୍ଥିତିରେ ଖଣି ବିଭାଗ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ଠିକାଦାରଙ୍କ କବଜାରେ ରହିଥିବା ଏହି ୩ଟି କକ୍ଷକୁ ଭାଙ୍ଗି ନିଜ ଅକ୍ତିଆରକୁ ନେଇଛନ୍ତି । ପ୍ରକାଶଯେ, ଗତ ୨୦୨୩ ମସିହାରେ ଓଡିଶା ଖଣି (ମାଇନିଂ) ନିଗମ ପକ୍ଷରୁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଖଣି ଖନନ ନିମନ୍ତେ ସ୍ଥାନୀୟ ବିଭିନ୍ନ ଗ୍ରାମର ବିସ୍ଥାପିତ ଗ୍ରାମବାସୀଙ୍କ ସନ୍ତାନମାନଙ୍କ ପାଠପଢା ପାଇଁ ଥଇଥାନ ଯୋଜନା ଅନୁଯାୟୀ ଜୟପୁର ଉମରୀ ଗ୍ରାମପଞ୍ଚାୟତର ଫୁଲବାଡଠାରେ ଓଡିଶା ମାଇନିଂ ଆଦର୍ଶ ଆବାସିକ ବିଦ୍ୟାଳୟ ଭବନ ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ୨୦୨୩ ମସିହା ଜୁଲାଇ ମାସରେ ପାଠ୍ୟକ୍ରମ ଆରମ୍ଭ ପାଇଁ ଠିକାଦାରଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ଏହାକୁ ଠିକାଦାର ଜଣକ ହସ୍ତାନ୍ତର କରୁନଥିଲେ । ଶେଷରେ କୋରାପୁଟ ଜିଲ୍ଲାପାଳ ଏବଂ ପୁଲିସ ଏସ୍‌ପିଙ୍କ ହସ୍ତକ୍ଷେପ ପରେ ସମାଧାନ କରାଯାଇ ଏହାକୁ ଓଡ଼ିଶା ଖଣି ନିଗମକୁ ହସ୍ତାନ୍ତର ହୋଇଥିଲା । କିନ୍ତୁ ସଂପୃକ୍ତ ଠିକାଦାର ୩ଟି କକ୍ଷକୁ ତାଲା ଦେଇ ନିଜ ଅକ୍ତିଆରରେ ରଖିଥିଲେ । କିନ୍ତୁ ଗତ ୨ ବର୍ଷରେ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ମଧ୍ୟରୁ ନୂତନ ବିଦ୍ୟାର୍ଥୀ ଯୋଗଦେବା ଫଳରେ ଶ୍ରେଣୀ କକ୍ଷର ଅଭାବ ଯୋଗୁଁ ପାଠପଢ଼ାରେ ସମସ୍ୟା ସୃଷ୍ଟି ହେଉଥିଲା । ଠିକାଦାର ଖଣି ନିଗମର ଆଞ୍ଚଳିକ ନିର୍ଦ୍ଦେଶକଙ୍କ ବାରମ୍ବାର ହସ୍ତାନ୍ତର ନେଇ ଚିଠିର ଅଣଦେଖା କରୁଥିବା ଯୋଗୁଁ ଆଞ୍ଚଳିକ ନିର୍ଦ୍ଦେଶକ ଗତ ଅକ୍ଟୋବର ୩୧ ତାରିଖରେ ଜୟପୁର ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡିଙ୍କୁ ଘଟଣା ସମ୍ପର୍କରେ ଲିଖିତ ଭାବେ ଅଭିଯୋଗ କରିଥିଲେ । ଏହାପରେ ସୋମବାର ଉପଜିଲ୍ଲାପାଳ ସ୍ଥାନୀୟ ତହସିଲଦରା ଏବଂ ସଦରଥାନା ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।




## ୮ ଦିନ ହେଲା ପାଣି ପାଉନାହାଁନ୍ତି ଗ୍ରାମବାସୀ

# ବିଲବାଡ଼ିରେ ମାଡୁଛି ପାନୀୟ ପାଣି

**କବାଟବନ୍ଧ, ୨୫।୧୧(ସମିସ)**



ଗ୍ରାମ୍ୟ ପାଇପ୍ ଜଳ ଯୋଗାଣ ଏବଂ ପରିମଳ ବିଭାଗର ଦାୟିତ୍ୱହୀନତା ପାଇଁ ଧର୍ମଶାଳା ବ୍ଲକରେ ଲୋକମାନେ ଠିକ୍ ଭାବରେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଅଭିଯୋଗ ଆସିଛି ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଦେଇପୁର ପଞ୍ଚାୟତ ତରାସ ଗ୍ରାମରୁ। ଗ୍ରାମର ପ୍ରାୟ ୧୧୫ ପରିବାର ଏବଂ ୬୫୦ରୁ ଊର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇଛନ୍ତି। ପିଇବା ପାଣି ପାଇଁ ଲୋକମାନେ ୮ ଦିନ ହେଲା ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ମାତ୍ର ଏହି ଜଳ ନଷ୍ଟ ହୋଇ ବିଲବାଡ଼ିରେ ମାଡୁଥିବା ଭଳି ବିଚିତ୍ର ଦୃଶ୍ୟ ଦେଖିବାକୁ ମିଳିଛି।

ବୃନ୍ଦାଦେଇପୁର ପଞ୍ଚାୟତ ରଘୁନାଥପୁର ନିକଟରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପରୁ ତରାସ ଗ୍ରାମକୁ ଜଳ ଯୋଗାଣ ହୋଇଥାଏ। ମାତ୍ର ଏହି ଗାଁକୁ ଜଳ ଯୋଗାଣ ପାଇଁ ମାଟି ତଳେ ଯାଇଥିବା ଯାଇଥିବା ପାଇପ୍ ଲାଇନ୍ ନଷ୍ଟ ହୋଇ ପାଣି ଲିକ କରୁଛି। ଯାହା ଦ୍ୱାରା ପାଣି ଗାଁରେ ପହଞ୍ଚିପାରୁନାହିଁ। ରଘୁନାଥପୁର ଜଳ ଯୋଗାଣ ପମ୍ପ ହାଉସ ଠାରୁ ତରାସ ଯାଇଥିବା ଏହି ପାଇପ ଡିହକଷ୍ଟି ଗାଁ ନିକଟରେ ପାଇପ ଫାଟିଯାଇଛି। ଯାହା ଦ୍ୱାରା ପାଣି ଆଗକୁ ଯାଇ ପାରୁନାହିଁ। ପାଣିର ପ୍ରେସର ହେଉ ନଥିବାରୁ ଅଳ୍ପ ଅଳ୍ପ ପାଣି ତରାସ ଗାଁ ପର୍ଯ୍ୟନ୍ତ ଯାଉଛି। ମାତ୍ର ଲୋକ ମାନେ ପାଇ ପାରୁ ନାହାଁନ୍ତି। ଖୁବ ମାଟି ତଳେ ଏହି ପାଇପ ଯାଇଥିବାରୁ ପାନୀୟ ଜଳ ମଧ୍ୟ ଦୂଷିତ ହେଉଛି। ଗ୍ରାମାଞ୍ଚଳରେ ଲୋକମାନଙ୍କ ପାଇଁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବା ପାଇଁ ଏହି ବିଭାଗ କାର୍ଯ୍ୟ କରେ। ଜଳ ଉତ୍ସର ଗୁଣବତ୍ତା, ଏବଂ ପାଇପ୍ ଲାଇନର ରକ୍ଷଣାବେକ୍ଷଣ ଆଦିକୁ ଗୁରୁତ୍ୱ ଦେଇ ନିରବଚ୍ଛିନ୍ନ ଭାବେ ଜଳ ଯୋଗାଇ ଦେବାକୁ ପ୍ରାଥମିକତା ଦେବାକଥା। ମାତ୍ର ବିଭାଗ ପକ୍ଷରୁ ନିୟମିତ ଭାବେ ଯାଞ୍ଚ କିମ୍ବା ରକ୍ଷଣବେକ୍ଷଣ ଏବଂ ମରାମତି କରାଯାଉନାହିଁ। ଏହି ପାଇପ୍ ଫାଟି ଥିବା ସ୍ଥାନରେ ପାଣି ବହୁ ମାତ୍ରାରେ ଲିକ୍ ହୋଇ ନିକଟରେ ଥିବା ସମସ୍ତ ଏରିଆରେ ପାଣି ଜମୁଛି। ବିଲ ଏବଂ ପଡ଼ିଆ ଜଳମଗ୍ନ ହେଉଛି। ମାତ୍ର ଲୋକ ପାଇପାରୁ ନାହାଁନ୍ତି। ଯାହା ଦ୍ୱାରା ଲୋକ ମାନେ ପାଣି ସମସ୍ୟା ଭୋଗିବା ସହିତ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ବାଧ୍ୟ ହୋଇ ଲୋକମାନେ ଖୋଲା କୂଅ କିମ୍ବା ଅନ୍ୟାନ୍ୟ ଜଳ ଉତ୍ସର ପାଣିକୁ ପାନୀୟ ଜଳ ଭାବରେ ବ୍ୟବହାର କରୁଛନ୍ତି। ଏହା ଦ୍ୱାରା ଛୋଟ ଛୋଟ ପିଲା ହୁଅନ୍ତୁ କିମ୍ବା ବୟସାଧିକ ବ୍ୟକ୍ତି ମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଚିକିତ୍ସାଧୀନ ବ୍ୟକ୍ତି ତଥା ରୋଗୀମାନଙ୍କ ପାଇଁ ଏହା ଆହୁରି ଜଟିଳ ପରିସ୍ଥିତି ସୃଷ୍ଟି କରି ପାରେ। ଏହି ପ୍ରକଳ୍ପରୁ ପାନୀୟ ଜଳ ଯୋଗାଣ ହେଉଥିବା ବିଭିନ୍ନ ଗାଁକୁ ବର୍ଷର ଅନେକ ସମୟରେ ବିଭିନ୍ନ କାରଣ ପାଇଁ ଲୋକମାନେ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗତ ସେପ୍ଟେମ୍ବର ମାସରେ ମଧ୍ୟ ଲଗାତାର ୪ ଦିନ ପର୍ଯ୍ୟନ୍ତ କୌଣସି ଲୋକ ପାଣି ପାଇ ନ ଥିଲେ। ଯାହାକି ଲୋକମାନେ ପମ୍ପ ହାଉସ ନିକଟରେ ପ୍ରତିବାଦ କରିଥିବା ଦେଖିବାକୁ ମିଳିଥିଲା। ବିଭାଗୀୟ ଅଧିକାରୀ ଲୋକମାନଙ୍କ ସ୍ୱାସ୍ଥ୍ୟ ଏବଂ ଜୀବନ ପାଇଁ ନିରବଚ୍ଛିନ୍ନ ଭାବେ ପାନୀୟ ଜଳଯୋଗାଇ ଦେବାର ବ୍ୟବସ୍ଥା କରାଇଲେ ଲୋକ ମାନେ ପାଣି ପାଇ ପାରିବେ। ତୁରନ୍ତ ଏହି ଫାଟିଥିବା ପାଇପ୍ ଲାଇନକୁ ମରାମତି କରି ପାନୀୟ ଜଳ ଯୋଗାଇ ଦେବାକୁ ଦାବି ହୋଇଛି।

## ଚୋରିରେ ଲାଗୁନି ଲଗାମ

# ସପ୍ତାହରେ ୬ଟି ସ୍ଥାନରୁ ଚୋରି

**ବ୍ରହ୍ମବରଦା, ୨୫।୧୧(ସମିସ):** ଚୋର ଡକାୟତିଙ୍କ ଭୂସ୍ୱର୍ଗ ପାଲଟିଛି ବ୍ରହ୍ମବରଦା ଥାନା ଅଞ୍ଚଳ। ଚୋରି ରୋକିବାରେ ବ୍ରହ୍ମବରଦା ପୁଲିସ ଫେଲ୍ ମାରିଥିବା ବେଳେ ଚଳିତ ସପ୍ତାହ ମଧ୍ୟରେ ୬ଟି ସ୍ଥାନରୁ ଚୋରି ହୋଇସାରିଲାଣି। ପୁଲିସକୁ ଚକମା ଦେଇ ଚୋରମାନେ ଚତୁରତାର ସହିତ ପ୍ରମାଣ ନ ଛାଡ଼ି ବିଭିନ୍ନ ପଞ୍ଚାୟତର ୬ଟି ସ୍ଥାନରୁ ୧୦୦ ଗ୍ରାମରୁ ଅଧିକ ସୁନାଗହଣା, ନଗଦ ଲକ୍ଷାଧିକ ଟଙ୍କା ସହିତ ଠାକୁରଙ୍କ ପିତ୍ତଳ ସାମଗ୍ରୀ ଓ ଆସବାବ ଚୋରି କରି ନେଇଥିବା ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି। ଏଭଳି ସ୍ଥିତିରେ ଚୋରମାନଙ୍କୁ ଧରିବା ସ୍ଥାନୀୟ ପୁଲିସ ପାଇଁ ଏକ ପ୍ରକାର ଚ୍ୟାଲେଞ୍ଜ ହୋଇ ପଡ଼ିଥିବା ବେଳେ ପୁଲିସ ସାଜିଛି ନିରବଦ୍ରଷ୍ଟା। ଯାହାକୁ ନେଇ ଜନଅସନ୍ତୋଷ ଲାଗି ରହିଛି। ପ୍ରତିଦିନ ଭଳି ଗତକାଲି ବିଳମ୍ବିତ ରାତିରେ ଚୋରମାନେ ମଙ୍ଗରାଜପୁର ପଞ୍ଚାୟତ ଖଣ୍ଡାସ ଗ୍ରାମର ମହେଶ୍ୱର ପାଣିଗ୍ରାହୀଙ୍କ ଘରେ ପଶି ଚୋରି କରିବାକୁ ପ୍ରୟାସ କରି ବିଫଳ ହୋଇଥିବା ବେଳେ ଘର ଦାଣ୍ଡରେ ଥିବା ଏକ ବାଇକ୍‌କୁ ଟେକି ନେଇଛନ୍ତି। ସକାଳୁ ପରିବାର ଲୋକେ ଗାଡି ନ ଥିବା ଜାଣିପାରି ବ୍ରହ୍ମବରଦା ଥାନାରେ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଛି।

ସୂଚନାଥାଉକି ଗତ ୧୯ ତାରିଖ ରାତିରେ ଏହି ଥାନା ଅଧୀନସ୍ଥ ବନ୍ଧଡିହ ପଞ୍ଚାୟତ ଆଖୁଆକୁଳ ଗ୍ରାମ ନିରଞ୍ଜନ ସାହୁଙ୍କ ଘରୁ ୨୦ ଗ୍ରାମରୁ ଊର୍ଦ୍ଧ୍ୱ ସୁନାଗହଣା ସହିତ ନଗଦ ଟଙ୍କା ଚୋରି ହୋଇଥିବା ବେଳେ ବ୍ରହ୍ମବରଦା ହାଟ ଠାରେ ହରିପୁର ଗ୍ରାମର ସୁଜିତ କୁମାର ବାରିକଙ୍କ ମଟର ସାଇକଲ ଡିକି ଭାଙ୍ଗି ୧୫ ଗ୍ରାମ ସୁନା ଗହଣା ସହିତ ନଗଦ ୫୦ ହଜାର ଟଙ୍କା ଚୋରି ହୋଇଥିଲା। ସେହିପରି ରାଉତରାପୁର ପଞ୍ଚାୟତ ରତପୁର ଗ୍ରାମ ଶିତାରାମ ମନ୍ଦିରରୁ ପିତଳ ଘଣ୍ଟ ଚୋରି ହେବା କୁଣ୍ଡପାଟଣା ଗ୍ରାମ ମଝିସାହି ମଙ୍ଗଳା ମନ୍ଦିରରୁ ଘଣ୍ଟ ସହିତ ଠାକୁରଙ୍କ ସାମଗ୍ରୀ ଚୋରି ହୋଇଥିବା ବେଳେ ଗତକାଲି ବନ୍ଧଡିହ ପଞ୍ଚାୟତ ଆଖୁଆକୁଳ ଗ୍ରାମର ମହେଶ୍ୱର ନାୟକଙ୍କ ଘରେ ପଶି ଦୁର୍ବୃତମାନେ ୨୬ ଗ୍ରାମର ସୁନାଗହଣା ସହିତ ନଗଦ ଟଙ୍କା ଓ ଆସବାବ ଚୋରେଇ ନେବା ଘଟଣାରେ ବ୍ରହ୍ମବରଦା ପୁଲିସ, ଏସଡିପିଓ, ସାଇଁଟିଫିକ ଟିମ, ସନ୍ଧାନୀ କୁକୁର ତଦନ୍ତ କରିଥିବା ବେଳେ ଚୋର ମାନଙ୍କର ଟେର ପାଇ ପାରି ନାହିଁ। ଚୋର ମାନଙ୍କର କାର୍ଯ୍ୟକଳାପକୁ ନେଇ ସ୍ଥାନୀୟ ଅଞ୍ଚଳରେ ଭୟ ଦେଖାଦେଇଛି। ଜିଲ୍ଲା ଆରକ୍ଷି ଅଧିକ୍ଷକ ଏଥିପ୍ରତି ଗୁରୁତ୍ୱ ଦେଇ ଚୋରମାନଙ୍କୁ ଗିରଫ କରିବାରେ ସହାୟତା ପ୍ରଦାନ କରି ଲୋକଙ୍କ ମନରୁ ଭୟ ଦୁର କରିବାକୁ ସାଧାରଣରେ ଦାବି ହେଉଛି।

# ଶିଶୁ ବିଦ୍ୟାମନ୍ଦିରରେ ଖେଳକୁଦ ସମାରୋହ



**ଯାଜପୁର, ୨୫।୧୧(ସମିସ):** ଯାଜପୁର ନଗର ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ୪୦ତମ ବାର୍ଷିକ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ୩ଦିନ ଧରି ଆୟୋଜିତ କ୍ରୀଡା ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଜିଲ୍ଲାର କ୍ରୀଡ଼ା ଶିକ୍ଷକ ଶଙ୍କର୍ଷଣ ବେହେରା ଯୋଗ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ମୋଟ ୯୦୦ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ କୃତ୍ତିବାସ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଉପସଭାପତି ଡ. ଦାମୋଦର ବେହେରା ସଭାପତିତ୍ୱ କରିଥିଲେ ଏବଂ ପରିଚାଳନା ସମିତିର ସମ୍ପାଦକ ଜଗଦେବ ମୃତ୍ୟୁଞ୍ଜୟ ଗଡ଼ନାୟକ, ସଭାପତି କହ୍ନାଇ ଚରଣ ମହାନ୍ତି, କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସ, ସଦସ୍ୟ ରାଧାବଲ୍ଲଭ ପଣ୍ଡା, ସଦସ୍ୟା ଶ୍ରୀମତୀ ନିବେଦିତା ବେହେରା ଯୋଗ ଦେଇଥିଲେ। ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟ ଗଦାଧର ଧଳ ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ପ୍ରତିଭାଗୀମାନଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର କ୍ରୀଡ଼ା ପ୍ରମୁଖ ସତ୍ୟ ରଞ୍ଜନ ସ୍ୱାଇଁ ଦାୟିତ୍ୱରେ ସମସ୍ତ ଆଚାର୍ଯ୍ୟ, ଆଚାର୍ଯ୍ୟା, ଓ ସେବକ, ସେବିକା କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ଚାଳକ ଗୁରୁତର

**ସୁକିନ୍ଦା, ୨୫।୧୧(ସମିସ):** ୫୩ନଂ ଜାତୀୟ ରାଜପଥର ସୁକିନ୍ଦା ଛକ ନିକଟରେ ଏକ ବାଇକ ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଅନୁଗୁଳ ଅଞ୍ଚଳର ଧୀରେନ୍ଦ୍ର ପଣ୍ଡା(୫୮) ମଙ୍ଗଳବାର ବାଇକ ନେଇ ଯାଜପୁର ଟାଉନ୍ ଯାଉଥିବା ସମୟରେ ସୁକିନ୍ଦା ମେଡ଼ିକାଲ ସମ୍ମୁଖରେ ଏକ ଷଣ୍ଢ ସହ ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ଧୀରେନ୍ଦ୍ର ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଧିରେନ୍ଦ୍ରକୁ ଉର୍ଦ୍ଧାର କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କୁରାଳ ପଞ୍ଚମୀରେ ପୂଜା ପାଇଲେ ଲକ୍ଷ୍ମୀନାରାୟଣ



**ଯାଜପୁର, ୨୫।୧୧(ସମିସ):** କୁରାଳ ପଞ୍ଚମୀ ଅବସରରେ ପୂଜା ପାଇଲେ ଲକ୍ଷ୍ମୀନାରାୟଣ। ଏହି ପୂଜା ହେଉଛି କୁମ୍ଭକାରମାନଙ୍କର ଏକ ପ୍ରମୁଖ ପର୍ବ। ମାର୍ଗଶୀର ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ କୁମ୍ଭକାରମାନେ ନିଜର ଇଷ୍ଟ ଦେବାଦେବୀଙ୍କ ସ୍ମରଣାର୍ଥେ ପାଞ୍ଚ ଦିନ ଧରି ଏହି ପର୍ବ ପାଳନ କରିଥାନ୍ତି। ଏହାକୁ କୁରାଳ ପଞ୍ଚମୀ ପର୍ବ କୁହାଯାଏ। ଯାଜପୁର ପୌରାଞ୍ଚଳ ରାମେଶ୍ୱର ଗ୍ରାମର କୁମ୍ଭାର ସାହିରେ ଲକ୍ଷ୍ମୀନାରାୟଣଙ୍କ ପୂଜା କରାଯାଇଛି। ସକାଳେ କଳସ ବୁଡ଼ା ହେବା ପରେ ଲକ୍ଷ୍ମୀନାରାୟଣଙ୍କ ପୂଜା ଆରମ୍ଭ କରାଯାଇଥିଲା। କୁମ୍ଭାର ସାହିର ସଦସ୍ୟମାନେ ନବବସ୍ତ୍ର ପରିଧାନ ପୂର୍ବକ ଅତ୍ୟନ୍ତ ଶୁଦ୍ଧପୁତ ଚିତ୍ତରେ ପୂଜା ମଣ୍ଡପରେ ଉପସ୍ଥିତ ରହି ପୂଜା କାର୍ଯ୍ୟ ଲକରିଥିଲେ। ଏହି ପୂଜାରେ ଶୁକଦେବ ମୁଦୁଲି, ମକରକେତନ ମୁଦୁଲି, ଶଙ୍କର୍ଷଣ ମୁଦୁଲି, ଗଦାଧର ମୁଦୁଲି, ପ୍ରଭାତ ମୁଦୁଲି, ଦିଲ୍ଲୀପ ସାହୁ, ମାଧବ ଚନ୍ଦ୍ର ମୁଦୁଲି, ବାପିନ ମୁଦୁଲି, କାଳନ୍ଦୀ ମୁଦୁଲି, ଜିତେନ କୁମାର ମୁଦୁଲି, ରବୀନ୍ଦ୍ର ମୁଦୁଲି, ବଳରାମ ମୁଦୁଲି, କପିଳା ସାହୁ ପ୍ରମୁଖ ପୂଜାରେ ସାମିଲ ହୋଇଥିଲେ।

# ବେଆଇନ ବାଲି ଉତ୍ତୋଳନକୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଯାଜପୁର, ୨୫।୧୧(ସମିସ):** ବୁଢ଼ା ନଦୀର ଓଲେଇପଡ଼ା ଠାରୁ ନଖେଇ ପର୍ଯ୍ୟନ୍ତ ନଦୀ ଘାଟରୁ ବେଆଇନ ବାଲି ଉଠାଣ ଓ ପରିବହନକୁ ବିରୋଧ କରି ସ୍ଥାନୀୟ ଅଞ୍ଚଳବାସୀ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବା ସହ ଏହାର ନକଲ ଖଣି ଉପ ନିର୍ଦ୍ଦେଶକ, ପୁଲିସ ଅଧିକ୍ଷକ, ତହସିଲଦାର, ଯାଜପୁର ଓ ସଦର ଥାନାଧିକାରୀକୁ ପ୍ରେରଣ କରିଛନ୍ତି। ଏହି ବୁଢ଼ା ନଦୀରୁ ଉପରୋକ୍ତ ସ୍ଥାନ ଗୁଡ଼ିକରୁ ବେଆଇନ ଭାବେ ବାଲି ଉତ୍ତୋଳନ କରି ବାଲି ମାଫିଆ ପରିବହନ କରୁଥିବା ନେଇ ସ୍ଥାନୀୟ ପଞ୍ଚାୟତ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ଅନବରତ ବାଲି ଉତ୍ତୋଳନ କରି ଟ୍ରାକ୍ଟର ଯୋଗେ ପରିବହନ କରିବା ଦ୍ୱାରା ଗ୍ରାମ୍ୟ ରାସ୍ତା କ୍ଷତିଗ୍ରସ୍ତ ହେବା ସହ ଓଦା ବାଲି ପଡ଼ି ରାସ୍ତା ଦୁରାବସ୍ଥା ଘଟୁଛି। ଏହି ପ୍ରମୁଖ ରାସ୍ତାରେ ବେଆଇନ ବାଲି ପରିବହନ କରାଯିବା ଦ୍ୱାରା ଛାତ୍ରଛାତ୍ରୀଙ୍କ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଟ୍ରାକ୍ଟର ଗାଡ଼ି ବାଲି ବୋଝେଇ କରି ଦ୍ରୁତ ଗତିରେ ଯିବା ଦ୍ୱାରା ଦୁର୍ଘଟଣା ଆଶଙ୍କା ରହିଛି। ଏପରିକି ନଦୀ କୂଳରୁ ବେଆଇନ ବାଲି ଉତ୍ତୋଳନ କରିବା ଦ୍ୱାରା ନଦୀକୁ ଶୌଚ ହେବାକୁ ଲୋକେ ଯାଇପାରୁନାହାଁନ୍ତି। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ପାଣିକୋଇଲି ଟ୍ରାଫିକ୍ ସମସ୍ୟା

# ଜବରଦଖଲ ଉଚ୍ଛେଦ ପାଇଁ ମାପ ଚୁପ

**ପାଣିକୋଇଲି, ୨୫।୧୧(ସମିସ):** ପାଣିକୋଇଲି ଛକରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ବଢ଼ିବାରେ ଲାଗିଛି। ତ୍ରୁଟିପୂର୍ଣ୍ଣ ଯାତାୟତ ବ୍ୟବସ୍ଥା ଓ ଟ୍ରାଫିକ୍ ନିୟନ୍ତ୍ରଣ ନଥିବାରୁ ଦୈନିକ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ପରିବହନ ବିଭାଗ ଶୂନ ମୃତ୍ୟୁହାର ସପ୍ତାହ ପାଳନ କରୁଥିବା ବେଳେ ଅନ୍ୟପଟେ ଟ୍ରାଫିକ ସୁଧାର ଦିଗରେ ନିରବତା ଅବଲମ୍ବନ କରଉଛି। ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥର ୧୬ ଓ ୨୦ ମିଶ୍ରଣସ୍ଥଳୀ ପାଣିକୋଇଲି ବଜାର ମଧ୍ୟ ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ମଟର ଯିବା ଆସିବା କରୁଥିବାରୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହିତ ଦୁର୍ଘଟଣା ଘଟି ବହୁ ଧନଜୀବନ ଅକାରଣରେ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ଗତ ଅକ୍ଟୋବର ୨୩ ତାରିଖ ଦିନ ବିଧାୟକ ଆକାଶ ଦାସ ନାୟକ, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସମେତ ବିଭିନ୍ନ ପ୍ରଶାସନିକ ଅଧିକାରୀ ପାଣିକୋଇଲି ବଜାର ପରିଦର୍ଶନ କରିବା ସହିତ ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ ପକ୍ରିୟା ଆରମ୍ଭ ହୋଇ ରାସ୍ତା ସମ୍ପ୍ରସାରଣ କରାଯିବ ବୋଲି ଶ୍ରୀ କର ସୂଚନା ଦେଇଥିଲେ। ଏ ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୭ ତାରିଖ ଦିନ ଉଭୟ ରାଜପଥର ପଥରପଦା ଓ ଅଳତିରି ମୌଜାର କଡକୁ ରାଜପଥ ସମ୍ପ୍ରସାରଣ ପାଇଁ ମାପ କରାଯାଇ ସରକାରୀ ଜମି ଚିହ୍ନଟ ହେବ ବୋଲି ବ୍ୟାସନଗର ତହସିଲଦାର ସର୍ବସାଧାରଣ ନୋଟିସ କରିଥିଲେ। ତେବେ ଏ ନେଇ ୨ ଦିନ ମାପ ପରେ ଏହା ବନ୍ଦ ରହିଥିଲା। ଆଜି ପୁଣି ତୃତୀୟ ଦିନରେ ମାପ କରାଯାଇ ଜମି ଚିହ୍ନଟ କରାଯାଇଛି। ଆଇନ ଶୃଙ୍ଖଳା ରକ୍ଷା ନିମନ୍ତେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ପୁଲିସ କର୍ମଚାରୀ ମୁତୟନ ଥିଲେ। ଅପରପକ୍ଷେ ମାପଚୁପ ପରେ ବଜାର ଦୋକାନ କରି ଗୁଜୁରାଣ ମେଣ୍ଟାଉଥିବା ଉଠା ଦୋକାନୀ ମାନଙ୍କ ମଧ୍ୟରେ ଆତଙ୍କ ବୃଦ୍ଧି ପାଇଛି। ଜବିକା ହରାଇବାର ଭୟ ଘାରିଛି। ଉଠା ଦୋକାନୀମାନଙ୍କୁ ହଟାଇବା ପୂର୍ବରୁ ସେମାନଙ୍କ ପାଇଁ ସ୍ଥାୟୀ ବନ୍ଦୋବସ୍ତ କରାଇବାକୁ ସାଧାରଣରେ ଦାବି ହୋଇଛି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନାହାନ୍ତି ଡାକ୍ତର

# ରୋଗୀଙ୍କ ଭରସା ପାଲଟିଛନ୍ତି ଔଷଧ ଦୋକାନୀ

**ବିଞ୍ଝାରପୁର, ୨୫।୧୧(ସମିସ):** ବିଞ୍ଝାରପୁର ବ୍ଲକର ୨୯ ପଞ୍ଚାୟତବାସୀ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ ଥିବାବେଳେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଘୋର ଅଭାବ ରହିଛି। ଏହା ସହିତ ସାଙ୍ଗକୁ ନର୍ସ ଓ ଡ୍ରେସିଂ ରୁମ୍‌ରେ ମଧ୍ୟରେ ଡ୍ରେସର ନାହାନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ଡାକ୍ତରମାନଙ୍କୁ ଅନ୍ୟତ୍ର ବଦଳି କରିବା ସହ ଡେପୁଟେସନ୍‌ରେ ମଧ୍ୟ ପଠାଇ ଦିଆଯାଉଛି। ଡାକ୍ତରଖାନାକୁ ଆସୁଥିବା ବ୍ୟକ୍ତି ମାନେ ଜଣେ ଭଲ ଡାକ୍ତର ନ ପାଇ ମେଡିସିନ୍ ଦୋକାନରୁ ଔଷଧ ନେଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଫଳରେ ଏହି ଅଞ୍ଚଳରେ ରୋଗୀଙ୍କ ଭରସା ପାଲଟିଛନ୍ତି ଔଷଧଦୋକାନୀ।

ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କୁ ନ ପାଇ ରୋଗୀମାନେ ବାଧ୍ୟ ହୋଇ ଔଷଧ ଦୋକାନରୁ କହି କି ଔଷଧ ନେଉଛନ୍ତି। ରୋଗୀଙ୍କ ଆବଶ୍ୟକତାକୁ ନଜରରେ ରଖି ବ୍ଲକର ବିଭିନ୍ନ ଔଷଧ ଦୋକାନ ଏବେ ଡାକ୍ତରଖାନା ପାଲଟିଯାଇଛି। ଅଧିକାଂଶ ଔଷଧ ଦୋକାନ ପାଇଁ ଆବଶ୍ୟକତା ଆକାରରେ ଘର ନାହିଁ କି ପଞ୍ଜିକୃତ ଫାର୍ମାସିଷ୍ଟ ମଧ୍ୟ ନାହାଁନ୍ତି। ଡାକ୍ତରଙ୍କ ପ୍ରେସ୍‌କ୍ରିପସନ ବିନା ନିଜେ ଡାକ୍ତର ହୋଇ ଔଷଧ ବିକ୍ରି କରୁଛନ୍ତି ଏହି ଅନଭିଜ୍ଞ ବ୍ୟକ୍ତି। ଔଷଧ ଦୋକାନ ଚଳାଇବା ପାଇଁ ଭେଷଜ ନିୟନ୍ତ୍ରକଙ୍କ ଅନୁମତି ପତ୍ର (ଲାଇସେନ୍ସ) ଆବଶ୍ୟକ। ଭେଷଜ ନିୟନ୍ତ୍ରକଙ୍କ କାର୍ଯ୍ୟାଳୟ ପକ୍ଷରୁ ଖୋଲା ହେବାକୁ ଥିବା ଦୋକାନର ଉପଯୁକ୍ତ ଯାଞ୍ଚ କରାଯାଇ ଲାଇସେନ୍ସ ପ୍ରଦାନ କରାଯାଇଥାଏ। ବିଞ୍ଝାରପୁର ବ୍ଲକର ଏମିତି ବହୁ ଔଷଧ ଦୋକାନ ରହିଛି; ଯାହାର ଲାଇସେନ୍ସପ୍ରାପ୍ତ ବ୍ୟକ୍ତି ବିଦେଶରେ ରହି ଅନ୍ୟ ସଂସ୍ଥାରେ କାମ କରୁଥିବା ବେଳେ ତାଙ୍କ ଲାଇସେନ୍ସରେ ଦୋକାନ ଖୋଲି ଚାଲିଛି ମିନି ଡାକ୍ତରଖାନା। ବିଞ୍ଝାରପୁର ବ୍ଲକରେ ଅଧିକାଂଶ ପାନ ଦୋକାନ କ୍ୟାବିନରେ ଔଷଧ ବିକ୍ରି ହେଉଥିବା ମଧ୍ୟ ଦେଖିବାକୁ ମିଳିଛି। ହାତ ଗଣତି କେତେକ ଦୋକାନକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ଔଷଧ ଦୋକାନରେ ବିନା ଫାର୍ମାସିଷ୍ଟରେ ଔଷଧ ବିକ୍ରି କରାଯାଉଛି। କେତେକ ଔଷଧ ଦୋକାନୀ ରୋଗୀଙ୍କୁ ନିଜ ଦୋକାନ ବାରଣ୍ଡାରେ ଇଞ୍ଜେକସନ ଦେଉଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥାଏ। ଭେଷଜ ନିୟନ୍ତ୍ରକ ମାସିକିଆ ବଟି ନେଉଥିବାରୁ ସେମାନଙ୍କ ପାଦ ଏଠାରେ ପଡେନି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି।

# ଆମ୍ବୁଲାନ୍ସ ଧକ୍କାରେ ଷଣ୍ଢର ମୃତ୍ୟୁ

**ପାଣିକୋଇଲି, ୨୫।୧୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟକର ବ୍ରିଜ୍ ନିକଟରେ ଆଜି ସନ୍ଧ୍ୟାରେ ଏକ ଆମ୍ବୁଲାନ୍ସ ସମ୍ମୁଖକୁ ଏକ ଷଣ୍ଢ ମାଡ଼ି ଆସିବାରୁ ଅମ୍ବୁଲାନ୍ସଟି ଦୁର୍ଘଟଣାର ଶିକାର ହେବା ସହ ଘଟଣାସ୍ଥଳେ ଷଣ୍ଢର ମୃତ୍ୟୁ ଘଟିଛି। ପ୍ରକାଶଯେ କଟକ ବଡ଼ ମେଡିକାଲରୁ ରୋଗୀ ନେଇ ଏକ ଆମ୍ବୁଲାନ୍ସ ପଶ୍ଚିମବଙ୍ଗ ମେଦିନାପୁର ଯାଉଥିଲା। ଟିକର ବ୍ରିଜ୍ ନିକଟରେ ଷଣ୍ଢ ସହ ତାର ଧକ୍କା ହୋଇଥିଲା। ପଶ୍ଚିମବଙ୍ଗର ନନ୍ଦୀଗ୍ରାମ ଅଭିମୁଖେ ଫେରୁଥିବା ଏକ ଆମ୍ବୁଲାନ୍ସ (ଡବ୍ଲ୍ୟୁ ବି୨୯ଇ୮ ୫୪୧) ଟିକର ପୋଲ ଉପରେ ଏକ ଷଣ୍ଢ ସହିତ ମୁହାମୁହିଁ ଧକ୍କା ହୋଇଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ଜୟନ୍ତୀ ସି ଓ ତାଙ୍କ ପୁଅ ବିରେଶ ସି ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ ପାଣିକୋଇଲି ପୁଲିସ ଓ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟ ମାନେ ଘଟଣାସ୍ଥଳରେ ପହଞ୍ଚି ଆହତ ଦ୍ୱୟଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ପୁଲିସ ଆମ୍ବୁଲାନ୍ସଟିକୁ ଜବତ କରିଛି।

## ଓଲେଇ-ଚନ୍ଦନପୁର ପଞ୍ଚାୟତ

# ଉନ୍ନତିମୂଳକ କାମରେ ଅନିୟମିତା ଅଭିଯୋଗ

**ପ୍ରୀତିପୁର, ୨୫।୧୧(ସମିସ):** ବିଞ୍ଝାରପୁର ବ୍ଲକ ଓଲେଇ-ଚନ୍ଦନପୁର ପଞ୍ଚାୟତ ଉନ୍ନତିମୂଳକ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ବିଞ୍ଝାରପୁର ବ୍ଲକ ଓଲେଇ-ଚନ୍ଦନପୁର ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଓ ଅନିୟମିତତା ହୋଇଥିବାବେଳେ ବର୍ତ୍ତମାନ ବ୍ୟକ୍ତିଗତ ଜାଗାରେ ମମତା ଗୃହ ନିର୍ମାଣ ହେଉଥିବା ୧୩ନଂ ୱାର୍ଡବାସୀ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଏହି ଅଭିଯୋଗ ପତ୍ରଦେବା ସହ ତୁରନ୍ତ ଏହାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ୱାର୍ଡବାସୀ ଦେବେନ୍ଦ୍ର ସାମଲ, ସୁଲୋଚନା ସାମଲ, ନମିତା ସାମଲ, ଦିବାକର ସାମଲ, ଅଭିଜିତ ସାମଲ, ସୁମିତ୍ରା ସାମଲ ପ୍ରମୁଖ ବିଡିଓଙ୍କ ନିକଟରେ ଦାବି କରିଛନ୍ତି। ଅନ୍ୟପକ୍ଷରେ ବିଡିଓ ହିତାଂଶୁ ଶେଖର ସାମଲ ୱାର୍ଡବାସୀଙ୍କ ଲିଖିତ ଅଭିଯୋଗ ଗ୍ରହଣ କରି ଘଟଣାର ତଦନ୍ତ ପାଇଁ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ଆତ୍ମନିର୍ଭର ଭାରତ କର୍ମଶାଳା

**ବଡ଼ଚଣା, ୨୫।୧୧(ସମିସ):** ବିଜେପି ବଡଚଣା ପକ୍ଷରୁ ଆତ୍ମନିର୍ଭରଶୀଳ ଭାରତ ବିଧାନସଭାସ୍ତରୀୟ ଏକ କର୍ମଶାଳା ମହାବିନାୟକ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ବଡଚଣା ବିଧାୟକ ଅମର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଆଇନ୍, ଅବକାରୀ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଜେପିର ସଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ଏସ୍‌ସିବି ମେଡିକାଲର ସହକାରୀ ଅଧକ୍ଷ ଡା. ଜ୍ୟୋତିପ୍ରକାଶ ନାୟକ, ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ବଡ଼ଚଣା ପଞ୍ଚାୟତ ସମିତି ଅଧକ୍ଷା ମିନତୀ ସେନାପତି, ଉପାଧକ୍ଷ ବିଭାସଚନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇଥିଲେ।ଜିଲ୍ଲା ସଧାରଣ ସମ୍ପାଦକ ପ୍ରମୋଦ କୁମାର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ‘ଆସ ସ୍କୁଲ୍ କାର୍ଯ୍ୟକ୍ରମ’ ପାଣିର ଗାର

# ଶିକ୍ଷାଧିକାରରୁ ବଞ୍ଚିତ ନଗଡ଼ାର ଛାତ୍ରଛାତ୍ରୀ

**ଯାଜପୁର, ୨୫।୧୧(ସମିସ)**



ଭାରତରେ ଶିକ୍ଷା ହେଉଛି ମୌଳିକ ଅଧିକାର। ସମସ୍ତ ଶିଶୁଙ୍କୁ ଶିକ୍ଷା ମିଳିବା ବାଧ୍ୟତାମୂଳକ ହୋଇଥିବାବେଳେ ଆଜି ବି ଅନେକ ଶିଶୁ ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏକଦା ପଛୁଆ ଅଞ୍ଚଳ ଭାବେ ପରିଚିତ ସୁକିନ୍ଦା ବ୍ଲକ ନଗଡ଼ା ଅଞ୍ଚଳରୁ ପୁଣି ସେହି ଅଭିଯୋଗ ଆସିଛି। ଶିଶୁଙ୍କୁ ସ୍କୁଲକୁ ଆଣିବା ପାଇଁ ଆସ ସ୍କୁଲ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଅନେକ ଯୋଜନା ରହିଛି। କିନ୍ତୁ ଏହାର ବାସ୍ତବ ରୂପାୟନ ହେଉ ନ ଥିବାରୁ ଶିଶୁମାନେ ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଛନ୍ତି। ସୁକିନ୍ଦା ବ୍ଲକର ଚିଙ୍ଗୁଡ଼ିପାଳ ପଞ୍ଚାୟତର ନଗଡ଼ା, ଗୁହିଆଶାଳ ଓ ତୁମୁଣୀର ଶତାଧିକ ଶିଶୁ ଶିକ୍ଷା ଅଧିକାରରୁ ବଞ୍ଚିତ ହୋଇଛନ୍ତି। ଚିଙ୍ଗୁଡିପାଳ ପଞ୍ଚାୟତରେ ଥିବା ଦେଓଗାଁ ସରକାରୀ ଉପ୍ରା ବିଦ୍ୟାଳୟରେ ୧୧୨ ଜଣ ଛାତ୍ରଛାତ୍ରୀ ଡ୍ରପଆଉଟ ଘଟଣା ସାରା ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନା ମୁତାବକ, ଚଳିତବର୍ଷ ଏହି ବିଦ୍ୟାଳୟରେ ଶିଶୁବାଟିକାରୁ ଅଷ୍ଟମ ଶ୍ରେଣୀ ଯାଏଁ ମୋଟ ୨୨୩ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ନାମ ଲେଖାଇବା ସମୟରେ ବିଦ୍ୟାଳୟ କର୍ତ୍ତୃପକ୍ଷ ମିଛରେ ଚଳିତ ବର୍ଷଠାରୁ ହଷ୍ଟେଲ ସୁବିଧା ମିଳିବ ବୋଲି ମିଛ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଜିଲ୍ଲା ତଥା ଜିଲ୍ଲା ବାହାର କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାର ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଶିକ୍ଷାବର୍ଷ ଆରମ୍ଭ ଏପ୍ରିଲ ମାସରେ ଛାତ୍ରଛାତ୍ରୀ ନାମ ଲେଖାଯାଇଥିଲା। କିନ୍ତୁ ହଷ୍ଟେଲ ନିର୍ମାଣ କାର୍ଯ୍ୟ ଶେଷ ନ ହେବାରୁ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲ ମିଳି ନ ଥିଲା। ଫଳରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ସ୍କୁଲକୁ ଯାଇନାହାଁନ୍ତି। ଫଳରେ ଗତ ଦୀର୍ଘ ୭ ମାସ ଧରି ବିଦ୍ୟାଳୟରୁ ଡ୍ରପ୍‌ଆଉଟ ଥିବା ଜଣାପଡ଼ିଛି। ଏହି ଘଟଣାରେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁଁ ୧୧୨ ଜଣ ଛାତ୍ରଛାତ୍ରୀ ଶିକ୍ଷା ଅଧିକାର, ଖାଦ୍ୟ ଅଧିକାର ଓ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇଛନ୍ତି। ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଓ ଯାଜପୁର ଜିଲ୍ଲାପାଳଙ୍କୁ ପତ୍ର ଲେଖି ଛାତ୍ରଛାତ୍ରୀଙ୍କ ଶୈଶବ ଅଧିକାର କ୍ଷୁଣ୍ଣ ଘଟଣାର ତଦନ୍ତ ଦାବି କରିବା ସହ ଯଥାଶୀଘ୍ର ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ଅନୁରୋଧ କରିଥିଲେ। ଏହି ମାମଲା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ପହଞ୍ଚିବା ପରେ ଏହାର ତଦନ୍ତ ଆରମ୍ଭ ହୋଇଛି। ଆୟୋଗ ଏଥିପାଇଁ ଯାଜପୁର ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ମାଗିଲେ ମିଳୁନି ସୂଚନା ଅଧିକାର ତଥ୍ୟ

**ମଙ୍ଗଳପୁର, ୨୫।୧୧(ସମିସ):** ଦଶରଥପୁର ବ୍ଲକ ମଲ୍ଲୀକାପୁର ପଞ୍ଚାୟତରେ ବିଭିନ୍ନ ଯୋଜନାରେ କରାଯାଉଥିବା କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ସାମାଜିକ କର୍ମୀ ଦେବୀପ୍ରସାଦ ପତି ଅଭିଯୋଗ କରିବା ସହ ଆର୍‌ଟିଆଇ ଜରିଆରେ ଦଶରଥପୁର ବ୍ଲକର ସୂଚନା ଅଧିକାରୀଙ୍କୁ ପଞ୍ଚାୟତର କେତେକ ତଥ୍ୟ ମାଗିଥିଲେ। ନିୟମ ଅନୁଯାଇ ଆବେଦନକାରି ତଥ୍ୟ ମାଗିବାର ୩୦ଦିନ ମଧ୍ୟରେ ତଥ୍ୟ ପ୍ରଦାନ କରିବାର ନିୟମ ରହିଛି। କିନ୍ତୁ ଦୀର୍ଘ ୮ ମାସ ବିତିଯାଇଥିଲେ ବି ଆବେଦନକାରୀଙ୍କୁ ତଥ୍ୟ ନମିଳିବାରୁ ସେ ପ୍ରଥମ ଅପିଲ କରିଥିଲେ। ପ୍ରଥମ ଅପିଲକୁ ୨ମାସ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ଦେବୀ ପ୍ରସାଦଙ୍କୁ ତଥ୍ୟ ପ୍ରଦାନ କରାଯାଇନାହିଁ। ତଥ୍ୟ ଦେବାରେ ବିଳମ୍ବକୁ ନେଇ ମଲ୍ଲୀକାପୁର ପଞ୍ଚାୟତରେ ଦୁର୍ନୀତି ହୋଇଥିବା ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। ଦୁର୍ନୀତିକୁ ଘଣ୍ଟ ଘୋଡ଼େଇବାକୁ ବ୍ଲକ ପ୍ରଶାସନ ଚେଷ୍ଟା କରୁଛି ବୋଲି ଅଭିଯୋଗ ହେଉଛି।

### ୮୧ତମ ଜିଲ୍ଲା ପରିଷଦ ବୈଠକ

# ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ସାଂସଦଙ୍କ ଉଦ୍‌ବେଗ

ରାୟଗଡା,୨୫।୧୧(ସମିସ):



ରାୟଗଡ଼ା ଜିଲ୍ଲା ପରିଷଦର ୮୧ତମ ବୈଠକ ଆଜି ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।ସ୍ଥାନୀୟଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲକା, ରାୟଗଡ଼ା ବିଧାୟକ କାଡ୍ରାକା ଆପଲାସ୍ୱାମୀ, ବିଷମ କଟକ ବିଧାୟକ ନୀଳମାଧବ ହିକକା, ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ, ଜିଲ୍ଲା ପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସନ୍ତୋଷ କୁମାର ସୁନା, ପିଏ ଆଇଟିଡିଏ ଚନ୍ଦ୍ର କାନ୍ତ ମାଝୀ, ପରିଷଦର ସମସ୍ତ ସଦସ୍ୟସଦସ୍ୟା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଧ୍ୟକ୍ଷା, ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ। ଏହି ବୈଠକରେ ମୁଖ୍ୟତଃ ସ୍ୱାସ୍ଥ୍ୟ ସେବା ଉପରେ ଆଲୋଚନା କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସରୋଜିନୀ ଦେବୀ ସ୍ୱାସ୍ଥ୍ୟ ବିଭାଗ ବିଷୟରେ ଉପସ୍ଥାପନା କରିଥିଲେ। ଏହି ବିଷୟରେ ଆଲୋଚନା ବେଳେ ସଦସ୍ୟସଦସ୍ୟାମାନେ ଜନନୀ ଶିଶୁ ସୁରକ୍ଷା ଯୋଜନାରେ ପ୍ରସୁତି ନିମନ୍ତେ ଗାଡ଼ି ଠିକ ସମୟରେ ନ ପହଞ୍ଚିବା, ଜିଲ୍ଲାରେ ଡାକ୍ତର ସମସ୍ୟା, ଚିକିତ୍ସା କେନ୍ଦ୍ରରେ ଔଷଧ ନ ମିଳିବା ଏବଂ ଅନ୍ୟାନ୍ୟ ସମସ୍ୟା ଉପରେ ପ୍ରଶ୍ନ କରି ଅସନ୍ତୋଷ ପ୍ରକାଶ କରିଥିଲେ। କୋରାପୁଟ ସାଂସଦ ଶ୍ରୀ ଉଲାକା ଜିଲ୍ଲାରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବାକୁ ନେଇ ଉଦ୍‌ବେଗ ପ୍ରକାଶ କରି ଲୋକଙ୍କୁ ଉଚିତ ସ୍ୱାସ୍ଥ୍ୟ ସେବା ଯୋଗାଇବା ଥିବା ସିଡିଏମଓ ପ୍ରକାଶ କରିଥିଲେ। ୩୧୯ ଜଣ ଡାକ୍ତର ଜିଲ୍ଲା ପାଇଁ ଆବଶ୍ୟକ ରହିଛି। ଆବଶ୍ୟକ ଡାକ୍ତର ପଦବୀ ପୂରଣ ନିମନ୍ତେ ପଦକ୍ଷେପ ନେବାକୁ ସଦସ୍ୟମାନେ ଅନୁରୋଧ କରିଥିଲେ। ସେହିପରି ଜିଲ୍ଲା

## ୪୫୯ରୁ ଖାଲି ପଡିଛି ୩୧୯ ଡାକ୍ତର ପଦବୀ

ନିମନ୍ତେ ଡାକ୍ତର ପଦବୀ ପୂରଣ କରିବା ଦିଗରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ କହିଥିଲେ। ଏହାକୁ ଆଗାମୀ ଦିନରେ ସମାଧାନ କରାଯିବ ବୋଲି ସିଡିଏମଓ ଏବଂ ଡିପିଏମଓ କହିଥିଲେ।ମୁନିଗୁଡା ବ୍ଲକ୍‌ର ରଘୁବାରୀ ଡ଼ିମିକିରକୁଦା ପାଇଁ ସ୍ୱାସ୍ଥ୍ୟ ଉପକେନ୍ଦ୍ର ସ୍ଥାପନ ନିମନ୍ତେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜିଲ୍ଲାରେ ମଞ୍ଜୁରୀ ପ୍ରାପ୍ତ ଡାକ୍ତର ୪୫୯ ଜଣ ଆବଶ୍ୟକରୁ କେବଳ ୧୪୦ କାର୍ଯ୍ୟରତ ଗ୍ରାମୀୟ ନିର୍ମାଣ ବିଭାଗ ଉପରେ ଆଲୋଚନା ବେଳେ ଜିଲ୍ଲାରେ ଗ୍ରାମୀୟ ଯୋଗାଯୋଗର ଅଗ୍ରଗତି ଉପରେ ରାୟଗଡ଼ା ଓ ଗୁଣୁପୁରର ନିର୍ବାହୀ ଯନ୍ତ୍ରୀ ବିସ୍ତୃତ ଭାବରେ ଉପସ୍ଥାପନା କରିଥିଲେ। ବିଜୁ ସେତୁ ଯୋଜନାରେ ୨୦୧୮-୧୯, ୨୦୨୨-୨୩, ୨୦୨୩-୨୪ ଆର୍ଥିକ ବର୍ଷର ୧୭ ଗୋଟି ସେତୁର ୧୦୮୯ ଲକ୍ଷ ଟଙ୍କାରେ କାର୍ଯ୍ୟ ଚାଲୁ ରହିଥିବା ଏବଂ ୪ଟି ସେତୁର ଟେଣ୍ଡର ପ୍ରକ୍ରିୟା ଚାଲିଥିବା ନିର୍ବାହୀ ଯନ୍ତ୍ରୀ କହିଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୧୭ ଗୋଟିରୁ ୯ଟି ସମ୍ପୂର୍ଣ୍ଣ ହୋଇଛି ୮ଟି ସେତୁ କାର୍ଯ୍ୟ ଚାଲୁଅଛି। ସେହିପରି ଜିଲ୍ଲା ଖଣିଜ ପାଣ୍ଠି, ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ପ୍ରଧାନମନ୍ତ୍ରୀ ଜନମନ ପରିଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା। ଗୁଣୁପୁର ଗ୍ରାମ୍ୟ ନିର୍ମାଣ ବିଭାଜନ ତରଫରୁ କାର୍ଯ୍ୟକାରୀ ହେଉଥିବା ସେତୁବନ୍ଧ ଯୋଜନାରେ ଆର୍ଥିକ ବର୍ଷ ୨୦୧୭-୧୮, ୨୦୨୨-୨୩, ୨୦୨୩-୨୪, ୨୦୨୪-୨୫ର ପ୍ରକଳ୍ପ ଓ ଅନ୍ୟାନ୍ୟ ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଯଥାଶୀଘ୍ର ପ୍ରକଳ୍ପ ଗୁଡିକ ସମ୍ପୂର୍ଣ୍ଣ କରିବାକୁ ମାନ୍ୟବର ସଦସ୍ୟ ମାନେ ଦାବି କରିଥିଲେ। ଶିକ୍ଷା ବିଭାଗ ଉପରେ ଆଲୋଚନା ବେଳେ ପିଲାମାନେ ଅଧାରୁ ପାଠ କାହିଁକି ଛାଡୁଛନ୍ତି ବୋଲି ସଦସ୍ୟା, ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଏହାର ଆଲୋଚନା ବେଳେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପିଲାମାନେ ଦୁରକୁ ଯାଇ ପାଠ ପଢିବା ପାଇଁ ନାରାଜ ହୋଇ ଅଧାରୁ ଛାଡୁଛନ୍ତି ବୋଲି କହିଥିଲେ। ବିଧାୟକ ଡେପୁଟେସନ ବନ୍ଦ କରି ଯିଏ ଯେଉଁ ସ୍ଥାନକୁ ପୋଷ୍ଟିଙ୍ଗ ହୋଇଛି ସଠିକି ପଠାଇବା ପାଇଁ କହିଥିଲେ। ଏହି ବୈଠକରେ ଜିଲ୍ଲା ମଙ୍ଗଳ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ଉପରେ ଆଲୋଚନା ହୋଇଥିବା ବେଳେ ବୈଠକରେ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ 'ସରଗିଫୁଲ' ଉଦ୍‌ଯାପିତ



ପାପଡ଼ାହାଣ୍ଡି,୨୫।୧୧(ସମିସ):

ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ଏସ୍‌ଏସ୍‌ଡି ବାଳିକା ଉଚ୍ଚବିଦ୍ୟାଳୟରେ ତିନି ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସରଗିଫୁଲ' ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ, ପିଏ ଆଇଟିଡିଏ ରାଜୀବ ଲୋଚନ ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସତ୍ୟବ୍ରତ ବେହେରା, ଆଇଆଇସି ଦୀପକ କୁମାର ଜେନା, ଏସ୍‌ଏସ୍‌ଡି ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନସ୍ଥ ୧୦୧ଟି ବିଦ୍ୟାଳୟରୁ ୩ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସରଗିଫୁଲ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମସ୍ତ ଛାତ୍ରଛାତ୍ରୀ ପାଇ ସରକାର ଅନେକ ସୁବିଧା ସୁଯୋଗ କରିଛନ୍ତି, ଛାତ୍ରଛାତ୍ରୀ ଏହାର ସଦୁପୋଯୋଗ କରି ଭଲ ପାଠ ପଢ଼ିବା ସହ ଭଲ ମଣିଷ ହୋଇ ରାଜ୍ୟ ଓ ଦେଶ ପାଇ ଗୌରବ ଆଣିବା ପାଇଁ ଚେଷ୍ଟା କରନ୍ତୁ ବୋଲି ମନ୍ତ୍ରୀ କହିଥିଲେ। ବରିଷ୍ଠ ଓ କନିଷ୍ଠ ବର୍ଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାଳୀକିଙ୍କର ପଟ୍ଟନାୟକ, ଅଭି ପାଣିଗ୍ରାହୀ ଓ ଜିଲ୍ଲା ମଙ୍ଗଳ ବିଭାଗର ସମସ୍ତ ଅଧିକାରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଓଲଟିଲା କାର୍; ଜଣେ ମୃତ, ଜଣେ ଗୁରୁତର

ପଡିଆ,୨୫।୧୧(ସମିସ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ୍‌ସଦର ମହକୁମାରୁ ପ୍ରାୟ ୪ କିମି ଦୂରରେ ଅବସ୍ଥିତ କତାଗୁଡା ଗ୍ରାମ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ କାର ଭାରସାମ୍ୟ ହରାଇ ଓଲଟି ପଡିଥିବା ଦେଖିବାକୁ ମିଳିଛି। ଯାହାଫଳରେ ଜଣେ ଯୁବକ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୁଚନାନୁଯାୟୀ, ମଙ୍ଗଳବାର ସନ୍ଧ୍ୟା ସମୟରେ ମାଲକାନଗିରି ଅଞ୍ଚଳର ତିନି ଯୁବକ, ନିଳିଗୁଡା ଗ୍ରାମର ଜଣେ ଯୁବକଙ୍କ ସହ କାର୍(ଓଡି ୧୦ କ୍ୟୁ ୭୭୪୩) ଯୋଗେ ପଡିଆ ବଜାରକୁ ଆସି ଫେରୁଥିଲେ। ଫେରିବା ବାଟରେ କତାଗୁଡା ଗ୍ରାମ ନିକଟସ୍ଥ ମୋଡ଼ରେ କାରଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଓଲଟି ଯାଇଥିଲା। ଯାହାଫଳରେ ଘଟଣା ସ୍ଥଳରେ ହିଁ ଅମରେଶ ଦେବ ମଣ୍ଡାଙ୍ଗିଙ୍କ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଥିଲେ। ସୁଚନା ପାଇ ପଡିଆ ଅଗ୍ନିଶମ ଅଧିକାରୀ ବିରେନ୍ଦ୍ର ସିଂ ଏକ ଟିମ୍ ନେଇ ଘଟଣା ସ୍ଥଳରେ ପହଞ୍ଚି ଆହାତ ଯୁବକଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ। ପଡିଆ ଥାନା ଏସଆଇ ନିରୋଦ କୁମାର ବାଘ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ପଡିଆ ଥାନାରେ ଏକ ମାମଲା(୩୫/୨୦୨୫) ରୁଜୁ ହୋଇଥିବା ଜଣାପଡ଼ିଛି।

## ପାରିବାରିକ କଳହ; ନିଆଁରେ ପୋଡି ସ୍ୱାମୀ, ସ୍ତ୍ରୀ ଗୁରୁତର

ମାଲକାନଗିରି,୨୫।୧୧(ସମିସ): ମାଲକାନଗିରି ଜିଲ୍ଲା ସଦରେରେ ଥିବା ତାମିଲ ଚକ ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ପାରିବାରିକ କଳହ ଯୋଗୁଁ ଜଣେ ମହିଳା କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଏଥିରେ ତାଙ୍କ ସ୍ୱାମୀ ମଧ୍ୟ ପୋଡି ଗୁରୁତର ହୋଇଥିବା ଜଣାପଡିଛି। ସୂଚନାନୁଯାୟୀ, ମାଧୁରୀ କଟିମ୍ ନାମକ ମହିଳାଙ୍କ ତାଙ୍କ ସ୍ୱାମୀ ନରେନ୍ଦ୍ର କଟିମଙ୍କ ସହ କୌଣସି ଏକ କାରଣକୁ ନେଇ ଝଗଡା ହୋଇଥିଲା। ସ୍ଥିତି ଏପରି ହେଲା ଯେ, କିରୋସିନ ଢାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ ମାଧୁରୀ। ସେହି ସମୟରେ ତାଙ୍କ ସ୍ୱାମୀ ଆସି ସମ୍ପର୍କୀୟଙ୍କ ସାହାଯ୍ୟରେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। ସ୍ତ୍ରୀକୁ ବଞ୍ଚାଇବାକୁ ଯାଇ ସ୍ୱାମୀକୁ ମଧ୍ୟ ଦୁଇ ହାତ ସହ ଶରୀରର କିଛି ଅଂଶ ପୋଡ଼ିଯାଇଥିବା ଦେଖିବାକୁ ମିଳିଛି। ତେବେ ଗୁରୁତର ଅବସ୍ଥାରେ ଥିବା ସ୍ତ୍ରୀ ଏବଂ ସ୍ୱାମୀଙ୍କୁ ସଂପର୍କୀୟମାନେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ସେଠାରେ ସେମାନଙ୍କ ଚିକିତ୍ସା ଜାରି ରହିଛି। ମହିଳାଙ୍କ ଶରୀରର ପ୍ରାୟ ୭୦ ଭାଗ ପୋଡ଼ି ଥିବା ବେଳେ ସ୍ୱାମୀଙ୍କର ମଧ୍ୟ ପ୍ରାୟ ୩୦ ଭାଗ ପୋଡ଼ିଥିବା ଡାକ୍ତର କହିଛନ୍ତି।

# ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ



ମାଲକାନଗିରି,୨୫।୧୧(ସମିସ): ଖରିଫ ବର୍ଷ ୨୦୨୫-୨୬ ଧାନ ସଂଗ୍ରହ ନିମନ୍ତେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆଜି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।ଚାଷୀ ଯେପରି ସୁବିଧାରେ ନିଜ ଧାନ ବିକ୍ରି କରିପାରିବେ ସେଥିପାଇଁ ଅବଶ୍ୟକୀୟ ପ୍ରସ୍ତୁତି କରିବା ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ସହ ପ୍ରଶାସନର ଆଦେଶ ଖିଲାପକାରୀ ଅଧିକାରୀ, ମିଲର ତଥା ଦଲାଲଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାଷୀଙ୍କୁ ପ୍ରତିଶୃତି ଦେଇଛନ୍ତି। ବୈଠକରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀଙ୍କ ସମେତ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲୁ ଉପସ୍ଥିତ ଥିଲେ। ମଣ୍ଡିରେ ଦଲାଲଙ୍କ ସମ୍ପୃକ୍ତି ଏବଂ କଟନୀ ଛଟନି ଭଳି ବିଭିନ୍ନ ଅବ୍ୟବସ୍ଥା ବନ୍ଦ କରିବା ପାଇଁ ଅତିଥିମାନେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ତଥା ଉପସ୍ଥିତ ଲୋକ ପ୍ରତିନିଧିଙ୍କ ଅନୁମୋଦନ କ୍ରମେ ଆଗାମୀ ଡ଼ିସେମ୍ବର ୧୭ ତାରିଖରୁ ଖରିଫ ଋତୁ ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ କରିବା ସହ ଜିଲ୍ଲାର ସମୁଦାୟ ୭ ଗୋଟି ବ୍ଲକରେ ଧାନ ସଂଗ୍ରହ କରିବା ବ୍ୟବସ୍ଥା କରାଯାଇଥିବା ସୂଚାଇଥିଲେ।୨୦୨୫-୨୬ ଖରିଫ ଋତୁ ପାଇଁ ଏଫସିଆଇ ପକ୍ଷରୁ ଚାଉଳ ଉଠେଇବା ପାଇଁ ମାଲକାନଗିରି ଠାରେ ଏକ ଗୋଦାମ କରାଯିବ। ଚାଷୀଙ୍କ ସୁବିଧା ପାଇଁ ଧାନ ସଂଗ୍ରହ କେନ୍ଦ୍ରରେ ଡିଜିଟାଲ ଆଦ୍ରତା ମିଟର, ତାରପୋଲିନ, ୱେଟବ୍ରିଜ, ବିଶ୍ଳେଷଣ କିଟ୍ ଆଦି ଯୋଗାଇବା ସହ ପ୍ରତୀକ୍ଷା କକ୍ଷ, ଛାଇ, ପାନୀୟଜଳ, ଲାଇଟ, ପାଇଖାନା, ସିସିଟିଭି ଏବଂ ମୂଲ୍ୟ ପ୍ରଦର୍ଶନ ବୋର୍ଡ ଆଦି ସୁବିଧା ଥିବା ମୋଡେଲ ମଣ୍ଡିର ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ କୁହାଯାଇଛି। ଚାଷୀଙ୍କ ପୂର୍ବ ସମସ୍ୟା ଗୁଡିକର ଆଲୋଚନା ତଥା ପରାମର୍ଶ ଝୋଟ ବ୍ୟାଗ ଯୋଗାଇବା କିମ୍ବା ଚାଷୀ ଦେଇଥିବା ବ୍ୟାଗର ଉଚିତ ମୂଲ୍ୟ ମିଲର ବହନ କରିବେ ଏବଂ ଏହାର ତଦାରଖ ନିମନ୍ତେ ସ୍ୱତନ୍ତ୍ର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ। ସେ ମଣ୍ଡିସ୍ତରରେ ସମସ୍ତ ଚାଷୀ କିଭଳି ସଠିକ ଭାବେ ପଇସା ପାଇବେ ସେ ବ୍ୟବସ୍ଥା କରିବେ ବୋଲି ଜିଲ୍ଲାପାଳ କହିଥିଲେ। ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ

### ଡିସେମ୍ବର ୧୭ ରୁ ମଣ୍ଡି ଆରମ୍ଭ

ଆଧାରରେ ଜିଲ୍ଲାପାଳ ଏବର୍ଷ ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ନିମନ୍ତେ କୌଣସି ମିଲର, ଆରଏମସି ଅଧିକାରୀ ଏବଂ ଯୋଗାଣ ଅଧିକାରୀ ଠକେଇ କଲେ ତୁରନ୍ତ ଥାନାରେ ଏତଲା ଦେବା କିମ୍ବା ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିବା ଓ ଅଭିଯୋଗର ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଥିଲେ। ଭିତ୍ତିଭୂମିର ସୁବିଧା ନିମନ୍ତେ ପ୍ରଶାସନ ତରଫରୁ ମଡେଲ ମଣ୍ଡି ବ୍ୟବସ୍ଥା କରାଯିବା ସହିତ ଚାଷୀଙ୍କୁ ଗ୍ରାମ ପଞ୍ଚାୟତସ୍ତରରେ ଚାଷୀମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ଜିଲ୍ଲାର ସମସ୍ତ ସୀମାରେଖାରେ ପୋଲିସ୍ ମୁତୟନ କରିବା ସହିତ କଡାକଡି ଯାଞ୍ଚ କରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ଉପଜିଲ୍ଲାପାଳ ଅଶ୍ୱିନ୍ ଏଏଲଙ୍କ ସମେତ ଜିଲ୍ଲାର କୃଷକ ପ୍ରତିନିଧି, ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିବା ବେଳେ ଜିଲ୍ଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା ବୈଠକକୁ ପରିଚାଳନା କରିଥିଲେ।

# ଲଣ୍ଡନ କିଡ୍ସ ସ୍କୁଲର ବାର୍ଷିକ ଉତ୍ସବ




ଗୁଣୁପୁର,୨୫।୧୧(ସମିସ): ସ୍ଥାନୀୟ ଲଣ୍ଡନ କିଡ଼ସ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ "କିଡ଼ସ କର୍ଣ୍ଣିଭାଲ"ସୋମବାର ଅନୁଷ୍ଠିତ ହୋଇଯାଇଛି। ଗୁଣୁପୁର ଆଦର୍ଶ ଥାନା ଅଧିକାରୀ କମଳାକାନ୍ତ କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ରାୟଗଡା ଉତ୍କଳ ଆଇନ ବିଦ୍ୟାଳୟର ସଭାପତି ପ୍ରଫେସର ଡ଼. ଅଶୋକ କୁମାର ମିଶ୍ର, ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ଏମପାୱାର ପବ୍ଲିକ ସ୍କୁଲର ସଭାପତି ଅନିମୁ ସୂରିୟା ଏବଂ ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟର ଆଦର୍ଶ ଶିକ୍ଷକ କେ. ଚିରଞ୍ଜିବି, ଲଣ୍ଡନ କିଡ଼ସ ବିଦ୍ୟାଳୟର ସଭାପତି ନୀଳକଣ୍ଠ ଦିଗାଲ, ସମ୍ପାଦକ ଅଶୋକ କର, ପରିଚାଳନା ନିର୍ଦ୍ଦେଶିକା ସୌଭାଗ୍ୟ ମଞ୍ଜରୀ ଜେନା, ଅଧ୍ୟକ୍ଷା ସ୍ମିତା ମଲ୍ଲିକ ମଞ୍ଚାସିନ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସ୍ମିତା ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଶ୍ରୀ କହଁର ଛାତ୍ର ଜୀବନରେ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ନିଷ୍ଠାର ସହ ବିଦ୍ୟା ଅର୍ଜନ କରିବାକୁ ପିଲାଙ୍କୁ ପରାମର୍ଶ ଦେଇଥିଲେ। ଗତ ଦୁଇବର୍ଷ ଧରି ଅଭିଭାବକମାନଙ୍କ ସମ୍ପୂର୍ଣ୍ଣ ସହଯୋଗ ଓ ବିଦ୍ୟାଳୟ ପରିଚାଳନା କମିଟିର ଅବଦାନକୁ ନିର୍ଦ୍ଦେଶିକା ଶ୍ରୀମତୀ ଜେନା ପ୍ରକାଶ କରିଥିଲେ। ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀମାନଙ୍କୁ ନେଇ ମଞ୍ଚରେ "ଅପରେସନ ସିନ୍ଦୁର"ର ଏକ ଝଲକ ପରିବେଷଣ କରାଯାଇଥିଲା। ଯାହା ମୁଖ୍ୟ ଆକର୍ଷଣ ପାଲଟିଥିଲା। ନିଜ ଛୁଆଙ୍କ ସହ ମା'ମାନଙ୍କ ନୃତ୍ୟ ପରିବେଷଣ ଅତି ଉଚ୍ଚକୋଟିର ଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିବା ବେଳେ ବିଦ୍ୟାଳୟକୁ କ୍ରମାଗତ ଭାବରେ ସହଯୋଗ ଯୋଗାଇ ଆସୁଥିବା କିଛି ଅଭିଭାବକମାନଙ୍କୁ ମଞ୍ଚରେ ପୁଷ୍ପଗୁଚ୍ଛ ସହ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଉତ୍ତମ ଶିକ୍ଷୟିତ୍ରୀ ଭାବେ ସୁଶ୍ରୀ ରଶ୍ମିତା ଗୁଣ୍ଠା, ସମୟାନୁବର୍ତ୍ତିତା ପାଇଁ ଶିକ୍ଷୟିତ୍ରୀ ସୁଶ୍ରୀ ଜୁଲି ଶବର, ଉତ୍ତମ ଛାତ୍ର ଭାବେ ଆରୁଷ ନାୟକ ଏବଂ ଆଦର୍ଶ ଅଭିଭାବକ ଭାବେ କେଶରାଓଧିତନୟା ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ କର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମିତା ଗୁଣ୍ଠା ଧନ୍ୟବାଦ ଅର୍ପଣ କରିଥିଲେ।

### ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସରଗିଫୁଲ' ଉଦ୍‌ଯାପିତ

# ଲୁକ୍କାୟିତ ପ୍ରତିଭା ଲୋକଲୋଚନକୁ ଆଣିବାର ମଞ୍ଚ 'ସରଗିଫୁଲ'




ଗୁଣୁପୁର/ରାୟଗଡ଼ା,୨୫।୧୧(ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ୍‌ର ବିକ୍ରମପୁର ସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପରିସରରେ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ।ରବିବାର ଉଦ୍‌ଯାପିତ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବରେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ଉପସ୍ଥିତ ରହିଥିବାବେଳେ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷା ମଣିମାଳା ଶବର ଏବଂ ରାମନାଗୁଡା ବ୍ଲକ୍ ଅଧ୍ୟକ୍ଷ ରବି ଶଙ୍କର ଗମାଙ୍ଗ, ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ, ଅତିରିକ୍ତ ମଙ୍ଗଳ ଅଧିକାରୀ ପ୍ରଦୀପ ଦଳେଇ, ଏକଲବ୍ୟ ସ୍କୁଲ ଅଧ୍ୟକ୍ଷ ଅନନ୍ତ ତ୍ରିପାଠୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ପରିଚାଳନା କରିଥିଲେ। ପ୍ରତ୍ୟେକ ପିଲାଙ୍କ ପାଖରେ ଗୋଟିଏ ପ୍ରତିଭା ଲୁଚି ରହିଛି, ସେ ପ୍ରତିଭା ଲୋକ ଲୋଚନକୁ ଆଣିବା ପାଇଁ ଏକମାତ୍ର ମଞ୍ଚ ସରଗିଫୁଲ ବୋଲି ବିଧାୟକ କହିବା ସହ ଶିକ୍ଷକ ଓ ଛାତ୍ରମାନଙ୍କ ମଧ୍ୟରେ ଉତ୍ତମ ସଂପର୍କ ରହିବା ଆବଶ୍ୟକ, ଶିକ୍ଷକ ସ୍ନେହ, ଶ୍ରଦ୍ଧା ଓ ସଂପର୍କର ଡୋରିରେ ବାନ୍ଧି ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ପ୍ରଦାନ କରିଲେ ଛାତ୍ରଛାତ୍ରୀ ମାନେ ଉଚ୍ଚକୋଟୀର ଶିକ୍ଷାଲାଭ କରିବା ସହ ଭବିଷ୍ୟତରେ ସଫଳ ମଣିଷଟିଏ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ୧୪୯ ଗୋଟି ସ୍କୁଲର ପ୍ରାୟ ୧୫ଶହ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୪୯ ଗୋଟି ସ୍କୁଲର ଛାତ୍ରଛାତ୍ରୀ ମାନେ ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନ କୌଶଳ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେବା ନିମନ୍ତେ ୪୫୯ ଜଣ ଶିକ୍ଷକ ନିୟୋଜିତ ହୋଇଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗରେ ଜୀବନ କୌଶଳ ପ୍ରଦର୍ଶନ, ମ୍ୟୁଜିକାଲ ଗ୍ୟାଲେରୀ, ଦଳଗତ ନୃତ୍ୟ ପ୍ରତିଯୋଗିତା, ଏକକ ନୃତ୍ୟ ପ୍ରତିଯୋଗିତା, ଏକକ ଅଭିନୟ ପ୍ରତିଯୋଗିତା, ଯନ୍ତ୍ରବାଦକ ପ୍ରତିଯୋଗିତା, ସଂଗୀତ ପ୍ରତିଯୋଗିତା, ତର୍କ ପ୍ରତିଯୋଗିତା, ବକ୍ତୃତା, ଭଲିବଲ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଚଳିତ ବର୍ଷ ପ୍ରତି ବ୍ଲକର ଶ୍ରେଷ୍ଠ ଶିକ୍ଷକ, ସହାୟିକା ଏବଂ ହଷ୍ଟେଲ ନର୍ସମାନଙ୍କୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ପିଲାଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲକି ଥିଲା ମଞ୍ଚ। କଲ୍ୟାଣ ବିଭାଗ ଶିକ୍ଷକ ଶିକ୍ଷୟତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୋଷ୍ଠୀ ଭିତ୍ତିକ ଓ ସାମାଜିକ ସଂଗଠନ କର୍ମୀଙ୍କ କର୍ମଶାଳା




କାଳିମେଳା,୨୫।୧୧(ସମିସ) : ମାଲକାନଗିରି ଜିଲ୍ଲା କାଳିମେଳା ବ୍ଲକ ସଦର ମହକୁମାରେ ଆଇଟିସି ମିଶନ ସୁନହରାକାଲ ସହଯୋଗରେ ପରିଚାଳିତ ଆଇଜିଡି ଏନଜିଓ ପକ୍ଷରୁ ଗୋଷ୍ଠୀ ଭିତ୍ତିକ ଓ ସାମାଜିକ ସଂଗଠନ କର୍ମୀଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ବ୍ଲକ୍ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳରେ ମାତୃ, ଶିଶୁ ସ୍ୱାସ୍ଥ୍ୟ, କିଶୋର ସ୍ୱାସ୍ଥ୍ୟ, କୁପୋଷଣ ଦୁରୀକରଣ, ରକ୍ତହୀନତା ଦୁରୀକରଣ ସହ ସ୍ୱଚ୍ଛତା ବଜାଇ ରଖିବା ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଇଜିଡି ଏନଜିଓର ରାଜ୍ୟ ମୁଖ୍ୟ ଡଃ ମୁକେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାଳିମେଳା ବ୍ଲକର ଶ୍ୟାମ ସୁନ୍ଦର୍ ନାୟକ, ଓଡ଼ିଶା ଜିବିକା ମିଶନର ଅଧିକାରୀ ରତନ ଗୋଲଦାର, ସେବା ସଂସ୍ଥାର ସୁରେନ୍ଦ୍ରନାଥ ବାରିକ, ସୃଷ୍ଟି ସଂସ୍ଥାର ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଆଇଜିଡି ସଂସ୍ଥା ପକ୍ଷରୁ ଗ୍ରାମାଞ୍ଚଳରେ କୁପୋଷଣ ଓ ରକ୍ତହୀନତା ଦୂରକରିବା ପାଇଁ କ୍ଷୁଦ୍ର ଶସ୍ୟକୁ ପ୍ରତ୍ୟେକ ବ୍ୟକ୍ତି ନିଜର ଖାଦ୍ୟରେ ସାମିଲ କରିବାକୁ ଆହ୍ୱାନ ଦିଆଯାଇଛି। ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅମୃତଭଣ୍ଡା, ଲେମ୍ବୁ, ସଜନା ଚାରା ପ୍ରଦାନ କରାଯାଇଥିଲା। ପୂଜା ଚକ୍ରବର୍ତ୍ତୀ, ଗୋବିନ୍ଦ ସରଦାର, ଝିଲି ସିଲ, ନୟାମୀ ଖରା ଓ ଅଭୟ ମଣ୍ଡଳ ପ୍ରମୁଖ ସହଯୋଗ କରିଥିଲେ।

### ବିପଦ ସଂକୁଳ ଆମ୍ବାପଡ଼ା ପୋଲ

# କଂକ୍ରିଟ ଭାଙ୍ଗି ବାହାରି ପଡିଛି ଲୁହାଛଡ଼

ମାଥିଲି,୨୫।୧୧(ସମିସ): ରାଜ୍ୟ ଓ କେନ୍ଦ୍ର ସରକାର ଗ୍ରାମାଞ୍ଚଳ ଗୁଡିକୁ ସହର ସହିତ ଯୋଡିବା ପାଇଁ ଗମନାଗମନ ପାଇଁ ରାସ୍ତା ନିର୍ମାଣ ସହିତ ନଦୀ ଗୁଡିକ ଉପରେ ପୋଲ ନିର୍ମାଣ କରିଛନ୍ତି। ଯାହାଦ୍ୱାରା ଗ୍ରାମାଞ୍ଚଳ ଗୁଡିକ ଏବେ ସହର ସହିତ ଯୋଡି ହୋଇ ଗ୍ରାମାଞ୍ଚଳର ଲୋକମାନଙ୍କର ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରିଛି। କିନ୍ତୁ ଏମିତି କିଛି ନଦୀ ଉପରେ ନିର୍ମାଣ ହୋଇଥିବା ପୋଲ ଗୁଡିକ ବିଭାଗ ପକ୍ଷରୁ ମରାମତି କରିବାରେ ଅବହେଳା ଯୋଗୁଁ ପୋଲ ଉପରେ କଂକ୍ରିଟ ଭାଙ୍ଗି ଲୁହା ଛଡ଼ ବାହାରକୁ ବାହାରିଥିବା ଦେଖିବାକୁ ମିଳିଛି। ତଥାପି ବିଭାଗୀୟ ଅଧିକାରୀ ସେଥିପ୍ରତି ଦୃଷ୍ଟି ନ ଦେଇ ଅଧିକାରୀମାନେ ଉଦାସୀନତା ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି। ଏହାର ଏକ ଜ୍ୱଳନ୍ତ ଚିତ୍ର ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ। ମାଥିଲି ବ୍ଲକ୍ ଠାରୁ ଖଇରପୁଟ ବ୍ଲକ୍‌ର ଗମନାଗମନର ଦୂରତା କମାଇବା ପାଇଁ ବାଲିଗୁଡା ଠାରୁ



କୁମାରପୁଟ ପର୍ଯ୍ୟନ୍ତ ଦୀର୍ଘ ୧୨ କିଲୋମିଟର ରାସ୍ତା ନିର୍ମାଣ ହୋଇଛି। ଯାହାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ କରାଯାଇଥିଲା। ସେହି ୧୨ କିଲୋମିଟର ରାସ୍ତାରେ ଦୁଇଟି ନଦୀ ଉପରେ ଦୁଇଟି ପୋଲ ନିର୍ମାଣ କରାଯାଇଛି। ଗୋଟିଏ କରଡାବାଡ଼ି ଗ୍ରାମ ନିକଟରେ ନଦୀ ଉପରେ ନିର୍ମାଣ ହୋଇଛି ଏବଂ ଅନ୍ୟଟି ମାଥିଲି ବ୍ଲକ ସଦର ପଞ୍ଚାୟତ ଆମ୍ବାପଡା ଗ୍ରାମ ନିକଟରେ ଥିବା ନଦୀ ଉପରେ ନିର୍ମାଣ କରାଯାଇଛି। ଯାହାକୁ ପୂର୍ବତନ ସ୍ୱର୍ଗତ ପ୍ରହ୍ଲାଦ ଦୋରା ଉଦ୍‌ଘାଟନ କରି ଜନସାଧାରଣଙ୍କ ପାଇଁ ଉତ୍ସର୍ଗ କରିଥିଲେ। କିନ୍ତୁ ଦୁଃଖର ବିଷୟ ସେହି ପୋଲ ନିର୍ମାଣର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ମରାମତି ଅଭାବରୁ ପୋଲ ଉପରେ ଅନେକ ସ୍ଥାନରେ କଂକ୍ରିଟ ଭାଙ୍ଗି ଭିତରର ଲୁହା ଛଡ଼ ବାହାରକୁ ବାହାରି ଦେଖାଯାଉଛି। ଯାହାଫଳରେ ପୋଲଟି ଏବେ ସମ୍ପୂର୍ଣ୍ଣ ଭାବେ ବିପଦ ସଂକୁଳ ଅବସ୍ଥାରେ ଅଛି। ପୋଲ ଉପର ଦେଇ ଯାତାୟାତ କରୁଥିବା ଯାନବାହନର ଟାୟାରରେ ଲୁହା ଛଡ଼ ଗୁଡ଼ିକ ବାଜି ଖରାପ କରୁଥିବାରୁ ଚାଳକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାକୁ ନେଇ ଅଞ୍ଚଳରେ ଜନ ଅସନ୍ତୋଷ ଦେଖାଦେଇଛି। ଏହାକୁ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନେଇ ପୋଲର ସ୍ଥିତି ଅନୁଧ୍ୟାନ ସହ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି।

● ଅଧାରେ ରହିଗଲା ଦାମ୍ପତ୍ୟ ଜୀବନ

# ନିର୍ଯାତନା ସହି ନ ପାରି ଜୀବନ ହାରିଲେ ନବବଧୂ

**ଜୟପାଟଣା,୨୫ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଥାନା ମୁଖୀଗୁଡା ପତିଗୁଡା ଗାଁର ନବବିବାହିତା ରୁବି ବିଶି(୨୫) ଶାଶୂ ଘରେ ନିର୍ଯାତନା ସହି ନପାରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି ।ସୂଚନା ଅନୁଯାୟୀ ମଙ୍ଗଳବାର ଅପରାହ୍ନ ସମୟରେ ରୁବୀଙ୍କୁ ଗୁରୁତର ଅବସ୍ଥାରେ ଜୟପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା ।କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।ରୁବିଙ୍କ ବାପା ଘର ମଦନପୁରରାମପୁର



ହୋଇଥିବା ବେଳେ ବେଳେ ପତିଗୁଡା ଗାଁର ସତ୍ୟବାଦୀ ବିଶିଙ୍କୁ ଗତ ୧୮.୨ ୨୦୨୫ ରେ ସାମାଜିକ ପରମ୍ପରା ଅନୁଯାୟୀ ବିବାହ କରିଥିଲେ । ମଙ୍ଗଳବାର ଦିନ ବେଳେ ରୁବି ନିଜେ ପିନ୍ଧି ଥିବା ଶାଢ଼ୀ ରେ ଫାଶୀ ଦେଇ ଝୁଲି ପଡିଥିଲେ । ବିବାହର ସାତମାସ ନହେଉନୁ ଝିଅର ଏଭଳି ପଦକ୍ଷେପ ସହଜରେ ଗ୍ରହଣ କରିପାରି ନାହାନ୍ତି ରୁବିଙ୍କ ବାପଘଲୋକେ । ଅଭିଯୋଗ ଅନୁଯାୟୀ କୋଣସି କାରଣରୁ ଗତ ତିନି ଚାରି ମାସ ହେଲା ନିଜର ଶାଶୂ ଓ ଦେଢ଼ଶାଶୁ ରୁବିଙ୍କୁ କଥା କଥାରେ ତାଡନା ଓ ମାନସିକ ଚାପ ଦେଇ ଆସୁଥିଲେ ।ଏ ନେଇ ରୁବୀଙ୍କ ଭାଇ ବାରମ୍ବାର ରୁବିଙ୍କୁ ଆଶ୍ୱାସନା ଦେବା ସହ ତାଙ୍କ ଜ୍ୱାଇଁଙ୍କୁ ମଧ ଅବଗତ କରାଇଥିଲେ । ସବୁକିଛି ଠିକ ହେବ ଆଉ ଅଛୁ ବୋଲି ରୁବିଙ୍କୁ ଧର୍ଯ୍ୟ ଦେଇଥିଲେ ।କିନ୍ତୁ ନିର୍ଯାତନା ବନ୍ଦ ହେଲାନାହିଁ ।ଶେଷରେ ସହି ନପାରି ମୋ ଭଉଣୀ ଆତ୍ମହତ୍ୟା ଭଳି ଚରମ ପନ୍ଥା ଆପଣାଇଛି ବୋଲି ରୁବିଙ୍କ ଭାଇ ଅଭିଯୋଗ କରିଛନ୍ତି ।ଯାହାକୁ ନେଇ ରୁବିର ବାପା ଘର ଲୋକେ ଜୟପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଅଭିଯୋଗ ମୁତାବକ ତାଙ୍କ ଝିଅକୁ ନିର୍ଯାତନା ହୋଇଥିବା ସେମାନେ କହିଛନ୍ତି । ପୁଲିସ ଶବ ଜବତ କରି ତଦନ୍ତ ଆରମ୍ଭ କରିଥିବା ବେଳେ ଜୟପାଟଣା ସ୍ୱାସ୍ଥ୍ୟକେନ୍ଦ୍ର ଶବଗୃହରେ ରଖିଛି ଆସନ୍ତାକାଲି ବ୍ୟବଚ୍ଛେଦ ହେବ ।

## ଭାରସାମ୍ୟ ହରାଇ ବାଇକ୍ ଦୁର୍ଘଟଣା ଗ୍ରସ୍ତ, ଚାଳକ ଗୁରୁତର

**ଗୋଲାମୁଣ୍ଡା,୨୫ ।୧୧(ସମିସ):** ଗୋଲାମୁଣ୍ଡା ସ୍ଥାନୀୟ ବିଜୁ ଏକ୍ସପ୍ରେସ ଫୋର୍ ୱେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛକରେ ବାଇକ୍ ଚାଳକ ଭାରସାମ୍ୟ ଦୁର୍ଘଟଣାଗ୍ରସ୍ତ ହୋଇ ଗୁରୁତର ହୋଇଛନ୍ତି । ସୂଚନା ମତେ ଫୋଇରିପାଣି ଗ୍ରାମର ନବିନ ମାଝି(୩୦) ପିତା ଦେବଚନ ମାଝି କୌଣସି କାମ ପାଇଁ ଗୋଲାମୁଣ୍ଡାକୁ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା । ସ୍ଥାନୀୟ ସମାଜସେବୀ ସୁବାସ ନାଏକ ଏବଂ ଶ୍ୟାମସୁନ୍ଦର ଅଗ୍ରୱାଲ ଉକ୍ତ ତାଙ୍କୁ ଉଦ୍ଧାର କରି ଅଗ୍ନିଶମ ବିଭାଗ ଓ ପୁଲିସକୁ ଯୋଗାଯୋଗ କରିଥିଲେ । ଖବର ପାଇ ଅଗ୍ନିଶମ ବିଭାଗ ଏବଂ ପୁଲିସ ଘଟଣା ସ୍ଥଳକୁ ପହଞ୍ଚି ଉକ୍ତ ବ୍ୟକ୍ତିକୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ତାଙ୍କର ମୁଣ୍ଡରେ ଦୁଇ ଜାଗାରେ ଆଘାତ ଲାଗିଛି । ସ୍ୱାସ୍ଥ୍ୟବସ୍ଥା ସୁଧୁରିବା ପରେ ସମାଜସେବୀ ସୁବାସ ନାଏକ ଏକ ଗାଡ଼ି ଭଡ଼ା କରି ତାଙ୍କ ଘରକୁ ପହଞ୍ଚାଇଥିବା ଜଣାପଡ଼ିଛି ।

ଜିଲ୍ଲାସ୍ତରୀୟ ଖରିଫ ଧାନ କ୍ରୟ କମିଟି ବୈଠକ

# ଡିସେମ୍ବର ୩ରୁ ଧାନକିଣା

**ନୂଆପଡ଼ା,୨୫ ।୧୧(ସମିସ)**

ଆସନ୍ତା ଡିସେମ୍ବର ୩ତାରିଖଠାରୁ ଜିଲ୍ଲାରେ ଧାନ କିଣା ଆରମ୍ଭ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ ସବୁ ପ୍ରକାର ପ୍ରସ୍ତୁତି ଚଲାଇଛି । ନୂଆପଡ଼ା ଜିଲ୍ଲାରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ଖରିଫ ଧାନ କ୍ରୟ କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସ୍ଥାନୀୟ ସଦ୍‌ଭାବନା ସଭାଗୃହ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ , ନୂଆପଡା ବିଧାୟକ ଜୟ ଢୋଲକିଆ,ଜିଲ୍ଲା ପରିଷଦ ଅଧକ୍ଷା ଡଲି ମାଝୀ, ସାଂସଦଙ୍କ ପ୍ରତିନିଧି ପ୍ରେମ ଅଗ୍ରୱାଲ,ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ,ଅତିରିକ୍ତ ଜିଲ୍ଲାପାଳ ପ୍ରଫୁଲ୍ଲ କୁଜୁର, ଉପଜିଲ୍ଲାପାଳ ସୁର୍ମି ସୋରେନ୍,ଅତିରିକ୍ତ ଜିଲ୍ଲା ଉନ୍ନୟନ ଅଧିକାରୀ




କ୍ଷମାନିଧି ଭୋଇ,ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜିତ ନାୟକ, ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁ, ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ,ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗଦାନ କରିଥିଲେ । କିଭଳି ଭାବରେ ସୁରୁଖୁରୁରେ ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ହୋଇପାରିବ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ । ଡିସେମ୍ବର ୦୩ ତାରିଖରୁ ଜିଲ୍ଲାରେ ପ୍ରଥମ ଧାନ କିଣା ଆରମ୍ଭ ହେବ ବୋଲି କମିଟିରେ ସ୍ଥିର କରାଯାଇଛି । ଉଭୟ ବିଧାୟକ

### ୫୧୩୪୧ ଚାଷୀ ବିକିବେ ଧାନ

ଧାନ କ୍ରୟ ପ୍ରକ୍ରିୟାରେ ଯେମିତି କୃଷକମାନେ କୌଣସି ସମସ୍ୟାର ସମ୍ମୁଖୀନ ନ ହେବେ ଏବଂ କଟ୍‌ନୀ ଛଟ୍‌ନୀ ହେବ ନାହିଁ ସେଥିପାଇଁ ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବା ପାଇଁ ମତ ରଖିଥିଲେ । ଜିଲ୍ଲା ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ ବିବରଣୀ ପାଠ କରିଥିଲେ । ଏଥର ଜିଲ୍ଲାରେ ୫୧୩୪୧ ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି । ୬୮ ଟି ପ୍ରାଥମିକ କୃଷି ସମବାୟ କେନ୍ଦ୍ର ଓ ୧୦ଟି ମହିଳା ସ୍ୱୟଂ ସହାୟକ ଦଳ ଦ୍ୱାରା ପ୍ରଥମ ପର୍ଯ୍ୟାୟରେ ୧୩,୭୪,୦୦୦ କୁଇଣ୍ଟାଲ ଧାନ କିଣା ଯିବା ଲକ୍ଷ୍ୟ ରଖାଯାଇଛି । ଗତବର୍ଷ ଖରିଫ ଋତୁରେ ୨୩,୦୨,୩୯୭ କୁଇଣ୍ଟାଲ ଧାନ କ୍ରୟ ହୋଇଥିଲା ।ଏଥର କୁଇଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୩୬୯ ଟଙ୍କା ଥିବା ବେଳେ ୮୦୦ ଟଙ୍କା ରାଜ୍ୟ ସରକାରଙ୍କ ଦ୍ୱାରା ବୋନସ ପ୍ରଦାନ କରାଯିବ । ଗତ ବର୍ଷ ଧାର୍ଯ୍ୟ କଷ୍ଟମ ମିଲିଂ ଚାଉଳର ୮୨.୨୬ ପ୍ରତିଶତ ସରକାର କ୍ରୟ କରି ସାରିଛନ୍ତି । ଜିଲ୍ଲାପାଳ ଉଭୟ କୃଷକ ପ୍ରତିନିଧି ଏବଂ ମିଲର ପ୍ରତିନିଧିଙ୍କ ଅଭିଯୋଗ ସହୃଦୟତାର ସହିତ ଶୁଣି ଏହାର ସମାଧାନର ରାସ୍ତା ବାହାର କରାଯିବ ବୋଲି ଆଶ୍ୱସନା ଦେଇଥିଲେ । ଜିଲ୍ଲା ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକମୁକ୍ତ ଜିଲ୍ଲା ଘୋଷଣା ହୋଇଥିବାରୁ ମିଲର୍‌ମାନେ ଅଖା ବସ୍ତା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରିବେ ବୋଲି କହିଥିଲେ । ଜିଲ୍ଲାରେ ସୂଚାରୁ ରୂପେ ଖରିଫ ଧାନ ସଂଗ୍ରହ ପାଇଁ ଜିଲ୍ଲାପାଳ ସମସ୍ତ ଚାଷୀ, ମିଲର ଏବଂ ସମ୍ପୃକ୍ତ ଅଧିକାରୀଙ୍କ ସହଯୋଗ କାମନା କରିଥିଲେ ।

# ନୂଆପଡ଼ାରୁ ବଲାଙ୍ଗିରରେ ପଶିଲେ ୩୧ ହାତୀ



**ନୂଆପଡା,୨୫ ।୧୧(ସମିସ):** ପ୍ରତିବର୍ଷ ଧାନ ଅମଳ ସମୟରେ ଚାଷୀଙ୍କୁ ହାତୀ ଭୟ ଘାରିଥାଏ । ବର୍ଷରେ ଥରେ ଦୁଇ ଥର ହାତୀପଲ ଆସି ଚାଷୀଙ୍କ ଫସଲ ନଷ୍ଟ କରି ଚାଲି ଯାଆନ୍ତି । ଏଥର ମଧ ଗତ ମାସରେ ଜିଲ୍ଲାକୁ ୯ଟିକିଆ ହାତୀପଲ ଆସିଥିବା ବେଳେ ସୋମବାର ରାତିରେ ଜିଲ୍ଲାକୁ ୩୧ଟିକିଆ ହାତୀପଲ ପ୍ରବେଶ କରି ଖଡ଼ିଆଳ ବ୍ଲକ୍ ଚାନ୍ଦୋପଲା ଦେଇ ପଡୋଶୀ ବଲାଙ୍ଗିର ଜିଲ୍ଲାକୁ ପ୍ରବେଶ କରିଛନ୍ତି । ଆଗାମୀ ଦିନରେ ପୁଣି କେବେ ଯେ ଜିଲ୍ଲାକୁ ଫେରି ଆସିବ ବୋଲି ଚାଷୀ ଚିନ୍ତାରେ ପଡିଛନ୍ତି । ପ୍ରକାଶ ଯେ ସୋମବାର ରାତିରେ ଖଡିଆଳ ବ୍ଲକ୍ ତିଖାଲି ଠାରେ ୩୧ ଟିକିଆ ହାତୀପଲ ଥିବା ବନ ବିଭାଗ ନିକଟକୁ ଖବର ଆସିଥିଲା । ସେଠାରେ ଡ୍ୟାମ୍ ପାଣିପିଉ ଥିବା ସ୍ଥାନୀୟ ଲୋକ ଦେଖିଥିଲେ । ମଙ୍ଗଳବାର ସ୍ଥାନୀୟ ଅଞ୍ଚଳର କିଛି ଚାଷୀଙ୍କ ଧାନ କ୍ଷେତରେ ଧାନ ଖାଇ ଉଜୁଡାଇ ଦେଇଥିବା ଖବର ଆସିଛି । ପରେ ବଲାଙ୍ଗିର ଜିଲ୍ଲାକୁ ପ୍ରବେଶ କରିଥିବା ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ ସୂଚନା ଦେଇଛନ୍ତି । ଏହି ହାତୀପଲ ପଡୋଶୀ ରାଜ୍ୟ ଛତିଶଗଡ ରାଜ୍ୟ ଉଦନ୍ତି ଅଭୟାରଣ୍ୟରୁ ସୁନାବେଢ଼ା ଅଭୟାରଣ୍ୟ ଦେଇ ଖଡିଆଳ ବ୍ଲକ୍ ତିଖାଲିକୁ ଆସିଥିଲେ । ସେଠାରେ ବନ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ପ୍ରତି ଧାନ ଦେଇଥିବା ବେଳେ ଅଞ୍ଚଳରେ ସଚେତନତା କରାଯାଇଥିଲା । ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରିଥିବା ବେଳେ ହାତୀପଲ ଆସୁଥିବା ପଥ ଦେଇ ଗ୍ରାମବାସୀଙ୍କୁ ସୁରକ୍ଷିତ ଘରେ ରହିବାକୁ ସତର୍କ କରିଥିଲେ ।

ଫସଲ କ୍ଷୟକ୍ଷତି ହୋଇଥିବା ବେଳେ ସରକାରୀ ନିୟମ ମୁତାବକ ତାଙ୍କୁ କ୍ଷତିପୂରଣ ଚାଷୀମାନେ ଦାବି କରୁଛନ୍ତି । ଏହି ୩୧ ଟିକିଆ ହାତୀପଲରେ ୧୫ ଜଣ ମାଇ ହାତୀ ଥିବା ବେଳେ ବେଳେ ୭ଟି ପୁରୁଷ ହାତୀ ଏବଂ ୮ଟି ଛୁଆ ହାତୀ ଏବଂ ଏହି ଜିଲ୍ଲାରେ ଏକ ଛୁଆ ହାତୀ ଜନ୍ମ ନେଇଥିବା କୁହାଯାଉଛି ।

# ନର୍ଲା ବ୍ଲକ୍‌ରେ ଏକତା ପଦଯାତ୍ରା



**ଭବାନୀପାଟଣା/ନର୍ଲା,୨୫ ।୧୧(ସମିସ):** ଲୌହ ମାନବ ସର୍ଦ୍ଦାର ଭଲ୍ଲଭ ଭାଇ ପଟେଲଙ୍କ ଜୟନ୍ତୀ ପାଳନ ଅବସରରେ ଏକତା ପଦଯାତ୍ରା ନର୍ଲା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ନର୍ଲା ଷ୍ଟାଡିୟମ୍‌ରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପରିକ୍ରମା କରିଥିଲା । ମା' ମାଣିକେଶ୍ୱରୀଙ୍କ ଫଟୋ ଓ ସର୍ଦ୍ଦାର ପଟେଲଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରାଯାଇ ଏକ ଭାରତ ଆତ୍ମ ନିର୍ଭର ଭାରତର ଶପଥ ପାଠ କରାଯାଇଥିଲା । ଅତିଥିଙ୍କ ଦ୍ୱାରା ପତାକା ଦେଖାଇ ଏକତା ପଦଯାତ୍ରାର ଶୁଭାରମ୍ଭ କରାଯାଇଥିଲା । ଏକତା ରଥ ମାଧ୍ୟମରେ ବନ୍ଦେ ମାତରମ ରାଷ୍ଟ୍ରୀୟ ସଂଗୀତ ଗାନ ସହିତ ସମସ୍ତେ ଜାତୀୟ ପତାକା ହାତରେ ଧରି ସହର ପରିକ୍ରମା କରିଥିଲେ । ସମାବେଶରେ ମୁଖ୍ୟ ଅତିଥି ଭାବେ ସାଂସଦ, କଳାହାଣ୍ଡି ମାଳବିକା ଦେବୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ କଳାହାଣ୍ଡି,ପାୱାର ସଚିନ ପ୍ରକାଶ, ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରୱାନ, ଉପ ଜିଲ୍ଲାପାଳ ପ୍ରଭାତ ପରିଡା, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଭାଜପା ଜିଲ୍ଲା ସଭାପତି ଯୁଗଳ କିଶୋର ପୋଡ଼,ବିଡିଓ ବିପିନ ଚନ୍ଦ୍ର ଦୀପ ପ୍ରମୁଖ ଯୋଗଦେଇ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ପାଢି,ମାଇ ଭାରତ ଯୁବ ବ୍ୟାପାର ଅଧିକାରୀ ପ୍ରସନ୍ନ ମେହେର ସହଯୋଗ କରିଥିଲେ । କ୍ରୀଡା କ୍ଷେତ୍ରରେ ଉନ୍ନତି ବିକାଶ ଲାଗି ବିଭିନ୍ନ ଅନୁଷ୍ଠାନକୁ ମାଇ ଭାରତ ଯୁବ କେନ୍ଦ୍ର ପକ୍ଷରୁ କ୍ରୀଡା ସମାଗ୍ରୀ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ଲଇତରା ଆଞ୍ଚଳିକ ସାଧନ କେନ୍ଦ୍ରରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




**କେସିଙ୍ଗା,୨୫ ।୧୧(ସମିସ):** କେସିଙ୍ଗା ବ୍ଲକ୍ ଲଇତରା ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆବାହକ ସିଆରସିସି ତପନ କୁମାର ଦାଶଙ୍କ ଆବାହନରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ କେସିଙ୍ଗା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ତଥା ଡୁମେରମୁଣ୍ଡା ସ୍କୁଲର ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ଦୋରା ଯୋଗ ଦେଇଥିବା ବେଳେ ସରକାରୀ ଉପ୍ରା ବିଦ୍ୟାଳୟ ଲଇତରାର ପ୍ରଧାନଶିକ୍ଷକ କୃଷଚନ୍ଦ୍ର ସାହୁ ସଭାପତିତ୍ୱ କରିଥିଲେ ।

ସମ୍ମାନିତ ଅତିଥି ଭାବେ ସଉପ୍ରା ବିଦ୍ୟାଳୟ କୀକିଆର ବିଜ୍ଞାନ ଶିକ୍ଷକ ଅବନୀ ରଞ୍ଜନ ପଧାନ ଓ ସଉପ୍ରା ବିଦ୍ୟାଳୟ ସୌରପଦର୍‌ର ବିଜ୍ଞାନ ଶିକ୍ଷକ ଆଦିରଥ ଦୁର୍ଗା ପ୍ରମୁଖ ବିଚାରକ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ଲଇତରା ଉଚ୍ଚ ବିଦ୍ୟା ମନ୍ଦିରର ବିଜ୍ଞାନ ଶିକ୍ଷକ ବିଶ୍ୱଜିତ୍ ପୋଡ଼ ଓ ପ୍ରଫୁଲ୍ଲ ବିଶି, ନିମାଇ ଚରଣ ଭୋଇ ମଧ ଯୋଗ ଦେଇ ସହଯୋଗ କରିଥିଲେ । ସଭାପତି ଶ୍ରୀ ସାହୁ ସମସ୍ତଙ୍କୁ ସ୍ୱାଗତ ପରିଚୟ ପ୍ରଦାନ କରି ଥିଲେ । କାର୍ଯ୍ୟକ୍ରମରେ କ୍ଲଷ୍ଟରର ସମସ୍ତ ୧୦ ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିବା ବେଳେ ପ୍ରାୟ ୧୬ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପ୍ରାୟ ୨୦ଜଣ ପ୍ରତିଯୋଗୀ ସହ ୧୫ ଜଣ ବିଜ୍ଞାନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ଏହା ସହିତ ପ୍ରାୟ ୧୩୦ଜଣ ଛାତ୍ର ଛାତ୍ରୀ ମଧ ଅଂଶଗ୍ରହଣ କରିଥିଲେ ।

ପ୍ରଦର୍ଶନୀରେ ଭାଗ ନେଇଥିବା କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇ କରାଯାଇ ଆଗାମୀ ବ୍ଲକ୍‌ସ୍ତରୀୟ ବାଲ ବିଜ୍ଞାନ ପ୍ରଦର୍ଶନୀରେ ଭାଗ ନେବା ପାଇଁ ଶୁଭେଚ୍ଛା ପ୍ରଦାନ କରାଗଲା । ଦୁଇ ଜଣ ଅତିଥି ବିଜ୍ଞାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଶିକ୍ଷକ ମଳୟ ରାଉତ, ଆଲୋକ ଯୋଶୀ, ତାପସ ମହଲା, ଶିକ୍ଷୟିତ୍ରୀ ଭାନୁମତୀ ଚୌହାନ, ବନ୍ଦନା ଦାଶ, ସୁଷମା ଦୋରା, ଅମିନା ଭୋଇ, ନଳିନୀ ନାଗ, ତପସ୍ୱିନୀ ବାଗ, ପ୍ରମିଳା ମାଝି,ଅହଲ୍ୟା ସିଆଲ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।ଶେଷରେ ସଭାପତି ଶ୍ରୀ ସାହୁ ସମସ୍ତଙ୍କୁ ଧନ୍ୟବାଦ୍ ଦେଇ ସଭା ସାଙ୍ଗ କରିଥିଲେ ।

ସଂପୂର୍ଣ୍ଣ କାର୍ଯ୍ୟକ୍ରମକୁ ଡୁମେରମୁଣ୍ଡା ସଉପ୍ରା ବିଦ୍ୟାଳୟର ସହ ଶିକ୍ଷୟିତ୍ରୀ ଲିସାରାଣୀ ଦାସ ସଂଯୋଜନା କରିଥିଲେ ।

## କଳାହାଣ୍ଡି ଲେଖିକା ସଂଘର 'ଶୀତ କାବ୍ୟୋତ୍ସବ'

**ଭବାନୀପାଟଣା,୨୫ ।୧୧(ସମିସ):** ଶୀତ ଆସିଥାଏ ବଗିଚାର କାକର ବିନ୍ଦୁରେ, ମାତା ଲକ୍ଷ୍ମୀଙ୍କ ଅର୍ଘ୍ୟ ଥାଳିରେ, କ୍ଷେତରେ ଦୋହଲୁଥିବା ଧାନର ସୁନା କେଣ୍ଡାରେ କିଛି ଏହିଭଳି ମନ୍ତବ୍ୟ ପରଷି ଦେଇଥିଲେ କଳାହାଣ୍ଡି ଲେଖିକା ସଂଘର କବିମାନେ । ଆଜି ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ସୁଦେଷ୍ଣା ପଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସମ୍ପାଦିକା କଳ୍ପନା ରଥ । ବ୍ରହ୍ମନାଦ କବି ମୀନା ମୁଣ୍ଡ କରିଥିବା ବେଳେ ପ୍ରାରମ୍ଭିକ ସଙ୍ଗୀତ ଗାନକରି ଥିଲେ କଣ୍ଠଶିଳ୍ପୀ ସସ୍ମିତା ରଥ । କବି ସୁମତି ମୁଣ୍ଡଙ୍କ ସଂଯୋଜନାରେ କବି ମୀନା ମୁଣ୍ଡ, ବିଳାସିନୀ ମହାପାତ୍ର, ପଦ୍ମିନୀ ବେହେରା, ପ୍ରମୋଦିନୀ ପଣ୍ଡା,ମମତା ସାହୁ, ପ୍ରେମଶୀଳା ବେହେରା, ସୁଚିସ୍ମିତା ରଥ, କବିତା ମୁଣ୍ଡ, ମିନତି ପ୍ରଧାନ, ମମତା ପଟ୍ଟନାୟକ, ସଂଯୁକ୍ତା ମୁଣ୍ଡ, ତପସ୍ୱିନୀ ପଣ୍ଡା, କଳ୍ପନା ରଥ, ସୁସ୍ମିତା ରଥ, ଝରଣା ପାଢ଼ୀ, ରଶ୍ମିରାଣୀ ରଥ, ସୁମତି ମୁଣ୍ଡ, ସସ୍ମିତା ସାହୁ, ସୁଦେଷ୍ଣା ପଣ୍ଡା ପ୍ରମୁଖ ୨୫ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ ।କାର୍ଯ୍ୟକ୍ରମର ମଧ ଭାଗରେ ଗାଳ୍ପିକା ସନ୍ଧ୍ୟାରାଣୀ ବେହେରାଙ୍କ ଅନୁଭୂତିରେ କେଦାରନାଥ ଗଳ୍ପ ସ୍ଥାନୀତ ହୋଇଥିଲା । କାର୍ଯ୍ୟକ୍ରମରେ ସହସମ୍ପାଦିକା ମିନତି ପ୍ରଧାନ ଗୁଗୁଲମିଟ ସହାୟତା ଯୋଗାଇଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ କବି ଅର୍ଚ୍ଚନା ମିଶ୍ର ।

## ଧର୍ମଗଡ଼ ସ୍ନାତକ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଉଦ୍‌ଯାପିତ

**ଧର୍ମଗଡ଼,୨୫ ।୧୧(ସମିସ):** ଦୁଇଦିନ ଧରି ଅନୁଷ୍ଠିତ ଧର୍ମଗଡ଼ ସ୍ନାତକ ମହିଳା ମହାବିଦ୍ୟାଳୟ ବାର୍ଷିକ କ୍ରୀଡା ଉତ୍ସବ ୨୦୨୫-୨୬ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ମହାବିଦ୍ୟାଳୟର ଅଧକ୍ଷା ସବିତା ପାଇକରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବରେ ସାହିତ୍ୟିକ ବାଗ୍ମୀ ଓ ଶିକ୍ଷାବିତ ସତ୍ୟ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଧକ୍ଷ ପଞ୍ଚାୟତ ମହାବିଦ୍ୟାଳୟ ଜଗନ୍ନାଥ ରାଓ, ବରିଷ୍ଠ ଇଂରାଜୀ ଅଧାପକ ଲିଙ୍ଗରାଜ ପାତ୍ର, ମୂର୍ତ୍ତି ମଞ୍ଜରୀ ପଣ୍ଡା ଅଧକ୍ଷା, ଧର୍ମଗଡ଼ ମହିଳା



ଡିଗ୍ରୀ ମହାବିଦ୍ୟାଳୟ ତଥା ଉଭୟ ଯୁକ୍ତ ଦୁଇ ଯୁକ୍ତ ତିନି ଅଧାପକ, ଅଧାପିକା, ଛାତ୍ରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଉଦ୍‌ଯାପିତ ହୋଇଯାଇଛି । ବାର୍ଷିକ କ୍ରୀଡା ଉତ୍ସବରେ ୧୦୦ ମିଟର, ୨୦୦ମିଟର, ୪୦୦ମିଟରେ ଦୌଡ ସହ ଶଟପୁଟ, ଉଚ୍ଚ ଡିଆଁ, ମିଉଜିକ୍ ଚେୟାର ଓ ଦୌଡ଼ି ଟଣା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅନେକ ଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଯୁକ୍ତ ଦୁଇ ଛାତ୍ରୀ ଅଲିସା ମାଝି ଓ ଯୁକ୍ତ ତିନି ଛାତ୍ରୀ ପୂର୍ଣ୍ଣିମା ମାଝି ଚାମ୍ପିଅନ ହୋଇଥିଲେ । ବଙ୍କିମ କୁମାର ମୁଣ୍ଡ ଇଂରାଜି ଅଧାପକ ଓ ସଂଜୀବ ମୁଣ୍ଡ ଏଜୁକେସନ ଅଧାପକ ସଭାକାର୍ଯ୍ୟ ସମ୍ପାଦନା କରିଥିଲେ । ଉଭୟ ଯୁକ୍ତ ଦୁଇ ଓ ଯୁକ୍ତ ତିନିର ସମସ୍ତ ଅଧାପକ,ଅଧାପିକାଙ୍କ ସହିତ ଉମେଶ ସୁନା, ହିତେଶ ନାଏକ, ଅଙ୍କିତ ନାୟକ,ମନିଷା ବାଗ, ଅନାମିକା ବେହେରା, ପ୍ରଜ୍ଞା ପରମିତା ପ୍ରଧାନ, ବାସନ୍ତୀ ସାହୁ ସମେତ ସମସ୍ତଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲା । ଶେଷରେ ପୁରସ୍କାର ବିତରଣ ସମାରୋହ ଆୟୋଜିତ ହୋଇଥିଲା । ଇଂରାଜୀ ଅଧାପକ ବଙ୍କିମ ମୁଣ୍ଡ ଧନ୍ୟବାଦ ଅର୍ପଣ କରିଥିଲେ ।

# ସିନାପାଲି ବ୍ଲକ୍‌ରେ ଅଭିଯୋଗ ଶୁଣାଣି



**ସିନାପାଲି,୨୫ ।୧୧(ସମିସ):** ସୋମବାର ସିନାପାଲି ବ୍ଲକ୍ ସଭାଗୃହରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପଜିଲ୍ଲାପାଳ ସୁର୍ମି ସୋରେନ୍, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ ଧନେଶ୍ୱର ସେଠୀ,ବ୍ଲକ୍ ଅଧକ୍ଷା ମାଧୁରୀ ମାଝୀ,ଉପାଧକ୍ଷା ମୀନା ଘିବେଲା,ବିଡ଼ିଓ କାର୍ମୀ ଓରାମ, ତହସିଲଦାର ଉପାଞ୍ଜଳୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ । ଡେପୁଟୀ କଲେକ୍ଟର ଚିନ୍ମୟ ସାଗର, ଶେଖ୍ ନସୀମ,ହେମନ୍ତ ପୁଟା ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ । ଚଟିଆଗୁଡ଼ା ଗାଁର ବୃଦ୍ଧ କୀର୍ତ୍ତନ ବାଗଙ୍କୁ ଦଶ ହଜାର ଟଙ୍କା ଏବଂ ଗମ୍ଭାରୀଗୁଡ଼ା ଗାଁର ଭିନ୍ନକ୍ଷମ ଝିଅ ଭୂମିସୂତା ମେହେରଙ୍କୁ ପାଞ୍ଚ ହଜାର ଟଙ୍କାର ତତ୍କାଳ ସହାୟତା ରେଡକ୍ରସ୍ ପାଣ୍ଠିରୁ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଚାରପାଲି ଗାଁର ବୃଦ୍ଧା କ୍ଷମତି ତେଜିଙ୍କ ପୁଅର ବ୍ୟାଙ୍କ୍ ଋଣ ବାକି ଥିବାରୁ ହାତୀବନ୍ଧା ୟୁଜିବି ମ୍ୟାନେଜର ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ରୋକି ଦେଇଥିବା ଅଭିଯୋଗ କରିଥିଲେ । ଜିଲ୍ଲାପାଳ ଶିବିରରୁ ବୃଦ୍ଧାଙ୍କ ବାର୍ଦ୍ଧକ୍ୟ ଭତ୍ତା ବକେୟା ସହିତ ତୁରନ୍ତ ପ୍ରଦାନ କରିବା ପାଇଁ ମ୍ୟାନେଜରଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଯାହାକି ତୁରନ୍ତ କାର୍ଯ୍ୟକାରୀ ହୋଇଥିଲା । କୁସୁମଯୋର ଗାଁରୁ ସିନାପାଲି କଲେଜ୍ ଯାଏଁ ସରକାରୀ ବସ୍ ଚଳାଚଳ କରିବା ପାଇଁ କଲେଜ୍ ଛାତ୍ରଛାତ୍ରୀ ଅନୁରୋଧ କରିବାରୁ ଜିଲ୍ଲାପାଳ ଏହାକୁ ଅନୁମୋଦନ କରିଥିଲେ । ଶିବିରରେ ସିନାପାଲି ବ୍ଲକର ବିଭିନ୍ନ ପଞ୍ଚାୟତ ତଥା ଗ୍ରାମରୁ ଅଭିଯୋଗ ଶୁଣାଣି ହୋଇଥିଲା । ଶିବିର ଉପଲକ୍ଷେ ଟିମନପୁର ପଞ୍ଚାୟତରେ ରକ୍ତଦାନ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା । ପରେ ଟିମନପୁର ପଞ୍ଚାୟତରେ ପ୍ରବାସୀ ଶ୍ରମିକ ନିରାକରଣ ଲାଗି ସଚେତନତା ସଭା ଆୟୋଜିତ ହୋଇଥିଲା । ପଞ୍ଚାୟତରେ ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ତରଫରୁ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ଚିକିତ୍ସା ଶିବିର ମଧ ଆୟୋଜିତ ହୋଇଥିଲା । ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଶିବିରରେ ଉପସ୍ଥିତ ଥିଲେ ।

ପଳସାପଡା ମୋତିଲାଲ ହତ୍ୟା ଘଟଣା

# ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିଲେ ପରିବାର

**ଧର୍ମଗଡ,୨୫ ।୧୧(ସମିସ)**

କୋକସରା ଥାନା ଧର୍ମଗଡ ବ୍ଲକ୍ ବେହେରା ପଞ୍ଚାୟତ ପଳସାପଡାଗ୍ରାମର ହତ୍ୟାକାଣ୍ଡର ୧୨ଦିନ ପରେ ମଧ ଫେରାର ଥିବା ଅଭିଯୁକ୍ତଙ୍କ ଟେର ପାଉନି ପୁଲିସ । ଯାହାକୁ ନେଇ ପରିବାର ଭିତରେ କ୍ଷୁବ୍ଧ ପ୍ରକାଶ ପାଇଛି । ସମ୍ବେଦନଶୀଳ ଘଟଣା ହୋଇଥିଲେ ବି କୋକସରା ପୁଲିସ ଅବହେଳା ଓ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡାଉ ଥିବା ଅଭିଯୋଗ କରି ମୃତକଙ୍କ ବାପା ବୃନ୍ଦାବନ ମେହେର ଓ ପରିବାର ମଙ୍ଗଳବାର ଦିନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପରିବାରଙ୍କ ଅଭିଯୋଗ ମତେ ପ୍ରଥମ ଦିନରୁ ପୁଲିସ ରାଜିନାମା ପାଇଁ ବାଧ କରିଥିଲେ । ରାଜିନାମା ନ ହେବାରୁ ପୁଲିସ ବାଧ ହୋଇ ଅଭିଯୁକ୍ତଙ୍କ ନାଁରେ କେଶ ରୁଜୁ କରି ପରେ ଛାଡି ଦେଇଥିଲା । ସୂଚନା ଅନୁଯାୟୀ ଗତ ୨୬ତାରିଖ ଦିନ ପଳସାପଡାର ମୋତିଲାଲ ମେହେର (୪୫) ବେହେରାସ୍ଥିତ



ଠିପି ଖୋଲା ବିଦେଶୀ ମଦ ଦୋକାନକୁ କୌଣସି କାମ ପାଇଁ ଯାଇଥିଲେ । ସେଠାରେ ବେହେରା ଗ୍ରାମର କ୍ଷୀରୋଦ ନାଏକ,ରଶ୍ମି ନାଏକ ଓ ଟୁନା ପଟେଲ କୌଣସି କାରଣରୁ ବିୟର ବୋତଲରେ ମୋତିକୁ ଆକ୍ରମଣ କରିଥିଲେ । ବିୟର ବୋତଲ ମାଡ଼ରେ ମୋତିଲାଲ ତଳେ ପଡି ଯିବା ପରେ ତିନି ଜଣ ଅଭିଯୁକ୍ତ ନିର୍ଦ୍ଧୁମ ମାଡ଼ ପିଟ କରିଥିଲେ । ଘର ଲୋକେ ଖବର ପାଇ ସେଠାରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କୋକସରା ଥାନାରେ ଅଭିଯୋଗ କରିଥିଲେ ।ତଦନ୍ତ କରି ପୁଲିସ ଏତଲା ଅନୁଯାୟୀ ଅଭିଯୁକ୍ତ ମାନଙ୍କ ନାଁରେ ମାମଲା ରୁଜୁ କରି ଛାଡି ଦେଇଥିଲା ।ହେଲେ ଦିନକୁ ଦିନ ମାଡ଼ ଖାଇଥିବା ମୋତିଲାଲ ମେହର ଙ୍କ ସ୍ୱାସ୍ଥ୍ୟବସ୍ଥା କ୍ଷୀଣ ହେବାରେ ଲାଗିଥିଲା ।ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣା ପରେ ବଲାଙ୍ଗିର ବିକାଶ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିଲେ ହିଁ ଗତ ୧୨ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା । ସେଠାରେ ଡାକ୍ତର ମାଡ଼ ଯୋଗୁ ମୁଣ୍ଡରେ ଗଭୀର ଆଘାତ ହୋଇ ରକ୍ତ ଜମି ରହିଥିବା କହିଥିଲେ । ପୂର୍ବରୁ ମାଡ଼ପିଟ ଘଟଣାରେ ମାମଲା ରୁଜୁ ହୋଇଥିବା ବେଳେ ଯୁବକଙ୍କ ମୃତ୍ୟୁ ପରେ ପୁଲିସ ହତ୍ୟା ମାମଲାକୁ ପରିବର୍ତ୍ତନ କରି ତଦନ୍ତ ଆରମ୍ଭ କରିଥିଲା ।ହେଲେ ଘଟଣାକୁ ୧୨ଦିନ ବିତି ଯାଇଥିଲେ ହିଁ ପୁଲିସର ହାତ ଖାଲି ପଡ଼ିଛି । ଫେରାର ଥିବା ଅଭିଯୁକ୍ତଙ୍କ ଟେର ପାଉନି ପୁଲିସ ।ଯାହା ପରିବାର ପକ୍ଷରୁ କୋକସରା ପୁଲିସର ଅବହେଳା ଓ ଅଭିଯୁକ୍ତଙ୍କୁ ଜାଣି ଶୁଣି ଘଣ୍ଟ ଘୋଡାଉ ଥିବା ଅଭିଯୋଗ କରି ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦ୍ୱାରସ୍ଥ ହୋଇ ତୁରନ୍ତ ଦୋଷୀକୁ ଧରିବା ସହ ପରିବାର ନ୍ୟାୟ ପ୍ରଦାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି ।

### ସାଇବର ସଚେତନତା ଅଭିଯାନ

# ରାଉରକେଲା ପୁଲିସ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ





**ରାଉରକେଲା, ୨୫।୧୧(ସମିସ)**

ଏକମାସ ଧରି ରାଉରକେଲା ପୁଲିସ ଜିଲ୍ଲାରେ ଚାଲିଥିବା ସାଇବର ସଚେତନତା ଅଭିଯାନ ୨୦୨୫ କୁ ନେଇ ଆଜି ସ୍ଥାନୀୟ ସିଭିକ୍ ସେଣ୍ଟର୍‌ଠାରେ ଏକ ମେଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଜି ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇବର ଅପରାଧ ରୋକିବା ପାଇଁ ରାଉରକେଲା ପୁଲିସ ପକ୍ଷରୁ ଆୟୋଜିତ ହୋଇଥିବା ସମସ୍ତ ସଚେତନତାମୂଳକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ମହାନଗର ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ଦୀନାଃ ଦସ୍ତଗିର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଜି ସାଇବର ସଚେତନତାକୁ ନେଇ ପରିବେଶିତ ହୋଇଥିବା ବିଭିନ୍ନ ସଚେତନତାମୂଳକ ନାଟକ, ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ଏହାକୁ ବାସ୍ତବ ଜୀବନରେ କାର୍ଯ୍ୟକାରୀ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏସ୍‌ପି ରାଉରକେଲା ଶ୍ରୀ ନିତେଶ ୱାଧୱାନୀ ସାଇବର ସୁରକ୍ଷାରେ ସଚେତନତା କାହିଁକି ଅତ୍ୟାବଶ୍ୟକ, ତାହା ଉପରେ କହିଥିଲେ ଯେ ଏହି ଅବଧିରେ ରାଉରକେଲା ପୁଲିସ ସର୍ବାଧିକଲୋକଙ୍କ ପର୍ଯ୍ୟନ୍ତ ସଚେତନତା ବାର୍ତ୍ତା ପହଞ୍ଚାଇ ପାରିଛି। ଓଲିଉଡ୍ ସଙ୍ଗୀତଶିଳ୍ପୀ ମୃଣ୍ମୟ ଏମ.ଏସ. ଗୀତ ପରିବେଷଣ କରିଥିଲେ। ପରେ ଖ୍ୟାତନାମା ଷ୍ଟାଣ୍ଡ-ଅପ୍ କମେଡିଆନ୍ ସତ୍ୟବ୍ରତ ମହାପାତ୍ର ତାଙ୍କର ହାସ୍ୟରସରେ ଦର୍ଶକମାନଙ୍କ ମନୋରଞ୍ଜନ କରିଥିଲେ। ଡିଏସ୍‌ପି ସେରୋଫିନା ଖେସ୍ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ ଯେ ସାଇବର ଅପରାଧ ଉପରେ ନିୟନ୍ତ୍ରଣ ରଖିବା ପାଇଁ ରାଉରକେଲାର ବିଭିନ୍ନ ସ୍କୁଲ, କଲେଜ ଏବଂ ସାର୍ବଜନୀନ ସ୍ଥାନରେ ସଚେତନତା ଅଭିଯାନ ସାଇବର ବିପଦ ଏବଂ ନିରାପଦ ଅନଲାଇନ୍ ଅଭ୍ୟାସ ବିଷୟରେ ଲୋକଙ୍କୁ ଶିକ୍ଷା ଦେବା ପାଇଁ ସାର୍ବଜନୀନ କ୍ଷେତ୍ରରେ ବ୍ୟାପକପ୍ରସାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ୧୦୦ ଫୁଟର ସାଇବର ଆଲର୍ଟ ଓଡ଼ିଶାର ସବୁଠାରୁ ବଡ଼ ୧୦୦ ଫୁଟ୍ ସାଇବର ସଚେତନତା ବ୍ୟାନର ପ୍ରଦର୍ଶିତ ହୋଇଥିଲା, ଯାହା ଡିଜିଟାଲ୍ ସୁରକ୍ଷାର ଏକ ଦୃଢ଼ ଦୃଶ୍ୟ ସ୍ମରଣ ପ୍ରଦାନ କରିଥିଲା। ସାଇବର ଗଟ୍ ଟ୍ୟାଲେଣ୍ଟ ଅଂଶଗ୍ରହଣକାରୀମାନେ ନୁକ୍କଡ଼ ନାଟକ, ନୃତ୍ୟ, ଗୀତ, ଅଭିନୟ ଏବଂ ଷ୍ଟାଣ୍ଡ-ଅପ୍ କମେଡି ମାଧ୍ୟମରେ ସାଇବର ସଚେତନତା ବିଷୟବସ୍ତୁ ପ୍ରଦାନ କରିଥିଲେ। ପାଞ୍ଚ ଜଣ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା।

## ସିରିଜ୍ ଦୁର୍ଘଟଣା: ୧ ମୃତ; ୪ ଗୁରୁତର

**ରାଉରକେଲା, ୨୫।୧୧(ସମିସ):** ସ୍ଥାନୀୟ ଜଳଦା ଫାଣ୍ଡି ଅଧୀନ ସି'ବ୍ଲକ ଛକରେ ଆଜି ଜଣେ ମଦ୍ୟପ ସ୍କର୍ପିଓ ଚାଳକଙ୍କ ଉନ୍ମତ୍ତକାଣ୍ଡ ଯୋଗୁଁ ଏକ ସିରିଜ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୪ ଜଣ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ମହିଳା ହେଉଛନ୍ତି ଜଳଦା ସି ବ୍ଲକ ନିବାସୀ ସୁନିତା ମୁଣ୍ଡାରୀ (୩୫)। ସେ ଆଜି ଟିଫିନ୍ ନେଇ ହସ୍ପିଟାଲ ଯିବା ପାଇଁ ସି'ବ୍ଲକରେ ଛିଡା ହୋଇ ବସ୍‌କୁ ଅପେକ୍ଷା କରିଥିବା ବେଳେ ଲାଠିକଟା ଆଡୁ ଏକ ସ୍କର୍ପିଓ ଅତି ଦ୍ରୁତ ଗତିରେ ଆସି ୧୪୩ ନମ୍ବର ଜାତୀୟ ରାଜପଥରୁ ବାହାରୁ ସର୍ଭିସ୍ ରାସ୍ତା ଭିତରକୁ ପଶି ମହିଳାଙ୍କ ଉପରେ ଚଢ଼ି ଯାଇଥିଲା। ଏହା ପରେ ୨ଟି ବାଇକ୍ ଆରୋହୀଙ୍କୁ ଧକ୍କା ଦେଇ ସେଠାରେ ଛିଡା ଥିବା ଏକ କାରକୁ ମଧ୍ୟ ଧକ୍କା ଦେଇଥିଲା। ସ୍କର୍ପିଓ ଚାଳକ ଅତ୍ୟଧିକ ମଦ୍ୟପାନ କରିଥିବାରୁ ନିୟନ୍ତ୍ରଣ ହରାଇଥିବା କୁହାଯାଉଛି। ଏହି ଘଟଣାରେ ଆଉ ୪ ଜଣ ଗୁରୁତର ଭାବେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ପାନପୋଷ ଏସଡିପିଓ ରଶ୍ମୀରଞ୍ଜନ ମହାପାତ୍ର, ରଘୁନାଥପାଲି ଥାନା ଅଧିକାରୀ ରାଜେନ୍ଦ୍ର କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ।

## ଜରେଇକେଲାରୁ ୩ ଅପରାଧୀ ଗିରଫ; ମାରଣାସ୍ତ୍ର ଜବତ



**ରାଉରକେଲା, ୨୫।୧୧(ସମିସ):** ବିଶ୍ରା ଥାନା ଅଧୀନ ସୀମାନ୍ତବର୍ତ୍ତୀ ଜରେଇକେଲା ଅଞ୍ଚଳରୁ ୩ ଦୁର୍ଦ୍ଦାନ୍ତ ଅପରାଧୀଙ୍କୁ ଆଜି ବିଶ୍ରା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଉଛନ୍ତି ବିଶ୍ରା ଥାନା ଅଧୀନ ଏର୍ଲା ଗାଁର ପ୍ରକାଶ ଓରାମ(୧୯), ନିଗମ କୁମ୍ଭାର(୩୦) ଏବଂ କାତେପୁର ଗାଁର ରାମ ମୁଣ୍ଡା (୨୮)। ସେମାନଙ୍କ ଠାରୁ ୨ଟି କଟୁରି, ୨ଟି ଲୁହାଛଡ଼, ଗୋଟିଏ ଛୁରି, ଗୋଟିଏ କୁରାଢ଼ୀ ଏବଂ ଏକ ଟର୍ଚ୍ଚଲାଇଟ୍ ଜବତ କରାଯାଇଛି। ସୂଚନା ମୁତାବକ ଗତକାଲି ରାତିରେ ଜରେଇକେଲା ଅଧୀନ କୁଣ୍ଡାପୋଶ ପୋଲ ନିକଟରେ କୁଖ୍ୟାତ ଡକାୟତ ଦୁର୍ଗାମୁଣ୍ଡା ନେତୃତ୍ୱରେ କିଛି ସଶସ୍ତ୍ର ଡକାୟତ ଜରେଇକେଲା ଅଞ୍ଚଳରେ ଡକାୟତି କରିବା ପାଇଁ ଯୋଜନା କରୁଥିବା ବିଶ୍ୱସ୍ତସୂତ୍ରରୁ ଖବର ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ବିଶ୍ରା ପୁଲିସ କୁଣ୍ଡାପୋଷ ବ୍ରିଜକୁ କର୍ଡନ କରି ନେଇଥିଲେ। ହେଲେ ଅନ୍ଧାରର ସୁଯୋଗ ନେଇ ଦୁର୍ଗା ମୁଣ୍ଡା ସହ ତାର କିଛି ସହଯୋଗୀ ସେଠାରୁ ଦୌଡ଼ି ଫେରାର ହେବାକୁ ସକ୍ଷମ ହୋଇଥିଲେ। ତେବେ ପୁଲିସ ଟିମ୍ ଘଟଣାସ୍ଥଳରୁ ପ୍ରକାଶ ରାମ, ନିଗମ ଓରାମ ଓ ରାମମୁଣ୍ଡା ୩ ଜଣଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲା। ଦୁର୍ଗା ମୁଣ୍ଡା ଓ ଝାଡ଼ଖଣ୍ଡ ରାଜ୍ୟ ପଶ୍ଚିମ ସିଂହଭୂମି ଜିଲ୍ଲା ଜରେଇକେଲା ଥାନା ଅଧୀନ ମକରଣ୍ଡା ଗାଁର ଲୁଲହା ମାହାନ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଗିରଫ ଅପରାଧିମାନେ ପୁଲିସ ନିକଟରେ ସ୍ୱୀକାର କରିଛନ୍ତି।

## ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ୍ ପ୍ରତିଯୋଗିତା




**କୁତ୍ରା, ୨୫।୧୧(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ବିରତୋଲାଠାରେ ଥିବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କେନ୍ଦ୍ର ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଯୋଜନା ମାଧ୍ୟମରେ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମଟି ବିଦ୍ୟାଳୟର ଅଧ୍ୟକ୍ଷା ବାସନ୍ତୀ କାଲୋଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ କୁତ୍ରା ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ଲାକ୍ରା ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ କୁତ୍ରା ଗୋଷ୍ଠୀ ଶିକ୍ଷାଧିକାରୀ ଅନନ୍ତ କୁମାର ନାଏକ, ସଂଗ୍ରାମ ରାଉତ, ଅଧୀକ୍ଷକ ଅଲେଖ ଦଲାଇ, ତ୍ରିଲୋଚନ ନାଏକ, ଅମରେଶ ସାହୁ ପ୍ରମୁଖ ଯୋଗଦେଇ ଥିଲେ। ସରବତୀ ଦେବୀ ମହିଳା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ମୁଖ୍ୟ ରେଶମ ଆରା ବେଗମ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମନୋଜ ଡୁଙ୍ଗଡୁଙ୍ଗ ମଞ୍ଚ ପରିଚାଳନା କରିଥିବା ବେଳେ ସୁଦୀପ୍ତ ବେହେରା, ରାଜେଶ ବେହେରା, ଡିଲେଶ୍ୱର ବେହେରା, ଅଙ୍କିତା ବା, ଆଶୀର୍ବାଦ ମିଶ୍ର, ସାନିକା ଖାଲଖୋ, ମମତା ଶତପଥୀ, ସିକନ୍ଦର ହରୋ ପ୍ରମୁଖ ପରିଚାଳନା କରିଥିଲେ। ଜନାର୍ଦ୍ଦନ ବଢେଇ, ବ୍ରିଧିଚନ୍ଦ୍ର ବିଲୁଙ୍ଗ, ସଞ୍ଜିତା କୁଜୁର, ସବିତା ଦାସ, ଟେକଚାନ୍ଦ ସିଂ, ବିକାଶ ଟପ୍ପୋ, କ୍ଷଣାପ୍ରଭା ମାର୍ଥା, ବୈଦ୍ୟନାଥ ଜୟପୁରିଆ, ତପନ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ଦ୍ଦାର ପଟେଲଙ୍କ ଜୟନ୍ତୀ ଉପଲକ୍ଷେ ଏକତା ପଦଯାତ୍ରା

**ରାଉରକେଲା, ୨୫।୧୧(ସମିସ) :** ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ସମଗ୍ର ରାଜ୍ୟରେ 'ଏକତା ପଦଯାତ୍ରା' ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରଗଡ଼ରେ ଏକ ବିଶାଳ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବ ବ୍ୟାପାର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗ ଦେଇଥିଲେ। ଉପ ବାଚସ୍ପତି ଭବାନୀଶଙ୍କର ଭୋଇ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ, ସୁନ୍ଦରଗଡ଼ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର ଯୋଗ ଦେଇଥିଲେ। ସେହିଭଳି ଜିଲ୍ଲା କ୍ରୀଡ଼ା ସଂସଦ ଷ୍ଟାଡିୟମ ଠାରେ ଆୟୋଜିତ ସାଧାରଣ ସଭାରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସର୍ଦ୍ଦାର ପଟେଲଙ୍କ ସାହସ ଏବଂ ଏକୀକରଣର ଚିରନ୍ତନ ଆଦର୍ଶକୁ ଆପଣେଇବା ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ୍ କୌର, ଅତିରିକ୍ତ ଜିଲ୍ଲାପାଳ ସୁରଜ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ଆଇଏଏସ୍ ଶିକ୍ଷାନବିସ ଫାବୀ ରସିଦ, ଜିଲ୍ଲା ଶିକ୍ଷାଧିକାରୀ ମୁରଲୀ ବେହେରା, ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ତେଜକୁମାର ଖେସ୍, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ମାନ୍ୟଗନ୍ୟ ଅତିଥି ଯୋଗ ଦେଇଥିଲେ।

## ଯୋଗାଣ ମନ୍ତ୍ରୀଙ୍କୁ ଡିଲର ସଂଘର ୮ ଦଫା ଦାବିପତ୍ର



**ରାଉରକେଲା, ୨୫।୧୧(ସମିସ):** ସେକ୍ଟର-୨୦ ସ୍ଥିତ 'ରାଉରକେଲା ହାଉସ' ଠାରେ ଖାଦ୍ୟ ଯୋଗାଣ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ରାଉରକେଲା ସାରକାରୀ ଡିଲର ସଂଘ ତରଫରୁ ଆଠଦଫା ଦାବିପତ୍ର ପ୍ରଦାନ କରାଯାଇଛି। ମୃତ୍ୟୁବରଣ କରିଥିବା ଡିଲର ଭାଇମାନଙ୍କ ଉତ୍ତରାଧିକାରୀମାନଙ୍କୁ ପୁନଃ ନିଯୁକ୍ତି କରାଯିବା, ଇ-କେୱାଇସି କାର୍ଯ୍ୟ ସମ୍ପାଦନର ପାରିଶ୍ରମିକ ଅର୍ଥ ପ୍ରଦାନ, କରୋନାକାଳୀନ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ୧୦ ମାସର ପାରି ଶ୍ରମିକ ବକେୟା ଅର୍ଥ ପ୍ରଦାନ କରିବା, ଗୁଜୁରାଟ, ଦିଲ୍ଲୀ ରାଜ୍ୟ ପରି ଆମ ଓଡ଼ିଶା ଡିଲର ମାନଙ୍କ ପାରିଶ୍ରମିକ ରାଶି ବୃଦ୍ଧି କରିବା, ଅନ୍ୟ ରାଜ୍ୟ ପରି ଆମ ରାଜ୍ୟରେ ମଧ୍ୟ ୩ ବର୍ଷରେ ଥରେ ନବୀକରଣ କରାଯିବା, କରୋନା ସମୟରେ ସରକାରଙ୍କୁ ଫେରସ୍ତ ଦିଆଯାଇଥିବା ଅଖା ବୋରାର ମୂଲ୍ୟ ପ୍ରଦାନ କରାଯିବା, ସବୁ ମାସରେ ଷ୍ଟକ୍ ସମାନ ନଥିବା ବେଳେ ଏକ ମାସରୁ ଅନ୍ୟ ମାସକୁ ଟ୍ରାନ୍ସଫର ହେଉନଥିବାରୁ ଆଗପରି ଷ୍ଟକ୍ ଟ୍ରାନ୍ସଫର ବ୍ୟବସ୍ଥ କରାଯିବା ଆଦି ଉକ୍ତ ଦାବୀ ପତ୍ରରେ ଉଲ୍ଲେଖ ରହିଥିଲା। ଏଥିରେ ସଭାପତି ରଞ୍ଜିତ ନାୟକ, ସାଧାରଣ ସମ୍ପାଦକ ଦଉହରୀ ସାମଲ, ସମ୍ପାଦକ ଦିଲୀପ କୁମାର ଦାସ, କୋଷାଧ୍ୟକ୍ଷ କରୁଣାକର ପ୍ରହରାଜ, ସଂଯୋଜକ ମନମଥ ଦେ, ବିଜୟ ଖୁଣ୍ଟିଆ, ଅମିତାବ ଧଳ, ଅଫତାବ ଅଲି, ଅନନ୍ତ ସାମଲ, କୃଷ୍ଣ ପାତ୍ର, କଲ୍ୟାଣୀ ପ୍ରଧାନ, ପହଲି ନାୟକ, ଭୋଳାନାଥ ରାଉତ, ତପନ ପାତ୍ର, ସୂର୍ଯ୍ୟ ସୁବୁଦ୍ଧି, ଅର୍ପିତା ଏସଏଚ୍‌ଜି, ବସୁଧା ଏସଏଚ୍‌ଜି ଓ ଶିବ ପରିବାର ଏସଏଚ୍‌ଜି ପ୍ରମୁଖ ଉପସ୍ଥିତ ଥିଲେ।


## ବାଲିଶଙ୍କରା ବ୍ଲକ୍‌ରେ ଯୁଗ୍ମ ଜନଅଭିଯୋଗ ଶୁଣାଣି

**ରାଉରକେଲା, ୨୫।୧୧(ସମିସ) :** ସୁନ୍ଦରଗଡ଼ ଜିଲ୍ଲାର ବାଲିଶଙ୍କରା ବ୍ଲକ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୮୭ଟି ଅଭିଯୋଗ ଆସିଥିଲାବେଳେ ସେଥି ମଧ୍ୟରୁ ୨୬ଟି ବ୍ୟକ୍ତିଗତ ଓ ୫୬ଟି ସାମୂହିକ ଅଭିଯୋଗ ରହିଥିଲା। ଏହି ସବୁ ଅଭିଯୋଗ ଗୁଡ଼ିକ ମଧ୍ୟରୁ ୬ଟି ଅଭିଯୋଗର ତତ୍କ୍ଷଣାତ ସମାଧାନ କରାଯାଇଥିଲା। ସେହିଭଳି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୪ଟି ଓ ରେଡକ୍ରସର ଗୋଟିଏ ଆବେଦନ ରହିଥିଲା। ଆଜିର ଏହି ଅଭିଯୋଗ ଶୁଣାଣିରେ ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌର, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସଦର ଉପଜିଲ୍ଲାପାଳ ତ୍ୱନୀ ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।



## ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ ଜଣେ ଗିରଫ

**ରାଉରକେଲା, ୨୫।୧୧(ସମିସ):** ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ସେକ୍ଟର-୭ ଥାନା ପୁଲିସ ଜଣେ ଯୁବକକୁ ଗିରଫ କରିବା ସହ ତା ନିକଟରୁ ୧ କିଲୋଗ୍ରାମ ୬୫୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଛି। ଗିରଫ ଯୁବକ ହେଉଛନ୍ତି ଟିକେଶ୍ୱର ମହାନନ୍ଦ (୩୭)। ତାଙ୍କଘର ବୌଦ୍ଧଜିଲ୍ଲା କଣ୍ଟାମାଳ ଥାନା ଅଧୀନ ସୁରକାପଙ୍ଗା ଗାଁରେ ବୋଲି ପୁଲିସ ଜାଣିବାକୁ ପାଇଛି। ତା'ନିକଟରୁ ୭୫୦ ଟଙ୍କା ଓ ଏକ ମୋବାଇଲ ଫୋନ ଜବତ କରାଯାଇଛି। ସେ ସେକ୍ଟର-୬ ଇସ୍ପାତ ଫୁଟବଲ ଷ୍ଟାଡିୟମ୍ ଠାରେ ଏହି ଗଞ୍ଜେଇ ନେଇ ବିକ୍ରି କରିବା ପାଇଁ ଗ୍ରାହକ ଖୋଜୁଥିବା ବେଳେ ପୁଲିସ ତାକୁ କାବୁ କରିଥିଲା।



### ମାସିକ ସାହିତ୍ୟ ଆସର

# କବି ବଳରାମ ଦାସ ଥିଲେ ସନ୍ଥ ସଂସ୍କାରକ

**ରାଉରକେଲା, ୨୫।୧୧(ସମିସ):** ଛେଣ୍ଡ ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ନିର୍ମଳ ମୁଣ୍ଡାନଗର ଶାଖା ଓ ମଧୁସୂଦନ ପାଠାଗାରର ମିଳିତ ଆନୁକୂଲ୍ୟରେ ଆୟୋଜିତ ମାସିକ ସାହିତ୍ୟ ଆସରରେ 'ଲକ୍ଷ୍ମୀପୁରାଣ ରଚନାର ସାମାଜିକ ପୃଷ୍ଠଭୂମି ଓ ଆଜିର ଆବଶ୍ୟକତା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ପ୍ରଫେସର ଗିରିଜା ଶଙ୍କର ଗୋସ୍ୱାମୀ ଅଧ୍ୟକ୍ଷତା କରି ଲକ୍ଷ୍ମୀପୁରାଣ ଏକ ଧାର୍ମିକ ରଚନା ହେଲେ ମଧ୍ୟ କବି ବଳରାମ ଦାସ ସନ୍ଥ ସଂସ୍କାରକ ଭାବେ ସାମାଜିକ ଓ ପାରିବାରିକ ପରିବର୍ତ୍ତନର ବାର୍ତ୍ତା ଏହି କାବ୍ୟରେ ପ୍ରକାଶିତ ବୋଲି କହିଥିଲେ। ବିଷୟ ବିଶେଷଜ୍ଞ ଭାବେ ସୁସ୍ମିତା ମହାପାତ୍ର ଯୋଗଦେଇ ଲକ୍ଷ୍ମୀ ପୁରାଣ ରଚନାର ସାମାଜିକ, ଅର୍ଥନୈତିକ, ରାଜନୈତିକ ଭିତ୍ତିଭୂମି ଏଥିରେ କେଉଁ ନୀତି ଶିକ୍ଷା ରହିଛି, ଆଜିର ଦିନରେ ଏହାର ପ୍ରାସଙ୍ଗିକତା କଣ, ମାର୍ଗଶିର ମାସ କାହିଁକି ଗୁରୁତ୍ୱପୂର୍ଣ୍ଣ ଏବଂ ପ୍ରତ୍ୟେକ ହିନ୍ଦୁ ନାରୀ କାହିଁକି ମାର୍ଗଶିର ମାସରେ ମାଣବସା ଗୁରୁବାର ପାଳନ କରନ୍ତି ଏହାର ସବିଶେଷ ତଥ୍ୟ ତାଙ୍କ ବକ୍ତବ୍ୟରେ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ରଜେନ୍ଦ୍ର ଦାଶ ଯୋଗ ଦେଇ ଲକ୍ଷ୍ମୀ ପୁରାଣରେ କବି ବଳରାମ ଦାସ ସାମାଜିକ ନ୍ୟାୟ, ନାରୀ ସଶକ୍ତିକରଣ ଓ ଗରୀବ କଲ୍ୟାଣକାରୀ ଯୋଜନା କିପରି ପ୍ରତିଫଳିତ ହୋଇଛି ତାହା ଉଦାହରଣ ମାଧ୍ୟମରେ ପ୍ରକାଶ କରିଥିଲେ। ଗାଳ୍ପିକ ଅଜୟ କୁମାର ମହାନ୍ତି ଗଳ୍ପ ପାଠ କରିଥିଲେ। ଲିଲି ପାଢ଼ୀ ଓ ସଂଯୁକ୍ତା କର ଲକ୍ଷ୍ମୀପୁରାଣ ପାଠ କରିଥିଲେ। ବିଜୟ କୁମାର ବରାଳ ସ୍ୱାଗତଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ରଶ୍ମୀତା ନାଥ ଧନ୍ୟବାଦ ଅର୍ପଣ କରିଥିବାବେଳେ ଅଧ୍ୟାପିକା ଚିନ୍ମୟୀ ପୁରୋହିତ ସଂଯୋଜନା କରିଥଲେ। ହରିହର ଶତପଥୀ, ରବୀନ୍ଦ୍ର କୁମାର ଦାସ, ବିକ୍ରମ ଆଚାର୍ଯ୍ୟ, ଅମୀୟ ମହାନ୍ତି, ରମେଶ ଚନ୍ଦ୍ର ସିଂ, ସଞ୍ଜୟ କୁମାର ମହାପାତ୍ର, ବ୍ରଜକିଶୋର ପାଣି, ରାଖାଲ ମହାନ୍ତି, ଗଜେନ୍ଦ୍ର ସାହାଣୀ, ଆଦିକନ୍ଦ ନାୟକ, ରବୀନ୍ଦ୍ର ନାୟକ, ବେଣୁଧର ମଲ୍ଲ, ପ୍ରଭାତୀ ଗୋସ୍ୱାମୀ, ପ୍ରତିମା ମିଶ୍ର ଏବଂ ଜ୍ୟୋତ୍ସ୍ନାରାଣୀ ରାୟ ପ୍ରମୁଖ ଯୋଗ ଦେଇଥଲେ। କରୁଣାକର ପାଟ୍ଟଶାଣୀ ଓ ସୂର୍ଯ୍ୟ ନାରାୟଣ ପଣ୍ଡା ସହଯୋଗ କରିଥଲେ।




### ଜନସାଧାରଣଙ୍କୁ ସ୍ୱଦେଶୀ ଆପଣାଇବାକୁ ଆହ୍ୱାନ

# ରୋଟାରୀ, ଇନର୍‌ହୁଇଲ କ୍ଲବ୍ ରିଭରସାଇଡ୍‌ର ପଦଯାତ୍ରା

**ରାଉରକେଲା, ୨୫।୧୧(ସମିସ)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭର ଭାରତ ଅଭିଯାନକୁ ଉତ୍ସାହିତ କରିବା ପାଇଁ ଓ ଜନସାଧାରଣଙ୍କୁ ଅଧିକରୁ ଅଧିକ ଭାବେ ସ୍ୱଦେଶୀ ଆପଣେଇବାକୁ ବାର୍ତ୍ତା ଦେବା ଉଦ୍ଦେଶ୍ୟରେ ରୋଟାରୀ କ୍ଲବ୍ ଅଫ୍ ରାଉରକେଲା ରିଭରସାଇଡ୍ ଓ ଇନରହୁଇଲ କ୍ଲବର ମିଳିତ ଆନୁକୂଲ୍ୟରେ ଛେଣ୍ଡ ଭିଏସ୍‌ଏସ୍ ମାର୍କେଟଠାରେ ୱାକାଥନ୍ ବା ଗଣପଦଯାତ୍ରାର ଆୟୋଜନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଆଲମ୍ ସିଂ ରୁପ୍ରା ଯୋଗଦେଇ ଏହି ଗଣପଦଯାତ୍ରାକୁ ଶୁଭାରମ୍ଭ କରିଥିଲେ। ଏହି ଗଣପଦଯାତ୍ରାରେ ଉଭୟ ରୋଟାରୀ ଏବଂ ଇନରହୁଇଲ କ୍ଲବ୍‌ର ସଦସ୍ୟ ସଦସ୍ୟା, ଛେଣ୍ଡ ଯୋଗ ଗ୍ରୁପ୍, ସକାଳ ୱାକରସ୍ ଗ୍ରୁପ୍, ଗୋପବନ୍ଧୁ ପାଠାଗାର, ବୟସ୍କ ନାଗରିକ ସଂଘ, ହାଇଟେକ ମେଡିକାଲ କଲେଜ, ରିମସ୍ ତଥା ଚିନ୍ମୟ ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ମିଶାଇ ଦୁଇ ଶହରୁ ଊର୍ଦ୍ଧ୍ୱ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରିଥିବାବ୍ୟକ୍ତିଙ୍କୁ ଅର୍ଥ ଆକାରରେ ପୁରସ୍କାର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନର୍ ହୁଇଲ ସଭାପତି ସିମ୍ରନଜିତ୍ ସେଖୋନ୍ ଓ ରୋଟାରି କ୍ଲବ ସଭାପତି ଶଙ୍କର ପ୍ରସାଦ ତ୍ରିପାଠୀ ଓ ସେକ୍ରେଟାରୀ ଶରତ କୁମାର ପାଣିଗ୍ରାହୀଙ୍କ ସହ ଦିଲୀପ ବେହେରା, ଆଦିତ୍ୟ ମହାପାତ୍ର, ଅଞ୍ଜଳି ହୋତା, ଅଜିତା ମହାନ୍ତି, ଘନଶ୍ୟାମ ମିରି, ପରମେଶ୍ୱର ପ୍ରଧାନ, ପ୍ରଶାନ୍ତ ରଞ୍ଜନ ପାତ୍ର, ପ୍ରମିଳା ମିଶ୍ର, ଅଜୟ ସାହୁ, ଭଗବାନ ପାଢ଼ୀ, ମୀନା ଶତପଥୀ, ଡ. ମୀନତି ପଣ୍ଡା, ଝରଣା ଦାସ, ସୌଦାମିନୀ ଶତପଥୀ, ଅର୍ଚ୍ଚନା ଦେବତା, ରଞ୍ଜିତା ପଣ୍ଡା, ସୁପ୍ରିୟା ମହାନ୍ତି, ଡ. ଖୁସବୁ ମିଶ୍ର, ଆରତୀ ଷଡ଼ଙ୍ଗୀ, ମହିମା ମହାପାତ୍ର, ପ୍ରାଚୀ ମହାପାତ୍ର, ସବିତା ମହାନ୍ତି, ମଞ୍ଜୁବାଳା ପାଢ଼ୀ, ସହଯୋଗ କରିଥିବାବେଳେ କାବ୍ୟା ହୁଣ୍ଡାଇ, ଛେଣ୍ଡ ପୁଲିସ ଥାନା ଅଧିକାରୀ, ରାଉରକେଲା ସରକାରୀ ଡାକ୍ତରଖାନା, ଇଣ୍ଟରଷ୍ଟେଟ ସିଣ୍ଡିକେଟ ଓ ସିଂହବାହିନୀ ଟ୍ରାନ୍ସପୋର୍ଟ ସହଯୋଗ ଦେଇଥିବାରୁ ତାଙ୍କୁ ୱାକାଥନର ଆବାହକ ସୁଖଭିନ୍ଦର ସିଂ ଶେଖୋନ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟଅତିଥି ଆଲମ୍ ସିଂ ରୁପ୍ରା, ସମ୍ମାନିତ ଅତିଥି ପୁଷ୍ପା ଖଇତାନ ଓ ନଳିନୀ ପ୍ରଭା ପଟ୍ଟନାୟକଙ୍କ ସହ ହରପାଲ ରୁପ୍ରା, ଡ. ପିସି ମହାପାତ୍ର, ଡ. ସୁବୋଧ ମେହେର ପୁରସ୍କାର ବିତରଣ କରିଥଲେ। ପ୍ରତିମା ମହାପାତ୍ର ପରିଚାଳନା କରିଥିଲେ।



# ଦେବଗଡ଼ରେ ଧାନ ସଂଗ୍ରହ ପାଇଁ ପ୍ରସ୍ତୁତି

ଦେବଗଡ଼, ୨୫।୧୧(ସମିସ)



ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ୨୦୨୫ ଖରିଫ ବିପଣନ ବର୍ଷ ନିମନ୍ତେ ଧାନ ସଂଗ୍ରହ କମିଟି ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ପାଣିଗ୍ରାହୀ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲାରେ ଡିସେମ୍ବର ୧୯ ତାରିଖ ଠାରୁ ପ୍ରତି ମଣ୍ଡିରେ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏପର୍ଯ୍ୟନ୍ତ ଜିଲ୍ଲାର ୨୧, ୪୧୪ ଜଣ ଚାଷୀଙ୍କ ନାମ ପଞ୍ଜୀକୃତ ହୋଇଥିବା ବୈଠକରେ ସୂଚନା ପ୍ରଦାନ କରାଯାଇଛି । ଧାନମଣ୍ଡି ଖୋଲିବା ପୂର୍ବରୁ ପ୍ରତ୍ୟେକ ମଣ୍ଡିରେ ପ୍ରାମାଣିକ ଓଜନ କଣ୍ଟା, ଏଫଏକ୍ୟୁ ମାନ ପରୀକ୍ଷଣ ଯନ୍ତ୍ରପାତି, ମାନ ପରୀକ୍ଷଣ କର୍ମଚାରୀ ଉପଲବ୍ଧ କରାଇବାକୁ ନିୟନ୍ତ୍ରିତ ବଜାର କମିଟିକୁ ଜିଲ୍ଲାପାଳ ଶ୍ରୀ ସାହୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ଧାନ କ୍ରୟ ସମୟରେ କୌଣସି ଆପତ୍ତି ଅଭିଯୋଗ କରିବା ନିମନ୍ତେ ୧୯୬୭ ଟୋଲ ଫ୍ରି ନମ୍ବର, ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ମୋବାଇଲ ନମ୍ବର ଓ ଏଫଏକ୍ୟୁ ମାନ ସମ୍ପର୍କରେ ବହୁଳ ପ୍ରଚାର ନିମନ୍ତେ ନିୟନ୍ତ୍ରିତ ବଜାର କମିଟିକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରତ୍ୟେକ ଧାନ ମଣ୍ଡିରେ କମ୍ପ୍ୟୁଟର, ପ୍ରିଣ୍ଟର, ଇଣ୍ଟରନେଟ, ଇନଭର୍ଟର ଓ ଇଲେକ୍ଟ୍ରିସିଟି ଆଦି ଉପଲବ୍ଧ କରାଇବାକୁ ଜିଲ୍ଲା ସମବାୟ ସମିତିର ଉପନିବନ୍ଧକ ଭୀମସେନ ସାହୁ ଓ ସହକାରୀ ନିବନ୍ଧକ ସଚ୍ଚିଦାନନ୍ଦ ଜେନାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ୍ ଚୋପଦାର୍, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ, ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ସମବାୟ ସମିତି ସମୂହର ଉପନିବନ୍ଧକ ଭୀମସେନ ସାହୁ, ସଚ୍ଚିଦାନନ୍ଦ ଜେନା, କୃଷକ ପ୍ରତିନିଧି ପ୍ରଭାସ ମିଶ୍ର, ରଞ୍ଜିତ ପଟେଲ, ସନ୍ତୋଷ ସାହୁ, ମୀନକେତନ ପ୍ରଧାନ, ଯୋଗେଶ୍ୱର ବିଶ୍ୱାଳ, ଅରୁଣ ସାହୁ, ପ୍ରମୋଦ ଝାଙ୍କର୍, ତିଳେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା, ରାଇସ ମିଲର ମନୋଜ ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, କ୍ରୀଷ୍ଣା ଅଗ୍ରୱାଲ, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ, ଯୋଗାଣ ବିଭାଗର କର୍ମଚାରୀ ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ ।

## ଚାନ୍ଦିନୀମାଲ ଧନୁଯାତ୍ରା ପାଇଁ ପ୍ରସ୍ତୁତି



ଝାରସୁଗୁଡ଼ା, ୨୫।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ ଅଧୀନ ଚାନ୍ଦିନୀମାଲ ଗାଁରେ ଧନୁଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ମଙ୍ଗଳବାର ହୋଇଯାଇଛି । କମିଟିର ସଭାପତି ପ୍ରମୋଦ ପ୍ରଧାନ ଏଥିରେ ଅଧକ୍ଷତା କରିଥିଲେ । ମହାଶିବରାତ୍ରି ଜାଗର ଯାତ୍ରା କମିଟି ଚାନ୍ଦିନୀମାଲର ସମସ୍ତ ସଦସ୍ୟ ଓ ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଲୋକ ଯୋଗ ଦେଇଥିଲେ । ଆସନ୍ତା ଫେବୃୟାରୀ ୧୩ରୁ ୧୯ ତାରିଖ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଆୟୋଜନ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି । ବୈଠକରେ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ସାଧାରଣ ସମ୍ପାଦକ ପର୍ଶୁରାମ ରୋହିଦସ, କୋଷାଧକ୍ଷ ଲିଙ୍ଗରାଜ ରୋହିଦାସଙ୍କ ସମେତ ଅଞ୍ଚଳର ଅନେକ ଜନସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ ।

## ବନ୍ଧବାହାଲ ଧନୁଯାତ୍ରା କାର୍ଯ୍ୟାଳୟ ଉଦ୍‌ଘାଟିତ



ଇବଥର୍ମାଲ, ୨୫।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲାରେ ପ୍ରସିଦ୍ଧି ଲାଭ କରିଥିବା ୧୯ ତମ ବନ୍ଧବାହାଲ ଆଞ୍ଚଳିକ ଧନୁଯାତ୍ରା ସକାଶେ ମଙ୍ଗଳବାର ବନ୍ଧବାହାଲ କଲୋନୀ ସ୍ଥିତ ମାଉସୀ ମାଁ ମନ୍ଦିର ପରିସରରେ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ ଏହାର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବନହରପାଲି ଥାନା ଆଇଆଇସି ରଞ୍ଜିତ ନାଏକ, ବନ୍ଧବାହାଲ ଫାଣ୍ଡି ଅଧିକାରୀ ଗଣେଶ କଲେତ, ଆଞ୍ଚଳିକ ଧନୁଯାତ୍ରା କମିଟି ସଭାପତି ବେଣୁଧର ସିଂହ, ମୁଖ୍ୟ ପେଟ୍ରନ୍ ରଘୁନନ୍ଦନ ପଣ୍ଡା, କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା, ସାଧାରଣ ସମ୍ପାଦକ ପ୍ରେମାନନ୍ଦ ସାହୁ, ଝାଙ୍କର ଟଙ୍କଧର ନେଟି ପ୍ରମୁଖ ଯୋଗ ଦେଇଥିଲେ । କମିଟି ସଭାପତି ଶ୍ରୀ ସିଂ ଏଥିରେ ସଭାପତିତ୍ୱ କରିଥିଲେ । ବନ୍ଧବାହାଲ ଧନୁଯାତ୍ରାର ପ୍ରସିଦ୍ଧି ବଢ଼ୁଥିବା ବେଳେ ସବୁ ବର୍ଷ ପରି ସମସ୍ତଙ୍କ ସହଯୋଗରେ ଏହାକୁ ପାଳନ କରିବାକୁ କହିଥିଲେ । ଆଇଆଇସି ଶ୍ରୀ ନାଏକ ଆଇନ୍ ଶୃଙ୍ଖଳା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ଜମିଦାର ବଂଶଜ ସଞ୍ଜୟ ସିଂହ, କମିଟି କୋଷାଧକ୍ଷ କୃଷ୍ଣଚନ୍ଦ୍ର ସିଂହ ଅତିଥିମାନଙ୍କୁ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । କାର୍ଯ୍ୟକାରୀ ସଭାପତି ଉମାକାନ୍ତ ପଣ୍ଡା ସଭା ସଞ୍ଚାଳନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ।

## ମୌଳିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

ବରପାଲି, ୨୫।୧୧(ସମିସ): ବରପାଲି ଲିଟିଲ ଆଞ୍ଜେଲ୍ସ ପବ୍ଲିକ ସ୍କୁଲ ପରିସରରେ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଓ ଏନ୍‌ସିସି ଓଡ଼ିଶା ୫ ବାଟାଲିୟନଙ୍କ ନିର୍ଦ୍ଦେଶକ୍ରମେ ଚତୁର୍ଥ ବାଟାଲିୟନ ଦେବଗଡ଼ ଓଡ୍ରାଫ୍ ଟିମଙ୍କ ସହଯୋଗରେ ଦୁଇ ଦିନିଆ ମୌଳିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଓଡ୍ରାଫ ଟିମ୍‌ର ଉପାସୁ ମାହାରଙ୍କ ନେତୃତ୍ୱରେ ପରିଚାଳିତ ଦୁଇ ଦିନିଆ ଶିବିରରେ ସୁଜିତ ମହାନ୍ତି, ଶୁଭେନ୍ଦୁ ପ୍ରଧାନ, ଦୁର୍ଗା ମୁଣ୍ଡା, ସୁଧୀର ବିଲୁଙ୍ଗ, ମୁକ୍ତେଶ୍ୱର ମହାକୁର, ଗିରିଧାରୀ ବୁଧିଆ, ବିପିନ ବିହାରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ବିପର୍ଯ୍ୟୟ ପୂର୍ବରୁ ବା ପରେ କିପରି ପରିସ୍ଥିତିକୁ କିପରି ନିୟନ୍ତ୍ରଣ କରାଯିବ ତା'ଉପରେ ମୌଳିକ ତାଲିମ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀଙ୍କୁ ମେଡିକାଲର ବ୍ୟବହାର, ପ୍ରାଥମିକ ଉପଚାର ପ୍ରକ୍ରିୟା, ଆପତ୍‌କାଳୀନ ସହାୟତା ଓ ଜୀବନରକ୍ଷା ପ୍ରକ୍ରିୟା ସମ୍ବନ୍ଧୀୟ ଶିକ୍ଷା ପ୍ରଦାନ କରାଯାଇଥିଲା । ଏନସିସି କ୍ୟାଡେଟ ମାନେ ଜରୁରୀ ପରିସ୍ଥିତିରେ ସେବାଦାନ ପାଇଁ ପ୍ରସ୍ତୁତି, ଆତ୍ମବଳ ଓ ଦାୟିତ୍ୱବୋଧକୁ ବୁଝିପାରିବା ସହ ଜୀବନ ବଞ୍ଚାଇବାର କୌଶଳ ଶିକ୍ଷା ଗ୍ରହଣ କରିଥିଲେ । ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଦିବସ ପାଳନ ଅବସରରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଓ ଉପାଧକ୍ଷ ସୁଶୀଳ ରଥଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା । ବିଦ୍ୟାଳୟର ଏନ୍‌ସିସି ଅଧିକାରୀ ମିଳ୍କୀ ବାରିକଙ୍କ ନେତୃତ୍ୱରେ ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଶତବାର୍ଷିକୀ ଜୟନ୍ତୀ ପ୍ରସ୍ତୁତି

ବରଗଡ଼, ୨୫।୧୧(ସମିସ): ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଶତବାର୍ଷିକୀ ଜୟନ୍ତୀ ଉତ୍ସବ ପାଳନ ପାଇଁ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ସ୍ତରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଜେପୁର ବିଧାୟକ ସନତ ଗଡ଼ତିଆଙ୍କ ସହିତ ସମାଜସେବୀ ଗୀତା ମିଶ୍ର, ମମତା ମିଶ୍ର, ସମାଜସେବୀ ସୁବ୍ରତ ବିର୍ଡିଆ, ଡୋଲାମଣୀ ଶତପଥୀ, ଅଞ୍ଜନା ଦାଶ, ସୁଧାଂଶୁ ବାଲା ଦାଶ, ପାର୍ବତୀ ଗିରି ବୃଦ୍ଧାଶ୍ରମର ପରିଚାଳକ ଜଳନ୍ଧର ପଟେଲ, ସୁବାଷ ପ୍ରଧାନ, ଡ.ତହସିଲ ସାହୁ, ଜିଲ୍ଲା ପରିଷଦ ସୁଶାନ୍ତ ଗଡ଼ତିଆ, ନିବାରକୁମରିଆ, ପ୍ରମୋଦିନି ସାହୁ, ବ୍ରଜ ସୁନ୍ଦର ସାହୁ, ସୁବିଜ୍ଞ ମଲ୍ଲିକ ତଥା ସମଲେଇପଦର ଓ ଆଖପାଖ ଗାଁର ଅନେକ ବୁଦ୍ଧିଜୀବୀ ସାମିଲ ହୋଇଥିଲେ । ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ କିପରି ଭବ୍ୟ ଭାବେ ପାଳନ ହୋଇପାରିବ ସେଥିପାଇଁ ସମସ୍ତେ ନିଜନିଜ ମତ ପ୍ରକାଶ କରିଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ କରାଯିବ ବୋଲି ଜିଲ୍ଲାପାଳ ଅଦିତ୍ୟ ଗୋୟଲ ପ୍ରତିଶ୍ରୁତି ଦେଇଥିଲେ । ଉଭୟ ବିଧାୟକ ଏଥିପାଇଁ ଖୁବଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ଏବଂ କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ପ୍ରସ୍ତାବ ଦିଆଯିବ ବୋଲି କହିଥିଲେ । ଏହି ଅବସରରେ ଅନ୍ୟ ମାନଙ୍କ ମଧ୍ୟରେ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ସଂସ୍କୃତି ଅଧିକାରୀ ତାହିର ହୁସେନ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା



ପାଇକମାଲ, ୨୫।୧୧(ସମିସ): ସୁନ୍ଦରଗଡ଼ ଜିଲ୍ଲାରେ ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ୧୪ ବର୍ଷ ବାଳିକା ବିଭାଗରେ ବରଗଡ଼କୁ ହରାଇ ସୁନ୍ଦରଗଡ଼ ବିଜେତା ହୋଇଥିବା ବେଳେ ବରଗଡ଼ ଉପବିଜେତା ହୋଇଛି । ଏଥିରେ ମାଣ୍ଡୋସିଲ କସ୍ତୁରବା ବାଳିକା ବିଦ୍ୟାଳୟର ୪ ଜଣ ଛାତ୍ରୀ ବରଗଡ଼ ଜିଲ୍ଲା ତରଫରୁ ଖେଳି ନିଜ ଜିଲ୍ଲା ପାଇଁ ଟ୍ରଫି ଆଣିବାର ଗୌରବ ଅର୍ଜନ କରିଛନ୍ତି । ସେମାନେ ହେଲେ ତପସ୍ୱିନୀ ବିନାଟ, ଲଭଲୀ ବିନ୍ଧାଣି, ଟିକେଶ୍ୱରୀ ଗଏଁତା, ସଞ୍ଚିତା ପଟେଲ । ସୁନ୍ଦରଗଡ଼ରୁ ଫେରିବା ପରେ ମାଣ୍ଡୋସିଲ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ମାଣ୍ଡୋସିଲ ଅଞ୍ଚଳର ଅନେକ ଖେଳପ୍ରେମୀ, ବୁଦ୍ଧିଜୀବୀ, ଶିକ୍ଷାବିତ ତଥା ଅଞ୍ଚଳବାସୀ ବାଜା ରୋଷଣୀ ସହ ପହଞ୍ଚି ଖେଳାଳିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପୂର୍ବତନ ବିଧାୟକ ସତ୍ୟଭୂଷଣ ସାହୁ, ଗାଁ କମିଟି ସଭାପତି ଜଗନ୍ନାଥ ପୁଟା, ରାଧେଶ୍ୟାମ ପଟେଲ, ମହେନ୍ଦ୍ର ଖୁଣ୍ଟିଆ, ଗୋପାଳ ପ୍ରସାଦ ବେହେରା, ରାଜୀବ ସାହୁ, ରକ୍ଷଦେବ ରଣା, ଶରତ ହଂସ, ବୈବସ୍ତୁତ ପ୍ରଧାନ, ହେମସାଗର ସାହୁ, ଉଗ୍ରସେନ ପ୍ରଧାନ, ହୃଷିକେଶ ବାଗ, ଭୂପନ୍ଦ୍ର ସାହୁ, ପୋର୍ଟା ମିନତୀ ଟେଟେ, ପ୍ରଭାତ ମିଶ୍ର, ତାପସ ସାହୁ, କେଜିଭିବିର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ତଥା ଗାଁର ଅନେକ ଭଦ୍ରବ୍ୟକ୍ତି ଫୁଲତୋଡ଼ା ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ ।

## ପାଇକମାଲ ଜବାହର ନବୋଦୟ ବିଦ୍ୟାଳୟରେ ଯୁବ ଗ୍ରାମସଭା



ପାଇକମାଲ, ୨୫।୧୧(ସମିସ): ପାଇକମାଳ ନବୋଦୟ ବିଦ୍ୟାଳୟର ଉପାଧକ୍ଷ ଅରବିନ୍ଦ ପାତ୍ରଙ୍କ ଅଧକ୍ଷତାରେ ବିଦ୍ୟାଳୟରେ ଯୁବ ଗ୍ରାମସଭା ଆୟୋଜିତ ହୋଇଯାଇଛି । ପାଇମାଳ ପଞ୍ଚାୟତର ସରପଞ୍ଚ ତୁଳବତୀ ତାଣ୍ଡି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ବିଦ୍ୟାଳୟର ୩୭ ଜଣ ଛାତ୍ରଛାତ୍ରୀ ଯୁବ ଗ୍ରାମସଭାରେ ଅଭିନୟ କରିଥିଲେ । କିଭଳି ଗ୍ରାମସଭା ପରିଚାଳିତ ହୁଏ ତାହା ଅଭିନୟ ମାଧ୍ୟମରେ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମର ମୁଖ୍ୟ ଅଧିକାରୀ ଅଧ୍ୟାପକ ଡ.ରଶ୍ମି ରଞ୍ଜନ ପଟ୍ଟନାୟକ ଲେଖକ ଓ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇ ଥିଲେ । ଅଧ୍ୟାପକ ମନୋରଞ୍ଜନ ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କେଶବ, ରାଜେଶ ସାହୁ, ନିରଜ ଶର୍ମା ସହଯୋଗ କରିଥିଲ । ଅଧ୍ୟାପକ ବଳଦେବ ମେହେର ଧନ୍ୟବାଦ ଦେଇଥିଲେ । ନବୋଦୟ ପରି ଗ୍ରାମୀଣ ବିଦ୍ୟାଳୟର ଛାତ୍ରଛାତ୍ରୀ କିଭଳି ପଞ୍ଚାୟତିରାଜ ଅନୁଷ୍ଠାନ ମାଧ୍ୟମରେ ଗାଁ ବିକାଶରେ ଭାଗୀଦାର ହେବେ ସେ ବିଷୟରେ ଶିକ୍ଷଣୀୟ ବାର୍ତ୍ତା ପ୍ରଦାନ କରାଯାଇଥିଲା ।

## ତାରଙ୍ଗରେ କୁରାଳ ପଞ୍ଚମୀ ମହୋତ୍ସବ

ରିଆମାଳ, ୨୫।୧୧(ସମିସ): ଦେବଗଡ଼ ଜିଲ୍ଲା ଅଧୀନ ରିଆମାଳ ତାରଙ୍ଗ ଠାରେ ମଙ୍ଗଳବାର ଆଠପଡ଼ା (କ)ୱାର୍ଡ ପକ୍ଷରୁ କୁରାଳ ପଞ୍ଚମୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ସଭାପତି ତ୍ରିଲୋଚନ ବେହେରା ଓ ସମ୍ପାଦକ ହରେକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସଞ୍ଜୟ ଶତପଥୀ ପୁରୋହିତ କାର୍ଯ୍ୟ ସମ୍ପାଦନ କରିଥିଲେ । ମହାପ୍ରଭୁ ବିଷ୍ଣୁ, ରୁଦ୍ରପାଳ ଓ ରତ୍ନେଶ୍ୱରୀ ଦେବୀଙ୍କର ପୂଜା ହୋଇଥିଲା । ଆଜି କୁମ୍ଭାରବନ୍ଧରୁ କଳସ ଯାତ୍ରା ହୋଇଥିଲା । ସୂର୍ଯ୍ୟ ପୂଜା, ଗୋ ପୂଜା, ବରୁଣ ପୂଜା, ସଙ୍କଳ୍ପ, ଅଷ୍ଟାଦଶ ମାତୃଗଣ ପୂଜା, ନବଗ୍ରହ ପୂଜା, ଗାୟତ୍ରୀ ସାବିତ୍ରୀ, ଲକ୍ଷ୍ମୀନାରାୟଣ, ଉମାମହେଶ୍ୱର, ଶାନ୍ତି ହୋମ, ଯଜ୍ଞକର୍ମ ଓ କୁରାଳ ପୁରାଣ ପାଠ କରାଯାଇଥିଲା । ଦୁଷ୍ମନ୍ତ ବେହେରା, ପତ୍ନୀ କଲ୍ୟାଣୀ ବେହେରା ପୂଜାର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ତାରଙ୍ଗ ପୁରୁଷ ଓ ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ ନାମ ସଙ୍କୀର୍ତ୍ତନ କରିଥିଲେ । ରିଆମାଳ, ବଡବାହଲଳ, ରାମପାଲି, ବୁଡିଦୋ, ତାରଙ୍ଗ, କୁମାଳ, ବୁଡିଦୋ, ସାଲେଭଟା ଓ ବୁଢ଼ାକଟା ଆଦି ଗାଁର କୁରାଳ ସମାଜର ସଦସ୍ୟ ମାନେ ଯୋଗ ଦେଇଥିଲେ । ଚିନ୍ତାମଣି ବେହେରା, କବି ବେହେରା, ଯୁଗଳ କିଶୋର ବେହେରା, ଅଚ୍ୟୁତ ବେହେରା, କୁମର ମଣି ବେହେରା, ରୁଦ୍ର ବେହେରା, ଶେଷଦେବ ବେହେରା, ବଳରାମ ବେହେରା, ପରମାନନ୍ଦ ବେହେରା, ଲିଙ୍ଗରାଜ ବେହେରା ଓ କମଳ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଅଦ୍ୱିକା ଯୋଜନାରେ ଆନ୍ତଃ ଜିଲ୍ଲା ଭ୍ରମଣରେ ୪୪ କିଶୋର କିଶୋରୀ

ଦେବଗଡ଼, ୨୫।୧୧(ସମିସ): ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଅଧୀନ ଅଦ୍ୱିକା ଯୋଜନାରେ ୪୪ ଜଣ କିଶୋର କିଶୋରୀ ମଙ୍ଗଳବାର ଆନ୍ତଃଜିଲ୍ଲା ପରିଭ୍ରମଣରେ ବାହାରିଛନ୍ତି । ସମସ୍ତେ ଏକ ଘରୋଇ ଯାତ୍ରୀବାହି ବସ୍ ଯୋଗେ ଭୁବନେଶ୍ୱର ଯାତ୍ରା ଆରମ୍ଭ କରିଛନ୍ତି । ଦେବଗଡ଼ ଜିଲ୍ଲାପାଳ କବିନ୍ଦ୍ର ସାହୁ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ସମାଜ କଲ୍ୟାଣ ଅଧିକାରିଣୀ ପଙ୍କଜିନି ସାହୁ, ପ୍ରଟେକ୍ସନ୍ ଅଫିସର୍ ଜ୍ୟୋତ୍ସ୍ନା ତନ୍ତୀ, ପ୍ରୋଗ୍ରାମ ଅଫିସର ତାରକାନ୍ତୀ ମହାନନ୍ଦିଆ ତଥା ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ଯାତ୍ରାରେ ହବ୍‌ର ୪ଜଣ କର୍ମଚାରୀ ଓ ୨ ଜଣ ପ୍ରୋଗ୍ରାମ ଅଫିସର୍ ଦାୟିତ୍ୱରେ ଯାଇଥିବା ଜଣାପଡ଼ିଛି ।

## ସର୍ପାଘାତ ଓ ବଜ୍ରପାତ ସତର୍କତା ପାଇଁ ପ୍ରସ୍ତୁତି

ଦେବଗଡ଼, ୨୫।୧୧(ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ସାପ କାମୁଡା ଓ ବଜ୍ରପାତ ପ୍ରତି ଜନ ସାଧାରଣଙ୍କୁ ସୁରକ୍ଷିତ ରଖିବା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଅଧିକାରୀ ହେମନ୍ତ ସିଂଙ୍କ ଆବାହକତ୍ୱ ଓ ଜିଲ୍ଲାପାଳ କବିନ୍ଦ୍ର ସାହୁଙ୍କ ଅଧକ୍ଷତାରେ ବୈଠକରେ ଆଲୋଚନା କରାଯାଇଥିଲା । ଏଥି ନିମନ୍ତେ ଜିଲ୍ଲାସ୍ତରରେ ସଚେତନତା କାର୍ଯ୍ୟକ୍ରମ ପାଇଁ ୩ ବ୍ଲକ, ପଞ୍ଚାୟତ ଓ ପୌରପରିଷଦରେ ପ୍ରଥପ୍ରାନ୍ତ ନାଟକ, ଲୋକନୃତ୍ୟ, କାନ୍ଥରେ ସଚେତନତା ଚିତ୍ର, ସ୍କୁଲ କଲେଜରେ ସଚେତନତା କାର୍ଯ୍ୟକ୍ରମ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ସଂଗଠନ ବୈଠକ, ଯୁବ କ୍ଲବ୍ ସଂଘ ଓ ଏଞ୍ଜିଓ ମଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯିବା ପାଇଁ କୁହାଯାଇଥିଲା । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲା କୃଷି ଅଧିକାରୀ ସଞ୍ଜୟ ପାତ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଗେହ୍ରା କୁଜୁର, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ନାୟକ, ଡେପୁଟି କଲେକ୍ଟର ମମତାଜ୍ ମହାରଣା, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ସହକାରୀ ଜିଲ୍ଲାପାଳ ଈଶ୍ୱର ଗୁରୁ, ଡିପିଏମ୍ ଓଏଲେମ୍ ଶିଶିର ଷଡଙ୍ଗୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ତିଳେଇବଣି, ରିଆମାଳ, ବାରକୋଟ ଓ ସମସ୍ତ ମହାବିଦ୍ୟାଳୟର ଅଧକ୍ଷ, ତହସିଲଦାର, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଓ ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଏଡ୍‌ସ ଓ ଯୌନରୋଗ ଆଲୋଚନାଚକ୍ର

ବରପାଲି, ୨୫।୧୧(ସମିସ): ବରପାଲି ମହାବିଦ୍ୟାଳୟ ପରିସରରେ ଏନଏସଏସ ଶାଖା ପକ୍ଷରୁ ଏଚଆଇଭି/ଏଡ୍ସ ଓ ଯୌନରୋଗ ଉପରେ ସଚେତନତା ସଭା ରେଡ୍ ରିବନ ସପ୍ତାହ ଅବସରରେ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ଅଧକ୍ଷା ଜୟନ୍ତୀ ଦାସ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଧୀରୋଜ ତ୍ରିପାଠୀ ଯୋଗ ଦେଇଥିଲେ । ଏନଏସଏସ ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ଭକ୍ତବନ୍ଧୁ ପ୍ରଧାନଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ମୁଖ୍ୟବକ୍ତା ଭାବେ ଜିଲ୍ଲା ସମନ୍ୱିତ ପରାମର୍ଶ କେନ୍ଦ୍ର ସୁପରଭାଇଜର ପ୍ରଶାନ୍ତ ନନ୍ଦ ଯୋଗ ଦେଇ ଏଡ୍ସ ଓ ଯୌନରୋଗର କାରଣ ଓ ନିଦାନ ଉପରେ ବ୍ୟାପକ ଆଲୋଚନା କରିଥିଲେ । ଯୌନ ସଚେତନତା ଓ ସୁରକ୍ଷିତ ଯୌନ ସମ୍ପର୍କରେ ମହତ୍ତ୍ୱପୂର୍ଣ୍ଣ ବିଷୟକୁ ନେଇ ଅତିଥି ମାନେ ମତାମତ ରଖିଥିଲେ । ସଭାରେ ମହାବିଦ୍ୟାଳୟ ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ମଣ୍ଡଳି ସାମିଲ ହୋଇଥିଲେ । ଅଧ୍ୟାପକ ଭକ୍ତ ବନ୍ଧୁ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜେଡି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୂର୍ଯ୍ୟ ନମସ୍କାର



ବରପାଲି, ୨୫।୧୧(ସମିସ): ବରପାଲି କଦଳିପାଲି ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୂର୍ଯ୍ୟ ନମସ୍କାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ପ୍ରଦୀପ ମେହେରଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା । କ୍ରୀଡା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ସଂଯୋଜନାରେ ଯୋଗ ବିଭାଗ ପକ୍ଷରୁ 'ସୂର୍ଯ୍ୟ ନମସ୍କାର' ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସମ୍ମାନିତ ବିଚାରକ ଭାବେ ପ୍ରମୋଦ ସ୍ୱାଇଁ ଯୋଗ ଦେଇଥିଲେ । ଯୋଗର ମହତ୍ତ୍ୱ ଉପରେ ବୁଝାଇବା ସହ ସମସ୍ତଙ୍କୁ 'ସୂର୍ଯ୍ୟ ନମସ୍କାର'ର ସମ୍ପୂର୍ଣ୍ଣ ପ୍ରକ୍ରିୟା ବୁଝାଇଥିଲେ । ଏଥିରେ ମୋଟ ୪୦ ଜଣ ଛାତ୍ରୀ ଭାଗ ନେଇଥିଲେ । ଅଧ୍ୟାପକ, ଅଧ୍ୟାପିକା ଓ ସହକର୍ମଚାରୀ ସୁରେଶ ବାରିକ, ମିନତି ବାବୁ, ସୁନିଲ ବେହେରା, ଅନ୍ତର୍ଯ୍ୟାମୀ ପଣ୍ଡା, ପ୍ରଦୀପ ମିଶ୍ର ଏବଂ ଆନନ୍ଦ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

● ଜୁନିୟର ବାଳକ ଟେନିସ୍ ବଲ କ୍ରିକେଟ

## ଓଡ଼ିଶା ଦଳରେ ଝାରସୁଗୁଡ଼ା ଖେଳାଳି ସଚ୍ଚିଦାନନ୍ଦ ମାଳି



ଝାରସୁଗୁଡ଼ା, ୨୫।୧୧(ସମିସ): ଓଡ଼ିଶା ଟେନିସ୍ ବଲ କ୍ରିକେଟ ଆସୋସିଏସନ ତରଫରୁ ୩୩ ତମ ଜାତୀୟ ଜୁନିୟର ଟେନିସ୍ ବଲ କ୍ରିକେଟ ପ୍ରତିଯୋଗିତା ପାଇଁ ଜୁନିୟର ବାଳକ ବିଭାଗର ୧୪ ଜଣ ଖେଳାଳିଙ୍କୁ ଓଡ଼ିଶା ଦଳ ପାଇଁ ମନୋନୀତ କରାଯାଇଛି । ସେମାନଙ୍କ ମଧ୍ୟରେ ଝାରସୁଗୁଡ଼ା ଜିଲ୍ଲାର ସଚ୍ଚିଦାନନ୍ଦ ମାଳି ରହିଛନ୍ତି । ଆସନ୍ତା ଡିସେମ୍ବର ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ୟୁପିର ଆଗ୍ରା ଷ୍ଟାଡିୟମରେ ଟେନିସବଲ୍ କ୍ରିକେଟ ଫେଡେରେସନ ଅଫ ଇଣ୍ଡିଆ ଦ୍ୱାରା ୟୁପି ଟେନିସବଲ କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଓଡ଼ିଶା ଟେନିସ ବଲ କ୍ରିକେଟ ଆସୋସିଏସନର ସାଧାରଣ ସମ୍ପାଦକ ସିଥିଲ ପଣ୍ଡା, ସଭାପତି ସୁରଶ ମିଶ୍ର ଓ ଯୁଗ୍ମ ସମ୍ପାଦକ ସୋମନାଥ ପରିଡ଼ା ଚିଠି ମାଧ୍ୟମରେ ଅନୁବନ୍ଧିତ ଜିଲ୍ଲା ମାନଙ୍କୁ ଅବଗତ କରାଇଛନ୍ତି । ଏହି ଦଳକୁ ଝାରସୁଗୁଡ଼ା ଟେନିସ ବଲ କ୍ରିକେଟ ଆସୋସିଏସନର ସଭାପତି ଜୀବନ ମହାନ୍ତି ଓ ସମ୍ପାଦକ ଅଶ୍ୱିନୀ ପାଣ୍ଡେ, ଝାରସୁଗୁଡ଼ା ଦଳର ପ୍ରଶିକ୍ଷକ ଗୋପାଳ ଦତ୍ତ, ଝାରସୁଗୁଡ଼ା ଜିଲ୍ଲାର ସଚ୍ଚିଦାନନ୍ଦ ମାଳିଙ୍କୁ ଓ ଅନ୍ୟ ଓଡ଼ିଶା ଦଳର ଖେଳାଳି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ପ୍ରଧାନପାଟ କପ୍ ଫୁଟବଲ ପ୍ରତିଯୋଗିତା

## ଜଗଦଳପୁର ୩-୦ ଗୋଲରେ ବିଜୟୀ

ଦେବଗଡ଼, ୨୫।୧୧(ସମିସ)




ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ ଠାରେ ପ୍ରଧାନପାଟ କ୍ଲବ୍ ପକ୍ଷରୁ ୭ମ ସର୍ବଭାରତୀୟ ପ୍ରଧାନପାଟ କପ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ଏହାର ଦ୍ୱିତୀୟ ଦିବସରେ ସୁନ୍ଦରଗଡ଼ ଦଳକୁ ୩-୦ ଗୋଲରେ ପରାସ୍ତ କରି ଛତିଶଗଡ଼ ଜଗଦଳପୁର ବିଜୟୀ ହୋଇଛି । ଆଜିର ମ୍ୟାଚ୍‌ରେ ଅତିଥିଭାବେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରାମ, ନଗର କଂଗ୍ରେସ ସଭାପତି ରେବତୀ ମୋହନ ପଟ୍ଟନାୟକ, ଏସଟି ସେଲ ସଭାପତି ସୁଶୀଲ ଗୁଡ଼ିଆ, ପୂର୍ବତନ ଫୁଟବଲ ଖେଳାଳି ଅରୁଣ ପ୍ରଧାନ ଓ ସୁଶୀଲ କର ମଞ୍ଚାସୀନ ଥିଲେ । ମ୍ୟାଚ୍ କମିଶନର ଭାବେ ହେମନ୍ତ ମହାପାତ୍ର ଦାୟିତ୍ୱରେ ଥିବାବେଳେ ଅଶ୍ୱିନୀ ବରିହା, ସାଗର ନାଏକ, ସୁଶାନ୍ତ କିଷାନ, ରାଜ ମଣ୍ଡଳ ମ୍ୟାଚ୍‌କୁ ପରିଚାଳନା କରିଥିଲେ । କ୍ଲବ୍‌ର ସଭାପତି ବିକାଶ ପ୍ରଧାନ, ସମ୍ପାଦକ ସଞ୍ଜୀବ ନାଏକ, କୋଷାଧକ୍ଷ ବବଲୁ ଜେନା, ସୁବାସ ଚନ୍ଦ୍ର ଭୋଇ, ଶୁକଦେବ ଭଞ୍ଜ, ମଛିନ୍ଦ୍ର ନାଏକ, ରୂପକ ମାଝୀ, ଶରତ ମେହେର, ପ୍ରଦୀପ ବେହେରା, ପ୍ରତାପ ଦେବ, ସ୍ୱସ୍ତିକ ମହାପାତ୍ର, ମାନସ ପ୍ରଧାନ, ଦୀପକ ବେହେରା, ସଞ୍ଜୀବ ବେହେରା, ଯୋଗେଶ ନାଏକ, କ୍ଷୀତିଶ ପ୍ରଧାନ, ଅନନ୍ତ ମେହେର, ଜୟ ସାମଲ, ଅଲେଖ ନାଏକ, ନିରଞ୍ଜନ ପ୍ରଧାନ, ସନ୍ତୋଷ ଭୋଇଙ୍କ ସମେତ କ୍ଲବ୍‌ର ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଆସନ୍ତାକାଲି ପ୍ରଥମ ସେମିଫାଇନାଲ ମ୍ୟାଚ୍ ଜଗଦଳପୁର ସହିତ ସମ୍ବଲପୁର ଫୁଟବଲ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି ।

## ଫସର ଫାଟିଲା ପ୍ରଧାନମନ୍ତ୍ରୀ ପୋଷଣ ଯୋଜନା

# ୩ ଦିନ ହେଲା ଉପାସରେ ଛାତ୍ରଛାତ୍ରୀ

ବାସୁଦେବପୁର, ୨୫ ।୧୧(ସମିସ)




ପିଏମ ପୋଷଣ ଯୋଜନାରେ କୁନି କୁନି ଶିଶୁଙ୍କୁ ଯୋଗାଇ ଦିଆଯାଉଛି ମଧ୍ୟାହ୍ନ ଭୋଜନ। ଉପସ୍ଥାପନ ବୃଦ୍ଧି ସହିତ ଭୋକିଲା ପେଟକୁ ଦିଆ ଯାଉଛି ପୁଷ୍ଟିକର ରନ୍ଧା ଖାଦ୍ୟ। ତେବେ ସରକାରଙ୍କ ପିଏମ ପୋଷଣ ଯୋଜନା ଫେଲ ମାରିଛି। ମଧ୍ୟାହ୍ନ ଭୋଜନର ନୋଡାଲ ଅଫିସର ୩ ମାସ ଧରି ରୋଷେଇ ଅର୍ଥ ଯୋଗାଇ ନଦେବାରୁ ବାଧ ହୋଇ ପ୍ରଧାନ ଶିକ୍ଷକ ରୋଷେଇ ବନ୍ଦ କରି ଦେଖାଇଛନ୍ତି। ଫଳରେ ୩ ଦିନ ଧରି ଉପାସରେ ଛାତ୍ର ଛାତ୍ରୀ। ଖାଦ୍ୟ ନ ପାଇ ନିରାଶ ହୋଇ ଉପାସରେ ଘରକୁ ଫେରୁଛନ୍ତି କୋମଳମତି ଶିଶୁ। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ବାସୁଦେବପୁର ବ୍ଲକର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଗତ ୩ ଦିନ ଧରି ମଧ୍ୟାହ୍ନ ଭୋଜନ ବନ୍ଦ ଯୋଗୁଁ ଶହ ଶହ ଛାତ୍ରଛାତ୍ରୀ ଭୋକ ପେଟରେ ଘରକୁ ଫେରୁଛନ୍ତି। ଭୋକରୁ ରକ୍ଷା ପାଇବାକୁ କିଏ ପଖାଳ ଆଣିଛ ତ ପୁଣି କେହି କେହି ରୁଟି ତରକାରୀ ଆଣି ମିଳିମିଶି ଖାଉଛନ୍ତି। କିଛି ଛାତ୍ର ଛାତ୍ରୀ ଭୋକ ପେଟରେ ଖେଳକୁଦରେ ମନୋ ନିବେଶ କରି ଗରିବୀ ମନରେ ଭୋକ ମାରୁଛନ୍ତି। ଦାୟିତ୍ୱରେ ଥିବା ବ୍ଲକ ଶିକ୍ଷାଧିକାରୀ ଚୁପ୍ ବସିଛନ୍ତି। ବାସୁଦେବପୁର ବ୍ଲକର ଶିକ୍ଷା ଅଧିକାରୀଙ୍କ ପଦୋନ୍ନତିର ପାଇ ବଦଳି ହୋଇ ଚାଲି ଯାଇଥିଲେ। ପଦବୀ ଫାଙ୍କା ପଡ଼ିବାରୁ ତିହିଡି ବ୍ଲକ ବ୍ଲକ ଶିକ୍ଷାଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଗଲା। ବ୍ଲକ ଶିକ୍ଷାଧିକାରୀ ସାବତପୁଅ ପରି ନାମକୁ ମାତ୍ର ଚାର୍ଜରେ ରହିଲେ ସତ ବାସୁଦେବପୁର ବ୍ଲକର ବିଇଏଙ୍କ କାର୍ଯ୍ୟାଳୟକୁ ଭଗବାନ ଭରସା। ଜଗନ୍ନାଥପୁର ଗାଁର ନାରାୟଣ ଚନ୍ଦ୍ର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିଶୁ ବାଟିକାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୧ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ବଂଟନ ଦାୟିତ୍ୱ ଭଦ୍ରକର ଦାମୋଦର ଜୀଉ ସେବା ସଂସ୍ଥାକୁ ପ୍ରଦାନ କରୁଥିଲା। ଅଗଷ୍ଟ ମାସରେ ଖାଦ୍ୟରେ ପୋକ ପଡ଼ିଥିବାର ଅଭିଯୋଗ କରି ଗ୍ରାମବାସୀମାନେ ୪ଦିନ ଧରି ଖାଦ୍ୟ ବନ୍ଦ କଲେ। ସ୍କୁଲ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକ ମିଳିତ ସହଯୋଗରେ ମଧ୍ୟାହ୍ନ ଭୋଜନ ବଣ୍ଟନ ଆରମ୍ଭ ହେଲା। ରୋଷେଇ ବାବଦକୁ ମାସିକ ୪୫ରୁ ୫୦ ହଜାର ଟଙ୍କା ଖର୍ଚ୍ଚ ହେଲା। ଦିନକୁ ଦିନ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷକଙ୍କର ଆର୍ôଥକ ବୋଝ ମୁଣ୍ଡ ବ୍ୟଥାର କାରଣ ହେଲା। ମାସେକୁ ତିନି ମାସ ଧରିଲା। ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲା ଶିକ୍ଷାଧିକାରୀ ଓ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ଅଭିଯୋଗ କଲେ। କେହି କଥାକୁ ଗୁରୁତ୍ୱର ଭାବେ ଗ୍ରହଣ କଲେ ନାହିଁ। ବିଦ୍ୟାଳୟର ବସ୍ତା ବସ୍ତା ଚାଉଳ ଗଡୁଛି। ଦୋକାନରେ ବାକି ରହିଥିବାରୁ ଦୋକାନୀ ତେଲ ଲୁଣ ଓ ମସଲା ଦେବାକୁ ରୋକଠୋକ ଭାବେ ମନାକରି ଦେଇଛନ୍ତି। ରୋଷେଇ କରିବାକୁ ଜାଳକାଠ ଠାରୁ ଆରମ୍ଭ କରି ପନିପରିବାର ଓ ତେଲ ମସଲା ଆବଶ୍ୟକ ରହିଛି। ଆବଶ୍ୟକ ଅର୍ଥ ମଧ୍ୟାହ୍ନ ଭୋଜନ ଯୋଗାଇ ଦେବାରେ ବାଧକ ସାଜିଛି। ତିନିଦିନ ହେବ କୁନି କୁନି ଶିଶୁ ଖେଳ ଛୁଟିରେ ପାଣି ପିଇ ଭୋକ ମେଣ୍ଟାଉଛନ୍ତି ଛାତ୍ରଛାତ୍ରୀ। ପାଣି ପିଇବା ଦ୍ୱାରା ପେଟ କାଟିବା ସହିତ ମୁଣ୍ଡ ବିନ୍ଧି ଛାତି ଯନ୍ତ୍ରଣା ହେଉଛି ବୋଲି ଅଭିଯୋଗ କରିଛନ୍ତି ଛାତ୍ରଛାତ୍ରୀ। ଏ ନେଇ ପରିଚାଳନା କମିଟିର ସଦସ୍ୟ ଓ ଅବିଭାବକ ପ୍ରଧାନ ଶିକ୍ଷକଙ୍କୁ ଘେରିଥିଲେ।

**ଅର୍ଥ ଦେଉନାହାନ୍ତି ନୋଡାଲ ଅଫିସର**

## ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ



**ଭଦ୍ରକ, ୨୫ ।୧୧(ସମିସ):** କଟକ ରାଜ୍ୟ ଆଇନ୍‌ସେବା ପ୍ରାଧିକରଣଙ୍କ ପ୍ରଦତ୍ତ କ୍ୟାଲେଣ୍ଡର ଅନୁଯାୟୀ ସଚେତନତା ଶିବିର କାର୍ଯ୍ୟକ୍ରମ ନିମିତ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମକେଶରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାମ୍ବିଧାନ ଗଠନ କାର୍ଯ୍ୟ ତଥା ଅଧିକାର ଏବଂ କର୍ତ୍ତବ୍ୟ ସମ୍ପର୍କରେ ସମାଜରେ ତୃତୀୟ ଲିଙ୍ଗିଙ୍କର ଅଧିକାର ସମ୍ପର୍କରେ ଏବଂ ମୁଖ୍ୟ ଆଭିମୁଖ୍ୟ ଯାହାକି ଯୌନ ଉତ୍ପୀଡ଼ନ ମହିଳାଙ୍କ ଉପରେ ହେଉଥିବା ଅନ୍ୟାୟ ଓ ଅତ୍ୟାଚର ସମ୍ବନ୍ଧରେ ଆସିଥିବା ସମ୍ମାନିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଆରକ୍ଷୀ ଅଧିକାରୀ(ଡିଆଇବି) ଅଂଶୁମାନ ଦ୍ୱିବେଦୀ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼.ଦୁର୍ଗାଶଙ୍କର ଦାସ, ଭଦ୍ରକ କିଶୋର ନ୍ୟାୟ ପରିଷଦ ସଦସ୍ୟ ବନମାଳୀ ଜେନା, ପ୍ରତିପକ୍ଷ ଓକିଲ ତାପସ କୁମାର ମହାନ୍ତି ତଥା ବରିଷ୍ଠ ଅଧ୍ୟାପକ, ଅଧ୍ୟାପିକା ଏବଂ କଲେଜର ଛାତ୍ରଛାତ୍ରୀ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ଶ୍ରୀ ଦ୍ୱିବେଦୀ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ତଥା ସମୟକୁ ଅପଚୟ ନ କରି ନିଜ ନିଜର କେରିଅର୍ ପ୍ରତି ଦୃଷ୍ଟିଦେବାକୁ ନିଜ ବକ୍ତବ୍ୟ ମାଧ୍ୟମରେ ପରାମର୍ଶ ଦେଇଥିଲେ। ଏକ ଜନମଙ୍ଗଳ ରାଷ୍ଟ୍ର ନିର୍ମାଣ ପାଇଁ ଛାତ୍ରଛାତ୍ରୀ ହେଉଛନ୍ତି ମୁଖ୍ୟ ମାଧ୍ୟମବୋଲି ଶ୍ରୀ ରଥ କହିଥିଲେ। ଛାତ୍ରଛାତ୍ରୀଙ୍କ ଭୂମିକା ସମାଜ ସଂସ୍କାର ଦିଗରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନାଲସା ଦେୟ ମୁକ୍ତ ନମ୍ବର ୧୫୧୦୦ ଯାହାକି ସମଗ୍ର ଦେଶରେ ମାଗଣା ଆଇନ୍ ସହାୟତା ପାଇଁ ଉଦ୍ଦିଷ୍ଟ ଶ୍ରୀ ରଥ ମଧ୍ୟ ଏହାର ପ୍ରଚାର ପ୍ରସାର ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୂଚନା ଦେଇଥିଲେ। ପରିଶେଷରେ ଶ୍ରଦ୍ଧାଞ୍ଜଳି ରାଉତ ଅଧ୍ୟାପିକା ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ଭଦ୍ରକ ସମସ୍ତ ଆଗନ୍ତୁକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ନିଶା ନିବାରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର




**ଭଦ୍ରକ, ୨୫ ।୧୧(ସମିସ):** ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ସେଣ୍ଟ୍ରାଲ୍ ହଷ୍ଟେଲ ଏବଂ ୱେଷ୍ଟ ହଷ୍ଟେଲରେ ଆଲୋଚନାଚକ୍ର ମାଧ୍ୟମରେ ପାଳିତ ହୋଇଛି। ଏହି ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ଭଦ୍ରକ ଜିଲ୍ଲା ତରଫରୁ ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବାକୁ ଭଦ୍ରକ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଲୋଚନାଚକ୍ରରେ ଅବସରପ୍ରାପ୍ତ ପ୍ରାଧ୍ୟାପକ ସଂଗ୍ରାମ କିଶୋର ମହାନ୍ତିଙ୍କର ସଞ୍ଚାଳନରେ ବରିଷ୍ଠ ଅଧିବକ୍ତା ଗିରିଧାରୀ ନାଥ ଓ ଅଗଣୀ ଚନ୍ଦ୍ର ଜେନା, ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ସଭାପତି ଅମର ପାଣିଗ୍ରାହୀ, ଅଧିବକ୍ତା ମାଧବାନନ୍ଦ ବେହେରା କେନ୍ଦ୍ରୀୟ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ଗିରିଧାରୀ ପାତ୍ର ପ୍ରମୁଖ ଯୁବ ସମ୍ପ୍ରଦାୟ ନିଶାମୁକ୍ତ ଓଡ଼ିଶା ଆନ୍ଦୋଳନରେ ସାମିଲ ହୋଇ ସୁସ୍ଥ ସମାଜ ଗଠନ ପାଇଁ ଆହ୍ୱାନ ଦେଇଥିଲେ। ବ୍ୟକ୍ତିଗତ ସ୍ତରରେ ନିଶାଦ୍ରବ୍ୟ ଛାତ୍ରମାନଙ୍କୁ ଦୂରରେ ରହିବାକୁ ଶପଥ ପାଠ କରାଯାଇଥିଲା। ତତ୍ ପରଦିନ ମୋନାର ରାଜ୍ୟ ଉପସଭାପତି ଖଗେଶ୍ୱର ବଳଙ୍କର ନେତୃତ୍ୱରେ ପ୍ରତ୍ୟେକ ୭ଟି ବ୍ଲକରୁ ଆସିଥିବା ମୋନାର କାର୍ଯ୍ୟକର୍ତ୍ତାଗଣ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲା ନିଶା କବଳରେ ଅତ୍ୟନ୍ତ ଜର୍ଜରିତ ଥିବାରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ।

## ଚେକ୍ ବାଉନ୍ସ ମାମଲାରେ ଫେରାର ୨ ଅଭିଯୁକ୍ତ ଗିରଫ

**ଦୋବଲ, ୨୫ ।୧୧(ସମିସ):** ଧାମନଗର ଥାନା ପକ୍ଷରୁ ଚେକ ବାଉନ୍‌ସ ମାମଲାରେ ଫେରାର ଥିବା ଦୁଇ ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖଡିପଦା ପଞ୍ଚାୟତ ମୁଥାନଗର ଗାଁର ସନ୍ତୋଷ କର ଓ କୋରକଦା ଗାଁର ଶ୍ରୀପତି ତ୍ରିପାଠୀ। ସୁଚନା ଥାଉ କି ୨୦୧୨ ମସିହାରେ ସନ୍ତୋଷ କର ବଜାଜ ଫାଇନସରୁ ମାଧ୍ୟମରେ ଲୋନ କରି ଗାଡି କିଣିଥିଲେ। ସେଥିରେ ଚେକ୍ ବାଉନ୍‌ସ ହୋଇଥିଲା। ଏନେଇ ବଜାଜ ଫାଇନସ ପକ୍ଷରୁ କୋର୍ଟରେ ଆଶ୍ରୟ ନିଆଯାଇଥିଲା। ପରେ ସନ୍ତୋଷଙ୍କ ନାମରେ ୱାରେଣ୍ଟି ଜାରି ହୋଇଥିଲା। ଧାମନଗର ପୁଲିସ ପକ୍ଷରୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ସେହିପରି କୋରକଦା ଗାଁର ଶ୍ରୀପତି ତ୍ରିପାଠୀ ସ୍ଥାନୀୟ କିଛି ଲୋକଙ୍କ ପାଖରୁ ଟଙ୍କା ନେଇଥିଲା। ଟଙ୍କା ଶୁଝିବା ଲାଗି ଚେକ୍ ଦେଇଥିଲେ। ହେଲେ ବ୍ୟାଙ୍କରେ ଟଙ୍କା ରଖିନଥିଲେ। ଫଳରେ ଚେକ୍ ବାଉନ୍‌ସ ହୋଇଯାଇଥିଲା। ଏନେଇ କୋର୍ଟର ଆଶ୍ରୟ ପରେ ଶ୍ରୀପତିଙ୍କ ନାମରେ ୱାରେଣ୍ଟି ଜାରି ହୋଇଥିଲା। ଶନିବାର ପୁଲିସ ତାଙ୍କୁ ଗରିଫ କରିଛି।

## ମତୋଠାରେ ଛାତ୍ର ଅଧିକାର ସମାବେଶ

**ଭଦ୍ରକ, ୨୫ ।୧୧(ସମିସ):** ଅଖିଳ ଭାରତୀୟ ଛାତ୍ର ସଙ୍ଘ ପକ୍ଷରୁ ଭଦ୍ରକ ଜିଲ୍ଲା ଚନ୍ଦବାଲି ବ୍ଲକ ମତୋଠାରେ ଏକ ଛାତ୍ର ଅଧିକାର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଛାତ୍ର ସଙ୍ଘର ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ାଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ ସମାବେଶରେ ଛାତ୍ର ସଙ୍ଘର ରାଜ୍ୟ ସଭାପତି ସଂଘମିତ୍ରା ଜେନା ଯୋଗଦେଇ ଛାତ୍ର ସମାଜର ଅଧିକାର ଉପରେ ଅଙ୍କୁଶ ଲଗାଉଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ବର୍ଷି ଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରକାର ସ୍ଲୋଗାନ ଦେଇ ଛାତ୍ରଛାତ୍ରୀ ମତୋ ବଜାର ପରିକ୍ରମା କରିଥିଲେ। ଏଥି ସହିତ ମତୋ କଲ୍ୟାଣମଣ୍ଡପ ଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା, ଖାଲି ପଡ଼ିଥିବା ଶିକ୍ଷକ ଓ କର୍ମଚାରୀଙ୍କ ପଦବୀ ପୂରଣ କରିବା, ସରକାରୀ ବସରେ ଛାତ୍ରଛାତ୍ରୀଙ୍କୁ ବିନା ମୂଲ୍ୟରେ ଯାତାୟତର ସୁବିଧା ଆଜି ବିଭିନ୍ନ ଦାବି ପୂରଣ କରିବା ସହ ଦେଶ ଭବିଷ୍ୟତ ଗଢିତୋଳିବାରେ ସରକାର ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ଏହି ସମାବେଶରେ ଅଖିଳ ଭାରତୀୟ ଛାତ୍ର ସଂଘ ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା ଓ ରାଜ୍ୟ ସମ୍ପାଦକ କାହ୍ନୁଚରଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।




## ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ



**ତିହିଡି, ୨୫ ।୧୧(ସମିସ):** ତିହିଡି ମୁକୁନ୍ଦପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ କୀର୍ତ୍ତନ ରାଉତଙ୍କ ମା' ଅନ୍ନପୂର୍ଣ୍ଣା ରାଉତଙ୍କ ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୧ବର୍ଷ ହୋଇଥିଲା। ମୃତ୍ୟୁ ସମୟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବର ପାଇ ପୂର୍ବତନ ବିଧାୟକ ବିଜୟ ନାୟକ, ବିଷ୍ଣୁବ୍ରତ ରାଉତରାୟ, ରାଜେନ୍ଦ୍ର ଦାସ, ମୁକ୍ତିକାନ୍ତ ମଣ୍ଡଳ, ତିହିଡି ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ନାୟକ, କମଳାକାନ୍ତ ଲେଙ୍କା, ସଂଗ୍ରାମକେଶରୀ ଦାସ, ପ୍ରବୀର ନାୟକ, ଦୁଃଖୀ ଅନିରୁଦ୍ଧ ବାରିକ ଅଜୟ ରାଉତ, ବିଭୂତିଭୂଷଣ ପାଟ, ଉମାକାନ୍ତ ଦାସ ବାଦଲ ଜେନା, ଗଣେଶ ନାୟକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସାନପୁଅ କୀର୍ତ୍ତନ ମୁଖାଗ୍ନି ଦେଇଥିଲେ।

## ରାଷ୍ଟ୍ରୀୟ ପର୍ଯ୍ୟାବରଣ ମଞ୍ଚର କାର୍ଯ୍ୟକାରିଣୀ ବୈଠକ

# ଓଡ଼ିଶାରୁ ଯୋଗଦେଲେ ଦୁଇ ପ୍ରତିନିଧି



**ଭଦ୍ରକ, ୨୫ ।୧୧(ସମିସ):** ରାଷ୍ଟ୍ରୀୟ ପର୍ଯ୍ୟାବରଣ ମଞ୍ଚର ଏକ କାର୍ଯ୍ୟକାରିଣୀ ବୈଠକ ତେଲେଙ୍ଗାନା ପ୍ରଦେଶର ମେଡକଲ ଜିଲ୍ଲା ଆନୋଜୀଗୁଡାସ୍ଥିତ ଏକନାଥ ରାଣାଡେ ରାଷ୍ଟ୍ରୀୟ ବିଦ୍ୟା କେନ୍ଦ୍ରମ ପରିସରରେ ଗତ ୨୧ ଓ ୨୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାରୁ ୨ଜଣ ପ୍ରତିନିଧି ଯୋଗଦେଇ ରାଜ୍ୟର ପରିବେଶ ପ୍ରତି ବିପଦପୂର୍ଣ୍ଣ ବ୍ୟବହାର ଓ ନିରାକରଣ ଉପରେ ମତ ଉପସ୍ଥାପନ କରିଛନ୍ତି। ସରକାରୀ ସହଯୋଗ ବ୍ୟତୀତ ନିଜର ନାଗରିକ ଦାୟିତ୍ୱ ନିର୍ବାହ ପୂର୍ବକ ମଞ୍ଚ ସାରା ଦେଶର ପର୍ଯ୍ୟାବରଣ ସୁରକ୍ଷା ପ୍ରତି ସମର୍ପିତ ଭାବନାରେ କାର୍ଯ୍ୟ କରିବାକୁ ବୈଠକରେ ସାର୍ବଜନୀନ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକାରିଣୀ ବୈଠକରେ ଭାରତୀୟ ମଜଦୁର ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ. ହିରଣ୍ମୟ ପାଣ୍ଡ୍ୟା, ମଞ୍ଚର ରାଷ୍ଟ୍ରୀୟ ସଂଯୋଜକ ଡ. ଲକ୍ଷ୍ମଣ ଚନ୍ଦ୍ରା, ଉତ୍ତରପ୍ରାନ୍ତ ପ୍ରଭାରୀ ଅନିଲ ଉପାଧ୍ୟାୟ, ପୂର୍ବପ୍ରାନ୍ତ ପ୍ରଭାରୀ ଏନାମୁଲ ହକ୍, ଦକ୍ଷିଣପ୍ରାନ୍ତ ପ୍ରଭାରୀ ରାମା ରେଡ୍ଡୀ, ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ଦ୍ରିଷ୍ଟି ରାଉଲ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଓଡ଼ିଶାରୁ ଓଡ଼ିଶା ପର୍ଯ୍ୟାବରଣ ମଞ୍ଚର ରାଜ୍ୟ ସଂଯୋଜକ ଶ୍ରୀନିବାସ ଖୁଣ୍ଟିଆ ଓ ଭଦ୍ରକ ଜିଲ୍ଲା ସଂଯୋଜକ ତପନ କୁମାର ପଣ୍ଡା ପ୍ରତିନିଧିତ୍ୱ କରିଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନରେ ବ୍ୟାପକ ସଚେତନତା କରି ଭବିଷ୍ୟତ ପିଢି ମଧ୍ୟରେ ପରିବେଶ ସୁରକ୍ଷାର ଭାବ ଜାଗ୍ରତ କରିବା, ବହୁ ଜନ ସମାଗମ ସ୍ଥାନରେ ଓ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ପରିବର୍ତ୍ତେ କପଡ଼ା ବ୍ୟାଗକୁ ବିକଳ୍ପ ବ୍ୟବହାର ପାଇଁ ସଚେତନତା ସୃଷ୍ଟି କରିବା, ବର୍ଜ୍ୟବସ୍ତୁର ସ୍ଥାନାନ୍ତରଣ ଓ ଆବଶ୍ୟକ ସ୍ଥଳେ ଏହାର ସଠିକ ଉପଯୋଗ କରିବା, ଜଳ ସଂରକ୍ଷଣ ଲାଗି ଭୂମିର ଉଚ୍ଚତର ସ୍ଥାନରେ ଜଳାଶୟ ନିର୍ମାଣ କରାଇବା, ବୃକ୍ଷରୋପଣ ଓ ତାର ପୂର୍ଣ୍ଣକାଳୀନ ସୁରକ୍ଷା କରିବା ଆଦି ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା କରାଯାଇଥିଲା।

## ବିଧାୟକଙ୍କ ବାସଭବନରେ ବିଜେଡିର ଗୁରୁତ୍ୱପୂର୍ଣ୍ଣ ବୈଠକ



**ବାରିକପୁର, ୨୫ ।୧୧(ସମିସ):** ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଭଦ୍ରକ ଅପର୍ତ୍ତିବିନ୍ଧା ସ୍ଥିତ ବାସଭବନରେ ସୋମବାର ବିଜେଡିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବନ୍ତ ଓ ଦ୍ୱିତୀୟ ପର୍ଯ୍ୟାୟରେ ଭଣ୍ଡାରିପୋଖରୀ ବ୍ଲକର କର୍ମୀଙ୍କୁ ନେଇ ଏହି ବୈଠକ ଆୟୋଜିତ ହୋଇଥିଲା। ଗତ କିଛି ଦିନ ହେବ ଦୁଇ ବ୍ଲକର ଅଧ୍ୟକ୍ଷ ବିଜେପିରେ ଯୋଗଦାନ କରବା ନେଇ ଚର୍ଚ୍ଚା ହେଉଛି। ତେଣୁ ଏହା ପୂର୍ବରୁ ବିଧାୟକ ଶ୍ରୀ ମଲ୍ଲିକ ପଞ୍ଚାୟତ ସ୍ତରୀୟ ନିର୍ବାଚିତ ପ୍ରତିନିଧି ଓ କର୍ମୀମାନଙ୍କ ସହିତ ଏନେଇ ବିସ୍ତୃତ ଆଲୋଚନା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ ଓ ବିଧାୟକଙ୍କ ଦକ୍ଷ ନେତୃତ୍ୱ ଉପରେ ବିଜେଡି ସୁସଂଗଠିତ ହୋଇ ରହିବାକୁ କର୍ମୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକାଶ ଯେ, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଅଧିନ ଦୁଇଟି ପଞ୍ଚାୟତ ସମିତି- ଭଣ୍ଡାରିପୋଖରୀ ଓ ବନ୍ତ ଏବେ ବିଜେଡି ଅଧୀନରେ ରହିଥିବା ବେଳେ ଦୁଇ ବ୍ଲକ ଅଧ୍ୟକ୍ଷ ଏବେ ଶାସକ ଦଳକୁ ଯିବେ ବୋଲି ଚର୍ଚ୍ଚା ଜୋର ଧରିଛି। ତେଣୁ ଏଭଳି ହେଲେ ଆଗାମୀ ଦିନରେ ବିଜେଡି ତରଫରୁ ଅନାସ୍ଥା ପ୍ରସ୍ତାବ ଗ୍ରହଣ କରାଯିବ ବୋଲି ବୈଠକରୁ ସୂଚନା ମିଳିଛି। ବିଧାୟକଙ୍କ ସହିତ ଅନେକ ପଞ୍ଚାୟତର ଦଳୀୟ ସମର୍ôଥତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଓ ବରିଷ୍ଠ ତଥା ଛାମୁଆ କର୍ମୀ ଉପସ୍ଥିତ ଥିଲେ।

## ବେକରେ ରଶି ଲଗାଇ ନାବାଳକର ଆତ୍ମହତ୍ୟା



**ଦୋବଲ, ୨୫ ।୧୧(ସମିସ):** ଧାମନଗର ଥାନା ଅଧୀନ ଦେହୁଡି ଆନନ୍ଦପୁର ପଞ୍ଚାୟତ ଚମ୍ପାବାଗ ଗାଁର ମନୋଜ ପଲେଇଙ୍କ ୧୦ ବର୍ଷର ପୁଅ ବାପୁନ ପଲେଇ ବେକରେ ରଶି ଆତ୍ମହତ୍ୟା କରିଛନ୍ତି। ସୂଚନାଯୋଗ୍ୟ, ବାପୁନଙ୍କ ବାପା ଡ୍ରାଇଭର ଏବଂ ମା' ଅଙ୍ଗନବାଡ଼ିରେ କାର୍ଯ୍ୟ କରନ୍ତି। ଏହି ସମୟରେ ଘରେ ଏକାକି ଥିବା ବାପୁନ ମୋବାଇଲରେ ଗେମ୍ ଖେଳୁଥିଲେ ବୋଲି ଜଣାଯାଇଛି। ଏକାକୀ ଥିବା ବାପୁନ ଏହି ଗେମ୍ ଖେଳୁଥିଲେ ପରେ ଏଥିରେ ପ୍ରେରିତ ହୋଇ ବେକରେ ରଶି ଲାଗଇ ଝୁଲିପଡ଼ିଥିବା ଅନୁମାନ କରାଯାଇଛି। କିଛି ସମୟ ପରେ ସ୍ଥାନୀୟ ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ। ପରିବାର ଲୋକେ ଉଦ୍ଧାର କରି ସ୍ଥାନୀୟ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଡ. ସଦାନନ୍ଦ ଦୀକ୍ଷିତଙ୍କୁ ଶାରଦା ଉପାଧି




**ଭଦ୍ରକ, ୨୫ ।୧୧(ସମିସ):** ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ପରିସରରେ ବିଦ୍ୱତ୍ ପରିଷଦ ଦ୍ୱାରା ଆୟୋଜିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ବିଶ୍ୱ ସଂସ୍କୃତ ସଙ୍ଘଟନ, ପୋଲାଣ୍ଡର କେନ୍ଦ୍ରୀୟ ସଭାପତି ଓ ଲୋକଭାଷା ପ୍ରଚାର ସମିତିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଡ଼.ସଦାନନ୍ଦ ଦୀକ୍ଷିତଙ୍କୁ ସଂସ୍କୃତ ଶାରଦା ଉପାଧିରେ ବିଭୂଷିତ କରାଯାଇଛି। ବିଦ୍ୱତ ପରିଷଦର ରଜତ ଜୟନ୍ତୀ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିହାରର ରାଜ୍ୟପାଳ ବିଦ୍ୱାନ ଅରିଫ ମୋହମ୍ମଦ ଖାଁ ଯୋଗଦେଇ ବେଦାନ୍ତ ଦର୍ଶନ ଉପରେ ଦୀକ୍ଷାନ୍ତ ଭାଷଣ ଦେଇ ଭାରତୀୟ ଜ୍ଞାନପରମ୍ପରାର ସୁରକ୍ଷା ପାଇଁ ବିଦ୍ୱାନ ସମାଜକୁ ପରାମର୍ଶ ଦେଇଥିଲେ। ପରିଷଦର ଅଧ୍ୟକ୍ଷ ହିନ୍ଦୁ ବିଶ୍ୱବିଦ୍ୟାଳୟର ଡିନ ପ୍ର. ଜୟଶଙ୍କରଲାଲ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବିଦ୍ୱାନ ତଥା ନେପାଳର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ହେମାନନ୍ଦ ଗିରି ଓ ନିମ୍ବାର୍କ ଆଚାର୍ଯ୍ୟ ପଦ୍ମନାଭ ଶରଣଦେବ ମହାରାଜ, ପୂର୍ବ କେନ୍ଦ୍ରୀୟ ଶିକ୍ଷା ମନ୍ତ୍ରୀ ଡ଼ା. ମହେନ୍ଦ୍ର ନାଥ ପାଣ୍ଡେୟ ଯୋଗଦେଇ ଭାରତୀୟ ସଂସ୍କୃତ ସଂସ୍କୃତି ଓ ସନାତନ ଧର୍ମର ସୁରକ୍ଷା ଓ ପ୍ରସାର ନିମିତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଥିଲେ। ମହାସଚିବ ଡ଼ କାମେଶ୍ୱର ଉପାଧ୍ୟାୟ ସଭା ସଞ୍ଚାଳନ କରିଥିଲେ ଏବଂ ପ୍ର. ରାମପୂଜନ ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଦ୍ରକ ଜିଲ୍ଲା: ୨ ବର୍ଷ ୧୦ ମାସରେ ୧୯୩୧ ଦୁର୍ଘଟଣା

# ଜୀବନ ଯାଇଛି ୪୪୯ ଓ ଆହତ ହୋଇଛନ୍ତି ୭୭୨

ଭଦ୍ରକ, ୨୫ ।୧୧(ସମିସ)



ଫାଇଲ୍ ଫଟୋ

ଭଦ୍ରକ ଜିଲ୍ଲାରେ ଗତ ୨ ବର୍ଷ ୧୦ମାସ ମଧ୍ୟରେ ଅର୍ଥାତ ଗତ ୨୦୨୩, ୨୦୨୪ ଓ ୨୦୨୫ ଅକ୍ଟୋବର ମାସ ଶେଷ ସୁଦ୍ଧା ୧୯୩୧ଟି ଛୋଟବଡ ସଡକ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୪୪୯ଜଣଙ୍କ ମୃତ୍ୟୁ ଘଟିଛି। ସେହିଭଳି ୭୭୨ ଜଣ ଗୁରୁତର ଓ ସାମାନ୍ୟ ଆହତ ହୋଇଛନ୍ତି। ତେବେ ଜିଲ୍ଲାର ୧୯ଟି ଥାନା ଇଲାକା ମଧ୍ୟରୁ ସର୍ବାଧିକ ଦୁର୍ଘଟଣା ଘଟିଛି ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଞ୍ଚଳରେ। ଏହି ଥାନା ଅଧିନରେ ଉପରୋକ୍ତ ଅବଧି ମଧ୍ୟରେ ସର୍ବାଧିôକ୨୨୪ଟି ଦୁର୍ଘଟଣା ଘଟିଥିବା ବେଳେ ୫୮ଜଣଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଗତ ୨୦୨୩ରେ ଜିଲ୍ଲାର ୧୯ଟି ଥାନାଞ୍ଚଳରେ ମୋଟ ୭୩୧ଟି ଦୁର୍ଘଟଣା ଘଟିଥିଲା। ଏଥିରେ ୧୬୧ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୫୭ଜଣ ଗୁରୁତର ହୋଇଥିଲେ ଓ ୧୪୮ଜଣ ଆହତ ହୋଇଥିଲେ। ସେହିଭଳି ଗତ ୨୦୨୪ବର୍ଷରେ ଜିଲ୍ଲାରେ ୭୨୦ଟି ଦୁର୍ଘଟଣା ଘଟିଥିଲା। ଏହି ଦୁର୍ଘଟଣାରେ ୧୬୮ଜଣଙ୍କ ପ୍ରାଣହାନୀ ହୋଇଥିଲା ଓ ୮୭ଜଣ ଗୁରୁତର ହୋଇଥିବାବେଳେ ୮୭ଜଣ ଆହତ ହୋଇଥିଲେ। ସେହିପରି ୨୦୨୫ବର୍ଷର ଅକ୍ଟୋବର ଶେଷ ସୁଦ୍ଧା ଜିଲ୍ଲାର ୯ଗୋଟି ଥାନା-ଆଗରପଡ଼ା, ବାଂଶଡା, ବାସୁଦେବପୁର, ଭଦ୍ରକ ଗ୍ରାମାଞ୍ଚଳ, ଭଦ୍ରକ ଟାଉନ, ଭଣ୍ଡାରିପୋଖରୀ, ବନ୍ତ, ଚାନ୍ଦବାଲି, ଚୂଡାମଣି ମେରାଇନ, ଧାମନଗର, ଧାମରା, ଧାମରା ମେରାଇନ, ଧୂଷୁରୀ, କଶିଆ ମେରାଇନ, ନାୟକାଣିଡିହି, ପୀରହାଟ, ପୁରୁଣାବଜାର, ସାବରଙ୍ଗ ଓ ତିହିଡି ଥାନା ଇଲାକାରେ ମୋଟ ୪୮୦ଟି ଛୋଟବଡ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ୧୧୯ଜଣଙ୍କ ଜୀବନ ଉଜୁଡି ଯାଇଥିବା ବେଳେ ଗୁରୁତର ଭାବେ ୧୨୦ଜଣ ଆହତ ହୋଇଥିବା ବିଭାଗୀୟ ସୂତ୍ରରୁ ଜଣାଯାଇଛି।

**ଗ୍ରାମାଞ୍ଚଳ ଥାନା ଅଧୀନରେ ସର୍ବାଧିକ ଦୁର୍ଘଟଣା**

## ଥମୁନି ଚୋରା କୋଇଲା କାରବାର

**ଦୋଳସାହି, ୨୫ ।୧୧(ସମିସ):** ତିହିଡି ଓ ସାବରଙ୍ଗ ଥାନା ଅଞ୍ଚଳରେ ଚୋରା କୋଇଲା କାରବାର ଥମିବା ନାଁ ଧରୁନାହିଁ। ସୂଚନାଯୋଗ୍ୟ, ଧାମରା ବନ୍ଦରରୁ ଭଦ୍ରକ ଅଭିମୁଖେ ଟ୍ରେନ ଯୋଗେ ଆସୁଥିବା ହାର୍ଡକୋକ କୋଇଲା ଚଳନ୍ତା ଟ୍ରେନ୍‌ରୁ ବାହାର କରି ରାଜ୍ୟ ତଥା ଅନ୍ୟ ରାଜ୍ୟକୁ ଚୋରା ଚାଲାଣ କରିବା ନେଇ ଚର୍ଚ୍ଚା ଚାଲିଛି। ଗତ କିଛି ମାସ ତଳେ ଭଦ୍ରକ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭାବେ ମନୋଜ ରାଉତ ଯୋଗଦାନ ପରେ ଏହି ବେଆଇନ କୋଇଲା ଚୋରା ଚାଲାଣ ଥମିଥିଲା। ତେବେ କିଛିଦିନ ପରେ ଏହି କୋଇଲା ମାଫିଆମାନେ ଖୋଲାଖୋଲି ବେପାର କରୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଚୋରା କୋଇଲା ମାଫିଆମାନେ ପ୍ରଶାସନ ଓ ନେତାଙ୍କ ଛତ୍ରଛାୟା ତଳେ ରହି ବେପାର କରୁଛନ୍ତି। ତେଣୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ତରିମୂଳ ପଟ୍ଟନାୟକ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଆନନ୍ଦପୁର, ୨୫।୧୧ (ସମିସ): ତରିମୂଳ ସରକାରୀ ଉଚ୍ଚବିଦ୍ୟାଳୟରେ ରୁକ୍ମିଣୀ ପଟ୍ଟନାୟକ ଫାଉଣ୍ଡେସନ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ଗୁରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ନରେଶଚନ୍ଦ୍ର ମନମୋହନ ସାମଲ ଯୋଗଦେଇଥିଲେ। ସେହିପରି ବିଶେଷ ଅତିଥି ଭାବରେ ଉତ୍ତରପ୍ରଦେଶ ଲକ୍ଷ୍ନୌର ଜବାହର ନବୋଦୟ ବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଅନାଦୀ ଚରଣ ମହାରଣା, ଗଣିତଜ୍ଞ ତଥା ସମାଜସେବୀ ଗୋପବନ୍ଧୁ



ମିଶ୍ର ଓ ଟ୍ରଷ୍ଟର ସମ୍ପାଦିକା ଅନ୍ନପୂର୍ଣ୍ଣା ମହାରଣା ଯୋଗ ଦେଇଥିଲେ। ଆନନ୍ଦପୁର ଓ ଘସିପୁରା ବ୍ଲକରୁ ୨୧ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥରାଶି ଓ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ନାଗରିକ କାହ୍ନୁଚରଣ ମହାରଣା ଓ ଜାହାଜ ପତି ସଭାପତିତ୍ୱ ଓ ସହକାରୀ ଶିକ୍ଷକ ଦିଲ୍ଲୀପ ରାଉତଙ୍କ ସଂଯୋଜନାରେ ଆହୁତ କାର୍ଯ୍ୟକ୍ରମରେ ମୁଖ୍ୟଦ୍ରଷ୍ଟି ତଥା ଆବାହକ ଭାବରେ ଶୈଳବାଳା ମହିଳା ମହାବିଦ୍ୟାଳୟ କଟକର ପ୍ରାକ୍ତନ ଅଧ୍ୟକ୍ଷ ଡ ହାଡିବନ୍ଧୁ ପଟ୍ଟନାୟକ, ମୁଖ୍ୟଅତିଥି ଭାବରେ ଘସିପୁରା ବ୍ଲକର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ତପୋଧନ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଆନନ୍ଦପୁର ବ୍ଲକର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଶରତ ରାଉତ, ସମ୍ମାନିତ ଅତିଥି ଭାବରେ ତେଲକୋଇ ବ୍ଲକର ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି କୃତୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ଭାବରେ ଅନ୍ନପୂର୍ଣ୍ଣା ମହାରଣା, ବିଷ୍ଣୁନାରାୟଣ ସାମଲ, ଜୀନାରାଣୀ ଜେନା, ବିଶିକେଶନ ଭୂୟାଁ, ଶାନ୍ତିଲତା ମଲ୍ଲିକ, ଡ ଦେବେନ୍ଦ୍ର ଦାଶ, ଦେବାଶିଷ ମହାନ୍ତି ଓ କଳ୍ପତରୁ ନାଥଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ସୁଶାନ୍ତ ରାଉତ, ମମିତାରାଣୀ ଜେନା ଓ ରଶ୍ମିରଞ୍ଜନ ରାଉତ ସହଯୋଗ କରିଥିଲେ।

## ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପସ୍ତରୀୟ କମିଟି ବୈଠକ

# ପଞ୍ଚବର୍ଷୀୟ ଅନୁଦାନ ଓ ବିନିଯୋଗର ସମୀକ୍ଷା

କେନ୍ଦୁଝର,୨୫।୧୧(ସମିସ): କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପସ୍ତରୀୟ କମିଟି ବୈଠକ ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଦରବାର ହଲରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାଏକ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ସଦର ବିଧାୟକ ତଥା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗୋପୀନାଥ ରାମ ଆଦିବାସୀ ବିକାଶ ପ୍ରକଳ୍ପର ସମୀକ୍ଷା କରିଥିଲେ ଏବଂ ନୂତନ ପ୍ରସ୍ତାବଗୁଡ଼ିକୁ ଅନୁମୋଦନ କରିଥିଲେ। ପୂର୍ବ ବୈଠକର ବିବରଣୀ ଗୃହ ସମ୍ମୁଖରେ ଉପସ୍ଥାପନ




କରାଯାଇ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ପରେ ୨୦୨୧-୨୨ରୁ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ବିଭିନ୍ନ ଯୋଜନା ଅଧୀନରେ ପ୍ରାପ୍ତ ଅନୁଦାନ ଏବଂ ଖର୍ଚ୍ଚ ବିବରଣୀର ସମୀକ୍ଷା କରାଯାଇଥିଲା। ସଦସ୍ୟମାନେ ବିନିଯୋଗ କରାଯାଇଥିବା ଅର୍ଥ ଉପରେ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ବିଧାନର ଧାରା ୨୭୫(୧) ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟ ଯୋଜନାର ରୂପରେଖକୁ ଅନୁମୋଦିତ କରାଯାଥିଲା। ଯୋଜନା ଅନୁଯାୟୀ, କେନ୍ଦୁଝର ଜିଲ୍ଲାର ଆଦିବାସୀ ବହୁଳ ଅଞ୍ଚଳରେ ଭିତ୍ତିଭୂମି ଏବଂ ଜୀବିକା ବିକାଶ କାର୍ଯ୍ୟ କରିବା ପାଇଁ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ୨୨୨୬.୫୦ ଲକ୍ଷ ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧୀନରେ ୮୧୩.୬୭ ଲକ୍ଷ ଟଙ୍କା ଆବଣ୍ଟନ କରାଯିବ। ଜିଲ୍ଲାର ଆଦିବାସୀ ସମ୍ପ୍ରଦାୟର କଲ୍ୟାଣ ପାଇଁ ସାଂସଦ ଏବଂ ବିଧାୟକଙ୍କ ଦ୍ୱାରା ସୁପାରିସ କରାଯାଇଥିବା ଅନେକ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ଅନୁମୋଦନ କରାଯାଇଥିଲା। ମଞ୍ଜୁର କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମ୍ପାଦିତ କରାଯିବା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପୂର୍ବକ କେନ୍ଦୁଝରର ଆଦିବାସୀ ଜନସଂଖ୍ୟାକୁ ସ୍ଥାୟୀ ବିକାଶ ଏବଂ ଲାଭ ପ୍ରଦାନକୁ ସୁନିଶ୍ଚିତ କରିବା ପାଇଁ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ କେନ୍ଦୁଝର ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର ପରିଚାଳନା କରିଥିଲେ।

## ଶିଶୁ ସୁରକ୍ଷା ସମ୍ପର୍କିତ ଦୁଇଦିନିଆ କର୍ମଶାଳା

ଚମ୍ପୁଆ,୨୫।୧୧(ସମିସ): ଚମ୍ପୁଆ ପଞ୍ଚାୟତସମିତି ସଭାଗୃହଠାରେ ଶିଶୁ ସୁରକ୍ଷାକୁ କ୍ରିୟାଶୀଳ କରିବା ସକାଶେ ଜିଲ୍ଲା ପରିଷଦ ପକ୍ଷରୁ ଏକ ଦୁଇଦିନିଆ କର୍ମଶାଳା ଆରମ୍ଭ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ, ଶିଶୁ ମଙ୍ଗଳ କମିଟି ଏବଂ ବ୍ଲକ ଟାସ୍କ ଫୋର୍ସ କମିଟିର ମିଳିତ ଆନୁକୂଲ୍ୟରେ ପଞ୍ଚାୟତିରାଜ ପ୍ରତିନିଧି, ଶିଶୁ ବିକାଶ ବିଭାଗ, ସାମାଜିକ ଗୋଷ୍ଠୀ ଓ ବିଭାଗୀୟ ଅଧିକାରୀ ସମୂହଙ୍କୁ ନେଇ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଡ଼ିଓ ସ୍ମୃତିରଞ୍ଜନ ସାହୁ ଯୋଗ ଦେଇଥିବା ବେଳେ ଏବିଡିଓ ଚୁନୁ ହାଁସଦା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁମିତ୍ରା ତ୍ରିପାଠୀ, ସିଡିପିଓ ଲକ୍ଷ୍ମୀକାନ୍ତ ମାରାଣ୍ଡି, ଜିପିଡିଓ ମୋନାଲିସା ନାଏକ, ସିଆରସି ସୁଦାମ ଚରଣ ପଣ୍ଡା, ବିଆରସି ମାନସ କୁମାର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ସିଆରସିସି ଶିଶୁଙ୍କ ସାଂପ୍ରତିକ ସ୍ଥିତି, ସେମାନଙ୍କର ଅଧିକାର ଓ ସୁରକ୍ଷା, ସଚେତନତା ବ୍ୟବସ୍ଥା, ଆଇନ୍ ବ୍ୟବସ୍ଥା ଏବଂ ଆମ ଜିଲ୍ଲାରେ ଶିଶୁଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ, ଏଏନଏମ, ସମିତିସଭ୍ୟ, ସୁପରଭାଇଜର, ବିପିଏଲ୍ଏଫର ପଞ୍ଚାୟତସ୍ତରୀୟ ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ୩ରୁ ଦୁଇଦିନିଆ ଜିଲ୍ଲା ବାର୍ଷିକ ଦୌଡ଼କୁଦ

କେନ୍ଦୁଝର, ୨୫।୧୧(ସମିସ): କେନ୍ଦୁଝର ଜିଲ୍ଲା କ୍ରୀଡ଼ାସଂସ୍ଥା ଆନୁକୂଲ୍ୟରେ ଜିଲ୍ଲା ବାର୍ଷିକ ଦୌଡ଼କୁଦ ପ୍ରତିଯୋଗିତା ଆସନ୍ତା ୩ ଏବଂ ୪ ତାରିଖ ଦୁଇଦିନ ଧରି ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ହେବ। ୧୪, ୧୬, ୧୮, ୨୦ ଓ ୨୩ ବର୍ଷରୁ କମ ବାଳକ ଓ ବାଳିକା ଏବଂ ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିପାରିବେ। ସିନ୍ଥେଟିକ ଟ୍ରାକରେ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ କଟକ ରିଜର୍ଭ ପୁଲିସ ଗ୍ରାଉଣ୍ଡ ସିନ୍ଥେଟିକ ଟ୍ରାକରେ ହେବାକୁଥିବା ୭୧ତମ ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଚୟନ କରାଯିବ। ଇଚ୍ଛୁକ ପ୍ରତିଯୋଗୀମାନେ ସେମାନଙ୍କ ଶିକ୍ଷାନୁଷ୍ଠାନ/କ୍ଲବ/ଅନୁଷ୍ଠାନ ଜରିଆରେ ଏଥିରେ ଭାଗ ନେବା ପାଇଁ ନାମ ଆସନ୍ତା ୩୦ ତାରିଖ ସୁଦ୍ଧା ପଞ୍ଜୀକରଣ କରିପାରିବେ। ସମସ୍ତ ପ୍ରତିଯୋଗୀ ବୟସ ପ୍ରମାଣପତ୍ର ଏବଂ ମୋବାଇଲ ନମ୍ବର ଦେଇ ନିଜ ଅନୁଷ୍ଠାନ ଜରିଆରେ ଆବେଦନ କରିବେ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା କ୍ରୀଡା ସଂସ୍ଥା, କେନ୍ଦୁଝର ମୋବାଇଲ ନମ୍ବର- ୭୯୭୮୪୪୦୮୩୩ଙ୍କ ସହ ଯୋଗାଯୋଗ କରିବାକୁ ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।

## ଦୁଇ ବରିଷ୍ଠ ଶିକ୍ଷକଙ୍କୁ ରାଷ୍ଟ୍ରନିର୍ମାତା ସମ୍ମାନ



ଆନନ୍ଦପୁର, ୨୫।୧୧(ସମିସ): ଘସିପୁରା ବ୍ଲକର ଦୁଇ ବରିଷ୍ଠ ଶିକ୍ଷକ ଉପେନ୍ଦ୍ରନାଥ ସାହୁ ଓ ରଜତ କୁମାର ଚାନ୍ଦଙ୍କୁ ରୋଟାରୀ ଇଣ୍ଟରନ୍ୟାସନାଲ୍ ମାର୍ଗଦର୍ଶନରେ ଚାଲୁଥିବା ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର କଳିଙ୍ଗ ତରଫରୁ ସମ୍ମାନଜନକ ରାଷ୍ଟ୍ର ନିର୍ମାତା ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ହୋଟେଲ୍ ସାଫରନ୍‌ଠାରେ ଏକ ବର୍ଣ୍ଣାଢ୍ୟ ସମାରୋହରେ ପୂର୍ବତନ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶିବବ୍ରତ ଦାସ, ଚାର୍ଟାର୍ ସଭାପତି ଅଶୋକ ମହାପାତ୍ର, ସର୍ଭିସ୍ ପ୍ରୋଜେକ୍ଟ ନିର୍ଦ୍ଦେଶକ ଡ ହାଡିବନ୍ଧୁ ପଟ୍ଟନାୟକ, ସଭାପତି ମନୋରଞ୍ଜନ ପୋଥାଳ ଓ ସମ୍ପାଦକ ଆଦର୍ଶ ରଥ ଉପସ୍ଥିତ ଥିଲେ। ସମ୍ପ୍ରତି ଉପେନ୍ଦ୍ରନାଥ ସାହୁ କେନ୍ଦୁଝର ଜିଲ୍ଲା ଘସିପୁରା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସରେଇ ଓ ରଜତ ଚାନ୍ଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ସାଇଁପାଳରେ କାର୍ଯ୍ୟରତ ଅଛନ୍ତି। ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକଦ୍ୱୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ବାଲି ଅଭାବରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ

ହାଟଡ଼ିହୀ,୨୫।୧୧(ସମିସ): ହାଟଡ଼ିହୀ ଅଞ୍ଚଳରେ ବାଲି ଯୋଗାଣରେ ଅଭାବୀ ପରିସ୍ଥିତି ଯୋଗୁଁ ବିଭିନ୍ନ ବିଭାଗରେ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇପଡ଼ିଛି। ସାଧାରଣତଃ ପକ୍କାଘର, ରାସ୍ତାଘାଟ, ଆବାସ ଗୃହ, ପୋଲ, ସିମେଣ୍ଟ ଇଟା ସହ ଘରୋଇ ଉପକରଣ ସାମଗ୍ରୀ ଆଦି ବିଭିନ୍ନ ପ୍ରକାରର ନିର୍ମାଣ କାର୍ଯ୍ୟର ମୁଖ୍ୟ ଉପାଦାନ ଭାବେ ବାଲି ଆବଶ୍ୟକ ହୋଇଥାଏ। ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ବାଲିର ନିଅଣ୍ଟିଆ ଅଭାବ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ନିର୍ମାଣକାରୀ ସଂସ୍ଥାଠାରୁ ଆରମ୍ଭ କରି ଠିକାଦାର, ନିର୍ମାଣକାରୀ ମିସ୍ତ୍ରିମାନେ କାମ ନପାଇ ହାତ ବାନ୍ଧି ଘରେ ବସିଛନ୍ତି। ଆବାସ ଯୋଜନାରେ ବାସଗୃହ ପାଇଥିବା ହିତାଧିକାରୀମାନେ ମଧ୍ୟ ବାଲି ମୁଠେ ପାଉ ନଥିବାରୁ ଘର ନିର୍ମାଣ କରି ନପାରି ନାନା ହୀନସ୍ତା ହେଉଛନ୍ତି। ଆବାସ ହିତାଧିକାରୀମାନେ ନିୟମାନୁଯାୟୀ ଠିକ୍ ସମୟରେ ଗୃହକାର୍ଯ୍ୟ ସମ୍ପୂର୍ଣ୍ଣ ନକଲେ ବୋନସ୍ ଟଙ୍କା କଟିବା ଭୟରେ ପ୍ରକୃତ ଦରଠାରୁ ତିନିଗୁଣ ଅଧିକ ଦାମ୍ ଦେଇ ଚୋରାରେ ବାଲି କିଣିବାକୁ ବାଧ ହେଉଛନ୍ତି। ଯାହାଫଳରେ ସେମାନଙ୍କୁ ତିନିଗୁଣ କ୍ଷତି ସହିବାକୁ ପଡୁଛି। ଏବେ ବାଲି ଅଭାବ ଯୋଗୁଁ ସମ୍ପୂର୍ଣ୍ଣ ହାଟଡ଼ିହୀ ଅଞ୍ଚଳରେ ହା ହା କାର ପଡ଼ିଯାଇଛି। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ନିର୍ମାଣକୁ ଲକ୍ଷ୍ୟ କରି ବାଲି ଯୋଗାଣ କ୍ଷେତ୍ରରେ ପ୍ରଶାସନ ଦୃଷ୍ଟି ଦେବା ସହ ଉନ୍ନୟନ କାର୍ଯ୍ୟକାରୀ ସଂସ୍ଥା ଏବଂ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀମାନେ କିପରି ସୁରୁଖୁରୁରେ ଆବାସ ଗୃହ ସହ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ କରିପାରିବେ ସେ ଦିଗରେ ଧ୍ୟାନ ଦେବାକୁ ଦାବି ହୋଇଛି।

## ଚମ୍ପୁଆ ଶିଶୁ ମନ୍ଦିରରେ ଶିଶୁ ଶିବିର



ଚମ୍ପୁଆ, ୨୫।୧୧(ସମିସ): ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଅରୁଣ ଶ୍ରେଣୀଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କୁ ନେଇ ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଭୋଳାନାଥ ମିଶ୍ର, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତିର ସଦସ୍ୟ ମୋନାଲିସା ରାଉତ ମଞ୍ଚାସୀନ ଥିଲେ। ଅଫିସ୍ କୋ-ଅର୍ଡିନେଟର ଧରଣୀଧର ଦାସ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ ଶିଶୁ ଶିବିରର ଆଭିମୁଖ୍ୟ କଥନ କରିଥିଲେ। ସରୋଜ ପାତ୍ର ଅତିଥି ପରିଚାଳନା କରିଥିଲେ। ଛାତ୍ରଛାତ୍ରୀଙ୍କ ସୃଜନଶୀଳତାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପରିଚାଳନା ସମିତିର ସଦସ୍ୟା ପ୍ରତିଭା ମଞ୍ଜରୀ ନାୟକ, ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ପରିଚାଳନା କରିଥିଲେ। ଶିକ୍ଷା ବିକାଶ ସମିତି ଓଡିଶା, ଉତ୍ତର ସମ୍ଭାଗ ସମ୍ପାଦକ ଯୋଗ ଦେଇଥିଲେ।

## ହାଇୱାରେ ଲାଗିଲା ନିଆଁ

ଯୋଡ଼ା/ବଡ଼ବିଲ,୨୫।୧୧(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣିଜ କ୍ଷେତ୍ର ରୁଗୁଡ଼ି ଥାନା ଅନ୍ତର୍ଗତ ୫୨୦ ନମ୍ବର୍ ରାଜପଥ ଭଦ୍ରାସାହି ରୁଗୁଡି ରାସ୍ତା ବାରବାଙ୍କ ନିକଟରେ ଏକ ହାଇୱା ଗାଡ଼ିରେ ନିଆଁ ଲାଗି ଜଳିଯାଇଛି। ବାରବାଙ୍କ ଘାଟି ନିକଟରେ ହାଇୱା ଗାଡ଼ିଟିକୁ ଏକ କ୍ରେନ୍ ସାହାଯ୍ୟରେ ଟଚନ କରି ନେଉଥିବା ସମୟରେ କୌଣସି କାରଣରୁ ଗାଡିରେ ଧୂଆଁ ବାହାରିଥିଲା। ଚାଳକ ସଙ୍ଗେ ସଙ୍ଗେ ଗାଡ଼ିକୁ ରାସ୍ତାରେ ଛିଡାକରିଥିଲେ। ସେଠାରେ ଉପସ୍ଥିତ ଲୋକେ ଏହାକୁ ଦେଖି ବଡ଼ବିଲ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ବଡ଼ବିଲ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ କିନ୍ତୁ ସେତବେଳକୁ ଗାଡ଼ିଟିର ସମ୍ମୁଖଭାଗ ସମ୍ପୂର୍ଣ୍ଣ ଜଳିଯାଇଥଲା। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ।

## ଜବରଦଖଲ ଅଭିଯୋଗ ଆଣିଲେ ଗ୍ରାମବାସୀ

ଚମ୍ପୁଆ,୨୫।୧୧(ସମିସ): ଚମ୍ପୁଆ ବ୍ଲକ ରଜିଆ ପଞ୍ଚାୟତର ଦୋଳିତା ଗ୍ରାମର ଅଧିବାସୀମାନେ ସଣିଆମରା ସାହିରେ ବିନା ଅନୁମତି ସରକାରୀ ଜମିକୁ ଜୋର ଜବରଦଖଲ କରାଯାଉଥିବା ନେଇ ଉପଜିଲ୍ଲାପାଳ, ତହସିଲଦାର, ରେଞ୍ଜ ଅଧିକାରୀଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ଦୋଳିତା ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ସଣିଆମରାଠାରେ ଥିବା ସରକାରୀ ଜମିକୁ ଗ୍ରାମବାସୀ ବିଦ୍ୟାଳୟ, ଖେଳ ପଡିଆ, ଡାକ୍ତରଖାନା, ପ୍ରାଣୀ ଚିକିତ୍ସାଳୟ ଆଦି କାର୍ଯ୍ୟରେ ଲଗାଇବା ନିମନ୍ତେ ସଂରକ୍ଷିତ ରଖିଥିଲେ। ମାତ୍ର ମହେଶ୍ୱରପୁର ଗ୍ରାମର କେତେକ ଧନି ଶ୍ରେଣୀର ଲୋକ ଉକ୍ତ ସରକାରୀ ଜମିକୁ ଜୋର ଜବରଦସ୍ତ ଦଖଲ କରିଆସୁଛନ୍ତି। ଫଳରେ ଭବିଷ୍ୟତରେ ଗ୍ରାମରେ ହେବାକୁଥିବା ସରକାରଙ୍କ ଉନ୍ନତମୂଳକ କାର୍ଯ୍ୟ କରିବା ସମ୍ଭବ ହେବନାହିଁ। ଏଣୁ ଜବରଦଖଲକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଉକ୍ତ ଜମିକୁ ଜବରଦଖଲମୁକ୍ତ କରିବା ଦବି କରିଛନ୍ତି।

## କୁଶଳେଶ୍ୱର କଲେଜରେ ସ୍ୱାଗତ ଉତ୍ସବ



ଆନନ୍ଦପୁର, ୨୫।୧୧ (ସମିସ): ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳର ଇତିହାସ ବିଭାଗ ତରଫରୁ କଲେଜ ଅଧକ୍ଷ ସଞ୍ଜୟ ମିଶ୍ରଙ୍କ ସଭାପତିତ୍ୱରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଇତିହାସ ବିଭାଗର ମୁଖ୍ୟ ଅଧାପକ ବିଜୟ କୁମାର ସାହୁ ଅତିଥିଙ୍କର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗତବର୍ଷ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଅଙ୍କିତା ସାହୁ ଏବଂ ଶ୍ରେଷ୍ଠ ଛାତ୍ର ଭାବେ ସତ୍ୟବ୍ରତ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇତିହାସ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଧାପକ ଭବାନୀ ପ୍ରସାଦ ରାଉତ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବିଭାଗର ତୃତୀୟ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ସମସ୍ତ ଅଧାପକଅଧାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଅଧାପିକା କାଦମ୍ବିନୀ ଜେନାଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପକ ଦାମୋଦର ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଟାଟା ଷ୍ଟିଲ ଖଣ୍ଡବନ୍ଧ ଖଣିରେ ନୂତନ ଶ୍ରମ କୋଡ୍ ସଚେତନତା



ଯୋଡ଼ା, ୨୫।୧୧(ସମିସ): ଟାଟା ଷ୍ଟିଲର ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣିରେ ୪୩ତମ ବାର୍ଷିକ ଖଣି ସୁରକ୍ଷା ପକ୍ଷ ଅବସରରେ ନୂତନ ଶ୍ରମ କୋଡ୍ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ଅଞ୍ଚଳ–୧ର ମାଇନ୍ସ ସେଫ୍ଟି ଡେପୁଟି ଡିରେକ୍ଟର ଟି. ହରିପ୍ରସାଦ ପ୍ରାୟ ୩୦୦ କର୍ମଚାରୀ ଓ ଅଧିକାରୀଙ୍କୁ ସମ୍ବୋଧିତ କରି ଭାରତ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ, ୨୯ଟି ପୂର୍ବତନ ଶ୍ରମ ଆଇନକୁ ପରିବର୍ତ୍ତନ କରି ଆଣାଯାଇଥିବା ଚାରୋଟି ନୂତନ ଶ୍ରମ କୋଡ୍‌ର ମୂଳ ଦିଗଗୁଡ଼ିକ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। କାର୍ଯ୍ୟକ୍ରମକୁ ଶ୍ରମିକ ସଂଘଙ୍କ ଦୃଢ଼ ସମର୍ଥନ ମିଳିଥିଲା। ସେ ସମସ୍ତଙ୍କୁ ସୁରକ୍ଷା ନିୟମ ପାଳନ କରିବା, ନିଜ ଅଧିକାର ବୁଝିବା ଓ ଏହି ଆଇନଗତ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟପ୍ରଣାଳୀରେ ଅନୁପ୍ରବେଶ କରାଇବା ପାଇଁ ସାମୁହିକ ଭାବରେ କାମ କରିବାକୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମ ଫଳରେ କର୍ମଚାରୀମାନେ ନିଜ କାର୍ଯ୍ୟସ୍ଥଳରେ ଅଧିକ ସଚେତନ, ସୁରକ୍ଷିତ ଓ ସୁରକ୍ଷାପ୍ରଦ ହେବାରେ ସାହାଯ୍ୟ ପାଇବେ।

## ବାଳିକା ସହାୟକ ପଞ୍ଚାୟତ ଗଠନ ପାଇଁ ତାଲିମ୍

ହାଟଡ଼ିହୀ,୨୫।୧୧(ସମିସ): ହାଟଡ଼ିହୀ ବ୍ଲକ ସଭାଗୃହରେ ବାଳିକା ସହାୟକ ପଞ୍ଚାୟତ ଗଠନ ନିମନ୍ତେ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇସିଡ଼ିଏସ ବିଭାଗର ବିଆଇସି ଦୀପକ କୁମାର ବାରିକଙ୍କ ସଂଯୋଜନାରେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା, ଏବିଡ଼ିଓ ରଶ୍ମିରେଖା ନାଏକ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମୋନାଲିସା ନାୟକଙ୍କ ସହ ଏବିଇଓ ପୂର୍ଣ୍ଣଚନ୍ଦ୍ର ଜେନା, ହାଟଡ଼ିହୀ କ୍ଲଷ୍ଟରର ସିଆରସିସି ଦେବାଶିଷ ସୌଭାଗ୍ୟରଞ୍ଜନ ବାରିକ, ଅଙ୍ଗନବାଡ଼ି ପରିଦର୍ଶିକା ଜ୍ୟୋତ୍ସ୍ନାମୟୀ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିଟି ପଞ୍ଚାୟତରେ ବାଳିକାଙ୍କ ସହାୟକ ନିମନ୍ତେ କିପରି ସୁସ୍ଥ ପରିବେଶ ଗଠନ କରିହେବ ସେଦିଗରେ ଆଲୋଚନା ହୋଇଥିଲା। ବିଜ୍ଞାପନ ଓ ସଚେତନତା ଅଭାବରୁ ବିଭିନ୍ନ ପଞ୍ଚାୟତର ଗାଁ ମାନଙ୍କରେ ଶିଶୁ ବାଳିକା ଶ୍ରମିକ, ବାଲ୍ୟବିବାହ ଭଳି କାର୍ଯ୍ୟ ବୃଦ୍ଧି ପାଉଛି। ସେଥିରୁ ନିବୃତ ପାଇଁ ସେମାନଙ୍କୁ ସଚେତନ କରାଇବା ସହ କାର୍ଡ଼ବୋର୍ଡ଼ କିମ୍ବା ଡ଼ିଜିଟାଲ ଉପାୟରେ ସେମାନଙ୍କୁ ସଚେତନ କରାଇ ସେମାନଙ୍କ ପାଇଁ ସୁସ୍ଥ ପରିବେଶ ଗଠନ କରିବା ଦିଗରେ ପଞ୍ଚାୟତ ପ୍ରଶାସନଠାରୁ ଆରମ୍ଭ କରି ବ୍ଲକ, ଉପଖଣ୍ଡ ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପ୍ରତ୍ୟେକ ଶିଶୁ ଓ ବାଳିକାଙ୍କ ସୁରକ୍ଷା ଦିଗରେ ପ୍ରଥମେ ଅଭିଭାବକମାନେ ସଚେତନ ହେବା ନିହାତି ଜରୁରୀ ବୋଲି କୁହାଯାଇଥିଲା। ବିଭିନ୍ନ ସମିତି ସଭ୍ୟସଭ୍ୟା, ୱାର୍ଡମେମ୍ବର, ଶିକ୍ଷକଶିକ୍ଷୟିତ୍ରୀ ଓ ଅଭିଭାବକ ସାମିଲ ଥିଲେ। ବ୍ଲକ୍ ସିପି ସୁବ୍ରତ ନାୟକ ପରିଚାଳନା କରିଥିଲା ବେଳେ କର୍ମଚାରୀ ଭଗବାନ ସେଠୀ, ସୁଦର୍ଶନ ଘଡ଼େଇ ସହଯୋଗ କରିଥିଲେ।

## ଟାଟା ଷ୍ଟିଲ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ

# ଦୌଡ଼ିଲେ ୪,୬୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ

- ୧୦ କିମି, ୭ କିମି ଓ ୫କିମି ବର୍ଗରେ ଦୌଡ଼
- ମୋଟ ୫.୬୭ ଲକ୍ଷ ଟଙ୍କାର ପୁରସ୍କାର ରାଶି
- ସ୍ୱତନ୍ତ୍ର ଦୌଡ଼ରେ ସାମିଲ୍ ହେଲେ ୮୪ ଦିବ୍ୟାଙ୍ଗ
- ପ୍ରତି ପ୍ରତିଯୋଗୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ଚାରା ରୋପଣ କରିବ ଟାଟା ଷ୍ଟିଲ




ଯୋଡ଼ା, ୨୫।୧୧(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହୋଇଯାଇଛି। "ସବୁଜ ଆଜି, ସବୁଜତମ କାଲି' ବିଷୟବସ୍ତୁ ସହ ପ୍ରକୃତି ସଂରକ୍ଷଣ ତଥା ଫିଟନେସକୁ ପ୍ରୋତ୍ସାହନ ଦେବା ପାଇଁ ସ୍ଥାନୀୟ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ରବିବାର ଆୟୋଜିତ ଏହି ଗଣଦୌଡ଼ରେ ଭାଗ ନେଇଥିଲେ ୪,୬୦୦ରୁ ଊର୍ଦ୍ଧ୍ୱ ଧାବକଧାବିକା। ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦୀଶ ସାହୁ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଡି. ଡି. ହନୁମନ୍ତ, ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, କୋଇଡା ତହସିଲଦାର ନିର୍ମଳ ବିଶ୍ୱାଳ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଥାନା ଆଇଆଇସି ପ୍ରଶାନ୍ତ ସାମଲ, ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର ଓ ସୁରଭି ଭଟ୍ଟନାଗର ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଧାବକଧାବିକାଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ରୀୟ ଖେଳ ପଡ଼ିଆଠାରେ ଶତାଧିକ ଜନସଂଖ୍ୟା ଏକତ୍ରିତ ହୋଇଥିଲେ। ୧୦ କିମି ପୁରୁଷ ଓ ମହିଳା ବର୍ଗରେ ଉତ୍ତରପ୍ରଦେଶର ପ୍ରଶାନ୍ତ ଚୌଧୁରୀ ଓ ଝାଡ଼ଖଣ୍ଡର ବାସନ୍ତୀ କୁମାରୀ ବିଜୟୀ ହୋଇଥିବାବେଳେ ଉତ୍ତରପ୍ରଦେଶର ଧୀରଜ କୁମାର ଓ ଓଡ଼ିଶାର ବାସନ୍ତୀ ମାଣ୍ଡିଆ ଯଥାକ୍ରମେ ୭ କିମି ପୁରୁଷ ଓ ମହିଳା ବର୍ଗରେ ବିଜୟୀ ହୋଇଛନ୍ତି। ସେହିପରି ୫ କିମି ବାଳକ ଓ ବାଳିକା ବର୍ଗରେ ଯଥାକ୍ରମେ ଝାଡ଼ଖଣ୍ଡର ଉଦୟ ମେଲଗାଣ୍ଡୀ ଓ ଓଡ଼ିଶାର ମମତା କୁମାରୀ ବିଜୟୀ ହୋଇଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦୀଶ ସାହୁ, କେନ୍ଦୁଝର ଜିଲ୍ଲା ବନଖଣ୍ଡ ଅଧିକାରୀ ଡି.ଡି. ହନୁମନ୍ତ, ଟାଟା ଷ୍ଟିଲ ଓଏମକ୍ୟୁ ଡିଭିଜନର ମହାପ୍ରବନ୍ଧକ ଅତୁଲ ଭଟ୍ଟନାଗର ଉଦ୍‌ବୋଧନ ଦେଇଥିଲେ। ତିନୋଟି ବର୍ଗରେ (୧୫ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ୧୦ କିମି ଓ ୭ କିମି ଏବଂ ୧୬ ବର୍ଷରୁ କମ୍ ବୟସ ଲୋକଙ୍କ ପାଇଁ ୫ କିମି) ଏହି ଦୌଡ଼ ଆୟୋଜନ କରାଯାଇଥିଲା। ଏଥିସହ ଦିବ୍ୟାଙ୍ଗଙ୍କ ପାଇଁ ୨ କିମିର ଏକ ସ୍ୱତନ୍ତ୍ର ଦୌଡ଼ର ଆୟୋଜନ କରାଯାଇଥିଲା। ଏଥିରେ ଅଞ୍ଚଳର ୮୪ ଜଣ ଦିବ୍ୟାଙ୍ଗ ଭାଗ ନେଇଥିଲେ। ସମସ୍ତ ବର୍ଗ ପାଇଁ ମୋଟ ୫ ଲକ୍ଷ ୬୭ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏକ ସବୁଜ ଭବିଷ୍ୟତ ଓ ଦୀର୍ଘସ୍ଥାୟିତା ପ୍ରତି ନିଜର ପ୍ରତିବଦ୍ଧତା ଦର୍ଶାଇ ସମସ୍ତ ପ୍ରତିଯୋଗୀଙ୍କ ଉଦ୍ଦେଶ୍ୟରେ ଗୋଟିଏ ଲେଖାଏଁ ଚାରା ରୋପଣ କରାଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ଅବସରରେ ଯୋଡ଼ା ଟାଉନସିପରୁ ବାହାରୁଥିବା ଶୁଖିଲା ବର୍ଜ୍ୟବସ୍ତୁର ପ୍ରକ୍ରିୟାକରଣ କରାଯାଇ ପୁନର୍ବ୍ୟବହାର ଯୋଗ୍ୟ ଉତ୍ପାଦର ଏକ ପ୍ରଦର୍ଶନୀ କରାଯାଇଥିଲା। ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ଜାମସେଦପୁରରୁ "ରାଇଡ ୱିଥ ପ୍ରାଇଡ' ନାମକ ଏକ ସୁପର୍ ବାଇକର ଗ୍ରୁପ୍ ହାର୍ଲେ ଡେଭିଡସନ୍, ଦୁକାଟି ଓ ବିଏମଡବ୍ଲ୍ୟୁ ପରି ବାଇକ୍ ଧରି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ସହ ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାର ଓ ବିନିତା ସିଂହ, ଓଏମକ୍ୟୁ ମୁଖ୍ୟ ମେଡିକାଲ ଅଫିସର ଧୀରେନ୍ଦ୍ର କୁମାର ଓ ବୀଣା କୁମାରୀ, ନୁଆମୁଣ୍ଡି ମୁଖ୍ୟ ଡି. ବିଜୟେନ୍ଦ୍ର, ଓଏମକ୍ୟୁ ପ୍ଲାନିଂ ଓ ପ୍ରୋଜେକ୍ଟ ମୁଖ୍ୟ ଅବନିଶ କୁମାର, ପ୍ରୋଜେକ୍ଟ ମୁଖ୍ୟ ଦୀପକ ବେହେରା, ଏନଆଇଏନଏଲ୍ ଖଣି ମୁଖ୍ୟ ରାହୁଲ କିଶୋର, ଏଫ୍ଏଏମଡି ଖଣି ମୁଖ୍ୟ ଶମ୍ଭୁନାଥ ଝା, ଓଏମକ୍ୟୁ ଇଞ୍ଜିନିୟରିଂ ସର୍ଭିସେସ ଓ ପ୍ରୋଜେକ୍ଟ ମୁଖ୍ୟ ନାରାୟଣ ଶର୍ମା ଓ କ୍ରୀଡ଼ା ମୁଖ୍ୟ ମୁକୁଲ ବିନାୟକ ଚୌଧୁରୀ ଉପସ୍ଥିତ ଥିଲେ।

## ଅରବିନ୍ଦ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା

ଚମ୍ପୁଆ, ୨୫।୧୧(ସମିସ): ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନରେ ୩୨ତମ ବାର୍ଷିକ କ୍ରୀଡା ଉତ୍ସବ ଉଦଘାଟିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ଶାନ୍ତନୁ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଚମ୍ପୁଆ ବିଡ଼ିଓ ସ୍ମୃତିରଞ୍ଜନ ସାହୁ। ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କୁମାର ସାହୁ, ପରିଚାଳନା କମିଟିର ସଦସ୍ୟ ରାଜକିଶୋର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଶାନ୍ତନୁ କୁମାର ଗିରି ଅତିଥି ପରିଚୟ କରିଥିବା ବେଳେ ଲଗ୍ନଜିତ ମହାରଣା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ପ୍ରଥମେ କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ଶପଥ ପାଠ ଓ କ୍ରୀଡ଼ା ମଶାଲ ପରିକ୍ରମା କରି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କ୍ରୀଡ଼ାର ବିଭିନ୍ନ ବିଭାଗରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ସମସ୍ତଙ୍କ ସହଯୋଗରେ ଏହି କ୍ରୀଡା ଉତ୍ସବ ଶେଷ ହୋଇଥିଲା।

# ଆଞ୍ଚଳିକ ସ୍ୱେଚ୍ଛାସେବୀ ସଂଗଠନ ଗଠିତ



ଅନୁଗୋଳ,୨୫।୧୧(ସମିସ): ଅନୁଗୋଳ ଜିଲ୍ଲା ମନ୍ଦରଗିରି ପର୍ବତ ପାଦଦେଶ ମୂଷାପାପୁଲି ଶିବମନ୍ଦିର ପ୍ରାଙ୍ଗଣରେ ଆଖପାଖ ୨୨ଟି ଗ୍ରାମର ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମାଜ ମଙ୍ଗଳ ଉଦ୍ଦେଶ୍ୟରେ ନୂତନ ସଂଗଠନ ଗଠନ ପାଇଁ ଆଲୋଚନା ହୋଇଥିଲା। ସମସ୍ତଙ୍କ ମତାମତ ନେଇ "ଆଞ୍ଚଳିକ ସ୍ୱେଚ୍ଛାସେବୀ ସଂଗଠନ" ଗଠନ ହୋଇଛି। ବୈଠକରେ ସର୍ବସମ୍ମତି କ୍ରମେ କମିଟି ସଭାପତି ଭାବେ ରାଜକିଶୋର ସାହୁ, ଉପସଭାପତି ଅପିନ୍ଦ୍ର ଦେହୁରୀ, ସମ୍ପାଦକ ଜିତେନ୍ଦ୍ର ନାଏକ, ସହସମ୍ପାଦକ ମହେନ୍ଦ୍ର ଘଡ଼େଇ, କୋଷାଧ୍ୟକ୍ଷ ଭାବେ ନିରଞ୍ଜନ ସାହୁଙ୍କ ସମେତ ସଦସ୍ୟଙ୍କୁ ମନୋନୀତ କରାଯାଇଥିଲା। ସାମାଜିକ କ୍ଷେତ୍ରରେ ନିସ୍ୱାର୍ଥପର ସେବା ଯୋଗାଇ ଦେବାକୁ ସମସ୍ତେ ଶପଥ ନେଇଥିଲେ। ଅବହେଳିତଙ୍କୁ ସହାୟତାର ହାତ ବଢ଼ାଇବା, ସାମାଜିକ ସଚେତନା ଓ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା, ସାମାଜିକ ପରିବର୍ତ୍ତନ ଦିଗରେ କମିଟି କାର୍ଯ୍ୟ କରିବ ବୋଲି ସ୍ଥିରୀକୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କମିଟି ମହେଶ୍ୱର ସାହୁ, ଦେବହରି ସାହୁ, ବିଜୟ କୁମାର ସାହୁ, ବସନ୍ତ ପ୍ରଧାନ, ବାବୁଲା ସାହୁ, ସୁଜିତ ସାହୁ, ଜୟନ୍ତ ପ୍ରଧାନ, ଆନନ୍ଦ ସାହୁ, ସୁଶାନ୍ତ ସାହୁ, ଉମାଚରଣ ସାହୁ, ସରୋଜ ସାହୁ, ପିପମ୍ବର ସାହୁଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ, ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିଲା।

## ଡକାୟତି ଯୋଜନା କରୁଥିବାବେଳେ ମାଡ଼ିବସିଲା ପୁଲିସ

# ଯୋଜନା ପଣ୍ଡ; ୩ କୁଖ୍ୟାତ ଲୁଟେରା ଗିରଫ

ଅନୁଗୋଳ,୨୫।୧୧(ସମିସ):









ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁଯାୟୀ ସମଗ୍ର ରାଜ୍ୟରେ ଅସାମାଜିକ କାର୍ଯ୍ୟକଳାପ ଉପରେ ରୋକ ଲଗାଇବାକୁ ପୁଲିସ ବିଭାଗ ପକ୍ଷରୁ ଅପରେସନ ଧରପଗଡ଼ ଆରମ୍ଭ ହୋଇଛି। ଏହି କ୍ରମରେ ଅନୁଗୋଳ ଜିଲ୍ଲାରେ ମଧ୍ୟ ଜିଲ୍ଲା ପୁଲିସ ପକ୍ଷରୁ ଅପରେସନ ଧରପଗଡ଼କୁ ଜୋରଦାର କରାଯାଇଛି। ଗତକାଲି ରାତିରେ ସ୍ଥାନୀୟ ତୁରଙ୍ଗ ଅଞ୍ଚଳରେ ୫ ଜଣ ଦୁର୍ବୃତ୍ତ ସହରରେ ଡକାୟତି ଓ ଲୁଟପାଟ କରିବାକୁ ଯୋଜନା କରୁଥିବାବେଳେ ଅନୁଗୋଳ ପୁଲିସ ସେଠାରେ ଚଢ଼ଉ କରି ୩ ଜଣ କୁଖ୍ୟାତ ଲୁଟେରାଙ୍କୁ ଧରିବାରେ ସକ୍ଷମ ହୋଇଥିବାବେଳେ ଦୁଇଜଣ ଫେରାର ହୋଇଯାଇଥିଲେ। ସେମାନଙ୍କଠାରୁ ଗୋଟିଏ ପିସ୍ତଲ, ତିନୋଟି ଜୀବନ୍ତ ଗୁଳି, ୩୨ ଗ୍ରାମ ବ୍ରାଉନସୁଗର, ଗୋଟିଏ କାର, ଦୁଇଟି ବାଇକ୍ ସହ ବହୁ ମରଣାସ୍ତ୍ର ଜବତ ହୋଇଥିବା ଘଟଣା ସମଗ୍ର ଅନୁଗୋଳ ସହରରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ସୂଚନା ମୁତାବକ, ଗୁରୁବାର ରାତିରେ ଅନୁଗୋଳ ପୁଲିସ ପକ୍ଷରୁ ରାତ୍ରି ପାଟ୍ରୋଲିଂ ଚାଲୁଥିବାବେଳେ ଅନୁଗୋଳ ଥାନା ଅନ୍ତର୍ଗତ ତୁରଙ୍ଗ ମିନି ଷ୍ଟାଡିୟମରେ ୫ ଜଣ ଦୁର୍ବୃତ୍ତ ବସି ସହରରେ ଡକାୟତି ଓ ଲୁଟପାଟ କରିବାକୁ ଯୋଜନା କରୁଥିବା ଖବର ପାଇଥିଲେ। ଏହି ଖବର ପାଇବା ପରେ ଅନୁଗୋଳ ଥାନା

**ବନ୍ଧୁକ ସହ ଜୀବନ୍ତ ଗୁଳି, ୩୨ ଗ୍ରାମ ବ୍ରାଉନସୁଗର, ଗୋଟିଏ କାର, ଦୁଇଟି ବାଇକ୍ ଓ ମରଣାସ୍ତ୍ର ଜବତ**

ଆଇଆଇସି ଧୀରେସ ଦାସଙ୍କ ନେତୃତ୍ୱରେ ପାଟ୍ରୋଲିଂ କରୁଥିବା ପୁଲିସ ଅଧିକାରୀ ଓ ଅନ୍ୟ ପୁଲିସ କର୍ମଚାରୀ ସଦଳବଳେ ଘଟଣାସ୍ଥଳରେ ଅତର୍କିତ ଚଢ଼ଉ କରିଥିଲେ। ପୁଲିସର ଚଢ଼ଉକୁ ଦେଖି ସେଠାରୁ ଦୁଇଜଣ ଖସି ଯାଇଥିବାବେଳେ ୩ ଜଣ କୁଖ୍ୟାତ ଲୁଟେରାଙ୍କୁ ପୁଲିସ ଧରିବାରେ ସକ୍ଷମ ହୋଇଥିଲା। ପୁଲିସ ସେମାନଙ୍କୁ ଗିରଫ କରି ଥାନା ଆଣି ପଚରାଉଚରା କରିବାରୁ ସେମାନେ ଅନୁଗୋଳ ସହରରେ ଡକାୟତି ଓ ଲୁଟପାଟ କରିବାକୁ ଯୋଜନା କରୁଥିଲେ ବୋଲି ସ୍ୱୀକାର କରିଥିଲେ। ଗିରଫ ହୋଇଥିବା ଲୁଟେରାମାନେ ହେଲେ ବୋଲଗଡ଼ର ସଲିମମୁଦ୍ଦିନ ଖାନ, ଖୋର୍ଦ୍ଧାର ଶିବବ୍ରତ ସ୍ୱାଇଁ ଓ ହରିପ୍ରସାଦ ଦାସ ବୋଲି ଜଣାପଡିଛି। ଏମାନଙ୍କ ନାମରେ ବେଗୁନିଆ ଥାନା, ଖାରବେଳନଗର ଥାନା, ରାଜନଗର ଥାନା, ଖଣ୍ଡଗିରି ଥାନା ଓ ଖୋର୍ଦ୍ଧା ଅବକାରୀ ବିଭାଗରେ ବିଭିନ୍ନ କେଶ ଥିବା ଜଣାପଡିଥିଲା। ଗିରଫ ଅଭିଯୁକ୍ତଙ୍କ ପାଖରୁ ୩୨ ଗ୍ରାମର ବ୍ରାଉନସୁଗାର, ଗୋଟିଏ ପିସ୍ତଲ, ତିନୋଟି ଜୀବନ୍ତ ଗୁଳି, ଗୋଟିଏ କାର, ଦୁଇଟି ବାଇକ, ଖଣ୍ଡା, ଚାରୋଟି ମୋବାଇଲ, ବିଦେଶୀ ମଦ ପ୍ରଭୃତି ଜବତ କରାଯାଇଥିବା ମଙ୍ଗଳବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସପି ରାହୁଲ ଜୈନ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ରମାକାନ୍ତ ମହାଳିକ, ଆଇଆଇସି ଧୀରେସ ଦାସ ଉପସ୍ଥିତ ଥିଲେ।

# ଅନୁଗୋଳ ମେଡିକାଲରେ ନର୍ସଙ୍କ ମନମାନି; ରୋଗୀ ହନ୍ତସନ୍ତ

ଅନୁଗୋଳ, ୨୫।୧୧(ସମିସ): କେତେକ କର୍ମଚାରୀଙ୍କ କାର୍ଯ୍ୟରେ ଅବହେଳାର ମାନସିକତା ପାଇଁ ସରକାର ନିନ୍ଦିତ ହେବା ସହିତ ସମ୍ପୃକ୍ତ ବିଭାଗ ବଦନାମ ମୁଣ୍ଡାଉଛି। ଏଭଳି ଏକ ଦୃଷ୍ଟାନ୍ତ ସାଜିଛି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ତଥା ପବିତ୍ରମୋହନ ମେଡ଼ିକାଲ କଲେଜ। ମେଡିକାଲରୁ ମେଡ଼ିକାଲ କଲେଜ ହେବା ପରେ ଉନ୍ନତ ଓ ତ୍ୱରିତ ସ୍ୱାସ୍ଥ୍ୟ ସେବା ପାଇବାକୁ ଲୋକେ ଆଶା କରିଥିଲେ। ରୋଗୀ ଏଠି ସାମାନ୍ୟତମ ସେବା ପାଇବାରେ ବି ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ମୁତାବକ, ମେରୁଦଣ୍ଡ ଆଘାତଜନିତ ଜଣେ ରୋଗୀଙ୍କ ରକ୍ତଚାପ ଅସନ୍ତୁଳନ ଯୋଗୁଁ ୧୮ ତାରିଖରେ ଚିକିତ୍ସା ପାଇଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଜିଲ୍ଲା ଟ୍ରକ୍ ମାଲିକ ସଂଘ ବିଲ୍ଡିଂ କେବିନରେ ଚିକିତ୍ସାଧୀନ ଅଛନ୍ତି। ରୋଗୀଙ୍କ ରକ୍ତଚାପ ପରୀକ୍ଷା କରାଇବାକୁ ଗୁରୁତ୍ୱ ଦେଇ ଡାକ୍ତରଙ୍କ ପରାମର୍ଶକୁ ନର୍ସ ଅଣଦେଖା କରୁଛନ୍ତି। ରୋଗୀ ନିଜେ ମଧ୍ୟ ତିନି ଦିନ ହେଲାଣି ନର୍ସଙ୍କୁ ଅନୁରୋଧ କରିଥିଲେ। ଉକ୍ତ ରୋଗୀଙ୍କ ରକ୍ତଚାପ ପରୀକ୍ଷା ୪ଦିନ ଯାଏ ନ ହେବାରୁ ରୋଗୀ ଜଣକ ଜିଲ୍ଲା ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଇଛନ୍ତି। ନବାଗତ ନର୍ସଙ୍କ ରୋଗୀ ସେବାରେ ଅସନ୍ତୋଷ ଦେଖାଦେଇଛି। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ରାଜ୍ୟସ୍ତରୀୟ ପ୍ରଦର୍ଶନୀ ପାଇଁ ସ୍ମୃତିପ୍ରଜ୍ଞାଙ୍କ ବିଜ୍ଞାନ ପ୍ରକଳ୍ପ ମନୋନୀତ

କିଶୋରନଗର, ୨୫।୧୧(ସମିସ): କିଶୋରନଗର ବ୍ଲକ ପାପସରା ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ସପ୍ତମ ଶ୍ରେଣୀ ଛାତ୍ରୀ ସ୍ମୃତିପ୍ରଜ୍ଞା ସାହୁଙ୍କ ବିଜ୍ଞାନ ପ୍ରକଳ୍ପ ଶକ୍ତି ଓ ଜୈବ ଉତ୍ପାଦର ନବୀନ ଉତ୍ସ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ସେ ୧୩ ତାରିଖରେ ସରକାରୀ ଉଚ୍ଚବିଦ୍ୟାଳୟ (ପରୁଶମାଳ)ରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ମନୋନୀତ ହୋଇ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ। ୨୧ ତାରିଖରେ ପିଟିସି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ସ୍ମୃତିପ୍ରଜ୍ଞାଙ୍କ ପ୍ରକଳ୍ପ ରାଜ୍ୟସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇଛି। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ଦେହୁରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ସ୍ମୃତିପ୍ରଜ୍ଞା ଉକ୍ତ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରୂଣୟିନୀ ପଲେଇଙ୍କ ସଭାପତିତ୍ୱରେ ସୋମବାର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଛାତ୍ରୀ ସ୍ମୃତିପ୍ରଜ୍ଞା ସାହୁ ଓ ଶିକ୍ଷୟିତ୍ରୀ ଭାଗ୍ୟଲକ୍ଷ୍ମୀ ଦେହୁରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦୀପକ ସାହୁ, ସଭ୍ୟ ଓ ବିଦ୍ୟାଳୟର ଶିକ୍ଷକ ପଦ୍ମଲୋଚନ ଦେହୁରୀ, ସୁଭେନ ପ୍ରଧାନ, ଶିକ୍ଷୟିତ୍ରୀ ବିନୋଦିନୀ ବେହେରା, ବିନୋଦିନୀ ସାହୁ, ସରୋଜିନୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଶିଶୁ ମନ୍ଦିରରେ ଶିଶୁ ଶିବିର



ବଇଣ୍ଡା ୨୫।୧୧(ସମିସ): କିଶୋରନଗର ବ୍ଲକ୍ ବଇଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୨୦ ଜଣ ଶିଶୁ ଭାଇଭଉଣୀ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ବିଦ୍ୟାଳୟର ସମ୍ପାଦକ ନିତ୍ୟାନନ୍ଦ ବାରିକ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଶିକ୍ଷା ବିକାଶ ସମିତି ବଇଣ୍ଡା ସଙ୍କୁଳ ପୂର୍ବତନ ସଙ୍କୁଳ ପ୍ରମୁଖ ସଚ୍ଚିଦାନନ୍ଦ ସାହୁ, ସଙ୍କୁଳ ସଂଯୋଜକ ରବିନ୍ଦ୍ରନାଥ ଜେନା, ବିଦ୍ୟାଳୟର ଉପସଭାପତି ଚୈତନ୍ୟ ବେହେରା ଓ ସଂକୁଳ ଶିଶୁ ବାଟିକା ପ୍ରମୁଖ ଅନ୍ନପୂର୍ଣ୍ଣା ରାଉତ ଉପସ୍ଥିତ ରହି ଶିଶୁଙ୍କୁ ଆଜିର ଶିଶୁ କାଲିର ନାଗରିକ ବୋଲି ମତ ପ୍ରକାଶ କରିଥିଲେ। ଏଥିରେ ଶିଶୁମାନେ ବେଶଧାରୀ, ବୃତ୍ତିଜୀବୀ, ଯୋଗ, ଶାରୀରିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

# ଚୋରା ଡିଜେଲ ଜବତ

ତାଳଚେର,୨୫।୧୧(ସମିସ): ତାଳଚେର ପୁଲିସ ହାତୀ ଆତଙ୍କ ଖବର ପାଇ ଲୋକଙ୍କୁ ସଚେତନତା କରାଇବା ପାଇଁ ଯାଉଥିବା ସମୟରେ ସ୍କଟଲାଣ୍ଡପୁରଠାରେ ମାଫିଆମାନେ ଚୋରା ଡିଜେଲ କାରବାର କରୁଥଲେ। ଏହି ସମୟରେ ପୁଲିସ୍ ଗାଡ଼ିକୁ ଦେଖି ସେମାନେ ଭୟଭୀତ ହୋଇ ଦୌଡ଼ି ପଳାଇଥିଲେ। ପୁଲିସର ସନ୍ଦେହ ହେବାରୁ ସେଠାରେ ପହଞ୍ଚି ତଦନ୍ତ କରି ୭ଟି ଡ୍ରମରେ ଥିବା ପ୍ରାୟ ୧୪ ଶହ ଲିଟର୍ ସହ ୧୦ଟି ଜାରକିନ୍‌ରେ ପ୍ରାୟ ୫ଶହ ଲିଟର ଚୋରା ଡିଜେଲ ଜବତ କରି ଥାନାକୁ ଆଣିଥିଲା। ଏ ସମ୍ପର୍କରେ ପୁଲିସକୁ ପଚାରିବାରୁ ସେ ଆଜି ନୁହେଁ କାଲି ସବିଶେଷ ତଥ୍ୟ ଦେବେ ବୋଲି ଥାନା ଅଧିକାରୀ ଦିଗବିଜୟ ବିଶ୍ୱାଳ ପ୍ରକାଶ କରିଥିଲେ। ଏତେ ଶହ ଚୋରା ଡିଜେଲ କେଉଁଠୁ ଓ କିପରି ଭାବେ ଆସିଲା ତାହା ସନ୍ଦେହ ଘେରରେ ରହିଥିବାବେଳେ ସେଠାରେ କେତେ ଦିନ ହେବ ଏପରି କାରବାର ଚାଲିଥିଲା, ତାହା ତଦନ୍ତ ସାପେକ୍ଷ।



## ● ଖ୍ରେଣ୍ଡୋ ପଥର କୁଆଁରୀରୁ ବିସ୍ଫୋରକ ଜବତ ଘଟଣା

# ସହାୟତା କରିଥିବା ଅଭିଯୁକ୍ତ ଗିରଫ

କଣିହାଁ,୨୫।୧୧(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ କୁଲୁମା ପଞ୍ଚାୟତ ଅନ୍ତର୍ଗତ ଖ୍ରେଣ୍ଡୋ ଗ୍ରାମ ପଥର କୁଆଁରୀଠାରୁ ବେଆଇନ ଭାବେ ଗଚ୍ଛିତ ଥିବା ବିସ୍ଫୋରକ ଜବତ ଘଟଣାରେ ପୁଲିସ ଅଭିଯୁକ୍ତଙ୍କୁ ସହାୟତା କରିଥିବା ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କେନ୍ଦ୍ରାପଡ଼ା ପଟ୍ଟାମୁଣ୍ଡାଇ ହାଟପାଟଣା ଗ୍ରାମର ସଞ୍ଜୟ କୁମାର ତ୍ରିପାଠୀ (୫୬)। ଉକ୍ତ ମାମଲାର ତଦନ୍ତ ଅଧିକାରୀ କଣିହାଁ ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇ ଓ ପୁଲିସ କର୍ମଚାରୀ ତାଙ୍କୁ ଭୁବନେଶ୍ୱର ପଟିଆରେ ରହୁଥିବା ଘରୁ ଗିରଫ କରିଛନ୍ତି। ବେଆଇନ ବିସ୍ଫୋରକ ଜବତ ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ସଞ୍ଜୟ ଲୁଚାଇ ରଖିଥିଲା। ଏ ନେଇ ରେଙ୍ଗାଳି ଥାନାରେ ଏକ ମାମଲା ୨୧୧/୨୫ରେ ରୁଜୁ ହୋଇ ତଦନ୍ତ ଚାଲିଛି।

# ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ ଗୁରୁତର

କଣିହାଁ,୨୫ ।୧୧(ସମିସ): କଣିହାଁ ଥାନା ଅନ୍ତର୍ଗତ କଣିହାଁ ପମ୍ପ ହାଉସ ପାଖରେ ଏକ ପାଉଁଶ ବୋଝେଇ ଟ୍ରକ୍ ଧକ୍କାରେ ସାଇକଲ ଆରୋହୀ କଣିହାଁ ଗ୍ରାମର ସୁବାସ ନାଏକ(୬୩) ଗୁରୁତର ଆହାତ ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ସୁବାସ ମଙ୍ଗଳବାର ଦିନ ଅପରାହ୍ନ ପ୍ରାୟ୨ ଘଟିକା ସମୟରେ ଟିକିରା ନଦୀରୁ ଗାଧୋଇ ଫେରୁଥିବା ସମୟରେ ଏନଟିପିସି ଆଶପଣ୍ଡରୁ ପାଉଁଶ ବୋଝେଇ କରି ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରକ୍ ଚକା ତଳେ ଚାପି ହୋଇ ସୁବାସଙ୍କ ବାମ ଗୋଡ ଭାଙ୍ଗି ଯାଇଥିବାବେଳେ ଗୁରୁତର ଅବସ୍ଥାରେ ପ୍ରଥମେ କଣିହାଁ ମେଡିକାଲ, ପରେ ଅନୁଗୋଳ ମେଡିକାଲ ପଠାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ପଠାଯାଇଥିବା ଜଣାଯାଇଛି। ଉକ୍ତ ଖବର ପାଇବା ପରେ ପରିବାର ଲୋକ ଓ ଗ୍ରାମବାସୀ କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଲୋକ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରକୁ ମାଡ଼ ମାରିଥିବା ଜଣାପଡିଛି।

# ଛେଣ୍ଡିପଦାରେ ପୁଣି ୧୧ ଶହରୁ ଅଧିକ ଗଞ୍ଜେଇ ଗଛ ନଷ୍ଟ ଓ ଜଣେ ଚାଷୀ ଗିରଫ

ଛେଣ୍ଡିପଦା,୨୫।୧୧(ସମିସ): ଦୀର୍ଘଦିନ ବ୍ୟବଧାନରେ ପୁଣି ଛେଣ୍ଡିପଦା ଅଞ୍ଚଳରେ ମୁଣ୍ଡ ଟେକିଛି ଗଞ୍ଜେଇ ଚାଷ। ଜରପଡା ଥାନା ଓ ନିଶା ଶିଳ୍ପାଞ୍ଚଳ ଥାନାର ଜଙ୍ଗଲ ଅଞ୍ଚଳରେ ହୋଇଛି ବ୍ୟାପକ ଗଞ୍ଜେଇ ଚାଷ ଆରମ୍ଭ ହେଇଥିବାବେଳେ ଆଜି ଛେଣ୍ଡିପଦା ଥାନା ପୁଲିସ ଚଢ଼ଉ କରି ଜଣେ ଚାଷୀଙ୍କୁ ଗିରଫ କରି ଗଞ୍ଜେଇ ଗଛ ନଷ୍ଟ କରିଛି। ଛେଣ୍ଡିପଦା ପୁଲିସ କୋଶଳା କଇଥଡିପ ଗାଁ ଦେଇ ଯାଇଥିବା ନାଳର ଅବବାହିକାରେ ଲାଗିଥିବା ବେଆଇନ ଗଞ୍ଜେଇ ଚାଷ ଉପରେ ଚଢ଼ଉ କରିଥିଲା। ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ନାୟକଙ୍କ ଉପସ୍ଥିତିରେ ବେଆଇନ ଭାବେ ୧୧ ଶହରୁ ଊର୍ଦ୍ଧ୍ୱ ପରିପକ୍ୱ ଗଞ୍ଜେଇ ଗଛକୁ କାଟି ପୋଡି ନଷ୍ଟ କରିବା ସହିତ ଚାଷୀଙ୍କୁ ଗିରଫ କରିଛି। ଗିରଫ ଚାଷୀ ଜଣଙ୍କ ହେଲେ କୋଶଳା ବାଙ୍କଧରା ସାହିର ସୁନୀଲ ସାହୁ। ପୁଲିସ ସୁନୀଲକୁ ଥାନାକୁ ଆଣି ମାମଲା ରୁଜୁ କରିବା ସହିତ ପଚରାଉଚରା ଚଳାଇଛି।



# ରାଜଧାନୀ ପୁସ୍ତକ ମେଳାରେ କବି ରମେଶ ମିଶ୍ର ପୁରସ୍କୃତ




କିଶୋରନଗର, ୨୫।୧୧(ସମିସ): ୨୦୦୦ରୁ ପ୍ରତିଷ୍ଠିତ ଅନୁଷ୍ଠାନ ଭୁବନେଶ୍ୱର ରାଜଧାନୀ ପୁସ୍ତକ ମେଳା ଗତ ୧୪ ତାରିଖରୁ ଆରମ୍ଭ ହୋଇ ୨୩ ତାରିଖରେ ଉଦ୍‌ଯାପିତ ହୋଇଛି। ଏଥିରେ ପୁରସ୍କାର ପାଇଁ ଗଳ୍ପ, ନାଟକ, କବିତା ଆଦି ସାହିତ୍ୟର ୧୪ଟି ବିଭାଗ ପାଇଁ ଲେଖକଙ୍କଠାରୁ ପୁସ୍ତକ ଆହ୍ୱାନ କରାଯାଇଥିଲା। ଏହି କ୍ରମରେ ଡକ୍ଟର ରମେଶ ଚନ୍ଦ୍ର ମିଶ୍ରଙ୍କ ସାମାଜିକ ନାଟକ "ବାପ ପିଠିରେ ଢୋଲ" ମନୋନୀତ ହୋଇ ଡକ୍ଟର ମିଶ୍ର ପୁରସ୍କୃତ ହୋଇଛନ୍ତି। ଡକ୍ଟର ମିଶ୍ର ବଇଣ୍ଡା ତ୍ରିଧାରା ସାହିତ୍ୟ ସଂସଦ ପ୍ରତିଷ୍ଠାତା ସମ୍ପାଦକ ଅଛନ୍ତି। ଏଥିରେ ଅନୁଗୋଳ ଓ ଆଠମଲ୍ଲିକ ଅଞ୍ଚଳର ସାହିତ୍ୟିକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି।

# ସତ୍ୟନାରାୟଣ ଆଇଟିଆଇରେ ନିଯୁକ୍ତି ମେଳା

ବଇଣ୍ଡା, ୨୫।୧୧(ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡାଠାରେ ଥିବା ସତ୍ୟନାରାୟଣ ଆଇଟିଆଇ ପରିସରରେ ମଙ୍ଗଳବାର ଅନୁସୂଚିତ ଜାତିର ୧୮ ବର୍ଷରୁ ଊର୍ଦ୍ଧ୍ୱ ଯୁବକଯୁବତୀ, ମହିଳା, ପୁରୁଷଙ୍କୁ ନେଇ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ବିଭିନ୍ନ କମ୍ପାନୀର ଅଧିକାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଦିଲ୍ଲୀପ ମିଶ୍ର ଯୋଗ ଦେଇଥିବାବେଳେ ଅନ୍ୟତମ ଅତିଥି ଭାବେ ଜିଲ୍ଲା ଦକ୍ଷତା ବିକାଶ ଅଧିକାରୀ ଦେବାଶିଷ ସାହୁ, ଛେଣ୍ଡିପଦା ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ତାରୁବିରାଣୀ ନାୟକ, କିଶୋରନଗର ବ୍ଲକ୍ ମଙ୍ଗଳ ସଂପ୍ରସାରଣ ଅଧିକାରୀ ତ୍ରିଦୀବ ସୁନ୍ଦର ବରାଳ, ଆଠମଲ୍ଲିକ ବ୍ଲକ ସଂପ୍ରସାରଣ ଅଧିକାରୀ ସତ୍ୟରଞ୍ଜନ ବେହେରା, ସତ୍ୟନାରାୟଣ ଆଇଟିଆଇ ଅଧ୍ୟକ୍ଷ ପ୍ରିୟରଞ୍ଜନ ସାହୁ, ଅମରେନ୍ଦ୍ର ପ୍ରଧାନ, ସୁନୀଲ ସାହୁ, ଅରୁଣ କୁମାର ବାଙ୍କ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ କିଶୋରନଗର, ଛେଣ୍ଡିପଦା, ଆଠମଲ୍ଲିକ ବ୍ଲକ୍‌ର ୭୦ ଜଣ ଯୁବକ/ଯୁବତୀ, ମହିଳା,ପୁରୁଷ ଯୋଗ ଦେଇଥିଲେ। ସେମାନଙ୍କ ଦକ୍ଷତାକୁ ନେଇ ବିଭିନ୍ନ କମ୍ପାନୀ ଚୟନ କରିଥିଲେ।

# ପାଠାଗାର ଉପଭୋକ୍ତା ସଚେତନତା

କିଶୋରନଗର,୨୫।୧୧(ସମିସ): କିଶୋରନଗର ସରକାରୀ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ଅନୁଷ୍ଠାନରେ ନୂତନ ଭାବେ ଯୋଗଦେଇଥିବା ପ୍ରଥମ ବର୍ଷର ଗୁରୁଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ "ପାଠାଗାର ଉପଭୋକ୍ତା ସଚେତନତା କାର୍ଯ୍ୟକ୍ରମ' କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମଦନ ସୁନ୍ଦର ପ୍ରଧାନଙ୍କ ପରାମର୍ଶ ଅନୁଯାୟୀ ଅନୁଷ୍ଠାନର ଗ୍ରନ୍ଥପାଳ ବିଭୂତି ଭୂଷଣ ମହାରଣା ପାଠାଗାରର ଗୁରୁତ୍ୱ, ପାଠାଗାର ସେବା, ପାଠାଗାର ସମ୍ବଳ, ସନ୍ଦର୍ଭ ସେବା ଓ ପାଠାଗାରକୁ କିପରି ବ୍ୟବହାର କରିବେ, ସେ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ।

# ଅଦାଲତ ପରିସରରେ ଚିତ୍ରାଙ୍କନ ପ୍ରତିଯୋଗିତା

ଆଠମଲ୍ଲିକ,୨୫।୧୧(ସମିସ): ଆଠମଲ୍ଲିକ ସିଭିଲ ଅଦାଲତ ପରିସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଠମଲ୍ଲିକ ଓ କିଶୋରନଗର ବ୍ଲକ ଛାତ୍ରଛାତ୍ରୀଙ୍କୁ ନେଇ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ତଥା ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ରଞ୍ଜନ ସୂତାର ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ସବଜଜ ଲିଙ୍କିପ୍ରିୟା ସାହୁ ଓ ଏସଡିଜେଏମ ସିଙ୍କୁନ ରାୟ ଯୋଗ ଦେଇଥିଲେ। ୨ ବ୍ଲକ୍‌ରୁ ୩୦ ଜଣ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଗୋଟିଏ ଗୋଟିଏ ଡିକ୍ସିନାରୀ ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତାଲୁକ ଆଇନସେବା କମିଟି ପକ୍ଷରୁ ଅମିତ ନାୟକ, ସିଦ୍ଧାର୍ଥ ମହାନ୍ତି ଓ ଗୋବିନ୍ଦ ମାର୍ଣ୍ଣି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# ମହିଳାଙ୍କୁ ଦଳିଦେଲା ହାତୀ

ତାଳଚେର,୨୫।୧୧(ସମିସ): ଦୁଇଦିନ ହେବ ଏକ ଦନ୍ତାହାତୀ ତାଳଚେର ଦକ୍ଷିଣପାଶ୍ୱର୍ କେନାଲରେ ପଡ଼ି ରହିଥିଲା। ସେ ସୁସ୍ଥ ହେବା ପରେ ଆଜି ସେଠାରୁ ବାହାରି ଧରମପୁର ପଞ୍ଚାୟତ ବରପଙ୍ଗା ଗ୍ରାମର ବାସ ଖଟୁଆ (୫୫) ଛେଳି ଚରାଇବାକୁ ନେଇଥିବାବେଳେ ଅପରାହ୍ନ ୨ଘଟିକା ସମୟରେ ସେହି ଦନ୍ତାହାତୀଟି ତାଙ୍କୁ ଦଳି ମାରିଦେଇଥିବା ଘଟଣା ତାଳଚେର ବନାଖଣ୍ଡ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି। ଯଦି ବନବିଭାଗ ପକ୍ଷରୁ ଉକ୍ତ ହାତୀକୁ ଉଦ୍ଧାର କରାଯାଇ ଡାକବାଜି ଯନ୍ତ୍ର ଦ୍ୱାରା ପ୍ରଚାର କରାଯାଇଥାଆନ୍ତା, ତେବେ ଏଭଳି କାଣ୍ଡ ଘଟିନଥାନ୍ତା ବୋଲି ଅଞ୍ଚଳବାସୀ ଦୁଃଖର ସହ ପ୍ରକାଶ କରିଛନ୍ତି। ତାଳଚେର ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ମୃତ ମହିଳାଙ୍କୁ ଉଦ୍ଧାର କରି ତାଳଚେର ମଣ୍ଡାପାଳ ଡକାକ୍ତରଖାନା ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଉକ୍ତ ମହିଳାଙ୍କ ଶୁଦ୍ଧକାର୍ଯ୍ୟ ପାଇଁ ୧ ଲକ୍ଷ ଓ ସମସ୍ତ ତଥ୍ୟ ପ୍ରଦାନ କଲାପରେ ବାକି ୯ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦିଆଯିବ ବୋଲି କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ମୃତ ମହିଳାଙ୍କ ପୁଅଙ୍କୁ ସେହି କାର୍ଯ୍ୟାଳୟରେ ସୁରକ୍ଷାକର୍ମୀ ଭାବେ ନିଯୁକ୍ତି ଦିଆଯିବାର ପ୍ରତିଶ୍ରୁତି ଦିଆଯାଇଥିବା ଜଣାପଡ଼ିଛି।

# ଚୋରି ଅଭିଯୋଗରେ ଯୁବକ ଗିରଫ

ବଇଣ୍ଡା, ୨୫।୧୧(ସମିସ): ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ନୁନୁକାପସି ଗ୍ରାମର ପ୍ରତିମା ମୁଣ୍ଡାଙ୍କ ଘରୁ ଟଙ୍କା ଚୋରି ହୋଇଯାଇଥିବା ନେଇ ମଙ୍ଗଳବାର ଦିନ ପ୍ରତିମା ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ୪୩୨/୨୫ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ ପ୍ରତିମା ଘରେ ନ ଥିବାବେଳେ ବଇଣ୍ଡା ଗ୍ରାମର ଚନ୍ଦନ ସାହୁ ପଶି ଟଙ୍କା ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ବଇଣ୍ଡା ଫାଣ୍ଡି ଅଧିକାରୀ ତପନ କୁମାର ରାଏ ଚନ୍ଦନଙ୍କୁ ଗିରଫ କରିବା ସହ ୧୦୦୦ ଟଙ୍କା ଜବତ କରି ଆଠମଲ୍ଲିକ କୋର୍ଟକୁ ଚାଲାଣ କରିଛନ୍ତି।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

କଣିହାଁ,୨୫।୧୧(ସମିସ): ପାଲଲହଡା ନିର୍ବାଚନମଣ୍ଡଳୀ ଅଧୀନସ୍ଥ କଣିହାଁ ବ୍ଲକର ବିଭିନ୍ନ ଗ୍ରାମରେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତିଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ହୋଇଯାଇଛି। ଦଳକ ପଞ୍ଚାୟତର ଦଳକ ଗ୍ରାମରେ ୧୦ ଲକ୍ଷ ଟଙ୍କାରେ ନିର୍ମିତ ହୋଇଥିବା ନୂତନ ହାଟପିଣ୍ଡିର ଉଦ୍‌ଘାଟନ, ନାଳମ ଗ୍ରାମ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ୩୮ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଗୃହର ଶିଳାନ୍ୟାସ, ପୋଇପାଳ ଖଜୁରିଆ ସାହିରେ ବିକଶିତ ଗ୍ରାମ ବିକଶିତ ଓଡ଼ିଶାରେ ୩ ଲକ୍ଷ ଟଙ୍କାର କଂକ୍ରିଟ ରାସ୍ତାର ଉଦ୍‌ଘାଟନ ହୋଇଛି। ଉକ୍ତ ସମସ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଯୋଗଦେଇ ନଡିଆ ବାଡେଇ ଫିତା କାଟି ପ୍ରକଳ୍ପଗୁଡିକର ଭୂମିପୂଜନ ଓ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ଯନ୍ତ୍ରୀ, ଦଳକ ପଞ୍ଚାୟତର ସରପଞ୍ଚ ସଙ୍ଗୀତା ଡାକୁଆ, ତାଳପଦା ସରପଞ୍ଚ ରାଜେନ୍ଦ୍ର ବେହେରା, ପୂର୍ବତନ ସରପଞ୍ଚ ପୁଷ୍ପଲତା ପ୍ରଧାନ, ରେଙ୍ଗାଲି ମଣ୍ଡଳ ସଭାପତି ହରେକୃଷ୍ଣ ପ୍ରଧାନ, ମଣ୍ଡଳ ଉପସଭାନେତ୍ରୀ ଅଞ୍ଜଳି ପ୍ରଧାନ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ପାଲଲହଡା ବିଧାନସଭା ସଂଯୋଜକ ପ୍ରହ୍ଲାଦ ସାମଲ, ବରିଷ୍ଠ ନେତା ଦିବାକର ପ୍ରଧାନ, ଧ୍ରୁବ ଚରଣ ଧୀର, ସୁମନ୍ତ ପ୍ରଧାନ, ଟିକନ ପ୍ରଧାନ ଓ କବିରାଜ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।





### ଆଇନଜୀବୀ ପୀତବାସ ହତ୍ୟା ମାମଲା

# ବିକ୍ରମ ପଣ୍ଡା, ପିଣ୍ଟୁ ଦାଶଙ୍କ ଆବେଦନର ଶୁଣାଣି ଆଜି

- **୩ରେ ଜିଲ୍ଲା ଦୌରାଜଜ୍‌ଙ୍କ କୋର୍ଟରେ ବିକ୍ରମ, ମଦନ ଓ ଶୂନ୍ୟ ଦାସଙ୍କ ଜାମିନ ଆବେଦନର ଶୁଣାଣି**
- **ଏସ୍‌ପିଙ୍କ କାର୍ଯ୍ୟାଳୟ, ବୈଦ୍ୟନାଥପୁର ଓ ଆମ୍ବପୁଆ ପୁଲିସ ବ୍ୟାରେକ୍‌ର ସିସିଟିଭି ଫୁଟେଜ୍ ପାଇଁ ପିଟିସନ୍**

ବ୍ରହ୍ମପୁର,୨୫।୧୧(ସମିସ): ଦିନ ଗଡ଼ିବା ସହିତ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ପାଇଁ ଅଡୁଆ ବଢ଼ିବାରେ ଲାଗିଛି। ସମ୍ବିଧାନିକ ଅଧିକାର ଓ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଖୋଲାଖୋଲି ଉଲ୍ଲଂଘନ କରି ପୁଲିସ ତରବରିଆ ଭାବେ ନେଇଥିବା ବିଭିନ୍ନ କାର୍ଯ୍ୟାନୁଷ୍ଠାନକୁ ନେଇ ଗୋଟିକ ପରେ ଗୋଟିଏ ପିଟିସନ ଜରିଆରେ ତାହାର ଚାଲେଞ୍ଜ କରାଯାଉଛି। ସବୁଠାରୁ ବଡ଼କଥା ହେଲା ଘଟଣା ଘଟିବାର ଦୀର୍ଘ ଦେଢ଼ ମାସ ପର୍ଯ୍ୟନ୍ତ ପୁଲିସ କୋର୍ଟରେ କେସ ଡାଏରୀ ଦାଖଲ କରିନାହିଁ। ବର୍ତ୍ତମାନ ପରିସ୍ଥିତିରେ ପୁଲିସ ନିଜର ଭୁଲ ସୁଧାରିବାକୁ ଚେଷ୍ଟା କରିବାର ଆଶଙ୍କା କରି ମଧ୍ୟ ପିଟିସନରେ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ବିକ୍ରମ ଓ ମଦନଙ୍କ ଓକିଲ। ନିମ୍ନକୋର୍ଟରେ ଅର୍ଥାତ୍ ଏସ୍‌ଡିଜେଏମଙ୍କ କୋର୍ଟରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା ଓ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ପକ୍ଷରୁ ଦାଖଲ ହୋଇଥିବା ପିଟିସନ ଉପରେ ମଙ୍ଗଳବାର ହେବାକୁ ଥିବା ଶୁଣାଣି ବୁଧବାରକୁ ଘୁଞ୍ଚିଛି। ଏଥିରେ ସରକାରୀ ଓକିଲ କୋର୍ଟଙ୍କୁ ସମୟ ମାଗିବାରୁ ପୁଣି ଦିନକ ପାଇଁ ସମୟ ଦେଇଛନ୍ତି କୋର୍ଟ। ବିକ୍ରମଙ୍କ ଜାମିନ ଆବେଦନକୁ ଏସଡିଜେଏମ ଖାରଜ କରିଥିବା ବେଳେ ତାଙ୍କ ଓକିଲ ଦୀପକ ପଟ୍ଟନାୟକ ମଙ୍ଗଳବାର ପୁଣି ଏକ ପିଟିସନ ଦାଖଲ କରିଛନ୍ତି। ପିଟିସନ ଜରିଆରେ ସେ ଗତ ଅକ୍ଟୋବର ୧୫ତାରିଖ ଠାରୁ ୨୨ତାରିଖ ପର୍ଯ୍ୟନ୍ତ ଦିର୍ଘ ୭ଦିନର ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟ, ବୈଦ୍ୟନାଥପୁର ଥାନା ଓ ଆମ୍ବପୁଆ ସ୍ଥିତ ରିଜର୍ଭ ପୁଲିସ ବ୍ୟାରେକର ସିସିଟିଭି ଫୁଟେଜ କୋର୍ଟରେ ଦାଖଲ କରିବାକୁ ନିବେଦନ କରିଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଧାରା ୯୪ ପ୍ରକାରେ ପୁଲିସ ଏହା କୋର୍ଟରେ ଦାଖଲ କରିବାକୁ ବାଧ ବୋଲି ଆଇନଜୀବୀ ଦୀପକ ପଟ୍ଟନାୟକ ଦର୍ଶାଇଛନ୍ତି। ଉକ୍ତ ସପ୍ତାହକ ମଧ୍ୟରେ ପୁଲିସ ପୀତବାସ ପଣ୍ଡା ହତ୍ୟା ମାମଲାରେ ବିଭିନ୍ନ ସ୍ଥାନରୁ ଭିନ୍ନ ଭିନ୍ନ ବ୍ୟକ୍ତିଙ୍କୁ ବେନିୟମ ଭାବେ ଉଠାଇ ନେଇ 'ଥାର୍ଡ ଡିଗ୍ରୀ' ପ୍ରୟୋଗ କରି ଚାପ ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ଉକ୍ତ ସିସିଟିଭି ଫୁଟେଜରୁ ପୁଲିସର ପ୍ରକୃତ ଚରିତ୍ର ଓ କାରନାମା ସ୍ପଷ୍ଟ ହେବ ବୋଲି କୁହାଯାଇଛି। ସେହିଭଳି ପୂର୍ବରୁ ପିଣ୍ଟୁ ଦାଶଙ୍କ ପତ୍ନୀ ଆଶାଲତା ମଧ୍ୟ ଅନୁରୂପ ଅଭିଯୋଗ କରି ସତ୍ୟପାଠ ଓ ସିସିଟିଭି ଫୁଟେଜକୁ କୋର୍ଟରେ ଦାଖଲ କରିଛନ୍ତି।

ତାଙ୍କ ଅଭିଯୋଗ ପ୍ରକାରେ ପିଣ୍ଟୁଙ୍କୁ ଅକ୍ଟୋବର ୨୦ତାରିଖରେ ୧୦ରୁ ଉର୍ଦ୍ଧ୍ୱ ସାଦାପୋଷାକଧାରୀ ପୁଲିସ ତାଙ୍କ ବାସଭବନରୁ ଉଠାଇ ନେଇଥିଲେ ହେଁ ୨୨ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲେ। ଫଳରେ ପିଣ୍ଟୁଙ୍କ ଗିରଫଦାରୀ ମଧ୍ୟ ବେନିୟମ। ଦିର୍ଘ ଦୁଇଦିନ ଧରି ପିଣ୍ଟୁଙ୍କୁ ଅନ୍ୟତ୍ର ରଖି ମାଡ ମରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଉଭୟ ପିଟିସନର ଶୁଣାଣି ବୁଧବାର ଏସଡିଜେଏମଙ୍କ କୋର୍ଟରେ ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଅନ୍ୟ ପକ୍ଷରେ ନିମ୍ନ କୋର୍ଟରେ ବିକ୍ରମ ପଣ୍ଡା ଓ ମଦନ ଦଳେଇଙ୍କ ଜାମୀନ ଆବେଦନ ଖାରଜ ପରେ ଉଭୟଙ୍କ ଜାମିନ ଆବେଦନ ସେସନ୍ସ କୋର୍ଟ ବା ଜିଲ୍ଲା ଦୌରା ଜଜ୍‌ଙ୍କ କୋର୍ଟରେ କରାଯାଇଛି। ଯାହାର ଶୁଣାଣି ଆସନ୍ତା ଡିସେମ୍ବର ୩ତାରିଖରେ କରିବାକୁ ଦିନ ଧାର୍ଯ୍ୟ ହୋଇଛି। ଉକ୍ତ ଦିନ ଗିରଫ ଅନ୍ୟତମ ଅଭିଯୁକ୍ତ ଶୂନ୍ୟଚନ୍ଦ୍ର ଦାସଙ୍କ ପକ୍ଷରୁ ପୂର୍ବରୁ ଦାଖଲ ହୋଇଥିବା ଜାମୀନ ଆବେଦନ ଉପରେ ମଧ୍ୟ ଶୁଣାଣି ହେବ। ସେପଟେ ଅଭିଯୁକ୍ତ କୁରୁପତି ଭୂୟାଁ ଓ ଉମା ବିଶୋୟୀଙ୍କୁ ନିଜ ଫାର୍ମ ହାଉସରେ ଆଶ୍ରୟ ଦେଇଥିବା ଅଭିଯୋଗରେ ଗିରଫ ହୋଇଥିବା ସୁନୀଲ ହୋତାଙ୍କ ଜାମୀନ ଆବେଦନକୁ ମଧ୍ୟ କୋର୍ଟ ଖାରଜ କରିଥିବା ଜଣାପଡିଛି।

## ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ମୁମ୍ବାଇ ଗଲେ ୩୦ ଶିଶୁ



ବ୍ରହ୍ମପୁର,୨୫।୧୧(ସମିସ): ଜଟିଳ ହୃଦ୍‌ରୋଗ ଅସ୍ତ୍ରୋପଚାର ପାଇଁ ଗଞ୍ଜାମ ଜିଲ୍ଲାର ୩୦ଜଣ ଶିଶୁ ମଙ୍ଗଳବାର ମୁମ୍ବାଇ ଯାତ୍ରା କରିଛନ୍ତି। ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ(ଆରବିଏସ୍‌କେୱାଇ) ଅଧିନରେ ଚିକିତ୍ସା କରାଯିବା ନେଇ ଗଞ୍ଜାମ ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଜିଲ୍ଲାର ବିଭିନ୍ନ ବ୍ଲକ୍ ତଥା ମହାନଗରରୁ ହୃଦ୍‌ରୋଗ ଜନିତ ସମସ୍ୟାରେ ଆକ୍ରାନ୍ତ ଥିବା ଶିଶୁଙ୍କୁ ମୁମ୍ବାଇ ସ୍ଥିତ ଏସଆରସିସି ଶିଶୁ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବ। ଏହି ଶିଶୁଙ୍କ ମଧ୍ୟରେ ଦୁଇ ମାସର ଶିଶୁଙ୍କ ଠାରୁ ଆରମ୍ଭ କରି ୧୫ବର୍ଷ ପର୍ଯ୍ୟନ୍ତ ରହିଛନ୍ତି। ଶିଶୁ ମାନଙ୍କ ସହ ସେମାନଙ୍କ ଅଭିଭାବକ ଓ ଚାରିଜଣ ଡାକ୍ତର ସେମାନଙ୍କ ସହ ଯାତ୍ରା କରିଛନ୍ତି। ଶିବିରକୁ ସଂଯୋଜନା ଆର୍‌ବିଏସ୍‌କେୱାଇ ମ୍ୟାନେଜର ଲୋପାମୁଦ୍ରା ମିଶ୍ର କରିଥିବା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଧୀକ୍ଷକ ଡା.ବିଶ୍ୱମ୍ବର ବେହେରା, ଏଡ଼ିପିଏଚଓ ଡା.ଏସ୍. କାମେଶ୍ୱର ରାଓ, ଶିଶୁ ରୋଗ ବିଶେଷଜ୍ଞ ଡା.ବିଜୟ କୁମାର ପାଣିଗ୍ରାହୀ ଓ ଡା.ଜଗଦୀଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଆରବିଏସ୍‌କେୱାଇ କାର୍ଯ୍ୟକ୍ରମ ଜରିଆରେ (୦-୧୮ ବର୍ଷ) ଶିଶୁମାନଙ୍କର ଜନ୍ମଗତ ତ୍ରୁଟି ଓ ବିଳମ୍ବିତ ବିକାଶଜନିତ ସମସ୍ୟାର ଉପଚାର ସହ ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ସ୍ୱାସ୍ଥ୍ୟ ସମସ୍ୟା, ଅକ୍ଷମତାର ସହଜ ଚିହ୍ନଟ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

## ଆଜୀବନ ସଜା କାଟୁଥିବା କଏଦୀଙ୍କ ମୃତ୍ୟୁ

ବ୍ରହ୍ମପୁର,୨୫।୧୧(ସମିସ): ବ୍ରହ୍ମପୁରରେ ଜେଲରେ ଆଜୀବନ ସଜା କାଟୁଥିବା ଜଣେ କଏଦୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କବିସୂର୍ଯ୍ୟନଗର ଅଞ୍ଚଳର ଗୋବିନ୍ଦ ବେହେରା। ସେ ୧୯୯୯ ମସିହାରେ ଏକ ହତ୍ୟା ମାମଲାରେ ଗିରଫ ହୋଇଥିଲେ। ୨୦୦୨ମସିହାରେ କୋର୍ଟ ଉକ୍ତ ହତ୍ୟା ମାମଲାରେ ଗୋବିନ୍ଦଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଥିଲେ। ଉକ୍ତ ଦଣ୍ଡ ପରେ ସେ ବ୍ରହ୍ମପୁର ଜେଲରେ ରହି ଆସୁଥିଲେ। କିଛି ବର୍ଷ ହେଲା ତାଙ୍କ ସ୍ୱାସ୍ଥ୍ୟ ଖରାପ ରହିଥିଲା। ତେଣୁ ସେ ଡାକ୍ତରଙ୍କ ପରାମର୍ଶ କ୍ରମେ ଔଷଧ ଖାଉଥିଲେ। ଏପରିକି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ତାଙ୍କର ଏକ ମେଡ଼ିକାଲ ପରୀକ୍ଷା ମଧ୍ୟ କରାଯାଇଛି। ଗତ କିଛିଦିନ ପୂର୍ବେ ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ବ୍ରହ୍ମପୁର ଜେଲ କର୍ତ୍ତୃପକ୍ଷ ବ୍ରହ୍ମପୁର ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଏଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ଏକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସୋମବାର ଚିକିତ୍ସା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଜେଲ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଗୋବିନ୍ଦଙ୍କ ପରିବାର ଲୋକେ ଭୁବନେଶ୍ୱର ମେଡ଼ିକାଲରେ ପହଞ୍ଚିଥିଲେ। ସେଠାରେ ତାଙ୍କର ବ୍ୟବଚ୍ଛେଦ ପରେ ଜେଲ ଓ ପୁଲିସ ପରିବାରଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିବା ଜେଲର ବରିଷ୍ଠ ଅଧିକ୍ଷୀକ ଧୀରେନ୍ଦ୍ର ନାଥ ବାରିକ ସୂଚନା ଦେଇଛନ୍ତି।

## ନିର୍ମାଣାଧୀନ ସରକାରୀ କୋଠାରୁ ସାମଗ୍ରୀ ଚୋରି, ୩ଗିରଫ

ବ୍ରହ୍ମପୁର,୨୫।୧୧(ସମିସ): ଶାର୍ଗୁଣା ସାହିସ୍ଥିତ ନିର୍ମାଣାଧୀନ ଏକ ସରକାରୀ କୋଠାରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀନୃସିଂହ ସାହିର ବେଣୁ ପାତ୍ର, ଶାର୍ଗୁଣା ସାହିର ପ୍ରଶାନ୍ତ ସେଠୀ ଓ ଶାନ୍ତିନଗର ପ୍ରଥମ ଲାଇନର ଅଭିଷେକ ନାୟକ। ସୂଚନା ପ୍ରକାରେ, ବ୍ରହ୍ମପୁର ମହାନଗର ନିଗମ ୪ନଂ ୱାର୍ଡ ଅନ୍ତର୍ଗତ ଶାର୍ଗୁଣା ସାହିରେ ଏକ ସରକାରୀ କୋଠା ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହି କୋଠାର ନିର୍ମାଣ ଦାୟିତ୍ୱ ନେଇଥିବା ଚନ୍ଦ୍ରଶେଖର ପ୍ରଧାନଙ୍କ ଅଧିନରେ କାର୍ଯ୍ୟରତ ଶ୍ରମିକମାନେ କାମ ସାରି ଉକ୍ତ କୋଠାରେ ବିଭିନ୍ନ ସାମଗ୍ରୀ ଗଚ୍ଛିତ ରଖି ସବୁଦିନ ଭଳି ଘରକୁ ଫେରିଥିଲେ। ତେବେ ୨୨ତାରିଖ ସକାଳେ ଶ୍ରମିକମାନେ କାମ କରିବାକୁ ଯିବାବେଳେ କୋଠାରେ ଥିବା ଲୁହାଛଡ କଟା ମେସିନ, ଡ୍ରିଲ ମେସିନ, ଶାବଳ, ହାଲୋଜେନ ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଘଟଣାକୁ ନେଇ ଚନ୍ଦ୍ରଶେଖର ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ତଦନ୍ତ ପରେ ଉପରୋକ୍ତ ୩ଅଭିଯୁକ୍ତଙ୍କ ସମ୍ପୃକ୍ତି ଜଣାପଡିଥିଲା। ପୁଲିସ ସମସ୍ତ ୩ଜଣଙ୍କୁ କାବୁ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି।

## ଡକାୟତି ମାମଲା; ପୁଲିସ ସ୍କାନର୍‌ରେ ବୁଲୁ ସମେତ ୩ଅଭିଯୁକ୍ତ

ବ୍ରହ୍ମପୁର,୨୫।୧୧(ସମିସ): ପଦରବାଲି ନିକଟରେ ଥିବା ପେଟ୍ରୋଲ ପମ୍ପରେ ଡକାୟତି ପୂର୍ବରୁ ସଦର ଥାନା ପୁଲିସ ୨ ଅପରାଧୀ ଲାଠି ଗ୍ରାମର ପିଣ୍ଟୁ ଗୌଡ ଓରଫ ପାଣ୍ଡା ଏବଂ ଶ୍ୟାମସୁନ୍ଦର ଗୌଡକୁ ଗିରଫ କରିଥିବା ବେଳେ ଦକ୍ଷିଣପୁରର ରାମକୃଷ୍ଣ ନାହାକ ଓରଫ ବୁଲୁ, ଲାଠିର ପୁରୁଣା ଅପରାଧୀ ଅମର ଦାସ ଓ ଗୁଣ୍ଡବନ୍ଧ କୁମ୍ଭାର ସାହିର ଗୁଞ୍ଜନ ଜେନା ବର୍ତ୍ତମାନ ଫେରାର ରହିଛନ୍ତି। ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ସୋମବାର ଚେରୁ ଓ ପାଣ୍ଡା ଗିରଫ ବେଳେ ସେମାନଙ୍କ ନିକଟରୁ ଗୋଟିଏ ଖଣ୍ଡା, ଗୋଟିଏ କାତି, ଲଙ୍କା ଗୁଣ୍ଡ ପ୍ୟାକେଟ ଓ ମ୍ୟାପ ଜବତ ହୋଇଛି। ସଦର ଥାନା ବାଇଗଣବାଡି ଗ୍ରାମ ନିକଟ ବିରିବାଡିଆଠାରେ ଥିବା ଏକ ନିଛାଟିଆ ସ୍ଥାନରେ କିଛି ଯୁବକ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିବା ପୁଲିସକୁ ଖବର ମିଳିଥିଲା। ଏଏସଆଇ ଏଚଏସ ପ୍ରଧାନ ଓ ତାଙ୍କ ଟିମ୍ ସେଠାରେ ଅତର୍କିତ ଚଢଉ କରିଥିଲେ। ଚଢଉ ବେଳେ ଚେରୁ ଓ ପାଣ୍ଡା ଆଦି ଦୁଇ ଅଭିଯୁକ୍ତଙ୍କୁ କାବୁ କରାଯାଇଥିବା ବେଳେ ବୁଲୁ ସମେତ ଅନ୍ୟ ୩ଜଣ ଚମ୍ପଟ ମାରିଥିଲେ। ଫେରାର ଅଭିଯୁକ୍ତ ବୁଲୁ ଓ ଅମରଙ୍କ ନାମରେ ପୂର୍ବରୁ ରହିଛି ଏକାଧିକ ସଙ୍ଗୀନ ମାମଲା। ଗତ କିଛି ମାସ ପୂର୍ବେ ବୁଲୁ ସର୍ତ୍ତ ମୁଳକ ଜାମିନ ଆସିଥିବା ପୁଲିସ କହିଛି।

## ବ୍ରହ୍ମପୁର ରେଳ ଷ୍ଟେସନର ପରାମର୍ଶଦାତା କମିଟି ବୈଠକ



ବ୍ରହ୍ମପୁର,୨୫।୧୧(ସମିସ): ବ୍ରହ୍ମପୁର ରେଳଷ୍ଟେସନର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଷ୍ଟେସନର ସମସ୍ତ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଛି। ଦକ୍ଷିଣ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟର ଲକ୍ଷାଧିକ ଯାତ୍ରୀ ଏହି ଷ୍ଟେସନ ଉପରେ ନିର୍ଭରଶୀଳ ରହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକ ପ୍ରସ୍ତାବ ଗୁଡ଼ିକୁ ରେଳବିଭାଗର ଅଧିକାରୀ ତଥା ଷ୍ଟେସନ ମ୍ୟାନେଜରଙ୍କ ନିକଟରେ କମିଟି ସଦସ୍ୟମାନେ ବୈଠକରେ ଆଲୋଚନା କରିଛନ୍ତି। ଯାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି ବ୍ରହ୍ମପୁର-ପୁରୀ ଯାତାୟାତ ପାଇଁ ଏକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବାକୁ ଦାବି କରାଯାଇଛି। ସେହିପରି ଷ୍ଟେସନର ପ୍ରଥମ ପ୍ଲାଟଫର୍ମରେ ଏକ ଔଷଧ ଦୋକାନ ଓ ବାହାରେ ନିଶୁଳ୍କ ଶୌଚାଳୟ, କିଛି ପ୍ଲାଟଫର୍ମର ଆଜବେଷ୍ଟ ଭାଙ୍ଗିରୁଜି ଯାଇଥିବା ବେଳେ ତାହାର ମରାମତି କରିବାକୁ ଦାବି ହୋଇଛି। ଷ୍ଟେସନର ସୌନ୍ଦର୍ଯ୍ୟକରଣ, ପ୍ରତିଟି ପ୍ଲାଟଫର୍ମରେ ଇସ୍କାଲେଟର(ସ୍ୱୟଂଚାଳିତ ସିଡ଼ି) ବ୍ୟବସ୍ଥା କରିବା, ଚତୁର୍ଥ ପ୍ଲାଟଫର୍ମ ନିକଟରେ ଯାତ୍ରୀ ବିଶ୍ରାମସ୍ଥଳୀ, ନବନିର୍ମିତ ରେଳଷ୍ଟେସନର ପ୍ରବେଶପଥର ସମ୍ମୁଖ ନିର୍ମାଣ ଶୈଳୀ ପରିବର୍ତ୍ତନ କରି ଗଞ୍ଜାମ ଲୋକସଂସ୍କୃତି ସହ ପରମ୍ପରାକୁ ପ୍ରାଥମିକତା ପ୍ରଦାନ କରିବାକୁ ପ୍ରସ୍ତାବ ଆଗତ କରିଛନ୍ତି। ସେହିପରି ଯାତ୍ରୀଙ୍କ ଆବଶ୍ୟକତା ଅନୁଯାୟୀ ବିଭାଗ ପକ୍ଷରୁ ସମସ୍ତ ଉନ୍ନତମୂଳକ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରାଯିବାକୁ କୁହାଯାଇଥିଲା। ଆଗତ ସମସ୍ତ ପ୍ରସ୍ତାବକୁ ଡିଆରଏମ୍‌ଙ୍କ ନିକଟରେ ଉପସ୍ଥାପନା କରାଯିବ ଷ୍ଟେସନ ମ୍ୟାନେଜର ଦୁର୍ଗାପ୍ରସାଦ ବ୍ରହ୍ମା ସୂଚନା ଦେଇଛନ୍ତି।

### ସହରରେ ସକ୍ରିୟ ନକଲି ପୁଲିସ ଓ ସେନା କର୍ମଚାରୀ!

# ସୁରକ୍ଷାକର୍ମୀ ପରିଚୟ ଦେଇ ହେଉଛି ଠକେଇ





ବ୍ରହ୍ମପୁର,୨୫।୧୧(ସମିସ): ନିୟମ ଯେତେ କଡ଼ା କଲେ ମଧ୍ୟ ଆଜିର ଯୁବପିଢ଼ିଙ୍କ ପାଇଁ ସେସବୁର ଖାତିର ନାହିଁ। ସବୁର ବିକଳ୍ପ ବାହାର କରୁଛନ୍ତି ଚତୁର ଯୁବଗୋଷ୍ଠୀ। ସରକାରୀ ନିତିନିୟମକୁ ଉଲଂଘନ କରି ପୁଲିସ କବଳରୁ ବର୍ତ୍ତିବା ପାଇଁ ଆପଣାଉଛନ୍ତି ଭିନ୍ନ ଭିନ୍ନ ତରିକା। ଗାଡ଼ିର ପଛ ଓ ସମ୍ମୁଖ ଭାଗର ନମ୍ବର ପ୍ଲେଟରେ କିଏ ଆର୍ମି ଓ ପୁଲିସ ଷ୍ଟିକର ମାରୁଛି ତ ଆଉ କିଏ ସାମ୍ବାଦିକ ଓ ଆଇନଜୀବୀ ଷ୍ଟିକର ମାରି ପୁଲିସକୁ ଚକମା ଦେବାରେ ସଫଳ ହେଉଛନ୍ତି। ଗତ ଦୁଇଦିନ ପୂର୍ବେ ସଦର ଥାନା ପୁଲିସ ପଦରବାଲି ଛକରୁ ପୁଲିସ ପୋଷାକ ପରିଧାନ ପୂର୍ବକ ବେଆଇନ ଭାବେ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ନାରାୟଣପୁର ଗ୍ରାମର କେଦାରନାଥ ସ୍ୱାଇଁ ଓରଫ ମନୋଜ କୁମାର ସ୍ୱାଇଁଙ୍କୁ ପୁଲିସ ଗିରଫ କରିଥିଲା। ଅଭିଯୁକ୍ତ ମନୋଜ ଠାରୁ ପୁଲିସ ୟୁନିଫର୍ମ, ଖେଳନା ବନ୍ଧୁକ, ଯୋତା, ବେଲ୍ଟ, ଲାଠି, ନେମ୍ ପ୍ଲେଟ୍, ମେଟାଲ ସେଲଜର ଲେଟର, ପୁଲିସ ପୋଷାକ ସହିତ ୨ଟି ଫଟୋ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିଲା। ସେହିପରି ଗତ ଏପ୍ରିଲ ୨୮ ତାରିଖ ଜଣେ ବ୍ୟକ୍ତି ସେନା ୟୁନିଫର୍ମ ପିନ୍ଧି ଏବଂ ଗୁଜରାଟ ପୁଲିସର ପରିଚୟପତ୍ର ବ୍ୟବହାର କରି ଜନସାଧାରଣଙ୍କ ଠାରୁ ଟଙ୍କା ଆଦୟ କରୁଥିବା ଅଭିଯୋଗରେ ଟାଉନ ଥାନା ପୁଲିସ ପଞ୍ଜାବ ଅମୃତସର ଜିଲ୍ଲାର ୱାଘା ସୀମାର ରାଜୁ ସାନ୍ତ୍ରାଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତଙ୍କ ନିକଟରୁ ଭାରତୀୟ ସେନାର 'ୟୁନିଫର୍ମ ସାର୍ଟ', ଟୋପି' ପୁଲିସର ଗୋଟିଏ 'ଫୁଲ ଖାକି ପ୍ୟାଣ୍ଟ' ଓ ଗୁଜୁରାଟ ପୁଲିସର ପ୍ଲାଷ୍ଟିକ୍ 'ପରିଚୟ ପତ୍ର' ଯାହା ଉପରେ ଗୁଜୁରାଟ ପୁଲିସ ରାଜୁ ସାନ୍ତ୍ରା ଉଲ୍ଲେଖ ଥିବା ଫଟୋଯୁକ୍ତ କାର୍ଡକୁ ପୁଲିସ ଜବତ କରିଥିଲା। ସେହିପରି ୨୦୨୨ମସିହା ଅଗଷ୍ଟରେ ବଡ଼ବଜାର ଥାନା ପୁଲିସ ପକ୍ଷରୁ ଗାଡି, ହେଲମେଟ୍, ଆରସି ଏବଂ ଡ୍ରାଇଭିଂ ଲାଇସେନ୍ସ ଯାଞ୍ଚ କରୁଥିବା ବେଳେ ଜଣେ ଯୁବକ (ଓଡ଼ି-୦୭ୟୁ-୭୬୬୬) ନମ୍ବର ବିଶିଷ୍ଟ ରୟାଲ ଏନଫିଲ୍ଡ ଗାଡିର ପଛପଟ ନମ୍ବର ପ୍ଲେଟରେ ଓଡିଶା ପୁଲିସ ଲେଖା ଥିବା ଦେଖି ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚବେଳେ ଯୁବକ ଜଣକ ବଡ଼ବଜାର ଥାନା ଅନ୍ତର୍ଗତ କୋଠରୀ ମନ୍ଦିର ସାହିର ସୂର୍ଯ୍ୟ ନାରାୟଣ ସାହୁ (୩୨) ବୋଲି ଜଣାପଡିଥିଲା। ସୂର୍ଯ୍ୟ କାଗଜପତ୍ର ଦେଖାଇବା ବଦଳରେ ନିଜେ ପୁଲିସ ବିଭାଗରେ କାର୍ଯ୍ୟରତ ବୋଲି ପୁଲିସ ନିକଟରେ ଦାବି କରିଥିଲା। ବଡ଼ବଜାର ପୁଲିସ ଘଟଣାର ସତ୍ୟାସତ୍ୟ ନେଇ ତଦନ୍ତ କରିବା ପରେ ଯୁବକ ଜଣକ ଜଣେ ବ୍ୟବସାୟୀ ବୋଲି ଜଣାପଡିଥିଲା। ଏବଂ ପରେ ପୁଲିସ ସୂର୍ଯ୍ୟକୁ ଗିରଫ କରିଥିଲା।

## ଜିଲ୍ଲାସ୍ତରୀୟ ଯକ୍ଷ୍ମାମୁକ୍ତ ପଞ୍ଚାୟତ ସମ୍ବର୍ଦ୍ଧନା ଉତ୍ସବ

### ଗଞ୍ଜାମର ୧୬୫ଟି ଯକ୍ଷ୍ମା ମୁକ୍ତ ପଞ୍ଚାୟତ, ପିଆର୍‌ଆଇ ମେମ୍ବର ଓ ସ୍ୱାସ୍ଥ୍ୟକର୍ମୀ ସମ୍ମାନିତ



ବ୍ରହ୍ମପୁର,୨୫।୧୧(ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ପକ୍ଷରୁ ଏମକେସିଜି ମେଡିକାଲ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଜିଲ୍ଲାସ୍ତରୀୟ ଯକ୍ଷ୍ମା ମୁକ୍ତ ପଞ୍ଚାୟତ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଯୋଗଦେଇ ଯକ୍ଷ୍ମା ମୁକ୍ତ ପଞ୍ଚାୟତର ପ୍ରତିନିଧିଙ୍କୁ ସମ୍ମାନିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଇଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ଏମକେସିଜି ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ସୁଚିତ୍ରା ଦାସ, ଯକ୍ଷ୍ମା ଓ ଛାତି ରୋଗ ବିଭାଗ ମୁଖ୍ୟ ଡା. ପ୍ରିୟଙ୍କା ଦାସ, ଆଦାନୀ ଫାଉଣ୍ଡେସନ ସିଏସଆର ମୁଖ୍ୟ ଦେବଦତ୍ତ ମିଶ୍ର, ଗ୍ରାସିମ ଇଣ୍ଡଷ୍ଟ୍ରିଜ୍ ସିଏସଆର ମୁଖ୍ୟ ସୁସ୍ମିତା ବେହେରା, ଆଇଆରଇଏଲ ମହାପ୍ରବନ୍ଧକ ସିଭିଆର ମୂର୍ତ୍ତି ଯୋଗ ଦେଇଥିଲେ। ସେହିପରି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାଲୁଙ୍କେଶ୍ୱର ଷଡଙ୍ଗୀ, ଡିପିଏମ ବୁଲୁନାଥ ସାହୁ, ଡିଏଏମ ମନୋଜ କୁମାର ରାଉତ ମଞ୍ଚାସୀନ ଥିଲେ। ଗଞ୍ଜାମ ଜିଲ୍ଲାର ୧୬୫ଟି ପଞ୍ଚାୟତକୁ ଯକ୍ଷ୍ମା ମୁକ୍ତ ପଞ୍ଚାୟତ ଭାବେ ଘୋଷଣା କରାଯାଇଛି। ଏହି ପଞ୍ଚାୟତ ଗୁଡ଼ିକରେ ଦୀର୍ଘ ମାସ ଧରି ନୂତନ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇନାହାନ୍ତି। ୨୦୨୩ରେ ଗଞ୍ଜାମର ୫୩ଟି ପଞ୍ଚାୟତକୁ ଯକ୍ଷ୍ମ ମୁକ୍ତ ଘୋଷଣା କରାଯାଇଥିବା ବେଳେ ୨୦୨୪ରେ ୮୮ ପଞ୍ଚାୟତକୁ ଯକ୍ଷ୍ମା ମୁକ୍ତ ଘୋଷଣା କରାଯାଇଥିଲା। ବର୍ତ୍ତମାନ ୨୦୨୫ମସିହାରେ ୧୬୫ଟି ପଞ୍ଚାୟତକୁ ଘୋଷଣା କରାଯାଇଛି। ଏହି ପଞ୍ଚାୟତରେ ଯକ୍ଷ୍ମା ଲକ୍ଷଣ ଥିବା ଲୋକଙ୍କୁ ଶୀଘ୍ର ଚିହ୍ନଟ, ପରୀକ୍ଷାକରଣ ଓ ଚିକିତ୍ସା ପର୍ଯ୍ୟନ୍ତ ସହଯୋଗ ଯୋଗାଇ ଦିଆଯାଇଥିଲା ବୋଲି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ଯକ୍ଷ୍ମା ସଂଯୋଜକ ବିଦେଶୀ ଜେନା ସଂଯୋଜନା କରିଥିବା ବେଳେ ପିପିଏମ ସଂଯୋଜକ ସୁଧୀରକାନ୍ତ ବେହେରା ମଞ୍ଚ ପରିଚାଳନା କରିଥିଲେ। ଜିଲ୍ଲା ଯକ୍ଷ୍ମା କେନ୍ଦ୍ର ମେଡିକାଲ ଅଫିସର ଡା. ଗୀତମୟ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନ ସମାରୋହରେ ଜିଲ୍ଲାର ୧୬୫ପଞ୍ଚାୟତର ଜନ ପ୍ରତିନିଧି ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଛି। ଯକ୍ଷ୍ମା ନରାକରଣ ଅଧିକାରୀ ଡା. ଅବନୀ କୁମାର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାର ୨୨ଟି ବ୍ଲକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ, ୧୬୫ ପଞ୍ଚାୟତର ସରପଞ୍ଚ, ସରପଞ୍ଚ ପ୍ରତିନିଧି, ଜିପିଇଓ, ସିଏଚଓ, ସ୍ୱାସ୍ଥ୍ୟକର୍ମୀ, ଏସଟିଏସ, ଟିବିଏଚଭି ଓ ଏସଟିଏଲଏସ ଉପସ୍ଥିତ ଥିଲେ।

## ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ

ବ୍ରହ୍ମପୁର,୨୫।୧୧(ସମିସ): ପ୍ରେମ ନଗରସ୍ଥିତ ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଗଠନର ଗଞ୍ଜାମ ଜିଲ୍ଲା ଶାଖା କାର୍ଯ୍ୟାଳୟରେ ସଂସ୍କାରବାଦୀ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ୧୨୫ତମ ଜୟନ୍ତୀରେ ପୂଜ୍ୟପୂଜାର ସମ୍ପାଦକ ମୋହନ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଶିକ୍ଷକନେତା ତଥା ସଂଗ୍ରାମୀ ବିଜୟ ବେହେରା ଓ କୃଷକ ନେତା ବୃନ୍ଦାବନ ଖଟେଇ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ଚିତ୍ରରେ ପୁଷ୍ପମାଲ୍ୟ ଦେବା ସହ ରାଜନୈତିକ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ସଂସ୍କାର ବାଦୀ ସଭାପତି ତ୍ରିନାଥ ମହାରଣା, ନିରଞ୍ଜନ ସାହୁ, ରାଜେନ୍ଦ୍ର ମହାନ୍ତି, ସଞ୍ଜୁ ପାଣିଗ୍ରାହୀ, ପୂର୍ଣ୍ଣ ସାହୁ, ପ୍ରଶାନ୍ତ ଶତପଥୀ, ବିଜୟ ବିଶୋଇ ଓ ଅଭିମନ୍ୟୁ ଗୌଡ଼ ପ୍ରମୁଖ ଶ୍ରଦ୍ଧାସୁମନ ଦେଇଥିଲେ।

## ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୁତ୍ର ବିୟୋଗ

ବ୍ରହ୍ମପୁର,୨୫।୧୧(ସମିସ): ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିନାୟକ ଆଚାର୍ଯ୍ୟଙ୍କ କନିଷ୍ଠ ପୁତ୍ର ଶିଶିର ଆଚାର୍ଯ୍ୟଙ୍କ ଦେହାନ୍ତ ହୋଇଛି। ଶଙ୍କରପୁର ସାହିସ୍ଥିତ ନିଜ



ବାସଭବନରେ ୬୯ବର୍ଷରେ ମୃତ୍ୟୁବରଣ କରିଛନ୍ତି। ମଙ୍ଗଳବାର ସକାଳେ ଶିଶିର ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ପକ୍ଷରୁ ତାଙ୍କୁ ଏମକେସିଜି ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କଲାପରେ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ହୃଦଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପୁତୁରା ସୁଜୟ ଆଚାର୍ଯ୍ୟ କହିଛନ୍ତି। ସ୍ଥାନୀୟ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଫାଷ୍ଟଗେଟ୍ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଛି। ଶେଷ ସମୟରେ ଶିଶିର କୁମାର ଆଚାର୍ଯ୍ୟଙ୍କ ନିକଟରେ ପୁଅ, ଝିଅ, ପୁତୁରା, ଝିଆରୀଙ୍କ ସମେତ ପରିବାର ବର୍ଗ ଉପସ୍ଥିତ ଥିଲେ। ସେହିପରି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାରଙ୍କ ସହ ବହୁ ମାନ୍ୟଗଣ୍ୟ ବିକ୍ତ ବାସ ଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଛନ୍ତି।

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ନିଶା ନିବାରଣ କେନ୍ଦ୍ର ମାଲିକ, ସହଯୋଗୀ ଗିରଫ


ବ୍ରହ୍ମପୁର,୨୫।୧୧(ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଜଗଦଳପୁରରେ ଥିବା ନିଶା ନିବାରଣ କେନ୍ଦ୍ରରେ ଜଣେ ଅନ୍ତେବାସୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ନିଶା ନିବାରଣ କେନ୍ଦ୍ରର ମାଲିକ ତଥା ରାମଚନ୍ଦ୍ରପୁର ନିକଟ ବିଜୟବିହାର ୩ୟ ଲାଇନ ନିବାସୀ ଅଶ୍ୱିନୀ କୁମାର ପାତ୍ର(୨୯) ଓ ତାଙ୍କ ସହଯୋଗୀ ବ୍ରହ୍ମପୁର ଚନ୍ଦ୍ରପ୍ରଭା ସାହି ପ୍ରଥମ ଲାଇନ ନିବାସୀ ଅଂଶୁମାନ ଚୌଧୁରୀ(୨୭)। ଉଭୟେ ସଂପୃକ୍ତ ଅନ୍ତେବାସୀଙ୍କୁ କାବୁ କରିବାକୁ ଯାଇ ଘଟଣାଦିନ ତାଙ୍କ ହାତଗୋଡ ବାନ୍ଧି ଠେଙ୍ଗାରେ ମାଡ ମାରିଥିଲେ। ଏହି ସମୟରେ ଅନ୍ତେବାସୀଙ୍କ ତଣ୍ଟି ଚିପି ହୋଇଯିବା ଫଳରେ ଶ୍ୱାସରୁଦ୍ଧ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ଥାନା ଅଧିକାରୀ କୃଷ୍ଣ ସାହା ସୂଚନା ଦେଇଛନ୍ତି। ଉଭୟଙ୍କୁ ଗିରଫ ପରେ କାର୍ଟଚାଲାଣ କରାଯାଇଛି। ପ୍ରକାଶଥାଉକି, ବ୍ରହ୍ମପୁର ଟାଉନ ଥାନା ଅନ୍ତର୍ଗତ ରାଧାକୃଷ୍ଣ ହରିଜନ ସାହିର ସାଇବାଣୀ ନାୟକଙ୍କ ପୁଅ ମିଳନ ନାୟକ(୨୧) ଅତ୍ୟାଧିକ ନିଶା ସେବନ କରୁଥିଲେ। ନିଶାରୁ ତାଙ୍କୁ ଦୂରେଇ ରଖିବା ନେଇ ପରିବାର ଲୋକେ ଚିନ୍ତାରେ ଥିଲେ। ଏହି ସମୟରେ ଜଗଦଳପୁର ସ୍ଥିତ ବିକାଶ ଫାଉଣ୍ଡେସନ ପକ୍ଷରୁ ପରିଚାଳିତ ନିଶା ନିବାରଣ କେନ୍ଦ୍ରର କର୍ମକର୍ତ୍ତା ସାଇବାଣୀଙ୍କୁ ଭେଟିଥିଲେ। ମିଳନଙ୍କୁ ସେହି କେନ୍ଦ୍ରରେ ଭର୍ତ୍ତି କଲେ ସେ ନିଶା କବଳରୁ ମୁକ୍ତି ପାଇପାରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେଥିରେ ବିଶ୍ୱାସ କରି ସାଇବାଣୀ ଗତ ୧୬ତାରିଖରେ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପୁଅ ମିଳନଙ୍କୁ ଛାଡିଥିଲେ। ସେତେବେଳେ ମିଳନଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକଠାକ ଥିଲା। ହେଲେ ୨୧ତାରିଖ ବିଳମ୍ବିତ ରାତିରେ କେନ୍ଦ୍ରର ପରିଚାଳକ ସାଇବାଣୀଙ୍କୁ ଫୋନ କରି ଏମକେସିଜି ମେଡିକାଲ ଆସିବାକୁ କହିଥିଲେ। ମିଳନ ଅସୁସ୍ଥ ହେବାରୁ ତାଙ୍କୁ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ଦେଇଥିଲେ। ମେଡିକାଲରେ ପହଞ୍ଚିବା ପରେ ମିଳନଙ୍କ ମୃତ୍ୟୁ ହୋଇଥିବା ସାଇବାଣୀ ଜାଣିବାକୁ ପାଇଥିଲେ। ମିଳନଙ୍କ ହାତ, ଗୋଡ ଓ ବେକରେ କ୍ଷତ ଚିହ୍ନ ରହିଥିଲା। ଯାହାକୁ ନେଇ ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନେ ମିଳନଙ୍କ ହାତଗୋଡ ବାନ୍ଧି ମାଡ ମାରିବା ପରେ ହତ୍ୟା କରିଥିବା ସାଇବାଣୀ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ମୃତ୍ୟୁର ମାତ୍ର ୫ଦିନ ପୂର୍ବରୁ ମିଳନ ଉକ୍ତ କେନ୍ଦ୍ରରେ ଅନ୍ତେବାସୀ ଭାବେ ଭର୍ତ୍ତି ହୋଇଥିଲେ। ତେବେ ହଠାତ୍ ନିଶା ଛାଡିବାରୁ କେନ୍ଦ୍ରରେ ମିଳନ ଉତ୍ପାତ ହେବାରୁ କେନ୍ଦ୍ରର ମାଲିକ ଅଶ୍ୱିନୀ ଓ ତାଙ୍କ ସହଯୋଗୀ ଅଂଶୁମାନ ତାଙ୍କୁ ସାବାଡ କରିବାକୁ ଗୋଡହାତ ବନ୍ଧି ଠେଙ୍ଗାରେ ମାଡ ମାରିଥିଲେ। ତେବେ କୌଣସି ଉଦ୍ଦେଶ୍ୟ ମୂଳକ ଭାବେ ମିଳନଙ୍କୁ ହତ୍ୟା କରାଯାଇନଥିବା ପୁଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିବା ଜାରି ପ୍ରେସ ରିଲିଜରୁ ଜଣାପଡିଛି। ପୂର୍ବରୁ ମଧ୍ୟ ଗିରଫ ଦୁଇ ଅଭିଯୁକ୍ତଙ୍କ ନାମରେ କୌଣସି ଅପରାଧିକ ମାମଲା ନଥିବା ପୁଲିସ ସ୍ପଷ୍ଟ କରିଛି।

### ହାତଗୋଡ ବାନ୍ଧି ଠେଙ୍ଗାରେ ମାଡ଼ ଯୋଗୁଁ ହୋଇଥିଲା ମୃତ୍ୟୁ



୨୫/୧୧/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୫,୬୯,୯୬୨/- ସୁନା: ୦୧.୭୦୦ ଗ୍ରାମ୍ ରୁପା: ୧୪.୧୦୦ ଗ୍ରାମ୍





### ଶ୍ରୀଜଗନ୍ନାଥ ମେଡିକାଲ କଲେଜ ପରିଦର୍ଶନ କଲେ ଜିଲ୍ଲା କଂଗ୍ରେସ ପ୍ରତିନିଧି

# ଶୀଘ୍ର ଚିକିତ୍ସାଳୟ କାର୍ଯ୍ୟକ୍ଷମ ହେଉ

**ପୁରୀ,୨୫।୧୧(ସମିସ):** ବାଲିଗୁଆଳିସ୍ଥିତ ଶ୍ରୀଜଗନ୍ନାଥ ମେଡିକାଲ କଲେଜକୁ ୪ ବର୍ଷ ବିତିଲାଣି। ହେଲେ ଏ ପର୍ଯ୍ୟନ୍ତ ଏଠାରେ ଚିକିତ୍ସାଳୟ ଖୋଲିପାରି ନାହିଁ। ଫଳରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟ ଉପରେ ଚାପ ପଡୁଥିବାବେଳେ ରୋଗୀ ନାନା ପ୍ରକାର ସମସ୍ୟା

**ଜରୁରୀକାଳୀନ ଜୀବନ ରକ୍ଷାକାରୀ ବିଭାଗ ଖୋଲିବାକୁ ଦାବି**



ଭୋଗୁଛନ୍ତି। ଏ ନେଇ ମଙ୍ଗଳବାର ପୁରୀ ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ୍ କରି ଆଲୋଚନା କରିଛନ୍ତି। ଏହି ଅବସରରେ ମେଡିକାଲ କଲେଜ ହସ୍ପିଟାଲର ସୁପରିଣ୍ଟେଣ୍ଡେଣ୍ଟ ଏବଂ ପ୍ରିନ୍ସପାଲଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। କର୍ତ୍ତୃପକ୍ଷଙ୍କ ତରଫରୁ ଈପ୍ସିତା ପଣ୍ଡା, ବିତ୍ତ ଅଧିକାରୀ ଏବଂ ପ୍ରଫେସର ବିମୋଚ ପ୍ରଜ୍ଞା ପତି, ପ୍ରଫେସର କାଳୀ ପ୍ରସାଦ ପଟ୍ଟନାୟକ ଆଲୋଚନା କରିଥିଲେ।

କଂଗ୍ରେସ ପକ୍ଷରୁ କୁହାଯାଇଛି, ୨୦୧୧ ଜନଗଣନା ଅନୁଯାୟୀ, ପୁରୀ ଜିଲ୍ଲାର ମୋଟ୍ ଜନସଂଖ୍ୟା ୧୬ ଲକ୍ଷ ୯୮ ହଜାର ୭୩୦। ଅନୁପାତ ଅନୁଯାୟୀ, ୨୦୨୫ରେ ଏହି ସଂଖ୍ୟା ୨୦ ଲକ୍ଷରୁ ଅଧିକ ହୋଇଥିବ। ତେବେ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ଏହାର ବେଶ୍ ଗୁରୁତ୍ୱ ରହିଛି। ହେଲେ ଆଜି ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ଏହା ଉନ୍ମୁକ୍ତ ହୋଇପାରିନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏ ପର୍ଯ୍ୟନ୍ତ ୫ ଏକର ଜମି ଅଧିଗ୍ରହଣ ହୋଇ ନ ଥିବାବେଳେ ମେଡିକାଲ କଲେଜର ଜମି ମାଲିକାନା ଏବେ ବି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ରହିଛି। ପରିବେଶ ଓ ପିକେଡିଏ ମଞ୍ଜୁରୀ ମିଳିନାହିଁ। ସେହିପରି ବିଦ୍ୟୁତ୍ ଏବଂ ପାନୀୟଜଳ ସଂଯୋଗ ନ ଥିବା ପ୍ରତିନିଧି ଦଳ ଜାଣିବାକୁ ପାଇଛନ୍ତି। ଚିକିତ୍ସା ତଥା ଶିକ୍ଷା କ୍ଷେତ୍ରରେ ଏହା ବହୁତ ପଛରେ ରହିଛି। ଏଠି ହୃଦ୍‌ରୋଗ ବିଭାଗ, ସ୍ନାୟୁବିକ ବିଭାଗ, ଆପାତ୍‌କାଳୀନ ଦୁର୍ଘଟଣା ଚିକିତ୍ସା ବିଭାଗ ଏବଂ ପୋଡ଼ାଜଳା ବିଭାଗ ନ ଥିବାବେଳେ ଆନୁଷଙ୍ଗିକ ବୈଷୟିକ କର୍ମଚାରୀ ମଧ୍ୟ ନାହାନ୍ତି। ସବୁଠାରୁ ବଡ଼କଥା ହେଉଛି ଅଗ୍ନି ନିର୍ବାପକ ଆପତ୍ତି ବିହିନ ପ୍ରମାଣପତ୍ର ନ ଥିବା କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବଂ ରୋଗ ନିରୂପଣ ବ୍ୟବସ୍ଥା ନ ଥିବାରୁ ଦୈନିକ ଜିଲ୍ଲାବାସୀଙ୍କଠାରୁ ଆରମ୍ଭ କରି ତୀର୍ଥଯାତ୍ରୀ ଓ ଭକ୍ତ, ପର୍ଯ୍ୟଟକ କଟକ କିମ୍ବା ଭୁବନେଶ୍ୱର ସ୍ଥାନାନ୍ତରିତ ହେଉଛନ୍ତି। ଫଳରେ ଅନେକ ରୋଗୀ ଅସୁବିଧାର ସମ୍ମୁଖୀନ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଣୁ କିପରି ସମସ୍ତ ଜରୁରୀକାଳୀନ ଜୀବନ ରକ୍ଷା ବିଭାଗ ଶ୍ରୀଜଗନ୍ନାଥ ମେଡିକାଲ କଲେଜ ଓ ହସ୍ପିଟାଲରେ ସର୍ବସାଧାରଣ ସେବା ପାଇଁ ଖୋଲାଯିବ ତାହର ଏକ ନିର୍ଦ୍ଦିଷ୍ଟ ସମୟ କର୍ତ୍ତୃପକ୍ଷ ଜନସାଧାରଣଙ୍କୁ ପ୍ରଦାନ କରନ୍ତୁ। ଏଥିରେ ଅହେତୁକ ବିଳମ୍ବ ଦେଖାଦେଲେ ପୁରୀ ଜିଲ୍ଲା କଂଗ୍ରେସ କମିଟି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ ବାଧ୍ୟ ହେବ ବୋଲି ଜିଲ୍ଲା ସଭାପତି ଇଂ. ମିଶ୍ର କହିଛନ୍ତି।

ଏହି ପ୍ରତିନିଧି ଦଳରେ ବରିଷ୍ଠ କଂଗ୍ରେସ ନେତା ଉତ୍ତମ ଆଚାର୍ଯ୍ୟ, ପିସିସି ପୂର୍ବତନ ଉପସଭାପତି ବିଶ୍ୱଭୂଷଣ ଦାସ, ପିସିସି ପୂର୍ବତନ ସମ୍ପାଦକ ବିଶ୍ୱନାଥ ଦାଶ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସରସ୍ୱତୀ ପାତ୍ର, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ଅମରେନ୍ଦ୍ର ପାଇକରାୟ, ସୀତାକାନ୍ତ ମହାନ୍ତି, ଭାସ୍କର ସେଠ, ବିଭୁଦତ୍ତ ମିଶ୍ର, ସୁକାନ୍ତ ପ୍ରଧାନ, ସ୍ୱାଧୀନ ପଣ୍ଡା, ରଜତ ସାହୁ, ନିର୍ମଳ ପରିଡ଼ା, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ଚେତନ ମିଶ୍ର, ଉମାକାନ୍ତ ବେହେରା, ଅମିୟ ଦାସ, ସୁରେନ୍ଦ୍ର ପାଇକରାୟ, ସୌମ୍ୟକାନ୍ତ ପ୍ରଧାନ, ବିଶ୍ୱରଞ୍ଜନ ସାମନ୍ତରାୟ, ଜିବେଶ ରଥ, ଅର୍ଜୁନ ସାହୁ ପ୍ରମୁଖ ସାମିଲ ଥିଲେ।

## ଆଜିଠୁ ମହାପ୍ରଭୁଙ୍କ ଘୋଡ଼ଲାଗି

**ସରିଲା ଘୋଡ଼ ଅଧିବାସ**

**ପୁରୀ,୨୫।୧୧(ସମିସ):** ମାର୍ଗଶୀର ଶୁକ୍ଳ ଷଷ୍ଠୀଠାରୁ ଦାରୁବିଗ୍ରହଙ୍କ ଘୋଡ଼ଲାଗି ବେଶ ଆରମ୍ଭ ହୋଇ ଶ୍ରୀପଞ୍ଚମୀ ପର୍ଯ୍ୟନ୍ତ ଚାଲିଥାଏ। ତେଣୁ ବୁଧବାରଠାରୁ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଘୋଡ଼ଲାଗି ବେଶ ଆରମ୍ଭ ହେବ। ଏଥିପାଇଁ ମଙ୍ଗଳବାର ଘୋଡ଼ ଅଧିବାସ କରାଯାଇଛି। ଚତୁର୍ଦ୍ଧାବିଗ୍ରହଙ୍କ ରାତ୍ର ଚନ୍ଦନ ଲାଗି ବଢ଼ିବା ପରେ ଭୋଗମଣ୍ଡପ ଘରେ ମୁରୁଜ ପଡ଼ି ପତନି, ଘୋଷ, ଖଣ୍ଡୁଆ ଘୋଡ଼, ପାଗ, ମଦନମୋହନଙ୍କ କବରୀ, ବିମଳା, ଲକ୍ଷ୍ମୀ, ସରସ୍ୱତୀଙ୍କ ଘୋଡ଼ ଅଧିବାସ ହୋଇଛି। ବୁଧବାର ମହାପ୍ରଭୁଙ୍କ ସକାଳଧୂପ ବଢ଼ିବା ପରେ ଠାକୁରମାନଙ୍କୁ ମଇଲମ କରାଯିବ। ପୂର୍ବଦିନ ଭୋଗମଣ୍ଡପ ଘରେ ଅଧିବାସ ହୋଇଥିବା ଘୋଡ଼ ବସ୍ତ୍ରମାନଙ୍କୁ ଘଣ୍ଟ, ଛତା, କାହାଳି ସହ ପଟୁଆରରେ ଶ୍ରୀମନ୍ଦିରକୁ ତିନିବେଢ଼ା ପ୍ରଦକ୍ଷିଣ କରାଇ ଭିତରସିଂହାସନକୁ ବିଜେ କରାଯିବ। ସିଂହାସନରେ ଠାକୁରମାନଙ୍କ ପାଗ ଓ ଘୋଡ଼ଲାଗି ବଢ଼ିଲେ ୬ ମୂର୍ତ୍ତି ସୁବର୍ଣ୍ଣ ଅଳଙ୍କାର ଲାଗି କରାଯିବ। ଏହାପରେ ତିନିବାଡ଼ରେ ବନ୍ଦାପନା କରାଯିବ।

ପରମ୍ପରା ଅନୁଯାୟୀ, ପ୍ରତିବର୍ଷ ମାର୍ଗଶୀର ଶୁକ୍ଳ ଷଷ୍ଠୀରୁ ମାଘ ଶୁକ୍ଳ ପଞ୍ଚମୀ ପର୍ଯ୍ୟନ୍ତ ବିଗ୍ରହମାନେ ଘୋଡ଼ ପରିଧାନ କରିଥା'ନ୍ତି। ସପ୍ତାହର ୭ ଦିନରେ ୭ ରଙ୍ଗର ଘୋଡ଼ବସ୍ତ୍ର ଲାଗି ହୋଇଥା'ନ୍ତି। ରବିବାର ଲାଲ୍, ସୋମବାର କଳାଛିଟା ମିଶା ଶୁକ୍ଳ, ମଙ୍ଗଳବାର ବାରପଟିଆ (୫ ରଙ୍ଗ ମିଶା), ବୁଧବାର ନୀଳ, ଗୁରୁବାର ବସନ୍ତ (ହଳଦିଆ), ଶୁକ୍ରବାର ଶୁକ୍ଳ (ଧଳା) ଓ ଶନିବାର ଚତୁର୍ଦ୍ଧାବିଗ୍ରହ କଳା ରଙ୍ଗର ଘୋଡ଼ଲାଗି ହୋଇଥା'ନ୍ତି।

## ସ୍ୟାଣ୍ଡ ଆନିମେସନ୍‌ରେ ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି



**ପୁରୀ,୨୫।୧୧(ସମିସ):** ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ମାନସ କୁମାର ସାହୁ ସ୍ୟାଣ୍ଡ ଆନିମେସନ ମାଧ୍ୟମରେ ହିନ୍ଦୀ ଚଳଚ୍ଚିତ୍ର ଜଗତର ହି-ମ୍ୟାନ୍ ବର୍ଷୀୟାନ ଅଭିନେତା ଧର୍ମେନ୍ଦ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମାନସ ଏହି ଆନିମେସନ ପୁରୀରେ ଥିବା ତାଙ୍କ ସ୍ୟାଣ୍ଡ ଆନିମେସନ ଷ୍ଟୁଡିଓରେ ପ୍ରସ୍ତୁତ କରିଛନ୍ତି। ଏହାକୁ ପ୍ରସ୍ତୁତ କରିବା ଲାଗି ମାନସଙ୍କୁ ୨ ଘଣ୍ଟା ସମୟ ଲାଗିଥିଲା। ଏଥିରେ ସେ ପ୍ରସିଦ୍ଧ ସିନେ କଳାକାର ଧର୍ମେନ୍ଦ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବା ସହିତ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ଏଥିରେ ସେ 'ଟ୍ରିବ୍ୟୁଟ୍ ଟୁ ଧର୍ମେନ୍ଦ୍ରଜୀ ଆଣ୍ଡ ଆଇକନ୍ ଅଫ୍ ଜେନେରେସନ'ର ବାର୍ତ୍ତା ଦେଇଛନ୍ତି।

● ସିଂହଦ୍ୱାରରେ ଭାବବିହ୍ୱଳ ଦୃଶ୍ୟ

## ସ୍ୱାମୀଙ୍କୁ ସୁସ୍ଥ କରିଦେବାକୁ ପ୍ରାର୍ଥନା



**ପୁରୀ,୨୫।୧୧(ସମିସ):** ପୁଣି ସିଂହଦ୍ୱାରରେ ଦେଖିବାକୁ ମିଳିଛି ଏକ ଭାବବିହ୍ୱଳ ଦୃଶ୍ୟ। ଅସୁସ୍ଥ ସ୍ୱାମୀଙ୍କୁ ଧରି ମହାପ୍ରଭୁଙ୍କ ଶରଣ ପଶିଛନ୍ତି ଅସହାୟ ସ୍ତ୍ରୀ। କୌଣସି ଏକ ଗୁରୁତର ରୋଗରେ ପୀଡ଼ିତ ସ୍ୱାମୀଙ୍କୁ ନେଇ ଧର୍ମପତ୍ନୀ ଜଣକ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆର୍ଶୀବାଦ ନେଇଛନ୍ତି। ସ୍ୱାମୀଙ୍କ ସୁସ୍ଥତା ପାଇଁ ଶ୍ରୀଜଗନ୍ନାଥଙ୍କୁ ଭିକ୍ଷା ମାଗିଛନ୍ତି। ଅସୁସ୍ଥ ବ୍ୟକ୍ତି ଜଣକ ହେଉଛନ୍ତି ବାରିପଦାର ରାଜୁ ପ୍ରସାଦ ସାହା। ଦିନକୁ ଦିନ ମହାପ୍ରଭୁଙ୍କ ଦୁଆରେ ଏଭଳି କିଛି ଅସୁସ୍ଥ ହୋଇପଡ଼ିଥିବା ଲୋକେ ପହଞ୍ଚୁଥିବା ବେଳେ ମହାପ୍ରଭୁଙ୍କ ଚମତ୍କାରିତା ସେମାନଙ୍କ ବିଶ୍ୱାସ ଏବଂ ଭରସାକୁ ଆହୁରି ଦୃଢ଼ କରୁଛି। ସେମାନଙ୍କର ବିଶ୍ୱାସ ରହିଛି ଯେଉଁଠି ଚିକିତ୍ସା ବିଜ୍ଞାନ ଫେଲ୍ ମାରେ ସେଠି ମହାପ୍ରଭୁ ହିଁ ଶେଷ ସାହାରା ଆଉ ଭରସା ପାଲଟିଥା'ନ୍ତି।

## ଟ୍ରକ୍ ସଂଘ ସଭାପତି ପରେ ବଢୁଛି ଆଶ୍ରିତଙ୍କ ଅଡୁଆ

**ପୁରୀ,୨୫।୧୧(ସମିସ):** ପୁରୀ ଜିଲ୍ଲା ଶ୍ରୀକ୍ଷେତ୍ର ଟ୍ରକ୍ ମାଲିକ ସଂଘ କର୍ମକର୍ତ୍ତା ନିର୍ବାଚନକୁ ନେଇ ଦୀର୍ଘଦିନ ଧରି ଦ୍ୱନ୍ଦ୍ୱ ଲାଗି ରହିଛି। ସଂଘ ଉପରେ ହାଇକୋର୍ଟ ଓ ଆଡିସ୍‌ନାଲ ସିଭିଲ୍ କୋର୍ଟ ସିନିୟର ଡିଭିଜନଙ୍କ ସ୍ଥିତାବସ୍ଥା ବଜାୟ ରଖିବା ନିମନ୍ତେ ନିର୍ଦ୍ଦେଶ ଥିବାବେଳେ

**ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ଗୃହ ବିଭାଗର ନିର୍ଦ୍ଦେଶ**

ଏହି ନିର୍ଦ୍ଦେଶକୁ ଉଲ୍ଲଂଘନ କରି ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସଭାପତି ହୋଇଥିବାରୁ ମୋକଦ୍ଦମାରେ ଛନ୍ଦି ହୋଇଯାଇଛନ୍ତି। ସିଏମ୍‌ଏ ନଂ. ୮୨/୨୦୨୫ ଅନୁଯାୟୀ ଆଡିସ୍‌ନାଲ ସବ୍‌ଜଜ୍ ପିପିଲି ବିଧାୟକଙ୍କୁ କୈଫିୟତ୍ ତଲବ କରିଛନ୍ତି। ଫଳରେ ଜଣେ ସାମ୍ବିଧାନିକ ପଦବୀରେ ଥିବା ବିଧାୟକ ଆଇନ ଉଲ୍ଲଂଘନ ମୋକଦ୍ଦମାରେ ଆସନ୍ତା ୨୭ ତାରିଖରେ କୋର୍ଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ସଂଘ ପକ୍ଷରୁ ବେଆଇନ ଭାବେ ଟ୍ରକ୍‌ଗୁଡ଼ିକଠାରୁ ବଟି ଆଦାୟ ହେଉଥିବା ଅଭିଯୋଗ କରିଛନ୍ତି ପୁରୀ ଜିଲ୍ଲା ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ଦାଶ। ସେ କହିଛନ୍ତି, ଜଣେ ବିଧାୟକ ହୋଇ କିଭଳି ବେଆଇନ ଭାବେ ଟ୍ରକ୍ ସଂଘ ସଭାପତି ହୋଇଛନ୍ତି। ଟ୍ରକ୍‌ଗୁଡ଼ିକଠାରୁ ଆଦାୟ ହେଉଥିବା ଅର୍ଥରେ ତାଙ୍କ ଭାଗ ରହିଥିବା ଆଲୋକ କହିବା ସହ ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଛନ୍ତି। ଏହି ପ୍ରସଙ୍ଗକୁ ବେଶ୍ ଗୁରୁତ୍ୱର ସହ ନେଇଛନ୍ତି ରାଜ୍ୟ ଗୃହ ବିଭାଗ। ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗୃହ ବିଭାଗ ପକ୍ଷରୁ ପୁଲିସ ଡିଜି ଏବଂ ପୁରୀ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ପୁରୀ ପୌରାଞ୍ଚଳ ଯୁବ ଉତ୍ସବ ପ୍ରତିଯୋଗିତା



**ପୁରୀ,୨୫।୧୧(ସମିସ):** ପୁରୀ ପୌରାଞ୍ଚଳସ୍ତରରେ ଯୁବ ଉତ୍ସବ-୨୦୨୬ ପାଇଁ ମଙ୍ଗଳବାର ବିବିଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲାସ୍ତରୀୟ ଏହି ପ୍ରତିଯୋଗିତାରେ ବକ୍ତୃତା, ଚିତ୍ରାଙ୍କନ, ଗଳ୍ପ ଲିଖନ, କବିତା ଲିଖନ, ଲୋକନୃତ୍ୟ, ଲୋକ ସଂଗୀତରେ ପ୍ରତିଯୋଗୀ ଭାଗ ନେଇଥିଲେ। ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରଜିତ୍ ନାୟକ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ପ୍ରମୁଖ ଯୋଗଦେଇ ଯୁବ ଉତ୍ସବ କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିବା ସହ ଏଠାରୁ ଶ୍ରେଷ୍ଠ ପ୍ରତିଯୋଗୀମାନେ ଚଳିତ ମାସ ୩୦ ତାରିଖରେ ଜିଲ୍ଲା ସ୍କୁଲଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ସୂଚନା ଦେଇଥିଲେ। ବକ୍ତୃତାରେ ପୁରୀ ମହିଳା ମହାବିଦ୍ୟାଳୟର କଳ୍ପନା ବେହେରା, ଚିତ୍ରାଙ୍କନରେ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଭୟ ପଣ୍ଡା, ପଦ୍ୟ ରଚନାରେ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଆର୍ଯ୍ୟମାନ କର, ଗଳ୍ପ ରଚନାରେ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଚିନ୍ମୟୀ ପଣ୍ଡା, ଲୋକନୃତ୍ୟରେ ଲିଙ୍ଗରାଜ କଳା ନିକେତନ ଓ ଲୋକ ସଙ୍ଗୀତରେ ରଶ୍ମି ରେଖା ମହାନ୍ତି ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ବିଚାରକ ଭାବେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ପଦ୍ମନାଭ ପଣ୍ଡା, ମାନସ ରଞ୍ଜନ ମହାପାତ୍ର, ସୀମାଞ୍ଚଳ ପଣ୍ଡା, ଡ. ଭଗବାନ ଜୟସିଂହ, ବସନ୍ତ କୁମାର ପ୍ରଧାନ, ରାଜାରାମ ଦାସ, ପାଗଳ ସ୍ୱାଇଁ, କିଶୋର ପ୍ରଧାନ, ଗୌରାଙ୍ଗ ଖୁଣ୍ଟିଆ, ବାଳକୃଷ୍ଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ପୌର ପରିଷଦର କର୍ମଚାରୀ, ସମସ୍ତ ଗୋଷ୍ଠୀ ସଂଗଠିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅଜଣା ମୃତଦେହ ଉଦ୍ଧାର

**ପୁରୀ,୨୫।୧୧(ସମିସ):** ରାମଚଣ୍ଡୀ ସାହି ବାଲିଉପର ରେଳ ଷ୍ଟେସନ ରୋଡ୍‌ରୁ ଉଦ୍ଧାର ଅଜଣା ବ୍ୟକ୍ତିଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି। ମଙ୍ଗଳବାର ସକାଳୁ ସେହି ବ୍ୟକ୍ତି ଜଣକ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ। କୁମ୍ଭାରପଡ଼ା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ସୂଚନା ଅନୁଯାୟୀ, ୫୦ରୁ ୫୫ ବର୍ଷୀୟ ଏହି ବ୍ୟକ୍ତିଙ୍କ ଉଚ୍ଚତା ପ୍ରାୟ ୫ ଫୁଟ୍ ୭ ଇଞ୍ଚ ହେବ। ସେ ମାଟିଆ ରଙ୍ଗର ଜିନ୍ସ ପ୍ୟାଣ୍ଟ ଓ ହଳଦିଆ ରଙ୍ଗର ହାଫ୍ ଟି-ସାର୍ଟ ପିନ୍ଧିଥିଲେ। ମୃତଦେହ ବ୍ୟବଚ୍ଛେଦ କରାଯାଇ ଶବଗୃହରେ ରଖାଯାଇଥିବା କୁମ୍ଭାରପଡ଼ା ଥାନା ପକ୍ଷରୁ କୁହାଯାଇଛି।

### କୁମ୍ଭକାରଙ୍କ କୁରାଳ ପଞ୍ଚମୀ ପର୍ବ ଆରମ୍ଭ

## ପୂଜା ପାଇଲେ ରୁଦ୍ରପାଳ ଓ ରତ୍ନେଶ୍ୱରୀ



**ପୁରୀ,୨୫।୧୧(ସମିସ):** ଶ୍ରୀକ୍ଷେତ୍ର ସମେତ ସମଗ୍ର ଓଡ଼ିଶାରେ ମାର୍ଗଶୀର ଶୁକ୍ଳପକ୍ଷ ପଞ୍ଚମୀ ତିଥିରୁ କୁମ୍ଭକାରମାନଙ୍କ ପବିତ୍ର କୁରାଳ ପଞ୍ଚମୀ ପର୍ବ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ପର୍ବ ପାଞ୍ଚଦିନ ଧରି ପାଳିତ ହୋଇ ଆସନ୍ତା ଶନିବାର ଉଦ୍‌ଯାପିତ ହେବ। ପୁରୀ ସହରର କୁମ୍ଭାରପଡ଼ା, ନୂଆସାହି, ଜେନାପୁର ଓ ଟିକରପଡ଼ା ଅଞ୍ଚଳରେ ବସବାସ କରୁଥିବା କୁମ୍ଭକାର ସମ୍ପ୍ରଦାୟ ଏହାକୁ ବେଶ୍ ଆନନ୍ଦ ଉଲ୍ଲାସ ସହକାରେ ପାଳନ କରୁଛନ୍ତି। ଏହି ପର୍ବରେ କୁମ୍ଭକାରମାନେ ସେମାନଙ୍କ ଇଷ୍ଟଦେବତା ରୁଦ୍ରପାଳ ଓ ରତ୍ନେଶ୍ୱରୀଙ୍କୁ ଆରାଧନା କରିଛନ୍ତି। ପ୍ରତିଘରେ ହାଣ୍ଡିଗଢ଼ା ସାଜ ସରଞ୍ଜାମ (ଚକ, ପିଣ୍ଡ, ପିଟଣା, ଶଙ୍ଖ ପ୍ରଭୃତି) କୁ ପୂଜାରେ ବସାଇ କୁମ୍ଭକାରମାନେ ଚକ୍ରପୂଜା ଆରମ୍ଭ କରିଛନ୍ତି। ବିଭିନ୍ନ ସାହି ବସ୍ତିରେ ହୋଇଥିବା ପୂଜାମଣ୍ଡପରେ ରୁଦ୍ରପାଳ ଓ ରତ୍ନେଶ୍ୱରୀ ପୂଜା ପାଉଛନ୍ତି। ଶାଳଘରେ ଚକ୍ରପୂଜା ହେଉଥିବାବେଳେ ପରିବାରର ମୁଖ୍ୟ ସଂକଳ୍ପ କରିଛନ୍ତି। ପାଞ୍ଚଦିନ ଧରି ଏହି ପୂଜା ଅନୁଷ୍ଠିତ ହେବ।

ପରମ୍ପରା ଅନୁଯାୟୀ, କୁମ୍ଭକାରମାନେ ଏହି ପର୍ବରେ ସେମାନଙ୍କ ଇଷ୍ଟଦେବତାଙ୍କ ନିକଟରେ ପାଞ୍ଚଦିନରେ ୫ ପ୍ରକାର ଶଙ୍ଖୁଡ଼ି ଭୋଗ କରିଥା'ନ୍ତି। ପ୍ରଥମ ଦିନ ଅର୍ଥାତ୍ ପଞ୍ଚମୀରେ ସାଦାଅନ୍ନ, ଷଷ୍ଠୀରେ ପିଠାପଣା, ସପ୍ତମୀରେ ଦହି ପଖାଳ, ଅଷ୍ଟମୀରେ ଖେଚୁଡ଼ି ଏବଂ ନବମୀରେ ଚକୁଳି ପିଠା ଭୋଗ କରିଥା'ନ୍ତି। ଏହି ପାଞ୍ଚଦିନ ହାଣ୍ଡିଗଢ଼ା କାମ ସମ୍ପୂର୍ଣ୍ଣ ବନ୍ଦ ରୁହେ। ଏପରିକି କଞ୍ଚାହାଣ୍ଡିକୁ ବି କୁମ୍ଭକାରମାନେ ସ୍ପର୍ଶ କରନ୍ତି ନାହିଁ। କୁମ୍ଭକାର ନିଯୋଗର ମହେନ୍ଦ୍ର ବିଶୋଇ କୁହନ୍ତି, ମାର୍ଗଶୀର ଶୁକ୍ଳ ପଞ୍ଚମୀ ହେଉଛି କୁମ୍ଭକାରମାନଙ୍କ ଇଷ୍ଟଦେବତା ରୁଦ୍ରପାଳଙ୍କ ଜନ୍ମତିଥି। ଏହିଦିନଠାରୁ ଆରମ୍ଭ ହେଉଥିବା କୁରାଳ ପଞ୍ଚମୀ ପୂଜା ନବମୀ ପର୍ଯ୍ୟନ୍ତ ଚାଲେ। ପର୍ବ ଉପଲକ୍ଷେ ସାହି ବସ୍ତି ରଙ୍ଗୀନ ଆଲୋକମାଳାରେ ସୁସଜ୍ଜିତ କରାଯାଇଛି। ପର୍ବର ଚତୁର୍ଥ ଦିବସ ଅର୍ଥାତ୍ ୨୮ ତାରିଖ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷ ସନ୍ଧ୍ୟାରେ ମଣ୍ଡପରେ ପୂଜା ପାଉଥିବା ମୂର୍ତ୍ତି ଶୋଭାଯାତ୍ରାରେ ସାହି ପରିକ୍ରମା କରାଯାଇ ଅଠରନଳା ନଦୀରେ ବିସର୍ଜନ କରାଯିବ। ଭକ୍ତ କବି ଦୀନକୃଷ୍ଣ ଦାସଙ୍କ ରଚିତ କୁରାଳ ପୁରାଣରେ କୁମ୍ଭକାରଙ୍କ ଇତିବୃତ୍ତି ସହିତ ଭଗବାନ ବିଷ୍ଣୁଙ୍କ ସୁରସେନ ଚକ୍ର ବା କୁରାଳ ଚକ୍ର ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ରହିଛି। ଦୈନିକ ରୀତିରେ ପୂର୍ଣ୍ଣକୁମ୍ଭର ଅଗ୍ରପୂଜା ଏବଂ ହିନ୍ଦୁ ପୂଜା ପାର୍ବଣରେ ମାଟି, ଦୀପ, ସରା, ଓଳି ଆଦି ମାଟି ସାମଗ୍ରୀର ଆବଶ୍ୟକତା ଉପରେ ମଧ୍ୟ ବିବରଣୀ ବିଭିନ୍ନ ପୁରାଣରେ ବର୍ଣ୍ଣନା କରାଯାଇଛି। ପର୍ବ ପାଳନ ପରେ କୁମ୍ଭକାର ନିଯୋଗ ପକ୍ଷରୁ ଏକ ସାଧାରଣ ସଭା ଅନୁଷ୍ଠିତ ହେବ। ଜ୍ୟୋତିଷଙ୍କୁ ଡକାଯାଇ ଏଥିରେ ଏକ ଶୁଭ ଅନୁକୂଳ ସମୟ ନିର୍ଦ୍ଧାରଣ କରାଯିବ। ନିର୍ଦ୍ଧାରିତ ସମୟରେ ସମସ୍ତ କୁମ୍ଭକାର ଏକକାଳୀନ ଆସନ୍ତା ବର୍ଷକ ପାଇଁ ମାଟି ଅନୁକୂଳ କରି ହାଣ୍ଡିଗଢ଼ା କାମ ଆରମ୍ଭ କରିବାର ବିଧି ରହିଛି। ତେବେ ଏହି ପର୍ବ ଉପଲକ୍ଷେ ନିଯୋଗ ପକ୍ଷରୁ ଶ୍ରୀ ବିଶୋଇ ଏବଂ କୁରାଳ ମହାସଂଘ ରାଜ୍ୟ ସଭାପତି ସରୋଜ କୁମାର ବେହେରା ସମସ୍ତ କୁମ୍ଭକାର ଭାଇଭଉଣୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ମିଳୁନି ବେକୟା ୧୧ କୋଟି ଟଙ୍କା

# ଟେଣ୍ଡର ବର୍ଜନ କଲେ ପୁରୀ ପୌରପାଳିକା ଠିକାଦାର



**'ମୁକ୍ତା' ଯୋଜନାରେ ପୁରୀକୁ କରିଥିଲେ ୧ ନମ୍ବର**

**ସରକାର ବଦଳିବା ପରେ ବିଲ୍ ମଞ୍ଜୁର କରାଯାଉ ନାହିଁ**

**ବକେୟା ଟଙ୍କା କଥା ଶୁଣୁନାହାନ୍ତି ଅଧିକାରୀ**

**ପୁରୀ,୨୫।୧୧(ସମିସ):** ପୁରୀ ସହରର ବିକାଶ ପାଇଁ ସେମାନେ ପ୍ରଶାସନ ନିର୍ଦ୍ଦେଶରେ ବିଭିନ୍ନ ପ୍ରକଳ୍ପ କାମ କଲେ। ଏପରି କି ମହାପ୍ରଭୁଙ୍କ ରଥଯାତ୍ରା ସମ୍ପର୍କିତ ଜରୁରୀ କାର୍ଯ୍ୟ ଅଧିକାରୀଙ୍କ ମୌଖିକ ଆଦେଶରେ କଲେ। ହେଲେ ଏବେ ବିଲ୍ ପାଇଁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ବର୍ଷେ କି ଦୁଇବର୍ଷ ନୁହେଁ ୭/୮ ବର୍ଷର ବକେୟା ଟଙ୍କା ସେମାନଙ୍କୁ ମିଳୁନାହିଁ। ପୂର୍ବ ସରକାରଙ୍କ 'ମୁକ୍ତା' ଯୋଜନା କାମକୁ ବେଶ୍ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିଥିଲେ। ଯେଉଁଥିପାଇଁ ପୁରୀ ସହର ସମଗ୍ର ରାଜ୍ୟରେ ୧ ନମ୍ବର ହୋଇଥିଲା। ହେଲେ ଯେଉଁ ଠିକାଦାରମାନେ ହାତରୁ ଟଙ୍କା ଖର୍ଚ୍ଚ କରି ପ୍ରଶାସନକୁ ଏଭଳି ବାହାବା ଦେଲେ ଏବେ ସେହି ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ କଥା ଶୁଣୁନାହାନ୍ତି। ଫଳରେ ବାଧ ହୋଇ ପୁରୀ ପୌରପାଳିକା ଠିକାଦାର ସଂଘ ରାସ୍ତାକୁ ଓହ୍ଲାଇଛି। ସହରର କୌଣସି ବିକାଶମୂଳକ କାମ ପାଇଁ ପୁରୀ ପୌରସଂସ୍ଥା ଡାକୁଥିବା ଟେଣ୍ଡରକୁ ବର୍ଜନ କରିଛନ୍ତି ପୁରୀ ପୌରପାଳିକାର ଠିକାଦାରମାନେ। ମଙ୍ଗଳବାର ସ୍ଥାନୀୟ ୟୁଥ୍ ହଷ୍ଟେଲ ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ନିଜର କ୍ଷୋଭ ପ୍ରକାଶ କରିବା ସହ ସରକାର ଏବଂ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଛନ୍ତି।

ଠିକାଦାର ସଂଘ ସମ୍ପାଦକ ଲୋକନାଥ ପଣ୍ଡା କହିଛନ୍ତି, 'ମୁକ୍ତା' ଯୋଜନାରେ ପୁରୀ ସହରର ବିଭିନ୍ନ ୱାର୍ଡରେ ଅନେକ ବିକାଶମୂଳକ କାମ କରାଯାଇଛି। ଠିକାଦାରମାନେ ଅଧିକାରୀଙ୍କ ନିର୍ଦ୍ଦେଶ ମୁତାବକ କାମ କରିଛନ୍ତି। ୨୦୨୩-୨୪ ଆର୍‌ଠଥକ ବର୍ଷରେ ସହରର ରୂପାନ୍ତରୀକରଣ ପ୍ରକଳ୍ପ ପାଇଁ କର୍ମତତ୍ପର ଅଭିଯାନ ବା ମୁକ୍ତା ଯୋଜନାରେ କାର୍ଯ୍ୟାଦେଶ ପ୍ରାପ୍ତି ପରେ ପ୍ରକଳ୍ପଗୁଡ଼ିକ ଠିକ୍ ସମୟରେ ସାରିଥିଲେ। ଫଳରେ ମୁକ୍ତା ଯୋଜନାରେ ପୁରୀ ପୌରପାଳିକା ୧ ନମ୍ବର ହୋଇପାରିଥିଲା। କାର୍ଯ୍ୟାଦେଶ ଏବଂ ଜିଲ୍ଲାପାଳଙ୍କ ଅନୁମୋଦନ ଥାଇ ମଧ୍ୟ ଠିକାଦାରଙ୍କ ୮ କୋଟି ଟଙ୍କାର ବିଲ୍ ବକେୟା ରହିଛି। କେବଳ ଏତିକି ନୁହେଁ, ୨୦୧୬-୧୭ ଓ ୨୦୧୭-୧୮ ଆର୍ଥିକ ବର୍ଷରେ ରଥଯାତ୍ରା ସମେତ ବିଭିନ୍ନ ଜରୁରୀକାଳୀନ ସମୟରେ ସହରରେ ମୌଳିକ କାର୍ଯ୍ୟ କରିଥିବା ଠିକାଦାରଙ୍କର ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବକେୟା ଅଛି। ରାଜ୍ୟରେ ନୂତନ ବିଜେପି ସରକାର ଆସିବା ପରେ ସେମାନଙ୍କ ବିଲ୍ ମଞ୍ଜୁର କରାଯାଉନାହିଁ। ଏହାର ପ୍ରତିବାଦରେ ଦୀର୍ଘ ବର୍ଷର ପୁଞ୍ଜିଭୂତ ଅସନ୍ତୋଷ ଏବେ ଉଗ୍ର ରୂପ ଧାରଣ କରିବାକୁ ଯାଉଛି। ପୌରପାଳିକା ଠିକାଦାର ସଂଘ ନିକଟରେ ହୋଇଥିବା ପୌରପାଳିକା ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇନାହିଁ। ବକେୟା ୧୧ କୋଟି ଟଙ୍କା ନ ମିଳିବାଯାଏ ସେମାନେ କୌଣସି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ନାହିଁ। ୧୫ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣାଇବେ। ଏହି ବକେୟା ଅର୍ଥ ମିଳି ନ ଥିବାରୁ ଠିକାଦାରମାନେ ଆର୍ଥିକ ଦୃଷ୍ଟିକୋଣରୁ ଦୁର୍ବଳ ହୋଇପଡ଼ିଛନ୍ତି। ଫଳରେ ଗତ ଅକ୍ଟୋବର ମାସରେ ପୌରପାଳିକା ପକ୍ଷରୁ ବାହାରିଥିବା ଟେଣ୍ଡର ପ୍ରକ୍ରିୟାରେ କୌଣସି ଠିକାଦାର ଅଂଶଗ୍ରହଣ କରିନାହାନ୍ତି। ବକେୟା ପ୍ରାପ୍ୟ ନେଇ ଠିକାଦାରମାନେ ୨୦୨୧ରେ ଆନ୍ଦୋଳନ କରିଥିଲେ। ସେତେବେଳେ ସେମାନଙ୍କ ବକେୟା ବିଲ୍ ତୁରନ୍ତ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଇତିମଧ୍ୟରେ ୪ ବର୍ଷ ବିତିଯାଇଥିଲେ ମଧ୍ୟ ୧୧ କୋଟିର ବିଲ୍ ଏଯାଏ ପ୍ରଦାନ କରାଯାଇନାହିଁ। ବାଧ ହୋଇ ପୁରୀ ପୌରପାଳିକା ଠିକାଦାର ସଂଘ ସମସ୍ତ ଟେଣ୍ଡର ବର୍ଜନ କରିବା ସହ ଆନ୍ଦୋଳନ ପନ୍ଥା ଆପଣାଇବେ ବୋଲି ସମ୍ପାଦକ ଶ୍ରୀ ପଣ୍ଡା କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଂଘ ସଭାପତି ଅଶୋକ କୁମାର ମହାନ୍ତିଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ଭୁବନେଶ୍ୱର ସିଟି

### ପୁଲିସ କଟକଣାକୁ ଫୁ

# ଗୁଡ଼ିଉଡ଼ା କାଳ; ଆବାଧରେ ମିଳୁଛି ମାଞ୍ଜା ସୂତା

ଭୁବନେଶ୍ୱର, ୨୫।୧୧(ସମିସ): ରାଜଧାନୀରେ ମାଞ୍ଜା ସୂତା ଉପରେ କଟକଣା ଲଗାଯାଇଥିଲା। ମାଞ୍ଜାସୂତା ବ୍ୟବହାର କରୁଥିଲେ ଲୋକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିସନରେଟ୍ ପୁଲିସ ପକ୍ଷରୁ ବିଗତବର୍ଷଗୁଡ଼ିକରେ ଘୋଷଣା କରାଯାଇଥିଲା। ଏହାକୁ ନେଇ ହାଇକୋର୍ଟ ମଧ୍ୟ ଉଦ୍‌ବେଗ ପ୍ରକାଶ କରି ସାରିଛନ୍ତି। ହେଲେ ପୁଲିସ କଟକଣାକୁ ମାଞ୍ଜାସୂତା ବ୍ୟବହାରକାରୀ ଫୁ କରିଦେଉଛନ୍ତି। ଏମାନେ ଯେଉଁଠି ପାରୁଛନ୍ତି ଗୁଡ଼ି ଉଡାଉଛନ୍ତି। ମାଞ୍ଜାସୂତାର ଅବାଧ ବ୍ୟବହାର କରୁଛନ୍ତି। ସୂତାରେ ମଣିଷ ଏବଂ ପଶୁମାନେ କଟିଯାଉଥିଲା ବେଳେ ପକ୍ଷୀମାନେ ଏହି ସୂତାରେ ଛନ୍ଦି ହୋଇ ମୃତ୍ୟୁବରଣ କରୁଛନ୍ତି।

କିଛି ଅସାଧୁ ବ୍ୟବସାୟୀ ଚାଇନା ସୂତା ବ୍ୟବହାର କରୁଛନ୍ତି। ଏହି ସୂତା ଚମଡାରେ ବାଜିବା ମାତ୍ରେ କଟି ଯାଉଛି। ତୁରନ୍ତ ରକ୍ତ ବାହାରୁଛି। ଏହି ସୂତା ସଂସ୍ପର୍ଶରେ ଆସି ବିଗତ ଦିନରେ ବହୁ ଲୋକ ଆହତ ହୋଇଥିଲେ। ଏହା ସହ କିଛି ଲୋକଙ୍କ ମୃତ୍ୟୁ ହୋଇଛି। ଏହାସତ୍ତ୍ୱେ ମଧ୍ୟ ଅମାନିଆଙ୍କ ଚେତା ପଶୁନି। ମକର ସଙ୍କ୍ରାନ୍ତିର ବହୁ ପୂର୍ବରୁ ଏମାନେ ମାଞ୍ଜାସୂତା ବ୍ୟବହାର କରି ଗୁଡ଼ି ଉଡାଉଛନ୍ତି।



ରାଜଧାନୀ ବିଭିନ୍ନ ବସ୍ତିଗୁଡ଼ିକରେ ଗୁଡ଼ି ଉଡାର ଏହି ଟ୍ରେଣ୍ଡ ଏବେ ଜୋରସୋରରେ ଚାଲିଛି। ବସ୍ତିରେ ପିଲା ମାନେ ଚାଇନା ସୂତା କିଣି ନ ପାରିଲେ ୪ ଓ ୫ ଜଣ ଏକାଠି ହୋଇ ନିଜେ ମାଞ୍ଜାସୂତା ତିଆରି କରିଦେଉଛନ୍ତି। ଏଥିରେ କାଚଗୁଣ୍ଡ ବ୍ୟବହାର କରୁଛନ୍ତି। ଗୁଡ଼ି କଟିଲା ବେଳେ ଲୋକଙ୍କ ଦେହରେ ସୂତା ଗୁଡାଇ ହୋଇ ଯାଉଛି। ଯାହାଫଳରେ ଗଭୀର କ୍ଷତ ହେଉଛି। ଗୁଡ଼ିଉଡା ଏବଂ ମାଞ୍ଜାସୂତା ବ୍ୟବହାରକୁ କେହି ଲିଖିତ ଅଭିଯୋଗ କରୁନାହାନ୍ତି। ମୌଖିକ ଅଭିଯୋଗ କଲେ ପୁଲିସ ଏଭଳି ଅଭିଯୋଗକୁ ଗୁରୁତର ସହ ନେଉନାହିଁ।

ଅନ୍ୟପକ୍ଷରେ କଟକରେଡ୍, ମଞ୍ଚେଶ୍ୱର, କାରଗିଲ ବସ୍ତି, ସାଲିଆସାହି, ଷ୍ଟେସନବଜାର ଅଞ୍ଚଳରେ ବହୁ ସଂଖ୍ୟାରେ ଗୁଡ଼ି ଉଡୁଛି। ମଙ୍ଗଳବାର ରସୁଲଗଡ଼ ଫ୍ଲାଏଓଭର ଉପରେ ଏକ ଗୁଡ଼ିଟି ଆସି ବାଇକ୍‌ରେ ଗୁଡାଇ ହୋଇଯାଇଥିଲା। ଏକ ବଡ ଦୁର୍ଘଟଣାରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ସେହିପରି ଗତ ୯ ଜାନୁଆରୀରେ ୪୨ମୌଜା ଅଞ୍ଚଳରେ ନାଇଲନ୍ ଚାଇନା ସୂତା ଯୋଗୁଁ ଜଣେ ଆହାତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏହା ବ୍ୟତିତ ଗୁଡ଼ି ଏବଂ ସୂତା ବିଭିନ୍ନ ଗଛ, ଖୁଣ୍ଟ, ତାରରେ ଲାଗି ସହର ସୌନ୍ଦର୍ଯ୍ୟକୁ ନଷ୍ଟ କରୁଛି। ଲୋକେ ଏଥିପ୍ରତି ସଚେତନ ହେବା ସହ ପୁଲିସ ଅମାନିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ନାବାଳିକା ଦୁଷ୍କର୍ମକାରୀକୁ ୧୦ ବର୍ଷ ଜେଲ୍‌ଦଣ୍ଡ

ଭୁବନେଶ୍ୱର, ୨୫।୧୧ (ସମିସ): ବାଲିଅନ୍ତା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ଅପହରଣ ଓ ଅସଦାଚରଣ ମାମଲାର ରାୟ ୭ ବର୍ଷରେ ପ୍ରକାଶ ପାଇଛି। ଭୁବନେଶ୍ୱର ଆଡହକ ଆଡିସନାଲ ସେସନ୍ସ ଜଜ୍ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ)ର ବିଚାରପତି ସରୋଜ କୁମାର ସାହୁ ମାମଲାର ବିଚାରକରି ଅଭିଯୁକ୍ତ ବାଦଲ ପିଲେଇକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନା ଅନୁସାରେ, ୨୦୧୮ ମସିହା ଡିସେମ୍ବର ୨୩ ତାରିଖରେ ନାବାଳିକା ଜଣକ ବାପା ଓ ପିଉସୀଙ୍କ ସହ ସ୍କୁଲର ବାର୍ଷିକ ସମାରୋହକୁ ଯାଇଥିଲେ। ଅଭିଭାବକମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ସ୍ଥାନରେ ବସିଥିବାବେଳେ ପୀଡ଼ିତା ବୁଲି ବୁଲି କାର୍ଯ୍ୟକ୍ରମ ଦେଖୁଥିଲା। ଏହାରି ଭିତରେ ବାଦଲ ପିଲେଇ ବିବାହର ପ୍ରତିଶ୍ରୁତି ଦେଇ ନାବାଳିକାକୁ ଅପହରଣ କରି ନେଇଥିଲା। ବାପା ଓ ପିଉସୀ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇନଥିଲେ। କିନ୍ତୁ ବାଦଲ ଓ ନାବାଳିକା କଥାବାର୍ତ୍ତା ହେଉଥିବା ସ୍କୁଲ କର୍ମଚାରୀ ପରିବାର ଲୋକଙ୍କୁ ଜଣାଇଥିଲେ। କାର୍ଯ୍ୟକ୍ରମ ପରେ ନାବାଳିକାର ପରିବାର ବାଦଲ ଘରକୁ ଯାଇଥିଲେ ମଧ୍ୟ ସେ ଘରେ ନଥିଲା। ଏହାପରେ ନାବାଳିକାର ମାଆ ବାଲିଅନ୍ତା ଥାନାରେ ଏତଲା ଦେଇଥିଲେ। ଝିଅ ନିଖୋଜ ଘଟଣାରେ ବାଦଲକୁ ସନ୍ଦେହ କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। ତାଙ୍କ ଅଭିଯୋଗ ଆଧାରରେ ବାଲିଅନ୍ତା ଥାନା ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଏସ୍‌ଆଇ ସୁଧୀର କୁମାର ଦାସ ନାବାଳିଆକୁ ଉଦ୍ଧାର କରିବା ସହ ବାଦଲକୁ ଗିରଫ କରିଥିଲ। ତଦନ୍ତ ସାରି ଦଫା ୩୬୩/୩୬୬/୩୪/୩୭୬(୨) (ଏନ୍), ୩୭୬(୩) ଆଇପିସି ଓ ୬ ପୋକ୍‌ସୋ ଆକ୍ଟରେ ବାଦଲ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସମ୍ପୃକ୍ତ ୧୩ ଜଣ ସାକ୍ଷୀ ଓ ୩୭ଟି ଦଲିଲ ଆଧାରରେ ଉପରୋକ୍ତ ମାମଲାର ବିଚାର କରି ବାଦଲକୁ ଆଇପିସି ଧାରା ୩୬୬/୩୪ ଅନୁଯାୟୀ ୧୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମାନା ଶୁଣାଇଛନ୍ତି। ସେହିପରି ଆଇପିସି ଧାରା ୩୭୬(୨)(ଏନ୍) ଅନୁଯାୟୀ ୧୦ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୩ ହଜାର ଟଙ୍କା ଜରିମନା ଦେବାକୁ ଆଦେଶ ଦେଇଛନ୍ତି। ଦୁଇଟି ଯାକ ଦଣ୍ଡବିଧାନର ଜରିମନା ଅନାଦେୟ କ୍ଷେତ୍ରରେ ଅଧିକ ୩ ମାସର କାରାଦଣ୍ଡ ଆଦେଶ ଦେଇଛନ୍ତି। ଅଦାଲତଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟ ଦଣ୍ଡାଦେଶ ସମବର୍ତ୍ତୀ ଭାବରେ ଲାଗୁ ହେବ।

ଏହାସହିତ ନାବାଳିକା ପୀଡ଼ିତାଙ୍କ ସହିତ ହୋଇଥିବା ଶାରୀରିକ ଓ ମାନସିକ ଆଘାତକୁ ବିଚାର କରି କ୍ଷତି ପୂରଣ ବାବଦକୁ ୪ଲକ୍ଷ ଟଙ୍କା ରାଶି ଯୋଗାଇ ଦେବାପାଇଁ ଖୋର୍ଦ୍ଧା ସ୍ଥିତ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରୋସିକ୍ୟୁଟର ରାଜୀବ ସାସମଲ୍ ଓ ସହକାରୀ ପବ୍ଲିକ୍ ପ୍ରୋସିକ୍ୟୁଟର ବଳରାମ ଦେଓ ଏହି ମାମଲାକୁ ପରିଚାଳନା କରୁଥିଲେ।

# ମହିଳା ଆଟେଣ୍ଡାଣ୍ଟଙ୍କୁ ପ୍ରତାରଣା; ସୁରକ୍ଷାକର୍ମୀ ଗିରଫ

**ପୀଡ଼ିତା ୭ ମାସର ଗର୍ଭବତୀ**

ଭୁବନେଶ୍ୱର, ୨୫।୧୧ (ସମିସ): ମହିଳା ଆଟେଣ୍ଡାଣ୍ଟଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗରେ ସୁରକ୍ଷାକର୍ମୀଙ୍କୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆର ଧର୍ମାନ୍ତ କହଁର (୨୬)।

ପୁଲିସ ସୂଚନା ଅନୁସାରେ, କେନ୍ଦୁଝର ଜିଲ୍ଲାର ଜଣେ ଯୁବତୀ ଶିଖରଚଣ୍ଡୀ ବସ୍ତିରେ ରହି ଇନଫୋସିଟି ଥାନା ଅଞ୍ଚଳରେ ଡାକ୍ତରଖାନାରେ ଦୁଇ ବର୍ଷ ହେବ ଆଟେଣ୍ଡାଣ୍ଟ ଭାବେ କାମ କରୁଛନ୍ତି। ସେହି ଡାକ୍ତରଖାନାର ସୁରକ୍ଷାକର୍ମୀ ଭାବେ କାମ କରୁଥିବା ଧର୍ମାନ୍ତ ତାଙ୍କୁ ପ୍ରେମ ନିବେଦନ କରିବା ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଧର୍ମାନ୍ତ ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ପୀଡ଼ିତା ଗର୍ଭବତୀ ହୋଇଯିବାରୁ ଧର୍ମାନ୍ତ ତାଙ୍କ ଫୋନ୍ ଉଠାଇ ନଥିଲା। ପୀଡ଼ିତା ବିବାହ କରିବାକୁ କହିବାରୁ ଧର୍ମାନ୍ତ ଧମକଚମକ ଦେଇଥିଲା। ଏହାରି ଭିତରେ ପୀଡ଼ିତା ୭ ମାସର ଗର୍ଭବତୀ ହୋଇ ଯାଇଥିଲେ। ଏନେଇ ସେ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଧର୍ମାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ନିସ ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା କର୍ମଶାଳା ଓ ମେଗା ରକ୍ତଦାନ ଶିବିର



ଭୁବନେଶ୍ୱର, ୨୫।୧୧(ସମିସ): କମିଶନରେଟ୍ ପୋଲିସ ଓ ଇଣ୍ଡିଆନ ରେଡ କ୍ରସ୍ ସୋସାଇଟି ରିଜିଓନାଲ ବ୍ରାଞ୍ଚର ମିଳିତ ସହଯୋଗରେ ନିସ ଇନ୍‌ଷ୍ଟିଚ୍ୟୁଟ ଅଫ ବିଜିନେସ୍ ଆଡ଼ମିନିଷ୍ଟ୍ରେସନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ କମିଶନରେଟ ପୋଲିସର ଡେପୁଟି କମିଶନର (ଅଭିଯୋଗ ଶୁଣାଣି) ଶ୍ରୀଯୁକ୍ତ ସୀଲଭେରୀୟସ ଟୋପୋ, ଆଡିସିନାଲ ଡିସିପି ଶ୍ରୀଯୁକ୍ତ ମାନସ ରଞ୍ଜନ ଗଡ଼ନାୟକ, ଜୋନ୍-୩ର ଏସପି ଶ୍ରୀଯୁକ୍ତ ତାପସ ଚନ୍ଦ୍ର ପ୍ରଧାନ, ଇନଫୋଭ୍ୟାଲି ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଗୟାନନ୍ଦ ଶାହ, ନିସ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ଼କ୍ଟର ସୁଭାଷ ଚନ୍ଦ୍ର ନାୟକ, ଅଧକ୍ଷ ଡ଼କ୍ଟର ରାଜେଶ ସାଇଁ, ଡ଼କ୍ଟର ଅଜିତ ନାରାୟଣ ମହାନ୍ତି ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନର ସୋସିଆଲ ୱାର୍କ ବିଭାଗର ମୁଖ୍ୟ ଡ଼କ୍ଟର ବିମଳକାନ୍ତ ନାୟକ ଓ ପ୍ରଫେସର ସ୍ୱରୂପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥୁଲା।

## ଏଫ୍‌ଏଫ୍‌ସି ତୃତୀୟଥର ପାଇଁ ଶ୍ରେଷ୍ଠ କ୍ଲବ ବିବେଚିତ



ଭୁବନେଶ୍ୱର, ୨୫।୧୧(ସମିସ): ୱାକର୍ସ ଇଣ୍ଟରନେସନାଲ ଦ୍ୱାରା ଅନୁବନ୍ଧିତ 'ଫନ୍ ଆଣ୍ଡ ଫିଟନେସ ୱାକର୍ସ କ୍ଲବ (ଏଫଏଫସି) ଚଳିତ ବର୍ଷ ତୃତୀୟଥର ପାଇଁ ଶ୍ରେଷ୍ଠ କ୍ଲବ ବିବେଚିତ ହୋଇଛି। ଜିଲ୍ଲାସ୍ତରୀୟ ସମ୍ମିଳନୀରେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ୱାକର୍ସ କ୍ଲବମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା, ରକ୍ତଦାନ ଶିବିର, ଜୟ ଅଫ ଗିଭିଙ୍ଗ ଦ୍ୱାରା ଗରିବ ଅଶହାୟମାନଙ୍କୁ ସାମାଜିକ ଓ ଅର୍ଥନୈତିକ ସହାୟତା, ବୃକ୍ଷରୋପଣ ଆଦି ଜନସଚେତନତାକୁ ବିଭିନ୍ନ ପାର୍କରେ ୱାକର୍ସ କ୍ଲବ ଗଠନ କରି ସ୍ୱାସ୍ଥ୍ୟ ହିଁ ସମ୍ପଦର ବାର୍ତ୍ତା ଦେଇ ଆସୁଥିବାରୁ ସଭାପତି ଆଶିଷ ପଟ୍ଟନାୟକଙ୍କୁ ସର୍ବୋତ୍ତମ ସଭାପତି, ସେକ୍ରେଟାରୀ ସୁଧାକର ଷଡ଼ଙ୍ଗୀଙ୍କୁ ଦକ୍ଷତା ସମ୍ପୂର୍ଣ୍ଣ ସମ୍ପାଦକ ଏବଂ ପୂର୍ବତନ ସଭାପତି କେଦାର ପଟ୍ଟନାୟକଙ୍କୁ ସର୍ବୋତ୍ତମ ନେତୃତ୍ୱ ଏବଂ ଏଫ୍‌ଏଫ୍‌ସିକୁ ଶ୍ରେଷ୍ଠ କ୍ଲବ ଭାବେ ତୃତୀୟଥର ପାଇଁ ୨୦୨୫ରେ ଶ୍ରେଷ୍ଠ କ୍ଲବ ଭାବେ ସମ୍ମାନୀତ କରାଯାଇଛି। ୱାକର୍ସ ଇଣ୍ଟରନେସନାଲ ପ୍ରେସିଡେଣ୍ଟ ଏମ. ପ୍ରଭାଭଥୀ, ଡ. ଜି.ପି ନଗେନ୍ଦ୍ର ରାଓ ଓ ଜିଲ୍ଲା ଗଭର୍ଣ୍ଣର ମୁକ୍ତିକାନ୍ତ ଅଗଷ୍ଟିଙ୍କ ଦ୍ୱାରା ୧୦ଟି ଟ୍ରଫି ପ୍ରଦାନ କରାଯାଇଛି।

## କିସ୍‌ରେ ୪୦ ହଜାର ଛାତ୍ରଛାତ୍ରୀଙ୍କୁ ଶୀତବସ୍ତ୍ର ବଣ୍ଟନ

ଭୁବନେଶ୍ୱର, ୨୫।୧୧(ସମିସ): ଶୀତଦିନ ଆସିଯାଇଥିବାରୁ କିସ୍‌ରେ ଆଜି ଛାତ୍ରୀଙ୍କୁ ଶାଲ୍ ଓ ଛାତ୍ରଙ୍କୁ ସ୍ୱେଟର ବଣ୍ଟନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଚଳିତବର୍ଷ ମଧ୍ୟ ଶ୍ରୀ ସାମନ୍ତଙ୍କ ବ୍ୟକ୍ତିଗତ ପ୍ରୟାସରେ ପଞ୍ଜାବ ଲୁଧିଆନାରୁ ୨୦ ହଜାର ସାଲ୍ ଓ ୨୦ହଜାର ସ୍ୱେଟର କିଣାହୋଇ ଆସିଛି। ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଓ ଅତିରିକ୍ତ କୁଳସଚିବ ପ୍ରମୋଦ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଡ଼ିବାରିରୁ ୧୫ ଜଣଙ୍କୁ ଉଠାଇଲା ପୁଲିସ

**ମୃତକଙ୍କର ହେବ ଭିସେରା ପରୀକ୍ଷା**

ଭୁବନେଶ୍ୱର, ୨୫।୧୧ (ସମିସ): ପିତାପଲ୍ଲୀ - ଚନ୍ଦକା ରାସ୍ତା କଡ଼ରୁ ମୃତଦେହ ମିଳିବା ଘଟଣାକୁ ଦୁଇ ଦିନ ବିତିଛି। ଶତ୍ରୁଘନଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନଥିବାରୁ ଭିସେରା ପରୀକ୍ଷା କରାଯିବ ବୋଲି ପୁଲିସ କହିଛି। ଭିସେରା ଟେଷ୍ଟ ପାଇଁ ମୃତଦେହରୁ ସଂଗୃହିତ ନମୁନାକୁ କ୍ୟାପିଟାଲ ଡାକ୍ତରଖାନାରୁ ରାଜ୍ୟ ଅପରାଧ ବିଧି ବିଜ୍ଞାନ ଗାର (ଏସ୍‌ଏଫ୍‌ଏସ୍‌ଏଲ୍) ପଠାଯିବ। ଏହି ପରୀକ୍ଷା ଦ୍ୱାରା ଶତ୍ରୁଘନଙ୍କ ମୃତ୍ୟୁ କିପରି ଘଟିଛି, ତାହା ସ୍ପଷ୍ଟ ହେବ। ସେପଟେ ରବିବାର ଶତ୍ରୁଘନ ଗୋଡ଼ିବାରି ଯାଇଥିବା ତଦନ୍ତ ବେଳେ ଜାଣିବାକୁ ପାଇଛି ପୁଲିସ। ସେଠାରେ ମଦ୍ୟପାନ କରିବା ସମୟରେ କୌଣସି କାରଣକୁ ନେଇ ସ୍ଥାନୀୟ ଲୋକଙ୍କ ସହ ବଚସା ହୋଇଥିଲା ବୋଲି କିଛି ଲୋକ ପୁଲିସକୁ କହିଛନ୍ତି। ତେବେ ଶତ୍ରୁଘନଙ୍କୁ ହତ୍ୟା କରାଯାଇଥିବା ନେଇ ପ୍ରାଥମିକ ଅନୁସନ୍ଧାନରୁ ପୁଲିସକୁ କିଛି ସୁରାକ ମିଳିଛି। ଏଭଳି ତଥ୍ୟ ହସ୍ତଗତ ହେବାପରେ ଗୋଡ଼ିବାରି ଯାଇ ତଦନ୍ତ କରିଛି ପୁଲିସ। ରବିବାର ଦିନ ଶତ୍ରୁଘନ କେତେବେଳେ ଗୋଡ଼ିବାରି ଯାଇଥିଲେ, ସେଠାରେ କଣ କରିଥିଲେ, କାହା ସହ ତାଙ୍କର ଝଗଡ଼ା ହୋଇଥିଲା ଓ କେତେବେଳେ ଫେରିଥିଲେ, ସେନେଇ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରିଛି। ମିଳିଥିବା ସୂଚନା ଆଧାରରେ ପ୍ରାୟ ୧୫ ଜଣଙ୍କୁ ଥାନାକୁ ଉଠାଇ ଆଣିଛି ପୁଲିସ। ଜଣଙ୍କ ପରେ ଜଣଙ୍କୁ କରି ସମସ୍ତଙ୍କୁ ପଚରାଉଚରା କରୁଛି। ସେମାନଙ୍କ କଥାରେ ତାଳମେଳ ରହୁନଥିବାରୁ ପୁଲିସର ସନ୍ଦେହ ଅଧିକ ଘନୀଭୂତ ହୋଇଛି। ସୂଚନାଯୋଗ୍ୟ ଯେ, ବଡ଼ଚଣାର ଶତ୍ରୁଘନ ବିରୁଆ ଭୋଳା ଅଞ୍ଚଳର ଜଣେ ଠିକାଦାରଙ୍କ ନିକଟରେ ରହି ଟେଣ୍ଟ କାମ କରୁଥିଲେ। ରବିବାର ଶତ୍ରୁଘନ ଓ ଜଣେ ସହକର୍ମୀ ସ୍କୁଟି ନେଇ ଭୋଳା ବଜାରକୁ ଯାଇଥିଲେ। ସହକର୍ମୀଙ୍କୁ ସେଲୁନରେ ଛାଡ଼ି ଶତ୍ରୁଘନ ଗୋଡ଼ିବାରି ଯାଇଥିଲେ। ହେଲେ ସେଦିନ ରାତିରେ ବସାକୁ ଫେରି ନଥିଲେ। ସୋମବାର ଦ୍ୱିପହର ସମୟରେ ପିତାପଲ୍ଲୀ - ଚନ୍ଦକା ରାସ୍ତାର ଗୋଡ଼ିବାରି ନିକଟରୁ ତାଙ୍କ ମୃତଦେହ ଠାବ ହୋଇଥିଲା।

# ସୁମିତ୍ରାଙ୍କୁ ଜନଜାଗୃତି ସାମ୍ବାଦିକା ସମ୍ମାନ



ଭୁବନେଶ୍ୱର, ୨୫।୧୧(ସମିସ) : ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ମଞ୍ଚସ୍ଥ ହୋଇଛି ନାଟକ 'ସୁନା କନିଆଁ'। ଏହାକୁ ବ୍ରହ୍ମପୁର ନାଟ୍ୟଶ୍ରୀର କଳାକାରମାନେ ପରିବେଷଣ କରିଥିବାବେଳେ ନିର୍ଦ୍ଦେଶନା ଦେଇଛନ୍ତି ସତ୍ୟବ୍ରତ ଦାସ ଏବଂ ଏହାର ନାଟ୍ୟ ରୂପାନ୍ତର କରିଛନ୍ତି ପଞ୍ଚାନନ ଦାଶ। ଏହି ସନ୍ଧ୍ୟାର ଅତିଥି ଭାବେ ମନୋରଞ୍ଜନ ପାଣିଗ୍ରାହୀ, ଦୁର୍ଗା ଚରଣ ସାହୁ, ପ୍ରଦୀପ ମିଶ୍ର, ନିବେଦିତା ଯେନା ଏବଂ ପାର୍ଥ ସାରଥୀ ମହାନ୍ତି ଉପସ୍ଥିତ ଥିଲେ। ଏହି ଅବସରରେ ପାଞ୍ଚଧ୍ୱନି ନାଟ୍ୟ ପରିଷଦର ସ୍ମରଣିକା ଉନ୍ମୋଚନ ହେବ ସହ ସକାଳର ସାମ୍ବାଦିକା ସୁମିତ୍ରା ସାହୁଙ୍କୁ ଜନଜାଗୃତି ସମ୍ବାଦିକା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏହାସହ ବିଭିନ୍ନ କ୍ଷେତ୍ରରେ ଲକ୍ଷ୍ମୀଧର ମହାପାତ୍ର, ସତ୍ୟବ୍ରତ ଦାସ, ମନୋଜ ପ୍ରଧାନ, ରଶ୍ମିରଞ୍ଜନ ସ୍ୱାଇଁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

## ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୧୧(ସମିସ):ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର ଏବଂ ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ କ୍ରିକେଟ ଷ୍ଟାଡିୟମ ଠାରେ ମଙ୍ଗଳବାର ଆୟୋଜିତ ୩- ଦିନିଆ ସପ୍ତମ ରାଜ୍ୟ ସ୍ତରୀୟ ଦୃଷ୍ଟିହୀନ ମହିଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଓ ସଶକ୍ତୀକରଣ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ରଜନୀ ଜାନୀ, ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ଶିଶୁ ଓ ମହିଳା ବିକାଶ ସମିତିର ଅଧକ୍ଷା ମେଜର୍ ଡ. କଳ୍ପନା ଦାସ, ଆନ୍ତର୍ଜାତିକ ଦୃଷ୍ଟିବାଧିତ କ୍ରିକେଟର ତଥା ଓଡ଼ିଶା ଦୃଷ୍ଟିହୀନ କ୍ରିକେଟ ସଂଘର ସଭାପତି ମହମ୍ମଦ ଜାଫର ଇକ୍‌ବାଲ ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା।

## ନବକୃଷ୍ଣ ଚୌଧୁରୀଙ୍କ ଜୟନ୍ତୀ ଅବସରରେ ସ୍ମାରକୀ ବକ୍ତୃତା

ଭୁବନେଶ୍ୱର, ୨୫।୧୧(ସମିସ): ସେହିଭଳି ଜୟକୀରଣ ଟ୍ରଷ୍ଟ ଓ ମାଳତୀ ଦେବୀ ନବକୃଷ୍ଣ ଚୌଧୁରୀ ଟ୍ରଷ୍ଟର ମିଳିତ ସହଯୋଗରେ ବୁଦ୍ଧ ମନ୍ଦିର ପରିସରରେ 'ଓଡ଼ିଆ ଭାଷା, ସଂସ୍କୃତି ଓ ଉତ୍କର୍ଷ ଓଡ଼ିଶା' ଶୀର୍ଷକ ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଳତୀ ଦେବୀ ନବକୃଷ୍ଣ ଚୌଧୁରୀ ଟ୍ରଷ୍ଟର ସଭାପତି ଡ. ତପନ କୁମାର ମହାନ୍ତିଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ପ୍ରବକ୍ତା,



ସାହିତ୍ୟକ, ଅଧ୍ୟାପକ ନଟବର ଶତପଥୀ ସ୍ମାରକୀ ବକ୍ତୃତା ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଜୟକିରଣ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୁମିତ୍ରା ଜେନା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏବଂ ସ୍ତମ୍ଭକାର ତଥା ଆଇନଜୀବୀ ପ୍ରହଲ୍ଲାଦ ସିଂ ସ୍ୱାଗତ ଭାଷଣରେ ନବକୃଷ୍ଣ ଚୌଧୁରୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ଅନିନ୍ଦିତା ଦାସ ଗାନ୍ଧି ଭଜନ ପରିବେଷଣ କରିଥିଲେ। ମାଳତୀ ଦେବୀ ନବକୃଷ୍ଣ ଚୌଧୁରୀ ଟ୍ରଷ୍ଟର ସମ୍ପାଦକ ଶିବରାମ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସଶକ୍ତ ଓଡ଼ିଶା ପକ୍ଷରୁ ପ୍ରଦ୍ୟୁମ୍ନ ପ୍ରତିଭା ଓ ପ୍ରୟୋଗଶାଳା ଉଦ୍‌ଘାଟିତ

ଭୁବନେଶ୍ୱର, ୨୫।୧୧(ସମିସ): 'ସଶକ୍ତ ଓଡ଼ିଶା' ପକ୍ଷରୁ ବରିଷ୍ଠ ସାମ୍ବାଦିକ, ବାଗ୍ମୀ ପ୍ରଦ୍ୟୁମ୍ନ ଶତପଥୀଙ୍କ ଜନ୍ମ ଦିବସ ଅବସରରେ ସିଆରପି କାର୍ଯ୍ୟାଳୟରେ ତିନିଦିନିଆ ପ୍ରଦ୍ୟୁମ୍ନ ପ୍ରତିଭା ଓ ପ୍ରୟୋଗଶାଳା ଶୁଭ ଉଦ୍‌ଘାଟିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବିଜୟ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ସାମ୍ବାଦିକା ତଥା ସମାଜସେବୀକା ରୀନା ମହାନ୍ତି, ବିଶ୍ୱଜିତ ମହାନ୍ତି, ଲୋକନାଥ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଅନିତା ପରିଚାଳନା କରିଥିଲେ।

### ରବି ରାୟଙ୍କ ଜନ୍ମ ଶତବାର୍ଷିକୀରେ ଦୁଇଦିନିଆ ରାଷ୍ଟ୍ରୀୟ ଆଲୋଚନାଚକ୍ର

# 'କର୍ପୋରେଟ୍ ଧନତନ୍ତ୍ର ଓ ଘୃଣା ରାଜନୀତି ଗଣତନ୍ତ୍ର ପାଇଁ ବିପଦ'




ଭୁବନେଶ୍ୱର, ୨୫।୧୧(ସମିସ): ବିଶିଷ୍ଟ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ମଙ୍ଗଳବାର ଲୋହିଆ ଏକାଡେମୀ ସଭାଗୃହରେ 'ଭାରତରେ ଗଣତନ୍ତ୍ରର ଭବିଷ୍ୟତ' ଶୀର୍ଷକ ଦୁଇଦିନିଆ ରାଷ୍ଟ୍ରୀୟ ଆଲୋଚନାଚକ୍ର ଆରମ୍ଭ ହୋଇଯାଇଛି। ଏହି ଆଲୋଚନାଚକ୍ରକୁ ଜେଏନୟୁର ପ୍ରାକ୍ତନ ପ୍ରଫେସର ଆନନ୍ଦ କୁମାର ଉଦ୍‌ଘାଟନ କରି କହିଛନ୍ତି ଯେ ରବି ରାୟଙ୍କ ବାଚସ୍ପତି କାର୍ଯ୍ୟକାଳ ଭାରତୀୟ ସଂସଦୀୟ ଗଣତନ୍ତ୍ରର ସୁବର୍ଣ୍ଣ ଯୁଗ ଥିଲା। ଜିରୋ ଆୱାର ଆରମ୍ଭ କରି ସେ ସାଧାରଣ ଲୋକଙ୍କ ସମସ୍ୟାକୁ ସଂସଦରେ ଉଠାଇବାର ସୁଯୋଗ ସୃଷ୍ଟି କରିଥିଲେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଆଜିର କର୍ପୋରେଟ୍ ଧନତନ୍ତ୍ର ଓ ଧାର୍ମିକ ଘୃଣା ରାଜନୀତି ଗଣତନ୍ତ୍ର ଓ ସମ୍ବିଧାନକୁ ବିପଦରେ ପକାଉଛି। ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ମନୋରଞ୍ଜନ ମହାନ୍ତି ଅଧକ୍ଷତା କରିଥିବା ଉଦଘାଟନୀ ଅଧିବେଶନରେ ଶତବାର୍ଷିକୀ ସମିତିର ରାଜ୍ୟ ଅଧକ୍ଷା କ୍ରିଷ୍ଣା ମହାନ୍ତି, ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଫେସର ବୀରେନ୍ଦ୍ର ନାୟକଙ୍କ ଲିଖିତ 'ରବି ରାୟ' ପୁସ୍ତକ ଲୋକାର୍ପିତ ହୋଇଛି। ପ୍ରଥମ ଦିନର ଅନ୍ୟ ଅଧିବେଶନଗୁଡ଼ିକରେ କଳ୍ପନା କାନ୍ନାବିରନା, ବ୍ରଜ କିଶୋର ତ୍ରିପାଠୀ, ପ୍ରଫୁଲ୍ଲ ସାମନ୍ତରା, ରବି ଦାସ, ନଳିନୀ ରଞ୍ଜନ ମହାନ୍ତି ଆଦି ବୁଦ୍ଧିଜୀବୀ ଯୋଗଦାନ କରି ସଂସଦୀୟ ଗଣତନ୍ତ୍ରର ସଙ୍କୋଚନ, ଜଗତୀକରଣର ପ୍ରଭାବ ଓ ଏକଛତ୍ରବାଦ-ଭ୍ରଷ୍ଟାଚାର ବିରୋଧରେ ଆଲୋଚନା କରିଛନ୍ତି। ବୁଧବାର ବୌଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଶତବାର୍ଷିକୀ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ ପ୍ରଫେସର ଜି. ହରଗୋପାଳ।

# ବିଭିନ୍ନ ଦାବି ନେଇ ଏସ୍‌ୟୁସିଆଇର ଗଣବିକ୍ଷୋଭ

ଭୁବନେଶ୍ୱର, ୨୫।୧୧(ସମିସ): ରାଜ୍ୟ ସଚିବାଳୟ ମାର୍ଗରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ବିଶାଳ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଛି। ରାଜ୍ୟର ସମସ୍ତ ଜିଲ୍ଲାରୁ ୨୫ ହଜାରରୁ ଅଧିକ ଚାଷୀ, ମୂଲିଆ, ମହିଳା, ଶ୍ରମିକ, କର୍ମଚାରୀ, ସ୍କିମ୍ ଶ୍ରମିକ, ଛାତ୍ର, ଯୁବକ, ବୁଦ୍ଧିଜୀବୀ ଓ ଗରୀବ ଆଦିବାସୀ ଆଦି ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ରାଜମହଲ ଛକଠାରୁ ଆରମ୍ଭ ହୋଇ ଦାବି ସମ୍ବଳିତ ପ୍ଲାକାର୍ଡ ସହ ଏକ ବିଶାଳ ପଟୁଆର ଧାରଣାସ୍ଥଳରେ ପହଞ୍ଚିଥିଲା। ନାରୀ ନିର୍ଯାତନା ବନ୍ଦ, ମାଦକ ଦ୍ରବ୍ୟ ତଥା ଅଶ୍ଳୀଳତା-ନଗ୍ନତାର ପ୍ରସାର ବନ୍ଦ, ଏସ୍.ଆଇ.ଆର୍ ବାତିଲ, ବନ୍ଦ ହୋଇଥିବା ସ୍କୁଲ ଖୋଲିବା, ବିଜୁଳି ସ୍ମାର୍ଟ ମିଟର ବସାଇବା ବନ୍ଦ ସହ, ଖାଲି ପଡ଼ିଥିବା ସମସ୍ତ ସରକାରୀ ପଦବୀ ପୁରଣ, ସ୍କିମ୍ ଶ୍ରମିକଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ଆଦିବାସୀ ତଥା ବସ୍ତିବାସିନ୍ଦାକୁ ଉଚ୍ଛେଦ ବନ୍ଦ ଆଦି ଦାବି ସଂଘ ପକ୍ଷରୁ ଉପସ୍ଥାପନା କରିଥିଲା। ସ୍ୱର୍ଣ୍ଣପ୍ରଭା ନାୟକଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମେ ବକ୍ତବ୍ୟ ରଖିଥିଲେ ଦଳର ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଦସ୍ୟ ଶଙ୍କର ଦାଶଗୁପ୍ତ। ରାଜ୍ୟର ସବୁ




ଅଂଶର ଜନତାଙ୍କ ସ୍ଥିତି କିପରି ଅତ୍ୟନ୍ତ ଉଦ୍‌ବେଗଜନକ ଏବଂ ବିଶେଷକରି ନାରୀ ଓ ଶିଶୁକନ୍ୟାଙ୍କ ଅବସ୍ଥା କିପରି ଚିନ୍ତାଜନକ ସେସମ୍ପର୍କରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ କମିଟି ସଦସ୍ୟ ଦ୍ୱାରିକାନାଥ ରଥ, ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିଷ୍ଣୁ ଦାସ, ସଦାଶିବ ଦାସ, ଅଶୋକ ମିଶ୍ର, ରାଜ୍ୟ କମିଟି ସଦସ୍ୟ ଜୟସେନ୍ ମେହେର ପ୍ରମୁଖ ବକ୍ତବ୍ୟ ରଖି ଭିନ୍ନ ଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ବିକ୍ଷୋଭକାରୀଙ୍କ ପକ୍ଷରୁ ୫ ଜଣିଆ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ୧୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରି ସାକ୍ଷାତ ଆଲୋଚନା କରିଥିଲେ।

### ବିନା ଥଇଥାନରେ ଉଠାଦୋକାନୀଙ୍କୁ ଉଚ୍ଛେଦ ନୋଟିସ

# ଗୁହାରି କଲେ ବି ଶୁଣୁନି ଜିଲ୍ଲା ପ୍ରଶାସନ

■ ରୋଜଗାର ହରାଇବେ ୧୦୦ରୁ ଊର୍ଦ୍ଧ୍ୱ ଦୋକାନୀ
■ ଥଇଥାନ ପାଇଁ ଜିଲ୍ଲା ପ୍ରଶାସନକୁ ନିବେଦନ

ରାଇରଙ୍ଗପୁର, ୨୫।୧୧(ସମିସ): ରାଇରଙ୍ଗପୁର ସହରରେ ବିଭିନ୍ନ ନିର୍ମାଣ କାର୍ଯ୍ୟ ପାଇଁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ବିନା ଥଇଥାନରେ ଉଚ୍ଛେଦ କରିବା ନିଷ୍ପତ୍ତିକୁ ଉଠାଦୋକାନୀମାନେ ନାପସନ୍ଦ କରିଛନ୍ତି। ରାଇରଙ୍ଗପୁର ପୌରପାଳିକା ଅନ୍ତର୍ଗତ ଇଟିଣ୍ଡା ମୌଜାରେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ୧୦୦ରୁ ଊର୍ଦ୍ଧ୍ୱ ଦୋକାନ ରହିଛି। ଉକ୍ତ ସ୍ଥାନରେ ଦୋକାନୀମାନେଦୀର୍ଘବର୍ଷ ହେବ ଜବରଦଖଲ କରି ବେପାର କରୁଛନ୍ତି। ଏବେ ପ୍ରଶାସନ ପକ୍ଷରୁ ରାଇରଙ୍ଗପୁର ସହର ଟ୍ରାଫିକ ସମସ୍ୟା ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ଜବରଦଖଲ ଉଚ୍ଛେଦ ନେଇ ନିଷ୍ପତ୍ତି ହୋଇଛି। ଫଳରେ ଉକ୍ତ ଦୋକାନୀଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନୋଟିସ କରାଯାଇଛି; କିନ୍ତୁ ସେମାନଙ୍କୁ ଅନ୍ୟତ୍ର ଥଇଥାନ ନିମନ୍ତେ କୌଣସି ବ୍ୟବସ୍ଥା କରାଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଦୋକାନୀଙ୍କ ରୋଜଗାରକୁ ପ୍ରଭାବିତ ନ କରିବା ପାଇଁ ଉଚ୍ଛେଦ କରିବା ପୂର୍ବରୁ ପ୍ରଥମେ ଥଇଥାନ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି ନେଇଛନ୍ତି; କିନ୍ତୁ ଏଠାରେ ତାହାକୁ ପାଳନ ନକରି ଉଚ୍ଛେଦ କରିବାକୁ ବାରମ୍ବାର ନୋଟିସ କରାଯାଉଛି ବୋଲି ଦୋକାନୀମାନେ କହିଛନ୍ତି। ଗତ ଅକ୍ଟୋବର ୨୮ ତାରିଖରେ ୧୦୦ରୁ ଊର୍ଦ୍ଧ୍ୱ ଦୋକାନୀଙ୍କୁ ଆଗାମୀ ୧୫ ଦିନରେ ଜବରଦଖଲ ଉଚ୍ଛେଦ କରିବା ନିମନ୍ତେ ତହସିଲ ପକ୍ଷରୁ ନୋଟିସ ହୋଇଥିଲା। ଯାହାକୁ ନେଇ ସମସ୍ତ ଦୋକାନୀ ଗତ ୧୯ ତାରିଖରେ ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନଙ୍କୁ ଭେଟିଥିଲେ। ବିନା ଥାଇଥାନରେ ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରି ସମସ୍ୟା ବାବଦରେ ମଧ ଜଣାଇଥିଲେ। ଉଚ୍ଛେଦ ପ୍ରମାଣ ପତ୍ର ପ୍ରଦାନ କରାଯିବ ସହ ପ୍ରଥମେ ଥଇଥାନ କରାଯିବ ବୋଲି ଉପଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପୁଣି ଉଚ୍ଛେଦ ପାଇଁ ୨୧ ତାରିଖରେ ଅନ୍ୟ ଏକ ନୋଟିସ ହୋଇଛି। ଆଗାମୀ ୧୫ଦିନ ମଧ୍ୟରେ ଉଚ୍ଛେଦ କରିବାକୁ କୁହାଯାଇଛି। ପୁଣି ଉପ ଜିଲ୍ଲାପାଳଙ୍କୁ ଦୋକାନୀମାନେ ଭେଟି ସମସ୍ୟା ବାବଦ ଜଣାଇଥିଲେ। ପୁନଶ୍ଚ ଉପ ଜିଲ୍ଲାପାଳ ଥଇଥାନ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିନ୍ତୁ ବାରମ୍ବାର ପ୍ରତିଶ୍ରୁତି ଦେଉଥିଲେ ସୁଦ୍ଧା ଥଇଥାନ କରିବା ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ନୋଟିସ ମିଳିବାର ୬ଦିନ ବିତି ଯାଇଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ତେଣୁ ଦୋକାନୀଙ୍କ ମଧ୍ୟରେ ଛନ୍‌କା ପଶିଲାଣି। ଦୋକାନ ଉଚ୍ଛେଦ ହେଲେ ଦୋକାନୀ ରୋଜଗାର ହରାଇବେ। ତେଣୁ ପ୍ରଶାସନ ପକ୍ଷରୁ ପ୍ରଥମେ ତାଙ୍କୁ ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବା ପରେ ଦୋକାନ ଉଚ୍ଛେଦ କରନ୍ତୁ ବୋଲି ନିବେଦନ କରିଛନ୍ତି ସମସ୍ତ ଦୋକାନୀ।

## ଖସୁଛି ପାରଦ; କୁହୁଡିରେ ଜନଜୀବନ ଅସ୍ତବ୍ୟସ୍ତ



ରାଇରଙ୍ଗପୁର, ୨୫।୧୧(ସମିସ): ପାରଦ ନିମ୍ନଗାମୀ ହେବା ସହ ରାଇରଙ୍ଗପୁରରେ ହାଡ଼ ଭଙ୍ଗା ଶୀତ ଅନୁଭୂତ ହେଉଛି। ଯାହାକୁ ନେଇ ଗତ ୨/୩ଦିନ ହେବ ସକାଳ ଓ ରାତିରେ କୁହୁଡି ମାତ୍ରା ଅତ୍ୟଧିକ ବୃଦ୍ଧି ପାଇଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହେଲାଣି। ସହର ସାରା କୁହୁଡିରେ ଆଚ୍ଛାଦିତ ହୋଇଯାଉଛି। ପ୍ରବଳ ଶୀତ ଅନୁଭବ ସହ ଘନ କୁହୁଡି ପରିଲକ୍ଷିତ ନେଇ ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ସୂଚନା ଦିଆଯାଇଛି। ରାଇରଙ୍ଗପୁର ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ପାଖାପାଖି ପହଞ୍ଚିଛି। ଶୀତରୁ ରକ୍ଷା ପାଇବା ପାଇଁ ଲୋକେ ଘଣ୍ଟା ଘଣ୍ଟା ଧରି ନିଆଁ ଜାଳି ବସି ରହୁଛନ୍ତି। ପ୍ରବଳ ଶୀତ ଯୋଗୁଁ ରାସ୍ତାଘାଟ, ବଜାର ଆଦି ଜନଶୂନ୍ୟ ହୋଇପଡ଼ିଛି। ସକାଳୁ ଅନେକ ସମୟ ପର୍ଯ୍ୟନ୍ତ ଘନ କୁହୁଡି ପରିଲକ୍ଷିତ ହୋଇଥିଲା। ବହୁସମୟ ଧରି ଘନକୁହୁଡ଼ି ବଳୟ ରହିବା ଯୋଗୁଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। କୁହୁଡ଼ି ଯୋଗୁଁ ରାସ୍ତାଘାଟ ଦୃଶ୍ୟମାନ ନ ହେଉଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାତଃ ଭ୍ରମଣରେ ଯାଉଥିବା ଲୋକେ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି।

## ବାଇକ୍ ଧକ୍କାରେ ସାଇକଲ ଆରୋହୀ ମୃତ

ରାଇରଙ୍ଗପୁର, ୨୫।୧୧(ସମିସ): ଜାମଦା ଥାନା ଅଞ୍ଚଳରେ ଦ୍ରୁତଗାମୀ ବାଇକ ଧକ୍କାରେ ଜଣେ ସାଇକଲ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ କୁଦାହାଁସଦା ଗ୍ରାମର ହରିଶ ଚନ୍ଦ୍ର ନାୟକ(୫୦)। ସେ ଗ୍ରାମ୍ୟ ରାସ୍ତାରେ ସାଇକଲରେ ଘରକୁ ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ହରୀଶ ଗୁରୁତର ହେବାସହିତ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜାମଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଭିଯୋଗକ୍ରମେ ଜାମଦା ଥାନାରେ ଏକ ମାମଲା ରୁଜୁ କରି ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ଏଟିଏମ୍ ଅଚଳ; ଗ୍ରାହକ ହନ୍ତସନ୍ତ

କୁଆମରା, ୨୫।୧୧(ସମିସ): ଗତ ତିନି ସପ୍ତାହ ହେଲା କୁଆମରାରେ ଥିବା ଷ୍ଟେଟବ୍ୟାଙ୍କର ଏଟିଏମ କାଉଣ୍ଟର ଅଚଳ ହୋଇପଡ଼ିଥିବାରୁ ଗ୍ରାହକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷ ତମାମ ବ୍ୟାଙ୍କ ଗୁଡ଼ିକ ଭିଡ ରହୁଥିବାରୁ ଲୋକେ ଏଟିଏମ୍ ଉପରେ ନିର୍ଭର କରି ବହୁ ଦୂରଦୂରାନ୍ତରୁ ଆସି ନିରାଶରେ ଫେରୁଛନ୍ତି। ଧାନକଟା ସମୟରେ ବିଶେଷ କରି ସମୟ ଅଭାବକୁ ଲୋକେ ବ୍ୟାଙ୍କ ସମ୍ମୁଖରେ ଧାଡ଼ିରେ ଦୁଇ ତିନି ଘଣ୍ଟା ଛିଡା ହୋଇ ସମୟ ନଷ୍ଟ କରିବା ଅତ୍ୟନ୍ତ ଯନ୍ତ୍ରଣା ଦାୟକ। ତେବେ ଉକ୍ତ ଏଟିଏମ୍ ବର୍ଷର ଅଧିକାଂଶ ସମୟରେ ଅଚଳ ହୋଇ ପଡ଼ି ରହୁଥିଲେ ମଧ୍ୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ଏଟିଏମ୍ କାର୍ଡ ବାବଦକୁ ବ୍ୟାଙ୍କରେ ଚାର୍ଜ ଦେବାକୁ ପଡୁଥିବା ବେଳେ ସେବା ଉପଲବ୍ଧ ହେଉନାହିଁ। ଉକ୍ତ ଏଟିଏମ୍ ଉପରେ ଆରପଟା, କୁଆମରା, ପୁରୁଣା ବାରିପଦା, ସାଇଁକୁଳା, ଜୟପୁର ଆଦି ଅଞ୍ଚଳବାସୀ ନିର୍ଭର କରନ୍ତି। ଅନ୍ୟପଟେ ଅଧିକାଂଶ ସମୟରେ ବ୍ୟାଙ୍କରେ ଲିଙ୍କ ଫେଲ ରହୁଥିବାରୁ ଗ୍ରାହକ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା

କୁଆମରା, ୨୫।୧୧(ସମିସ): ଗୋପବନ୍ଧୁ ନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାକୁ ରିଜିଓନାଲ ଏକାଡେମୀର ଖେଳ ଶିକ୍ଷକ ବଳରାମ ପ୍ରଧାନ ଉଦଘାଟନ କରିଥିଲେ। ପ୍ରଧାନ ଗୁରୁଜୀ ରମେଶ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସ୍ୱତନ୍ତ୍ର ବର୍ଗ, ଶିଶୁ ବର୍ଗ ଓ ବାଲ ବର୍ଗର ଦୁଇ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାକୁ ବିଦ୍ୟାଳୟର ବରିଷ୍ଠ ଗୁରୁମା ଶୁଭଶ୍ରୀ ଦାସ ପରିଚାଳନା କରିଥିବା ବେଳେ ସମସ୍ତ ଗୁରୁଜୀ ଓ ଗୁରୁମା ମାନେ ସହଯୋଗ କରିଥିଲେ। ଚଳିତ ବର୍ଷ ବାର୍ଷିକ କ୍ରୀଡ଼ାର ତିନୋଟି ବର୍ଗୁ ଜୟଶ୍ରୀ ସିଂ, କିର୍ତ୍ତୀରାଜ ଜେନା, ତନ୍ମୟ ସିଂ, ପ୍ରକାଶ ଚୈଧୁରୀ ଓ ଲିପସିତା ଚୌଧୁରୀ ଚାମ୍ପିଅନ ହୋଇଛନ୍ତି। ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଶାନ୍ତ ପରିଡ଼ା, ସମ୍ପାଦକ ମନମୋହନ ମହାପାତ୍ର, କୋଷାଧ୍ୟକ୍ଷ ଉଜ୍ଜ୍ୱଳ କୁମାର ସେନ ଓ ପୂର୍ବତନ ସମ୍ପାଦକ କୁଳମଣି ବେହେରା ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।

## ମେର୍ଦା ଉପକଣ୍ଠରେ ମାଙ୍କଡ଼ ପଲଙ୍କ ଉପଦ୍ରବ

ବୈଶିଙ୍ଗା, ୨୫।୧୧(ସମିସ): ବେତନଟୀ ବନାଞ୍ଚଳ ଅନ୍ତର୍ଗତ ମେର୍ଦା ଉପକଣ୍ଠ ବିଭିନ୍ନ ଗାଁ ରେ ମାଙ୍କଡ ପଲ ଦଳଦଳ ହୋଇ ଉପଦ୍ରବ ଚଳାଇଛନ୍ତି।"ବେତନଟୀ ବ୍ଲକର ମେର୍ଦା ଉପକଣ୍ଠ ପୋଇଶିଳା, ସରଡିହ, ଉଣାପୁରା, ବେଣାପୁରା, ଦୁର୍ଗାପୁର ଓ ସିଙ୍ଗାରପୁରା ଆଦି ଗାଁରେ ମାଙ୍କଡ ପଲ ଉପଦ୍ରବ ଚଳାଇଛନ୍ତି। ଧାନ ସମେତ ବାଡ଼ିରେ ଅମୃତଭଣ୍ଡା, କଦଳୀ ଠାରୁ ଆରମ୍ଭ କରି କୋବି,



ବାଇଗଣ, ଭେଣ୍ଡି, କୁନ୍ଦୁରି ପ୍ରଭୃତି ରବି ଫସଲ କ୍ଷେତରେ ପଶି ସବୁ ଖାଇଯିବା ସହିତ ଫସଲ ଖିନଭିନ କରି ଦେଉଛନ୍ତି ମାଙ୍କଡ ପଲ। ନୂଆ ନୂଆ ଅମଳ ସମୟରେ ସବୁ ଫସଲ ମାଙ୍କଡ ଦ୍?ାରା ନଷ୍ଟ ହେଉଥିବାରୁ ଚିନ୍ତାରେ ପ?ିଛନ୍ତି ଚାଷୀ। ଏନେଇ ମେର୍ଦା ଅଞ୍ଚଳର ଚାଷୀ ମାନେ, ଗଂଜାମ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିବେ ବୋଲି କହିଛନ୍ତି କ୍ଷ"ତେବେ ବନବିଭାଗର କୌଣସି ଅଧିକାରୀ ଏବଂ ବନ କର୍ମଚାରୀ ମାନେ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରୁନାହାନ୍ତି। ତେବେ ଏନେଇ ଅଭିଯୋଗ ଆସିଲେ କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ବେତନଟୀ ଡେପୁଟି ରେଞ୍ଜର ଧୃବେନ୍ଦ୍ରନାଥ ନାୟକ।

## ଜିଲ୍ଲାସ୍ତରୀୟ ସର୍ଗିଫୁଲ ଓ ବିଜ୍ଞାନ ମେଳା



ବାରିପଦା, ୨୫ ।୧୧(ସମିସ): ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ସର୍ଗିଫୁଲ, ବିଜ୍ଞାନ ମେଳା ଓ ଭଲି ବଲ ପ୍ରତିଯୋଗିତା ଜିଲ୍ଲା ମଙ୍ଗଳାଧିକାରୀ ଗୁରୁଚରଣ ମଲ୍ଲିକଙ୍କ ସଭାପତିତତ୍ୱର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ପ୍ରଣୟରଞ୍ଜନ ବେହେରା, ପ୍ରକଳ୍ପ ପ୍ରଶାସକ, ସମ୍ମାନିତ ଅତିଥିଭାବେ ବାରିପଦା ବିଡିଓ ଦେବେନ୍ଦ୍ର କୁମାର ବଳ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ କୁମାର ସେଠୀ, ଅଜୟ କୁମାର ଜେନା, ଜ୍ଞାନେନ୍ଦ୍ର ସାମଲ, ଆଲୋକ କୁମାର ମାଝୀ, ସ୍ମୃତିଲିପି ମହାନ୍ତି, ଖଡ଼ିଆ-ମାଙ୍କଡିଆ ପ୍ରକଳ୍ପ, ଯଶିପୁରର ସ୍ୱତନ୍ତ୍ର ଅଧିକାରୀ ହେମାଙ୍ଗିନୀ ଅଗସ୍ତି ତଥା ପ୍ରଧାନଶିକ୍ଷକ ହେମନ୍ତ କୁମାର କର ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି ଦିବସ ବ୍ୟାପି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ୪ଟି ଉପଖଣ୍ଡରେ ଆୟୋଜିତ ହୋଇଥିବା ଉପଖଣ୍ଡସ୍ତରୀୟ ସର୍ଗିଫୁଲରେ ୨୪୦ ଜଣ ବିଜୟୀ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ସୃଜନାତ୍ମକ ଲିଖନ, ବାଗ୍ମୀତା, ସଙ୍ଗୀତ, କୁଇଜ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ, ଏକକ ତଥା ଦଳଗତ ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଜିଲ୍ଲାର ସମସ୍ତ ବିଭାଗୀୟ ଉଚ୍ଚ ବିଦ୍ୟାଳୟର ୫୫ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକମାନଙ୍କର ମାର୍ଗଦର୍ଶନରେ କୁନି କୁନି ବୈଜ୍ଞାନିକମାନେ ନିଜର ପ୍ରକଳ୍ପରେ 'କୃତ୍ରିମ ବୁଦ୍ଧିମତ୍ତା'କୁ ଉପଯୋଗ କରି ବିଜ୍ଞାନମନସ୍କତା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସଭାପତି ଭାବେ ଗୁରୁଚରଣ ମଲ୍ଲିକ, ଜିଲ୍ଲା ମଙ୍ଗଳ ଅଧିକାରୀ, ମୁଖ୍ୟଅତିଥି ବିଧାୟକ ଜଲେନ ନାଏକ, ସ୍ୱତନ୍ତ୍ର ସମ୍ମାନିତ ଅତିଥିଭାବେ ବିଧାୟକ ଭାଦବ ହାଁସଦା, ସମ୍ମାନିତ ଅତିଥିଭାବେ ଉପଜିଲ୍ଲାପାଳ ଦୟାସିନ୍ଧୁ ପରିଡ଼ା ପ୍ରମୁଖ ମଞ୍ଚାସୀନ ହୋଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେବା ସହିତ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ଲାଭ କରିଥିବା କୃତୀ ପ୍ରତିଯୋଗୀ ରାଜ୍ୟସ୍ତରୀୟ ସର୍ଗିଫୁଲରେ ଅଂଶଗ୍ରହଣ କରିବେ।

## ନୂତନ ପଞ୍ଚାୟତ ଗଠନ ପାଇଁ ବିଡିଓଙ୍କୁ ଦାବିପତ୍ର



ମୋରଡ଼ା, ୨୫।୧୧(ସମିସ): ମୋରଡ଼ା ବ୍ଲକର ସବୁଠାରୁ ବଡ଼ ପଞ୍ଚାୟତ ହେଉଛି ଭାଲିଆଡ଼ିହା। ତେଣୁ ଏହି ପଞ୍ଚାୟତର ଲୋକେ ନୂତନ ପଞ୍ଚାୟତ ଗଠନ ପାଇଁ ସୋମବାର ବିଡ଼ିଓ ଅଣାକାର ନାୟକଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଭୌଗୋଳିକ ପରିସୀମା ଦୃଷ୍ଟିରୁ ବ୍ଲକର ସର୍ବବୃହତ ଗ୍ରାମପଞ୍ଚାୟତ ହୋଇଥିବାବେଳେ ୨୧ଟି ୱାର୍ଡକୁ ନେଇ ଗଠିତ। ତେବେ ୧୧ଟି ୱାର୍ଡ ଯେପରିକି ସାଳକଟା, ଡାକୋଇ ଅମଳନାମା, ଡାକୋଇ, କଲରାଫୁଲିଆ, ଇଦରପୁରାଣସାହି, ଇଦରମାଝିସାହି, ପଚାଖାଲି, କଦମଶୋଳ, କିଶାନତାଣ୍ଡି, ତାଡ଼କି, ସୁନାହଜା ଆଦି ରାଜସ୍ୱ ଗ୍ରାମକୁ ନେଇ ନୂତନ ଗ୍ରାମପଞ୍ଚାୟତ ଗଠନ ପାଇଁ ଦାବିପତ୍ର ଉଲ୍ଲେଖ ରହିଛି। ଏହି ୧୧ଟି ୱାର୍ଡକୁ ନେଇ ନୂତନ ପଞ୍ଚାୟତ ଗଠନ ହେଲେ ଜନସାଧାରଣ ସୁଶାସନ ପାଇପାରିବା ସହ ସରକାରଙ୍କ ଜନହିତକର କାର୍ଯ୍ୟ ତୃଣମୂଳ ସ୍ତରକୁ ପହଞ୍ଚିପାରିବ। ତେବେ ଉକ୍ତ ୧୧ଟି ଗ୍ରାମର ଜନସଂଖ୍ୟା ପ୍ରାୟତଃ ୭ ହଜାରରୁ ଅଧିକ। ଏହିସବୁ ଗ୍ରାମର ଲୋକେ ଭାଲିଆଡ଼ିହା ଗ୍ରାମପଞ୍ଚାୟତକୁ ୫ରୁ ୮ କିମି ଯାଉଥିବାରୁ ବହୁ ଅସୁବିଧାର ସମୁଖୀନ ହେଉଛନ୍ତି। ବିଶେଷ କରି ଖରା ଦିନରେ ବୟସ୍କ ବ୍ୟକ୍ତି ଭତ୍ତା ଓ ଅନ୍ୟାନ କାର୍ଯ୍ୟରେ ଯାଇ ଅଂଶୁଘାତର ଶିକାର ହେଉଛନ୍ତି। ତେଣୁ ସରକାର ବିଚାର କରି ନୂତନ ଗ୍ରାମ ପଞ୍ଚାୟତ ଗଠନ ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି।

## ଏମ୍‌ପିସି ବିଦ୍ୟାଳୟରେ ଶକ୍ତି ସଂରକ୍ଷଣ କୁଇଜ




ବେତନଟୀ, ୨୫।୧୧(ସମିସ): ଜାତୀୟ ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ବେତନଟୀ ମହାରାଜା ପ୍ରତାପଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ଓ ସଚେତନତା କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ଅର୍ଜୁନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୪ଟି ବିଦ୍ୟାଳୟର ୧୦୬ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଶକ୍ତି ସଂରକ୍ଷଣ କୁଇଜ ପ୍ରତି ଯୋଗୀତାରେ ବିଜୟୀ ହୋଇ ପ୍ରଥମ, ଦ୍ୱିତୀୟ ତଥା ତୃତୀୟ ସ୍ଥାନ ଅଧିକାର ଥିବା ଛାତ୍ରଛାତ୍ରୀ ଯଥା କ୍ରମେ ନମନ ପ୍ରଧାନଙ୍କୁ ଆଠ ଶହଟଙ୍କା, ଅସିତ ରାଉତ ସାତ ଶହ, ବନ୍ଦିତ କୁମାର ସାହୁଙ୍କୁ ପାଞ୍ଚ ଶହ ଟଙ୍କା ସହିତ ପ୍ରମାଣପତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିରେ ଇକୋ କ୍ଲବର ଭାରପ୍ରାପ୍ତ ଶିକ୍ଷକ ହେମନ୍ତ କୁମାର ଦାସ, ଏନ ସି ସି ଅଫିସର ପ୍ରକାଶ କୁମାର ଗିରି, ଶିକ୍ଷୟିତ୍ରୀ ଇତିଶୀ ମନ୍ତ୍ରୀ, ଶିକ୍ଷକ ନିରୋଜ କୁମାର ମହାନ୍ତ, ଶକ୍ତି କ୍ଲବର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ସୁବୋଧ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅହେତୁକ ବିଳମ୍ବ

ବେତନଟୀ, ୨୫।୧୧(ସମିସ): ତୃତୀୟ ଓ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା କରାଇବାରେ ଅହେତୁକ ବିଳମ୍ବ ନେଇ ବିଭିନ୍ନ ସମ୍ବାଦପତ୍ରରେ ପ୍ରତିକ୍ରିୟା ପ୍ରକାଶ ପାଇଚାଲିଛି। ପଞ୍ଚମଶ୍ରେଣୀ ପରୀକ୍ଷା ପରିଚାଳନା କରୁଥିବା କଟକ ଓଡ଼ିଶା ମାଧ୍ୟମିକ ଶିକ୍ଷାବୋର୍ଡ ଏବଂ ୩ୟ ଶ୍ରେଣୀବୃତ୍ତି ପରୀକ୍ଷା କରାଇବା ଦାୟିତ୍ୱରେ ଥିବା ଜିଲ୍ଲା ଶିକ୍ଷା ମଣ୍ଡଳାଧୀଶଗଣଙ୍କ ଏଥିପ୍ରତି ଭ୍ରୂକ୍ଷେପ ନାହିଁ। ଫଳରେ ନିରୀହ ଅଭିଭାବକ ଓ କୋମଳମତି ଛାତ୍ରଛାତ୍ରୀ ଚିନ୍ତାରେ ରହନ୍ତି। ବହୁ ବିଳମ୍ବରେ ସେପ୍ଟେମ୍ବର ମାସ ସୁଦ୍ଧା ଗତ ଶିକ୍ଷାବର୍ଷର ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାଟି ସମ୍ପନ୍ନ ହୋଇଛି; ହେଲେ ଅଧିକାଂଶ ବ୍ଲକରେ ଏହାର ଫଳାଫଳ ଏ ଯାବତ୍ ପ୍ରକାଶ ପାଇନାହିଁ। ଏଣେ ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷା କେବେ ହେବ ଏ ନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଜଣାନାହିଁ। ଚଳିତ ଶିକ୍ଷାବର୍ଷର ଅଧାପାଠ୍ୟକ୍ରମ ଶେଷକରି ୨ୟ ଆସେସମେଣ୍ଟ ପରୀକ୍ଷାଦେଇ ସାରିଥିବା ମେଧାବୀ ଛାତ୍ରଛାତ୍ରୀ ଗତବର୍ଷର ପାଠପଢ଼ି ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଦେବେ। ଏହା କେଉଁ ନ୍ୟାୟର ବିଷୟ। ଏହାର ସମାଧାନ କରି ଅବିଳମ୍ବେ ଉକ୍ତ ପରୀକ୍ଷା କରାଯିବାକୁ ନିମ୍ନ ମାଧ୍ୟମିକ ଶିକ୍ଷକନେତା ସଚ୍ଚିଦାନନ୍ଦ ମହାନ୍ତି ଦାବି କରିଛନ୍ତି।

## ନାବାଳକଙ୍କ ଆତ୍ମହତ୍ୟା

ବୈଶିଙ୍ଗା, ୨୫।୧୧(ସମିସ): ବୈଶିଙ୍ଗା ଥାନା ଅଧୀନ ଟିକାୟତପୁର ଗ୍ରାମରେ ଜଣେ ନାବାଳକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଉଛି ଅବିନାଶ ସିଂ। ସେ ବୈଶିଙ୍ଗା ଥାନା ଅଧୀନ ଟିକାୟତପୁରସ୍ଥିତ ଝିଲ୍ଲୀବଣି ଗ୍ରାମରେ ଥିବା ନିଜର ଅଜା ଘରେ ରହିଆସୁଥିଲା। ଦୀର୍ଘ ଦିନ ହେବ ପାଠ ପଢ଼ା ଛାଡିବା ପରେ ଏଣେ ତେଣେ ଦିନ ମଜୁରିଆ ଭାବେ କାମ କରୁଥିଲା। ହେଲେ ସକାଳେ ଅଜା ଗୁରୁହା ସିଂ ଘରୁ ବାହାରି ଦେଖିବା ବେଳକୁ ବରକୋଳି ଗଛରେ ବେକରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିବାର ଦେଖିବାକୁ ପାଇଥିଲେ

### ଉପଖଣ୍ଡ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

# ନାହାନ୍ତି ସର୍ଜରୀ ଓ ନିଶ୍ଚେତକ ଡାକ୍ତର; ଓଟି ବନ୍ଦ

**୫୦ ପ୍ରତିଶତ କର୍ମଚାରୀରେ ଚାଲିଛି ସେବା**



ରାଇରଙ୍ଗପୁର, ୨୫।୧୧(ସମିସ): ଆଦିବାସୀ ବହୁଳ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲର ସ୍ୱାସ୍ଥ୍ୟସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହି ହସ୍ପିଟାଲ ଉପରେ ବାମନଘାଟି, ପାଞ୍ଚପିଡ଼ ଉପଖଣ୍ଡ ସମେତ ଝାରଖଣ୍ଡ ଅଞ୍ଚଳବାସୀ ନିର୍ଭର କରନ୍ତି। ଡାକ୍ତରଖାନାରେ ଡାକ୍ତର ଓ କର୍ମଚାରୀ ଅଭାବ ଯୋଗୁଁ ସେବା ବିପର୍ଯ୍ୟସ୍ତ ହେବା ସହିତ ଆବଶ୍ୟକଠାରୁ ୫୦ ପ୍ରତିଶତ କମ ରହିଛନ୍ତି ଡାକ୍ତର। ଅସ୍ତ୍ରୋପଚାର ସେବା ଯୋଗାଇବାରେ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ବିଫଳ। ସେହିପରି ସର୍ଜରୀ ଓ ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ପଦ ଖାଲି ରହିଛି; ଯାହାକୁ ନେଇ ରୋଗୀ ବାଧ୍ୟହୋଇ ବାରିପଦା ପିଆରଏମ କିମ୍ବା ଟାଟା ହସ୍ପିଟାଲ ଉପରେ ନିର୍ଭର କରୁଛନ୍ତି। ହସ୍ପିଟାଲରେ ସିନିୟର ମେଡ଼ିସିନ ସ୍ପେଶାଲିଷ୍ଟ ୨ଜଣ ଆବଶ୍ୟକତା ଥିବାବେଳେ ଜଣେ ରହିଛନ୍ତି। ସେହିପରି ସ୍ୱତନ୍ତ୍ର ଶିଶୁ ଚିକିତ୍ସା ସ୍ପେସାଲିଷ୍ଟ ୩ଜଣଙ୍କ ସ୍ଥାନରେ ଜଣେ ଅଛନ୍ତି। ସିନିୟର ସର୍ଜରୀ ସ୍ପେସାଲିଷ୍ଟ, ନିଶ୍ଚେତକ ବିଶେଷଜ୍ଞ, ନିଦାନ (ପାଥୋଲଜି) ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞ ଓ ଇଏନଟି ବିଶେଷଜ୍ଞ କେହି ବି ନାହାନ୍ତି। ଫଳରେ ରୋଗୀ ନାନା ହୀନସ୍ତା ହେଉଛନ୍ତି। ସେହିପରି ଷ୍ଟାଫ ନର୍ସ ୧୧୨ ଜଣ ସ୍ଥାନରେ ୨୪, ଏଏନଏମ ୫ଜଣ ସ୍ଥାନରେ ୫, ଫାର୍ମାସିଷ୍ଟ ୯ଜଣ ସ୍ଥାନରେ ୪, ଲ୍ୟାବରୋଟୋରି ଟେକନିସିଆନ ୬ଜଣ ଓ ଆଟେଣ୍ଡାଣ୍ଟ ୧୨ଜଣ ସ୍ଥାନରେ ୮ ଜଣ ରହିଛନ୍ତି। ନିଶ୍ଚେତକ ଡାକ୍ତର ନଥିବା ବେଳେ ପୂର୍ବରୁ ଥିବା ଏକମାତ୍ର ସର୍ଜରୀ ଡାକ୍ତର ଦେବେନ୍ଦ୍ର ନାଥ ଟୁଡୁ ପିଆରଏମ ହସ୍ପିଟାଲକୁ ଡେପୁଟେସନରେ ଆସିବା ପରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଆଉ ସର୍ଜରୀ ଡାକ୍ତର ନାହାନ୍ତି। ଫଳରେ ସର୍ଜରୀ ଓ ନିଶ୍ଚେତକ ଅସ୍ତ୍ରୋପଚାର ହୋଇନପାରି ଓଟି ବନ୍ଦ ହୋଇରହିଛି। ଆପତକାଳୀନ ଅସ୍ତ୍ରୋପଚାର ଓ ଡାଇଲିସିସ୍ ନିମନ୍ତେ ଅନ୍ୟ ହସ୍ପିଟାଲକୁ ନିର୍ଭର କରିବାକୁ ପଡୁଛି। ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ରୋଗୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ରାଜ୍ୟ ସରକାର ନୂତନ ଏମବିବିଏସ ଡାକ୍ତର ନିଯୁକ୍ତି ପତ୍ର ଦେଇଥିବା ବେଳେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ସେମାନଙ୍କ ଦେଖାମିଳୁନାହିଁ। ଏ ନେଇ ସ୍ୱାସ୍ଥ୍ୟ ବିଭାଗକୁ କର୍ତ୍ତୃପକ୍ଷ ଜଣାଇଥିଲେ ସୁଦ୍ଧା ଫଳ ଶୂନ। ଏନେଇ ସାଂସଦ ଓ ବିଧାୟକ ଦୃଷ୍ଟି ଦେବା ଆବଶ୍ୟକତା ରହିଛି।

### ସେମାନେ କ'ଣ କହନ୍ତି...



ଡାକ୍ତର, କର୍ମଚାରୀ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ ଭିତ୍ତିଭୂମି ଅଭାବ ସମ୍ପର୍କରେ ଉଚ୍ଚ ପଦସ୍ଥ ଅଧିକାରୀ ସମେତ ସାଂସଦ ଓ ବିଧାୟକଙ୍କୁ ପୂର୍ବରୁ ଅବଗତ କରାଯାଇଛି। କିନ୍ତୁ କିଛି ଫଳ ଶୂନ; ତଥାପି କର୍ମଚାରୀ ମଧ୍ୟରେ ପାରୁପର୍ଯ୍ୟନ୍ତ ରୋଗୀଙ୍କୁ ସେବା ଯୋଗାଇ ଦିଆଯାଉଛି।

-ରବୀନ୍ଦ୍ର ନାଥ ମାର୍ଣ୍ଡି, ଉପଖଣ୍ଡ ସ୍ୱାସ୍ଥ୍ୟ ଅଧିକାରୀ



ଉପଖଣ୍ଡ ଡାକ୍ତରଖାନାର ସବୁ ବିଭାଗରେ ବିଶେଷଜ୍ଞ ଡାକ୍ତର ନାହାନ୍ତି। ଶବ ସଂରକ୍ଷଣ ବ୍ୟବସ୍ଥା, ଶବ ବ୍ୟବଚ୍ଛେଦ ଶ୍ମଶାନରେ କରାଯାଉଛି। ନିରାମୟରେ ଆବଶ୍ୟକ ଔଷଧ ଉପଲବ୍ଧ ନାହିଁ। ହୃଦରୋଗ ଚିକିତ୍ସା ଭଳି ଜରୁରୀକାଳୀନ ସେବା କି ଔଷଧ ଉପଲବ୍ଧ ହେଉନି। ଯାହାକୁ ନେଇ ରୋଗୀ ହନ୍ତସନ୍ତ ହେଉଛନ୍ତି।

- ଦୀପ୍ତିମାନ ବଳ, ବିଜେଡି ନେତା



ରାଇରଙ୍ଗପୁରରେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ବିଜେପି ସରକାର ବିଫଳ। ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଡାକ୍ତର ଅଭାବ ଦୂର କରିବାକୁ ଦାବି କରୁଛୁ। ନଚେତ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ।

- ଡା ଦେବାଶିଷ ମାର୍ଣ୍ଡି, ବିଜେଡି ଜିଲ୍ଲା ସଭାପତି, ମୟୂରଭଞ୍ଜ-୨



ସ୍ୱାସ୍ଥ୍ୟ ସେବା ପ୍ରତି ରାଜ୍ୟ ସରକାର ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ସ୍ଥାନୀୟ ଜନ ପ୍ରତିନିଧିମାନେ ରାଜନୀତିଠାରୁ ଊର୍ଦ୍ଧ୍ୱରେ ରହି ସ୍ୱାସ୍ଥ୍ୟ ସେବା ସୁଧାର ପାଇଁ ମନୋନିବେଶ କରିବା ଅପରିହାର୍ଯ୍ୟ। ଫଳରେ ଅନେକ ଲୋକେ ଉପକୃତ ହୋଇପାରିବେ।

- ଗଣେଶ ମିଶ୍ର, ଯୁବ ଶିକ୍ଷାବିତ୍

# ଆଶା ଆଶଙ୍କାରେ କଳାକାର; ୩ ମାସ ହେଲା ମିଳୁନି ଭତ୍ତା

**ନୟାଗଡ଼,୨୫।୧୧(ସମିସ):** ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କଳାକାରଙ୍କୁ ମାସିକ ଭତ୍ତା ବ୍ୟବସ୍ଥା ପୂର୍ବ ସରକାର କରିଥିଲେ। ରାଜ୍ୟର ହଜାର ହଜାର କଳାକାର ଏହା ଦ୍ୱାରା ଉପକୃତ ହେଉଥିଲେ। କିନ୍ତୁ ଗତ ୩ ମାସ ହେଲା କଳାକାରଙ୍କୁ ଭତ୍ତା ମିଳୁ ନ ଥିବାରୁ ଆଶା ଓ ଆଶଙ୍କା ସୃଷ୍ଟି ହୋଇଛି।

ନୟାଗଡ଼ ଜିଲ୍ଲା ସଂସ୍କୃତି ବିଭାଗ ଅଧୀନରେ ୧ ହଜାରରୁ ଉର୍ଦ୍ଧ୍ୱ କଳାକାର ପ୍ରତ୍ୟେକ ମାସରେ ୨ ହଜାର ଟଙ୍କା ଲେଖାଏଁ ଭତ୍ତା ପାଇଆସୁଥିଲେ। ଗତ ୩ ମାସ ହେଲା କୌଣସି କାରଣରୁ କଳାକାରଙ୍କ ବ୍ୟାଙ୍କ ଖାତାକୁ ଭତ୍ତା ଆସୁ ନ ଥିବା ଜଣାପଡ଼ିଛି। ଏନେଇ ଜିଲ୍ଲା ସଂସ୍କୃତି ଅଧିକାରୀ ଦାୟିତ୍ୱରେ ଥିବା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ସ୍ପଷ୍ଟ ସୂଚନା ଦେଇପାରି ନାହାନ୍ତି। ଆଗକୁ ଭତ୍ତା ମିଳିବ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନେକ ବରିଷ୍ଠ କଳାକାର ଏବେ ନିଜର କଳା ପ୍ରତିଭା ପ୍ରଦର୍ଶନ କରି ନ ପାରି ଦୁର୍ଦ୍ଦିନରେ କାଳାତିପାତ କରୁଥିବାବେଳେ ସରକାରଙ୍କ ପକ୍ଷରୁ ମିଳୁଥିବା ୨ହଜାର ଟଙ୍କାରେ ତାଙ୍କ ଗୁଜୁରାଣ ମେଣ୍ଟୁଥିଲା। କଳାକାର ଭତ୍ତା ମିଳୁ ନ ଥିବାରୁ ସେମାନେ ଅସହାୟତା ପ୍ରକାଶ କରୁଛନ୍ତି।

ନୟାଗଡ଼ କଳା, ସଂସ୍କୃତିର ଜିଲ୍ଲା ଭାବେ ପରିଗଣିତ ହେଉଥିବାବେଳେ ମଞ୍ଚ ନାଟକ, ଦାସକାଠିଆ, ପାଲା, ରାମ ନାଟକ, ଦଣ୍ଡନୃତ୍ୟ, ସଙ୍କୀର୍ତ୍ତନ ଭଳି ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜ କଳା ପ୍ରଦର୍ଶନ କରି ହଜାର ହଜାର ସଂଖ୍ୟାରେ କଳାକାର ତାଙ୍କ ପେଟ ପୋଷୁଛନ୍ତି। ଅନେକ କଳାକାରଙ୍କୁ ଉପଯୁକ୍ତ ଭାବେ ମଞ୍ଚ ନ ମିଳିବା, ସମୟ ସହ ତାଳ ଦେଇ ଆଗକୁ ଆଗେଇ ନ ପାରିବା, ଆଧୁନିକ ଯୁଗରେ ପାରମ୍ପରିକ କଳାକାରଙ୍କୁ ପ୍ରାଧାନ୍ୟ ନ ମିଳିବା ଦ୍ୱାରା ସେମାନଙ୍କ ପେସା ଦିନକୁ ଦିନ ରୋଗାଗ୍ରସ୍ତ ହେଉଛି। ଫଳରେ ସେମାନଙ୍କ ପରିବାର ଚଳିବା କଷ୍ଟକର ହେଉଛି। ବର୍ଷକ ମଧ୍ୟରେ ଯେତିକି ମଞ୍ଚ ମିଳୁଛି, ସେଥିରେ ଦୁଇ ମାସ ଚଳିବା କଷ୍ଟକର ବୋଲି ଅନେକ କଳାକାର କହିଛନ୍ତି। ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ ମିଳୁଥିବା ଭତ୍ତା ଟଙ୍କା ବ୍ୟାଙ୍କ ଖାତାକୁ ନ ଆସିବା ସେମାନଙ୍କୁ ଆହୁରି ଦୁର୍ଦ୍ଦଶା ମଧ୍ୟକୁ ଠେଲି ଦେଇଛି। ଜିଲ୍ଲାର ୧ ହଜାରରୁ ଉର୍ଦ୍ଧ୍ୱ କଳାକାର ପରିବାର ଭତ୍ତା ଟଙ୍କା ପାଇଁ ଚାହିଁ ବସିଛନ୍ତି। ଜିଲ୍ଲାପାଳ ଏନେଇ ରାଜ୍ୟ ସଂସ୍କୃତି ବିଭାଗ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହେଉଛି।

### ନୂଆ ଭତ୍ତା ଅପେକ୍ଷାରେ ୩ ହଜାରରୁ ଉର୍ଦ୍ଧ୍ୱ

ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଦୀର୍ଘ ବର୍ଷ ତଳେ ଭତ୍ତା ପାଇବା ପାଇଁ କଳାକାରଙ୍କୁ ଚୟନ କରାଯାଇଥିଲା। ଏହା ପରଠାରୁ ନୂଆ ଭତ୍ତା ପାଇବା ପାଇଁ ଅନେକ ଥର କଳାକାରମାନେ ଆବେଦନ କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ଜିଲ୍ଲାରେ ଏବେ ୩ ହଜାରରୁ ଉର୍ଦ୍ଧ୍ୱ କଳାକାର ଭତ୍ତା ପାଇବାକୁ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ବିଗତ ଦିନରେ ପଡ଼ିଥିବା ଆବେଦନଗୁଡ଼ିକ ମଧ୍ୟରୁ ସଠିକ୍ କଳାକାରଙ୍କୁ ଚୟନ କରି ଭତ୍ତା ପ୍ରଦାନ ପାଇଁ ଦାବି ହେଉଛି।

## ସାମ୍ବାଦିକଙ୍କ ମୋବାଇଲ୍ ଚୋରି

**ନୟାଗଡ଼,୨୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଦଶପଲ୍ଲା 'ସକାଳ' ପ୍ରତିନିଧି ସୁଶାନ୍ତ କୁମାର ସାହୁଙ୍କ ମୋବାଇଲ୍ ଚୋରି ହୋଇଛି। ଏନେଇ ସୁଶାନ୍ତ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି। ସୁଶାନ୍ତ ବଜାରରୁ ପନିପରିବା କିଣିବାକୁ ଯାଇଥିବାବେଳେ କେହି ତାଙ୍କ ମୋବାଇଲ୍‌ଟିକୁ ଚୋରି କରି ନେଇଛି। ସୁଶାନ୍ତ ଘରେ ପହଞ୍ଚି ମୋବାଇଲ୍ ନ ପାଇବା ପରେ ଦଶପଲ୍ଲା ଥାନାରେ ଅଭିଯୋଗ କରିଛନ୍ତି।

## ଦର୍ପନାରାୟଣପୁର ବନପାଳ ନିଲମ୍ବିତ

**ନୟାଗଡ଼,୨୫।୧୧(ସମିସ):** ନୟାଗଡ଼ ବନଖଣ୍ଡ ଅଧୀନସ୍ଥ ପଞ୍ଚରିଡ଼ା ବନାଞ୍ଚଳ ଅନ୍ତର୍ଗତ ଦର୍ପନାରାୟଣପୁର ସେକ୍ସନ୍‌ରେ କାର୍ଯ୍ୟରତ ବନପାଳ ଚନ୍ଦ୍ରମଣୀ ଡାକୁଆଙ୍କୁ ନିଲମ୍ବନ କରାଯାଇଛି। ନୟାଗଡ଼ ବନଖଣ୍ଡ ଅଧିକାରୀ ଦେବର୍ଚ୍ଚନା ବେହେରା ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ମୁଖ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବନପାଳ ଶ୍ରୀ ଡାକୁଆଙ୍କ ସ୍ଥାନରେ ବନପାଳ ଜ୍ୟୋତିରଞ୍ଜନ ମାନସିଂଙ୍କୁ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କାଠ ମାଫିଆଙ୍କ ସହ ଭିତିରିଆ ବୁଝାମଣା କାରଣରୁ ତାଙ୍କୁ ନିଲମ୍ବନ କରାଯାଇଥିବା ବନ କର୍ମଚାରୀଙ୍କଠାରୁ ସୂଚନା ମିଳିଛି। ଏକ କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍‌କୁ ଧରିବା ପରେ ଅଭିଯୁକ୍ତକୁ ସୁରକ୍ଷା ଦେବାକୁ ଡିଲ୍ କରିଥିବା ନେଇ ଡିଏଫ୍‌ଓଙ୍କ ପାଖରେ ଅଭିଯୋଗ ହୋଇଥିଲା। ଯାହାକୁ ନେଇ ତାଙ୍କ ବିରୋଧରେ ପ୍ରୋସିଡିଂ କରାଯିବାକୁ ନିର୍ଦ୍ଦେଶ ରହିଥିବାବେଳେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏନେଇ ନୟାଗଡ଼ ବନଖଣ୍ଡ ଅଧିକାରୀଙ୍କୁ କେଉଁ କାରଣ ପାଇଁ ନିଲମ୍ବନ କରାଯାଇଛି ପଚାରିବାରେ, ତାହା ସ୍ପଷ୍ଟ କରି ନାହାନ୍ତି।

## ଡାକ୍ତରଙ୍କ ପ୍ରତୀକାତ୍ମକ ଆନ୍ଦୋଳନ




**ନୟାଗଡ଼,୨୫।୧୧(ସମିସ):** ସରକାର ଡାକ୍ତରଙ୍କ ୧୮ ଦଫା ଦାବି ପୂରଣ କରିବା ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ପୂର୍ବରୁ ଡାକ୍ତରମାନେ ନଭେମ୍ବର ୨୦ରୁ ବହିର୍ବିଭାଗ ବନ୍ଦ କରିବା ପାଇଁ ଡକରା ଦେଇଥିଲେ। ସରକାର ଚିଠି ମାଧ୍ୟମରେ ଆଲୋଚନା ପାଇଁ ୧୯ ତାରିଖରେ ସଂଘ ସଭାପତି ଓ ସମ୍ପାଦକଙ୍କୁ ଡାକି ଆଲୋଚନା କରିଥିଲେ। ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର ଦାବି ପୂରଣ ଦିଗରେ କିଛି ପଦକ୍ଷେପ ନେଉନାହାନ୍ତି। ସେଥିପାଇଁ ସାରା ଓଡ଼ିଶାର ଡାକ୍ତରମାନେ ଶାନ୍ତିପୂର୍ଣ୍ଣ ଭାବେ କଳା ପୋଷାକ କିମ୍ବା କଳା ବ୍ୟାଜ୍ ପିନ୍ଧି ରୋଗୀ ସେବା ଜାରି ରଖିଛନ୍ତି। ସେହିପରି ନୟାଗଡ଼ ଜିଲ୍ଲାର ସମସ୍ତ ଡାକ୍ତର ଏହି ପ୍ରତିବାଦରେ ସାମିଲ୍ ହୋଇଛନ୍ତି। ନୟାଗଡ଼ ଜିଲ୍ଲା ଶାଖା ତରଫରୁ ସମ୍ପାଦକ ଡା. ପ୍ରଦୀପ କୁମାର ପାଇକରାୟ ଓ ଉପସଭାପତି ଡା. ସିଦ୍ଧାର୍ଥ ଦାଶଙ୍କ ସହ ଅନ୍ୟ ଡାକ୍ତରମାନେ ମଧ୍ୟ ଜିଲ୍ଲା ଚିକିତ୍ସାଳୟ ସମ୍ମୁଖରେ ନିରବ ପ୍ରତିବାଦ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**ଭାପୁର,୨୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପରିସରରେ ମଙ୍ଗଳବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଅମିତ୍ କୁମାର ବେହେରାଙ୍କ ଆୟୋଜନରେ ଅନୁଷ୍ଠିତ ଏହି ଶିବିରରେ ବ୍ଲକ୍‌ର ୨୦ ପଞ୍ଚାୟତରୁ ଆଶାୟୀ ହିତାଧିକାରୀମାନେ ଭାଗ ନେଇଥିଲେ। ଅସ୍ଥିଶଲ୍ୟ ବିଭାଗରେ ମୋଟ୍ ୧୧୩ ଜଣ, ଦୃଷ୍ଟିବାଧିତ ବିଭାଗରେ ୨୭, ଶ୍ରବଣବାଧିତ ବିଭାଗରେ ୬୧ ଜଣ ଓ ମାନସିକ ବିଭାଗରେ ୨୪ ଜଣ ସେମାନଙ୍କ ଶରୀର ପରୀକ୍ଷା କରାଇଥିଲେ। ନୟାଗଡ଼ରୁ ବିଶେଷଜ୍ଞ ଡାକ୍ତରମାନେ ଆସି ଶିବିରରେ ଆଶାୟୀ ହିତାଧିକାରୀଙ୍କୁ ଯାଞ୍ଚ କରିଥିଲେ। ଏହି ଶିବିରକୁ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଉଦ୍‌ଘାଟନ କରିଥିଲେ।

## ଦୁର୍ଘଟଣାରେ ମୃତ ଡାକ୍ତରଙ୍କ ଚକ୍ଷୁଦାନ



**ଖଣ୍ଡପଡ଼ା,୨୫।୧୧(ସମିସ):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଖଳିସାହି ଗ୍ରାମ ରାଜୁଆ ସାହିର ଯୁବ ଡାକ୍ତର ଅମରେଶ ପ୍ରସାଦଙ୍କର ଗତ ୨୩ ତାରିଖରେ ଖୋର୍ଦ୍ଧା ନିକଟସ୍ଥ ପୁରୁସାହିଠାରେ ଦୁର୍ଘଟଣାରେ ଅକାଳ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଖଣ୍ଡପଡ଼ା ଓ ଖଳିସାହି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହି ଦୁଃଖଦ ଘଟଣା ପରେ ମୃତକଙ୍କ ପରିବାର ବର୍ଗ ଭାଙ୍ଗି ନ ପଡ଼ି ମୃତ ଯୁବ ଡାକ୍ତରଙ୍କ ଚକ୍ଷୁଦାନ କରିଥିବାବେଳେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ଚକ୍ଷୁ ସଂଗ୍ରହ ସଂଗ୍ରହ କରିଥିବା ଜଣାଯାଇଛି। ଏହି ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳବାସୀ ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

● ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ନିମନ୍ତେ ପ୍ରସ୍ତୁତି

## ପାରମ୍ପରିକ ଲୋକକଳାକୁ ଗୁରୁତ୍ୱ



**ଖଣ୍ଡପଡ଼ା,୨୫।୧୧(ସମିସ):** ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ଶୁଭ କଲ୍ୟାଣମଣ୍ଡପ ପରିସରରେ ଖଣ୍ଡପଡ଼ା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା କଳାବିକାଶ ପରିଷଦର ସଭାପତି ପ୍ରଦୀପ୍ତ କିଶୋର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ଆସନ୍ତା ଡିସେମ୍ବର ୨୭ରୁ ୩୧ ତାରିଖ ୫ ଦିନ ଧରି ମହୋତ୍ସବ ହେବା ନେଇ ସ୍ଥିର ହୋଇଛି। ବୈଠକରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା କମିଟିର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ମହୋତ୍ସବକୁ ସରସ ସୁନ୍ଦର କରିବା ସହିତ ଖଣ୍ଡପଡ଼ା ଅଞ୍ଚଳର ଏ ମହୋତ୍ସବ ପାଇଁ ସମସ୍ତେ ସହଯୋଗ କରନ୍ତୁ ବୋଲି ମତପ୍ରକାଶ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, କଳାବିକାଶ ପରିଷଦର ଆବାହକ ଦୀନବନ୍ଧୁ ଦାସ, ପଣ୍ଡିତ ମନୋଜ ଦାଶ ପ୍ରମୁଖ ମଞ୍ଚାସୀନ ରହିବା ସହିତ ମହୋତ୍ସବରେ ସହଯୋଗ ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହଯୋଗ ଲୋଡ଼ିଥିଲେ। ଏ ଅବସରରେ କଳାବିକାଶ ପରିଷଦ ସଂଯୋଜକ ରମେଶ କୁମାର ମହାନ୍ତି ମହୋତ୍ସବରେ ବ୍ୟୟ ଅଟକଳ ବାବଦରେ ସୂଚନା ଦେବା ସହିତ ବିଭିନ୍ନ ବିଭାଗର ସହଯୋଗ କାମନା କରିଥିଲେ। ୫ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ଖଣ୍ଡପଡ଼ା ଅଞ୍ଚଳର ପାରମ୍ପରିକ ଲୋକକଳା ସହିତ ପଲ୍ଲିଶ୍ରୀ ମେଳା, ସାଂସ୍କୃତିକ କାର୍ଯ୍ୟକ୍ରମ, ବାଲୁକା କଳା, ମିନାବଜାର ଆଦି ପ୍ରଦର୍ଶନ ସହ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଆୟୋଜନ କରାଯିବ ବୋଲି ଆବାହକ ଦୀନବନ୍ଧୁ ଦାସଙ୍କଠାରୁ ସୂଚନା ମିଳିଥିଲା। ବୈଠକରେ ଗଣମାଧ୍ୟମ ପ୍ରତିନିଧି, ପୁଲିସ, ଏନ୍‌ଏସି କର୍ତ୍ତୃପକ୍ଷ, ଅଗ୍ନିଶମ ବାହିନୀ, ସ୍ୱାସ୍ଥ୍ୟ ବିଭାଗ, ବିଦ୍ୟୁତ୍ ବିଭାଗ ସମେତ ବ୍ଲକ୍‌ର ବହୁ ବିଭାଗର ପ୍ରମୁଖ ଅଧିକାରୀ ଉପସ୍ଥିତ ରହି ସହଯୋଗ ନିମନ୍ତେ ସହମତି ଜଣାଇଥିଲେ। ସେହିପରି ମହୋତ୍ସବ କମିଟିର ସମସ୍ତ ସଦସ୍ୟ ବୈଠକରେ ସକ୍ରିୟ ସହଯୋଗ କରିଥିଲେ।

**ଜନପ୍ରତିନିଧିଙ୍କ ବ୍ଲକ୍ ଘେରଉ ଘଟଣା**

## ୫୦ ଜଣଙ୍କ ନାଁରେ ଏତଲା ଦେଲେ ବିଡିଓ

**ଭାପୁର,୨୫।୧୧(ସମିସ):** ନୟାଗଡ଼ ଜିଲ୍ଲା ପ୍ରଶାସନ ଭାପୁର ବ୍ଲକ୍‌ରେ ଉତ୍ତେଜନା ପ୍ରଶମିତ କରିବା ପରିବର୍ତ୍ତେ ବ୍ଲକ୍‌ରେ ଜାଣିଶୁଣି ଉତ୍ତେଜନା ବୃଦ୍ଧି କରିବା ଦେଖିବାକୁ ମିଳୁଛି। ବ୍ଲକ୍‌ରେ ଏକ ବର୍ଷ ହେଲା ପ୍ରଶାସନ ଓ ଜନପ୍ରତିନିଧିଙ୍କ ମଧ୍ୟରେ ଅସହଯୋଗ ଓ ମତାନ୍ତର ଯୋଗୁଁ ବ୍ଲକ୍‌ରେ ଉନ୍ନତିମୂଳକ କାର୍ଯ୍ୟ ଠପ୍ ହେବା ସହ ଦୁର୍ନୀତି ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏହାର ସମାଧାନ ପାଇଁ ଜିଲ୍ଲା ପ୍ରଶାସନ କଥା ଦେଇ ପରୋକ୍ଷରେ ଏହି ସମସ୍ୟାର ଏକ ପକ୍ଷ ହୋଇ ଉତ୍ତେଜନା ବୃଦ୍ଧି କରିବାରେ ସହାୟକ ହୋଇଛି।

ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍‌ରେ ବିଡିଓ ଭାବେ ସାରଦା ପ୍ରସନ୍ନ ପଣ୍ଡା ଯୋଗଦେବାଠାରୁ ସେ ଶାସକ ଦଳର ଇଙ୍ଗିତରେ ଏକପାଖିଆ ଭାବେ କାର୍ଯ୍ୟ କରୁଥିବା ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ, ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଓ ୩୦ରୁ ଉର୍ଦ୍ଧ୍ୱ ସରପଞ୍ଚ, ସମିତିସଭ୍ୟ ତିନି ଥର ଜିଲ୍ଲା ପ୍ରଶାସନକୁ ଭେଟି ଲିଖିତ ଅଭିଯୋଗ କରି ଆସୁଛନ୍ତି। ନିଦାବିଷ୍ଟ ସାଜିଥିବା ଜିଲ୍ଲା ପ୍ରଶାସନ ସବୁବେଳେ ଆଶ୍ୱାସନା ଦେଇ ଆସୁଛି। ଏପରିକି ଦୁଇଥର ଜିଲ୍ଲା ପରିଷଦ ବୈଠକରେ ଏ ନେଇ ତୁମ୍ବିତୋଫାନ ହୋଇଛି। ତଥାପି ଜିଲ୍ଲା ପ୍ରଶାସନ କୌଣସି ସମାଧାନ କରାଇଲା ନାହିଁ।

ଗତ ଜୁନ୍ ୨୩ରେ ଅସନ୍ତୁଷ୍ଟ ଜନପ୍ରତିନିଧିମାନେ ବ୍ଲକ୍ ଗାନ୍ଧୀ ମୂର୍ତ୍ତି ନିକଟରେ ଧାରଣାରେ ବସିଥିଲେ। ଏହାପରେ ପିଡି ଓ ଉପଜିଲ୍ଲାପାଳ ଆସି ଏକ ସପ୍ତାହ ମଧ୍ୟରେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ ବୋଲି କହିଥିଲେ। ହେଲେ ଉକ୍ତ ଅଧିକାରୀମାନେ ଭାପୁର ଆସି ଯେଉଁ କଥା ଦେଉଛନ୍ତି ତାହା ନୟାଗଡ଼ ଗଲା ପରେ କାହା ଚାପରେ ବଦଳି ଯାଉଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏହି ଅସନ୍ତୋଷ ଯୋଗୁଁ ଜନପ୍ରତିନିଧିମାନେ ସୋମବାର ବ୍ଲକ୍‌ର କେତେକ କାର୍ଯ୍ୟାଳୟ ଓ ଗେଟ୍ ତାଲା ପକାଇବା ସମୟରେ ଫତେଗଡ଼ ଥାନା ଅଧିକାରୀ ସେମାନେ ଉପରିସ୍ଥ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବା ପାଇଁ ଉପଦେଶ ଦେଇଥିଲେ। ଏହାପରେ ଜନପ୍ରତିନିଧିମାନେ ବ୍ଲକ୍ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରି ଧାରଣାରେ ବସି ରହିଥିଲେ। ଅପରାହ୍ଣରେ ଜିଲ୍ଲା ପ୍ରଶାସନ ପ୍ରକଳ୍ପ ନିର୍ଦ୍ଦେଶକ ଲଗ୍ନଜିତ୍ ରାଉତ ଓ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଭାପୁର ଆସି ଜନପ୍ରତିନିଧିଙ୍କ ସହ ଆଲୋଚନା କରି ଏକ ସପ୍ତାହ ମଧ୍ୟରେ ଜିଲ୍ଲା ପ୍ରଶାସନ, ବିଡିଓ ଏବଂ ଜନପ୍ରତିନିଧିଙ୍କ ଏକ ବୈଠକ କରାଇ ସମସ୍ତ ସମସ୍ୟା ସମାଧାନ କରାଇବେ ବୋଲି ପ୍ରତିଶ୍ରୁତି ଦେଇ ତାଲା ପଡ଼ିଥିବା ସମସ୍ତ କାର୍ଯ୍ୟାଳୟ ତାଲା ଖୋଲି ଫେରିଥିଲେ। ମାତ୍ର ସନ୍ଧ୍ୟାରେ କ'ଣ ଏପରି ଘଟିଲା ଓ କାହା କଥାରେ ଭାପୁର ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଫତେଗଡ଼ ଥାନାରେ ୫୦ ଜଣ ଜନପ୍ରତିନିଧିଙ୍କ ନାମରେ ଲିଖିତ ଅଭିଯୋଗ କଲେ। ଏହି ଆଧାରରେ ଫତେଗଡ଼ ଥାନାରେ କେସ୍ ନମ୍ବର ୩୫୮/୨୫ରେ ଏକ ମାମଲା ମଧ୍ୟ ରୁଜୁ ହେଲା। ଏସବୁ ଘଟଣା ଦେଖିଲା ପରେ ବ୍ଲକ୍ ପ୍ରଶାସନ କେଉଁ ଅଦୃଶ୍ୟ ଶକ୍ତି କଥାରେ ବସ୍‌ଉଠ୍ ହେଉଛି ସେ ନେଇ ଭାପୁର ବ୍ଲକ୍‌ର ସବୁ ଛକ ବଜାରରେ ଆଲୋଚନା ହେଉଛି। ଏହା ଫଳରେ ବ୍ଲକ୍‌ରେ ଆଗକୁ ଅଧିକ ଉତ୍ତେଜନା ବୃଦ୍ଧି ପାଇବ ବୋଲି ଆଲୋଚନା ହେଉଛି।

■ ଓଡ଼ଗାଁ ପଞ୍ଚାୟତ ସମିତି ସ୍ୱତନ୍ତ୍ର ଅଧିବେଶନ

## ମନରେଗା ପ୍ରକଳ୍ପଗୁଡ଼ିକୁ ନିୟମିତ କରିବାକୁ ନିର୍ଦ୍ଦେଶ




**ଓଡ଼ଗାଁ,୨୫।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ସଭାଗୃହରେ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ସ୍ୱତନ୍ତ୍ର ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତମାନଙ୍କରେ ରହିଥିବା ଆକାଉଣ୍ଟ କମ୍ ଡାଟା ଏଣ୍ଟ୍ରି ଅପରେଟର(ଏଡିଇଓ), ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ଏବଂ ଏନ୍‌ଆର୍‌ଜିଏସ୍ ବ୍ଲକ୍ ପ୍ରୋଗ୍ରାମ ଅଧିକାରୀ ନିଜ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି ମନରେଗା ଯୋଜନା ଅନ୍ତର୍ଗତ ଅନିୟମିତ ପ୍ରକଳ୍ପଗୁଡ଼ିକୁ ଏକ ମାସ ମଧ୍ୟରେ ନିୟମିତ କରିବାକୁ ବ୍ଲକ୍ ଅଧ୍ୟକ୍ଷ ନିର୍ଦ୍ଦେଶ ଦେଇଥିଲେ। ପ୍ରତି ପଞ୍ଚାୟତରେ ଏଡିଇଓ ଏବଂ ପିଇଓମାନେ ନିୟମିତ ବାୟୋମେଟ୍ରିକ୍ ପ୍ରଣାଳୀରେ ଡିଜିଟାଲ ଉପସ୍ଥାପନା ଦେବା ସହିତ ଡିଜିଟାଲ ଉପସ୍ଥାପନାକୁ ପିଡିଏଫ୍ ଫର୍ମାଟ୍‌ରେ ପ୍ରତି ମାସର ୨୪ ତାରିଖରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ)ଙ୍କ ନିକଟକୁ ପଠାଇବେ। ଏବିଡିଓଙ୍କ ସୁପାରିସ୍ ପରେ ଦରମା ବିଲ୍ ହେବ ବୋଲି ନିଷ୍ପତ୍ତି ଗ୍ରହଣ କରାଗଲା। ଦୀର୍ଘ ଦିନ ଧରି ପଡ଼ି ରହିଥିବା ଅନ୍ତ୍ୟୋଦୟ ଗୃହ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥ ପ୍ରଦାନର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା। ନିର୍ଦ୍ଧାରିତ ସମୟରେ ନିର୍ମାଣ କାର୍ଯ୍ୟ ସାରିଥିବାରୁ ମିଳୁଥିବା ଅତିରିକ୍ତ ପ୍ରୋତ୍ସାହନ ଅର୍ଥ ଏବଂ ମନରେଗା ଯୋଜନାରୁ ମିଳୁଥିବା ଅର୍ଥରୁ ଯେପରି କୌଣସି ହିତାଧିକାରୀ ବଞ୍ଚିତ ନ ହୁଅନ୍ତି, ସେନେଇ ଏଡିଇଓ ଏବଂ ପିଇଓମାନଙ୍କୁ ପରାମର୍ଶ ଦିଆଗଲା। ମନରେଗା ଯୋଜନାରେ ମଞ୍ଜୁର ହୋଇଥିବା ନୂତନ ପ୍ରକଳ୍ପଗୁଡ଼ିକର ଯଥାଶୀଘ୍ର ଆରମ୍ଭ କରିବା ପାଇଁ ପଞ୍ଚାୟତ ପ୍ରତିନିଧିମାନଙ୍କ ସହଯୋଗ ଲୋଡ଼ାଯାଇଥିଲା। ଏବିଡିଓ କବିତା କୁମାରୀ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ଅରୁନ୍ଧତୀ ପଣ୍ଡା, ରଣପୁର ବିଧାୟକଙ୍କ ପ୍ରତିନିଧି ଲିଙ୍ଗରାଜ ପାତ୍ର ଏବଂ ମନରେଗା ପ୍ରୋଗ୍ରାମ ଅଫିସର ବିଭୂ ପ୍ରସାଦ ସାଥୁଆଙ୍କ ସହିତ ବ୍ଲକ୍‌ର ୩୬ ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପିଇଓ ଏବଂ ଏଡିଇଓମାନେ ଅଧିବେଶନରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଅଗ୍ନିଶମ ବିଭାଗ ପକ୍ଷରୁ ମକ୍‌ଡ୍ରିଲ୍

**ଗଣିଆ,୨୫।୧୧(ସମିସ):** ଗଣିଆରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଅଗ୍ନିଶମ ବିଭାଗ ତରଫରୁ ଏକ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଦମକଳ ଅଧିକାରୀ ବିଜୟାନନ୍ଦ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏହି ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛାତ୍ରଛାତ୍ରୀମାନେ ନିଆଁ ଲାଗିବା ସମୟରେ କିପରି ନିଆଁକୁ ଆୟତ୍ତ କରିବେ ସେଥିପାଇଁ ସମସ୍ତ କୌଶଳ ଛାତ୍ରଛାତ୍ରୀଙ୍କୁ ଶିଖାଇବା ସହିତ ଶିକ୍ଷକଶିକ୍ଷୟିତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ପ୍ରାକୃତିକ ବିପର୍ଯ୍ୟୟଠାରୁ ଆରମ୍ଭ କରି ବିଭିନ୍ନ ସମୟରେ ଘଟୁଥିବା ବନ୍ୟା ବାତ୍ୟା ପରିସ୍ଥିତିରୁ ପୀଡ଼ିତ ଜନସାଧାରଣଙ୍କୁ କିପରି ସୁରକ୍ଷିତ ଭାବେ ଉଦ୍ଧାର କରାଯାଇପାରିବ ସେ ସମ୍ପର୍କରେ ଅଗ୍ନିଶମ ଅଧିକାରୀ ସୂଚନା ଦେଇଥିଲେ। ଆକସ୍ମିକ ଦୁର୍ଘଟଣା ମଧ୍ୟରେ ଗ୍ୟାସ୍ ଟାଙ୍କି ଓ ରୋଷେଇ ସରଞ୍ଜାମରେ ଲାଗିଥିବା ନିଆଁକୁ ଲିଭାଇବା, ଅଗ୍ନିକାଣ୍ଡକୁ ପ୍ରଶମିତ କରିବା, ବଜ୍ରପାତରୁ ରକ୍ଷା ପାଇବା, ବନ୍ୟା ପରିସ୍ଥିତିରେ ବୁଡ଼ି ଯାଉଥିବା କିମ୍ବା ଭାସୁଥିବା ଗୃହପାଳିତ ପ୍ରାଣୀକୁ ଉଦ୍ଧାର କରିବା ଆଦି କୌଶଳଗୁଡ଼ିକ ଶିଶୁ ଭାଇଭଉଣୀଙ୍କୁ ମକ୍‌ଡ୍ରିଲ୍ ମାଧ୍ୟମରେ ତାଲିମ ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରତ୍ନାକର ମହାପାତ୍ରଙ୍କ ସମେତ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ତଥା ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ଅଂଶଗ୍ରହଣ କରିଥିଲେ।




● ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞର ତୃତୀୟ ଦିନ

## ଯୋଗଦେଲେ ବାବା ସୁକାନ୍ତ ଦାସ ମହାରାଜ

**ଗଣିଆ,୨୫।୧୧(ସମିସ):** ଗଣିଆ ମଣିଭଦ୍ରା ବିଶ୍ୱଶାନ୍ତି ମହାଯଜ୍ଞର ତୃତୀୟ ଦିନରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ଗଣିଆର ଗଣପର୍ବ ଶେଷ ହେବାକୁ ଆଉ ଗୋଟିଏ ଦିନ ବାକି ଥିବାବେଳେ ମଙ୍ଗଳବାର ତୃତୀୟ ଦିନରେ ମେଳାରେ ଓଡ଼ିଶାର କୋଣ ଅନୁକୋଣରୁ ଭକ୍ତଙ୍କ ସମାଗମ ହୋଇଥିଲା। ମୁଖ୍ୟ ମଞ୍ଚରେ ଦିନ ତମାମ ଭଜନ ସମାରୋହ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲୁ ରହିଥିଲା। ରାଜ୍ୟ ସଂସ୍କୃତି ବିଭାଗ ତରଫରୁ ନୃତ୍ୟ, ଗୀତ ତଥା ପ୍ରବଚନ ଆସର ଜମିଥିଲା। ବାବା ତଥା ପ୍ରବଚକ ସୁକାନ୍ତ ଦାସ ମହାରାଜଙ୍କ ପ୍ରବଚନ ଅତି ଶୃତି ମଧୁର ଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଯଜ୍ଞ ସ୍ଥଳରେ ପହଞ୍ଚିଥିବାବେଳେ ତାଙ୍କୁ କମିଟି ତରଫରୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜନସାଧାରଣ ବହୁ ସଂଖ୍ୟାରେ ଯୋଗ ଦେଇଥିବାରୁ ବିଧାୟକ ଶ୍ରୀ ବେହେରା ଉପସ୍ଥିତ ଭକ୍ତମାନଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଯଜ୍ଞ କମିଟିର ସଦସ୍ୟମାନଙ୍କ ସହିତ ଆଲୋଚନା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟ ନରେଶ କୁମାର ବେହେରା, ଉପାଧ୍ୟକ୍ଷ ରାଜକିଶୋର ସାହୁ ପ୍ରମୁଖ ବିଧାୟକଙ୍କ ସହିତ ଉପସ୍ଥିତ ଥିଲେ। ସୋମବାର ସନ୍ଧ୍ୟାରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମଧ୍ୟ ଯଜ୍ଞସ୍ଥଳରେ ପହଞ୍ଚିଥିବାବେଳେ କମିଟି ତରଫରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗଣିଆର ଏହି ପର୍ବ ଭାଇଚାରାର ପର୍ବ ବୋଲି ସେ ମତପ୍ରକାଶ କରିଥିଲେ। ବୁଧବାର ଯଜ୍ଞର ପୂର୍ଣ୍ଣାହୁତି ହେବାକୁ ଥିବାରୁ ପୁଲିସ ତରଫରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ଜଣାପଡ଼ିଛି।



# ଖଣ୍ଡପଡ଼ା ଓ ଭାପୁର ମଣ୍ଡଳସ୍ତରୀୟ ବିଜ୍ଞାନମେଳା

**ଖଣ୍ଡପଡ଼ା,୨୫।୧୧(ସମିସ):** ଖଣ୍ଡପଡ଼ା ବ୍ଲକ୍ ଅଧୀନ ଗୁଣ୍ଠୁଣି ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ୩୧ତମ ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ପୂର୍ବାହ୍ଣରେ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବ୍ଲକ୍ ଅଧ୍ୟକ୍ଷା ଉପମା ବେହେରା, ସରପଞ୍ଚ ପ୍ରତିମା ପରିଡ଼ା, ସମିତିସଭ୍ୟା ସୁଲୋଚନା ଦାସ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ, ଏବିଇଓ କଳିଙ୍ଗ ଚନ୍ଦ୍ର ନାଏକ, ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦ, ପ୍ରଧାନଶିକ୍ଷୟିତ୍ରୀ ଶାନ୍ତିଲତା ରାଉତ, ବିଡିୟୁପିଏମ୍‌ଇଏସ୍ ବିଦ୍ୟାଳୟ ପ୍ରତିଷ୍ଠାତା ବଂଶୀଧର ଦାଶ, ପରିଚାଳନା କମିଟି ସଭାପତି ରାଜକିଶୋର ଗୁରୁ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ସମଗ୍ର ବ୍ଲକ୍‌ରୁ ସର୍ବକନିଷ୍ଠ ବର୍ଗରେ ୪୧, କନିଷ୍ଠ ବର୍ଗରେ ୬୬, ବରିଷ୍ଠ ବର୍ଗରେ ୪୩ ଏହିଭଳି ସମୁଦାୟ ୧୫୦ ପ୍ରକଳ୍ପ ସ୍ଥାନ ପାଇଥିବାବେଳେ ବିଚାରକ ଭାବେ ଶିକ୍ଷକମଣ୍ଡଳୀ ୫ଟି ଶ୍ରେଷ୍ଠ ପ୍ରକଳ୍ପ ବାଛିଥିବା ଏବଂ ଏହା ଜିଲ୍ଲାସ୍ତରରେ ପ୍ରଦର୍ଶିତ ହେବ ବୋଲି ସୂଚନା ମିଳିଛି। ଏଥିସହିତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିବାବେଳେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ଯୋଗେନ୍ଦ୍ର ନାଥ ନାୟକ, ପ୍ରକାଶ ସାହୁ ବିଭିନ୍ନ ବିଭାଗରେ ୧୭ଟି ଶ୍ରେଷ୍ଠ ପ୍ରକଳ୍ପ ବାଛିଥିବା ଏବଂ ଏହା ଜିଲ୍ଲାସ୍ତରରେ ପ୍ରଦର୍ଶିତ ହେବ ବୋଲି ଶିକ୍ଷା ବିଭାଗଠାରୁ ସୂଚନା ମିଳିଛି। ସିଆର୍‌ସିସି ନାରାୟଣ ଦାଶ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।




**ଭାପୁର:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ସାମନ୍ତ ଚନ୍ଦ୍ରଶେଖର କପିଳମାର୍ଥା ସରକାରୀ ହାଇସ୍କୁଲରେ ୩୧ତମ ବିଜ୍ଞାନମେଳା ଆୟୋଜିତ ହୋଇଯାଇଛି। ବ୍ଲକ୍ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ ଏହାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଓ ଶିକ୍ଷକ ନେତା ପ୍ରସନ୍ନ କୁମାର ଲେଙ୍କାଙ୍କ ପରିଚାଳନାରେ ଉଦ୍‌ଘାଟନୀ ଉତ୍ସବରେ ବ୍ଲକ୍ ଶିକ୍ଷା ଅଧିକାରିଣୀ ମୋନାଲିସା ରଥ, ବିଆର୍‌ସିସି ପ୍ରଭାକର ସାମନ୍ତରାୟ, ଏବିଇଓ ସନ୍ତୋଷ କୁମାର କର, ସିଆର୍‌ସିସି ସଞ୍ଜୟ କୁମାର ପଙ୍ଗାରି, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଫୁଲ୍ଲ କୁମାର ଜେନା, ପଞ୍ଚଶାଖା ଶିକ୍ଷା ସେତୁ ସଭାପତି ସନାତନ ଦଳେଇ ଉପସ୍ଥିତ ଥିଲେ। ଧନ୍ୟବାଦ ଅର୍ପଣ କରିଥିଲେ ଶିକ୍ଷକ ପ୍ରଫୁଲ୍ଲ କୁମାର ନନ୍ଦ। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଗୟାଧର ପରିଡ଼ା ଓ ବ୍ଲକ୍ ପ୍ରତିନିଧି ତୋଫାନ ପ୍ରଧାନ, ସରପଞ୍ଚ ଉଷାରାଣୀ ସାହୁ ଯୋଗଦେଇଥିଲେ। ଏହି ମେଳାରେ ମୋଟ ୧୦୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଜିଲ୍ଲାସ୍ତରକୁ ୧୦ଟି ପ୍ରକଳ୍ପ ମନୋନୀତ ହୋଇଥିବା ସୂଚନା ମିଳିଛି।





ନିଆରା ସଂଗ୍ରାହକ ଆରୋହୀ

# ପୁରୁଣା ମୁଦ୍ରା ସମେତ ରଖିଛନ୍ତି ୧୫ ଦେଶର କରେନ୍ସି

ଭୁବନେଶ୍ୱର, ୨୫।୧୧(ସମିସ): ପୁରୁଣା ଜିନିଷ ସାଇତି ରଖିବା ମଣିଷର ଅଭ୍ୟାସ। ସେହି ସାଇତା ଜିନିଷ ହିଁ ସେ ସମୟର ଇତିହାସ, ଚାଲିଚଳନ, ସଂସ୍କୃତି ଓ ପରମ୍ପରାର ବାହକ ସାଜିଥାଏ। ହେଲେ ବେଳେ ବେଳେ ଏହି ଅଭ୍ୟାସ ନିଶା ମଧ୍ୟ ପାଲଟିଯାଏ। ସହରର ଚାକଚମକ ଓ ବଡ ବଡ଼ ଆଙ୍ଗାଳିକା ସଂଗ୍ରହାଳୟଠାରୁ ବହୁ ଦୂରରେ ଗଢିଉଠେ ବ୍ୟକ୍ତିଗତ ସଂଗ୍ରହାଳୟ।

ଏଭଳି ଏକ ନିଆରା ସଂଗ୍ରାହକ ହେଲେ ଆରୋହୀ ଅଗ୍ରୱାଲ। ମାତ୍ର ୧୧ ବର୍ଷ ବୟସରେ ସେ ଜଣେ ସଂଗ୍ରାହକ ପାଲଟିଛନ୍ତି। ଫରେଷ୍ଟ ପାର୍କ ଅଞ୍ଚଳରେ ଆରୋହୀଙ୍କ ଘର। ଏହି କମ ବର୍ଷୀୟ ଛାତ୍ରୀଙ୍କ ନିଶା କିନ୍ତୁ ପୁରୁଣା ମୁଦ୍ରା ସଂଗ୍ରହ କରିବା। କେବଳ ସେତିକି ନୁହଁ, ବରଂ ସେ ଭାରତୀୟ ମୁଦ୍ରା ବ୍ୟତୀତ ଅନ୍ୟ ୧୫ରୁ ୨୦ଟି ଦେଶର କରେନ୍ସି ମଧ୍ୟ ସଂଗ୍ରହ କରି ରଖିଛନ୍ତି। ଯେପରି ଆମେରିକା, ଅଷ୍ଟ୍ରେଲିଆ, ନେପାଳ, ସିଙ୍ଗାପୁର, ଇଣ୍ଡୋନେସିଆ, ରଷିଆ, ଚାଇନା ଇତ୍ୟାଦି। ସେହିଭଳି ଆମ ଦେଶରେ ପୂର୍ବରୁ ପ୍ରଚଳିତ ଥିବା ମୁଦ୍ରା ଯାହା ଏବେ ଆଉ ଦେଖିବାକୁ ମଧ୍ୟ ମିଳୁନି, ତାକୁ ମଧ୍ୟ ସେ ସାଇତି ରଖିଛନ୍ତି। ତାଙ୍କ ସଂଗ୍ରହରେ ବର୍ତ୍ତମାନ ସୁଦ୍ଧା ଦୁଇ ହଜାରରୁ ଅଧିକ କଏନ, ତିନି ହଜାରରୁ ଅଧିକ କାଗଜ ନୋଟ୍ ରହିଛି। ପ୍ରାୟ ୬୦ ବର୍ଷ ତଳେ ଭାରତରେ ବ୍ୟବହୃତ ହେଉଥିବା ନୋଟ୍ ଏବଂ କଏନ ମଧ୍ୟ ସେଥିରେ ରହିଛି। ଆରୋହୀ ଭୁବନେଶ୍ୱରର ଏକ ଘରୋଇ ସ୍କୁଲରେ ଷଷ୍ଠ ଶ୍ରେଣୀରେ ପଢୁଛନ୍ତି। ଏନେଇ ତାଙ୍କ ମା ଜ୍ୟୋତି ଅଗ୍ରୱାଲ କୁହନ୍ତି, ସେ ଦ୍ୱିତୀୟ ଶ୍ରେଣୀରେ ପାଠ ପଢୁଥିବା ବେଳେ ଏହି ସଂଗ୍ରହ ନିଶା ତାଙ୍କର ଆରମ୍ଭ ହୋଇଥିଲା। ଜୁଆଡେ ଯାନ୍ତି ପୁରୁଣା ନୋଟ ଏବଂ ମୁଦ୍ରା ସଂଗ୍ରହ କରନ୍ତି। ନିଜ ସମ୍ପର୍କୀୟ ଏବଂ ପରିବାର ଲୋକ ଯେଉଁମାନେ ବାହାରେ ରହୁଛନ୍ତି, ସେମାନଙ୍କଠାରୁ ଆରୋହୀ ସଂଗ୍ରହ କରନ୍ତି। ସେହିଭଳି ବିଭିନ୍ନ ପ୍ରକାରର ନିଆରା ମ୍ୟାଗନେଟ ବା ଚୁମ୍ବକକୁ ମଧ୍ୟ ସେ ଦୁଇ ବର୍ଷ ହେବ ସଂଗ୍ରହ ଆରମ୍ଭ କରିଛନ୍ତି। କେବଳ ସେତିକି ନୁହଁ ଏହି ସଂଗ୍ରହ ପାଇଁ ସେ ବିଭିନ୍ନ ସ୍ଥାନରେ ପୁରସ୍କୃତ ହେବା ସହ ବିଭିନ୍ନ ସମୟରେ ଆୟୋଜିତ ହେଉଥିବା ପ୍ରଦର୍ଶନୀରେ ଭାଗ ନେଇ ଏହି ପୁରୁଣା ଏବଂ ନିଆରା ମୁଦ୍ରାକୁ ପ୍ରଦର୍ଶିତ କରୁଛନ୍ତି। ଏତେ କମ ବୟସରୁ ସଂଗ୍ରହ କରିବାର ଇଚ୍ଛା ସମ୍ପର୍କରେ ଆରୋହୀ କୁହନ୍ତି, ଭାରତର ଅନେକ ପୁରାତନ ମୁଦ୍ରାକୁ ସଂଗ୍ରହ କରିଛି, ଯାହା ବର୍ତ୍ତମାନ ଆଉ ବଜାରରେ ଚଳୁନାହିଁ କି ଦେଖାଯାଉ ନାହିଁ। ହେଲେ ଏହା ଆମର ପ୍ରାଚୀନ ଭାରତ ବିଷୟରେ ଜାଣିବାକୁ ସୁଯୋଗ ଦେବ। ସେଥିପାଇଁ ସେ ବିଭିନ୍ନ ସମୟର ମୁଦ୍ରାକୁ ସଂଗ୍ରହ କରୁଛନ୍ତି।



## ବିଜେଡି ପକ୍ଷରୁ ଗୁରୁ ବିପ୍ରଚରଣଙ୍କ ଜୟନ୍ତୀ




ଭୁବନେଶ୍ୱର, ୨୫।୧୧(ସମିସ): ଚାରୁକଳାର ମହାନ୍ ସ୍ଥପତି ବିପ୍ର ଚରଣ ମହାନ୍ତିଙ୍କ ଜୟନ୍ତୀ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଶାସ୍ତ୍ରୀ ନଗର ଛକଠାରେ ତାଙ୍କର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଗିରିଜା ଶଙ୍କର ମହାପାତ୍ର, ପ୍ରଭାତ ବିଶ୍ୱାଳ, ଅଶ୍ୱିନୀ କୁମାର ପଟ୍ଟନାୟକ, ପୂଜ୍ୟପୂଜା ପ୍ରାଣ ରମେଶ ଚନ୍ଦ୍ର ପାତାଳ ସିଂ, ମନୋରଞ୍ଜନ ମହାନ୍ତି, ବିଜୟ କୁମାର ସାହୁ, ସୁରଜିତ ପରିଡ଼ା ପମୁଖ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମୃଦ୍ଧ ଓଡ଼ିଶା ଏକ୍ସପୋରେ ହିଣ୍ଡାଲକୋ ଷ୍ଟଲ ପରିଦର୍ଶନ କରିବା ଅବସରରେ ହିଣ୍ଡାଲକୋର କର୍ପୋରେଟ ବ୍ୟାପାର ସଭାପତି ଅର୍ଦ୍ଧେନ୍ଦୁ ମହାପାତ୍ର ଏବଂ କର୍ପୋରେଟ କମ୍ୟୁନିକେସନର ଉପ-ସଭାପତି ଡକ୍ଟର ବିଭୁଦତ୍ତ ମହାପାତ୍ର।

## ଆପୋଲୋରେ ଟ୍ରାନ୍ସଆନାଲ୍ ମିନିମାଲି ଇନଭେସିଭ୍ ସର୍ଜରୀ ସଫଳ



ଭୁବନେଶ୍ୱର, ୨୫।୧୧(ସମିସ): ଭୁବନେଶ୍ୱରର ଆପୋଲୋ କର୍କଟ କେନ୍ଦ୍ର ଓଡ଼ିଶାର ପ୍ରଥମ ଟ୍ରାନ୍ସଆନାଲ୍ ମିନିମାଲି ଇନଭେସିଭ୍ ସର୍ଜରୀ ସଫଳତାର ସହ ସମ୍ପାଦନ କରି ସର୍ଜିକାଲ୍ ଅକୋଲୋଜିରେ ଏକ ପ୍ରମୁଖ ମାଇଲଖୁଣ୍ଟ ଭାବରେ ଚିହ୍ନିତ ହୋଇଛି। ପରାମର୍ଶଦାତା ସର୍ଜିକାଲ୍ ଅକୋଲୋଜିଷ୍ଟ ଡକ୍ଟର ମନୀନ୍ଦ୍ର ନାୟକଙ୍କ ନେତୃତ୍ୱରେ ଏହି ଅଭିନବ ପ୍ରକ୍ରିୟାରେ ଏକ ସ୍କାରହୀନ, ଟ୍ରାନ୍ସଆନାଲ୍ କୌଶଳ ବ୍ୟବହାର କରାଯାଇଥିଲା ଯାହା ମଳଦ୍ୱାରକୁ ସଂରକ୍ଷଣ କରି ଏବଂ ବାହ୍ୟ ଛେଦନକୁ ଏଡ଼ାଇ ଟ୍ୟୁମରକୁ ଅପସାରଣ କରାଯାଇପାରିଛି। ରୋଗୀ ସୀତାରାମ ଗୌଡ଼ଙ୍କ ମଳଦ୍ୱାର ଟ୍ୟୁମର ପାଇଁ ଭୁବନେଶ୍ୱରର ଆପୋଲୋ କର୍କଟ କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଅସିଥିଲେ। ଆପୋଲୋର ବିଶେଷଜ୍ଞ ଦଳ ତାଙ୍କର ସଫଳ ଚିକିତ୍ସା କରି କରିଥିଲେ। ଭୁବନେଶ୍ୱରର ଆପୋଲୋ କ୍ୟାନସର ସେଣ୍ଟରର ପରାମର୍ଶଦାତା ସର୍ଜିକାଲ୍ ଅଙ୍କୋଲୋଜିଷ୍ଟ ଡକ୍ଟର ମନୀନ୍ଦ୍ର ନାୟକ କହିଛନ୍ତି, ଜେଲପଏଣ୍ଟ ଟ୍ରାନ୍ସଆନାଲ୍ ପୋର୍ଟ ବ୍ୟବହାର କରି, ଉଚ୍ଚ-ଶକ୍ତି ଉପକରଣ ବ୍ୟବହାର କରି, ଟ୍ୟୁମରକୁ ଲିଜୁଆଲାଇଜ୍ କରାଯାଇଥିଲା ଏବଂ ଆଧାର ସହିତ ପର୍ଯ୍ୟାପ୍ତ ମାର୍ଜିନ୍ ସହିତ ସଠିକ୍ ଭାବରେ ଚିକିତ୍ସା କରାଯାଇଥିଲା। ଭୁବନେଶ୍ୱରର ଆପୋଲୋ ହସ୍ପିଟାଲର ଡାକ୍ତର ଆଲୋକ ଶ୍ରୀବାସ୍ତବ, ସିଓଓ ଏବଂ ନିର୍ଦ୍ଦେଶକ ଡାକ୍ତରୀ ସେବା ଡକ୍ଟର ଆଲୋକ ଶ୍ରୀବସ୍ତବ କହିଛନ୍ତି, ଆମର ଲକ୍ଷ୍ୟ ସର୍ବଦା କରୁଣା ଏବଂ ଉତ୍କର୍ଷତା ସହିତ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ପ୍ରଦାନ କରିବା।

## ହାଇଟେକ୍‌ରେ ନବାଗତ ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୨୫ ।୧୧(ସମିସ): ହାଇଟେକ ମେଡିକାଲ କଲେଜ ଓ ହସ୍ପିଟାଲରେ ନବାଗତ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଓଡ଼ିଶା ଅଗ୍ନିଶମ ବିଭାଗ ଡିଜି ଡ. ସୁଧାଂଶୁ କୁମାର ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାଠପଢ଼ା ପ୍ରତି ସଜାଗ ରହି ଦେଶ ଓ ଜାତି ପାଇଁ କାମ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। ହାଇଟେକ ଗ୍ରୁପର ପ୍ରତିଷ୍ଠାତା ଅଧକ୍ଷ ଡ. ତିରୁପତି ପାଣିଗ୍ରାହୀ କହିଛନ୍ତି ଯେ ସେବା ମନୋଭାବ ରଖି କାର୍ଯ୍ୟକଲେ ବ୍ୟକ୍ତିତ୍ୱର ବିକାଶ ଘଟିବ। ଏଣୁ ନିଜକୁ ଜଣେ ପ୍ରତିଷ୍ଠିତ ଡାକ୍ତର ଭାବେ ଗଢ଼ିବାକୁ ନିରନ୍ତର ଭାବେ ଉଦ୍ୟମ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେବା ସହ ସେମାନଙ୍କୁ ସମସ୍ତ ପ୍ରକାର ଶୈକ୍ଷିକ ସୁବିଧାସୁଯୋଗ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଉତ୍ସବରେ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ ଏବଂ ହାଇଟେକ ମେଡିକାଲ କଲେଜର ଅଧକ୍ଷ ଡ. ଦେବେନ୍ଦ୍ର ମହାପାତ୍ର, ଉପାଧକ୍ଷା ଡ. ଲିଶା ଷଡ଼ଙ୍ଗୀ, ମେଡିକାଲ ସୁପେରିନଟେଣ୍ଡେଣ୍ଟ ଡ. ରବୀନ୍ଦ୍ରନାଥ ବେହେରା, ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡ. କୁମରବର ଦାସ ଏବଂ ହାଇଟେକ ଇନ୍‌ଷ୍ଟିଚ୍ୟୁଟ୍ ଅଫ ସର୍ଜିକାଲ ଏକ୍ସଲେନ୍ସିର ନିର୍ଦ୍ଦେଶକ ଡ. ଅଶୋକ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ପ୍ରଶାସନିକ ଅଧିକାରୀ ଡ. ଗୋପେଶ୍ୱର ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ହାଇଟେକ ବାଣିଜ୍ୟ ଓ ବିଜ୍ଞାନ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଚିତ୍ତରଞ୍ଜନ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ।




## ସତ୍ୟନଗରରେ ନିର୍ମାଣ ହେବ ଓଏଆଇସି ମୁଖ୍ୟ କାର୍ଯ୍ୟାଳୟ

ଭୁବନେଶ୍ୱର, ୨୫ ।୧୧(ସମିସ): ଓଡ଼ିଶା କୃଷି ଶିଳ୍ପ ନିଗମ (ଓଏଆଇସି)ର ନୂତନ ମୁଖ୍ୟ କାର୍ଯ୍ୟାଳୟ ଭୁବନେଶ୍ୱର ସତ୍ୟନଗରରେ ନିର୍ମାଣ ହେବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ପ୍ରାୟ ୧.୪୬ ଏକର ଜମିରେ ୮୩.୭୭ କୋଟି ବ୍ୟୟରେ ଏହି ୫ ମହଲା ବିଶିଷ୍ଟ ଅତ୍ୟାଧୁନିକ ଭବନ ନିର୍ମାଣ କରାଯିବ। ଏହି ଅବସରରେ କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନଙ୍କ ସମେତ କୃଷି ଅଧିକାରୀମାନେ ଉପସ୍ଥିତ ଥିଲେ।

## ପ୍ରଥମ ଅଡିଟ୍ ଅଦାଲତ ଉଦ୍‌ଘାଟିତ




ଭୁବନେଶ୍ୱର, ୨୫।୧୧(ସମିସ): ଜାତୀୟ ଅଡିଟ ସପ୍ତାହ ପାଳନ ଅବସରରେ ଦେଶର ପ୍ରଥମ ଅଡିଟ ଅଦାଲତ ଓଡ଼ିଶାର ପ୍ରଧାନ ମହାଲେଖାକାର ଅଡିଟ-୧ ସୁବ୍ରୁ. ଆରଙ୍କ ଦ୍ୱାରା ଉଦଘାଟିତ ହୋଇଛି। ଓଡ଼ିଶା ସରକାରଙ୍କ ଛଅଟି ବିଭାଗ - ମହିଳା ଏବଂ ଶିଶୁ ବିକାଶ, ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ଅବକାରୀ ଇତ୍ୟାଦି ବିଭାଗ ଦ୍ୱାରା ତଦାରଖ କରିବା ପାଇଁ ଏକ ଅଡିଟ୍ ଅଦାଲତ ଆୟୋଜନ କରାଯାଇଥିଲା। ଏହି ଅଦାଲତରେ ଉପ ମହାଲେଖାକାରଅଡିଟ ବେନୋଥ ରାକେଶ ନାୟକ ଏବଂ ବିମଲେଶ କୁମାର ସଂଯୋଜନା କରିଥିଲେ। ଏଣିକି ପ୍ରତି ମାସ ୨୫ ତାରିଖରେ ଅନଲାଇନ ସିଏଜି କନେକ୍ଟ ମାଧ୍ୟମରେ ରାଜ୍ୟର ବିଭିନ୍ନ ବିଭାଗମାନେ ଅଡିଟ ପାରା ସମ୍ବନ୍ଧରେ ଏଜିକୁ ନିଆଯାଇଥିବା ପଦକ୍ଷେପ ସମ୍ବନ୍ଧରେ ସୂଚନା ପ୍ରଦାନ କରିବ। ଏହି ଅଦାଲତରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ୍, ପୋମା ଟୁଡୁ, ସ୍ୱତନ୍ତ୍ର ଶାସନ ସଚିବ ବିଜୟ କୁମାର ମହାପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗର ଶାସନ ସଚିବ ଯାମିନି ଷଡ଼ଙ୍ଗୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ମହଲେଖାକାରଙ୍କ ସଚିବ ଶ୍ରୀମନ୍ତ କୁମାର ପଣ୍ଡା, ବରିଷ୍ଠ ଲେଖା ପରୀକ୍ଷା ଅଧିକାରୀ ଉପେନ୍ଦ୍ର ନାରାୟଣ ଦାସ ପ୍ରମୁଖ ପରିଚାଳନା କରିଥିଲେ।

୮ମ ମଦନପୁର ଫୁଟବଲ୍ ଲିଗ୍ ୨୦୨୫

## ମଦନପୁରର ଭୋଳେଶ୍ୱରୀ କ୍ଲବ୍ ଲିଗ୍ ଚାମ୍ପିଅନ



ବଡ଼ରଘନାଥପୁର ୨୫।୧୧(ସମିସ): ଭୁବନେଶ୍ୱର ଉପକଣ୍ଠ ମଦନପୁର ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୮ମ ମଦନପୁର ଫୁଟବଲ୍ ଲିଗ୍‌ର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ଏହି ଫାଇନାଲ ମ୍ୟାଚ ମା ଭୋଳେଶ୍ୱରୀ କ୍ଲବ ମଦନପୁର ଓ କଳିଙ୍ଗ ୟୁନାଇଟେଡ ତମାଣ୍ଡୋ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏଥିରେ ମା ଭୋଳେଶ୍ୱରୀ କ୍ଲବ ମଦନପୁର ୩-୨ ଗୋଲ୍‌ରେ କଳିଙ୍ଗ ୟୁନାଇଟେଡ ତମାଣ୍ଡୋକୁ ପରାସ୍ତ କରି ୮ମ ମଦନପୁର ଫୁଟବଲ୍ ଲିଗ୍‌ର ଚାମ୍ପିୟନ ହୋଇଛି। ମା ଭୋଳେଶ୍ୱରୀ କ୍ଲବ ମଦନପୁର ତରଫରୁ ଅନ୍ତର୍ଯ୍ୟାମୀ ବେହେରା ୨୨ ମିନିଟ, ୩୫ ମିନିଟ୍ ମଧ୍ୟରେ ଓ ପ୍ରଭାତ ନାୟକ ୪୧ ମିନିଟ୍ ମଧ୍ୟରେ ଗୋଲ୍ ସ୍କୋର କରିଥିଲେ ଏବଂ କଳିଙ୍ଗ ୟୁନାଇଟେଡ ତମାଣ୍ଡୋ ପକ୍ଷରୁ ଶ୍ୟାମ ଜୟସିଂ ୨୮ ମିନିଟ୍ ମଧ୍ୟରେ ଓ ଶିବ ଶଙ୍କର ୩୫ ମିନିଟ୍ ମଧ୍ୟରେ ଗୋଲ୍ ସ୍କ?ର କରିଥିଲେ। ଏହି ମ୍ୟାଚ୍ କୁ ମନୋରଞ୍ଜନ ଖୁଣ୍ଟିଆ, ତୋଫାନ ନାୟକ, ଆନନ୍ଦ ନାୟକ, ଯୋଗୀ ଦାସ, ଏବଂ ବାବାଜୀ ବେହେରା ଖେଳ କୁ ପରିଚାଳନା କରିଥିଲେ। ଆଜିର ଏହି ମ୍ୟାଚ୍‌ରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ଅରୁଣ କୁମାର ବଳିୟାରସିଂ, ଶୁଭ୍ରାଂଶୁ ଶେଖର ପଟ୍ଟନାୟକ ଅତିଥି ସ୍କୃପେ ଯୋଗ ଦେଇଥିଲେ।

## ପୁରୁଣା ବସ୍‌ଷ୍ଟାଣ୍ଡ ୟୁନିଟ୍-୨ ବ୍ୟବସାୟୀ ସଂଘ ତରଫରୁ ଭଗବାନ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୨୫।୧୧(ସମିସ): ପୁରୁଣା ବସ୍‌ଷ୍ଟାଣ୍ଡ ୟୁନିଟ୍-୨ ବ୍ୟବସାୟୀ ସଂଘର ଆଜୀବନ ସମ୍ପାଦକ ଭଗବାନ ଜେନାଙ୍କର ଗତ ୨୨ ତାରିଖରେ ଭୁବନେଶ୍ୱର ପଦାସାହି ସାନବାଲିପଡ଼ା ଗ୍ରାମରେ ପରଲୋକ ହୋଇଛି। ଏହି ପରିପ୍ରେକ୍ଷିରେ ପୁରୁଣା ବସ୍‌ଷ୍ଟାଣ୍ଡ ବ୍ୟବସାୟୀ ସଂଘ କର୍ମକର୍ତ୍ତା ତରଫରୁ ମଙ୍ଗଳବାର ପୁରୁଣା ବସ୍‌ଷ୍ଟାଣ୍ଡଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଭଗବାନ ଜେନା ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀ ଥିଲା ସମୟରେ ଭୁବନେଶ୍ୱର ବ୍ଲକର ଜନତା ଦଳ ପ୍ରତିନିଧି ଭାବରେ କାର୍ଯ୍ୟରତ ଥିଲେ ଏବଂ ବିଜୁ କୃଷକ ଜନତା ଦଳର ଖୋର୍ଦ୍ଧା ଜିଲ୍ଲା ସଭାପତି ରହିଥିଲେ। ଏହାସହ ଅର୍ବାନ୍ କୋପରେଟିଭ୍ ବ୍ୟାଙ୍କ୍‌ର ବୋର୍ଡ ଅଫ୍ ଡାଇରେକ୍ଟର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିଥି ଭାବରେ ବିଧାୟକ ବାବୁ ସିଂ, ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଶା ଖଦୀ ବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଜଗନ୍ନାଥ ପ୍ରଧାନ, ଭଗବାନ ଜେନାଙ୍କର ପୁଅ ଅମୀୟ କୁମାର ଜେନା ଏବଂ ପୁରୁଣା ବସଷ୍ଟାଣ୍ଡ ବ୍ୟବସାୟୀ ସଂଘର ସମସ୍ତ କର୍ମକର୍ତ୍ତାମାନେ ଉପସ୍ଥିତରହି ତାଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଡ. ଶ୍ରୀନିବାସ ଘଟୁଆରୀ ସଭା ସଂଯୋଜନା କରିଥିଲେ।

## ମଣିପାଲ ହସ୍ପିଟାଲରେ ସଫଳ ହିପ୍ ରିପ୍ଲେସ୍‌ମେଣ୍ଟ ସର୍ଜରୀ

ଭୁବନେଶ୍ୱର, ୨୫ ।୧୧(ସମିସ): ଯାଜପୁର ରୋଡ଼ର ୫୩ ବର୍ଷୀୟ ରୋଗୀ ରମାକାନ୍ତ ପାତ୍ରଙ୍କୁ ଆତ୍ୟାଧୁନିକ 'ଡାଇରେକ୍ଟ ଆଣ୍ଟେରିଅର୍ ଆପ୍ରୋଚ୍' ଦ୍ୱାରା ସଫଳ ହିପ୍ ରିପ୍ଲେସ୍‌ମେଣ୍ଟ ମଣିପାଲ ହସ୍ପିଟାଲରେ ସଫଳତାର ସହ କରାଯାଇଛି। ରମାକାନ୍ତ ଦୀର୍ଘଦିନ ଧରି ଦୁଇଟି ହିପ୍ 'ଅଭାସ୍କୁଲାର୍ ନେକ୍ରୋସିସ'ରୋଗରେ ଆକ୍ରାନ୍ତ ଥିଲେ। ମଣିପାଲ ହସ୍ପିଟାଲର ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ବିଭାଗୀୟ ମୁଖ୍ୟ ଡାକ୍ତର ସୁନୀଲ ଦାଶ, ସମସ୍ତ ପ୍ରକାର ଡାକ୍ତରୀ ପରୀକ୍ଷା କରିବା ପରେ ତାଙ୍କର ହିପ୍ ରିପ୍ଲେସମେଣ୍ଟ୍ କରିବା ପାଇଁ ପରାମର୍ଶ କରିଥିଲେ। 'ଡାଇରେକ୍ଟ ଆଣ୍ଟେରିଅର୍ ଆପ୍ରୋଚ୍' ଏକ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଯେଉଁଥିରେ ଆଧୁନିକ ହିପ୍ ମାଂସପେଶୀକୁ ଅଧିକ ନକାଟି ସିଧାସଳଖ ହିପ୍ ରିପ୍ଲେସ୍ମେଣ୍ଟ କରାଯାଇଥାଏ। ଫଳରେ ରମାକାନ୍ତ ସର୍ଜରୀର ପର ଦିନ ଚାଲିବା ଆରମ୍ଭ କରିଥିଲେ। ଏହି ସର୍ଜରୀ ସମ୍ପର୍କରେ ମଣିପାଲ ହସ୍ପିଟାଲର ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁନୀଲ କୁମାର ଦାଶ କହିଲେ, "ଡାଇରେକ୍ଟ ଆଣ୍ଟେରିଅର୍ ଆପ୍ରୋଚ୍ ଦ୍ୱାରା ଆମେ ଜଟିଳ ହିପ୍ ସମସ୍ୟାକୁ ଅଧିକ ସୁରକ୍ଷିତ ଓ ସଠିକ୍ ଭାବରେ ଚିକିତ୍ସା କରିପାରୁଛୁ।



# 'ଜଳବାୟୁ ପରିବର୍ତ୍ତନ ସଂକଟକୁ ଜଟିଳ କରୁଛି ବିକାଶ ମଡେଲ୍'

ଭୁବନେଶ୍ୱର, ୨୫ ।୧୧(ସମିସ): ସାମ୍ପ୍ରତିକ ସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଏକ ବିରାଟ ସମସ୍ୟା। ବିକଶିତ ଦେଶ ଗଢ଼ିବା ପାଇଁ ପ୍ରସ୍ତୁତ ହେଉଥିବା ମଡେଲ, ଏହି ସଙ୍କଟକୁ ଅଧିକ ଜଟିଳ କରୁଛି। ଏହାସହ ପରିବେଶଗତ ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଓ ପରିବେଶ କେନ୍ଦ୍ର (ସିଏସ୍‌ଇ)ର ମହାନିର୍ଦ୍ଦେଶକ ତଥା 'ଡାଉନ୍ ଟୁ ଆର୍ଥ'ର ସମ୍ପାଦକ ପଦ୍ମଶ୍ରୀ ସୁନୀତା ନାରାୟଣ କହିଛନ୍ତି। ଦୈନିକ 'ଧରିତ୍ରୀ'ର ୫୨ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନୁଷ୍ଠିତ ୟୁଥ୍ କନ୍‌କ୍ଲେଭ୍‌ର 'କ୍ଲାଇମେଟ୍ ଚେଞ୍ଜ: ଫାଇଣ୍ଡିଂ ସଲ୍ୟୁସନ'ରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସେ ଏହା କହିଛନ୍ତି।

ମୁଖ୍ୟ ଅତିଥି ଭାବେ ବନ୍ୟପ୍ରାଣୀ ଜୀବବିଜ୍ଞାନୀ ପୂର୍ଣ୍ଣିମା ଦେବୀ ବର୍ମନ ଯୋଗଦେଇ ସମସ୍ତ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ କୋଲକାତାରେ ଅବସ୍ଥାପିତ ବ୍ରିଟିଶ ଡେପୁଟି ହାଇକମିଶନର ଡ. ଆଣ୍ଡ୍ରୁ ଫ୍ଲେମିଙ୍ଗ ଯୋଗଦେଇ ଜଳବାୟୁ ପରିବର୍ତ୍ତନର ଚ୍ୟାଲେଞ୍ଜକୁ ସମ୍ମୁଖୀନ ହେବା ପାଇଁ ଯୁବପିଢିଙ୍କୁ ଆହ୍ୱାନ ଦେଇଛନ୍ତି। ପ୍ରାରମ୍ଭରେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆଦ୍ୟାଶା ସତପଥି ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦକ ତଥାଗତ ସତପଥୀ ଆନ୍ତରିକତା ରହିଲେ ପରିବେଶ କ୍ଷେତ୍ରରେ ପରିବର୍ତ୍ତନ ଆଣିପାରିବା ବୋଲି କହିଛନ୍ତି। ଏହି ଅବସରରେ ଝାଡଖଣ୍ଡର ପରିବେଶବିତ୍ ପଦ୍ମଶ୍ରୀ ଚାମୀ ର୍ମୁମୁଙ୍କୁ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ଲାଇଫ୍‌ଟାଇମ୍ ଆଚିଭ୍‌ମେଣ୍ଟ ଆୱାର୍ଡ'

ଧରିତ୍ରୀ କନ୍‌କ୍ଲେଭ

ପ୍ରଦାନ କରାଯାଇଛି। ସେହିପରି ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ସଂସ୍ଥା ବିକାଶ ସାଥୀ ଓ ସବୁଜ ସଂକଳ୍ପ ଏବଂ ବ୍ୟକ୍ତିଗତ ସ୍ତରରେ ଦୀପାରାଣୀ ନାୟକ, ବାପି ଗୋଛାୟତଙ୍କୁ 'କ୍ଲାଇମେଟ୍ ଗ୍ରାଣ୍ଟ' ପ୍ରଦାନ କରାଯାଇଛି। ଏହାସହ ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନଙ୍କୁ ନେଇ ଆଲୋଚନା ହୋଇଥିଲା।



## କୃଷି ସମବାୟ ସମ୍ପାଦକଙ୍କ ନାଁରେ ଅଭିଯୋଗ



**ବରଗଡ଼,୨୫ା୧୧(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ୍ ଅଧୀନ ମହୁଲପାଲି ପଞ୍ଚାୟତ, ସିଆଲଖଣ୍ଡହତାରେ ରହିଥିବା କୃଷି ସମବାୟ ସମିତିର ସମ୍ପାଦକ ଦେବାଶିଷ ଆଚାର୍ଯ୍ୟଙ୍କ ନାମରେ ମହୁଲପାଲି ଚାଷୀ ମଙ୍ଗଳବାର ଗୁରୁତର ଅଭିଯୋଗ ଆଣିଛନ୍ତି। ଏନେଇ ଜିଲ୍ଲାପାଳଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଗତ ରବି ଋତୁରେ ସମ୍ପାଦକଙ୍କ ଅବହେଳା ଯୋଗୁଁ ୧୧ ଜଣ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ରହିଗଲେ। ତେଣୁ ଚାଷୀ ଅଭିଯୋଗ କରିବାରୁ ଆଚାର୍ଯ୍ୟ ମହାଶୟ ଚାଷୀଙ୍କ ସହିତ ପାଟିତୁଣ୍ଡ କରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ କରିଥିବା ଚାଷୀ ଅଭିଯୋଗ କରିଛନ୍ତି। ଧାନ କିଣା ପ୍ରକ୍ରିୟା ଚଳିତ ଖରିଫ ଋତୁ ପାଇଁ ସିଆଲଖଣ୍ଡହତା ପରିବର୍ତ୍ତେ ନିଜସ୍ୱ କୋର୍ଡ ମାଧ୍ୟମରେ ଅଥବା ରକ୍ଷୁଡା କୃଷି ସମବାୟ କିଣିବାକୁ ଚାଷୀ କହିଛନ୍ତି। ଏ ବିଷୟରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ ସେ କୌଣସି ମତ ଦେବାକୁ ରୋକଠୋକ ମନା କରିଦେଇଛନ୍ତି। ଏହା ମଧ୍ୟରେ ତିନି ମାସ ବିତିଛି। ପୂର୍ବରୁ ମଧ୍ୟ ଅଭିଯୋଗ କରାଯାଇଛି। ତେବେ ଏଥର ପ୍ରଶାସନ ଅବହେଳା କଲେ ମହୁଲ ପାଲି ମାର୍କେଟ ପ୍ରାଙ୍ଗଣ ବନ୍ଦ କରିବା ସହିତ ଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି କହିଛନ୍ତି ସିଆଲଖଣ୍ଡହତା ଓ ମହୁଲପାଲିର ଚାଷୀ ମାନେ ଚେତାବନୀ ଦେଇଛନ୍ତି।

## ଆତ୍ମନିର୍ଭର ଭାରତ ସଙ୍କଳ୍ପ ଅଭିଯାନ

**ପଦ୍ମପୁର,୨୫ା୧୧(ସମିସ):** ସ୍ଥାନୀୟ ରାଜାଜୀ ଟାଉନ ହଲ ଠାରେ ଭାରତୀୟ ଜନତା ପାର୍ଟି ପଦ୍ମପୁର ନିର୍ବାଚନ ମଣ୍ଡଳୀ ତରଫରୁ ବନ୍ଦେ ମାତରଂର ୧୫୦ ତମ ପୂର୍ତ୍ତି ଉତ୍ସବ ଏବଂ ଆତ୍ମନିର୍ଭର ଭାରତ ସଙ୍କଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମପୁର ବିଜେପିର ଗୋବର୍ଦ୍ଧନ ଭୋଏ ଓ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ଡ.ବାଞ୍ଛାନିଧି ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ପ୍ରମୋଦ ମେହେର, ଟୁନା ଡନସନା, ଜନକ ସାହୁ, ମାନଭଞ୍ଜନ ବେହେରା, ଯତୀନ ସାହୁ, ଦିବ୍ୟ ପଧାନ, ସତ୍ୟମ ପଧାନ ଏବଂ ଜିଲ୍ଲାପରିଷଦ ସଭ୍ୟ ସୁରେନ୍ଦ୍ର ସିଂ ବରିହା, ମକରଧ୍ୱଜ ବଗାର ଓ ଜିଲ୍ଲା ପରିଷଦ ସଭ୍ୟା ସରସ୍ୱତୀ ସାହୁଙ୍କ ସମେତ ବିଜେପି କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

## ସାନଜାମପାଲି ହତ୍ୟା ଘଟଣାର ଅଭିଯୁକ୍ତ ଗିରଫ

**ଅମ୍ବାଭୋନା,୨୫ା୧୧(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ଥାନା ଅଧୀନ ସାନଜାମପାଲି ଗାଁର ଘଟିଥିବା ହତ୍ୟା ଘଟଣାରେ ଅମ୍ବାଭୋନା ପୁଲିସ ସାନଜାମପାଲି ଗାଁର ତୁଳସୀରାମ ଜାମଡୁଳିଆକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ତୁଳସୀରାମ ଏକ ବାଉଁଶ ବାଡିରେ ରାମ ଜାମଡୁଳିଆଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲା। ଏଥିରେ ରାମ ଜାମଡୁଳିଆଙ୍କ ମୃତ୍ୟୁ ହୋଇଥିଲା। ଘଟଣାରେ ତୁଳସୀରାମ ଠାରୁ ଏକ ବାଉଁଶ ବାଡି ଓ ଏକ ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ ଅମ୍ବାଭୋନା ଥାନାରେ ମାମଲା ରୁଜୁ ହୋଇଛି।

## ଅଞ୍ଚଳ ମହାବିଦ୍ୟାଳୟରେ ନିଶା ମୁକ୍ତ ଭାରତ ଅଭିଯାନ

**ପଦ୍ମପୁର,୨୫ା୧୧(ସମିସ):** ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟରେ ଯୁବ ସମାଜକୁ ନିଶା କବଳରୁ ମୁକ୍ତ କରି ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଠନ ଲକ୍ଷ୍ୟରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ପ୍ରଭାତ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଓଡ଼ିଆ ବିଭାଗର ବିଭାଗ ମୁଖ୍ୟ ଡ.ସରୋଜ ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପଦ୍ମପୁର, ମେନକା ମେହେର ଯୋଗ ଦେଇଥିଲେ। ନିଶା ସେବନ ଯୋଗୁଁ ଯୁବପିଢ଼ି କିପରି ନିଜର ଭବିଷ୍ୟତ ନଷ୍ଟ କରୁଛନ୍ତି କହି ସେ ଦୁଃଖ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମପୁର ଥାନାଧିକାରୀ ମମତା ନାଏକ ନିଶାଦ୍ରବ୍ୟ ବେପାର ଏବଂ ସେବନର ଆଇନଗତ ଦିଗଗୁଡିକ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପଦ୍ମପୁରର ଅଗ୍ରଣୀ ସ୍ୱେଚ୍ଛାସେବୀ ଶ୍ରୀରଘୁ ତାଣ୍ଡି ଏବଂ ପ୍ରଭାସ ଜାଲ୍ ମଞ୍ଚାସୀନ ଥିଲେ।

# ଫସଲ କ୍ଷତିପୂରଣରେ ଅନିୟମିତତା

**ବରଗଡ଼,୨୫ା୧୧(ସମିସ):**

ଚାଷ ଓ ଚାଷୀଙ୍କୁ ନେଇ ଗର୍ବ କରୁଥିବା ବରଗଡ଼ ଜିଲ୍ଲାରେ ପ୍ରତେକ ଦିନ ଏକ ନୂଆଁ ସମସ୍ୟା ଦେଖିବାକୁ

- **କେବଳ ଗୋଟେ ପରିବାରରୁ ୫୫ ଜଣଙ୍କୁ ମିଳିଛି କ୍ଷତିପୂରଣ**
- **୩ ଦିନରେ ସମାଧାନ ନ ହେଲେ ତହସିଲ ଅଫିସ ଘେରଉ ଚେତାବନୀ**

ମିଳୁଛି। ଗତ ରବି ଋତୁରେ ଅଦିନିଆ ବର୍ଷା କାରଣରୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ପ୍ରଭାବିତ କ୍ଷେତ୍ର ପରିଦର୍ଶନ କରି ବିଭାଗୀୟ ଅଧିକାରୀ ମାନେ



ଉପରସ୍ଥ ଅଧିକାରୀ ମାନଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। କିନ୍ତୁ କ୍ଷତିପୂରଣ ପାଇଲା ବେଳକୁ ତୋରା ଗାଁରେ ବହୁ ଅନିୟମିତତା ଦେଖିବାକୁ ମିଳିଛି। ଆରଆଇ ଲାଞ୍ଚ ଖାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫସଲ କ୍ଷତି ହୋଇ ନ ଥିବା ଚାଷୀଙ୍କର ପରିବାର ମାନଙ୍କର ସଦସ୍ୟ ମାନଙ୍କୁ ଲକ୍ଷାଧିକ ଟଙ୍କା କ୍ଷତିପୂରଣ ବ୍ୟବସ୍ଥା କରାଯାଇଥିବା ବେଳେ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଇନପୁଟ ସବସିଡି ପାଇବାରୁ ବଞ୍ଚିତ କରାଯାଇଛି। ଆଜି ଖବର ପାଇ ଗାଁର ଲକ୍ଷ୍ମଣ ନନ୍ଦ, ଫଗନୁ ପଧାନ, ଜଗବନ୍ଧୁ ସାହୁ, ଚୈତନ୍ୟ ସାହୁ, ଖେଗେଶ୍ୱର ଭୋଏ, ଗୁଣନିଧି ସାହୁ, ପ୍ରଶାନ୍ତ ଧରେଇ, ସୋସାଇଟି ଡାଇରେକ୍ଟ ଅନନ୍ତ ଭୋଇ, ଅଞ୍ଜନ ପଧାନ, ବିଶ୍ୱ ସାହୁ, ସୁବ୍ରତ, ଧନେଶ୍ୱର ସାହୁ, କରୁଣା ପଧାନ, ଡାକ୍ତର ପଧାନ, ହେମସାଗର ସାହୁ, ଗଣନାଥ ସାହୁ, କମଳ ପଧାନ ପ୍ରମୁଖ ଆରଆଇ ଅଫିସକୁ ଆସି ଇନପୁଟ ସବସିଡି ପ୍ରସଙ୍ଗରେ ପଚାରିଥିଲେ। ଏହାର କୌଣସି ଜବାବ ଆରଆଇ ଦେଇ ପାରି ନଥିଲେ। ଏଣୁ ଚାଷୀ ଅସନ୍ତୁଷ୍ଟ ହୋଇ ଆରଆଇ ଅଫିସ ଘେରଉ କରିଥିଲେ। ପରେ ଅତିରିକ୍ତ ତହସିଲଦାର ଆସି ଚାଷୀଙ୍କ ଅଭିଯୋଗ ଶୁଣିଥିଲେ। ଶହ ଶହ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବା ବେଳେ କେମିତି ମାତ୍ର ୫୫ ଜଣ ଚାଷୀ ତାହା ପୁଣି ପ୍ରାୟ ଗୋଟିଏ ପରିବାରର ଅନେକ ସଦସ୍ୟ ଇନପୁଟ ପାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଅତିରିକ୍ତ ତହସିଲଦାର ତିନି ଦିନ ମଧ୍ୟରେ ଘଟଣାରେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଚାଷୀ ଆନ୍ଦୋଳନରୁ ଓହରିଥିଲେ। ତେବେ ତିନି ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନ ହେଲେ ବରଗଡ଼ ତହସିଲ ଅଫିସ ଘେରଉ କରାଯିବ ବୋଲି ତୋରା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ମାନସିକ ଭିନ୍ନକ୍ଷମଙ୍କ ପାଇଁ ଦେବଦୂତ ସାଜିଲେ ବିଡିଓ

**ଗାଇସିଲେଟ,୨୫ା୧୧(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ୍ ସନ୍ଧିବାହାଲ ଗାଁର କିଶୋର ସାହୁ ଜଣେ ମାନସିକ ଭିନ୍ନକ୍ଷମ। ଦୀର୍ଘ ୩୫ ବର୍ଷ ଧରି ବିନା ବସ୍ତ୍ରରେ ବାପା ମାଙ୍କ ସାଙ୍ଗରେ ଏକ ଝାଟି ମାଟି ଘରେ ରୁହନ୍ତି। ବାପା ବାଳମୁକୁନ୍ଦ ସାହୁ ଜଣେ ଦିନ ମଜୁରିଆ। ଗୋଟିଏ ଦିନ ମଜୁରିକୁ ନ ଗଲେ ପରିବାରକୁ ଭୋକରେ ରହିବାକୁ ହୁଏ। ଏପରି ଅବସ୍ଥାରେ କିଶେରଙ୍କ ମା' କାମ କରିବାକୁ ଯିବା ଅସମ୍ଭବ। ମାନସିକ ଅବସ୍ଥା ଠିକ ନ ଥିବାରୁ ଏପର୍ଯ୍ୟନ୍ତ କିଶୋରଙ୍କ ଆଧାରକାର୍ଡ ହୋଇ ପାରୁନାହିଁ। ଫଳରେ ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ତେବେ ଗତ ୨୮ ଏପ୍ରିଲରେ ଗାଇସିଲେଟ ପଞ୍ଚାୟତ ସମିତିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ବାଳମୁକୁନ୍ଦ ନିଜ ପୁଅ ପାଇଁ ସରକାରୀ ସହାୟତା ଯୋଗାଇ ଦେବାକୁ ଗୁହାରି କରିଥିଲେ। ଏହାପରେ ବିଡିଓ ସନ୍ଧିବାହାଲ ଗାଁରେ ପହଞ୍ଚି ରେଡକ୍ରସ ପାଣ୍ଠିରୁ ଜିଲ୍ଲାପାଳଙ୍କ ଠାରୁ ଅନୁମୋଦନ କରାଇ ୨୦ ହଜାର ଟଙ୍କା ପ୍ରଦାନ କରିବା ସହ ଖୁବ୍‌ଶୀଘ୍ର ଆଧାରକାର୍ଡ ତିଆରି କରି ସମସ୍ତ ସରକାରୀ ସୁବିଧା ଯୋଗାଇଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ତେବେ ପୁଣି ୨୭ ଅକ୍ଟୋବରରେ ବାଳମୁକୁନ୍ଦ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଆଖି ଆଗରେ ରଖି ବିଡିଓ ମାଝୀ ଆଜି ନିଜ ଅଧିକାରୀ ତଥା ଜିପିଡିଓ, ପିଇଓ, ବିପିସି, ଏପିଓ ଏବଂ ଆଧାର ଟିମକୁ ସାଙ୍ଗରେ ନେଇ ସନ୍ଧିବାହାଲ ଗାଁର କିଶୋର ଘରେ ପହଞ୍ଚିଥିଲେ। ପ୍ରାୟ ଏକ ଘଣ୍ଟାର



ଉଦ୍ୟମରେ ଆଧାରକାର୍ଡ ଆବେଦନ କରିବାର ପ୍ରକ୍ରିୟା ସରିଥିଲା। ଆଧାରକାର୍ଡ ଆସିଲା ପରେ କିଶୋରକୁ ସମସ୍ତ ପ୍ରକାର ସରକାରୀ ସୁବିଧା ତଥା ଅନ୍ତୋଦୟ ଗୃହ, ଚାଉଳ ଓ ୩୫୦୦ ଟଙ୍କା ଭତ୍ତା ଯୋଗାଇ ଦେବା ପାଇଁ ବିଡିଓ ମାଝୀ ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ୍‌ରେ ୪୦ ଜଣ ବ୍ୟକ୍ତିଙ୍କ ଆଧାର କାର୍ଡ ପାଇଁ ବାୟୋମେଟ୍ରିକ ଅପଡେଟ ହୋଇ ପାରୁ ନ ଥିବା ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି। ଖୁବ୍‌ଶୀଘ୍ର ସେମାନଙ୍କ ଆଧାର କାର୍ଡ ଅପଡେଟ କରିବା ପାଇଁ ଜିଲ୍ଲା ଓ ରାଜ୍ୟସ୍ତରୀୟ ଅଧିକାରୀଙ୍କ ସହିତ ଯୋଗାଯୋଗରେ ଅଛନ୍ତି ବୋଲି ପ୍ରକାଶ କରିଥିଲେ।

## ଜେଡି ମହିଳା ମହାବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା



**ବରପାଲି,୨୫ା୧୧(ସମିସ):** ବରପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଯାଇଛି। ଯୁବ ରେଡକ୍ରସ ସଂସ୍ଥା ପକ୍ଷରୁ ଆୟୋଜିତ ସଭା ଅଧ୍ୟକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। କମଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ତ୍ରିଦିବସୀୟ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ପ୍ରଶିକ୍ଷଣ ଶିବିର ନଭେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଯୁବ ରେଡକ୍ରସ କାଉନସିଲର ଯତୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ୨ ଜଣ ଛାତ୍ରୀ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିଲେ। ଶିବିରରେ ପ୍ରବନ୍ଧ ପ୍ରତିଯୋଗିତାରେ ଯାଜ୍ଞସେନୀ ମହାକୁର ପ୍ରଥମ ସ୍ଥାନ ଓ ରଙ୍ଗୋଲି ପ୍ରତିଯୋଗୀତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମୁସ୍କାନ ନାଗ ଇଂରାଜୀ ବକ୍ତୃତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ମଙ୍ଗଳବାର ମହିଳା ମହାବିଦ୍ୟାଳୟରେ ଛାତ୍ରୀ ମାନଙ୍କ ସଫଳତା ପରିପ୍ରେକ୍ଷୀରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଅଧ୍ୟାପକ ରସାନନ୍ଦ ଥପା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇଥିଲେ। ଶେଷରେ ସହ କାଉନସିଲର ଯାଜ୍ଞସେନୀ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

**ବରଗଡ଼ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଘାଟିତ**

# 'ଛାତ୍ରଛାତ୍ରୀଙ୍କ ମନରେ ଅନୁସନ୍ଧିତ୍ସୁ ଭାବ ଜାଗ୍ରତ କରେ'







**ବରଗଡ,୨୫ା୧୧(ସମିସ):**

ବିଜ୍ଞାନ ବିକାଶର ମୂଳ ଉତ୍ସ। ବିଜ୍ଞାନ ବିନା ବିକଶିତ ଦେଶ ବା ସମାଜର ପରିକଳ୍ପନା ଅସମ୍ଭବ। ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ମନରେ ଅନୁସନ୍ଧିତ୍ସୁ ଭାବ ଜାଗ୍ରତ କରିବା ସହ ବୈଜ୍ଞାନିକ ହେବାର ପ୍ରେରଣା ଯୋଗାଇ ଥାଏ ବୋଲି ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ବ୍ଲକ୍‌ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ମତ ପ୍ରକାଶ କରିଛନ୍ତି। ବରଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡାଏଟ୍‌ର ଅଧ୍ୟକ୍ଷ ଡ.ରଜନୀକାନ୍ତ ଦାଶ ଯୋଗ ଦେଇଥିଲେ। ବିଶିଷ୍ଟ ଅତିଥି ଭାବେ ଏଡିଇଓ ସରୋଜ ଭୁଏ, ଜର୍ଜ ହାଇସ୍କୁଲ ପ୍ରଧାନଶିକ୍ଷକ ଶାଶ୍ୱତୀ ଦାଶ, ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା, ଅବସରପ୍ରାପ୍ତ ଏବିଇଓ ରଞ୍ଜନ ଦଣ୍ଡସେନା ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ୧୬୬ଟି ସ୍କୁଲର ୨୩୧ଟି ପ୍ରକଳ୍ପ ସ୍ଥାନିତ ହୋଇଥିବା ବେଳେ ଟିଏଲଏମ ପ୍ରଦର୍ଶନୀ ଓ ବିଜ୍ଞାନ ଭିତ୍ତିକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ବିରେନ୍ଦ୍ର ଦାଶଙ୍କ ନେତୃତ୍ୱରେ ବିଚାରକ ଭାବେ ଲକ୍ଷ୍ମୀ ନାରାୟଣ ସାହା, ଅନିଲ ସାହୁ, ଅଶୋକ ପଣ୍ଡା, ମନୋଜ ବାରିକ, ସଞ୍ଜୟ ଖମାରୀ, ଚିତ୍ତରଞ୍ଜନ ମହାନନ୍ଦ ପ୍ରମୁଖ ପ୍ରକଳ୍ପ ଗୁଡିକର ମୂଲ୍ୟାଙ୍କନ କରିଥିଲେ। ଶିକ୍ଷକ ତେଜରାଜ ହୋତା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଶାନ୍ତି ସୁନା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଧାନଶିକ୍ଷକ ଆଲୋକ ସାହୁଙ୍କ ନିର୍ଦ୍ଦେଶନାରେ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଜର୍ଜ ଉଚ୍ଚ ବିଦ୍ୟାଳୟ, ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ ଆମ୍ବପାଲି, ନିଶାମଣି ଉଚ୍ଚ ବିଦ୍ୟାଳୟ, ହାଟ ପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ ନୃତ୍ୟ ପରିବେଷଣ କରାଯାଇଥିଲା।

### ଗାଇସୀମା ପ୍ରାଥମିକ ବିଦ୍ୟାଳୟ

**ବରଗଡ଼:** ଗାଇସୀମା ପଞ୍ଚାୟତ ଅନ୍ତର୍ଗତ ଗାଇସୀମା ପ୍ରାଥମିକ ବିଦ୍ୟାଳୟରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଧବଳେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଧିରନ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସିଆରସିସି ସୁଦର୍ଶନ ଲୁହା, ଚେୟାରମ୍ୟାନ ବଳିଷ୍ଠ ମହାପାତ୍ର, ଗାଁର ଅଭିଭାବକ କୃଷ୍ଣଚନ୍ଦ୍ର ମହାପାତ୍ର, ଖଗେଶ୍ୱର ମହାପାତ୍ର ପ୍ରମୁଖ ପ୍ରକଳ୍ପ ପରିଦର୍ଶନ କରିଥିଲେ। ବିଦ୍ୟାଳୟର ୭୨ଜଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ସହ ଶିକ୍ଷକ ଶିକ୍ଷୟିତ୍ରୀ ଲାବଣ୍ୟବତୀ ସାହୁ, ପାଣ୍ଡବ ସାହୁ, ରେଣୁକା ବିଶ୍ୱାଳ, ସୌମ୍ୟା ସାମିନି ଓ ସୀତା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

### ଜନତା ହାଇସ୍କୁଲ

**ଅମ୍ବାଭୋନା:** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଜନତା ହାଇସ୍କୁଲ ଭୁକ୍ତାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଆନୁକୂଲ୍ୟରେ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଏବଂ ସମଗ୍ର ଶିକ୍ଷା ଅନ୍ତର୍ଭୁକ୍ତ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନରେ ବ୍ଲକ୍ ଶିକ୍ଷା ଅଧିକାରୀ ମିଶ୍ରାଣୀ କୁମ୍ଭାରଙ୍କ ତତ୍ତ୍ୱାବଧାନରେ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟଅତିଥି ଭାବେ ଏବିଇଓ ଲାଲ ମୋହନ ସିଂ, ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟିର ଅଧ୍ୟକ୍ଷ ସାନନ୍ଦ ଦେହେରୀ, ବ୍ଲକ୍ ବିଜ୍ଞାନ ଫୋରମର ଅଧ୍ୟକ୍ଷ ତଥା ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ, ସମ୍ପାଦକ ମନୋହର ସାହୁ, ବେନିଆପାଲି ସ୍କୁଲର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ କାଲୋ, ଶିକ୍ଷକ ଈଶ୍ୱର ପଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଇକୋ କ୍ଲବ୍ ମାଷ୍ଟର ଟ୍ରେନର ଶ୍ରୀ ଖମାରୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଚାରକ ଭାବେ ଅଧ୍ୟାପିକା ଦମୟନ୍ତୀ ହୋତା, ପୂର୍ବତନ ଶିକ୍ଷକ ହାରାଚନ୍ଦ ପଟେଲ୍, ଯୋଗେଶ ପଧାନ, ଶିକ୍ଷକ ନିରଞ୍ଜନ ପଟେଲ୍, ରାହୁଲ ସେଠ ଅରବିନ୍ଦ ବାରିକ ଓ ଜୟନ୍ତ ବାରିକ ଯୋଗଦେଇ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀରେ ପୋଷଣୀୟ ଜୀବନଶୈଳୀ ଉପରେ ଆଧାରିତ ପ୍ରକଳ୍ପଗୁଡିକ ସ୍ଥାନ ପାଇଥିଲା। ଉଦ୍‌ଯାପନୀ ସମାରୋହରେ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ଲରମ୍ଭା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ.ନେପାଳ ପ୍ରଧାନ ଓ ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ବୈଷ୍ଣବ ଭୋଇ, ପୂର୍ବତନ ଶିକ୍ଷକ ହାରାଚନ୍ଦ ପଟେଲ୍, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେଶ ଚନ୍ଦ୍ର ପଧାନ, ବିଜ୍ଞାନ ଫୋରମର ଅଧ୍ୟକ୍ଷ ସଞ୍ଜୟ ଖମାରୀ ଯୋଗ ଦେଇ ସମସ୍ତ କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ ମାଝୀ ଓ ସିଆରସିସି ସୁମନ୍ତ ବାଗ ମଞ୍ଚ ପରିଚାଳନା କରିଥିଲେ। ସିଆର୍‌ସିସି କେଦାର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ୍‌ର ବିଭିନ୍ନ ସ୍କୁଲରୁ ଆସିଥିବା ଇକୋ କ୍ଲବ୍, ବିଜ୍ଞାନ କ୍ଲବ୍, ଗଣିତ କ୍ଲବ୍ ଓ ଶକ୍ତି କ୍ଲବ୍‌ର ସଦସ୍ୟ ବିଜ୍ଞାନ ପ୍ରଦର୍ଶନୀରେ ନିଜ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବ୍ଲକ୍‌ର ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ, ବିଜ୍ଞାନ ଫୋରମର ସଦସ୍ୟଙ୍କ ସମେତ ଭୁକ୍ତା ଜନତା ହାଇସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀଙ୍କ ସକ୍ରିୟ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।




### କଟାପାଲି ପିଏମଶ୍ରୀ ନୋଡାଲ ହାଇସ୍କୁଲ

**ବରପାଲି:** ବରପାଲି ବ୍ଲକ୍ କଟାପାଲି ପିଏମଶ୍ରୀ ନୋଡାଲ ହାଇସ୍କୁଲ ପରିସରରେ ସ୍କୁଲ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ ଭୋଇଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଏନଏସି ହାଇସ୍କୁଲ ପ୍ରଧାନଶିକ୍ଷକ ମନୋଜ ବାରିକ ଯୋଗ ଦେଇ ମେଳା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଚିକିନିପାଲି ହାଇସ୍କୁଲ ବିଜ୍ଞାନ ଶିକ୍ଷକ ଦିଲ୍ଲିପ ବରିହା ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ଧିରେନ୍ଦ୍ର ବିଶ୍ୱାଳ ସ୍ୱାଗତ ଜଣାଇଥିବା ବେଳେ ଶିକ୍ଷକ ତିର୍ଥବାସୀ ସାହୁ ଏବଂ ବିଜ୍ଞାନ ଶିକ୍ଷୟିତ୍ରୀ ଲିପି ଭୁଏଙ୍କ ତତ୍ତ୍ୱାଧାନରେ ମେଳା କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିଲା। ମେଳାରେ ୩୦ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ଉପସ୍ଥିତ ଛାତ୍ରଛାତ୍ରୀ ମାନେ ପରିକ୍ରମା ମାଧ୍ୟମରେ ପ୍ରଦର୍ଶନ କରିଥିଲେ। ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପକୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।



## ଔଷଧ ଦୋକାନରେ ବେଆଇନ ଭାବେ କଫ ସିରପ୍ ବିକ୍ରି

# ଭେଷଜ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ

ଢେଙ୍କାନାଳ/ହିନ୍ଦୋଳ,୨୫ ।୧୧(ସମିସ):

ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଔଷଧ ଦୋକାନରେ ଜିଲ୍ଲା ଭେଷଜ ବିଭାଗ ଓ ଅବକାରୀ ବିଭାଗ ପକ୍ଷରୁ କଫ୍ ସିରପ ଓ ବିନା ଡାକ୍ତରୀ ପ୍ରେସକପିସନରେ ଔଷଧ ବିକ୍ରୟ ଓ ଶିଶୁ ସୁରକ୍ଷା ସଚେତନତା ନେଇ ଚଢ଼ଉ କରାଯାଇଥିବା ଜଣାପଡିଛି । ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଅନେକ ଔଷଧ ଦୋକାନରେ ଜିଲ୍ଲା ଡ୍ରଗସ ଇନିସ୍ପେକ୍ଟର ଓ ଜିଲ୍ଲା ଅବକାରୀ ବିଭାଗ ମିଳିତ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଢଉ କରାଯାଇ ସଂଗ୍ରହ କରାଯାଇଥିବା ବିଭିନ୍ନ କମ୍ପାନୀର କଫ୍ ସିରପର ମାନ ଜାଣିବାକୁ ଲାବ୍‌କୁ ପଠାଇ ଦିଆଯାଇଥିବା ଜଣା ପଡିଛି ।

ସୂଚନା ମୁତାବକ, ପଡୋଶୀ ରାଜ୍ୟ ମଧ୍ୟପ୍ରଦେଶରେ କଫ ସିରପ ଖାଇ ୨ ବର୍ଷର ଶିଶୁ ମୃତ୍ୟୁ ଘଟଣା ଆଲୋଡନ






ସୃଷ୍ଟି କରିଥିବା ସମୟରେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ଏ ନେଇ ସଚେତନା ସୃଷ୍ଟି ମଧ୍ୟ କରାଯାଉଛି । ଓଡ଼ିଶା ଭେଷଜ ନିୟନ୍ତ୍ରକ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଢେଙ୍କାନାଳ ସହର ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇଛି । ଜିଲ୍ଲାର ୧୦ଟି ଔଷଧ ଦୋକାନରେ ଚଢ଼ଉ କରାଯାଇ କେତେକ କମ୍ପାନୀର କଫ ସିରପ ସାମ୍ପୁଲର ମାନ ପରୀକ୍ଷା କରିବା ପାଇଁ ସିରପ ସଂଗ୍ରହ କରାଯାଇ ସଂପୃକ୍ତ ଦୋକାନର କର୍ମକର୍ତ୍ତାଙ୍କୁ ସଚେତନ କରାଯାଇ ୨ ବର୍ଷରୁ କମ୍ ଶିଶୁଙ୍କୁ ସିରପ ନ ଦେବାକୁ ଚେତାବନୀ ଦିଆଯାଇଥିବାବେଳେ କିଛି କଫ ଶିରପକୁ ଯୁବପିଢ଼ି ନିଶା ଭାବରେ ସେବନ କରୁଥିବାବେଳେ ସେହି ସିରପର ସାମ୍ପୁଲ ନିଆଯାଇଥିଲା । ବିନା ଡାକ୍ତରୀ ପ୍ରେସକପିସନରେ ଗର୍ଭ ଭାଙ୍ଗିବା ଭଳି ଔଷଧ ବିକ୍ରୟ ଉପରେ କଟକଣା ସହିତ ଶିଶୁ ହାତରେ କୌଣସି ଔଷଧ ନ ଦେବା ପାଇଁ ଦୋକାନୀଙ୍କୁ ସଚେତନତା କରାଯାଇଥିଲା । ଢେଙ୍କାନାଳ ଡ୍ରଗ୍‌ସ ଇନ୍ସପେକ୍ଟର ଦିଲ୍ଲୀପ କୁମାର ମିଶ୍ର, ଜିଲ୍ଲା ଅବକାରୀ ବିଭାଗ ମିଳିତ ତତ୍ତ୍ୱାବଧାନରେ ଢେଙ୍କାନାଳ ଜିଲ୍ଲାର ୧୦ଟି ଔଷଧ ଦୋକାନରେ ଚଢ଼ଉ କରିଥିବା ଜଣାପଡିଛି । ଆଗାମୀ ଦିନରେ ଜିଲ୍ଲାର ସମସ୍ତ ଔଷଧ ଦୋକାନରେ ବିଭାଗ ପକ୍ଷରୁ ଚଢ଼ଉ ଜାରି ରହିବ ବୋଲି ବିଭାଗ ପକ୍ଷରୁ ଡ୍ରଗ୍ସ ଇନ୍ସପେକ୍ଟର ଦିଲ୍ଲୀପ ଦିଲୀପ କୁମାର ମିଶ୍ର ସୂଚନା ଦେଇଛନ୍ତି ।

## ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ମାର୍କେଟ କମ୍ପ୍ଲେକ୍ସ ଉଦଘାଟିତ



କଙ୍କଡାହାଡ,୨୫ ।୧୧(ସମିସ): କଙ୍କଡାହାଡ଼ ବ୍ଲକ ପଙ୍ଗାତିରା ପଞ୍ଚାୟତ ଅନ୍ତର୍ଗତ ପଙ୍ଗାତିରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଓ ମାର୍କେଟ କମ୍ପ୍ଲେକ୍ସ ଉଦଘାଟିତ ହୋଇଛି । ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ କିଶୋର ବେହେରା ପ୍ରଧାନ ମାର୍କେଟ କମ୍ପ୍ଲେକ୍ସ ଉଦଘାଟନ କରିଥିଲେ । ପରେ ପଙ୍ଗାତିରାସ୍ଥ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ବିଡ଼ିଓ ଯଶୋବନ୍ତ ଦେହୁରୀ, ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ଅଧିକାରୀ ଡା. ପ୍ରଦୀପ ଜେନା, ପଙ୍ଗାତିରା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଚିକିତ୍ସା ଅଧିକାରୀ ଡା. ନଳିନୀକାନ୍ତ ପାଣିଗ୍ରାହୀ, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ, ସମିତି ସଦସ୍ୟା ପୁଷ୍ପାଞ୍ଜଳି ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ, ମଣ୍ଡଳ ସଭାପତି ଜିତେନ୍ଦ୍ର କର ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ରେଫରୀ କର୍ମଶାଳା

ଢେଙ୍କାନାଳ, ୨୫ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଟାଏକ୍ୱୋଣ୍ଡୋ ଆସୋସିଏସନ ଅଫ ଓଡିଶାର ରାଜ୍ୟସ୍ତରୀୟ ରେଫରୀ କର୍ମଶାଳାରେ ଢେଙ୍କାନାଳର ୨୪ ଜଣ ରେଫରୀ ସଫଳତା ହାସଲ କରିଥିବା ଜଣାପଡିଛି । ଭଦ୍ରକ ବ୍ଲକ ଇଛାପୁର କାର୍ମେଲ ସ୍କୁଲ ପରିସରରେ ଆୟୋଜିତ କର୍ମଶାଳାରେ ଓଡିଶାରୁ ୬୦ରୁ ଅଧିକ ରେଫରୀ ଯୋଗଦେଇଥିଲେ । ପ୍ରଶିକ୍ଷଣପ୍ରାପ୍ତ ରେଫରୀଙ୍କୁ ସମ୍ମାନିତ କରାଯାଇଥିଲା । ରେଫରୀମାନେ ୨୭ ତାରିଖରେ ହେବାକୁ ଥିବା ୨୨ତମ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପରେ ରେଫରୀ ଭାବେ କାର୍ଯ୍ୟ କରିବେ ବୋଲି ସାଧାରଣ ସମ୍ପାଦକ ରବିନାରାୟଣ ପାଣିଗ୍ରାହୀ ପ୍ରକାଶ କରିଛନ୍ତି । ଢେଙ୍କାନାଳର ୨୪ ଜଣ ଏହି ଶିବିରରେ ଯୋଗଦାନ କରି ସଫଳତା ହାସଲ କରିଛନ୍ତି । ସେମାନଙ୍କ ମଧ୍ୟରେ ଆସିଆନା ଜେନା, ମିଞ୍ଜା ହୋଙ୍ଗଲି, ଯଶଶ୍ରୀ ସାହୁ, ଶୁଭଶ୍ରୀ ମହାରଣା, ଶୁଭଶ୍ରୀ ଦାସ, ରଜନୀକାନ୍ତ ମଲ୍ଲିକ, ନିର୍ମାଲ୍ୟ ମଲ୍ଲିକ, ମୁକେଶ ମଲିକ, ଇପସିତା ପ୍ରିୟଦର୍ଶିନୀ ନାୟକ, ଗାୟତ୍ରୀ ସାହୁ ରହିଛନ୍ତି ।

## ପୋଖରୀରେ ବୁଡ଼ି ଯୁବତୀ ମୃତ

କାମାକ୍ଷାନଗର, ୨୫।୧୧(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ଅନ୍ତର୍ଗତ ପଥରଖମ୍ବ ଗ୍ରାମରେ ଅଘଟଣ ଘଟିଯାଇଛି । ପୋଖରୀରେ ଗାଧୋଇବାକୁ ଯାଇଥିବାବେଳେ ଯୁବତୀ ମୃତ୍ୟୁବରଣ କରିଛନ୍ତି । ଚରଣ ସାହୁଙ୍କ ଝିଅ ଅର୍ଚ୍ଚନା ସାହୁ (୨୫) ଆଜି ସକାଳୁ ଘର ପାଖରେ ଥିବା ସୁନ୍ଦରକଣିଆ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ଗୋଡ଼ ଖସିଯିବାରୁ ସେ ବୁଡିଯାଇଥିଲେ । ଏହା ଦେଖି କିଛି ସ୍ଥାନୀୟ ଲୋକ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

## ଅଗ୍ନିକାଣ୍ଡରେ ଜଳିଗଲା ଘର

ପରଜଙ୍ଗ,୨୫।୧୧(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ବସୁଲେଇ ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡରେ ଗୋଟିଏ ପରିବାର ସର୍ବସ୍ୱାନ୍ତ ହୋଇଯାଇଛି । ଉକ୍ତ ଗ୍ରାମର ଦଳିତ ସାହିର ଅଶାନ୍ତି ନାଏକ ପୋଖରୀ ଆଡ଼କୁ ଯାଉଥିବାବେଳେ ଘରେ ଅଗ୍ନିକାଣ୍ଡ ଘଟିଥିବା



ନେଇ ଖବର ପାଇଥିଲେ । ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ । ଖବରପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିବା ବେଳକୁ ଘରର ସମସ୍ତ ଆସବାବପତ୍ର, କାଗଜପତ୍ର ପୋଡି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । କିଛି ବର୍ଷ ହେବ ଅଶାନ୍ତିଙ୍କ ସ୍ୱାମୀଙ୍କ ବିୟୋଗ ପରେ ଦୁଃଖକଷ୍ଟରେ ଚାଳଘରେ ଜୀବନ ଅତିବାହିତ କରୁଥିଲେ । ପ୍ରଶାସନ ପକ୍ଷରୁ ସମସ୍ତ ସରକାରୀ ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

## ■ ବାଜିରାଉତ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଟାଇବ୍ରେକରରେ ଆସାମ ରାଇଫଲ ବିଜୟୀ







ଢେଙ୍କାନାଳ,୨୫।୧୧(ସମିସ): ଢେଙ୍କାନାଳ ଜିଲ୍ଲା ତଥା ଦେଶର ସର୍ବକନିଷ୍ଠ ସହିଦ ବାଜିରାଉତଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ସର୍ବଭାରତୀୟ ଆମନ୍ତ୍ରଣ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜି ଖେଳରେ ଟାଇବ୍ରେକର ଜରିଆରେ ଆସାମ ରାଇଫଲ କେରଳ ପୁଲିସକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି । ଜିଲ୍ଲା କ୍ରୀଡା ସଙ୍ଘ ଓ ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର, ଢେଙ୍କାନାଳ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ହେଉଥିବା ଏହି ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚ୍ ଆସାମ ରାଇଫଲ ଓ କେରଳ ପୁଲିସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ମ୍ୟାଚରେ ଆସାମ ରାଇଫଲ ୪-୩ ଟାଇବ୍ରେକରରେ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି । ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲ ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ । ଖେଳକୁ ଦେବରାଜ ସ୍ୱାଇଁ, ଶଶୀକାନ୍ତ ଦାଶିଆ, ପ୍ରଦୀପ୍ତ ନନ୍ଦ ପ୍ରମୁଖ ପରିଚାଳନା କରିଥିବାବେଳେ କମିଶନର ଭାବେ ମାୟାଧର ସାହୁ ଯୋଗଦେଇଥିଲେ । ମ୍ୟାନ ଅଫ ଦି ମ୍ୟାଚ ଭାବେ ଆସାମ ରାଇଫଲର ଏସ ଦେବ ବିଶ୍ୱାସଙ୍କୁ ଭୁବନେଶ୍ୱର ନଖା ଇମେଜ ଟେକେନ କେୟାର ତରଫରୁ ଏସବିଆଇ କ୍ୟାସ ଅଫିସର ଦେବୀ ପ୍ରସାଦ ମିଶ୍ର ୨ ହଜାର ଟଙ୍କା ପ୍ରଦାନ କରିଥିବାବେଳେ କେରଳ ପୁଲିସ କ୍ୟାପଟେନଙ୍କୁ ବିଶିଷ୍ଟ ସମାଜସେବୀ ସତ୍ୟ ରଞ୍ଜନ ଭୂୟାଁ ପୁରସ୍କୃତ କରିଥିଲେ । କ୍ରୀଡା ସମ୍ପାଦକ ନଳିନୀ ଦାସ, ଉପସଭାପତି ସଞ୍ଜୟ ଭଞ୍ଜ, ଯୁଗ୍ମସମ୍ପାଦକ ଅଭିଜିତ ମିଶ୍ର, ଗୌରାଙ୍ଗ ସେଠୀ, ମନୋଜ ପଟ୍ଟନାୟକ, ପ୍ରତାପ ମହାନ୍ତି, ବାବୁ ପାଢୀ, ସୁନୀଲ ପଣ୍ଡା, ଶ୍ୟାମସୁନ୍ଦର ମହାପାତ୍ର, ବାବୁଲି ସାହୁ, ପ୍ରତୀକ ଭଞ୍ଜ, ବେସାରତ ଖାଁ, ପର୍ଶୁରାମ ମିଶ୍ର, ସରୋଜ ପାଢୀ, ମନୋଜ ଦାସ, ଲକ୍ଷ୍ମୀନାରାୟଣ ପଟ୍ଟନାୟକ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ ।

## ୩୮ତମ କୁରାଳ ପଞ୍ଚମୀ ପାଳିତ



ଢେଙ୍କାନାଳ, ୨୫ ।୧୧(ସମିସ): ଢେଙ୍କାନାଳ ସହର ମୀନାବଜାର କୁମ୍ଭାର ସାହିରେ ୩୮ ତମ କୁରାଳ ପଞ୍ଚମୀ ପୂଜା ପାଳିତ ହୋଇଯାଇଛି । ଏ ଅବସରରେ ପ୍ରାତଃରୁ ସ୍ଥାନୀୟ ଭାଗିରଥୀ ସାଗର କୂଳରୁ କଳସ ପୂଜାର୍ଚ୍ଚନା କରାଯାଇ ଘଣ୍ଟବାଦ୍ୟ ଦ୍ୱାରା ସହର ପରିକ୍ରମା କରାଯାଇ ପୂଜା ମଣ୍ଡପକୁ ଅଣାଯାଇଥିଲା । ମା'ଙ୍କ ଅଧିବାସ ପୂଜା ଆରମ୍ଭ ହୋଇଥିଲା । କଳସ ପୂଜା, ମଣ୍ଡଳ ପୂଜା, ଅଖଣ୍ଡଦୀପ ସ୍ଥାପନ, ଲକ୍ଷ୍ମୀନାରାୟଣଙ୍କୁ ଷୋଡଶ ଉପଚାର ପୂଜା, ହୋମଯଜ୍ଞ ଓ ବିଭିନ୍ନ ଭୋଗ ଲାଗି କରାଯାଇଥିଲା । ଏହି ପୂଜା ମାର୍ଗଶୀର ମାସ ଶୁକ୍ଳ ପକ୍ଷ ପଞ୍ଚମୀଠାରୁ ଏକାଦଶୀ ପର୍ଯ୍ୟନ୍ତ ୭ ଦିନ ଧରି ଚାଲୁ ରହିଥାଏ । ଏହିପୂଜାକୁ ପ୍ରଥମେ ସାହିର ବ୍ରହ୍ମାନନ୍ଦ ରାଉଳ, ବେଣୁଧର ବେହେରା, ବଂଶୀଧର ରାଉଳ, କେଶବ ରାଉଳଙ୍କ ସହିତ ସାହିର ବିଶିଷ୍ଟ ବ୍ୟକ୍ତି ଆରମ୍ଭ କରିଥେôଲ । ପ୍ରତ୍ୟେକ ଦିନ ସନ୍ଧ୍ୟା ଆଳତୀ ପରେ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । ଏହି କାର୍ଯ୍ୟକ୍ରମକୁ ସଭାପତି ଉଦୟନାଥ ବେହେରା, କର୍ତ୍ତା ଆଲୋକ ବେହେରା, ପୂଜକ ସିଡୁନୁ ନନା, ପ୍ରକାଶ ଚନ୍ଦ୍ରବେହେରା, ଶିବାଜୀ ବେହେରା, ସତ୍ୟାନନ୍ଦ ବେହେରା, ରଞ୍ଜନ ପରିଡା, ସୁଶାନ୍ତ ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି ।

## ଶତାୟୁ ବ୍ୟକ୍ତିଙ୍କ ପରଲୋକ

ଗଁଦିଆ,୨୫ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ କରମୁଳ ପଂଚାୟତ ଆମ୍ବପଡା ଗ୍ରାମର ଭ୍ରମରବର ପାଣିଗ୍ରାହୀଙ୍କ ୧୦୧ ବର୍ଷରେ ବୟସରେ ପରଲୋକ ହୋଇଛି । ସେ ଦୀର୍ଘଦିନ ଧରି ଅସୁସ୍ଥ ହୋଇ ଚିକିତ୍ସୀତ ହେଉଥିଲେ । ଯୁବ ସମୟରେ ଗ୍ରାମର ପରିଚାଳନା କରୁଥିଲେ । ଅଭିରାମ ପରମହଂସଙ୍କ ଶିଷ୍ୟ ଥିଲେ । ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନ ସହିତ ଜଡିତ ଥିଲେ । ଗତକାଲି ରାତିରେ ତାଙ୍କର ମୃତ୍ୟୁ ହେଇଥିଲା । ଆଜି ତାଙ୍କ ମର ଶରୀରକୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା । ବଡ଼ପୁଅ ମୁଖାଗ୍ନି ଦେଇଥିଲେ ।



## ବାମ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

କଙ୍କଡ଼ାହାଡ଼, ୨୫ ।୧୧(ସମିସ): ଢେଙ୍କାନାଳ କଙ୍କଡାହାଡ଼ ବ୍ଲକ୍ ବାମ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ଉଦଘାଟନ କରିଛନ୍ତି ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ । ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଶୁଭ ଉଦଘାଟନ କରିଛନ୍ତି । ଏହି ଆରୋଗ୍ୟ ମନ୍ଦିର ଉଦଘାଟନ ହେବା ପରେ ପଞ୍ଚାୟତର ୫ ହଜାରରୁ ଉର୍ଦ୍ଧ୍ୱ ଲୋକ ଉପକୃତ ବୋଲି ଶ୍ରୀ ପ୍ରଧାନ କହିଥିଲେ । ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ପ୍ରଶିକ୍ଷଣ କେନ୍ଦ୍ର, ବାମସ୍ଥ ବନ ସୁରକ୍ଷା ସମିତି ଗୃହ, ବନ ସୁରକ୍ଷା ସମିତି ଗୃହ, ସାଗବାରି ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଚାରୁଲତା ମିଶ୍ର, ଉପାଧ୍ୟକ୍ଷ ଦୀପା ସାହୁ, ବିଡ଼ିଓ ଯଶୋବନ୍ତ ଦେହୁରୀ, ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା ପ୍ରଦୀପ ଜେନା, ବାମ ସରପଞ୍ଚ ଫକୀର ମହାନ୍ତ, ସମିତି ସଦସ୍ୟା ଲକ୍ଷ୍ମୀ ହେମ୍ବ୍ରମ, ବିଜେପି ଜିଲ୍ଲା ସଭାପତି ରାସବିହାରୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।



## ଶିକ୍ଷକ ସାଇବର ଠକେଇର ଶିକାର

କଙ୍କଡ଼ାହାଡ଼,୨୫ ।୧୧(ସମିସ):ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ଼ ବ୍ଲକ୍‌ର ଜଣେ ଶିକ୍ଷକଙ୍କଠାରୁ ୯୦ ହଜାର ଟଙ୍କା ସାଇବର ଠକ ଲୁଟି ନେଇଥିବା ଅଭିଯୋଗ ହୋଇଛି । ଭୁଲରେ ଆପଣଙ୍କ ଆକାଉଣ୍ଟକୁ ଲକ୍ଷେ ଟଙ୍କା ପଠାଇଛି । ମୋବାଇଲ ମେସେଜ ଯାଇଛି ଦେଖନ୍ତୁ । ଦୟାକରି ମୋ ଟଙ୍କା ମୋତେ ଫେରାଇ ଦିଅନ୍ତୁ । ଜଣେ ବ୍ୟକ୍ତି କାନ୍ଦି କାନ୍ଦି କାକୁତି ମିନତୀ ହୋଇ ଫୋନ କରି ନିବେଦନ କରିଥିଲା । ଶିକ୍ଷକ ଜଣଙ୍କ ଆକାଉଣ୍ଟ ଯାଞ୍ଚ ନକରି ୫ ଥରରେ ୯୦ ହଜାର ଟଙ୍କା ପଠାଇ ଦେଇ ଠକାମିର ଶିକାର ହୋଇଥିଲେ । କଣ୍ଟାପାଳ କଲୋନୀ-୪ର ଆରକେ ଦଳେଇଙ୍କ ଫୋନକୁ ଏକ ଅଜଣା ନମ୍ବରରେ ଫୋନ ଆସିଥିଲା । ହିନ୍ଦୀରେ କଥା ହେଉଥିଲା ଯୁବକ ଅନ୍ୟ ଆକାଉଣ୍ଟକୁ ଟଙ୍କା ପଠାଉଥିବାବେଳେ ଭୁଲରେ ତୁମ ଆକାଉଣ୍ଟକୁ ୧ ଲକ୍ଷ ଟଙ୍କା ପଳାଇଥିବା କହିଥିଲା । ଶିକ୍ଷକ ଜଣକ ଠକ କଥାକୁ ବିଶ୍ୱାସ କରି ୯୦ ହଜାର ଟଙ୍କା ପଠାଇ ଦେଇଥିଲେ । ଯେତେବେଳେ ବାଲାନ୍ସ ଚେକ କଲେ ଦେଖିବାକୁ ପାଇଲେ ଆକାଉଣ୍ଟ ଖାଲି ହୋଇଯାଇଛି । ଶ୍ରୀ ଦଳେଇ ସାଇବର ହେଲ୍ପ ନମ୍ବର ୧୯୩୦ରେ ଫୋନ କରି ଅଭିଯୋଗ କରିଥିଲେ । ତୁରନ୍ତ ଠକର ବ୍ୟାଙ୍କ ଏକାଉଣ୍ଟକୁ ବ୍ଲକ କରାଯାଇଥିଲା । ମାତ୍ର ସେତେବେଳେକୁ ଠକ ୪୦ ହଜାର ଟଙ୍କା ଉଠାଇ ସାରିଥିଲା । ଶ୍ରୀ ଦଳେଇ ଏ ସମ୍ପର୍କରେ କଙ୍କଡାହାଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।



# ସାଂସଦ ରୁଦ୍ର ପାଣିଙ୍କ ଜନଅଭିଯୋଗ ଶୁଣାଣି



ଢେଙ୍କାନାଳ, ୨୫।୧୧(ସମିସ): ଢେଙ୍କାନାଳ ଜିଲ୍ଲା ଓଡାପଡା ବ୍ଲକ୍ ମୋଟଙ୍ଗାମଣ୍ଡଳକୁ ମଙ୍ଗଳବାର ଦିନିକିଆ ଗସ୍ତରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଆସି ବିଭିନ୍ନ ସ୍ଥାନରେ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣି ତତ୍କାଳ ଫୋନ ଯୋଗେ ସଂପୃକ୍ତ ଅଧିକାରୀଙ୍କ ସହ କଥା ହୋଇ ଅନେକ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟାର ସମାଧାନ କରିଛନ୍ତି । ବିଭିନ୍ନ ସାହିରେ ବୁଲି ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ ଓ କେତେକ ଲିଖିତ ଅଭିଯୋଗକୁ ଗ୍ରହଣ କରି ସେଗୁଡିକର ଆଶୁ ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଉକ୍ତ ଗସ୍ତ ସମୟରେ ସାଂସଦଙ୍କ ସହ ମୋଟଙ୍ଗା ବିଜେପି ମଣ୍ଡଳ ସଭାପତି ଦେବାନନ୍ଦ ବେହେରା, ବିଜେପି ନେତା ସନ୍ତୋଷ ନାଏକ, ସୁଶାନ୍ତ ପତି, ସହଦେବ ପୃଷ୍ଟି, ତପନ ମହାପାତ୍ର, ଅଶୋକ ରାଉତ, ସୁବାସ ରାଉତ, ଭକ୍ତବନ୍ଧୁ ବେହେରା, ରଣଜିତ ନାୟକ, ଦୀପକ ପଟ୍ଟନାୟକ, ସମରଜିତ ପଟ୍ଟନାୟକ, ମୋଟଙ୍ଗା ମଣ୍ଡଳ ସାଧାରଣ ସଂପାଦକ ମଙ୍ଗରାଜ ପ୍ରଧାନ ପ୍ରମୁଖ ସାମିଲ ଥିଲେ ।

## କୃଷି ଉତ୍ପାଦକ ସଂଗଠନର ତାଲିମ ଶିବିର



ଢେଙ୍କାନାଳ, ୨୫ ।୧୧(ସମିସ): ଢେଙ୍କାନାଳ ଜିଲ୍ଲା କୃଷକ ଉତ୍ପାଦକ ସଂଗଠନର ଜିଲ୍ଲାସ୍ତରୀୟ ତାଲିମ ଶିବିର କୃଷକ ଓ କୃଷକ ଉତ୍ପାଦକ ସଂଗଠନଙ୍କୁ ସଶକ୍ତ ଓ ସମୃଦ୍ଧ କରିବା ଉଦ୍ଦେଶ୍ୟରେ କୃଷି ବିଜ୍ଞାନ କେନ୍ଦ୍ରଠାରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ୧୦ଟି କୃଷକ ଉତ୍ପାଦକ ସଂଗଠନର ୨୫ ଜଣ ନିର୍ଦ୍ଦେଶକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଜିଲ୍ଲାରେ କୃଷକ ଉତ୍ପାଦକ ସଂଗଠନଙ୍କ କୃଷିଭିତ୍ତିକ ଦକ୍ଷତା ବିକାଶ କରିବା, ସଂଘବଦ୍ଧ ବଜାର ରଣନୀତି ପ୍ରସ୍ତୁତି କରି ବଜାର ସଂଯୋଗ କରିବା ଓ ବ୍ୟବସାୟିକ ଯୋଜନା ପ୍ରସ୍ତୁତ କରିବା ନେଇ ଜ୍ଞାନକୌଶଳ ପ୍ରଦାନ କରିବା । ଉକ୍ତ କାର୍ଯ୍ୟକ୍ରମରେ କୃଷକ ଉତ୍ପାଦକ ସଂଗଠନର ପରିଚାଳନା, ବ୍ୟବସାୟିକ ଯୋଜନା ପ୍ରସ୍ତୁତି ଓ ମାର୍କେଟ ରିସର୍ଚ୍ଚ ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା । ଏହି ତାଲିମ କାର୍ଯ୍ୟକ୍ରମରେ ପାଲାଡିୟମ ଗ୍ରୁପର ଏଗ୍ରି ମାର୍କେଟ ଏକ୍ସପର୍ଟ ଅଜିତ ମହାନ୍ତ ଯୋଗଦେଇ ସଂଘବଦ୍ଧ ବଜାର ରଣନୀତି ଓ ସିଧା ବଜାର ସଂଯୋଗ କରି କପରି ଅଧିକ ଲାଭବାନ ହୋଇପାରିବେ ସେ ବିଷୟରେ ତାଲିମ ପ୍ରଦାନ କରିଥେôଲ । ବିଶେଷଜ୍ଞ ଭାବେ ଜି.ଟି. ଭାରତ ଫାଉଣ୍ଡେସନର ଜିଲ୍ଲା ସଂଯୋଜକ ନାରାୟଣ କଟୁଆ ଓ ସିଆଇଏଲଓ କୃଷକ ଉତ୍ପାଦକ ସଂଗଠନ ପରିଚାଳକ ସତ୍ୟରଞ୍ଜନ ପ୍ରଧାନ ଯୋଗଦେଇ କିପରି ଆର୍ଥିକ ସୁବିଧାପ୍ରାପ୍ତି କରିପାରିବେ ଓ ବ୍ୟବସାୟ ବଢ଼ାଇ ପାରିବେ ସେ ବିଷୟରେ ବିବରଣୀ ଦେଇଥେôଲ । କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ବିମଳେନ୍ଦୁ ମହାନ୍ତି କୃଷକ ଉତ୍ପାଦକ ସଂଗଠନମାନେ କିପରି ବ୍ୟବସାୟକୁ ଆଗକୁ ବଢ଼ାଇବେ, ସେ ନେଇ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଡଃ ରୋଜାଲିନ ମହାନ୍ତ ପରିଚାଳନା କରିଥିଲେ ।

## ବିଜେପି କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ନେତା

ଢେଙ୍କାନାଳ,୨୫ ।୧୧(ସମିସ): କାମାକ୍ଷାନଗର ଅଡିଟୋରିୟମରେ ବିଜେପିର ଆତ୍ମନିର୍ଭର ଭାରତ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ କାମାକ୍ଷାନଗର ଓ ପରଜଙ୍ଗ ବିଧାନସଭା କ୍ଷେତ୍ରର ଶତାଧିକ କର୍ମୀ ଉପସ୍ଥିତ ଥିଲେ । ସଂଯୋଜକ ମାତୃପ୍ରସାଦ ନନ୍ଦ ମଞ୍ଚ ପରିଚାଳନା କରିଥିଲେ । କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରାସ ବିହାରୀ ବେହେରା, ବରିଷ୍ଠ ବିଜେପି ନେତା ପ୍ରେମାନନ୍ଦ ଜେନା, ପବିତ୍ର ବିଶ୍ୱାଳ, ମଣ୍ଡଳ ନଗର ସଭାନେତ୍ରୀ ବ୍ରଜେଶ୍ୱରୀ ଦାସ, ପରଜଙ୍ଗ ବ୍ଲକ ଉପାଧ୍ୟକ୍ଷା ଯଶସ୍ୱନୀ ରାଉତ, ଭୁବନ ବ୍ଲକ୍ ଉପାଧ୍ୟକ୍ଷା ପ୍ରମୁଖ ଯୋଗ ଦେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଭାରତ ଗଠନ ସହିତ ସ୍ୱଦେଶୀ ଜିନିଷ ବ୍ୟବହାରକୁ ଗୁରୁତ୍ୱ ପ୍ରଦାନ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଅତିଥି ମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଗାମୀ ଦିନରେ କାମାକ୍ଷାନଗର ଓ ପରଜଙ୍ଗ ବିଧାନସଭା କ୍ଷେତ୍ର ପାଇଁ ବେଦାନ୍ତ ନୂଆ ସମ୍ଭାବନା ଆଣୁଥିବା ବିଧାୟକ ବିଭୂତି ପ୍ରଧାନ ପ୍ରକାଶ କରିଥିଲେ ।

## ଆସିଲେନି ୮୦ ପ୍ରତିଶତ ସରପଞ୍ଚ, ସମିତି ସଭ୍ୟ

# କୋରମ୍ ଅଭାବରୁ ଭଣ୍ଡୁର ହେଲା ହିନ୍ଦୋଳ ସମିତି ବୈଠକ

ହିନ୍ଦୋଳ, ୨୫।୧୧(ସମିସ):

କିଛିଦିନ ହେଲା ହିନ୍ଦୋଳ ବ୍ଲକ ରାଜନୀତି ସରଗରମ ହୋଇ ଉଠିଥିବାବେଳେ ୨୫ ତାରିଖ ମଙ୍ଗଳ ବାର ହିନ୍ଦୋଳ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବ ବୋଲି ବ୍ଲକର ସରପଞ୍ଚ, ସମିତି ସଭ୍ୟଙ୍କୁ ହିନ୍ଦୋଳ ବ୍ଲକ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା, ହେଲେ ଏହି ବୈଠକ ବିଷୟରେ ଉପଖଣ୍ଡର କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦିଆଯାଇନଥିଲା । ଫଳରେ କୋରମ ଅଭାବରୁ ହିନ୍ଦୋଳ ସମିତି ବୈଠକ ଭଣ୍ଡୁର ହୋଇଛି । ଏପରିକି ଉପଖଣ୍ଡର ୪ ଜଣ ଜିଲ୍ଲା ପରିଷଦ ସଭ୍ୟଙ୍କୁ ବୈଠକ ହେଉଥିବା ବିଷୟରେ ସୂଚନା ପ୍ରଦାନ କରାଯାଇନଥିଲା । ହିନ୍ଦୋଳ ବ୍ଲକ ୩ ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବାବେଳେ ବ୍ଲକ୍‌ର ୩୫ ଜଣ

### ଜିଲ୍ଲା ପରିଷଦ ସଭ୍ୟଙ୍କୁ ସୂଚନା ଦିଆଗଲାନି

ସରପଞ୍ଚ ଓ ୩୫ ଜଣ ସମିତି ସଭ୍ୟ, ୪ ଜଣ ଜିଲ୍ଲା ପରିଷଦ ସଭ୍ୟ ଓ ହିନ୍ଦୋଳ, ବିଧାୟିକା, ଢେଙ୍କାନାଳ ସାଂସଦ ହିନ୍ଦୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ଲକ ଅଧକ୍ଷ, ଉପାଧ୍ୟକ୍ଷ ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ନେଇ ପଞ୍ଚାୟତ ସମିତି ବୈଠକ ବିଗତ ଦିନରେ ଅନୁଷ୍ଠିତ ହୋଇଆସୁଥିଲା । ଆଜିର ହେବାକୁ ଥିବା ବୈଠକରେ କୌଣସି ଜିଲ୍ଲା ପରିଷଦ ସଭ୍ୟ ଓ ଗଣମାଦ୍ୟମ ପ୍ରତିନିଧିଙ୍କୁ ସୂଚାନ ଦିଆଯାଇନଥିଲା । ଗତକାଲି ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଥିବାବେଳେ କିଛି ସରପଞ୍ଚ, ସମିତି ସଭ୍ୟ ବିଭିନ୍ନ କାରଣ ଦର୍ଶାଇ ଆଜିର ବୈଠକରେ ଯୋଗ ଦେବେ ନାହିଁ ବୋଲି ଲିଖିତ ଅଭିଯୋଗ କରିଥିବାବେଳେ ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁଯାୟୀ ଆଜିର ବୈଠକରେ ପ୍ରାୟ ୫୦ ଜଣରୁ ଅଧିକ ସରପଞ୍ଚ, ସମିତି ସଭ୍ୟ ବୈଠକରେ ଯୋଗ ଦେଇ ନ ଥିବା ଦେଖିବାକୁ ମିଳିଥିଲା । ଅଧ୍ୟକ୍ଷଙ୍କ ମନୋମୁଖୀ କାର୍ଯ୍ୟରେ ସନ୍ତୁଷ୍ଟ ନହୋଇ ବୈଠକରେ ଯୋଗ ଦେଇନଥିବା ସରପଞ୍ଚ, ସମିତି ସଭ୍ୟ ଓ ବ୍ଲକ ଉପାଧ୍ୟକ୍ଷ ବରୁଣ ସର କହୁଥିବାବେଳେ ହିନ୍ଦୋଳ ବ୍ଲକର ଉନ୍ନୟନ କାର୍ଯ୍ୟରେ ଆସି ନ ଥିବା ସଭ୍ୟ ସହଯୋଗ କରୁନାହାନ୍ତି ବୋଲି ଖୋଦ ବ୍ଲକ ଅଧ୍ୟକ୍ଷା ସସ୍ମିତା ରାଣୀ ଅଭିଯୋଗ କରୁଥିବା ଦେଖିବାକୁ ମିଳିଛି । ତେବେ କିଛିଦିନ ହେବ ହିନ୍ଦୋଳ ବ୍ଲକ ଉନ୍ନୟନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଥିବାବେଳେ ଆଗାମୀ ଦିନରେ କେବେ ହିନ୍ଦୋଳ ବ୍ଲକ୍‌ରୁ ଜନସାଧାରଣ ସୁରୁଖୁରୁରେରେ ବିଭିନ୍ନ ପ୍ରକାର ସୁବିଧା ପାଇପାରିବେ ଦେଖିବାକୁ ବାକି ରହିଲା ।

# ରାସ୍ତାରେ ଘନ କୁହୁଡ଼ି; ଯାତାୟାତ ବାଧାପ୍ରାପ୍ତ

ଜି.ଉଦୟଗିରି,୨୫।୧୧(ସମିସ)

କନ୍ଧମାଳ ଜିଲ୍ଲା ଜି. ଉଦୟଗିରି ଅଞ୍ଚଳରେ ଆଜି ଘନ କୁହୁଡ଼ି ଯୋଗୁଁ ଯାତାୟାତରେ ସମସ୍ୟା ହୋଇଥିଲା। ଯାନବାହାନ ଚଳାଚଳ ପ୍ରଭାବିତ ହୋଇଥିଲା। ରାତି ନଅଟାରୁ କୁହୁଡି ମାଡି ଆସୁଥିବା ବେଳେ ସକାଳ ୯ଟା ପର୍ଯ୍ୟନ୍ତ ରହୁଛି। ବିଶେଷକରି ଘାଟି ରାସ୍ତାରେ ଯାତାୟାତରେ ସମସ୍ୟା ହୋଇଥିବାବେଳେ ନୂଆ ଚାଳକ କଷ୍ଟକର ପରିସ୍ଥିତିରେ ପଡିଥିଲେ। ଏହି କାରଣରୁ କଳିଙ୍ଗା ଘାଟିରେ ଅନେକ ଦୁର୍ଘଟଣା ହେଉଥିବା ନଜିର ରହିଥିବା ବେଳେ ସତର୍କତାର ସହିତ ଗାଡି ଚଳାଇବାକୁ ପରାମର୍ଶ ଦିଆଯାଇଛି। ହାତୀ ଭୟରେ ଲୋକେ ଜି.ଉଦୟଗିରି-କଳିଙ୍ଗା ରାସ୍ତା ଦେଇ ଯାତାୟାତ କରିବାକୁ ଭୟ କରୁଥିବା ବେଳେ କୁହୁଡି ଯୋଗୁଁ ଅଧିକ ଭୟଭୀତ ହୋଇଛନ୍ତି। ବିଶେଷକରି ପଦାସାହି,




ନନ୍ଦଗିରି, ପାଜୀମାହା, କୁର୍ମିଙ୍ଗିଆ ଅଞ୍ଚବାସୀ ଅଧିକ ଭୟଭୀତ ହୋଇପଡିଛନ୍ତି। ଘନ କୁହୁଡି ଯୋଗୁଁ ମୁଁହ ଦେଖାଯାଉ ନାହିଁ। ହାତୀ ସହିତ ମୁଁହାମୁହିଁ ହେଇଯିବା ଆଶଙ୍କା ପ୍ରକାଶ ପାଉଛି। ତଳ ଦିନରେ ଏମିତି ଜଙ୍ଗଲଜାତ ସାମଗ୍ରୀ ଧରି ଯାଉଥିବା ବେଳେ ହାତୀ ସହିତ ମୁଁହାମୁହିଁ ହେବା ସହିତ ଜୀବନ ବିକଳରେ ଦୌଡ଼ି ଜୀବନ ବଂଚିଥିବା ନଜିର ରହିଛି। କୁହୁଡ଼ି ଅଧିକ ବିପଦ ସୃଷ୍ଟି କରୁଛି। ସକାଳ ନଅଟା ପର୍ଯ୍ୟନ୍ତ ଯାନବାହାନ ହେଡ଼ ଲାଇଟି ଲଗାଇବା ସହିତ ଇଣ୍ଡିକେଟର ଦେଇ ଧୀରେ ଧୀରେ ଯାତାୟାତ କରୁଥିବା ଦେଖାଯାଇଛି। ଅଧିକ କୁହୁଡି କାରଣରୁ ପନିପରିବା ଫସଲ କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଥିବା ବେଳେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି କୃଷି ବିଭାଗ। ଅନ୍ୟପଟେ କୁହୁଡି ଚାଦର ପ୍ରକୃତି ରାଣୀକୁ ଅଧିକ ସୁନ୍ଦର କରିଥିବା ବେଳେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଛି।

## ଟ୍ରାକ୍ଟର ଓଲଟି ୨ ଗୁରୁତର

ମୋହନା,୨୫।୧୧(ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ କୁଟିଗୁଡାରେ ବାଲି ବୋଝେଇ ଟ୍ରାକ୍ଟର ଓଲଟି ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ମାନେ ହେଲେ ଢ଼େପନାଞ୍ଜୁ ଗ୍ରାମରର ସନ୍ତୋଷ କମାର ଏବଂ କୁଟିଗୁଡ଼ା ଗ୍ରାମର ଶିଶିର ପାଲ। ଟ୍ରାକ୍ଟର ବାଲି ନେଇ କୁଟିଗୁଡାରେ ଅନ୍‌ଲୋଡ଼ କଲାବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ପାଖରେ ଥିବା ଦୁଇ ଯୁବକଙ୍କ ଉପରେ ଚାପି ହୋଇଯାଇଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି।

## ବାଇକ୍ ଚୋରକୁ ୬ ମାସ ଜେଲ୍

ପାରଳାଖେମୁଣ୍ଡି,୨୫ ।୧୧(ସମିସ): ପାରଳାଖେମୁଣ୍ଡି ସହରରେ ଏକ ଚୋରି ମାମଲାର ବିଚାରଣା ୪ ମାସରେ ଶେଷ କରିଛନ୍ତି ଅଦାଲତ । ଚଳିତ ବର୍ଷ ଜୁଲାଇ ମାସରେ ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ବାକିଟିସାହିରେ ବାଇକ ଚୋରି ହୋଇଥିଲା। ଚୋରି ମାମଲାର ଶୁଣାଣି କରି ଆଜି ପାରଳାଖେମୁଣ୍ଡି ଏସଡ଼ିଜେଏମ୍ ବିଷ୍ଣୁପ୍ରିୟା ସାମନ୍ତରାୟ ମୁଖ୍ୟ ଅଭିଯୁକ୍ତ ଆର. ଉଦୟଗିରି ଥାନା ଅନ୍ତର୍ଗତ ବେତାର ସିଂ ନିବାସୀ ଗୌରୀ ଶଙ୍କର ନାୟକଙ୍କୁ ୬ ମାସ ସଶ୍ରମ କାରାଦଣ୍ଡର ଆଦେଶ ଦେଇଛନ୍ତି। ଜୁଲାଇ ୨୮ ତାରିଖ ଦିନ ରାତି ୧୦ଟା ବେଳେ ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ବାକିଟି ସାହିର ଏନ. ରବି ଘର ବାହାରେ ନିଜର ବାଇକ ରଖି ଶୋଇବାକୁ ଯାଇଥିଲେ। ରାତି ୨ଟାରେ ଉଠି ବାହାରକୁ ଆସି ଦେଖିବା ବେଳକୁ ତାଙ୍କ ଗାଡିକୁ କେହି ଦୁର୍ବୃତ୍ତ ନେଇଯାଉଥିବାର ଦେଖି ସେ ସେମାନଙ୍କୁ ଅଟକାଇ ରଖିବାକୁ ଚେଷ୍ଟା କରିବା ସମୟରେ ସେ ଉପରୋକ୍ତ ଅଭିଯୁକ୍ତଙ୍କୁ ଧରିପାରିଥିଲେ ଓ ଅନ୍ୟ ଦୁଇଜଣ କୌଶଳ କ୍ରମେ ଖସିପଳାଇଥିଲେ। ସେ ଜୁଲାଇ ୨୯ ତାରିଖ ଦିନ ପାରଳାଖେମୁଣ୍ଡି ଥାନାରେ ମାମଲା ରୁଜୁ କରିଥିଲେ । ତଦନ୍ତକାରୀ ଅଧିକାରୀ ତଥା ୫ଜଣ ଅନ୍ୟ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ନ୍ୟାୟାଧୀଶ ଅଭିଯୁକ୍ତଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ଛଅ ମାସର ସଜା ଶୁଣାଇଛନ୍ତି ।

## ଦୁର୍ଘଟଣାରେ ଦମ୍ପତି ଗୁରୁତର

ଦାରିଙ୍ଗବାଡ଼ି,୨୫।୧୧(ସମିସ): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଫ୍ଲିହେରୀ ପଞ୍ଚାୟତ ଅନ୍ତର୍ଗତ କାଜୁରୀପାଙ୍ଗା ଗ୍ରାମର ଜୀବିତ ନାୟକ(୨୨) ଓ ଅମିତା ନାୟକ(୨୧) ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ଆଜି ସକାଳେ ବାଲିଗୁଡ଼ା ଯାଇ କାମ ସାରି ସନ୍ଧ୍ୟାରେ ଦାରିଙ୍ଗବାଡ଼ି ଫେରୁଥିଲେ । ବାରଡକ୍ଲିଓ ଗ୍ରାମ ନିକଟ ଏକ ବୁଲାଣିରେ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା । ସ୍ଥାନୀୟ ଲୋକେ ଅନ୍ୟ ଏକ ଗାଡ଼ିରେ ସେମାନଙ୍କୁ ନେଇ ଦାରିଙ୍ଗବାଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଥିଲେ । ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ଗୋଷାଣି ବ୍ଲକ୍‌ସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ



ଗୋଷାଣି,୨୫ ।୧୧ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରାବନ୍ଧ ସ୍ଥିତ ଶ୍ରୀ ଭେଙ୍କେଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ଗୋଷାଣି ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀରେ ବ୍ଲକର ୮ କ୍ଲଷ୍ଟରର ୧୫୦ରୁ ଊର୍ଦ୍ଧ୍ୱ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିବା ବେଳେ ସଭାପତି ଭାବେ ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ, ମୁଖ୍ୟବକ୍ତା ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ, ଗାରାବନ୍ଧ ସରପଞ୍ଚ ପି.ଅଶୋକ କୁମାର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଏନ୍.ବିମଳ କୁମାର ଓ କେ.ଶୋମେସ୍ୱର, ଏସ୍‌ଏମସି ସଭାପତି ସବିତା ବାରିକ, ବ୍ଲକ ବିଜ୍ଞାନ ନିରୀକ୍ଷକ ମୋହନ କୁମାର ନାୟକ ଓ ଶିକ୍ଷୟିତ୍ରୀ ସୁଲତା ଶୁଭଦର୍ଶନୀ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଥିଲେ। ମୁଖ୍ୟଅତିଥି ଓ ସମସ୍ତ ଅତିଥି ବୃନ୍ଦ ସମସ୍ତ ପ୍ରକଳ୍ପ ବୁଲି ଦେଖିବା ସହ ପଚାରିବୁଝିଥିଲେ। କୃତୀତ୍ୱ ହାସଲ କରିଥିବା ପ୍ରକଳ୍ପ ଗୁଡିକ ଜିଲ୍ଲାସ୍ତର ବିଜ୍ଞାନ ପ୍ରଦର୍ଶନୀକୁ ମନୋନୀତ ହୋଇଥିବା ବେଳେ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ର ଯୋଗ ଦେଇ ଜିଲ୍ଲାସ୍ତରକୁ ମନୋନିତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଶ୍ରୀ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବି.ଗଙ୍ଗାଧର ଧନ୍ୟବାଦ ଦେଇଥିଲେ।

## ନୂଆଗଡ଼ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା




ନୂଆଗଡ଼,୨୫।୧୧(ସମିସ): ଗଜପତି ଜିଲ୍ଲା ନୂଆଗଡ଼ ବ୍ଲକ ବଡ଼ପଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସୂଚନା ପ୍ରକାରେ ପ୍ରାଥମିକ ସ୍ତରରେ ରାଷ୍ଟ୍ରୀୟ ଆଭିଷ୍କାର ଅଭିଯାନରୁ ୨୬ପ୍ରକଳ୍ପ, ଉଚ୍ଚ ପ୍ରାଥମିକ ସ୍ତରରୁ ୧୬ ପ୍ରକଳ୍ପ ଏବଂ ବାଲ ବୈଜ୍ଞାନିକ ପ୍ରଦର୍ଶନୀରୁ ୪୪ ପ୍ରକଳ୍ପ ଏପରି ମୋଟ ୮୬ ପ୍ରକଳ୍ପ ବିଜ୍ଞାନ ମେଳାରେ ପ୍ରଦର୍ଶିତ ହୋଇଥିଲା। ଦୋଘରିଆ ଏସଏସଡି ବିଦ୍ୟାଳୟ ପିଜିଟି ଅରୁନ କୁମାର ପ୍ରଧାନ, ପ୍ରୀତିସ୍ମିତା ମହାନ୍ତି, ରାଜେଶ୍ୱରୀ ରଇତ, ବଡ଼ପଦା ବିଦ୍ୟାଳୟର ପିଜିଟି ଦୟାନ ଗମାଙ୍ଗ, ସଙ୍ଗୀତା କାର୍ଜି, ଜ୍ଞାନେଶ୍ୱରୀ ଚୌଧୁରୀ, ପରିମଳ ଓଏଭି ପିଜିଟି ଜୟକୃଷ୍ଣ ବେହେରା ବିଚାରକ ଭାବେ ଯୋଗ ଦେଇଥିଲେ। ଉଦଯାପନ ସଭାରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକାନ୍ଧ ଗମାଙ୍ଗ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଜି, ସମିତିସଭ୍ୟ ମାନୁଏଲ ଛିଞ୍ଚାଣି, ବଡ଼ପଦା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ବଳରାମ ଗମାଙ୍ଗ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମକୁ ବିଜ୍ଞାନ ସଂଯୋଜକ ଶିକ୍ଷକ ବିଶ୍ୱରଞ୍ଜନ ସେଠୀ ଓ ଶିକ୍ଷକ ସାମସନ ବଡ଼ରଇତ ପରିଚାଳନା କରିଥିଲେ।

## ଟିକାବାଲିରେ ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା

ଟିକାବାଲି,୨୫।୧୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ବ୍ଲକ୍ ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ 'ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ'ରେ ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ମେଳାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇ ନିଜର ଉଦ୍ଭାବିତ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଉନ୍ନତମାନର ପ୍ରକଳ୍ପ ପାଇଁ ସମୁଦାୟ ୧୩ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ପାଇଁ ମନୋନୀତ ହୋଇଛନ୍ତି। ଉଦଘାଟନୀ ସମାରୋହରେ ବ୍ଲକ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ମୁଖ୍ୟବକ୍ତା ଭାବେ ସାଂସଦ ପ୍ରତିନିଧି ଜିତେନ୍ଦ୍ର ଡାକୁଆ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ଗଣେଶ୍ୱର କହଁର ଏବଂ ବିନୋଦିନୀ ସାମଲ ଯୋଗ ଦେଇଥିଲେ। ଜିଲ୍ଲାସ୍ତରକୁ ମନୋନୀତ ହୋଇଥିବା କୃତି ପ୍ରତିଯୋଗୀଙ୍କ ମଧ୍ୟରୁ ଏହି ପ୍ରଦର୍ଶନୀରେ ପ୍ରାଥମିକ, ମାଧ୍ୟମିକ ଏବଂ ବାଲ୍ ବୈଜ୍ଞାନିକ ବିଭାଗରେ ସମୁଦାୟ ୧୩ ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି। ପ୍ରାଥମିକ ବିଭାଗରେ ମକବିଦିଙ୍ଗିଆ ପ୍ରାଥମିକ ବିଦ୍ୟାଳୟର ଛାତ୍ର ଗଣେଶ ପ୍ରଧାନ, ରୁଦାଙ୍ଗିଆ ୟୁ.ପି ସ୍କୁଲ ଛାତ୍ର ଆଦି ନାୟକ , ପଧାନପଡ଼ା ୟୁ.ପି ସ୍କୁଲ ଛାତ୍ର କେଶବ ପ୍ରଧାନ, ମାଧ୍ୟମିକ ବିଭାଗରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସାଲପାଗାଁର ଛାତ୍ରୀ ଆରାଧ୍ୟା ମୃଣାଳ ରାଣୀ,ଦୟାନନ୍ଦ ହାଇସ୍କୁଲ ପାବୁରିଆ ଛାତ୍ରୀ ସାଗରିକା ଦିଗାଲ,ଟିକାବାଲି ସରକାରୀ ହାଇସ୍କୁଲର ଛାତ୍ରୀ ଅମିଷା ମଲ୍ଲିକ ଅଛନ୍ତି। ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ପାଇଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ କିରବାଡ଼ିର ଛାତ୍ରୀ ଝଙ୍କାଲିନା ପ୍ରଧାନ, ଟିକାବାଲି ସେଣ୍ଟଜନ୍ ସ୍କୁଲ ଛାତ୍ର ଜ୍ଞାନ ରଞ୍ଜନ ପ୍ରଧାନ, ସରକାରୀ ଉଚ୍ଚବିଦ୍ୟାଳୟ ଗୁଟିଙ୍ଗିଆ ଛାତ୍ରୀ ଆଦ୍ୟାଶା ପ୍ରଧାନ, ଟିକାବାଲି ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ଅନ୍ୱେଷା ଦାଶ, ପିକାରଡି ୟୁପି ଏସ ଛାତ୍ର ଦେବାଶିଷ ପ୍ରଧାନ, ଦୟାନନ୍ଦ ହାଇସ୍କୁଲ ପାବୁରିଆ ଛାତ୍ର ସିଦ୍ଧାନ୍ତ ସାହୁ , ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ସଲପାଗାଁ ଛାତ୍ର ସୌମ୍ୟରଞ୍ଜନ ଜେନା ଜିଲ୍ଲାସ୍ତରକୁ ମନୋନିତ ହୋଇଛନ୍ତି। ବିଚାରକ ଭାବରେ ପ୍ରଦୀପ କୁମାର ସାହୁ ଏବଂ ରଞ୍ଜନ କୁମାର ଚୌଧୁରୀ ଦାୟିତ୍ୱ ତୁଲାଇଥିଲେ।



## କୁଇଜ୍ ପ୍ରତିଯୋଗିତାର ବିଜେତା ପୁରସ୍କୃତ




ଫିରିଙ୍ଗିଆ,୨୫।୧୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଉନ୍ନୀତ ଉଚ୍ଚବିଦ୍ୟାଳୟ ପରିସରରେ ଗତ ୨୩ ତାରିଖ ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ଲିଖିତ କୁଇଜ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ପାଇଁ ମଙ୍ଗଳବାର ବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକ୍ରମ ମଳିକ ମୁଖ୍ୟଅତିଥି, ବ୍ଲକ ମୁଖ୍ୟାଳୟର ସାଧନ କର୍ମୀ ରାଜେଶ କୁମାର ନାଏକ, ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ନିବେଦିତା ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ୨୩ ତାରିଖ ଦିନ ଶକ୍ତି ସଂରକ୍ଷଣ ବିଷୟରେ ଲିଖିତ କୁଇଜ ପ୍ରତିଯୋଗିତା ହୋଇଥିବା ବେଳେ ଏଥିରେ ବିଭିନ୍ନ ବିଦ୍ୟାଳୟର ୧୬୭ ଛାତ୍ରଛାତ୍ରୀ ଭଗ ନେଇଥିଲେ। ଏଥିରେ ତଳଦଣ୍ଡିକିଆ ପଞ୍ଚାୟତ ଦିଆଭଞ୍ଜି ଉଚ୍ଚବିଦ୍ୟାଳୟର ଛାତ୍ର ପ୍ରଣବ କହଁର ପ୍ରଥମ ସ୍ଥାନ ଅଧିକାର, ଶୁଣ୍ଠୀଗାଁ ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ଛାତ୍ରୀ ରଜନୀ ଭୋଇ ଦ୍ୱିତୀୟ ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଡିଣ୍ଡିରାଗାଁର ଛାତ୍ର ଅଂଶୁମାନ କହଁର ତୃତୀୟ ହୋଇଥିଲେ। ସମସ୍ତ ଛାତ୍ରଛାତ୍ରୀଙ୍କ ସହ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା।

## ଓଏଭି ଶିକ୍ଷକଙ୍କ କଳା ବ୍ୟାଜ ପରିଧାନ



ରାଇକିଆ,୨୩।୧୧(ସମିସ): ରାଜ୍ୟ ଆଦର୍ଶ ବିଦ୍ୟାଳୟ ଶିକ୍ଷକ,ଶିକ୍ଷୟିତ୍ରୀ ମହାସଂଘ ର ଡାକରା କ୍ରମେ ୧୩ ଦଫା ଦାବି ନେଇ କନ୍ଧମାଳ ଜିଲ୍ଲା ରାଇକିଆ ଆଦର୍ଶ ବିଦ୍ୟାଳୟର ଶିକ୍ଷକ,ଶିକ୍ଷୟିତ୍ରୀ ସପ୍ତାହ ବ୍ୟାପି କଳା ବ୍ୟାଜ ପରିଧାନ କରି ଶାନ୍ତି ପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥି ସହ ଦାବିପତ୍ର ଅଧ୍ୟକ୍ଷଙ୍କ ଜରିଆରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରଯାଇଥିଲା। ସଂଘର ଦାବି ମଧ୍ୟରେ ଆଦର୍ଶ ବିଦ୍ୟାଳୟ କୁ ସଂପୂର୍ଣ୍ଣ ସରକାରୀ ମାନ୍ୟତା ପ୍ରଦାନ , କ୍ୟାଡ଼ର ରୁଲ ପ୍ରଦାନ, ସମାନ କାମକୁ ସମାନ ଦରମା, ସଙ୍ଗୀତ ଶିକ୍ଷକ, କ୍ରୀଡ଼ା ଶିକ୍ଷକ, କମ୍ପ୍ୟୁଟର ଶିକ୍ଷକଙ୍କୁ ୪୬୦୦ ଟଙ୍କା ଗ୍ରେଡ଼ ପେ ପ୍ରଦାନ, ଓଡ଼ିଆ , ହିନ୍ଦୀ, ସଂସ୍କୃତ ବିଷୟର ପିଜିଟି ଶିକ୍ଷକ ନିଯୁକ୍ତି, ଯୁକ୍ତ ଦୁଇ କଳା ବିଭାଗ ଆରମ୍ଭ କରିବା, ଅଧ୍ୟକ୍ଷଙ୍କ ଗ୍ରେଡ଼ ପେ ସମସ୍ୟାର ସମାଧାନ କରିବା, କିରାଣୀଙ୍କୁ ନିୟମିତ କରିବା, ଛାତ୍ରଛାତ୍ରୀଙ୍କୁ ଜେଇ, ଏ ନ ଇ ଇ ଟି ପରୀକ୍ଷା ରେ ସଂରକ୍ଷଣ ପ୍ରଦାନ କରିବା ଓ ବିଦ୍ୟାଳୟକୁ ପିଏମଶ୍ରୀ ମାନ୍ୟତା ପ୍ରଦାନ କରିବା ଦାବି ରହିଛି।

## ଲିଙ୍ଗଭିତ୍ତିକ ମହିଳା ହିଂସା ବିରୋଧରେ ସଚେତନତା ଅଭିଯାନ



ପାରଳାଖେମୁଣ୍ଡି,୨୫ ।୧୧(ସମିସ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ ଗୃହରେ ଆଇଏସଆରଡି ସଖୀଓ୍ୱାନ ଷ୍ଟପ କେନ୍ଦ୍ର ପକ୍ଷରୁ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ଏବଂ ଜିଲ୍ଲା ପ୍ରଶାସନଙ୍କ ମିଳିତ ସହଯୋଗରେ ଜିଲ୍ଲାସ୍ତରୀୟ ଲିଙ୍ଗଭିତ୍ତିକ ମହିଳା ହିଂସା ବିରୋଧରେ ୧୬ ଦିନିଆ ସକ୍ରିୟତା ଅନ୍ତର୍ଗତ ସଚେତନତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରାଯାଇଥିଲା। ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ଏକ ସଚେତନତା ସଭା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନେଗା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲ୍ଲା ଶିଶୁ ମଙ୍ଗଳ ସମିତିର ଅଧ୍ୟକ୍ଷ ଅଶ୍ୱିନୀ ମହାପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ, ସଖୀ ୱାନ-ଷ୍ଟପକେନ୍ଦ୍ରର ଜିଲ୍ଲା ପ୍ରଶାସିକା ସୁନିତା ରଥ ମଞ୍ଚାସୀନ ଥିଲେ। ମଞ୍ଚାସିନ ଅତିଥି ଆଜିକାଲି ମହିଳା, କିଶୋରୀ ଯୁବତୀ ଓ ଶିଶୁ କନ୍ୟାଙ୍କ କ୍ଷେତ୍ରରେ ଦେଖାଯାଉଥିବା ଲିଙ୍ଗଗତ ହିଂସା ବିରୁଦ୍ଧରେ କିଭଳି ସମସ୍ତଙ୍କ ମିଳିତ ସହଯୋଗରେ ରୋକା ଯାଇପାରିବ ସେଥିନେଇ ଆଲୋଚନା କରିଥିଲେ। ଏହି ଅବସରରେ ମହିଳା ହିଂସା ମୁକ୍ତ ସମାଜ ଗଠନ ଦିଗରେ ସମସ୍ତେ ସାମିଲ ହେବା ପାଇଁ ଶପଥ ପାଠ କାର୍ଯ୍ୟକ୍ରମ ହୋଇଥିଲା।

## ରାୟଗଡ଼ ପଞ୍ଚାୟତ ସମିତି ବୈଠକ



ରାୟଗଡ଼,୨୫।୧୧(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକର ସଦଭାବନା ସଭାଗୃହରେ ମଙ୍ଗଳବାର ପଞ୍ଚାୟତ ସମିତିର ୧୫ ତମ ସାଧାରଣ ବୈଠକ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡିଓ ସନ୍ତୋଷ କୁମାର ବାରିକ, ଏବିଡିଓ ପୀତାମ୍ବର ବେହେରା, ଜିଲ୍ଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସଭ୍ୟା ଗୌତମୀ ଜାନି, ସାଂସଦ ପ୍ରତିନିଧି ପ୍ରଦୀପ ବିଶୋଇ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ ମଞ୍ଚାସୀନ ଥିଲେ। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ, ପଶୁସମ୍ପଦ, କୃଷି, ଖାଦ୍ୟ ଯୋଗାଣ, ଉଦ୍ୟାନ, ସାମାଜିକ ଓ ସୁରକ୍ଷା, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ସମନ୍ୱିତ ଆଦିବାସୀ ଉନ୍ନୟନ ଓ କଲ୍ୟାଣ, ପାନୀୟଜଳ ଓ ପରିମଳ, ବନ ବିଭାଗ ଆଦି ବିଭାଗ ଉପରେ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ପଞ୍ଚାୟତ ପ୍ରତିନିଧି ବିଭାଗୀୟ ସମ୍ପର୍କିତ ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରି ବୈଠକକୁ ସରଗରମ କରିଥିଲେ। ବୈଠକରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ପିଇଓ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଜିପିଡିଓ ଭଗବାନ ନାୟକ ପରିଚାଳନା କରିଥିଲେ।

## ଖଜୁରିଗାଁ ପଞ୍ଚାୟତ ଗଠନ ନେଇ ବୈଠକ

ଫିରିଙ୍ଗିଆ,୨୫।୧୧(ସମିସ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡା ପଞ୍ଚାୟତକୁ ଭାଗ କରି ଖଜୁରି ଗାଁକୁ ନୂତନ ପଞ୍ଚାୟତ ଗଠନ କୁ ନେଇ ମଙ୍ଗଳବାର ଖଜୁରୀଗାଁ ମଣ୍ଡପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନାଭିଦତ୍ୟ ଦିଗାଲଙ୍କ ଆହ୍ୱାନ ଓ ନେତୃତ୍ୱରେ ହୋଇଥିବା ବୈଠକରେ ଖଜୁରି ଗାଁ, ମଝିଶାହି, ଡାଡିଲାଇ, ଅଡାକସଲି, ତଳସାହି, ଦୁମେଲି, ପେନୁପାଙ୍ଗ, କସ୍କଡି , କେଉଟମାରି, କୁଲିକୁଡ଼ା, ବୃଡିଗୁଡା, ସ୍ଲୁମ୍ବି ଓ ବାଇଲିକିଆ ଗ୍ରାମର ଶତାଧିକ ଲୋକ ଯୋଗ ଦେଇଥିଲେ। ଏହିସବୁ ଗ୍ରାମ ଠାରୁ ଗୋଛାପଡା ପଞ୍ଚାୟତ ତିନି କିମି ଦୂରତା ଠାରୁ ଆରମ୍ଭ କରି ଛଅ କିଲୋମିଟର ଦୂରତାରେ ଥିବାରୁ ଗ୍ରାମବାସୀ ସରକାରଙ୍କ ମୌଳିକ ସୁବିଧା ଠିକ୍ ସମୟରେ ପାଇପାରୁନାହାନ୍ତି। ଉକ୍ତ ଗ୍ରାମ ଓ ୱାର୍ଡକୁ ନେଇ ଖଜୁରି ଗାଁରେ ନୂତନ ପଞ୍ଚାୟତ ଗଠନ ପାଇଁ ଆଲୋଚନା ହୋଇଥିଲା। ଏଥିପାଇଁ ଖୁବ୍ ଶୀଘ୍ର ଦାବିପତ୍ର ଜିଲ୍ଲାପାଳଙ୍କ ନିକଟରେ କରାଯିବାକୁ ସ୍ଥିର ହୋଇଥିଲା। ଅଭିରାମ କହଁର ସଭା ପରିଚାଳନା କରିଥିବା ବେଳେ ଜମ୍ବେଶ୍ୱର କହଁର ଧନ୍ୟବାଦ୍ ଦେଇଥିଲେ। ନାଭି ଦତ୍ୟ ଦିଗାଲ, ବୁଢୁ ଦିଗାଲ, ବୃଷଭ କହଁର, ବଶିଷ୍ଠ କହଁର ଓ ଅନ୍ୟ ମାନେ ସହଯୋଗ କରିଥିଲେ।

## ଜାତୀୟ ସେବା ଯୋଜନା ପ୍ରଶିକ୍ଷଣ ଶିବିର

ଟିକାବାଲି,୨୫।୧୧(ସମିସ): କନ୍ଧମାଳ ଜିଲ୍ଲା ଟିକାବାଲି ସ୍ଥିତ ଏଏମ୍‌ସିଏସ୍ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଏକ ପ୍ରାରମ୍ଭିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ଛାତ୍ରଛାତ୍ରୀଙ୍କୁ ସମାଜସେବା ଏବଂ ବ୍ୟକ୍ତିତ୍ୱ ବିକାଶ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପୁରସ୍କାରପ୍ରାପ୍ତ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଶ୍ରେଷ୍ଠ ପ୍ରୋଗ୍ରାମ ଅଫିସର ଭାବେ ପୁରସ୍କୃତ ଅଧ୍ୟାପକ ବନମାଳୀ ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ନରେନ୍ଦ୍ର ଦିଗାଳ ସେବାର ମହତ୍ୱ ଓ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପ୍ରୋଗ୍ରାମ ଅଫିସର ଜ୍ଞାନରଞ୍ଜନ ଭୋଇ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଚମ୍ପା ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ରତନ କୁମାର ଦିଗାଳ ପରିଚାଳନା ଓ ବରିଷ୍ଠ କାର୍ଯ୍ୟାଳୟ ସହାୟକ ମନୋଜ କୁମାର ଭୋଇ ସହଯୋଗ କରିଥିଲେ।

# ଛେଳି ଚାଷରୁ ସ୍ୱାବଲମ୍ବୀ; ଉଦାହରଣ ସାଜିଛନ୍ତି ଜିତେନ୍ଦ୍ର

ଫିରିଙ୍ଗିଆ,୨୫।୧୧(ସମିସ)

ଇଚ୍ଛା ଥିଲେ ଉପାୟ ବଳେ ଆସିଯାଏ ବୋଲି କୁହାଯାଏ। ଜଣେ ଶିକ୍ଷିତ ଯୁବକ ପରିବାର ଚଳାଇବା ପାଇଁ ବିଭିନ୍ନ ପନ୍ଥା ଆପଣାଇ ଏବେ ଛେଳି ଚାଷରୁ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସ୍ତ୍ରୀ ସଇନ୍ଦ୍ରିଙ୍କ ପରାମର୍ଶରେ ଛେଳି ଚାଷ କରି ବର୍ତ୍ତମାନ ଭଲ ରୋଜଗାର କରୁଛନ୍ତି। ଏଥିସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ଗାଁରେ ସ୍ତ୍ରୀ ସଇନ୍ଦ୍ରି କହଁର ଏବଂ ୨ ଝିଅଙ୍କୁ ନେଇ ଜିତେନ୍ଦ୍ର କହଁର(୪୬)ଙ୍କ ପରିବାର। ଜିତେନ୍ଦ୍ର ଜଣେ ଶିକ୍ଷିତ ଯୁବକ। ବାହାରକୁ ନ ଯାଇ ପ୍ରଥମେ ଚାଷ କାମ କରିବା ସହ ଛୋଟ ଏକ ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ।



ଦୋକାନରେ ଯାହା ରୋଜଗାର ହେଉଥିଲା ସେଥିରେ ପରିବାର ଚଳୁଥିଲା। କିନ୍ତୁ ବାକିରେ ବୁଡ଼ିଯିବା ପରେ ଅସହାୟ ହୋଇ ପଡ଼ିଥିଲେ। ନିଜେ ଭାଙ୍ଗି ପଡ଼ିଥିବା ବେଳେ ସ୍ତ୍ରୀ ସଇନ୍ଦ୍ରିଙ୍କ ପରାମର୍ଶରେ ୨୦୧୮ ମସିହାରେ ପ୍ରଥମେ ଦୁଇଟି ଛେଳି କିଣି ଚାଷ କରିବାକୁ ମନ ବଳାଇଥିଲେ। କିଛି ଛେଳି ଭାଗରେ ଆଣିଥିଲେ। ଜଣେ ଶିକ୍ଷିତ ହୋଇଥିବାରୁ ମାତ୍ର ୨ରୁ ତିନୋଟି ଛେଳିରୁ ବର୍ତ୍ତମାନ ବହୁ ସଂଖ୍ୟାରେ ଛେଳି ପାଳନ କରୁଛନ୍ତି ଜିତେନ୍ଦ୍ର। ଛେଳି ଚାଷରେ ସ୍ତ୍ରୀ ସହଯୋଗ କରୁଥିବା କହିଛନ୍ତି। ଦୈନିକ ଜଙ୍ଗଲକୁ ଛେଳି ଚରାଇବାକୁ ଯିବା ସହ ଛେଳିଙ୍କ ଯତ୍ନ ନେବା, ସେମାନଙ୍କୁ ବିଭିନ୍ନ ରୋଗରୁ ସୁରକ୍ଷିତ ରଖିବା ପାଇଁ ନିଜେ ହିଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି ଜିତେନ୍ଦ୍ର। ଦୈନିକ ଦାନା, ପାଣି, ଦେବା ସହ ରକ୍ଷଣାବେକ୍ଷଣ କରି ଛେଳି ବିକ୍ରି କରି ବାର୍ଷିକ ତିନିଲକ୍ଷରୁ ଅଧିକ ରୋଜଗାର କରୁଥିବା ବେଳେ ସେହି ଟଙ୍କାରେ ବଡ଼ ଝିଅକୁ ଜିଏନ୍‌ଏମ୍ ପାଠ ପଢ଼ାଉଥିବା ବେଳେ ସାନ ଝିଅ ଦଶମ ପଢୁଥିବା କହିଛନ୍ତି ସ୍ତ୍ରୀ ସଇନ୍ଦ୍ରି। ଛେଳି ପ୍ରତି ଓଜନ ଅନୁସାରେ କିଲୋ ପ୍ରତି ୫ ଶହ ଟଙ୍କାରେ ବିକ୍ରି କରୁଥିବା ବେଳେ ଗୋଟାଏ ଛେଳି ପ୍ରାୟ ଚାଳିଶରୁ ପଚାଶ କେଜି ଆସୁଥିବା କହିଛନ୍ତି ଜିତେନ୍ଦ୍ର। ବର୍ତ୍ତମାନ ଦେଶୀ ଛେଳି ସହ ବିଭିନ୍ନ ବ୍ରିଡ଼ର ୮୦ରୁ ଅଧିକ ବଡ଼ ଛେଳି ଥିବା ବେଳେ ୨୫ ରୁ ଊର୍ଦ୍ଧ୍ୱ ଛେଳି ଛୁଆ ଅଛନ୍ତି। ଛେଳିଙ୍କ ପାଇଁ ତିନି ପ୍ରକାର ଘାସ ଚାଷ ମଧ୍ୟ କରିଛନ୍ତି ଜିତେନ୍ଦ୍ର । ଛୋଟ ଘର ସହ ଛେଳିକୁ ଜରି ପାଲ ଘୋଡ଼ାଇ ରଖିଛନ୍ତି। ଚୋରି ସହ ଜଙ୍ଗଲୀ ବିଲୁଆ ଭୟ ଯୋଗୁଁ ସୋଲାର ସଂଯୋଗ କରି ଘର ଚାରିପଟେ ଏବଂ ଛେଳି ରଖିଥିବା ଘରେ ଆଲୋକ କରିଛନ୍ତି। ଛେଳିଙ୍କୁ ବିଭିନ୍ନ ରୋଗରୁ ରକ୍ଷା କରିବା ପାଇଁ ସ୍ଥାନୀୟ ପ୍ରାଣୀ ସମ୍ପଦ ଅଧିକାରୀଙ୍କ ସହ ଆଲୋଚନା କରି ନିଜେ ଟିକା ଓ ଔଷଧ ଦେଉଛନ୍ତି। ବର୍ତ୍ତମାନ କୁଡ଼ିଆ ଘରେ ଛେଳି ରଖି ବାହାରେ ଅସୁରକ୍ଷିତ ତାର ବାଡ଼ ଦେଇ ଛେଳି ରଖୁଥିବାରୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସରକାରଙ୍କ ତରଫରୁ ସହାୟତା ଯୋଗାଇ ଦେଲେ ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି କହିଛନ୍ତି ଜିତେନ୍ଦ୍ର।

## ବିଗ୍ରେଡ୍ ସୈନିକ ସ୍କୁଲରେ ବିଜ୍ଞାନ ମେଳା



ପାରାଦୀପ,୨୫।୧୧(ସମିସ): ପାରାଦୀପଗଡ଼ ଗ୍ରାମପଞ୍ଚାୟତ ଅଧୀନ ନିମିଢ଼ି ଗ୍ରାମରେ ଥିବା ବିଗ୍ରେଡ୍ ସୈନିକ ସ୍କୁଲ ପକ୍ଷରୁ ଏକ ବିଜ୍ଞାନ ମେଳା ସ୍କୁଲ ପରିସରରେ ଆୟୋଜିତ ହୋଇଯାଇଛି। ଏହି ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀ ତିଆରି କରିଥିବା ବିଭିନ୍ନ ପ୍ରକାର ପ୍ରୋଜେକ୍ଟ ପ୍ରଦର୍ଶନ କରିଥିଲେ। ବିଶେଷ କରି ପରିବେଶ ପ୍ରଦୂଷଣ, ବର୍ଷା ଜଳ ସଂରକ୍ଷଣ, ଜୈବ ବିବିଧତା, ମିଶାଇଲ୍ ନିର୍ମାଣ, ପରିବେଶ ସୁରକ୍ଷା ଉପରେ ପ୍ରୋଜେକ୍ଟ ଗୁଡିକ ପ୍ରଦର୍ଶିତ ହୋଇଥିଲା। ଏହି ମେଳାରେ ମୁଖ୍ୟଅତିଥି ଭାବେ ଆଇନଜୀବୀ ସଞ୍ଜୟ କୁମାର ବେହେରା ଯୋଗଦେଇଥିଲେ। ମେଳାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସ୍କୁଲ୍‌ର ଅଧ୍ୟକ୍ଷା ମମତା ରଥ ବିଜ୍ଞାନ ମେଳାକୁ ସଞ୍ଚାଳନ କରିଥିବା ବେଳେ ଡ. ଭବାନୀକାନ୍ତ ନନ୍ଦ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସସ୍ମିତା କର, ବେବିନା ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ସାମଲ, ପ୍ରୀତିଶ୍ରୀ ପରିଡ଼ା, ସୁଚିତ୍ରା ମହାପାତ୍ର, ପ୍ରିୟଙ୍କା ମଲ୍ଲିକ ପ୍ରମୁଖ ମେଳାକୁ ପରିଚାଳନା କରିଥିଲେ।

## ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ



ପାରାଦୀପ,୨୫।୧୧(ସମିସ): ବିଶ୍ୱାଳୀ ଶ୍ରୀସତ୍ୟସାଇ ଭଜନ ମଣ୍ଡଳୀ ଆନୁକୂଲ୍ୟରେ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଶତବାର୍ଷିକୀ ମହୋତ୍ସବ ତିନି ଦିନ ଧରି ପାଳିତ ହୋଇଯାଇଛି। ପ୍ରଥମ ଦିନରୁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ନଗର ସଙ୍କୀର୍ତ୍ତନ ପରେ ପରେ କଳସ ଶୋଭାଯାତ୍ରା, ଗଙ୍ଗା ପୂଜା, ଦଶ ଦିଗ ଦେବତା ଆବାହନ ଓ ସୂର୍ଯ୍ୟ ପୂଜା ପରେ ତିନି ଦିନ ଧରି ଷୋଡ଼ଶ ଉପଚାର ପୂଜା, ସନ୍ଧ୍ୟା ଭଜନ, ଦିବ୍ୟ ସମ୍ଭାଷଣ ପାଠ, ବେଦ ପାଠ, ସତ୍‌ସଙ୍ଗ ଆଦି କାର୍ଯ୍ୟକ୍ରମ କରାଯାଇଥିଲା। ପରେ ୩୦ ଜଣ ଦରିଦ୍ର ନାରାୟଣଙ୍କୁ ଶୀତ ବସ୍ତ୍ର ପ୍ରଦାନ, ଆନନ୍ଦ ମହୋତ୍ସବରେ କୃତି ବାଳବିକାଶ ଛାତ୍ରଛାତ୍ରୀଙ୍କୁ ଟ୍ରଫି ପ୍ରଦାନ, ବାଳବିକାଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ସହିତ ଶେଷ ଦିନ ସାଇ ସିମ୍ଫୋନୀ ଦ୍ୱାରା ଭଜନ ସନ୍ଧ୍ୟା ସମାରୋହ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଓଡିଶା ସତ୍ୟସାଇ ସଙ୍ଗଠନ ବାଳବିକାଶ ପତ୍ରିକା ସମ୍ପାଦକ ସଚ୍ଚିଦାନନ୍ଦ ନନ୍ଦ, ସ୍ମୃତିରେଖା ମିଶ୍ର, ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜିକା ସୁଚିତ୍ରା ମହାନ୍ତି, ସେବା ସଂଯୋଜକ ଦାଶରଥି ପୃଷ୍ଟି, ସମିତି ଆବାହକ ପ୍ରଶାନ୍ତ କୁମାର ମହାରଣାଙ୍କ ସମେତ ସ୍ଥାନୀୟ ଜନ ପ୍ରତିନିଧି, ସରପଞ୍ଚ, ସମିତି ସଭ୍ୟା, ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସମେତ ଗ୍ରାମର ବ୍ୟକ୍ତି ଯୋଗ ଦେଇଥିଲେ।

## ନବ ନିର୍ମାଣ କୃଷକ ସଙ୍ଘ ବିକ୍ଷୋଭ



କୁଜଙ୍ଗ,୨୫।୧୧(ସମିସ): କୁଜଙ୍ଗ ବ୍ଲକ୍ ନବନିର୍ମାଣ କୃଷକ ସଙ୍ଘ ପକ୍ଷରୁ ଆଜି ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ଅଞ୍ଚଳର ରହିଥିବା ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କୁଜଙ୍ଗ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି କୁଜଙ୍ଗ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ହୋଇଥିଲେ। ସେଠାରେ ବିଭିନ୍ନ ଦାବି ନେଇ ବିକ୍ଷୋଭ କରାଯାଇଥିଲା। ଦାବି ମଧ୍ୟରେ ଲଗାଣ ବର୍ଷାରେ କ୍ଷତି ସହିଥିବା ବଳକା ଚାଷୀମାନଙ୍କୁ ତୁରନ୍ତ କ୍ଷତି ପୂରଣ ପ୍ରଦାନ, ମଣ୍ଡି ବ୍ୟବସ୍ଥାର ଘରୋଇ କରଣ ପ୍ରତ୍ୟାହାର, ଶିଳ୍ପ ଜନିତ ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ କରିବା, ପାନୀୟଜଳ ଯୋଗାଣ, ସିଙ୍ଗିଟାଳି ବ୍ରିଜ୍ ଠାରୁ ଚଡଉମୁହାଣି ଓ ସିଙ୍ଗିଟାଳି ବ୍ରିଜ୍‌ଠାରୁ ଅଠରବାଙ୍କୀ ତାଳଦଣ୍ଡା କେନାଲକୁ ସଫା କରିବା ଇତ୍ୟାଦି ରହିଥିଲା। ଏହି ଅବସରରେ ନବ ନିର୍ମାଣ କୃଷକ ସଙ୍ଘର କୁଜଙ୍ଗ ବ୍ଲକ୍ ସଂଯୋଜକ ବିଭୂତି ଭୂଷଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସାମ୍ୟବାଦୀ ନେତା ବାବୁରାମ ଚୌଧୁରୀ, ହୃଷୀକେଶ ନାଥ, ନଟବର ସେଣ, ଶଙ୍କର ଚରଣ ଦାସ, କେଦାର ଚରଣ ସ୍ୱାଇଁ, ଜାନକୀ ମହାରଥା, ଦେବୀ ପ୍ରସାଦ ପଟ୍ଟନାୟକ, ଶାରଦା ପ୍ରସାଦ ମଲ୍ଲ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ସ୍ଥାନୀୟ ତହସିଲଦାର ସ୍ୱରୂପ ନନ୍ଦନ ବେହେରାଙ୍କୁ ପ୍ରଦାନ କରିଥିଲେ।

## ନିଖୋଜ ପ୍ରିୟଙ୍କାଙ୍କ ଗଳିତ ଶବ ଉଦ୍ଧାର

ତିର୍ତ୍ତୋଲ,୨୫।୧୧(ସମିସ): ତିର୍ତ୍ତୋଲ ଥାନା ଅନ୍ତର୍ଗତ ରାହାମା ପେଟ୍ରୋଲ ପମ୍ପ ନିକଟ ତାଳଦଣ୍ଡା କେନାଲରେ ଗତକାଲି ଏକ ଗଳିତ ଶବ ଭାସି ଆସି ପାଶ୍ୱର୍ରେ ଲାଗି ରହିଥିଲା। ଗତ ୧୨ ତାରିଖରେ ବାଲିପାଟଣା ତାଳଦଣ୍ଡା କେନାଲରେ ନିଖୋଜ ହୋଇଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀଙ୍କ ଶବ ବୋଲି ତାଙ୍କ ମା' ବନିତା ସାହୁ ଆଜି ଚିହ୍ନଟ କରିଥିଲେ। ଏଥି ସହିତ ଏସଂପର୍କରେ ତିର୍ତ୍ତୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଶବକୁ ଉଦ୍ଧାର କରି ଆଜି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଥାନା ସୂତ୍ରରୁ ଜଣାପଡିଛି।

### ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

# ଜାନୁଆରୀ ୧୬ରୁ ଖୋଲିବ ମଣ୍ଡି

ଜଗତସିଂହପୁର,୨୫।୧୧(ସମିସ)

ଜଗତସିଂହପୁର ଜିଲ୍ଲାରେ ଖରିଫ ବର୍ଷ ୨୦୨୫ -୨୬ ପାଇଁ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ.ସୋନାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ବିଭୁପ୍ରସାଦ ତରାଇ, ବିଧାୟକ ବାଲିକୁଦା-ଏରସମା ଶାରଦା ପ୍ରସନ୍ନ ଜେନା, ବିଧାୟକ ତିର୍ତ୍ତୋଲ ଡ. ରମାକାନ୍ତ ଭୋଇ, ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ ଜିତ୍ରାୟ ଚରଣ ଟୁଡୁ ସ୍ୱାଗତ ଭାଷଣ ଦେବାସହ କାର୍ଯ୍ୟସୂଚୀ ଅନୁଯାୟୀ ବୈଠକ ପରିଚାଳନା କରିଥିଲେ। ସୂଚନା ଅନୁସାରେ ଆସନ୍ତା ଜାନୁଆରୀ ୧୬ ତାରିଖରୁ ପର୍ଯ୍ୟାୟକ୍ରମେ ୪୯,୬୮୫ ପଞ୍ଜିକୃତ ଚାଷୀଙ୍କ ଠାରୁ ୧୧୫ ଗୋଟି ମଣ୍ଡି ମାଧ୍ୟମରେ ଧାନ କିଣାଯିବ। ପ୍ରଥମ ପର୍ଯ୍ୟାୟରେ ୩.୦୮ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ବୈଠକରେ ଉପସ୍ଥିତ ରହି ସାଂସଦ ତରାଇ ମିଲର ମାନେ ଉପଯୁକ୍ତ



- ସଂଗ୍ରହ ହେବ ୩.୦୮ ଲକ୍ଷ କ୍ୱିଣ୍ଟାଲ ଧାନ
- ୧୧୫ ମଣ୍ଡିରେ ଧାନ ଦେବେ ୪୯,୬୮୫ ଚାଷୀ

ତାଲିମ୍‌ପ୍ରାପ୍ତ ଲୋକଙ୍କୁ ମଣ୍ଡିକୁ ପଠାଇବା, ମଣ୍ଡିରେ ଚାଷୀଙ୍କ ପାଇଁ ସମସ୍ତ ସୁବିଧା ଯୋଗାଇବା ଆଦି ଉପରେ ଗୁରୁତ୍ୱାରୋପ କରିଥିଲେ। ବାଲିକୁଦା ଏରସମା ବିଧାୟକ ମିଲର, ଚାଷୀ, ପ୍ରଶାସନ ପରସ୍ପରର ପରିପୂରକ ଓ ସେମାନଙ୍କ ମଧ୍ୟରେ ସହଭାଗିତା ରହିଲେ ହିଁ ସମସ୍ତ କାର୍ଯ୍ୟ ସୁରୁଖୁରରେ ହୋଇପାରିବ ବୋଲି କହିଥିଲେ। ଧାନ ସଂଗ୍ରହର ସ୍ୱଚ୍ଛ ପରିଚାଳନା ଉପରେ ଗୁରୁତ୍ୱ ଦେଇଥିଲେ ତିର୍ତ୍ତୋଲ ବିଧାୟକ। ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସ୍ୱଚ୍ଛ ଧାନ ଆଣିବା ପାଇଁ ଚାଷୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ମିଲର ମାନେ ପ୍ରତ୍ୟେକ ମଣ୍ଡିରେ ସମୟ ପୂର୍ବରୁ ଖୋଟ ବସ୍ତା ପହଞ୍ଚାଇ ପାରିଲେ ସମସ୍ୟା ହେବନାହିଁ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତ୍ତି ନଘଟିବା,ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧ୍ୟାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଆବଶ୍ୟକ ସ୍ଥଳେ ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ (ଗ୍ରେନ ଆନାଲାଇଜର) ଏବଂ ଡିଜିଟାଲ ଆର୍ଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ। ଏହି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ମିଲର୍, ଚାଷୀଭାଇ ତଥା ଗଣମାଧ୍ୟମର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ଶିକୁଳିରୁ ମୁକୁଳିଲେ ଜ୍ୟୋତ୍ସ୍ନା



ସକାଳ ପ୍ରଭାବ

- ଗୋଡ଼ରେ ପଡ଼ିଥିଲା ଲୁହାର ଝଞ୍ଜିର
- ଚିକିତ୍ସା ପାଇଁ କଣାସ ଗଲେ

ପାରାଦୀପ,୨୫।୧୧(ସମିସ): ପାରାଦୀପ ସଞ୍ଜୟ ଗାନ୍ଧୀ ବସ୍ତିରେ ରହୁଥିବା ୨୦ ବର୍ଷୀୟା କଲେଜ ପଢୁଆ ଝିଅ ଜ୍ୟୋତ୍ସ୍ନା ଏବେ ଶିକୁଳିରୁ ମୁକ୍ତି ହୋଇଛନ୍ତି। ସେବା ପାଇଁ ବ୍ୟାସ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ଆଜି ଉଦ୍ଧାର କରାଯାଇ ପୁରୀର ନୀଳାଚଳ ସେବା ପ୍ରତିଷ୍ଠାନ କଣାସକୁ ନିଆଯାଇଛି।

ଯେଉଁ ଝିଅ ଦିନେ ପାଠ ପଢି ପରିବାରର ବୋଝ ମୁଣ୍ଡାଇବା ପାଇଁ ଅଣ୍ଟା ଭିଡୁଥିଲା, ଆଜି ସିଏ ହୋଇପଡିଥିଲା ପରିବାର ପାଇଁ ବୋଝ। ବାପାଙ୍କ ମୃତ୍ୟୁ ପରେ ଚାଳଛପର ଘରେ ଦାରିଦ୍ର୍ୟତାକୁ ନେଇ ବଞ୍ଚିବାକୁ ସଂଗ୍ରାମ କରୁଛି ପରିବାର। ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଥିଲା ପାରାଦୀପର ନୂଆବଜାର ୧୪ ନମ୍ବର ୱାର୍ଡର ନଳିନୀ ସ୍ୱାଇଁଙ୍କ ପରିବାରରେ। ତେଣୁ ଏ ଖବର ମିଳିବା ପରେ ସ୍ଥାନୀୟ କାଉନସିଲର ସଂଘମିତ୍ରା ସ୍ୱାଇଁଙ୍କ ସମେତ ଫାଉଣ୍ଡେସନର ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟ ଓ ସେମାନଙ୍କ ସାଥିଙ୍କ ଉପସ୍ଥିତିରେ ଝିଅଟିକୁ ନିଆଯାଇ କଣାସରେ ଛାଡି ଦିଆଯାଇଛି। ଜଣେ ୨୦ ବର୍ଷୀୟା କଲେଜ ପଢୁଆ ଶିକ୍ଷିତ ଝିଅ ମାନସିକ ଭାରାମ୍ୟ ହରାଇଥିବାରୁ ତାର ଗୋଡ଼ରେ ଶିକୁଳି ଅର୍ଥାତ ଜଞ୍ଜିର ପଡିଥିବା, ଅର୍ଥ ଅଭାବରୁ ଚିକିତ୍ସାରେ ବାଧକ ସାଜିଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ଏ ନେଇ ଦୈନିକ 'ସକାଳ'ରେ ସ୍ୱତନ୍ତ୍ର ଭାବେ ରିପୋର୍ଟ ପ୍ରକାଶ ପାଇଥିଲା। ଝିଅଟିର ଏଭଳି ଆକସ୍ମିକ ଘଟଣା ଘଟିବା ନେଇ ସାର ଜିଲ୍ଲାର ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଥିଲା। ଏଭଳି ଖବର ବ୍ୟାସ ଫାଉଣ୍ଡେସନ ଅଧ୍ୟକ୍ଷାଙ୍କ ନଜରରେ ଆସିବାରୁ ସେ ପାରାଦୀପ ଆସି ସହାୟତାର ହାତ ବଢାଇଥିଲେ।

## ମହାବୀର ଡ୍ରାମାଟିକ କ୍ଲବର 'ନାଟ୍ୟ ଉତ୍ସବ'



ଜଗତସିଂହପୁର,୨୫।୧୧(ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ଠାକୁର ପାଟଣା ସ୍ଥିତ ହରିହର ଯାତ୍ରା ପଡ଼ିଆରେ ମହାବୀର ଡ୍ରାମାଟିକ୍ କ୍ଲବ ପକ୍ଷରୁ ଦୁଇ ଦିନିଆ ନାଟ୍ୟଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ରାତ୍ରୀର ନାଟକ 'ଏ ଆଖି କାନ୍ଦୁଛି ତୋରି ପାଇଁ' ଓ ଦ୍ୱିତୀୟ ରାତ୍ରୀର 'ସ୍ୱାମୀ ପାଇଁ ପଛେ ନର୍କକୁ ଯିବି' ନାଟକ ପରିବେଷଣ କରାଯାଇଥିଲା। ନାଟକ ମଞ୍ଚସ୍ଥ ପୂର୍ବରୁ ଅନୁଷ୍ଠାନର ସ୍ଥାୟୀ ସଭାପତି ଶିକ୍ଷାବିତ ସୁଭାଷ ଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଅମରେନ୍ଦ୍ର ଦାସ, ବିଶିଷ୍ଟ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂ, ସମ୍ମାନିତ ଅତିଥି ଭାବେ ନାଟ୍ୟ ନିର୍ଦ୍ଦେଶକ ସମ୍ପଦ କୁମାର ବେହେରା, ବରିଷ୍ଠ କଳାକାର ରଞ୍ଜନ କୁମାର ମହାପାତ୍ର, ନାଟ୍ୟ ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାସ, ଶାରଦା ପ୍ରସାଦ ରଣା ଅଭିନେତା ମାତୃପ୍ରସାଦ ଦାସ, ସୁଦୀପ୍ତ ସୁନ୍ଦର ସ୍ୱାଇଁ, ସମାଜସେବୀ ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସମୀର ଲେଙ୍କା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଉପଦେଷ୍ଟା ପୂର୍ବତନ ପୌରାଧ୍ୟକ୍ଷ ମଧୁସୂଦନ ସାହୁ ଧନ୍ୟବାଦ ଦେଇଥିଲେ। ସେହିପରି ଦ୍ୱିତୀୟ ରଜନୀରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ଜିଲ୍ଲା ପରିଷଦ ସଭାପତି ମନୋଜ ଭୋଇ, ମୁଖ୍ୟବକ୍ତା ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲୀପ କୁମାର ଜେନା, ସମ୍ମାନିତ ଅତିଥି ଅଧ୍ୟାପକ ସତ୍ୟଜିତ ସାହୁ, ଜାତୀୟ କୃତୀ ଶିକ୍ଷକ ନିକୁଞ୍ଜ କିଶୋର ବେହେରା, ସରୋଜିନୀ ରଥ, ନାଟ୍ୟ ନିର୍ଦ୍ଦେଶକ ସମ୍ପଦ କୁମାର ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ନିଶାବେପାରୀ ସୁଶାନ୍ତ ସେଠ୍ ଗିରଫ

## ୨୨ ଗ୍ରାମ ହେରୋଇନ ଜବତ



ଜଗତସିଂହପୁର,୨୫।୧୧(ସମିସ): ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ତେନ୍ତୁଳିବେଲାରୀ ନିକଟସ୍ଥ ବ୍ରାହ୍ମଣ୍ତି ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ। ଯାଞ୍ଚ ପରେ ତାଙ୍କ ପାଖରୁ ୨୨ ଗ୍ରାମର ହେରୋଇନ୍ ଜବତ ହୋଇଛି। ସୂଚନାଯୋଗ୍ୟ ଯେ ବ୍ରାହ୍ମଣ୍ତି ଗ୍ରାମର ସୁଶାନ୍ତ ସେଠ୍ ଜଣେ ପେଶାଦାର ନିଶା ବ୍ୟବସାୟୀ। ଦୀର୍ଘ ଦିନ ଧରି ହେରୋଇନ ବ୍ୟବସାୟରେ ସଂପୃକ୍ତ ଥିବାବେଳେ ପୂର୍ବରୁ ବହୁବାର ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଛନ୍ତି। କିଛିଦିନ ତଳେ ଜେଲରୁ ଫେରି ପୁଣି ହେରୋଇନ ବ୍ୟବସାୟରେ ଲିପ୍ତ ଥିବାବେଳେ ଅବକାରୀ ବିଭାଗର ସ୍କାନରରେ ରହିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନଙ୍କ ନିର୍ଦ୍ଦେଶରେ ଉପଅଧିକ୍ଷିକା ଆଦ୍ୟାଶା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗର ବଛାବଛା ଅଫିସରମାନଙ୍କୁ ନେଇ ଏକ ଟିମ୍ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ଶ୍ରୀକାନ୍ତ ପଟ୍ଟନାୟକ। ସୋମବାର ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଗ୍ରାହକଙ୍କ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଅବକାରୀ ବିଭାଗର କର୍ମଚାରୀ। ଡିଲ୍ ବେଳେ ଅଭିଯୁକ୍ତଙ୍କୁ ମାଡିବସିଥିଲେ। ଜବତ ହେରୋଇନର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୨.୨୦ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଯାଇଛି। ଏହି ଅଭିଯାନରେ ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ରବି ବେହେରା, ଭ୍ରାମ୍ୟମାଣ ସଂସ୍ଥାର ଏଏସ୍‌ଆଇ ସନ୍ତୋଷ ନାୟକ, କନଷ୍ଟେବଲ ଜୟଦେବ ପାତ୍ର, ଦୀନବନ୍ଧୁ ସେଠୀ, ଅନୁରାଗ ସୂର୍ଯ୍ୟବଂଶୀ ପ୍ରମୁଖ ସାମିଲ ଥିଲେ।

## ମୁକ୍ତମଞ୍ଚ ନାଟକ ପାଇଁ ବହି ପୂଜା

ଏରସମା,୨୫।୧୧(ସମିସ): ଏରସମା ଶ୍ରୀଜଗନ୍ନାଥ ସାଂସ୍କୃତିକ ମଞ୍ଚ ତରଫରୁ ଦୋଳ ମେଳଣ ଉପଲକ୍ଷେ ଚତୁର୍ଥ ବାର୍ଷିକ ମୁକ୍ତ ମଞ୍ଚ ନାଟକ ମଞ୍ଚସ୍ଥ ପାଇଁ ଏରସମାର ଅଧିଷ୍ଠାତ୍ରୀ ଦେବୀ ମା' ବୁଢ଼ୀ ଜାଗୁଳାଇଙ୍କ ପାଖରେ ୨ଟି ବହି ପୂଜା କରାଯାଇଛି। ନାଟକ ଦୁଇଟି ହେଲା 'ଦରିଆ କୂଳର ଦରଦୀ ବନ୍ଧୁ' ଓ 'କହିବାକୁ ଲାଜ ଶୁଣିଲେ ପାପ'। ସଭାପତି ଅମୂଲ୍ୟ ବିଶ୍ୱାଳ, କାର୍ଯ୍ୟକାରୀ ଜ୍ୟୋତିରଞ୍ଜନ କୁଅଁର, ପରିଚାଳନା କମିଟି ସଦସ୍ୟ ବିଚିତ୍ରାନନ୍ଦ ଦାସ, ଆଲୋକ ରାଉତ, ବିଶ୍ୱଜିତ ମୁଦୁଲି, ଲୋକନାଥ ମହାନ୍ତି, ସଞ୍ଜୟ ସ୍ୱାଇଁ, ସହଦେବ, ଅଶୋକ ସ୍ୱାଇଁ, ନିହାର ବିଶ୍ୱାଳ, ଜଗନ୍ନାଥ ବିଶ୍ୱାଳ,



ସରପଞ୍ଚ ସଚ୍ଚିଦାନନ୍ଦ ଦାସଙ୍କ ସହିତ ଏରସମାର ବୟୋଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ। କଳାକାର, ସାଧାରଣ ସଭ୍ୟଙ୍କ ସହିତ ବହୁତ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ବାଂଲାଦେଶୀ ଚଢ଼ଉ କଡ଼ାକଡ଼ି

# ସମୁଦ୍ର ଭିତରେ ମତ୍ସ୍ୟଜୀବୀଙ୍କ ଆଧାର କାର୍ଡ ଯାଞ୍ଚ



ପାରାଦୀପ, ୨୫।୧୧(ସମିସ)

ପ୍ରଶାସନର ନିର୍ଦ୍ଦେଶ ପରେ ଏବେ ପାରାଦୀପର ବିଭିନ୍ନ ସ୍ଥାନରେ ଅନୁପ୍ରବେଶକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ କରିବାକୁ ଯାଇ ପାରାଦୀପ ମେରାଇନ ଥାନା ପକ୍ଷରୁ ସମୁଦ୍ର ଭିତରେ ପ୍ରତ୍ୟେକ ବୋଟ୍‌କୁ ଯାଞ୍ଚ କରାଯାଉଛି। ବୋଟ୍ ମଧ୍ୟରେ କୌଣସି ବାଂଲାଦେଶୀ ଲୁଚି ଥାଇପାରନ୍ତି ସନ୍ଦେହରେ ପୁଲିସ ଏବେ ସମୁଦ୍ର ମଧ୍ୟରେ ବୋଟ୍ ଓ ଡଙ୍ଗା ଗୁଡିକରେ କାମ କରୁଥିବା ମତ୍ସ୍ୟଜୀବୀଙ୍କୁ ଯାଞ୍ଚ କରୁଛି। କୂଳକୁ ଆସିଲେ ସେମାନେ ଭୟରେ କେଉଁଆଡେ ପଳାଇ ଯାଇପାରନ୍ତି। ସେଥିପ୍ରତି ଦୃଷ୍ଟି ଦେଇ ଥାନା ଅଧିକାରୀ ବବିତା ଦେହୁରୀଙ୍କ ନେତୃତ୍ୱରେ ଏକ ଟିମ୍ ପ୍ରତ୍ୟକ ଦିନ ମେରାଇନ ଟ୍ରଲର ସି-ଲାୟନ ସହାୟତାରେ ସମୁଦ୍ର ମଧ୍ୟରେ ମତ୍ସ୍ୟଜୀବୀଙ୍କ ଆଧାର, ଭୋଟର ଆଦି ଯାଞ୍ଚ କରୁଛନ୍ତି।

## ଚିହ୍ନଟ ୨୦ ବାଂଲାଦେଶୀ ଗଲେ ଆଠଗଡ଼ ଆଶ୍ରୟସ୍ଥଳୀ

ଜଗତସିଂହପୁର,୨୫।୧୧(ସମିସ): ଜଗତସିଂହପୁର ଜିଲ୍ଲାରେ ଚିହ୍ନଟ ହୋଇଥିବା ୨୦ ଜଣ ବାଂଲାଦେଶୀଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଆଠଗଡ଼ରେ କରାଯାଇଥିବା ଅସ୍ଥାୟୀ ଆଶ୍ରୟସ୍ଥଳୀକୁ ପଠାଇ ଦିଆଯାଇଛି। ପୂର୍ବରୁ ଚିହ୍ନଟ ୧୩ ଜଣଙ୍କୁ ପଠାଯାଇଥିବା ବେଳେ ଆଜି ଚିହ୍ନଟ ଆଉ ୭ ଜଣ ବାଂଲାଦେଶୀଙ୍କୁ ଆଠଗଡ ପଠାଯାଇଛି। ଗତ ୧୬ ତାରିଖରେ ଜଗତସିଂହପୁର ପୁଲିସ ଟିମ୍ ସଦର ଥାନା ଅନ୍ତର୍ଗତ ତରିକୁନ୍ଦ ବେରାହିମପୁର ଠାରେ ରହୁଥିବା ସନ୍ଦିଗ୍ଧ ବାଂଲାଦେଶୀଙ୍କ ବସ୍ତି ଉପରେ ଚଢ଼ାଉ କରିଥିଲା। ପରବର୍ତ୍ତୀ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ଜାରି ନିର୍ଦ୍ଦେଶନାମା ଅନୁସାରେ ସମଗ୍ର ଜଗତସିଂହପୁର ଜିଲ୍ଲାରେ ଏହି ଚଢ଼ାଉ ଆରମ୍ଭ ହୋଇଥିଲା। ଏବେ ମଧ୍ୟ ଏହି ସନ୍ଦିଗ୍ଧ ବାଂଲାଦେଶୀଙ୍କ ପ୍ରକୃତ ପରିଚୟ, ଜନ୍ମସ୍ଥାନ ଓ ବାସସ୍ଥାନ ସମ୍ପର୍କିତ କାଗଜପତ୍ର ତନଖି କରାଯାଉଛି। ଆଜିସୁଧା ମୋଟ ୨୦ଜଣ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇଛି। ପ୍ରଥମେ ସେମାନଙ୍କୁ ବିରିଡି ଥାନା ଅନ୍ତର୍ଗତ ବାଗଲପୁରରେ ଜିଲ୍ଲାସ୍ତରରେ ହୋଇଥିବ ଅସ୍ଥାୟୀ ଆଶ୍ରୟସ୍ଥଳୀରେ ରଖାଯାଇଥିଲା। ପରେ ୩ ପର୍ଯ୍ୟାୟରେ ସମସ୍ତ ୨୦ ଜଣଙ୍କୁ ଆଠଗଡ ସ୍ଥାନାନ୍ତର କରାଯାଇଛି ବୋଲି ଜିଲ୍ଲା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ମଣ୍ଡଳସ୍ତରୀୟ ବିଜ୍ଞାନ ମେଳା



ନାଉଗାଁ,୨୫।୧୧(ସମିସ): ନାଉଗାଁ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ସ୍ଥାନୀୟ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ କଣ୍ଟୁଣିଆ ଠାରେ ସଫଳତା ସହ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମେଳାରେ ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉପ୍ରା ବିଦ୍ୟାଳୟରୁ ସମୁଦାୟ ୧୦୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନାଉଁଗା ପଞ୍ଚାୟତ ସମିତିର ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ମୁଖ୍ୟବକ୍ତା ସଭାପତି ପୂର୍ବତନ ଛାତ୍ର ସଂସଦ ପ୍ରତାପ କୁମାର ମିଶ୍ର, ସମ୍ମାନନୀୟ ଅତିଥି ତହସିଲଦାର ଅକ୍ଷୟ କୁମାର ବଡୁ, ପୂର୍ବତନ ପ୍ରଧାନ ଶିକ୍ଷକ ସରକାରୀ ଉଚ୍ଚ ବିଦ୍ୟାଳୟ ନାଉଗାଁ, ନିରଞ୍ଜନ ମହାନ୍ତି, ସଭାପତି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସୁକାନ୍ତ କୁମାର ଲେଙ୍କା, ବିଭୂତି ଭୂଷଣ ରାୟ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ଶଙ୍କର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ସଭାରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ନାଉଗାଁର ସଂପାଦକ ହିମାଂଶୁ କୁମାର ମହାନ୍ତି। ନାଉଗାଁ ବିଜ୍ଞାନ ସଂଯୋଜନା କମିଟିର ସଂପାଦକ ସୁଧୀର କୁମାର ବିଶ୍ୱାଳ ସଭାକୁ ପରିଚାଳନା କରିଥିଲେ। ସିଆରସିସି ଅକ୍ଷୟ କୁମାର ରାଉତ ଓ ଶିକ୍ଷକ ବସନ୍ତ କୁମାର ଦାସ, ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନାଉଗାଁ ଆରକ୍ଷୀ ବିଭାଗ, ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଓଡପଏଙ୍ଗାର ଜୁନିୟର ରେଡ଼କ୍ରସ ପକ୍ଷରୁ ସେବା ଶିବିରର ଆୟୋଜନ କରାଯାଇଥିଲା। ସେହିପରି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜଗତସିହପୁରର ସାଂସଦ ଡ. ବିଭୁପ୍ରସାଦ ତରାଇ, ମୁଖ୍ୟବକ୍ତା ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷା ସୁଜାତା ଓତା, ସମ୍ମାନିତ ଅତିଥି ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ଉମେଶ ଚନ୍ଦ୍ର ରାଉତ, ତପନ କୁମାର ନନ୍ଦ ଯୋଗଦେଇଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକ ସଭାପତିତ୍ୱ କରିଥିଲେ।

# କଟକ ସଦର ବ୍ଲକ୍‌ରେ ଏକତା ପଦଯାତ୍ରା




**କନ୍ଦରପୁର,୨୫।୧୧(ସମିସ):** କଟକ ସଦର ବ୍ଲକ ପକ୍ଷରୁ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଆୟୋଜିତ ହୋଇଯାଇଛି। ବେଣ୍ଟକାର ଛକ ନିକଟରେ ବେଣ୍ଟକାର ଉଚ୍ଚ ବିଦ୍ୟାଳୟ, ପାର୍ବତୀ ବିଦ୍ୟାପୀଠ, ସରସ୍ୱତୀ ଶିଶୁ ମନ୍ଦିର, ସୁଦର୍ଶନ ମହାବିଦ୍ୟାଳୟ, କନ୍ଦରପୁର ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ବହୁ ସାଧାରଣ ଜନତାଙ୍କ ଉପସ୍ଥିତିରେ ଏକ ବିରାଟ ପଦଯାତ୍ରା ବ୍ରହ୍ମପୁର ପର୍ଯ୍ୟନ୍ତ କରାଯାଇଥିଲା। ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କଟକ ସଦର ବ୍ଲକ ଉନ୍ନୟନ ଅଧିକାରୀ ପ୍ରତୀକ ସାହୁ ଯୋଗ ଦେଇଥିଲେ। ଆମ୍ବା ସଭାପତି ରମାପଦ ବିଶ୍ୱାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାଧୁ ଜେନା, କୃଷକ ମୋର୍ଚ୍ଚା ଜିଲ୍ଲା ଉପସଭାପତି ହୃଷିକେଶ ଜେନା, ସମାଜସେବୀ ସମୀର ପଣ୍ଡା, ମଣ୍ଡଳ ସଭାପତି ନିରଞ୍ଜନ ରାହୁଳ, ଚିତ୍ତରଞ୍ଜନ ସାହୁ, ନିହାର ରଞ୍ଜନ ପଣ୍ଡା, ସୁଧାଂଶୁ ନାରାୟଣ ଦାସ, ଅଶୋକ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ।

# ଆଦି ନାଟ୍ୟକାର ଜଗନମୋହନ ଲାଲଙ୍କ ଜୟନ୍ତୀ




**ମାହାଙ୍ଗା,୨୫।୧୧(ସମିସ):** ମାହାଙ୍ଗା ବିକାଶ ପରିଷଦ ଆନୁକୂଲ୍ୟରେ ମାହାଙ୍ଗା ମେଡିକାଲ ବଜାରରେ ଆଦିନାଟ୍ୟକାର ଜଗନମୋହନ ଲାଲଙ୍କ ୧୮୭ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ। ଅଧ୍ୟାପକ ଡ.ଅଶୋକ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ତହସିଲଦାର ଇଂ ସୁଭାଶିଷ ପାଲଟାସିଂହ ପ୍ରମୁଖ ଯୋଗ ଦେଇଥିଲେ। ମାହାଙ୍ଗାରେ ନୂତନ ଗ୍ରାମୀଣ ହାଟ ଓ ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ କଲ୍ୟାଣ ମଣ୍ଡପର ଶୁଭ ଶିଳାନ୍ୟାସ କରିଥିଲେ। ନାରୀନେତ୍ର ଯାଜ୍ଞସେନୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଗୌତମ ପ୍ରସାଦ ଲାଲ ଧନ୍ୟବାଦ ଦେଇଥିଲେ। ଭକ୍ତଚରଣ ସ୍ୱାଇଁ, ମନୋରଞ୍ଜନ ବିଶ୍ୱାଳ, ଅଭିନ୍ନ ଜେନା, ତାରାକାନ୍ତ ମହାପାତ୍ର, ସୁରେଶ ଜେନା, ଜିତେନ୍ଦ୍ର ଶତପଥୀ, ଅଶୋକ ବିଶ୍ୱାଳ, ରମେଶଚନ୍ଦ୍ର ସ୍ୱାଇଁ, ଅଜୟ ନାୟକ, ଦୋଳଗୋବିନ୍ଦ ସାହୁ, ସତ୍ୟଜିତ ସିହ୍ନା, ସ୍ମୃତିରଞ୍ଜନ ପୃଷ୍ଟି, ପ୍ରସନ୍ନଜିତ ସିଂହ, ହରେକୃଷ୍ଣ ମହାପାତ୍ର ସହଯୋଗ କରିଥିଲେ।

# ରାଜ୍ୟପାଳଙ୍କ ଦ୍ୱାରା ଡକ୍ଟରେଟ୍ ଉପାଧି ପ୍ରଦାନ




**ନିଶ୍ଚିନ୍ତକୋଇଲି,୨୫।୧୧(ସମିସ):** ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପଟିଙ୍କ ଦ୍ୱାରା ଇ. ମନୋଜ କୁମାର ବେହେରା ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ରାଉରକେଲାରୁ ଡକ୍ଟରେଟ୍ ଉପାଧି ପାଇଛନ୍ତି। ରାଉରକେଲା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ଭାଇସ୍ ଚାନସେଲରଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଏହା ପ୍ରଦାନ କରାଯାଇଛି। ଇ. ଶ୍ରୀ ବେହେରା ହେଉଛନ୍ତି ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଲେଣ୍ଡୁରା ଭଗବାନପୁର ଗ୍ରାମ ସ୍ୱର୍ଗତ ଦୋଳଗୋବିନ୍ଦ ବେହେରାଙ୍କ ଜ୍ୟେଷ୍ଠପୁତ୍ର। ସେ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସ୍ମୃତିରଞ୍ଜନ ମହାପାତ୍ର ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ଏମ୍‌ବିଏ ବିଭାଗର ପ୍ରଫେସର ଡ. ସୌମେନ୍ଦ୍ର କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭ ଆଇଆଇଏମ୍ ତ୍ରିଚି ତାମିଲ୍‌ନାଡୁ ଏବଂ ଆଇଆଇଟି ଖଡଗପୁର ୱେଷ୍ଟବେଙ୍ଗଲଙ୍କ ଦ୍ୱାରା ମୂଲ୍ୟାୟନ କରାଯାଇ ଉଚ୍ଚ ପ୍ରଶଂସିତ ହୋଇଥିଲା। ତାଙ୍କର ଏହି କୃତିତ୍ୱ ପାଇଁ ସେ ପତ୍ନୀ ଦେବସ୍ମିତା ବେହେରା, ଭାଇ ସରୋଜ ବେହେରା ଦୁଇ ଡାକ୍ତରୀ ଛାତ୍ର ପୁଅ ସୁରଜ ଓ ଶୋଭିତ୍‌ଙ୍କ ସମେତ ବହୁ ଶିକ୍ଷାବିତ୍ ଶୁଭେଚ୍ଛା ଜଣାଇଛନ୍ତି।

# କେନାଲ ବନ୍ଧ ରାସ୍ତା ଅବସ୍ଥା ଶୋଚନୀୟ

## ମରାମତି ପାଇଁ ଅଞ୍ଚଳବାସୀଙ୍କ ଦାବି

**ନିଶ୍ଚିନ୍ତକୋଇଲି,୨୫।୧୧(ସମିସ):** ନିଶ୍ଚିନ୍ତକୋଇଲି ଗ୍ରାମ ଉନ୍ନୟନ ବିଭାଗ ଅଧୀନରେ ଥିବା କେନ୍ଦ୍ରାପଡା କେନାଲର ବାମପାର୍ଶ୍ୱର୍ ବନ୍ଧରାସ୍ତା ଅସୁରେଶ୍ୱର ଜଳସଂପଦ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ୫୦୦ ମିଟର ବ୍ୟାପି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତା ନିର୍ମାଣ ସମୟରେ ଗ୍ରାମ ଉନ୍ନୟନ ବିଭାଗ ଅଧିକାରୀମାନେ ସଠିକ୍ ଭାବେ ତଦାରଖ ନ କରିବାରୁ ଠିକାଦାର ସଂପୂର୍ଣ୍ଣ ସରକାରୀ ନୀତି ନିୟମକୁ ଉଲଙ୍ଘନ କରି ରାସ୍ତାକାମ ଅତ୍ୟନ୍ତ ନିମ୍ନମାନର କରିଥିବା ନେଇ ଅଭିଯୋଗ ହୋଇଛି। ରାସ୍ତା କାର୍ଯ୍ୟ ନିମ୍ନମାନର ହୋଇଥିବାରୁ କମ୍ ଦିନ ମଧ୍ୟରେ ଏହି ରାସ୍ତାର ବିଭିନ୍ନ ସ୍ଥାନରେ ବଡ ବଡ ଖାଲଖମା ସୃଷ୍ଟି ହୋଇଥିବା ବେଳେ ବହୁ ସ୍ଥାନରେ ପିଚୁରୁ ଗୋଡି ଉଠିଯାଇଥିବା ଦେଖାଯାଇଛି। ଏହି ରାସ୍ତାର ଅବସ୍ଥା ଏଭଳି ହୋଇଥିବାରୁ ପଥଚାରୀମାନେ ପ୍ରତ୍ୟେକ ଦିନ ଦୁର୍ଘଟଣାଗ୍ରସ୍ତ ହୋଇ ଖଣ୍ଡିଆଖାବରା ହେଉଥିବା ଦେଖିବାକୁ ମିଳୁଛି। ବିଗତ ୩ମାସ ହେବ ରାସ୍ତା ଅବସ୍ଥା ଖରାପ ହୋଇଥିବା ସଂକ୍ରାନ୍ତରେ ସ୍ଥାନୀୟ ବାସିନ୍ଦା ଗ୍ରାମ ଉନ୍ନୟନ ବିଭାଗର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ସ୍ଥାନୀୟ ବିଧାୟକଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏଥିପ୍ରତି କେହି କର୍ଣ୍ଣପାତ କରୁ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହ ଶହ ଗାଡି ମଟର,



ସ୍କୁଲ, କଲେଜ ଛାତ୍ର ଛାତ୍ରୀ ଯାତାୟାତ କରିବା ସହିତ ସ୍ଥାନୀୟ ଅଞ୍ଚଳର ବାସିନ୍ଦାଙ୍କ ଗୋରୁଗାଈଠାରୁ ଆରମ୍ଭ କରି ଯାବତୀୟ କାର୍ଯ୍ୟକ୍ରମ କରିବାରେ ଏହି ରାସ୍ତା ଉପରେ ନିର୍ଭର କରିଥାଆନ୍ତି। ରାସ୍ତାର ଅବସ୍ଥା ଏଭଳି ହୋଇଥିବାରୁ ଏହି ଅଞ୍ଚଳର ଲୋକମାନେ ମଧ୍ୟ ଚଳପ୍ରଚଳ ପାଇଁ ହନ୍ତସନ୍ତ ହେଉଛନ୍ତି। ରାସ୍ତା ନିର୍ମାଣ ହେବା ଦିନଠାରୁ ଏହାକୁ ମରାମତି କରାଯାଇ ନ ଥିବା ବେଳେ ଏହା ଦିନକୁ ଦିନ ଅଧିକ ଖରାପ ହେବାକୁ ଲାଗିଲାଣି। ତୁରନ୍ତ ଗ୍ରାମ ଉନ୍ନୟନ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଇ ଉକ୍ତ ରାସ୍ତାକୁ ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି। ଅଭିଯୋଗ ହେବା ପରେ ରାସ୍ତା ମରାମତି ହେଉ ନ ଥିବା ସଂକ୍ରାନ୍ତରେ ସଂପୃକ୍ତ ଗ୍ରାମ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀ ଦାସଙ୍କୁ ପଚାରିବାରୁ ଏଥିପାଇଁ କୌଣସି ଆଲଟମେଟ୍ ନଥିବାରୁ ମରାମତି କାର୍ଯ୍ୟ ହୋଇପାରୁ ନ ଥିବା ପ୍ରକାଶ କରିଛନ୍ତି।

# ଲିଙ୍ଗଭିତ୍ତିକ ହିଂସା ବିରୋଧରେ ସଚେତନତା ଅଭିଯାନ

**କଟକ,୨୫।୧୧(ସମିସ):** ଆଜି ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ୧୬ ଦିନିଆ ଲିଙ୍ଗ ଭିତ୍ତିକ ହିଂସା ବିରୁଦ୍ଧରେ ସଚେତନତା ଅଭିଯାନ ଜିଲ୍ଲା ସମାଜ କଲ୍ୟାଣ ବିଭାଗ ତରଫରୁ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ମହିଳାଙ୍କ ବିରୋଧରେ ହିଂସା ଦୂରୀକରଣ ଅଭିଯାନ ଉପଲକ୍ଷେ ଏକ ରାଲି ପ୍ରସ୍ତୁତ କରାଯାଇଥିଲା। ଏହି ଅଭିଯାନରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସଖୀ କେନ୍ଦ୍ର, ଶକ୍ତିସଦନ ଏବଂ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନେଇ ବିଭିନ୍ନ ପଞ୍ଚାୟତ ଏବଂ ମ୍ୟୁନିସିପାଲିଟିରେ ଜୈବ ଭିତ୍ତକ ହିଂସାକୁ ନେଇ ସଚେତନତା କାର୍ଯ୍ୟକ୍ରମମାନ କରାଯିବ। ଜିଲ୍ଲା ସମାଜ କଲ୍ୟାଣ ବିଭାଗର ସମସ୍ତ କର୍ମଚାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ନାରୀ ସେବା ସଂଘର କର୍ମକର୍ତ୍ତା ଏବଂ ବିଭିନ୍ନ ସ୍ଥାନରୁ ଆସିଥିବା ଅଙ୍ଗନବାଡି କର୍ମୀ ଓ କିଶୋରୀ




ବାଳିକାମାନେ କଟକ ଜିଲ୍ଲା କାର୍ଯ୍ୟାଳୟରୁ ପୁରୀଘାଟ ଥାନା ପର୍ଯ୍ୟନ୍ତ ପଦଯାତ୍ରା କରି ମହିଳାଙ୍କ ବିରୁଦ୍ଧରେ ହିଂସା ଦୂରୀକରଣର ବିଭିନ୍ନ ଆହ୍ୱାନରେ ରାଲିକୁ ସୁଚାରୁ ରୂପେ କାର୍ଯ୍ୟକାରୀ କରାଇଥିଲେ।

# ସାଲେପୁରରେ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା

**ସାଲେପୁର,୨୫।୧୧(ସମିସ):** ସାଲେପୁରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ସାଲେପୁର ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସାଲେପୁର ବିଜେପି ବିଧାୟକ ପ୍ରାର୍ଥୀ ତଥା ବିଜେପି ନେତା ଅରିନ୍ଦମ ରାୟ, ରାଜ୍ୟ ବିଜେପି ନେତୃମଣ୍ଡଳୀ ସତ୍ୟବାଦୀ ଚଇନି, କଟକ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି, ଚୌଧୁରୀ ହେମନ୍ତ ସାହୁ, ସାଲେପୁର କଲେଜର ଏନ୍‌ସିସି କ୍ୟାଡେଟ୍ ଓ ଛାତ୍ରଛାତ୍ରୀମାନଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ପ୍ରାୟ ୨ହଜାରରୁ ଉଦ୍ଧ୍ୱର୍ ମହିଳା ଓ ପୁରୁଷମାନେ ଏହି ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ପଦଯାତ୍ରା ଶିଶୁଆ ବଜାର ନିକଟରୁ ବାହାରି ସାଲେପୁର ବଜାର ପରିକ୍ରମା କରି ମଧୁମଣ୍ଡପଠାରେ ଶେଷ ହୋଇଥିଲା। ଏହି ଅବସରରେ ମଧୁମଣ୍ଡପ ନିକଟରେ ଅନୁଷ୍ଠିତ ପଥପ୍ରାନ୍ତର ସଭା ସାଲେପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋପାମୁଦ୍ରା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ଅରିନ୍ଦମ ରାୟ, ବିଶିଷ୍ଟ ଅତିଥିଭାବେ ବିଜେପି କଟକ ଜିଲ୍ଲା ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି, ରାଜ୍ୟ ବିଜେପି କୃଷକମୋର୍ଚ୍ଚା ଉପସଭାପତି ସତ୍ୟବାଦୀ ଚଇନି, ଚୌଧୁରୀ ହେମନ୍ତ କୁମାର ସାହୁ ଓ ବିଶିଷ୍ଟ ଅତିଥି ଭାବେ ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ ଯୋଗଦେଇଥିଲେ।

# ବାଲିଝରୀରେ ମହାଲକ୍ଷ୍ମୀଙ୍କ ପ୍ରତିମା ସ୍ଥାପନ



**ନରସିଂହପୁର,୨୫।୧୧(ସମିସ):** ନରସିଂହପୁର ବ୍ଲକ ବାଲିଝରୀ ଗ୍ରାମରେ ମା' ମହାଲକ୍ଷ୍ମୀଙ୍କର ମହୋତ୍ସବ ଚଳିତ ବର୍ଷ ଅନୁଷ୍ଠିତ ହେଉଛି। ଏହି ଆବସରରେ ତ୍ରିନାଥ ବଜାର ପୂଜା ମଣ୍ଡପରେ ସ୍ଥାୟୀ ଭାବେ ମା' ମହାଲକ୍ଷ୍ମୀଙ୍କର ସ୍ଥାୟୀ ମୂର୍ତ୍ତି ପ୍ରତିମା ସ୍ଥାପନ ସହିତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ମା'ଙ୍କ ବିଗ୍ରହ ପ୍ରତିଷ୍ଠା ଅବସରରେ ମହାଯଜ୍ଞ କାର୍ଯ୍ୟ ଆରମ୍ଭ ହେଇଥିଲା। ଆଜିର ଶେଷ ଦିବସରେ ମା'ଙ୍କର ନଗର ପରିକ୍ରମା ସହିତ ମନ୍ଦିର ପ୍ରବେଶ ଉତ୍ସବ କରାଯାଇ ମା'ଙ୍କୁ ଆସ୍ଥାନ ଆରୋହଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ତ୍ରିନାଥ ବଜାର ବଣିକ ସଂଘ ତରଫରୁ ଆୟୋଜନ କରାଯାଇ ଥିବାବେଳେ ମଣ୍ଡପର ସମସ୍ତ କାର୍ଯ୍ୟ ସଠିକ୍ ଭାବେ ନିର୍ବାହ କରାଯାଇଥିଲା। ମହାଲକ୍ଷ୍ମୀ ମହୋତ୍ସବ ୨୦୨୫ ଅବସରରେ ମା ମହାଲକ୍ଷ୍ମୀଙ୍କ ମନ୍ଦିର କାର୍ଯ୍ୟ ଓ ବିଗ୍ରହ ପ୍ରତିମା ସ୍ଥାୟୀ ଭାବେ ସ୍ଥାପନାକୁ ନେଇ ଗ୍ରାମବାସୀ ଖୁସି ବ୍ୟକ୍ତ କରିଛନ୍ତି।

# ଦୁଇ ଡାକ୍ତରଖାନା ପରିଦର୍ଶନ କଲେ ଜିଲ୍ଲାପାଳ




**ତିଗିରିଆ,୨୫।୧୧(ସମିସ):** ମଙ୍ଗଳବାର ପୂର୍ବାହ୍ନରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ତିଗିରିଆ ନିଜିଗଡସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ବିନ୍ଧାଣିମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଛନ୍ତି। ତିଗିରିଆ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ପ୍ରସ୍ତାବିତ ଆମ ହସ୍ପିଟାଲ ଯୋଜନା କାର୍ଯ୍ୟକାରୀ ପାଇଁ ଭିତ୍ତିଭୂମିର ତର୍ଜମା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଗୋଟିଏ ନୂତନ ରୋଗୀ ପଞ୍ଜୀକରଣ କେନ୍ଦ୍ର ନିର୍ମାଣ ଓ କେନ୍ଦ୍ର ବାହାରେ ପଞ୍ଜୀକରଣ ପାଇଁ ଆସିବାକୁ ଥିବା ରୋଗୀ କିମ୍ବା ତାଙ୍କ ସମ୍ପର୍କୀୟଙ୍କ ସୁବିଧା ନିମନ୍ତେ ଛାତର ବ୍ୟବସ୍ଥା କରିବା ପାଇଁ ଜିଲ୍ଲାପାଳଙ୍କୁ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମନୋରଞ୍ଜନ ପଣ୍ଡା ପ୍ରସ୍ତାବ ଦେଇଥିଲେ। ଯାହାକୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ଗ୍ରହଣ କରିଥିଲେ। ପରେ ଜିଲ୍ଲାପାଳ ଶ୍ରୀ ସିନ୍ଦେ ବିନ୍ଧାଣିମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିଥିଲେ। ଦୀର୍ଘ ଦିନ ଧରି ସରକାରଙ୍କ ପକ୍ଷରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ଅର୍ଥ ମଞ୍ଜୁର କରାଯାଇଥିଲେ ମଧ୍ୟ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତାବିତ ସ୍ଥାନ ହସ୍ତାନ୍ତରରେ ବିଳମ୍ବ ଯୋଗୁଁ ଏହା ବର୍ତ୍ତମାନ ସୁଦ୍ଧା ଆରମ୍ଭ ହୋଇପାରି ନାହିଁ। ଗୃହ ନିର୍ମାଣ ପାଇଁ ଆସିଥିବା ଅର୍ଥ ଫେରିଯିବାର ଆଶଙ୍କା ସୃଷ୍ଟି ହୋଇଛି। ଜିଲ୍ଲାପାଳ ଶ୍ରୀ ସିନ୍ଦେ ଉକ୍ତ ସ୍ଥାନ ପରିଦର୍ଶନ କରିବା ସହ ସ୍ଥାନୀୟ ତହସିଲଦାରଙ୍କ ସହ ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ସ୍ଥାନ ହସ୍ତାନ୍ତର କରିବାରେ ବିଳମ୍ବର କାରଣ ଓ ଏହାର ସମସ୍ୟା ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ତହସିଲଦାରଙ୍କୁ ଜିଲ୍ଲାପାଳ ଶ୍ରୀ ସିନ୍ଦେ ଯଥାଶୀଘ୍ର ନୂତନ ମେଡ଼ିକାଲ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ କରି ମେଡ଼ିକାଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡ. ପ୍ରଶାନ୍ତ ହୋତା, ବିନ୍ଧାଣିମା ସରପଞ୍ଚଙ୍କ ପ୍ରତିନିଧି ମାନସ ରଞ୍ଜନ ଜେନା ତଥା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ମାସ

**ଚୌଦ୍ୱାର,୨୫।୧୧(ସମିସ):** ରାଷ୍ଟ୍ରୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ମାସ ଶିଶୁ ସଦନ ସଭାଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିଶୁ ସଦନ ମୁଖ୍ୟ ତଥା ହିନ୍ଦ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, କଟକ ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରମୋଦ କିଶୋର ଅଚାର୍ଯ୍ୟ, କଟକ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତୀ ମହାନ୍ତି ବିଭିନ୍ନ ମେଡିକାଲର କର୍ମଚାରୀଙ୍କୁ ପୌଷ୍ୟ ସନ୍ତାନ ଗ୍ରହଣ, ଦିବ୍ୟାଙ୍ଗ ଶିଶୁଙ୍କ ଅଣ ଆନୁଷ୍ଠାନିକ ପୁନର୍ବାସ ସୁନିଶ୍ଚିତ କରାଇବା ଦିଗରେ ଦିଗଦର୍ଶନ ପ୍ରଦାନ କରିଥିଲେ। ଚୌଦ୍ୱାରସ୍ଥିତ ଜନସେବକ ନର୍ସିଂହୋମ, ଶ୍ରୀରାମ ନର୍ସିଂ ହୋମ, କଳିଙ୍ଗ ନର୍ସିଂ ହୋମ, ଗୁରୁକୃପା



ପଲ୍ଲୀ କ୍ଲିନିକ୍, ସିଏଚସି ଟାଙ୍ଗୀ, ୟୁପିଏଚସି କପାଳେଶ୍ୱର ଓ ମହାଲକ୍ଷ୍ମୀ ମେଡିକାଲ ଷ୍ଟୋରର କର୍ମକର୍ତ୍ତା, ଖବରଦାତା ଆଶୁତୋଷ ଦାସ ଉପସ୍ଥିତ ଥିଲେ। ସୋସାଇଟିର ଅମୀୟ ସ୍ୱାଇଁ, ଗୌତମ ବାରିକ, ପ୍ରଦୀପ ଦାଶ ପରଚାଳନା କରିଥିଲେ। ଶ୍ରୀମନ୍ତ ନାୟକ ଧନ୍ୟବାଦ ଦେଇଥିଲେ।

# ନିଆଳିରେ ଏକତା ପଦଯାତ୍ରା



**ନିଆଳି,୨୪।୧୧(ସମିସ):** ନିଆଳିରେ ଲୌହମାନବ ସର୍ଦ୍ଦାର ବଲ୍ଲବଭାଇ ପଟେଲଙ୍କୁ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ନିଆଳି ଅଞ୍ଚଳର କେତେକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ନିଆଳି ମହାବିଦ୍ୟାଳୟଠାରୁ ଏକ ଶୋଭାଯାତ୍ରାରେ ଆସି ରାଷ୍ଟ୍ରୀୟ ଏକତାର ନାରାବାଜି କରି ନିଆଳି ବଜାର ପରିକ୍ରମା କରି ନିଆଳି ହାଇସ୍କୁଲଠାରେ ପହଞ୍ଚିଥିଲେ। ପରେ ନିଆଳି ହାଇସ୍କୁଲ ପଡିଆରେ ଏକ ସଭାରେ ଜଗତସିଂହପୁର ସାଂସଦ ବିଭୂ ପ୍ରସାଦ ତରାଇ, ବିଧାୟକ ଛବି ମଲ୍ଲିକ, ବିଜେପିର ରାଜ୍ୟ ପ୍ରବକ୍ତା ରାଜେନ୍ଦ୍ର ପ୍ରସାଦ ପଣ୍ଡା, କଟକ ଜିଲ୍ଲା ବିଜେପି ସଭାପତ ସୁକାନ୍ତ ବିଶ୍ୱାଳ, ଆମ୍ବ ଅଧ୍ୟକ୍ଷ ଗଣେଶ୍ୱର ମିଶ୍ର, ସାଂସଦଙ୍କ ପ୍ରତିନିଧି ଜ୍ୟୋତିରଂଜନ ମହାନ୍ତି ଓ ସଂଗଠକ ଶଶୀକାନ୍ତ ଲେଙ୍କା ଯୋଗଦେଇଥିଲେ।

# ମଣ୍ଡଳସ୍ତରୀୟ ବାଲ୍ ବିଜ୍ଞାନ ପ୍ରଦର୍ଶନୀ ଓ କୁଇଜ୍ କାର୍ଯ୍ୟକ୍ରମ




**ତିଗିରିଆ,୨୫।୧୧(ସମିସ):** ତିଗିରିଆ ବ୍ଲକ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆପାଟଣା ପରିସରରେ ମଙ୍ଗଳବାର ମଣ୍ଡଳସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ପ୍ରଦର୍ଶନୀରେ ମୋଟ ୨୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ତିଗିରିଆ ବ୍ଲକ ଶିକ୍ଷା ଅଧିକାରୀ ଅମର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀକୁ ଆଠଗଡ-ତିଗିରିଆ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଜିଲ୍ଲାପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ଓ ସସ୍ମିତା ରାଉତ, ସହଶିକ୍ଷା ଅଧିକାରୀ ମାଧବ ଚନ୍ଦ୍ର ଦେଉରୀ, ସୌଦାମିନୀ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେତକୀ କୁଣ୍ଡୁ ଓ ସିଆରସିସି ଚନ୍ଦ୍ରମଣି ସ୍ୱାଇଁଙ୍କ ସମେତ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ଉମାଶଙ୍କର ରାଉତ, ବିଶ୍ୱରଞ୍ଜନ ଜେନା, ମହେଶ୍ୱର ସେଠୀ, ପ୍ରଶାନ୍ତ ଘଡେଇ, ନିଶାକର ଖଟୁଆ, ଅଶୋକ ଦାସ ଯୋଗଦେଇ କୁନି କୁନି ବୈଜ୍ଞାନିକଙ୍କୁ ଉତ୍ସାହିତ କରିଥିଲେ। ବିଭାଗ ପକ୍ଷରୁ କରାଯାଇଥିବା ବିଭିନ୍ନ ପ୍ରକଳ୍ପରେ ପ୍ରଥମ ହୋଇଥିବା ମାନସୀ ବେହେରା, ସୌମ୍ୟରଞ୍ଜନ ଦାସ, ଏସ କୁନାଲ ନାୟକ, ୟସିମିତ ପ୍ରିୟଦର୍ଶନୀ, ପ୍ରତିକ୍ଷା ପ୍ରିୟଦର୍ଶନ, ପୂଜା ଜେନା, ଶ୍ରୀୟାଂଶ ମିଶ୍ର, ଲିଙ୍କୁପ୍ରିୟା ତୋଶ, ଏବଂ ଅରସିଲ ଅହମଦ୍ ପ୍ରମୁଖ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ପ୍ରତିଯୋଗିତାରେ ଭାଗନେବାକୁ ମନୋନୀତ ହୋଇଛନ୍ତି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ବିଜ୍ଞାନମେଳା କମିଟିର ସଂପାଦକ ତଥା ବିଦ୍ୟାଳୟର ପ୍ରଧାନଶିକ୍ଷକ କର୍ଣ୍ଣାର୍ଜୁନ ନାଏକ ବିଦ୍ୟାଳୟର ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବରିଷ୍ଠ ଶିକ୍ଷକ ବିଦ୍ୟାଧର ସାମଲ ଏବଂ ଜ୍ଞାନଦୋୟ ମିଶ୍ର ସଂଯୋଜନାରେ ଅନ୍ୟତମ ଅତିଥିଭାବେ ମାଧ୍ୟମିକ ସଂଘ ସଭାପତି ଇନ୍ଦ୍ରଜୀତ ପ୍ରଧାନ, ସୁଶାନ୍ତ କୁମାର ପଣ୍ଡା, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବାରିଦ ବରଣ ମହାପାତ୍ର, ମାୟାଧର ସାହୁ, ଚନ୍ଦ୍ରକାନ୍ତ ମିଶ୍ର, ପ୍ରମୋଦ ଗୋଛି, ସୁବାସ ଚନ୍ଦ୍ର ପ୍ରଧାନ ଏବଂ ଚନ୍ଦ୍ରମଣି ସାହୁ ଉପସ୍ଥିତ ଥିଲେ।

**ବଡମ୍ବା:** ବଡମ୍ବା ସଦର ମହକୁମା ଅଧୀନ ବଡବାରସିଂହ ଉଚ୍ଚ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ବିଜ୍ଞାନମେଳା ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଓ ଚମ୍ପେଇଦ୍ୱାର ଗଡାପୋଖରୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶଚନ୍ଦ୍ର ବେହେରାଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବଡମ୍ବା ପଞ୍ଚାୟତ ସମିତିର ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ମୁଖ୍ୟବକ୍ତା ଭାବେ ୩୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ସମ୍ମାନିତ ଅତିଥିଭାବେ ୩୧ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ନୟନା ସାହୁ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ମଙ୍ଗୁଳି ଚରଣ ସାହୁ, ବଡବାରସିଂହ ପଞ୍ଚାୟତର ସରପଞ୍ଚ ସୁଧାକର ସାହୁ, ସମିତିସଭ୍ୟ ସୁବାଷ ଚନ୍ଦ୍ର ନାୟକ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ସୁଷମା ମଞ୍ଜରୀ ମହାଳିକ, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନ୍ତୋ ପରିଡା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଉଦଯାପନୀ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ତ୍ରିଲୋଚନ ଜେନାଙ୍କ ସଭାପତିତ୍ୱରେ ଓ ଶିକ୍ଷକ ଅଶୋକ ଧଳଙ୍କ ସଂଯୋଜନାରେ ମୁଖ୍ୟଅତିଥିଭାବେ ବିଧାୟକ ବିଜୟ ଦଳବେହେରା, ମୁଖ୍ୟବକ୍ତା ଭାବେ ବଡମ୍ବା ପଞ୍ଚାୟତ ସମିତିର ଅଧ୍ୟକ୍ଷ ରଘୁପତି ମହାନ୍ତି, ସମ୍ମାନିତ ଅତିଥିଭାବେ ଆମ୍ବା ଅଧ୍ୟକ୍ଷ ମହେନ୍ଦ୍ର ପଡ଼ିଆରୀ, ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଶିବ ପ୍ରସାଦ ବ୍ରହ୍ମା, ମାଧ୍ୟମିକ ଶିକ୍ଷକ ସଂଘ କଟକ ଜିଲ୍ଲା ସଭାପତି କଳିଙ୍ଗ କେଶରୀ ପ୍ରଧାନ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଚିତ୍ତରଞ୍ଜନ ପ୍ରଧାନ ଉପସ୍ଥିତ ଥିଲେ। ବିଭିନ୍ନ ବିଦ୍ୟାଳୟରୁ ୧୬୫ ଟି ପ୍ରକଳ୍ପ ଆସିଥିଲା ବେଳେ ପ୍ରଥମ ସ୍ଥାନ ଅଧିକାର କରିଥିବା ୭ଟି ପ୍ରକଳ୍ପ ସହ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନର ୬ଟି ପ୍ରକଳ୍ପ କଟକ ଜିଲ୍ଲାକୁ ଯିବା ପାଇଁ ମନୋନୀତ ହୋଇଥିଲା।



### ଅଇନିପଡ଼ା-ପଛପଡ଼ା ଗାଁ ଉତ୍ସବ 'ବସୁଧା' ଉଦଯାପିତ

# 'ଆଧୁନିକତା ଉଜାଡ଼ି ଦେଇଛି ଗାଁର ମାଦକତା ଓ ଭାଇଚାରା'

ପଟ୍ଟାମୁଣ୍ଡାଇ,୨୫।୧୧(ସମିସ)



ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅନୁଯାୟୀ ପ୍ରାଚୀନ ଭାରତର ଆତ୍ମା ଗାଁରେ ରହିଛି। ସମ୍ପ୍ରତି ଆଧୁନିକତାର ସ୍ପର୍ଶରେ ବଦଳିଯାଇଛି ଗାଁର ପରିପାଟି ଓ ଚଳଣି। ଉଜୁଡ଼ିଯାଇଛି ଗାଁର ପୂର୍ବ ମାଦକତା, ସ୍ନେହ ପ୍ରେମ ଓ ଭାଇଚାରା।ଆଧୁନିକତାରେ ବିଭୋର ହୋଇ ଗାରିମାମୟ ଗାଁକୁ କଳୁଷିତ ଓ ବିକଳାଙ୍ଗ କରା ନ ଯାଉ ବୋଲି ଅଇନିପଡ଼ା-ପଛପଡ଼ା ଗାଁ ଉତ୍ସବ "ବସୁଧା'ର ପଞ୍ଚଦଶତମ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି।

ଶିକ୍ଷାବିତ ସ୍ୱର୍ଗତ ପ୍ରହ୍ଲାଦ ନାଥଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗଠିତ ସ୍ମୃତି କମିଟି ସଭାପତି ରଜନୀକାନ୍ତ ନାଥଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ରାଜ୍ୟ ସଂସ୍କୃତି ବିଭାଗର ପୂର୍ବତନ ଯୁଗ୍ମ ସଚିବ କବି ଡକ୍ଟର ରଞ୍ଜନ କୁମାର ଦାସ ଉଦ୍‌ଘାଟକ ଭାବେ ଯୋଗଦେଇ ସାମ୍ପ୍ରତିକ ସମୟରେ ବିଲୁପ୍ତ ହୋଇଥିବା ଗାଁର ଅଭୁଲା କଳା, ସଂସ୍କୃତି, ଭାଇଚାରା ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ ବସୁଧା ଆରମ୍ଭ କରିଥିବା ପ୍ରୟାସ ସଫଳ ହେଉ ବୋଲି କାମନା କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍, ଆୟାର୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାଁର କୁନି କୁନି ପିଲାଙ୍କୁ ସଫଳ କ୍ୟାରିୟର ଗଠନ କରି ଜୀବନର ସବୁ କ୍ଷେତ୍ରରେ ସଫଳ ହେବା ଦିଗରେ ଉପଯୁକ୍ତ ମାର୍ଗଦର୍ଶନ କରିବାକୁ ଗ୍ରାମବାସୀ ଓ ଅଭିଭାବକଙ୍କୁ ଆହ୍ୱାନ ଦେଇଥିଲେ। ବରିଷ୍ଠ ସାମ୍ବାଦିକ ମାନସ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଲୁପ୍ତ ହୋଇଥିବା ଗାଁର ସ୍ନେହ ପ୍ରେମ ଓ ଭାଇଚରା ପୁନଃପ୍ରତିଷ୍ଠା ପାଇଁ ପ୍ରତ୍ୟେକ ଗାଁରେ ବସୁଧା ଭଳି ଗାଁ ଉତ୍ସବ ପାଳନ କରାଗଲେ ଅଇନିପଡା-ପଛପଡା ଗାଁ ଉତ୍ସବ ଆୟୋଜନର ଲକ୍ଷ୍ୟ ସଫଳ ହୋଇପାରିବ ବୋଲି ମତ ପ୍ରକାଶ କରିଥିଲେ। ଏ ଅବସରରେ ବସୁଧା ପକ୍ଷରୁ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡକ୍ଟର ଶାରଦା ପ୍ରସନ୍ନ ମହାନ୍ତିଙ୍କୁ ବସୁଧା ସମ୍ମାନ, ଲୋକପ୍ରିୟ ଚଳଚ୍ଚିତ୍ର ଅଭିନେତ୍ରୀ ନମ୍ରତା ଦାସଙ୍କୁ ବସୁଧା କଳାରତ୍ନ ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟତମ ଅତିଥି ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଶରତ ନାୟକ ଓ ବିଶିଷ୍ଟ କଣ୍ଠଶିଳ୍ପୀ ପ୍ରଫେସର ଡକ୍ଟର ଅନସୂୟା ନାଥ ମନଛୁଆଁ ସଂଗୀତ ପରିବେଷଣ କରିଥିଲେ। ସାରା ରାଜ୍ୟରେ କଣ୍ଠ ସଂଗୀତ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପଟ୍ଟାମୁଣ୍ଡାଇ ଅଞ୍ଚଳର ଉଦୀୟମାନ କଣ୍ଠଶିଳ୍ପୀ ପ୍ରୀତିନନ୍ଦା ପରିଡ଼ାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଓଡ଼ିଶୀ ଶାସ୍ତ୍ରୀୟ ସଂଗୀତରେ ବିଶାରଦ ଡିଗ୍ରୀ ହାସଲ କରିଥିବା ପ୍ରୀତିନନ୍ଦା ଆକାଶବାଣୀ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ହୋଇଥିବାବେଳେ ଓଡ଼ିଶା ସମେତ ଓଡ଼ିଶା ବାହାରେ ସଂଗୀତ ପରିବେଷଣ କରି ସୁନାମ ଅର୍ଜନ କରିଛନ୍ତି। ସମ୍ପାଦକ ସଞ୍ଜିତ ବେହେରା ବିବରଣୀ ପାଠ କରିଥିଲେ। ବରିଷ୍ଠ ସାମ୍ବାଦିକ ସଚ୍ଚିକାନ୍ତ ନାଥ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରଜନୀକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦ ଜଣ ମାଟ୍ରିକ୍ ଟପର୍ ସୌଭାଗ୍ୟ ରାଉତ, ଅନନ୍ୟା ସ୍ମିତିପ୍ରଜ୍ଞା ସାହୁ, ପ୍ରିୟଦର୍ଶିନୀ ସାହୁ, ସମୀକ୍ଷା କର, ସାଇରୁପା ନନ୍ଦ, ରାକେଶ ମଲ୍ଲିକ, ଅନନ୍ୟା ପାତ୍ର, ସ୍ୱଦେଶ ଦାସ, ଅଲାରକାନ୍ତ ଷଡ଼ଙ୍ଗୀ, ନିବେଦିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ● ବାଣ ନିଷ୍କ୍ରିୟ ବେଳେ ବିସ୍ଫୋରଣ ଘଟଣା

## କାର୍ଯ୍ୟାନୁଷ୍ଠାନ ପାଇଁ ଡିଜିଙ୍କୁ ଗୃହ ବିଭାଗର ନିର୍ଦ୍ଦେଶ

ଡେରାବିଶ,୨୫।୧୧(ସମିସ): ଡେରାବିଶ ଥାନା ପକ୍ଷରୁ ଗତ ଦୀପାବଳୀ ବେଳେ ଜବତ ହୋଇଥିବା ବେଆଇନ ବାଣକୁ ଗତ ରବିବାର ଦିନ ନିଷ୍କ୍ରିୟ କରାଯିବା ପାଇଁ ଉଦ୍ୟମ କରାଯାଉଥିବାବେଳେ ଏଥିରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। ଫଳରେ ଥାନା ଚାରିପାଖରେ ଥିବା ବାଲିଆ, ଗୋଲରାହାଟ ଓ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତବାସୀ ଭୟଭୀତ ହୋଇପଡ଼ିଥିଲେ। ଏସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ସ୍ଥାନୀୟ ଅଞ୍ଚଳର ସମାଜସେବୀ ଅନୁପ ରାଉତ ଏହି ଖବରକୁ 'ଏକ୍ସ'ରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ, ଗୃହବିଭାଗ ଓ ପୁଲିସ୍ ଡିଜିଙ୍କୁ ଅବଗତ କରିବା ସହ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଏହି ଖବରକୁ ଗୃହ ବିଭାଗ ପକ୍ଷରୁ ଗୁରୁତ୍ୱର ସହ ନିଆଯାଇ ପୁଲିସ୍ ଡିଜିଙ୍କୁ ଯଥାଶୀଘ୍ର ଘଟଣାର ତଦନ୍ତ କରି ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଇଥିବା ଶ୍ରୀ ରାଉତ ପ୍ରକାଶ କରିଛନ୍ତି।

## ଆଇଟିଆଇ ହଷ୍ଟେଲ, କ୍ୱାର୍ଟର୍ସ ଓ ୱାର୍କସପ ଗୃହ ଶିଳାନ୍ୟାସ

ପଟ୍ଟାମୁଣ୍ଡାଇ,୨୫।୧୧(ସମିସ): ଓଡ଼ିଶାର ପ୍ରଥମ ପାଣି ପାଇପ୍ କାରିଗର ତାଲିମ କେନ୍ଦ୍ର ପଟ୍ଟାମୁଣ୍ଡାଇ ସରକାରୀ ଆଇଟିଆଇ ପରିସରରେ ୧୨ କୋଟି ଟଙ୍କା ବ୍ୟୟରେ ୨୦୦ ଶଯ୍ୟା ବିଶିଷ୍ଟ ବାଳକ ହଷ୍ଟେଲ, ଷ୍ଟାଫ କ୍ୱାର୍ଟର୍ସ ଓ ୱାର୍କସପ ଗୃହ ଶିଳାନ୍ୟାସ କରାଯାଇଛି।



ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଳାନ୍ୟାସ କରିବା ସହିତ ପାଣି ପାଇପ କାରିଗରୀ ପାଇଁ ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିବା ପଟ୍ଟାମୁଣ୍ଡାଇ ସମେତ ବିଭିନ୍ନ ଅଞ୍ଚଳର ପିଲା ଉପଯୁକ୍ତ ତାଲିମ ଗ୍ରହଣ କରି ଭବିଷ୍ୟତରେ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ହାସଲ କରିପାରିବେ ବୋଲି ଆଶା ପ୍ରକାଶ କରିଥିଲେ। ଶିଳାନ୍ୟାସ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ୍ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ଇଂ ସତ୍ୟବ୍ରତ ପଣ୍ଡା, ପଟ୍ଟାମୁଣ୍ଡାଇ ସରକାରୀ ଆଇଟିଆଇ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ବିଶ୍ୱାଳ, ବ୍ଲକ୍ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ବ୍ଲକ ବିଜେଡି ଉପସଭାପତି ସର୍ବେଶ୍ୱର ମହାନ୍ତି, କାଉନସିଲର ପ୍ରଶାନ୍ତ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ବିଧାୟକ ଶ୍ରୀ ସାହୁଙ୍କୁ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳଙ୍କ ନେତୃତ୍ୱରେ ବିଜେଡି ନେତା, କର୍ମୀ ଓ ଜନସାଧାରଣ ଶୋଭାଯାତ୍ରାରେ ଶିଳାନ୍ୟାସ ସ୍ଥଳକୁ ପାଛୋଟି ନେଇଥିଲେ।

## କେନ୍ଦ୍ରାପଡ଼ା କ୍ରେଡିଟ୍ କୋଅପରେଟିଭ ସୋସାଇଟି ପକ୍ଷରୁ ସହାୟତା

ପଟ୍ଟାମୁଣ୍ଡାଇ, ୨୫।୧୧(ସମିସ): ସମାଜର ଅବହେଳିତ ବିଭିନ୍ନ ବର୍ଗର ଲୋକ ଗରିବ ଖଟିଖିଆ ମୂଲିଆ ଆଦି ଗରିବ ଶ୍ରେଣୀର ଲୋକ ବିଶେଷ କରି ଗରିବ ମେଧାବୀ ଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା, ଗରିବ ରୋଗୀଙ୍କୁ ଚିକିତ୍ସା ସହାୟତା ଓ ରୋଗରେ ମୃତ ଗରିବ ନିସହାୟଙ୍କୁ ଶୁଦ୍ଧି କାର୍ଯ୍ୟ ପାଇଁ ସହାୟତା, ଘର ପୋଡି ଆଦି ବିଭିନ୍ନ କ୍ଷେତ୍ରରେ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ପକ୍ଷରୁ ଦୀର୍ଘବର୍ଷ ଧରି ଆର୍ଥିକ ସହାୟତା ପ୍ରଦାନ କରାଯାଇଆସୁଛି।



ପଟ୍ଟାମୁଣ୍ଡାଇ ବ୍ଲକ ଓ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କଖାରୁଣୀ ଗ୍ରାମର ସୁକାନ୍ତ ମଲିକ ଦୀର୍ଘ ୬ ମାସ ହେବ ଲିଭର ଜଣ୍ଡିସ ଓ କ୍ୟାନ୍ସର ରୋଗରେ ପୀଡିତ ହୋଇ ୧୮ ତାରିଖରେ ମୃତ୍ୟୁବରଣ କରିଛନ୍ତି। ସେ ଅତ୍ୟନ୍ତ ଅସହାୟ ଗରିବ ଲୋକ ହୋଇଥିବାରୁ ଶୁଦ୍ଧି କାର୍ଯ୍ୟ ପାଇଁ ତାଙ୍କ ପରିବାର ଆର୍ଥିକ ସଂକଟ ଦେଇ ଗତି କରୁଛି। ଏ ସମ୍ପର୍କରେ ଅବଗତ ହେବା ପରେ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ସଭାପତି ସମାଜସେବୀ ପ୍ରମୋଦ ସାହୁ ଆଜି କଖାରୁଣୀ ଗ୍ରାମକୁ ଯାଇ ମୃତ ସୁକାନ୍ତର ଶୁଦ୍ଧି କାର୍ଯ୍ୟ ପାଇଁ ସୋସାଇଟି ପକ୍ଷରୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ମୃତ ସୁକାନ୍ତଙ୍କ ବିଧବା ପତ୍ନୀ ରାଇ ମଲିକଙ୍କୁ ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା କ୍ରେଡିଟ କୋପରେଟିଭ ସୋସାଇଟି ସଭାପତି ଶ୍ରୀ ସାହୁଙ୍କ ସହିତ ପଟ୍ଟାମୁଣ୍ଡାଇ ଶାଖା ପରିଚାଳକ ମାନସ ରାଉତ, କର୍ମଚାରୀ ସୁମନ୍ତ ବେହେରା, ଦୈନିକ ଜମା ସଂଗ୍ରହକାରୀ ବିକାଶ ରାଉତ ଓ ଦେବବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ମୃତ ସୁକାନ୍ତଙ୍କ ପରିବାରକୁ କେନ୍ଦ୍ରାପଡ଼ା କ୍ରେଡିଟ କୋଅପରେଟିଭ ସୋସାଇଟି ପଟ୍ଟାମୁଣ୍ଡାଇ ଶାଖା ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ।

### ● ଗରଦପୁର ୟୁକୋ ବ୍ୟାଙ୍କ ସମ୍ମୁଖରୁ ଲୁଟ୍

## ଏସ୍ଏଚ୍‌ଜି ଗ୍ରୁପ୍ ସଭାପତିଙ୍କ ଡିକି ଭାଙ୍ଗି ଟଙ୍କା ନେଇଗଲେ ଦୁର୍ବୃତ୍ତ

ଗରଦପୁର,୨୫।୧୧(ସମିସ): ଗରଦପୁର ୟୁକୋ ବ୍ୟାଙ୍କ ସମ୍ମୁଖରୁ ସ୍କୁଟି ଡିକି ଭାଙ୍ଗି ଜଣେ ଏସଏସଜି ମହିଳା ଗ୍ରୁପ ସଭାପତିଙ୍କ ୧୦ ହଜାର ଟଙ୍କା ଲୁଟ ନେଇ ଅଭିଯୋଗ ହୋଇଛି। ଲୁଟ୍‌ର ଶିକାର ହୋଇଛନ୍ତି ପାଖଡ ପଞ୍ଚାୟତ ବଂଗାଳପୁର ଅଞ୍ଚଳର ସୁଲତା ସ୍ୱାଇଁ। ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ଅଞ୍ଚଳରେ ଭୟର ବାତାବରଣ ଜନ୍ମାଇଛି। ଏସଏସଜି ସଭାପତି ସୁଲତା ସ୍ୱାଇଁ ଗ୍ରୁପ ଟଙ୍କା ବ୍ୟାଙ୍କରୁ ଉଠାଇ ନିଜ ସ୍କୁଟି ଡିକିରେ ରଖିଥିଲେ। ରେଜୋଲୁସନ ତଥ୍ୟ ଦେଖାଇବା ପାଇଁ ସେ ମାତ୍ର କିଛି ମୁହୂର୍ତ୍ତ ପାଇଁ ବ୍ୟାଙ୍କକୁ ପୁନଃ ପ୍ରବେଶ କରିଥିବା ସୁଯୋଗ ନେଇ ଦୁର୍ବୃତ୍ତମାନେ ଡିକି ଭାଙ୍ଗି ୧୦ ହଜାର ଟଙ୍କା ନେଇ ଫେରାର ହୋଇଗଲେ। ବ୍ୟାଙ୍କର ସିସିଟିଭି ଅଚଳ ଥିବାରୁ ଚୋର ଧରାପଡିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଘଟଣାସ୍ଥଳରେ ବ୍ୟାଙ୍କରେ ସ୍ଥାପିତ ସିସିଟିଭି ଅନେକ ଦିନରୁ ଅଚଳ ରହିଛି। ଅପରାଧୀଙ୍କ ପାଇଁ ଏକ ପ୍ରକୃତ "ସେଫ୍ ଜୋନ' ବୋଲି ଲୋକେ ଅଭିଯୋଗ କରିଛନ୍ତି। ଘଟଣା ପରେ ଅଞ୍ଚଳବାସୀ ବ୍ୟାଙ୍କ ପ୍ରଶାସନର ସୁରକ୍ଷା ଅବହେଳାକୁ ପ୍ରଶ୍ନ କରୁଛନ୍ତି। ଗତ ୧୫ ଦିନ ପୂର୍ବରୁ ବ୍ୟାଙ୍କ କର୍ମଚାରୀ ବଙ୍ଗାରୀ ଅଞ୍ଚଳର ପ୍ରେମାନନ୍ଦ ବେହେରାଙ୍କ ସେହି ସ୍ଥାନରୁ ବାଇକ ଚୋରି ହୋଇଥିଲା। ଦୁର୍ବୃତ୍ତ ବ୍ୟାଙ୍କକୁ ଚିହ୍ନଟ କରି ଗ୍ରାହକଙ୍କୁ ଲକ୍ଷ୍ୟ କରୁଛନ୍ତି ବୋଲି ସନ୍ଦେହ ଜନ୍ମାଇଛି। ଏହି ଅଭିଯୋଗ ପାଇବା ପରେ ପାଟକୁରା ପୁଲିସ ତଦନ୍ତ ଆରମ୍ଭ କରିଛି। କିନ୍ତୁ ସିସିଟିଭି ଅଚଳ ଥିବାରୁ ପୁଲିସ ଚୋର ନିକଟରେ ପହଞ୍ଚିବା କଷ୍ଟକର ହୋଇପଡ଼ିଛି।



## ସତ୍ୟସାଇ ବାବାଙ୍କ ଜନ୍ମୋତ୍ସବ

ପଟ୍ଟାମୁଣ୍ଡାଇ,୨୫।୧୧(ସମିସ): ଭଗବାନ ସତ୍ୟସାଇ ବାବାଙ୍କ ୧୦୦ତମ ଜନ୍ମ ମହୋତ୍ସବ ନିମପୁର ଶାସନ ସମିତି ଆନୁକୂଲ୍ୟରେ ପାଳିତ ହୋଇଯାଇଛି। ଗତ ୧୬ ତାରିଖରେ ଆହ୍ୱାନ ହସ୍ପିଟାଲ ସଫେଇ, ରୋଗୀଙ୍କୁ ଫଳ ବଣ୍ଟନ ସହ ବାବାଙ୍କ ଫଟୋ, ବିଭୁତି ପ୍ରଦାନ କରାଯାଇଥିଲା। ୧୭ ଓ ୧୮ ତାରିଖରେ ଏସ୍ଆରପି ରୋଗୀଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ୧୯ ତାରିଖ ଶକ୍ତି ସ୍ୱରୂପିଣୀ ଦିବସରେ ଭଗବାନଙ୍କ ପାଲିଙ୍କି ଯାତ୍ରା ଓ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ମହିଳାଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯାଇଥିଲା। ଏ ଅବସରରେ ଆୟୋଜିତ ଭଜନ, ସତସଙ୍ଗ ଓ ନୃତ୍ୟ କାର୍ଯ୍ୟକ୍ରମକୁ ଜିଲ୍ଲା ଆଧ୍ୟାତ୍ମିକ ସଂଯୋଜିକା ସୁଷମା ମଲ୍ଲିକ, ନିମପୁର ଶାସନ ନୋଡାଲ ହାଇସ୍କୁଲ ଶିକ୍ଷୟିତ୍ରୀ ମିନତୀ ଜେନା, ମମତା ଷଡଙ୍ଗୀ, ଶାସନ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଶଶୀକଳା ପରିଚାଳନା କରିଥିଲେ। ୨୦ ତାରିଖରେ ବ୍ରତକଳ୍ପ ପୂଜା, ୨୧ ତାରିଖରେ ବନ୍ଧପଡା, ଦୋଷିଆ, ଶାସନ ପଞ୍ଚାୟତର ୧୨୦ ଜଣ ହିତାଧିକାରୀଙ୍କୁ କମ୍ବଳ ବଣ୍ଟନ କଟାଯାଇଥିଲା। ୨୩ ତାରିଖରେ ଭଗବାନଙ୍କ ଜନ୍ମ ଦିବସରେ ଓଁ କାରମ୍, ସୁପ୍ରଭାତଂ, ନଗର ସଂକୀର୍ତ୍ତନ ଓ ପ୍ରଶାନ୍ତି ଧ୍ୱଜା ଉତ୍ତୋଳନ, ଷୋଡଶ ଉପଚାର ପୂଜା, ଭଜନ ସତସଙ୍ଗ, ସାଂସ୍କୃତିକ କାର୍ଯ୍ୟକ୍ରମ, ଅମୃତ କଳସ ପ୍ରଦାନ, ୧୦୦ ପ୍ରଦୀପ ପ୍ରଜ୍ୱଳନ, ନାରାୟଣ ସେବା ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ନିଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ରଶ୍ମିରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୫୦ ଜଣ ଶିଶୁ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ଶିବିରକୁ ସମିତି ଆବାହକ ଗଗନ ଭୂୟାଁ, ପ୍ରାକ୍ତନ ପ୍ରଧାନଶିକ୍ଷକ ବଳଦେବ ନାୟକ, ଗୋପବନ୍ଧୁ ନାୟକ, ଶୁକଦେବ ଦାସ, ରମେଶ ଦାସ, ବିଜୟ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ।

## ସିଦ୍ଧ ଭୋଳିବାବାଙ୍କ ମହୋତ୍ସବ ଉଦ୍‌ଯାପିତ

ପଟ୍ଟାମୁଣ୍ଡାଇ,୨୫।୧୧(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ପ୍ରସିଦ୍ଧ ସାଧନା ପୀଠ ଶ୍ରୀଶ୍ରୀ ସିଦ୍ଧ ଭୋଳିବାବାଙ୍କ ବାର୍ଷିକ ମହୋତ୍ସବ ଉଦଯାପିତ ହୋଇଯାଇଛି। ଦୀର୍ଘ ୨୦୦ ବର୍ଷରୁ ଉର୍ଦ୍ଧ୍ୱ ଧରି ଭୋଳି ବାବା ମଠରେ ଆୟୋଜିତ ହୋଇଆସୁଛି ଏହି ମହୋତ୍ସବ। ସ୍ଥାନୀୟ ବେଲତଳ, ଦକ୍ଷିଣଦିଆ ଓ ବନ୍ଧପଡା ସମେତ ସ୍ଥାନୀୟ ଅଞ୍ଚଳର ଆରାଧ୍ୟ ସିଦ୍ଧ ସାଧକ ଭୋଳିବାବା ୨୦୦ ବର୍ଷ ତଳେ ଉତ୍ପୂର୍ଣ୍ଣା ଏକାଦଶୀ ତିଥିରେ ଜୀବନ୍ତ ସମାଧି ନେଇଥିଲେ। ସେହିଦିନଠାରୁ ସ୍ଥାନୀୟ ଭକ୍ତ ଶ୍ରଦ୍ଧାଳୁଙ୍କ ଅକୁଣ୍ଠ ସାହାଯ୍ୟ ଓ ସହଯୋଗରେ ପାଳିତ ହୋଇଆସୁଛି।



ଏହି ମହୋତ୍ସବରେ ୭ ଦିନ ବ୍ୟାପୀ ଭାଗବତ ପାରାୟଣ, ଦିବ୍ୟ ପ୍ରବଚନ, ଭଜନ କୀର୍ତ୍ତନ ଆୟୋଜନ କରାଯାଇଥିଲା। ଉଦଯାପନୀ ଦିବସରେ ହରିହାଟ ଅନୁଷ୍ଠିତ ହୋଇଥିଲା। ଏହି ମହାର୍ଘ୍ୟ କାର୍ଯ୍ୟକ୍ରମରେ ସମଗ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳର ଶହ ଶହ ଶ୍ରଦ୍ଧାଳୁ ଯୋଗଦେଇ ସିଦ୍ଧ ମହାପୁରୁଷ ଭୋଳି ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ମହୋତ୍ସବକୁ ଭୋଳି ବାବା ମଠ ପରିଚାଳନା କମିଟି ସଭାପତି ନୃସିଂହ ପାଢ଼ୀ, ଉପସଭାପତି ତ୍ରିଲୋଚନ ପଣ୍ଡା, ସମ୍ପାଦକ ବ୍ରଜବନ୍ଧୁ ଦାଶ, କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ସ୍ୱାଇଁ, ନଟବର ରାଉତ, ସୁଦର୍ଶନ ଦାଶ, ନାରାୟଣ ପ୍ରଧାନ, ବସନ୍ତ ରାଉତ, ନିରଞ୍ଜନ ସେଠୀ, ପୁରୁଷୋତ୍ତମ ସାହୁ, ଭାବଗ୍ରାହୀ ଗିରି, ରାଜେନ୍ଦ୍ର ମଲିକ ପ୍ରମୁଖ ପରିଚାଳନା କରିଥିଲେ। ପ୍ରବଚକ ପଣ୍ଡିତ କୃପାସିନ୍ଧୁ ଦାଶ, ତ୍ରିଜୀବ ଦାଶ, ବ୍ୟାସ ବିଭୂତୀ ଭୂଷଣ ପଣ୍ଡା ପ୍ରବଚନ ପ୍ରଦାନ କରିଥିଲେ ଓ ୮ ଦଳ ସଂକୀର୍ତ୍ତନ ମଣ୍ଡଳୀ ନାମ ସଂକୀର୍ତ୍ତନ କରିଥିଲେ। କାର୍ଯ୍ୟକ୍ରମକୁ ବେଲତଳ ନେତାଜୀ ସୁବାସ ବୋଷ କ୍ଲବ, ଅନ୍ନପୂର୍ଣ୍ଣା ଯୁବକ ସଂଘ, ଜୟହନୁମାନ ଯୁବକ ସଂଘ, ମହାବୀର ଯୁବକ ସଂଘ ସଭ୍ୟ ପରିଚାଳନା କରିଥିଲେ।

## ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷା କରିଥିବା ସନ୍ୟାସୀଙ୍କୁ ସମ୍ବର୍ଦ୍ଧନା

ରାଜନଗର,୨୫।୧୧(ସମିସ): ସଡ଼କ ଦୁର୍ଘଟଣାଜନିତ ଶୂନ୍ୟ ମୃତାହତ ପକ୍ଷ ଅବସରରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ବିଭିନ୍ନ ସମୟରେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଉଥିବା ବ୍ୟକ୍ତିବିଶେଷଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ରାଜନଗର ବ୍ଲକ ହାତିନା ପଞ୍ଚାୟତ ଜୁଣ୍ଡପଙ୍ଗରା ଗାଁର ଯୁବ ସମାଜସେବୀ ସନ୍ୟାସୀ ରାଉତଙ୍କୁ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ରାପଡ଼ାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଆରଟିଓ ଲୋକନାଥ ମେହେରଙ୍କ ସମେତ ପୁଲିସ ଅଧିକାରୀ ଯୋଗଦେଇ ଦୁର୍ଘଟଣାସ୍ଥଳରୁ ଗୁରୁତରଙ୍କୁ ନେଇ ସେମାନଙ୍କ ଜୀବନ ରକ୍ଷା କରୁଥିବା ଯୁବ ସମାଜସେବୀ ସନ୍ୟାସୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ଏପରି ସମାଜସେବା ଜାରି ରଖିବାକୁ ଉତ୍ସାହିତ କରିଛନ୍ତି। ଗତ କିଛିବର୍ଷ ହେଲା ନିୟମିତ ଭାବେ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ରାଜନଗରରେ ଥିବା ବିଭିନ୍ନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପହଞ୍ଚାଇଥା'ନ୍ତି।



## ବିଶ୍ୱାସ ୟୁଥ କ୍ଲବ୍ ପକ୍ଷରୁ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି

କେନ୍ଦ୍ରାପଡ଼ା,୨୫।୧୧(ସମିସ): ତିନିମୁହାଣିସ୍ଥ ବିଶ୍ୱାସ ୟୁଥ କ୍ଲବ୍ ପକ୍ଷରୁ ହ୍ୟୁମାନ ସାଗରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଶ୍ୱାସ ୟୁଥ କ୍ଲବ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ସମସ୍ତ ସଦସ୍ୟ ମହମବତୀ ଜଳାଇ ହ୍ୟୁମାନ ସାଗରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ହ୍ୟୁମାନ ସାଗର କେବଳ ଗାୟକ ନୁହଁନ୍ତି, ସେ ଥିଲେ ଓଡିଆ ମନକୁ ଛୁଇଁଥିବା ଏକ ଭାବସ୍ୱର। ତାଙ୍କ ସଙ୍ଗୀତ ବଞ୍ଚିଥିବ, ଓଡିଆଙ୍କ ମନରେ ସଦାସର୍ବଦା ରହିଥିବ। ଓଡ଼ିଆ ସଙ୍ଗୀତ ଜଗତର ଏକ ଅଧ୍ୟାୟର ବିଲୀନ ହେଲା ବୋଲି କ୍ଲବ୍‌ର ସଦସ୍ୟ କହିଛନ୍ତି।

### ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ପାଳନ

# କେନ୍ଦ୍ରାପଡ଼ାରେ ସଚେତନତା ରଥ ଓ ଶୋଭାଯାତ୍ରା

କେନ୍ଦ୍ରାପଡ଼ା,୨୫।୧୨(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଡ଼କ ଦୁର୍ଘଟଣାଜନିତ ଶୂନ ମୃତାହତ ପକ୍ଷ ପାଳନ କରାଯାଇଛି। ଏ ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକୃଷ୍ଣ ଜେନା ସଚେତନତା ରଥ ଓ ଶୁଭାଯାତ୍ରାକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସକାଳ ୯.୩୦ରେ ଆରମ୍ଭ ହୋଇଥିବା ଶୋଭାଯାତ୍ରାରେ ବିଭିନ୍ନ କଲେଜର ୪୦୦ରୁ ଅଧିକ ଛାତ୍ରଛାତ୍ରୀ, ସ୍କାଉଟ ଓ ଗାଇଡ଼ ସଦସ୍ୟ, ସ୍ୱଂସେବୀ ସଂଗଠନ, କର୍ମକର୍ତ୍ତା ଓ ଜନସାଧାରଣ ତିନିମୁହାଣି ଜିଓ ପେଟ୍ରୋଲ ପମ୍ପଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ରାଲି ସମୟରେ 'ପ୍ରତିଟି ଜୀବନ ମୂଲ୍ୟବାନ ସଭିଏଁ ହେବା ଯତ୍ନବାନ' ବାର୍ତ୍ତା ସହିତ ସଡ଼କ ସୁରକ୍ଷା ନିୟମ ମାନିବାକୁ ଆହ୍ୱାନ ଦିଆଯାଇଥିଲା। ସୁରକ୍ଷା ବାର୍ତ୍ତାରେ ହେଲମେଟ ପରିଧାନ, ମଦ୍ୟପାନ କରି ଯାନ ଚାଳନା ନ କରିବା, ଯାନ ଚାଳାଇବା ସମୟରେ ମୋବାଇଲ ବ୍ୟବହାର ନ କରିବା ଭଳି ପରାମର୍ଶ ଦିଆଯାଇଥିଲା। 'ହେଲମେଟ ନାହିଁ ପେଟ୍ରୋଲ ନାହିଁ' ନୀତିକୁ ପ୍ରତ୍ୟେକ ପେଟ୍ରୋଲ ପମ୍ପରେ କଡାକଡି ପାଳନ କରିବାକୁ ମଧ୍ୟ ଉଲ୍ଲେଖ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୁଡ୍ ସମରିଟିଆନ ସନ୍ୟାସୀ ରାଉତ, ସମୀର ପ୍ରଧାନ, ବିନୋଦ ବେହେରା ଓ ସୁଶାନ୍ତ ତରାଇଙ୍କୁ ୨,୦୦୦ ଟଙ୍କାର ଚେକ, ହେଲମେଟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଛି। ପରେ ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଲୋକନାଥ ମେହେର ସଡ଼କ ନିୟମ ପାଳନ ଓ ଦୁର୍ଘଟଣା ହାର କମାଇ ଶୂନ କରିବାକୁ କହିଛନ୍ତି। ବିନା ହେଲମେଟରେ ଯାନଚାଳକଙ୍କୁ ପେଟ୍ରୋଲ ପମ୍ପରେ ଅଟକାଇ ଗୋଲାପ ଫୁଲ ଦେଇ ସଚେତନ କରାଯାଇଥିବା ଦୃଶ୍ୟ ଲୋକଙ୍କୁ ଆକର୍ଷଣ କରିଥିଲା। ଶୋଭାଯାତ୍ରାରେ "ଯମ' ଓ "ଚିତ୍ରଗୁପ୍ତ' ଭୂମିକାରେ କଳାକାରଙ୍କ ସଚେତନତା ଉପସ୍ଥାପନା ମଧ୍ୟ ବିଶେଷ ଆକର୍ଷଣ ସୃଷ୍ଟି କରିଛି। କାର୍ଯ୍ୟକ୍ରମରେ ଟାଉନ ଥାନା ଆଇଆଇସି ଦିଲୀପ ସାହୁ, ସଦର ଆଇଆଇସି ଶୁଭେନ୍ଦୁ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ ଓ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ତ୍ରିବେଣୀ ମେଳା ଓ ରୁଦ୍ରମହାଯଜ୍ଞ ପ୍ରସ୍ତୁତି ବୈଠକ

ଡେରାବିଶ,୨୫।୧୧(ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁରସ୍ଥ ପ୍ରସିଦ୍ଧ ଶୈବପୀଠ ଆର୍ତ୍ତେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ଆସନ୍ତା ଜାନୁଆରୀ ୧୮ ତାରିଖ ପ୍ରସିଦ୍ଧ ତ୍ରିବେଣୀ ମେଳା ଓ ବିଶ୍ୱଶାନ୍ତି ରୁଦ୍ରମହାଯଜ୍ଞ ଅନୁଷ୍ଠିତ ହେବ। ଏଥିପାଇଁ ମନ୍ଦିର ପରିସରରେ କମିଟି ସଭାପତି ଅକ୍ଷୟ ଦାସଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସମ୍ପାଦକ ନାରାୟଣ ଲେଙ୍କାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳାରେ ମେଳା ସମାପନ କରିବା ପାଇଁ ଜିଲ୍ଲା ପ୍ରଶାସନ ଓ ପୁଲିସ୍ ପ୍ରଶାସନର ସହଯୋଗ ପାଇଁ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଭେଟିବାକୁ ସ୍ଥିର କରାଯାଇଥିଲା। କର୍ମକର୍ତ୍ତା ଆର୍ତ୍ତତ୍ରାଣ ପାତ୍ର, ସୁରେନ୍ଦ୍ର ଦାସ, ଗୋଲଖ ମହାଭୋଇ, ଅଭିମନ୍ୟୁ ରାଉତ, ପ୍ରଦୀପ୍ତ ନାୟକ, ଈଶ୍ୱର ପୃଷ୍ଟି, ବିଶ୍ୱନାଥ ପଣ୍ଡା, ବୀରବର ସାହୁ, ଦିବାକର ସ୍ୱାଇଁଙ୍କ ସମେତ ଅଞ୍ଚଳବାସୀ ଯୋଗ ଦେଇଥିଲେ। ପ୍ରସନ୍ନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112

### ● ପ୍ରହସନ ପାଲଟିଛି 'ଏକ ପେଡ୍ ମା କେ ନାମ୍' ଯୋଜନା

## ଦୁଇ ମାସରେ ଗଛ ଉଭାନ୍; ମରିଗଲାଣି ଚାରା

ପଞ୍ଚୁପାଣ୍ଡବ,୨୫।୧୧(ସମିସ): ଡେରାବିଶ ବ୍ଲକ୍ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଥିବା ଜଙ୍ଗଲରେ ଲାଗିବାକୁ ଆସିଥିବା ଗଛଚାରା ମରିଯାଇଥିବା ଦେଖିବାକୁ ମିଳୁଛି। 'ଏକ ପେଡ ମା କେ ନାମ୍' ଯୋଜନାରେ ଗଛ ଲାଗିବା ବଦଳରେ କେଉଁଠି ନଦୀରେ ଭାସୁଛି ତ ଆଉ କେଉଁଠି ଥୁଆ ହୋଇ ଗଛ ମରିଗଲାଣି। ଦୁଇ ମାସ ପୂରିନି କେତେକ ଜାଗାରେ ବାଡ଼ ବତା ନ ଥିବାବେଳେ କେତେକ ସ୍ଥାନରେ ଜାଲ ବ୍ୟବହୃତ ହୋଇ ନ ଥିବାରୁ ଗୋରୁଗାଈ ଖାଇଯାଇଥିବା ଦେଖିବାକୁ ମିଳିଛି। ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ଜଙ୍ଗଲ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଉଥିବାବେଳେ ଏଠାରେ ଚାରାରୋପଣ ବାବଦକୁ ଆସିଥିବା ସରକାରୀ ଅର୍ଥକୁ ବାଟବଣା ହେଉଥିବା ଅଭିଯୋଗ ହେଉଛି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ସବୁ ପଞ୍ଚାୟତରେ ଥିବା ବିଭିନ୍ନ ପଡ଼ିଆ, ସ୍କୁଲ, ଅଙ୍ଗନବାଡି, ହାଟ ପଡ଼ିଆ, କେନାଲ ବନ୍ଧ କଡ଼ରେ ଗଛ ଲଗାଯାଇଥିଲା। ତେବେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଏହା ଉଭାନ୍ ହୋଇଯାଇଥିବା ଦେଖିବାକୁ ମିଳୁଛି। ଚାରାରୋପଣ ପାଇଁ ଆସିଥିବା ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହେଉଛି। ଡେରାବିଶ ବ୍ଲକ୍‌ର ୨୬ଟି ପଞ୍ଚାୟତରେ ଲାଗିଥିବା କୋଟି କୋଟି ଟଙ୍କାର ଚାରା ରୋପଣକୁ ତଦନ୍ତ କରାଯାଇ ସରକାରଙ୍କ ଟଙ୍କାକୁ ହରିଲୁଟ୍ କରୁଥିବା ଅଧିକାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।





## ଜଳିଗଲା ୨ ଦୋକାନ ଘର



ବାଲେଶ୍ୱର,୨୫ ।୧୧(ସମିସ): ବାଲେଶ୍ୱର ସହରର ଫାଣ୍ଡିଛକ ନୂଆ ବଜାର ରାସ୍ତାରେ ଥିବା ଦୁଇଟି ଦୋକାନ ଘର ସୋମବାର ବିଳମ୍ବିତ ପୋଡି ପାଉଁଶ ହୋଇଯାଇଛି। ଫଳରେ ସେଥିରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ ହୋଇଯାଇଛି। ଫାଣ୍ଡିଛକ ନୂଆ ବଜାର ରାସ୍ତାରେ ରହିଛି ଗୋଟିଏ ସପ, ମଶିଣା ଦୋକାନ ସାଙ୍ଗକୁ ଅନ୍ୟ ଏକ ପ୍ଲାଷ୍ଟିକ ଦୋକାନ ରହିଛି। ହେଲେ ଗତକାଲି ବିଳମ୍ବିତ ରାତିରେ ହଠାତ ଦୋକାନଟି ଜଳିଯାଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ ଦମକଳ ବିଭାଗକୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ଆୟତ କରିଥିବା ବେଳେ ଦୁଇଟି ଦୋକାନ ସମ୍ପୂର୍ଣ୍ଣ ଭାବେ ଜଳିଯାଇଥିଲା। ଏଥିରେ ଥିବା ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ପାଉଁଶ ହୋଇଯାଇଥିବା ଜଣାଯାଇଛି।

# ଛତୁଆ ପ୍ରସ୍ତୁତି ଓ ବଣ୍ଟନରେ ଅନିୟମିତତା

ଜଳେଶ୍ୱର ବ୍ଲକ, ୨୫ ।୧୧ (ସମିସ)

**ଜିଲ୍ଲାପାଳଙ୍କୁ ଅଭିଯୋଗ**

ଜଳେଶ୍ୱର ବ୍ଲକରେ ଛତୁଆ ତିଆରି ଓ ବଣ୍ଟନକୁ ନେଇ ଚାଲିଛି ରାଜନୀତି। ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଅବସରରେ ଜଳେଶ୍ୱର ବ୍ଲକର ଜନସାଧାରଣ ଏହି ଛତୁଆ ବଣ୍ଟନ ଓ ତିଆରିକୁ ନେଇ ଅଭିଯୋଗ ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଚଳିତ ମାସର ଛତୁଆ ତିଆରି ଓ ବଣ୍ଟନ ପାଇଁ ଜଳେଶ୍ୱର ବ୍ଲକର ଖୁଆଡ ଗ୍ରାମର ମା' କମଳା ଏସଏଚ୍‌ଜି ଗ୍ରୁପକୁ ଆଦେଶ ଦିଆଯାଇଛି। ପୂର୍ବରୁ ୨୦୨୩ ମସିହାରେ ଏହି ଗ୍ରୁପ ପାଖରେ ନକଲି ଫୁଡ ଲାଇସେନ୍ସ ଥିଲେ ମଧ୍ୟ ୩ମାସ ପାଇଁ ଏହି ଗ୍ରୁପକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ଯାହାର କୌଣସୀ ମେସିନ, ବିଦ୍ୟୁତ୍ ସଂଯୋଗ, ପାଇଖାନା, ପାଣିର ସୁବିଧା ନ ଥିଲା ବା କୌଣସୀ ଏସ୍‌ଏଚଜି ମହିଳା କାର୍ଯ୍ୟ କରୁ ଥିଲେ। ଫଳରେ ଭୋଗରାଇ ବ୍ଲକର କାଳିମାତା ନାମକ ଗୃପ ଛତୁଆ ତିଆରି କରି ଯୋଗାଇ ଥିବାର ଜଣାପଡିଥିଲା। ଅଭିଯୋଗ ପରେ ମା କମଳା ପରିବର୍ତ୍ତେ କଲ୍ୟାଣମୟୀ ନାମକ ଏସଏଚ୍‌ଜି ଗୃପକୁ ନିର୍ଦ୍ଦେଶ ଦିଆଯାଇଥିଲା ଓ ଉକ୍ତ ଗୃପ ଛତୁଆ ତିଆରି କରି ବଣ୍ଟନ କରିଆସୁଥିଲା। ମାତ୍ର ପୁଣି ବିଭାଗୀୟ ଅଧିକାରୀ ମାନେ ଚଞ୍ଚକତା ଓ ରାଜନୀତିର ଖେଳରେ ଏବେ ସେହି ମା' କମଳା ଗ୍ରୁପକୁ ଛତୁଆ ତିଆରି ଓ ବଣ୍ଟନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଦିଆଯାଇ ଥିବାର ବଦେଖିବାକୁ ମିଳିଛି। ଯେଉଁ ଛତୁଆକୁ ପ୍ରସ୍ତୁତି ଓ ଛୋଟଛୋଟ ଶିଶୁଙ୍କ ସ୍ୱାସ୍ଥ୍ୟ ପାଇଁ ସରକାର ପ୍ରଦାନ କରୁଛନ୍ତି ତାହାକୁ ନେଇ ରାଜନୀତି ଓ ବିଭାଗୀୟ ଅଧିକାରୀ ଖେଳ ନ କରିବାକୁ ଜନସାଧାରଣ ତରଫରୁ ନିବେଦନ କରାଯିବା ସହିତ ସତ୍ୟତା ବିଷୟରେ ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ ନିକଟରେ ଦାବି କରାଯାଇଛି। ଏ ନେଇ ଜଳେଶ୍ୱର ସିଡିପିଓ ମିନତି ସିଂ କହିଥିଲେ ମୁଁ ମଧ୍ୟ ଖୁଆଡ ଠାରେ ଥିବା ଛତୁଆ ତିଆରି ସେଣ୍ଟରକୁ ପରିଦର୍ଶନରେ ଯାଇଥିଲି ଓ ସେମାନଙ୍କ ପାଖରେ ଆବଶ୍ୟକୀୟ ଯନ୍ତ୍ରପାତି ନଥିବା ପରିଲକ୍ଷିତ ହେବା ସହିତ ପରିଦର୍ଶନବେଳେ ଡାଇରୀରେ ଲିପିବଦ୍ଧ କରିଥିବାର ସୂଚନା ଦେଇଛନ୍ତି।

## ଖଡ଼ଗପୁର ଡିଭିଜନରେ ବାଣିଜ୍ୟ ବିଭାଗ ଦ୍ୱାରା ସୁରକ୍ଷା ଓ ସଚେତନତା ଅଭିଯାନ



ବାଲେଶ୍ୱର,୨୫।୧୧(ସମିସ): ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନର ବାଣିଜ୍ୟ ବିଭାଗ ଯାତ୍ରୀମାନଙ୍କ ପାଇଁ ଏକ ସ୍ୱଚ୍ଛ ଏବଂ ସୁରକ୍ଷିତ ଯାତ୍ରା ପରିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ଦୂରଗାମୀ ଟ୍ରେନଗୁଡ଼ିକରେ ସୁରକ୍ଷା ଏବଂ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯାନରେ ବାଣିଜ୍ୟିକ ନିରୀକ୍ଷକମାନେ ୧୮୦୪୫, ୧୨୮୪୧, ୧୨୮୪୨, ୨୨୮୧୮ ଏବଂ ଅନେକ ଅନ୍ୟାନ୍ୟ ଦୂରଗାମୀ ଟ୍ରେନ ସମେତ ଅନେକ ପ୍ରମୁଖ ଟ୍ରେନରେ ବ୍ୟାପକ ଯାଞ୍ଚ ଏବଂ ପରାମର୍ଶ ଅଧିବେଶନ କରିଥିଲେ। ଏହି ଅଭିଯାନ ହାୱଡା-ଖଡ଼ଗପୁର ସେକ୍ସନ, ଖଡ଼ଗପୁର-ବାଲେଶ୍ୱର ସେକ୍ସନ ଏବଂ ବାଲେଶ୍ୱର-ଭଦ୍ରକ ସେକ୍ସନ ମଧ୍ୟରେ କରାଯାଇଥିଲା। ଯାଞ୍ଚ ସମୟରେ ଓଡିଏଚଏସ୍ କର୍ମଚାରୀ, ପାଣ୍ଟ୍ରି କାର୍ କର୍ମଚାରୀ ଏବଂ ସୁପରଭାଇଜରମାନଙ୍କ ସହିତ ସମର୍ପିତ ଏସ୍ ଏ ଏମ୍ ଭି ଏ ଏ ଡି ଅଧିବେଶନ ଆୟୋଜନ କରାଯାଇଥିଲା। ଅଧିବେଶନଗୁଡ଼ିକ ଉପରେ ଧ୍ୟାନ ଦିଆଯାଇଥିଲା। କୋଚ୍ ଏବଂ ପ୍ୟାଣ୍ଟ୍ରି କାରଗୁଡ଼ିକରେ ସ୍ୱଚ୍ଛତା ପରିସ୍ଥିତି ବଜାୟ ରଖିବା ଉପଯୁକ୍ତ ଆବର୍ଜନା ପୃଥକୀକରଣ ଏବଂ ନିରାପଦ ନିଷ୍କାସନ ପଦ୍ଧତି ସୁନିଶ୍ଚିତ କରିବା ଟ୍ରାକଗୁଡ଼ିକରେ ଆବର୍ଜନା ସମ୍ପୂର୍ଣ୍ଣ ଭାବରେ ଏଡ଼ାଇ ଦେବା ହାଉସକିପିଂ ଏବଂ ଜାହାଜରେ ଥିବା କ୍ୟାଟରିଂ କର୍ମଚାରୀଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଉନ୍ନତ ଯାତ୍ରୀ ଯାତ୍ରା ଅଭିଜ୍ଞତା ପାଇଁ ସେବା ପ୍ରଦାନରେ ଉନ୍ନତି ଆଣିବା ଟ୍ରାକଗୁଡ଼ିକରେ ଶୂନ୍ୟ ଆବର୍ଜନା ନିଷ୍କାସନର ଉଦ୍ଦେଶ୍ୟ ପାଳନ କରିବା ଏବଂ ଟ୍ରେନ ଭିତରେ ସମସ୍ତ ଅଳିଆ ସଂଗ୍ରହ ପାଇଁ ନିର୍ଦ୍ଦିଷ୍ଟ ଆବର୍ଜନା ସଂରକ୍ଷଣ ବ୍ୟାଗ/ପାତ୍ର ବ୍ୟବହାର କରିବାକୁ ଅନବୋର୍ଡ ଦଳଗୁଡ଼ିକୁ ଦୃଢ଼ ପରାମର୍ଶ ଦିଆଯାଇଥିଲା।

## ସପ୍ତମ ବାଲିଆପାଳ ପଞ୍ଚାୟତ ସମିତି ବୈଠକ

କାଳିପଦା, ୨୫।୧୧ (ସମିସ): ବାଲିଆପାଳ ବ୍ଲକ ସମ୍ମିଳନୀ କକ୍ଷରେ ଆଜି ସପ୍ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ପୂର୍ବ ବିବରଣୀ ର ପାଠ ଓ ଗ୍ରହଣ, ବିକଶିତ ଗାଁ ବିକଶିତ ଓଡିଶା, ଶିକ୍ଷା ସ୍ୱାସ୍ଥ୍ୟ, ବିଦ୍ୟୁତ, କୃଷି, ପାନୀୟ ଜଳ ଯୋଗାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ପଞ୍ଚାୟତ ସମିତି ଚେୟାରମ୍ୟାନ ରଞ୍ଜିତା ନାୟକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟିକା ସୁବାସିନୀ ଜେନା, ଜିଲ୍ଲା ପରିଷଦ ସଭ୍ୟ ନିଶାକର ସେଠୀ, ବେଣୁଧର ଜେନା, ବାବାଜୀ ଦେହୁରୀ, କାଞ୍ଚନ ଜେନା, ବିଡ଼ିଓ ରାଧା ରଞ୍ଜନ ଦାସ, ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ସହକାରୀ ଅମିତ କୁମାର ମୁର୍ମୁ ଓ ସମସ୍ତ ପଞ୍ଚାୟତ ନିର୍ବାଚିତ ପ୍ରତିନିଧି ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏବିଡ଼ିଓ ଶରତ କୁମାର ମୁଦୁଲି ଧନ୍ୟବାଦ ଦେଇଥିଲେ।

## ବାଲେଶ୍ୱର ଲୋକ ମହୋତ୍ସବର ସପ୍ତମ ସନ୍ଧ୍ୟା



ବାଲେଶ୍ୱର,୨୫।୧୧(ସମିସ): ଆଇଟିଆଇ ପଡ଼ିଆରେ ଆୟୋଜିତ ବାଲେଶ୍ୱର ଲୋକ ମହୋତ୍ସବ କମିଟିର ସଭାପତି ଅସିତ କୁମାର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସପ୍ତମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଶାସକ ଦଳର ଉପ ମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ରହି ଯୁବପିଢ଼ିଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ସୋର ବିଧାୟକ ମାଧବ ଧଡା, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର, ଓଡିଶା ଅଲିମ୍ପିକ ଆସୋସେସନ ସଭାପତି ସମୀର ମହାନ୍ତି, ଶରତ ଚନ୍ଦ୍ର ମହାଳିକ ଉପସ୍ଥିତ ରହି ମହୋତ୍ସବ ଦ୍ୱାରା ବିକାଶ ସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଞ୍ଚରେ ଉପଦେଷ୍ଟା ବିପ୍ଳବ ମହାନ୍ତି, ସାଧାରଣ ସମ୍ପାଦକ ସଞ୍ଜୟ ସାମନ୍ତ, ସହ ସମ୍ପାଦକ ରାଜେନ୍ଦ୍ର ପଟ୍ଟନାୟକ, ଆଶିଷ ସାହୁ କାର୍ଯ୍ୟକାରୀ ସଦସ୍ୟ ଅଜୟ ପ୍ରଧାନ, ସୁରେଶ ଉପାଧ୍ୟାୟ, ସମରେଶ ସାମଲ, ଅମରେନ୍ଦ୍ର ଦାସ, ଅନୁପମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସଂପାଦକ ରାଜେଶ ମହାକୁଡ଼ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିବାବେଳେ ଉପସଭାପତି ବିକାଶ ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ। ଶ୍ରୀମାନ ଶ୍ରୀଚନ୍ଦନ, ନିଶିତ ବାରିକ, ସତ୍ୟ ପ୍ରକାଶ ପତି, ସୌଭାଗ୍ୟ ମାନସ ନାୟକ, ତାପସ ପାଣିଗ୍ରାହୀ, ସମ୍ବିତ ବିଶ୍ୱାଳ, ଶ୍ରୀମନ୍ତ ମାଝୀ, ହ୍ରିତିକ ନାୟକ, ଝାଡ଼େଶ୍ୱର ଜେନା, ସିଲାବ ସତ୍ୟକାମ, ଜିତେନ୍ଦ୍ର ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ। ସପ୍ତମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଏସ୍ ଜିତୁ ସଙ୍ଗୀତ ପରିବେଷଣ କରିଥିବାବେଳେ ଦର୍ଶକ ଏହାକୁ ବେଶ୍ ଉପଭୋଗ କରିଥିଲେ। ଲୋକ ମହୋତ୍ସବ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଘରୋଇ କଲେଜରେ ପ୍ରଶାସନର କାଗଜପତ୍ର ଯାଞ୍ଚ

ସୋର,୨୫।୧୧(ସମିସ): ପ୍ରଶାସନ ପକ୍ଷରୁ ସୋର ଅଞ୍ଚଳରେ ଗଢିଉଠିଥିବା ବିଭିନ୍ନ ଘରୋଇ କଲେଜଗୁଡ଼ିକର କାଗଜପତ୍ର ଯାଞ୍ଚ କରାଯାଇଛି। ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ନିର୍ଦ୍ଦେଶରେ ଆଜି ସୋର ତହସିଲଦାର ଦୈତାରି ମଲ୍ଲିକ ଓ ସୋର ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ସୁଶ୍ରୀ ପାତ୍ର ମିଳିତ ଭାବେ ସୋରରେ ଥିବା ୪ଟି ଘରୋଇ ଶିକ୍ଷାନୁଷ୍ଠାନର କାଗଜପତ୍ର ଯାଞ୍ଚ କରିଥିଲେ। ପରେ ସୋର କୁପାରୀ ରାସ୍ତାରେ ଥିବା ଫିଉଚର କଲେଜ ଅଫ ନର୍ସିଂରେ ପିଲାମାନେ ଖାଉଥିବା ସମୟରେ ପହଞ୍ଚି ଖାଦ୍ୟର ମାନ ଯାଞ୍ଚ କରିବା ସହ ପରିବେଶକୁ ସ୍ୱଚ୍ଛ ରଖିବାକୁ କଲେଜର ମାଲିକଙ୍କୁ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ସୋରରେ ଥିବା ବିଭିନ୍ନ କଲେଜ ଓ ମେସ ମାନଙ୍କରେ ଚଢାଉ ହେବ ବୋଲି ଜଣାପଡିଛି।

## 'ଆମ ଗୌରବ ଆମ କଲେଜ' କାର୍ଯ୍ୟକ୍ରମ




ବାଲେଶ୍ୱର,୨୫।୧୧(ସମିସ): ସଦର ବ୍ଲକ୍ ରସାଲପୁରସ୍ଥିତ ଡା.ଯଦୁନାଥ କଲେଜରେ ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ 'ଆମ ଗୌରବ ଆମ କଲେଜ' କାର୍ଯ୍ୟକ୍ରମ ଅଧ୍ୟକ୍ଷା ତୃପ୍ତିଲତା ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଂଯୋଜକ ଗୋପୀନାଥ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶାସନିକ ଅଧିକାରୀ ସଙ୍ଗୀତା ନନ୍ଦ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରକାଶ କରିଥିଲେ। ସହସଂଯୋଜକ ରସାନନ୍ଦ ବାଗ୍ ମହାବିଦ୍ୟାଳୟ ପ୍ରତି ପୁରାତନ ଛାତ୍ରମାନଙ୍କର ଅବଦାନ ଓ ଭବିଷ୍ୟତରେ ସେମାନେ କଲେଜରେ କେଉଁ ସବୁ ଅଭିନବ କାର୍ଯ୍ୟକ୍ରମ କରିପାରିବେ ସେ ସମ୍ପର୍କରେ ବିବିଧ ପ୍ରସ୍ତାବ ଆଗତ କରିଥିଲେ। ପୁରାତନ ଛାତ୍ର ସଂସଦ ସଭାପତି ଦିଲ୍ଲୀପ କୁମାର ଦ୍ୱିବେଦୀ ଓ ସମ୍ପାଦକ ପ୍ରଶାନ୍ତ କୁମାର ନାୟକ ଅତୀତ ଛାତ୍ର ଜୀବନର ସମସ୍ତ ଅନୁଭୂତି ପ୍ରକାଶ କରିବା ସହିତ ଅନ୍ୟାନ୍ୟ ପୁରାତନ ଛାତ୍ରମାନେ ଆଗତ ପ୍ରସ୍ତାବ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। ଅନ୍ୟତମ ଅଧ୍ୟାପକ-ଅଧ୍ୟାପିକାମାନେ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସମ୍ବନ୍ଧରେ ପରାମର୍ଶ ରଖିଥିଲେ। ଉଦ୍ଭିଦ ବିଜ୍ଞାନର ପ୍ରଦର୍ଶକ ସଞ୍ଜୟ କୁମାର ସାହୁ ମଞ୍ଚ ଆବାହନ କରିଥିଲେ। ଇତିହାସ ବିଭାଗ ଅଧ୍ୟାପକ ରସାନନ୍ଦ ବାଗ୍ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା

**ମଡର୍ଣ୍ଣ ପବ୍ଲିକ ସ୍କୁଲ ବିଜୟୀ**



ବାଲେଶ୍ୱର,୨୫।୧୧(ସମିସ): ସ୍ଥାନୀୟ ଈଶାଣି ପଡ଼ିଆରେ ଚାଲିଥିବା ଜିଲ୍ଲା କ୍ରୀଡା ସଂଘ ଆନୁକୂଲ୍ୟରେ ଆନ୍ତଃ ସ୍କୁଲ କ୍ରିକେଟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଫାଇନାଲ ଖେଳ ମଡର୍ଣ୍ଣ ପବ୍ଲିକ ସ୍କୁଲ ଓ ସିଦ୍ଧି ବିନାୟକ ସ୍କୁଲ ମଧ୍ୟରେ ହୋଇଥିଲା। ପ୍ରଥମେ ମଡର୍ଣ୍ଣ ପବ୍ଲିକ ସ୍କୁଲ ବ୍ୟାଟିଂ କରି ୩୦ ଓଭରରେ ୧୮୨ ରନ ସଂଗ୍ରହ କରି ୫ ୱିକେଟ ହରାଇଥିଲେ। ଶୁଭମ କୁମାର ସାହୁ ୯୯ ରନ୍ ଓ ଅସିତ କୁମାର ଜେନା ୨୭ ରନ୍ ଦଳ ତରଫରୁ ସଂଗ୍ରହ କରିଥିଲେ। ସିଦ୍ଧି ବିନାୟକ ସ୍କୁଲର ଅଭୟ ପାଣ୍ଡେ ୬ ଓଭରରେ ୩୦ ରନ ଦେଇ ୧ ୱିକେଟ ନେଇଥିଲେ। ଏହାର ଜବାବରେ ସିଦ୍ଧି ବିନାୟକ ସ୍କୁଲ ୧୬.୧ ଓଭରରେ ୧୦ ୱିକେଟ ହରାଇ ୬୭ ରନ ସଂଗ୍ରହ କରି ମ୍ୟାଚ ହାରି ଯାଇଥିଲେ। ମଡର୍ଣ୍ଣ ପବ୍ଲିକ ସ୍କୁଲର ଅସିତ ଜେନା ୩.୧ ଓଭରରେ ୧୪ ରନ୍ ଦେଇ ୫ଟି ୱିକେଟ ଓ ତନ୍ମୟ ପାଢୀ ୪ ଓଭରରେ ୧୨ ରନ୍ ଦେଇ ୨ଟି ୱିକେଟ ସଂଗ୍ରହ କରିଥିଲେ। ଫାଇନାଲ ଖେଳରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ସଂଘ ଉପ ସଭାପତି ଜଗଦିଶ ବେହେରା ଓ ଯୁଗ୍ମ ସମ୍ପାଦକ ନିମାଇଁ ଚରଣ ରାଉତ ରାୟ ଯୋଗଦେଇ ବିଜେତା ଓ ଉପ-ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହି ମ୍ୟାଚକୁ ଅମ୍ପାୟାର ଅଶ୍ୱିନୀ ସାମଲ ଓ ସତ୍ୟକାନ୍ତ ଦାସ ପରିଚାଳନା କରିଥିଲେ। ଦେବବ୍ରତ ନନ୍ଦୀ ଓ ସୁଶୋଭନ ଦାସ ସ୍କୋରର ଥିଲେ।

## ଲିଙ୍ଗଗତ ହିଂସା ନିରାକରଣ ସଚେତନତା ଅଭିଯାନ

ବାଲେଶ୍ୱର,୨୫।୧୧(ସମିସ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରାଙ୍ଗଣରେ "ଲିଙ୍ଗଗତ ହିଂସା ନିରାକରଣର ସଚେତନତା ଅଭିଯାନ"ର ଶୁଭାରମ୍ଭ ହୋଇଯାଇଛି। ଏହି ସଚେତନତା ଅଭିଯାନ ୨୫ ନଭେମ୍ବରରୁ ୧୦ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ଅଭିଯାନରେ ଜ୍ୟୁତିକାରାଣୀ ରୟ, ଗିରିବାଳା ମହାନ୍ତ, ପ୍ରଦୀପ କୁମାର ପାଲ ପ୍ରମୁଖ ଅନ୍ୟ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହାବ୍ୟତୀତ ଗୋପାଳ କୃଷ୍ଣ କର, ହରିଶ ଚନ୍ଦ୍ର ରାଜ, ଆର୍ ଡି ଏଫ୍ ପରିବାର ପରାମର୍ଶ କେନ୍ଦ୍ରର ସମସ୍ତ ପରାମର୍ଶଦାତା, ଆଶା, ଅଙ୍ଗନବାଡ଼ି କର୍ମୀ, ଅଙ୍ଗନବାଡ଼ି ସହାୟିକା ସମସ୍ତ କର୍ମଚାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ ଉପସ୍ଥିତ ଥିଲେ।



## ଯୁବତୀ ଉଦ୍ଧାର; ସିଡବ୍ଲ୍ୟୁସିକୁ ହସ୍ତାନ୍ତର

ବାଲେଶ୍ୱର,୨୫ ।୧୧(ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଥାନା ଅର୍ନ୍ତଗତ ବାହାନଗା ଅଞ୍ଚଳର ଜଣେ ଯୁବତୀକୁ ଆଜି ଟାଉନ ପୁଲିସ ସ୍ଥାନୀୟ ଗଡଗଡିଆ ଛକ ଠାରୁ ଉଦ୍ଧାର କରିଛି। ପରେ ପୁଲିସ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରିଛି। ପରେ ସିଡବ୍ଲ୍ୟୁସିର ମେମ୍ବରମାନେ ଉକ୍ତ ଝିଅଟିକୁ ବାଲେଶ୍ୱରସ୍ଥିତ ଶକ୍ତି ସଦ(ନାରୀ ସଂଘ)ରେ ରଖିଛି। ଆଜି ସକାଳେ ଗଡଗଡିଆ ଛକଠାରେ ଗୋଟିଏ ଝିଅ ମାନସିକ ଚାପରେ ଥିବା ସହ ଗୋଟିଏ ସ୍ଥାନରେ ବସିଥିବା ଟାଉନ ପୁଲିସ ଖବର ପାଇଥିଲା। ପୁଲିସ ତୁରନ୍ତ ସେଠାରେ ପହଁଚି ଝିଅଟିକୁ ସେଠାରୁ ଉଦ୍ଧାର କରି ଥାନାକୁ ଆଣିଥିଲା। ତାଙ୍କୁ ସେଠାରେ ପଚରା ଉଚରା କରିବା ପରେ ତୁରନ୍ତ ସିଡବ୍ଲ୍ୟୁସିକୁ ଖବର ଦେବା ପରେ ସିଡବ୍ଲ୍ୟୁସି ମେମ୍ବରମାନେ ପହଁଚି ତାଙ୍କୁ ସେମାନଙ୍କ କାର୍ଯ୍ୟାଳୟକୁ ନେଇଯାଇଥିଲେ। ଏ ନେଇ ସିଡବ୍ଲ୍ୟୁସି ମେମ୍ବର ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ କହିଛନ୍ତି ଯେ, ଟାଉନ ପୁଲିସ ଖବର ଦେବା ପରେ ସେମାନେ ସେଠାରେ ପହଁଚି ତାଙ୍କୁ ସାଙ୍ଗରେ ଆଣିଥିଲେ। ପରେ ସେମାନେ ଉକ୍ତ ଝିଅଟିକୁ କାଉନସେଲିଂ କରିବା ପରେ ତାଙ୍କ ଠାରୁ କୌଣସି ସଠିକ ତଥ୍ୟ ପାଇ ନ ଥିଲେ। ଫଳରେ ତାଙ୍କୁ ନେଇ ଶକ୍ତ ସଦନ(ନାରୀ ସଂଘ)ରେ ରଖିଥିଲେ। ତେବେ ତାଙ୍କୁ ଆଉ ଥରେ କାଉନସେଲିଂ କରାଯିବ ବୋଲି କହିଛନ୍ତି। ଟିମରେ ପ୍ରିୟରଞ୍ଜନ ମହାନ୍ତି ଏବଂ ଅନୀତା କର ମଧ୍ୟ ଉପସ୍ଥିତ ଥିଲେ।

## ବରାଳ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



ଜଳେଶ୍ୱର ବ୍ଲକ, ୨୫।୧୧ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶିଖରପୁର ଗ୍ରାମ ପଞ୍ଚାୟତର ଶ୍ରୀ ଶ୍ରୀ ବରାଳ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ ଶିଖରପୁରଠାରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଏଥିରେ ମୋଟ ୮୧ଟି ପ୍ରକଳ୍ପ ସ୍ଥାନ ପାଇଥିଲା ସେଥିମଧ୍ୟରୁ ବଳରାମ ଦାସ ସବ ଜୁନିୟର, ସାଇ ଅଭିଜିତ ପ୍ରଧାନ ଜୁନିଅର ଓ ରାହୁଲ କୁମାର ଗୀରି ସିନିୟର୍ ମନୋନୀତ ହୋଇ ବ୍ଲକ୍ ସ୍ତରକୁ ଯାଇଛନ୍ତି। ଏହି ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ସିଆର୍‌ସିସି ଶମ୍ଭୁନାଥ ସାହୁ ବିଚାରକ ଗିରିଶ ଚନ୍ଦ୍ର ସାହୁ ଓ ରାମକୃଷ୍ଣ ଦାସ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଜନୀ ହାଁସଦା ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରମକୃଷ୍ଣ ଗିରି, ବନ୍ଧନ କୁମାର ସିଂହ, ଦେବୀଦତ୍ତା ବାରିକ୍, ଅଶ୍ୱନୀ ଦାସ, ଓ ଅନ୍ୟ ଶିକ୍ଷକ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଜ୍ଞାନ ମେଳା କାର୍ଯ୍ୟକ୍ରମକୁ ସୁଚାରରୂପେ ତୁଲାଇ ଥିଲେ।

## ବାଲେଶ୍ୱର ଓ ରେମୁଣାରେ ଏକତା ପଦଯାତ୍ରା

ବାଲେଶ୍ୱର,୨୫ ।୧୧(ସମିସ)




ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରା ସମସ୍ତ ସଂସଦୀୟ କ୍ଷେତ୍ରର ତିନୋଟି ସ୍ଥାନରେ ଅନୁଷ୍ଠିତ ହେଉଛି। ଏହି ଅବସରରେ ବାଲେଶ୍ୱର ସଂସଦୀୟ କ୍ଷେତ୍ରର ପ୍ରଥମେ ନୀଳଗିରି ଠାରେ ଆୟୋଜିତ ହୋଇଥିବା ବେଳେ ଦ୍ୱିତୀୟରେ ଭୋଗରାଇ ଠାରେ ଅନୁଷ୍ଠିତ ହୋଇଥିଲା। ଆଜି ତୃତୀୟ ପର୍ଯ୍ୟାୟରେ ବାଲେଶ୍ୱର ସଦର ଏବଂ ରେମୁଣାରେ ଅନୁଷ୍ଠିତ ହୋଇଯାଇଛି। ଭୀମପୁର ସ୍ଥିତ ସ୍ପୋର୍ଟସ ହଷ୍ଟେଲ ପଡିଆ ଠାରେ ଉଦଘାଟନୀ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ସାଂସଦ ପ୍ରତାପ ଷଡଙ୍ଗୀଙ୍କ ସମେତ ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଦୁଇଜଣ ଅତିରିକ୍ତ ଜିଲ୍ଲାପାଳ, ସଦର ଏବଂ ନୀଳଗିରି ଉପ ଜିଲ୍ଲାପାଳ, ସିଭିଲ ସୋସାଇଟି ପ୍ରତିନିଧି ଈଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏକତାର ଶପଥ ପାଠ କରାଇ ପଦଯାତ୍ରାର ଫ୍ଲାଗ ଅଫ କରିଥିଲେ। ଏଥିରେ ବହୁ ଛାତ୍ରଛାତ୍ରୀ, ମହିଳା, ଜନ ସାଧାରଣ, ସିଭିଲ ସୋସାଇଟି ସଦସ୍ୟ, ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଏହି ପଦଯାତ୍ରା ସହଦେବଖୁଣ୍ଟାସ୍ଥିତ ଦୁର୍ଗା ମଣ୍ଡପରେ ଥିବା ସାଂସ୍କୃତିକ କିଓସ୍କ ଦେଇ ଫକୀର ମୋହନ ଗୋଲେଇ ହୋଇ ଫାଣ୍ଡି ଛକ ଦେଇ ବାଲେଶ୍ୱର ଜିଲ୍ଲା ସ୍କୁଲ ଷ୍ଟାଡିୟମଠାରେ ପହଞ୍ଚିଥିଲା। ପରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ସଂସଦୀୟ କ୍ଷେତ୍ରର ଏହା ଅନ୍ତିମ ଚରଣ ଥିବା ବେଳେ ଜିଲ୍ଲାର ଅନ୍ତିମ ପଦଯାତ୍ରା ସିମୁଳିଆଠାରେ ୨୬ତାରିଖ ବୁଧବାର ଅନୁଷ୍ଠିତ ହେବ ବୋଲି ଜଣାଯାଇଛି।

## ବାର୍ ଆସୋସିଏସନ୍ ପକ୍ଷରୁ ହରିହର ଦାଶ ସ୍ମାରକୀ ଟୁର୍ଣ୍ଣାମେଣ୍ଟ



ବାଲେଶ୍ୱର,୨୫।୧୧(ସମିସ): ବାର୍ ଆସୋସିଏସନ୍ ପ୍ରୟାସରେ ହରିହର ଦାଶ ସ୍ମାରକୀ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ହାଇକୋର୍ଟ ବାର୍ ଆସୋସିଏସନ୍ ଓ ଏମ୍ ଭି ବାର୍ ଆସୋସିଏସନ ମଧ୍ୟରେ ମୁକାବିଲା ହୋଇଥିଲା। ଏମ୍‌ଭି ବାର ଆସୋସିଏସନ ବିଜୟ ଲାଭ କରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଭୁବନେଶ୍ୱର ବାର ଆସୋସିଏସନ ସହିତ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେସନ୍ ବାର ଆସୋସିଏସନର ମୁକାବିଲା ହୋଇଥିଲା। ଏଥିରେ ଭୁବନେଶ୍ୱର ବାର ଆସୋସିଏସନ ବିଜୟ ଲାଭ କରିଥିଲା। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦୀପ କର, ରଘୁନାଥ ମହାଳିକ, ସୁଜୟ ଆଚାର୍ଯ୍ୟଙ୍କୁ ପ୍ରଦାନ କରାଯାଇଥିଲା। ଭାଷ୍ୟକାର ଗୌତମ ଭୋଇ, ଚକ୍ରଧର ମହାନ୍ତି ଉଚ୍ଚକୋଟୀର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ଆଇନଜୀବୀ ମନୋଜ ନାୟକ, ଅଭିଜିତ ପଣ୍ଡା, ସାହିରୁଲ ହକ୍, ସଞ୍ଜୀବ ମିଶ୍ର, ସୁଶୀଲ ଦତ୍ତ, ଦୀପକ ଦାଶ, ଦେବାଶିଷ ପାତ୍ର, ଦୀପ୍ତିକାନ୍ତ ମିଶ୍ର, ନିଶାନ୍ତ ପଟ୍ଟନାୟକ, ବିକ୍ରମ ମହାନ୍ତି, ଗିରୀଶ ପଣ୍ଡା, ସମୀର ଦେ, ଗୋପାଳ ଶତପଥୀ, କିଶୋର ଦାସ, ଗଣେଶ୍ୱର ରାଉତ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଦୁଇ ଜଣ ଅମ୍ପାୟାର ପ୍ରଶଂସିତ ହୋଇଛନ୍ତି।